ପୃଷ୍ଠା-୮+୮

# ଧରିତ୍ରୀ DHARITRI

ଭୁବନେଶ୍ୱର, ଶୁକ୍ରବାର, ମାର୍ଚ୍ଚ ୧୩/୨୦୨୬ (୮+୮=୧୬ ପୃଷ୍ଠା) | Bhubaneswar, Friday, March 13/2026 | Page 16 | ₹ 7.00 | SAMBALPUR

୫୨ଶ ଭାଗ ୧୦୭ ସଂଖ୍ୟା | www.orissakhabar.com/www.dharitri.com | Printed at Sambalpur, Bhubaneswar, Rayagada & Angul | VOLUME 52 ISSUE 107 | ମୂଲ୍ୟ ₹୭/-



## ଆଇନଗତ କାର୍ଯ୍ୟାନୁଷ୍ଠାନ ନେବେ ରଶ୍ମିକା

ଅଭିନେତ୍ରୀ ରଶ୍ମିକା ମନ୍ଦାନାଙ୍କ ପାରିବାରିକ କଥାବାର୍ତ୍ତାର ଅଡିଓ କ୍ଲିପ୍ ସୋସିଆଲ୍ ମିଡିଆରେ ପ୍ରସାରିତ ହୋଇଥିବାରୁ ସେ ଆଇନଗତ କାର୍ଯ୍ୟାନୁଷ୍ଠାନ ନେବାକୁ ଚେତାବନୀ ଦେଇଛନ୍ତି।

୦୨

୦୮

## ଗିଲ୍‌ଙ୍କୁ ବିସିସିଆଇ ପୁରସ୍କାର

ବିସିସିଆଇ ପ୍ଲେୟର ଅଫ୍ ଦି ଇୟର ପୁରସ୍କାର ପାଇବେ ଭାରତର ଟେଷ୍ଟ ଓ ଦିନିକିଆ ଅଧିନାୟକ ଶୁବମନ ଗିଲ୍।





ଦେଶରେ ରୋଷେଇ ଗ୍ୟାସ୍ ଅଭାବ ଦେଖାଦେଇଥିବା ବେଳେ ଗୁଜରାଟର ଅହମଦାବାଦରେ ଏକ ଏଲ୍‌ପିଜି ଡିପୋ ବାହାରେ ଗୁରୁବାର ଖାଲି ସିଲିଣ୍ଡର ଧରି ଲୋକମାନେ ଧାଡ଼ି ବାନ୍ଧି ଛିଡ଼ା ହୋଇଛନ୍ତି।

# ଗୃହରେ ଗ୍ୟାସ୍ ଉତ୍ତାପ

## ପ୍ରଶ୍ନକାଳ, ଶୂନ୍ୟକାଳ ସମ୍ପୂର୍ଣ୍ଣ ବାଧାପ୍ରାପ୍ତ

**ଭୁବନେଶ୍ୱର,୧୨।୩(ରବିନାରାୟଣ ଜେନା)**

ବିଧାନସଭାରେ ଗୁରୁବାର ମଧ୍ୟପ୍ରାଚ୍ୟ ଯୁଦ୍ଧର ପ୍ରଭାବ ପରିଲକ୍ଷିତ ହୋଇଛି। ପ୍ରଥମାର୍ଦ୍ଧରେ ବିରୋଧୀ କଂଗ୍ରେସ ଗ୍ୟାସ୍‌ଦର ବୃଦ୍ଧି, କଳାବଜାର ଏବଂ ଯୋଗାଣ ଅଭାବକୁ ନେଇ ଗୃହ ହୁଲସ୍ଥୂଳ କରିଛି। କଂଗ୍ରେସ ସଦସ୍ୟମାନେ ଗୃହର ମଧ୍ୟଭାଗକୁ ଚାଲିଆସି ହାତରେ ଗ୍ୟାସ୍ ଫଟୋ ଥିବା ପ୍ଲାକାର୍ଡ ଧରି ହଟ୍ଟଗୋଳ କରିଥିବାବେଳେ ବିଜେଡି ସଦସ୍ୟମାନେ ନିଜ ଆସନରେ ଛିଡ଼ାହୋଇ ସମର୍ଥନ ଜଣାଇଥିଲେ। ବିରୋଧୀଙ୍କ ଗ୍ୟାସ୍ ପ୍ରତିବାଦର ସ୍ୱର ଏତେ ତୀବ୍ର ଥିଲା ଯେ ଗୃହକୁ ସ୍ୱାଭାବିକ ସ୍ଥିତିକୁ ଫେରାଇ ଆଣିବା ପାଇଁ ବାଚସ୍ପତି ସୁରମା ପାଢ଼ୀ ବାରମ୍ବାର ଉଦ୍ୟମ କରିଥିଲେ ମଧ୍ୟ ତାହା ସମ୍ଭବ ହୋଇ ନ ଥିଲା। ବିରୋଧୀ ତାଙ୍କ ପ୍ରତିବାଦ ଜାରି ରଖିବାରୁ ତିନୋଟି ପର୍ଯ୍ୟାୟରେ ବାଚସ୍ପତି ଗୃହକୁ ମୁଲତବୀ ଘୋଷଣା କରିଥିଲେ। ଫଳରେ ପ୍ରଶ୍ନକାଳ ଓ ଶୂନ୍ୟକାଳ ସୁରୁଖୁରୁରେ ଚାଲିପାରି ନ ଥିଲା। ବିରୋଧୀଙ୍କ ହଟ୍ଟଗୋଳ ଭିତରେ ଶାସକ ଦଳର ସଦସ୍ୟମାନେ ବିରୋଧୀଙ୍କୁ ଗୃହ ଚଳାଇବାରେ ସହଯୋଗ କରିବା ପାଇଁ ଅନୁରୋଧ କରିଥିବା ସତ୍ତ୍ୱେ ସେମାନେ ଶୁଣି ନ ଥିଲେ। ଫଳରେ ପ୍ରଥମାର୍ଦ୍ଧରେ ବିଭିନ୍ନ ପର୍ଯ୍ୟାୟରେ ଗୃହ ମାତ୍ର ୨୫ ମିନିଟ୍ ଚାଲିବା ପରେ ବାଚସ୍ପତି ଗୃହକୁ ଅପରାହ୍ନ ୪ଟା ପର୍ଯ୍ୟନ୍ତ ମୁଲତବୀ ଘୋଷଣା କରିଥିଲେ।

ପ୍ରଶ୍ନକାଳ ଆରମ୍ଭହେବା ମାତ୍ରେ ସ୍ୱାସ୍ଥ୍ୟମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ ଉତ୍ତର ପଢୁଥିବାବେଳେ ହଠାତ୍ କଂଗ୍ରେସ ସଦସ୍ୟ ଅଶୋକ ଦାସ, ଡା. ସିଏସ୍ ରାଜେନ ଏକ୍କା ପ୍ରମୁଖ ଗୃହର ମଧ୍ୟଭାଗକୁ ☞ପୃଷ୍ଠା-୪

**ଆଜିର ସମ୍ପାଦକୀୟ**

**ସମ୍ବଳ ପ୍ରତିଯୋଗିତାର ନୂଆ ଯୁଗ**

# ୧ ଡଲାର= ୯୨.୨୫ ଟଙ୍କା

**ମୁମ୍ବାଇ,୧୨।୩(ପି.ଟି.)**

ଡଲାର ତୁଳନାରେ ଟଙ୍କା ମୂଲ୍ୟ ଗୁରୁବାର ୨୪ ପଇସା ହ୍ରାସ ପାଇ ୯୨.୨୫ ରହିଛି, ଅର୍ଥାତ୍ ୧ ଡଲାର ମୂଲ୍ୟ ଭାରତୀୟ ମୁଦ୍ରାରେ ୯୨ ଟଙ୍କା ୨୫ ପଇସା। ପଶ୍ଚିମ ଏସିଆରେ ଯୁଦ୍ଧକୁ ନେଇ ବିଶ୍ୱ ବଜାରରେ ଅଶୋଧିତ ତୈଳ ଦର ବଢ଼ିଚାଲିଥିବାବେଳେ ଡଲାର ଚାହିଦା ବୃଦ୍ଧି ଏବଂ ଘରୋଇ ଶେୟାର ବଜାରରେ ଅସ୍ଥିରତା କାରଣରୁ ବିଦେଶୀ ନିବେଶକମାନେ ପୁଞ୍ଜି ପ୍ରତ୍ୟାହାର କରିନେଉଥିବା ଯୋଗୁ ଟଙ୍କା ମୂଲ୍ୟ ହ୍ରାସ ପାଇଚାଲିଛି। ଇଣ୍ଟରବ୍ୟାଙ୍କ ଫରେନ୍ ଏକ୍ସଚେଞ୍ଜରେ ଗୁରୁବାର ଆରମ୍ଭରେ ଟଙ୍କା ମୂଲ୍ୟ ୯୨.୨୫ ଥିବାବେଳେ ଇଣ୍ଟ୍ରା-ଡେରେ ସର୍ବନିମ୍ନ ୯୨.୩୬ ସ୍ତରକୁ ଖସିଥିଲା। ପରେ ଏଥିରେ ସୁଧାର ଆସି ୯୨.୨୫ ରହିଥିଲା। ପୂର୍ବଦିନ ତୁଳନାରେ ଟଙ୍କା ମୂଲ୍ୟ ୨୪ ପଇସା ହ୍ରାସ ପାଇଛି। ମାର୍ଚ୍ଚ ୯ରେ ଇଣ୍ଟ୍ରା-ଡେରେ ଏହା ସର୍ବନିମ୍ନ ୯୨.୩୫ ଥିଲା।





ଏଲ୍‌ପିଜି ଅଭାବକୁ ନେଇ ପାର୍ଲାମେଣ୍ଟ ପରିସରରେ ଗୁରୁବାର ଏନ୍‌ସିପି(ଏସ୍‌ପି) ସାଂସଦ ସୁପ୍ରିୟା ସୁଲେ, ଡିଏମ୍‌କେ ଏମ୍‌ପି କାନିମୋଝି କରୁଣାନିଧି, ସମାଜବାଦୀ ପାର୍ଟି ସଦସ୍ୟ ଧର୍ମେନ୍ଦ୍ର ଯାଦବ ଓ ଅନ୍ୟମାନେ ବିକ୍ଷୋଭ କରୁଛନ୍ତି।

# ପେଟ୍ରୋଲିୟମ ସାମଗ୍ରୀ ପାଇଁ ନିଶ୍ଚିତ ରୁହ

## କେନ୍ଦ୍ର ମନ୍ତ୍ରୀଙ୍କ ଦୃଢ଼ୋକ୍ତି


ଲୋକ ସଭାରେ ହରଦୀପ୍ ସିଂ ପୁରି

**ନୂଆଦିଲ୍ଲୀ,୧୨।୩**

ମଧ୍ୟପ୍ରାଚ୍ୟ ଯୁଦ୍ଧକୁ ନେଇ ଉପୁଜିଥିବା ତୈଳ ସଙ୍କଟ ଏବେ ଦେଶବାସୀଙ୍କ ପାଇଁ ଚିନ୍ତାର କାରଣ ହୋଇଛି। ରୋଷେଇ ଘରଠାରୁ ରାସ୍ତାଘାଟ ଯାଏ ସବୁଠି ଏବେ ଗ୍ୟାସ୍ ଏବଂ ପେଟ୍ରୋଲ, ଡିଜେଲକୁ ନେଇ ଚର୍ଚ୍ଚା ଚାଲିଛି। ହେଲେ ପେଟ୍ରୋଲିୟମଜାତ ସାମଗ୍ରୀକୁ ନେଇ ଦେଶବାସୀ ଆଦୌ ଚିନ୍ତା ନ କରିବାକୁ କେନ୍ଦ୍ର ଶକ୍ତି ମନ୍ତ୍ରୀ ହରଦୀପ୍ ସିଂ ପୁରି ଭରସା ଦେଇଛନ୍ତି। ପେଟ୍ରୋଲଠାରୁ ଆରମ୍ଭ କରି ଡିଜେଲ , କିରୋସିନ୍ ଏବଂ ବିମାନ ଇନ୍ଧନ(ଏଟିଏଫ୍) ପର୍ଯ୍ୟନ୍ତ ସବୁକିଛି ମହଜୁଦ୍ ଅଛି ବୋଲି ହର୍‌ଦୀପ ଲୋକ ସଭାରେ କହିଛନ୍ତି। ହରଦୀପ୍ କହିଛନ୍ତି, ବର୍ତ୍ତମାନ ମଧ୍ୟପ୍ରାଚ୍ୟ ସ୍ଥିତିକୁ ନେଇ ବୈଶ୍ୱିକ ସ୍ତରରେ ଯେଭଳି ସଙ୍କଟ ଦେଖାଯାଇଛି, ତାହା ବିଶ୍ୱ ଇତିହାସରେ ପ୍ରଥମ ଘଟଣା। କିନ୍ତୁ ଏହାସତ୍ତ୍ୱେ ତୈଳ ଓ ଗ୍ୟାସ୍ ଆବଶ୍ୟକତାକୁ ନେଇ ଚିନ୍ତିତ ହେବା ଦରକାର ନାହିଁ ବୋଲି ମନ୍ତ୍ରୀ କହିଛନ୍ତି। ବିଶେଷକରି ଅନ୍ୟ ଦେଶ ସହ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ କୂଟନୀତି ଓ ବହିର୍ବ୍ୟାପାର ସମ୍ପର୍କ ତୈଳ ଯୋଗାଣ କ୍ଷେତ୍ରକୁ ସୁରକ୍ଷିତ ରଖିଛି ବୋଲି ସେ କହିଛନ୍ତି। ତେବେ ମୁମ୍ବାଇ, ଦିଲ୍ଲୀ ଏବଂ ବେଙ୍ଗାଲୁରୁ ଭଳି ସହରଗୁଡିକରେ ଗ୍ୟାସ୍ ଅଭାବଜନିତ ସମସ୍ୟା କାହିଁକି ସୃଷ୍ଟି ହୋଇଛି ବୋଲି ପ୍ରଶ୍ନରେ ହର୍‌ଦୀପ କହିଛନ୍ତି, ବର୍ତ୍ତମାନ ସୁଦ୍ଧା ଦେଶରେ ଘରୋଇ ଏଲ୍‌ପିଜି ଚାହିଦାକୁ ନେଇ କୌଣସି ସମସ୍ୟା ଦେଖାଯାଇ ନାହିଁ। ଦେଶର ୩୩ କୋଟି ଏଲ୍‌ପିଜି ଉପଭୋକ୍ତାଙ୍କୁ ଗ୍ୟାସ୍ ଯୋଗାଇ ଦିଆଯାଉଛି। ମଧ୍ୟପ୍ରାଚ୍ୟରେ ଅସୁବିଧା ସତ୍ତ୍ୱେ ଭାରତ ରୁଷିଆ,ଆମେରିକା, କାନାଡ଼ା ଏବଂ ଆଲଜେରିଆ ଆଦି ଦେଶରୁ ଗ୍ୟାସ୍ ଆମଦାନୀ କରୁଛି ଏବଂ ଦେଶର ଉତ୍ପାଦନକୁ ୨୮% ବୃଦ୍ଧି କରାଯାଇଛି ବୋଲି ହର୍‌ଦୀପ କହିଛନ୍ତି।

# ଖୁଚୁରା ମୁଦ୍ରାସ୍ଫୀତି ୩.୨୧%କୁ ବୃଦ୍ଧି

**ନୂଆଦିଲ୍ଲୀ,୧୨।୩**

ଭାରତର ଖୁଚୁରା ମୁଦ୍ରାସ୍ଫୀତି ଜାନୁଆରୀରେ ୨.୭୫% ଥିବାବେଳେ ଫେବୃଆରୀରେ ଏହା ୩.୨୧%କୁ ବୃଦ୍ଧି ପାଇଛି। ପରିସଂଖ୍ୟାନ ଓ କାର୍ଯ୍ୟକ୍ରମ ରୂପାୟନ ମନ୍ତ୍ରଣାଳୟ ପକ୍ଷରୁ ଜାରି ତଥ୍ୟରୁ ଏହା ଜଣାପଡ଼ିଛି। ମୁଦ୍ରାସ୍ଫୀତି ବୃଦ୍ଧି ସତ୍ତ୍ୱେ ଏହା ଭାରତୀୟ ରିଜର୍ଭ ବ୍ୟାଙ୍କର ସହନଶୀଳତା ପରିସର ୨-୬% ମଧ୍ୟରେ ରହିଛି। ମୁଖ୍ୟତଃ ଖାଦ୍ୟସାମଗ୍ରୀ ମୂଲ୍ୟ ବୃଦ୍ଧି ଯୋଗୁ ମୁଦ୍ରାସ୍ଫୀତି ବଢ଼ିଛି। ଫେବୃଆରୀରେ ଖାଦ୍ୟ ମୁଦ୍ରାସ୍ଫୀତି ୩.୭୫% ରହିଛି, ଅର୍ଥାତ୍ ପନିପରିବା, ଖାଦ୍ୟଶସ୍ୟ ଓ ଡାଲି ଆଦି ବିଭିନ୍ନ ସାମଗ୍ରୀ ଦର ବଢ଼ିଛି। ସହରାଞ୍ଚଳ ମୁଦ୍ରାସ୍ଫୀତି ୩.୩୨% ଥିବାବେଳେ ଗ୍ରାମାଞ୍ଚଳରେ ଏହା ୩.୦୭% ରହିଛି। ଜାନୁଆରୀରେ ଖାଦ୍ୟସାମଗ୍ରୀ ଦାମ୍ କମ୍ ଥିବାରୁ ମୁଦ୍ରାସ୍ଫୀତି ହ୍ରାସ ପାଇଥିଲା। ବୈଶ୍ୱିକ ସ୍ତରରେ ଅଶୋଧିତ ତୈଳ ଦର ବୃଦ୍ଧି, ଭୂରାଜନୈତିକ ଉତ୍ତେଜନା ଏବଂ ଯୋଗାଣରେ ବାଧା ଯୋଗୁ ଆଗାମୀ ମାସଗୁଡ଼ିକରେ ମୁଦ୍ରାସ୍ଫୀତି ଆହୁରି ବଢ଼ିପାରେ ବୋଲି ଅର୍ଥନୀତିଜ୍ଞମାନେ ଆଶଙ୍କା ବ୍ୟକ୍ତ କରିଛନ୍ତି। ଭାରତ ଅଶୋଧିତ ତୈଳର ଏକ ବଡ଼ ଆମଦାନିକାରୀ ହୋଇଥିବାରୁ ବୈଶ୍ୱିକ ସ୍ତରରେ ତୈଳ ମୂଲ୍ୟରେ ଅସ୍ଥିରତା ବିଶେଷ ଭାବେ ଏହାକୁ ପ୍ରଭାବିତ କରିବ। ତୈଳ ଦର ବୃଦ୍ଧି ଯୋଗୁ ପରିବହନ ଖର୍ଚ୍ଚ ବଢ଼ିବ ଓ ମୁଦ୍ରାସ୍ଫୀତି ବୃଦ୍ଧି ପାଇବ ବୋଲି କୁହାଯାଉଛି।

# ଆମ ବଳିଦାନର ପ୍ରତିଶୋଧ ନେବୁ

## ଶତ୍ରୁଙ୍କ ବିରୋଧରେ ମୋଜ୍‌ତାବାଙ୍କ ରଣହୁଙ୍କାର

**ତେହରାନ୍,୧୨।୩**

ଆମେରିକା-ଇରାନ୍ ଯୁଦ୍ଧ ବିରତି ନେଇ ବିଭିନ୍ନ ସ୍ତରରେ ଉଦ୍ୟମ ଚାଲିଥିଲାବେଳେ ଇରାନ୍‌ର ନବ ନିଯୁକ୍ତ ସୁପ୍ରିମ ଲିଡର୍ ମୋଜ୍‌ତାବା ଖାମେନେଇ ଆମେରିକା ବିରୋଧରେ ରଣହୁଙ୍କାର ଦେଇଛନ୍ତି। ଇରାନୀୟ ସ୍କୁଲ ପିଲାଙ୍କଠାରୁ ଆରମ୍ଭକରି ଯେଉଁମାନେ ଏହି ଯୁଦ୍ଧରେ ବଳିଦାନ ଦେଇଛନ୍ତି ସେମାନଙ୍କ ପ୍ରତିଶୋଧ ନିଆଯିବ ବୋଲି ମୋଜ୍‌ତାବା ଦୃଢ଼ୋକ୍ତି କରିଛନ୍ତି। ଏପରିକି ଯୁଦ୍ଧ ଯୋଗୁ ବର୍ତ୍ତମାନ ସୁଦ୍ଧା ଇରାନ୍‌ର ଯାହା କ୍ଷୟକ୍ଷତି ହୋଇଛି ତାହାକୁ ମଧ୍ୟ ଶତ୍ରୁ ରାଷ୍ଟ୍ରଠାରୁ ଭରଣା କରାଯିବ ବୋଲି ସେ ଆମେରିକାକୁ ଇଙ୍ଗିତ କରି କହିଛନ୍ତି। ଆଉ ଯଦି ଏହା କରାନଯାଏ, ତେବେ ଇରାନ୍ ଆମେରିକା ସମ୍ପତ୍ତିରୁ ସେତିକି ପରିମାଣର ଭରଣା କରିନେବ କିମ୍ବା ଆକ୍ରମଣକରି ସେହି ପରିମାଣର ଆମେରିକୀୟ ସମ୍ପତ୍ତି ନଷ୍ଟ କରିଦେବ ବୋଲି ମୋଜ୍‌ତାବା କହିଛନ୍ତି। ମୋଜ୍‌ତାବାଙ୍କୁ ଗତ ୮ ତାରିଖରେ ଇରାନର ସର୍ବୋଚ୍ଚ ନେତା ନିଯୁକ୍ତ କରାଯାଇଥିବା ଘୋଷଣା କରାଯାଇଥିଲେ ହେଁ ତାଙ୍କର କୌଣସି ବୟାନ ସାମ୍ନାକୁ ଆସି ନ ଥିଲା। ବରଂ ଯୁଦ୍ଧର ପ୍ରଥମ ଦିନରେ ଆମେରିକା ଆକ୍ରମଣରେ ସେ ଆହତ ହୋଇଥିବା ଖବର ଦୁଇ ଦିନ ତଳେ ଇରାନୀୟ ରାଷ୍ଟ୍ରୀୟ ଟିଭି ସୂତ୍ରରୁ ଜଣାପଡ଼ିଥିଲା। ତେବେ ଗୁରୁବାର ମୋଜ୍‌ତାବାଙ୍କ ଏହି



ପ୍ରଥମ ମନ୍ତବ୍ୟ ଇରାନ୍‌ର ଜାତୀୟ ଟିଭି ଚ୍ୟାନେଲ୍‌ରେ ପ୍ରସାରିତ ହୋଇଛି।

ଏହି କ୍ରମରେ ମୋଜ୍‌ତାବା ଇରାନ୍‌ର ସେନାକୁ ଧନ୍ୟବାଦ ଦେବା ସହ ଶତ୍ରୁ ବିପକ୍ଷରେ ଲଢ଼େଇ ଜାରି ରହିଥିବାରୁ ସେମାନଙ୍କୁ ଦେଶର ବଡ଼ ବନ୍ଧୁ ବୋଲି କହିଛନ୍ତି। ଉପସାଗରୀୟ ଅଞ୍ଚଳରେ ଆମେରିକାର ଯେତେଗୁଡିଏ ସାମରିକ ପ୍ରତିଷ୍ଠାନ ରହିଛି ସେଗୁଡିକୁ ତୁରନ୍ତ ବନ୍ଦ କରିଦିଆଯିବ। ଏଥିପାଇଁ ଆମେରିକୀୟ ଘାଟି ରହିଥିବା ଦେଶଗୁଡିକ ଉପରେ ଆକ୍ରମଣ ଜାରି ରହିବ ବୋଲି ସେ କହିଛନ୍ତି। ଏହାଛଡ଼ା ହର୍ମୁଜ୍ ଷ୍ଟ୍ରେଟ୍ ଦେଇ ତୈଳ ପରିବହନ ସମ୍ପୂର୍ଣ୍ଣ ବନ୍ଦ କରିବାକୁ କହିଛନ୍ତି। ଏହାଦ୍ୱାରା ଶତ୍ରୁ ରାଷ୍ଟ୍ରଙ୍କ ଉପରେ ଚାପ ସୃଷ୍ଟିକରାଯାଇପାରିବ ବୋଲି ମୋଜ୍‌ତାବା କହିଛନ୍ତି।

# ହର୍ମୁଜ୍ ଷ୍ଟ୍ରେଟ୍ ଦେଇ 'ଡାର୍କ ମୋଡ୍'ରେ ମୁମ୍ବାଇ ପହଞ୍ଚିଲା ତୈଳ ଜାହାଜ


ଲାଇବେରିଆର ସୁଏଜ୍‌ମାକ୍ସ ଟ୍ୟାଙ୍କର ଶେନ୍‌ଲଙ୍ଗ ଅଶୋଧିତ ତୈଳ ଆଣି ମୁମ୍ବାଇର ଜବାହର ଦ୍ୱୀପ ଟର୍ମିନାଲରେ ପହଞ୍ଚିଛି।

**ମୁମ୍ବାଇ,୧୨।୩**

ଇରାନ୍ ଉପକୂଳର ହର୍ମୁଜ୍ ଷ୍ଟ୍ରେଟ୍ (ସଙ୍କୀର୍ଣ୍ଣ ସାମୁଦ୍ରିକ ପଥ) ଏବେ ବିଶ୍ୱବ୍ୟାପୀ ଚର୍ଚ୍ଚାରେ ରହିଛି। ବିଶ୍ୱର ଏନର୍ଜି କରିଡର ଭାବେ ପରିଚିତ ଏହି ସାମୁଦ୍ରିକ ପଥକୁ ଇରାନ୍ ବନ୍ଦ କରିଦେଇଥିଲାବେଳେ ବିଶ୍ୱର ବିଭିନ୍ନ ଭାଗକୁ ଉପସାଗରୀୟ ଦେଶଗୁଡିକରୁ ତୈଳ ଓ ଗ୍ୟାସ୍ ଯୋଗାଣ ବନ୍ଦ ହୋଇଯାଇଛି। ଯାହାକୁ ନେଇ ଏବେ ସାରା ବିଶ୍ୱକୁ ତୈଳ ସଙ୍କଟ ଘାରିଛି। ତେବେ ଏହାମଧ୍ୟରେ ସାଉଦି ଆରବରୁ ଆସିଥିବା ତୈଳବାହୀ ଜାହାଜ 'ସେନ୍‌ଲଙ୍ଗ୍ ସୁଏଜମାକ୍ସ' ହର୍ମୁଜ୍ ଷ୍ଟ୍ରେଟ୍ ଦେଇ ବୁଧବାର ମୁମ୍ବାଇରେ ପହଞ୍ଚିଛି। ହେଲେ ଏହି ଜାହାଜଟି ଡାର୍କ ମୋଡ୍‌ରେ ହର୍ମୁଜ୍ ଷ୍ଟ୍ରେଟ୍ ପାର୍ ହୋଇଥିବା ଜଣାପଡ଼ିଛି। ଅର୍ଥାତ୍ ହର୍ମୁଜ ପାର୍ ହେବା ସମୟରେ ଜାହାଜର ଅଟୋମେଟିକ୍ ଆଇଡେଣ୍ଟିଫିକେଶନ୍ ସିଷ୍ଟମ୍(ଏଆଇଏସ୍)କୁ ବନ୍ଦ କରିଦିଆଯାଇଥିଲା। ଏହାଦ୍ୱାରା ଜାହାଜର ପରିଚୟ ଏବଂ ସ୍ଥିତିକୁ ଗୋପନୀୟ ରଖାଯାଇପାରିଥିଲା ବୋଲି କୁହାଯାଇଛି। ବର୍ତ୍ତମାନ ହର୍ମୁଜ୍ ଦେଇ ଜାହାଜ ଚଳାଚଳ ଏକପ୍ରକାର ବନ୍ଦ ହୋଇଯାଇଛି। କାରଣ ଏହି ବାଟ ଦେଇ ଯାଉଥିବା ଜାହାଜ ଉପରେ ଇରାନ୍ ଆକ୍ରମଣ କରୁଛି। ଏପରିକି ସମୁଦ୍ରରେ ୱାଟର୍ ମାଇନ୍ ମଧ୍ୟ ଲଗାଯାଇଛି। ତେବେ ମାର୍ଚ୍ଚ ୩ରେ ସାଉଦି ଆରବରୁ ତୈଳ ଭର୍ତ୍ତିକରି ଭାରତ ଅଭିମୁଖେ ବାହାରିଥିବା ଏହି ଜାହାଜ ୮ରେ ହର୍ମୁଜ୍ ଷ୍ଟ୍ରେଟ୍ ଅତିକ୍ରମ କରି ୧୧ ଅପରାହ୍ନରେ ମୁମ୍ବାଇରେ ପହଞ୍ଚିଛି। ମଧ୍ୟପ୍ରାଚ୍ୟର ଯୁଦ୍ଧ ପରିସ୍ଥିତିରେ କୌଣସି ଜାହାଜ ଉପସାଗରୀୟ ଦେଶରୁ ତୈଳ ନେଇ ଭାରତ ପହଞ୍ଚିବା କ୍ଷେତ୍ରରେ ସେନ୍‌ଲଙ୍ଗ୍ ସୁଏଜମାକ୍ସ ହେଉଛି ପ୍ରଥମ ଜାହାଜ।

# ସିଇସିଙ୍କ ବହିଷ୍କାର ପ୍ରସ୍ତାବ ନୋଟିସରେ ୧୯୩ ବିରୋଧୀ ଏମ୍‌ପିଙ୍କ ସ୍ୱାକ୍ଷର

**ନୂଆଦିଲ୍ଲୀ,୧୨।୩(ପି.ଟି.)**

ମୁଖ୍ୟ ନିର୍ବାଚନ କମିଶନର (ସିଇସି) ଜ୍ଞାନେଶ କୁମାରଙ୍କ ବହିଷ୍କାର ଦାବିରେ ଲୋକ ସଭାର ୧୩୦ ଜଣ ଓ ରାଜ୍ୟ ସଭାର ୬୩ ଜଣ ବିରୋଧୀ ଦଳ ଏମ୍‌ପି ନୋଟିସରେ ସ୍ୱାକ୍ଷର କରିଛନ୍ତି। ଶୁକ୍ରବାର ପାର୍ଲାମେଣ୍ଟର ଯେକୌଣସି ସଦନରେ ଉକ୍ତ ନୋଟିସ ଦାଖଲ କରାଯିବ ବୋଲି ଏକ ସୂତ୍ରରୁ ଜଣାପଡ଼ିଛି। ତେବେ ପ୍ରଥମେ କେଉଁ ସଦନରେ ନୋଟିସ ଦାଖଲ ହେବ ତାହା ସ୍ପଷ୍ଟ ହୋଇନାହିଁ। ଅନାସ୍ଥା ପ୍ରସ୍ତାବ ଆଣିବା ପାଇଁ ନୋଟିସରେ ଯେତିକି ଏମ୍‌ପିଙ୍କ ସ୍ୱାକ୍ଷର ଆବଶ୍ୟକ ତାହା ହାସଲ ହୋଇସାରିଥିଲେ ମଧ୍ୟ ଗୁରୁବାର ଅନେକ ସାଂସଦ ନୋଟିସରେ ସ୍ୱାକ୍ଷର କରିବାକୁ ଖୁବ୍ ଆଗ୍ରହର ସହ ଆଗେଇ ଆସିଥିଲେ। ନିୟମ ଅନୁଯାୟୀ, ସିଇସିଙ୍କୁ ବହିଷ୍କାର କରିବା ନିମନ୍ତେ ଲୋକ ସଭାର ଅନ୍ୟୂନ ୧୦୦



ଓ ରାଜ୍ୟ ସଭାର ୫୦ ଏମ୍‌ପିଙ୍କ ସ୍ୱାକ୍ଷର ଆବଶ୍ୟକ। ନୋଟିସରେ ଇଣ୍ଡିଆ ବ୍ଲକ୍‌ର ସମସ୍ତ ସହଯୋଗୀ ଦଳର ସଦସ୍ୟମାନେ ସ୍ୱାକ୍ଷର କରିଛନ୍ତି। ଆମ୍ ଆଦ୍‌ମୀ ପାର୍ଟି ଇଣ୍ଡିଆ ବ୍ଲକ୍‌ରେ ନ ଥିଲେ ମଧ୍ୟ ଏହାର ଏମ୍‌ପିମାନେ ନୋଟିସ୍‌ରେ ସ୍ୱାକ୍ଷର କରିଥିବା ଏକ ସୂତ୍ରରୁ ଜଣାପଡ଼ିଛି। ସିଇସିଙ୍କୁ ବହିଷ୍କାର କରିବା ପାଇଁ ପ୍ରଥମ ଥର ନୋଟିସ ଅଣାଯାଉଛି। ସୂତ୍ର ଅନୁଯାୟୀ, ନୋଟିସରେ ସିଇସିଙ୍କ ବିରୋଧରେ ପକ୍ଷପାତ ଓ ଭେଦଭାବପୂର୍ଣ୍ଣ ଆଚରଣ, ଇଲେକ୍ଟୋରାଲ ପାଣ୍ଠି ତଦନ୍ତରେ ଜାଣିଶୁଣି ପ୍ରତିବନ୍ଧକ ସୃଷ୍ଟି କରିବା ଏବଂ ବହୁସଂଖ୍ୟାରେ ଲୋକଙ୍କୁ ମତାଧିକାରରୁ ବଞ୍ଚିତ କରିବା ଆଦି ୭ଟି ଅଭିଯୋଗ ରଖାଯାଇଛି। ବିଭିନ୍ନ ସମୟରେ ବିଶେଷ କରି ଭୋଟର ତାଲିକାର ସ୍ୱତନ୍ତ୍ର ସଘନ ସଂଶୋଧନ (ଏସ୍‌ଆଇଆର୍)ରେ ସିଇସି ଶାସକ ଭାଜପାକୁ ସହାୟତା କରୁଥିବା ବିରୋଧୀ ଦଳଗୁଡ଼ିକ ଅଭିଯୋଗ କରିଛନ୍ତି। ପଶ୍ଚିମବଙ୍ଗରେ ଏସ୍‌ଆଇଆର୍ ପରିଚାଳନାକୁ ନେଇ ଉଦ୍‌ବେଗ ପ୍ରକାଶ ପାଇଛି। ନିର୍ବାଚନ କମିଶନ ବାସ୍ତବ ଭୋଟରମାନଙ୍କ ନାମ ତାଲିକାରୁ କାଟିଦେଇଥିବା ତୃଣମୂଳ କଂଗ୍ରେସ (ଟିଏମ୍‌ସି) ସୁପ୍ରିମୋ ମମତା ବାନାର୍ଜୀ ଅଭିଯୋଗ କରିଛନ୍ତି।

# ଇଥିଓପିଆରେ ଭୂସ୍ଖଳନ: ୫୦, ମୃତ, ୧୨୫ ନିଖୋଜ

**ଆଡିସ୍ ଆବାବା,୧୨।୩**

ଇଥିଓପିଆର ଦକ୍ଷିଣ ଭାଗରେ ସପ୍ତାହେ ଧରି ପ୍ରବଳ ବର୍ଷା ଫଳରେ ୩ ଜିଲାରେ ଭୂସ୍ଖଳନ ଯୋଗୁ ଅନ୍ୟୂନ ୫୦ ଜଣଙ୍କ ମୃତ୍ୟୁ ଘଟିବା ସହ ୧୨୫ ଜଣ ନିଖୋଜ ଅଛନ୍ତି। ଗାମୋ ଜୋନ୍‌ରେ ହୋଇଥିବା ଭୂସ୍ଖଳନରେ ଗାଚୋ ବାବା, କାମ୍ବା ଓ ବୋଙ୍କେ ଜିଲା ପ୍ରଭାବିତ ହୋଇଛି। ଉଦ୍ଧାର କାର୍ଯ୍ୟ ଜାରି ରହିଥିବାବେଳେ ମୃତକଙ୍କ ସଂଖ୍ୟା ବଢ଼ିବା ଆଶଙ୍କା କରାଯାଉଛି।

# ଇରାନ୍ ଆକ୍ରମଣରେ ଭାରତୀୟ ଜାହାଜ କର୍ମଚାରୀ ମୃତ

**ବାଗ୍‌ଦାଦ୍,୧୨।୩**

ଇରାନ୍ ଆକ୍ରମଣରେ ଇରାକ୍‌ରେ ଜଣେ ଭାରତୀୟ ଜାହାଜ କର୍ମଚାରୀଙ୍କ ମୃତ୍ୟୁ ହୋଇଛି। ଆମେରିକୀୟ କମ୍ପାନୀ ଅଧିକୃତ ତୈଳବାହୀ ଜାହାଜ ସିଫେଶ୍ ବିଷ୍ଣୁ ଇରାକ୍‌ରୁ ତୈଳ ଭର୍ତ୍ତିକରି ଆସୁଥିଲାବେଳେ ବାସ୍‌ରାଠାରେ ଏହି ଜାହାଜ ଉପରେ ଇରାନ୍ ପକ୍ଷରୁ ଆକ୍ରମଣ କରାଯାଇଥିଲା। ଏହା ଏକ ଆମେରିକୀୟ କମ୍ପାନୀ ଜାହାଜ ହୋଇଥିବାରୁ ଏହାକୁ ଟାର୍ଗେଟ କରାଯାଇ ଆକ୍ରମଣ କରାଯାଇଥିଲା। ହେଲେ ଏହି ଘଟଣାରେ ଉକ୍ତ ଜାହାଜରେ ଥିବା ଜଣେ ଭାରତୀୟଙ୍କ ମୃତ୍ୟୁ ହୋଇଛି। ତାଙ୍କ ନାମ ସମ୍ପର୍କରେ କୌଣସି ତଥ୍ୟ ଜଣାପଡ଼ି ନାହିଁ। ଜାହାଜର ଅନ୍ୟ ୨୭ କର୍ମଚାରୀଙ୍କୁ ଉଦ୍ଧାର କରାଯାଇ ସୁରକ୍ଷିତ ସ୍ଥାନକୁ ନିଆଯାଇଛି। ଏହାପୂର୍ବରୁ ଦୁଇ ଦିନ ତଳେ ହର୍ମୁଜ୍ ଦେଇ ଆସୁଥିବା ଥାଇଲାଣ୍ଡର ଏକ ପଣ୍ୟବାହୀ ଜାହାଜ ଉପରେ ଇରାନ୍ ଆକ୍ରମଣ କରିବା ପରେ ଏଥିରେ ଥିବା ୨ ଭାରତୀୟ କର୍ମଚାରୀଙ୍କ ମୃତ୍ୟୁ ହେବା ସହ ଅନ୍ୟ ୪ ଜଣ ନିଖୋଜ ହୋଇଯାଇଥିଲେ।

# ଆଇନଗତ କାର୍ଯ୍ୟାନୁଷ୍ଠାନ ନେବେ ରଶ୍ମିକା

**ମୁମ୍ବାଇ,୧୨।୩**

ଅଭିନେତ୍ରୀ ରଶ୍ମିକା ମନ୍ଦାନାଙ୍କ ପରିବାର ସଦସ୍ୟଙ୍କ ମଧ୍ୟରେ ଏକ ଘରୋଇ କଥାବାର୍ତ୍ତାର ଅଡିଓ କ୍ଲିପ୍ ସୋସିଆଲ୍ ମିଡିଆରେ ବ୍ୟାପକ ଭାବେ ପ୍ରସାରିତ ହୋଇଥିବା ଅଭିଯୋଗ ହୋଇଛି। ପ୍ରାୟ ୮ ବର୍ଷ ତଳର ଉକ୍ତ ଅଡିଓ କ୍ଲିପ୍‌ର ପ୍ରସାରଣକୁ ପ୍ରିଭେସି ଉପରେ ହସ୍ତକ୍ଷେପ ଦର୍ଶାଇ ରଶ୍ମିକା ଏହା ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ନେବେ ବୋଲି ଚେତାବନୀ ଦେଇଛନ୍ତି। ଅଭିନେତ୍ରୀଙ୍କର ଅତୀତରେ ଅଭିନେତା ରକ୍ଷିତ ସେଟ୍ଟୀଙ୍କ ସହ ରହିଥିବା ସମ୍ପର୍କକୁ ନେଇ କ୍ଲିପ୍‌ରେ କେତେକ ମନ୍ତବ୍ୟ ରହିଛି। ତେବେ ଉକ୍ତ ରେକର୍ଡିଂର ପ୍ରାମାଣିକତା ଯାଞ୍ଚ ହୋଇନାହିଁ। କ୍ଲିପ୍‌ରେ ଥିବା ପରିବାର ସଦସ୍ୟଙ୍କ କଥାବାର୍ତ୍ତାକୁ ସେମାନଙ୍କ ବିନା



ଜ୍ଞାତସାର ଏବଂ ସହମତିରେ ରେକର୍ଡିଂ କରାଯାଇ ପ୍ରସାରଣ କରାଯାଇଥିବା ଅଭିନେତ୍ରୀ Xରେ ଲେଖିଛନ୍ତି। କଥାବାର୍ତ୍ତାର ଏକ ସ୍ୱଳ୍ପ ଭାଗ ରେକର୍ଡିଂ ହୋଇ ଅନ୍‌ଲାଇନ୍‌ରେ ସର୍କୁଲେଟ୍ ହୋଇଛି। ରଶ୍ମିକା କହିଛନ୍ତି, ଗତ ୮ ବର୍ଷ ହେଲା ତାଙ୍କୁ ଭୁଲ୍ ସୂଚନା ଏବଂ ହଇରାଣ ହରକତର ସାମ୍ନା କରିବାକୁ ପଡୁଥିବାବେଳେ ଗଣମାଧ୍ୟମର ଗୋଟିଏ ଗୋଷ୍ଠୀ ଏବଂ ଅନ୍‌ଲାଇନରେ କେତେଜଣ ବ୍ୟକ୍ତିବିଶେଷଙ୍କଠାରୁ ଟାର୍ଗେଟେଡ୍ ଆକ୍ରମଣର ଶିକାର ହୋଇଛନ୍ତି। ତାଙ୍କ ସମ୍ପର୍କରେ ଅନେକ ମନ୍ତବ୍ୟର ହୁଏତ ଭୁଲ୍ ବ୍ୟାଖ୍ୟା କରାଯାଇଛି କିମ୍ବା ସମ୍ପୂର୍ଣ୍ଣ ମନଗଢ଼ା, ଯାହା ଡିଜିଟାଲ ପ୍ଲାଟ୍‌ଫର୍ମଗୁଡ଼ିକରେ ବ୍ୟାପକ ଭାବେ ପ୍ରସାରିତ ହୋଇଆସୁଛି ବୋଲି ରଶ୍ମିକା କହିଛନ୍ତି।

# ପ୍ରେମିକଙ୍କୁ ବିବାହ କଲେ ଭାଇରାଲ ଗର୍ଲ



ମହାକୁମ୍ଭ ଭାଇରାଲ ଗର୍ଲ ମୋନାଲିସା ପୁଣି ଥରେ ଚର୍ଚ୍ଚାକୁ ଆସିଛନ୍ତି। ସେ ତାଙ୍କ ପ୍ରେମିକ ଫରମାନ୍ ଖାନ୍‌ଙ୍କୁ ବିବାହ କରିଛନ୍ତି। ଅରୁମାନୁର ମନ୍ଦିରରେ ଅନୁଷ୍ଠିତ ଏହି ବିବାହରେ ପ୍ରଶଂସକ, ଗଣମାଧ୍ୟମ ପ୍ରତିନିଧି ଏବଂ ରାଜନେତା ଯୋଗ ଦେଇଥିଲେ। ବିବାହ ଶେଷରେ ଏ ଦୁହେଁ ପୁରୋହିତଙ୍କଠାରୁ ଆଶୀର୍ବାଦ ନେଇଥିଲେ।

କେରଳ ଶିକ୍ଷାମନ୍ତ୍ରୀ ଭି. ଶିବନକୁଟ୍ଟି, ସିପିଏମ୍ ରାଜ୍ୟ ସମ୍ପାଦକ ଏମ୍.ଭି. ଗୋବିନ୍ଦନ୍ ଏବଂ ଏମ୍‌ପି ଏ.ଏ. ରହିମ୍ ଉକ୍ତ ବିବାହରେ ଉପସ୍ଥିତ ଥିଲେ। ଏହି ଅବସରରେ ରହିମ୍ କହିଛନ୍ତି, ଉକ୍ତ ବିବାହ କେରଳର ସାମ୍ପ୍ରଦାୟିକ ସଦ୍ଭାବନାର ପରମ୍ପରାକୁ ପ୍ରତିଫଳିତ କରେ। ବିବାହ ସ୍ୱର୍ଗରେ ଲେଖା ହୁଏ ଏବଂ ସ୍ୱର୍ଗ ହେଉଛି କେରଳ। ଆମେ ଏମାନଙ୍କ ବିବାହ ଉତ୍ସବରେ ଯୋଗଦେବାକୁ ଏଠାକୁ ଆସିଛୁ। ଶିବନକୁଟ୍ଟି ମଧ୍ୟ ଏହି ବିବାହକୁ ରାଜ୍ୟ ପାଇଁ ଏକ ଗର୍ବର ମୁହୂର୍ତ୍ତ ବୋଲି ଆଖ୍ୟାୟିତ କରି କହିଛନ୍ତି, ଏହା ପ୍ରକୃତ କେରଳ କାହାଣୀ। କେରଳର ସାମାଜିକ ସଦ୍ଭାବନାର ପରମ୍ପରା। ବିବାହରେ ମୋନାଲିସା ଏକ ଲାଲ ଶାଢ଼ି ପିନ୍ଧିଥିଲେ। ଏହାସହ ହାର ଏବଂ ସିନ୍ଦୂର ପିନ୍ଧିଥିଲେ। ଏହି ଲୁକ୍‌ରେ ମୋନାଲିସା ବହୁତ ସୁନ୍ଦର ଦେଖାଯାଉଥିଲେ।

ମୋନାଲିସା ମଧ୍ୟପ୍ରଦେଶ ଇନ୍ଦୋରର ହୋଇଥିବାବେଳେ ଫରମାନ୍ ମହାରାଷ୍ଟ୍ରର। ଉଭୟ ଦେଢ଼ ବର୍ଷ ଧରି ସମ୍ପର୍କରେ ଥିଲେ, କିନ୍ତୁ ସେମାନଙ୍କ ପରିବାର ବିବାହ ସପକ୍ଷରେ ନ ଥିଲେ। ଏହି କାରଣରୁ ଦୁହେଁ କେରଳରେ ଆଶ୍ରୟ ନେଇଥିଲେ। ମୋନାଲିସା ତିରୁଭାନନ୍ତପୁରମ୍‌ର ଥାମ୍ପାନୁର ପୋଲିସ ଷ୍ଟେଶନରେ ସୁରକ୍ଷା ମାଗିଥିଲେ। ସେ କହିଥିଲେ, ତାଙ୍କ ବାପା ବିଜୟ ସିଂହ ଭୋଁସ୍‌ଲେ ତାଙ୍କ ପସନ୍ଦର ଯୁବକଙ୍କୁ ବିବାହ କରିବା ଲାଗି ତାଙ୍କ ଉପରେ ଚାପ ପକାଉଥିଲେ। ମୋନାଲିସା ତାଙ୍କର ପ୍ରଥମ ଚଳଚ୍ଚିତ୍ର 'ଦି ଡାଏରୀ ଅଫ୍ ମଣିପୁର' ଫିଲ୍ମରେ ନଜରକୁ ଆସିବେ। ଫିଲ୍ମର ଟ୍ରେଲର ଫେବୃଆରୀରେ ରିଲିଜ୍ ହୋଇଥିଲା। ଅବଶ୍ୟ ଏହି ଫିଲ୍ମ ପାଇଁ ସେ କଠିନ ପରିଶ୍ରମ କରିଥିବା କହିଥିଲେ। ଆଜିକାଲି ମୋନାଲିସା ପ୍ରଭରରେ ନିର୍ଦ୍ଦେଶକ ପି. ବିନୁ ଭାର୍ଗୀସ୍‌ଙ୍କ ମାଲାୟାଲମ ଫିଲ୍ମ 'ନାଗାମ୍ମା'ର ଶୁଟିଂ କରୁଛନ୍ତି।

ଧରିତ୍ରୀ
DHARITRI
ଧରିତ୍ରୀ 52 Years





ଇରାକର ବସ୍ରା ନିକଟସ୍ଥ ଖୋର୍ ଅଲ୍-ଜୁବାୟର ବନ୍ଦରର 'ଶିପ୍-ଟୁ-ଶିପ୍ ଟ୍ରାନ୍ସଫର ଜୋନ୍'ରେ ବୁଧବାର ବିଳମ୍ବିତ ରାତିରେ ଇରାନର ଆକ୍ରମଣ ଯୋଗୁ ଏକ ତୈଳ ଟ୍ୟାଙ୍କର ଜଳୁଥିବାର ଦେଖାଯାଇଛି।

# ପାରିବାରିକ କଳହରୁ ଟ୍ରିପଲ ମର୍ଡର

## ସ୍ତ୍ରୀ, ବୋହୂ, ନାତୁଣୀଙ୍କୁ ହାତୁଡ଼ିରେ ପିଟି ହତ୍ୟା

**ଦେବଗଡ଼,୧୨।୩ (ଶଶାଙ୍କ ଶେଖର ଝାଙ୍କର)**





ହତ୍ୟାର ଶିକାର ହୋଇଥିବା ଗୁଲ, ଲିପି ଓ ଈଶାନୀ।

ପାରିବାରିକ କଳହରୁ କ୍ରୋଧାନ୍ୱିତ ହୋଇ ଜଣେ ବ୍ୟକ୍ତି ସ୍ତ୍ରୀ, ବୋହୂ ଓ ୫ ବର୍ଷର ନାତୁଣୀଙ୍କୁ ହାତୁଡ଼ିରେ ପିଟି ହତ୍ୟା କରିଛନ୍ତି। ଏଭଳି ଏକ ଟ୍ରିପଲ ମର୍ଡର ଘଟଣା ଘଟିଛି ଦେବଗଡ଼ ଜିଲା କୁଣ୍ଢେଇଗୋଳା ଥାନା ଗରିଆପାଲି ଗ୍ରାମରେ। ବୁଧବାର ବିଳମ୍ବିତ ରାତିରେ ଜଣଙ୍କ ପରେ ଜଣେ ୩ଜଣଙ୍କୁ ହତ୍ୟା କରିବାପରେ ଘଟଣାସ୍ଥଳରୁ ଅଭିଯୁକ୍ତ ରମେଶ ଗରିଆ(୫୫) ଫେରାର ହୋଇଯାଇଛନ୍ତି। ପୋଲିସ ଗୁରୁବାର ତଦନ୍ତ ଆରମ୍ଭ କରି ବିଭିନ୍ନ ଥାନାକୁ ଖବର ଦେଇଥିଲେ ମଧ୍ୟ ଅଭିଯୁକ୍ତଙ୍କୁ ଧରିପାରିନାହାଁନ୍ତି। ହତ୍ୟାକାଣ୍ଡର ପ୍ରକୃତ କାରଣ ସ୍ପଷ୍ଟ ହୋଇପାରି ନ ଥିଲେ ହେଁ ପାରିବାରିକ କଳହ ଏହାର ମୁଖ୍ୟ କାରଣ ହୋଇଥାଇପାରେ ବୋଲି ପୋଲିସ ପକ୍ଷରୁ ଅନୁମାନ କରାଯାଉଛି। ତେବେ ଘଟଣାର ତଦନ୍ତ ଚାଲିଛି ଓ ତଦନ୍ତ ପରେ ହତ୍ୟାକାଣ୍ଡର ପ୍ରକୃତ କାରଣ ଜଣାପଡିବ ବୋଲି ଦେବଗଡ଼ ଜିଲା ଆରକ୍ଷୀ ଅଧୀକ୍ଷକ (ଏସ୍‌ପି) ଅନିଲ କୁମାର ମିଶ୍ର ପ୍ରକାଶ କରିଛନ୍ତି।

ବୁଧବାର ରାତି ପ୍ରାୟ ୧୧ଟା ୩୦ରେ ଗରିଆପାଲି ଗ୍ରାମର ରମେଶ ଓ ସ୍ତ୍ରୀ ଗୁଲ(୫୫)ଙ୍କ ମଧ୍ୟରେ କୌଣସି କଥାକୁ କେନ୍ଦ୍ରକରି ବଚସା ହୋଇଥିଲା। ଏଥିରେ ଉତ୍‌କ୍ଷିପ୍ତ ହୋଇ ରମେଶ ଘରେ ଥିବା ଏକ ବଡ଼ ହାତୁଡ଼ି (ହାମର) ସାହାଯ୍ୟରେ ଗୁଲଙ୍କୁ ଆକ୍ରମଣ କରିଥିଲେ। ଗୁଲ ଆହତ ଅବସ୍ଥାରେ ନିଜ ଜୀବନ ବଞ୍ଚାଇବା ପାଇଁ ଗୁରୁଣ୍ଡିଗୁରୁଣ୍ଡି ପୁଅ ଓ ବୋହୂଙ୍କ ଶୋଇବା କୋଠରିରେ ପଶି ଯାଇଥିଲେ। ହାଇୱା ଚାଳକ ଭାବେ କାର୍ଯ୍ୟ କରୁଥିବା ରମେଶଙ୍କ ପୁଅ ଧୀରେନ କାର୍ଯ୍ୟକ୍ଷେତ୍ରକୁ ଯାଇଥିବାରୁ ବୋହୂ ଲିପି, ୫ବର୍ଷର ନାତୁଣୀ ଈଶାନୀ ଏବଂ ରମେଶଙ୍କ ଝିଅାରୀ ପାୟଲ ଗରିଆ ଉକ୍ତ କୋଠରିରେ ଶୋଇଥିଲେ। ତେବେ କ୍ରୋଧରେ ଜର୍ଜରିତ ରମେଶ ସ୍ତ୍ରୀଙ୍କୁ ପିଛାକରି ପୁଅ-ବୋହୂଙ୍କ କୋଠରିରେ ପଶିଯିବା ସହ ହାତୁଡିରେ ସ୍ତ୍ରୀ ଗୁଲଙ୍କ ଉପରେ ଏକାଧିକ ପ୍ରହାର କରି ଚାଲିଥିଲେ। ଫଳରେ ଘଟଣାସ୍ଥଳରେ ହିଁ ଗୁଲଙ୍କ ମୃତ୍ୟୁ ହୋଇଯାଇଥିଲା। ବୋହୂ ଲିପି ନିଦରୁ ଉଠି ଘଟଣା



ଅଭିଯୁକ୍ତ ରମେଶ ଗରିଆ

ବିଷୟରେ କିଛି ବୁଝିବା ପୂର୍ବରୁ ରମେଶ ତାଙ୍କୁ ମଧ ହାତୁଡିରେ ଆକ୍ରମଣ କରି ହତ୍ୟା କରିଥିଲେ। ୫ ବର୍ଷର ନାତୁଣୀ ଈଶାନୀ ଓ ଝିଅାରୀ ପାୟଲ ନିଦରୁ ଉଠି ପଡିଥିଲେ। ରମେଶ ଈଶାନୀଙ୍କୁ ହାତୁଡିରେ ଆକ୍ରମଣ କରିବାକୁ ଉଦ୍ୟମ କରିଥିଲେ। ଏହାଦେଖି ପାୟଲ ଭୟଭୀତ ହୋଇ ହାତଯୋଡି ଏପରି ନ କରିବାକୁ ଗୁହାରି କରିଥିଲେ। ମାତ୍ର ରମେଶ ତାଙ୍କୁ ଚୁପ ରହିବାକୁ ଚେତାବନୀ ଦେବାସହ ଈଶାନୀଙ୍କୁ ହାତୁଡିରେ ଆକ୍ରମଣ କରି ଚିରନିଦ୍ରାରେ ଶୁଆଇ ଦେଇଥିଲେ। ଏହି ସମୟରେ ପାୟଲ ଗ୍ରୀଲ୍ ଲାଗି ନ ଥିବା ଉକ୍ତ କୋଠରିର ଝରକା ଡେଇଁ ନିଜର ଜୀବନ ବଞ୍ଚାଇବା ସହ ଘରକୁ ଫେରି ଘଟଣା ସମ୍ପର୍କରେ ବାପା ହେମନ୍ତଙ୍କୁ ଜଣାଇଥିଲେ। ଏକଥା ଶୁଣି ରମେଶଙ୍କ ସାନଭାଇ ହେମନ୍ତ ସେଠାକୁ ଧାଇଁ ଆସିଥିଲେ। ସ୍ତ୍ରୀ, ବୋହୂ ଓ ନାତୁଣୀଙ୍କୁ ମାରିଦେଇଛି ବୋଲି ରମେଶ କହିବା ସହ ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲେ। ଏନେଇ ହେମନ୍ତ ପଡ଼ିଶା ଲୋକ ଓ ଧୀରେନଙ୍କୁ ଫୋନ ଦ୍ୱାରା ଜଣାଇବା ସହ କୁଣ୍ଢେଇଗୋଳା ଥାନାକୁ ମଧ ସୂଚନା ଦେଇଥିଲେ। ସୂଚନାପାଇ କୁଣ୍ଢେଇଗୋଳା ଥାନା ଅଧିକାରୀ ଜୋହାନ ☞ପୃଷ୍ଠା-୪

## ଏପ୍ରିଲ ୨ରେ ପ୍ରବେଶ ଉତ୍ସବ, ଖଡ଼ିଛୁଆଁ

**୧୭ରୁ ମୁଖ୍ୟମନ୍ତ୍ରୀଙ୍କ ନିମନ୍ତ୍ରଣପତ୍ର ବାଣ୍ଟିବାକୁ ନିର୍ଦ୍ଦେଶ**

**ଭୁବନେଶ୍ୱର,୧୧।୩(ସୁଚିସ୍ମିତା ସାହୁ)**

ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଅଧୀନ ବିଦ୍ୟାଳୟଗୁଡ଼ିକରେ ଏପ୍ରିଲ ୨ରେ ଶିଶୁବାଟିକା ପିଲାଙ୍କ ପାଇଁ ପ୍ରବେଶ ଉତ୍ସବ ଓ ଖଡ଼ିଛୁଆଁ କାର୍ଯ୍ୟକ୍ରମ କରାଯିବ। ଏହି କାର୍ଯ୍ୟକ୍ରମରେ ଶିଶୁଙ୍କ ସହ ଅଭିଭାବକ, ନିର୍ବାଚିତ ପ୍ରତିନିଧି, ଅଧିକାରୀ ଏବଂ ସାମାଜିକ ସଙ୍ଗଠନ କର୍ମକର୍ତ୍ତାମାନେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ଏନେଇ ବିଭାଗ ପକ୍ଷରୁ ନିମନ୍ତ୍ରଣପତ୍ର ବାଣ୍ଟିବା ସହ କାର୍ଯ୍ୟକ୍ରମ ଆୟୋଜନ ପାଇଁ ସମସ୍ତ ବ୍ୟବସ୍ଥା କରିବାକୁ ଓଡ଼ିଶା ବିଦ୍ୟାଳୟ ଶିକ୍ଷା କାର୍ଯ୍ୟକ୍ରମ ପ୍ରାଧିକରଣ (ଓସେପା)ର ପ୍ରକଳ୍ପ ନିର୍ଦ୍ଦେଶକ ଅନନ୍ୟା ଦାସ ସମସ୍ତ ଜିଲାପାଳ ଓ ଜିଲା ମାଜିଷ୍ଟ୍ରେଟଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ସେହିପରି ଏପ୍ରିଲ ୬, ୭ ଓ ୮ରେ ବିଦ୍ୟାଳୟସ୍ତରରେ ଶିକ୍ଷକ ଓ ଛାତ୍ରୀଛାତ୍ରଙ୍କୁ ନେଇ କାର୍ଯ୍ୟକ୍ରମ କରାଯିବ। ଏନେଇ ମୁଖ୍ୟମନ୍ତ୍ରୀଙ୍କ ନିମନ୍ତ୍ରଣପତ୍ର ☞ପୃଷ୍ଠା-୪

# ଯୁଦ୍ଧ ବନ୍ଦ ପାଇଁ ଇରାନ୍‌ର ୩ ସର୍ତ୍ତ

**ପଶ୍ଚିମ ଏସିଆରେ ଯୁଦ୍ଧ ଚରମସୀମାରେ ପହଞ୍ଚିଥିବା ବେଳେ ଇରାନ୍‌ର ରାଷ୍ଟ୍ରପତି ମାସୁଦ ପେଜେସ୍କିଆନ ଆମେରିକା ଏବଂ ଇସ୍ରାଏଲ ସହିତ ଚାଲିଥିବା ଯୁଦ୍ଧକୁ ବନ୍ଦ କରିବା ପାଇଁ ଗୁରୁବାର ୩ଟି ପ୍ରମୁଖ ସର୍ତ୍ତ ରଖିଛନ୍ତି, ଯାହାକି ସେ 'X'ରେ ପୋଷ୍ଟ କରିଛନ୍ତି। ଗତ ୨୮ ଫେବୃଆରୀରୁ ଆମେରିକା ଏବଂ ଇସ୍ରାଏଲର ମିଳିତ ଆକ୍ରମଣ ପରେ ଏହି ଯୁଦ୍ଧ ଆରମ୍ଭ ହୋଇଥିଲା। ଯୁଦ୍ଧର ୧୩ତମ ଦିନ ମଧ୍ୟରେ ଇରାନ୍ ସାମୁଦ୍ରିକ ଜଳପଥ 'ଷ୍ଟ୍ରେଟ୍ ଅଫ୍ ହର୍ମୁଜ' ଦେଇ ବିଭିନ୍ନ ଦେଶକୁ ଯାଉଥିବା ତୈଳ ପରିବହନକାରୀ ଜାହାଜଗୁଡ଼ିକୁ ଆକ୍ରମଣ କରୁଛି। ଫଳରେ ତୈଳ ଓ ଶକ୍ତି ସଙ୍କଟ ସୃଷ୍ଟି ହୋଇଛି। ଏଥିଯୋଗୁ ସାରା ବିଶ୍ୱ ଅର୍ଥନୈତିକ ଅଚଳାବସ୍ଥା ଆଡ଼କୁ ଗତିକଲେଣି। ବିଶେଷକରି ତୈଳ ଓ ଗ୍ୟାସ୍ ଅଭାବ ଯୋଗୁ ଦରଦାମ ବୃଦ୍ଧିପାଇ ଲୋକଙ୍କ ଜୀବନଯାପନ ମହଙ୍ଗା ହେଲାଣି। ଏଭଳିସ୍ଥିତି ଜାରି ରହିଲେ ଖୁବ୍‌ଶୀଘ୍ର ଖାଦ୍ୟ ସଙ୍କଟ ଗୁରୁତର ରୂପ ଧାରଣ କରିବ। ଆମେରିକା ଓ ଇସ୍ରାଏଲର କୌଣସି ଧମକ କିମ୍ବା ଆକ୍ରମଣରେ ମୁଣ୍ଡନୁଆଁଉ ନ ଥିବା ଇରାନ୍ ଏବେ ଯୁଦ୍ଧ ବନ୍ଦ ପାଇଁ ସର୍ତ୍ତ ରଖିଛି। ସେଗୁଡ଼ିକ ହେଲା ଇରାନ୍‌ର ପରମାଣୁ କାର୍ଯ୍ୟକ୍ରମକୁ ସ୍ୱୀକୃତି, ଯୁଦ୍ଧ କ୍ଷତିପୂରଣ ପ୍ରଦାନ ଓ ଭବିଷ୍ୟତରେ ଆକ୍ରମଣ ନ ହେବାର ଗ୍ୟାରେଣ୍ଟି।**



ମାସୁଦ ପେଜେସ୍କିଆନ

**ତେହରାନ୍, ୧୨।୩**

ଇରାନ୍‌ର ୩ ସର୍ତ୍ତ ମଧ୍ୟରେ ପ୍ରଥମଟି ହେଲା, ଦେଶର ସାର୍ବଭୌମତ୍ୱ ଏବଂ ବିଶେଷକରି ଏହାର ପରମାଣୁ କାର୍ଯ୍ୟକ୍ରମ ପରି ବୈଧ ଅଧିକାରକୁ ଅନ୍ତର୍ଜାତୀୟ ସ୍ତରରେ ସ୍ୱୀକୃତି ଦିଆଯିବାକୁ ଦାବି କରାଯାଇଛି। ଦ୍ୱିତୀୟରେ ଯୁଦ୍ଧ ଯୋଗୁ ଇରାନ୍‌ର ଭିତ୍ତିଭୂମି ଓ ଅର୍ଥନୀତିର ଯେଉଁ କ୍ଷତି ଘଟିଛି, ସେଥିପାଇଁ ଆମେରିକା ଏବଂ ଇସ୍ରାଏଲ ଭରଣା କରିବାକୁ କୁହାଯାଇଛି। ତୃତୀୟ ସର୍ତ୍ତ ହେଲା ଆଗାମୀ ଦିନରେ ଇରାନ୍ ଉପରେ ଏପରି କୌଣସି ଆକ୍ରମଣ ହେବ ନାହିଁ ବୋଲି ଅନ୍ତର୍ଜାତୀୟ ସ୍ତରରେ ଏକ ଦୃଢ଼ ଏବଂ ଆଇନଗତ ପ୍ରତିଶ୍ରୁତି ଦେବାକୁ କୁହାଯାଉଛି। ଇରାନ୍ ଏହି ସର୍ତ୍ତଗୁଡ଼ିକ ବିଷୟରେ ରୁଷିଆ ରାଷ୍ଟ୍ରପତି ଏବଂ ପାକିସ୍ତାନ ପ୍ରଧାନମନ୍ତ୍ରୀଙ୍କ ସହ ମଧ୍ୟ ଆଲୋଚନା କରିଛି। ତେବେ ଆମେରିକା ଏହି ଦାବିଗୁଡ଼ିକୁ ଗ୍ରହଣ କରିବ କି ନାହିଁ, ତାହା ଏପର୍ଯ୍ୟନ୍ତ ସ୍ପଷ୍ଟ ହୋଇନାହିଁ। ଅନ୍ୟପକ୍ଷରେ ଆମେରିକାର ଆଭିମୁଖ୍ୟ ଚିନ୍ତା ବଢ଼ାଇ ଦେଇଛି। କାରଣ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ କହିଛନ୍ତି, ଆମେରିକା ଯୁଦ୍ଧ ଜିତିସାରିଛି ଏବଂ ଇରାନ୍‌ର ନୌସେନା ଓ ବାୟୁସେନା ସମ୍ପୂର୍ଣ୍ଣ ରୂପେ ନଷ୍ଟ ହୋଇଯାଇଛି। ତେବେ ମିଶନ ଶେଷ ନହେବା ଯାଏ ସେନା ପ୍ରତ୍ୟାହାର ହେବ ନାହିଁ ବୋଲି ଟ୍ରମ୍ପ କହିଛନ୍ତି।

ଯୁଦ୍ଧର ବର୍ତ୍ତମାନର ସ୍ଥିତିକୁ ଦେଖିଲେ କେବଳ ମଧ୍ୟପ୍ରାଚ୍ୟର ଦେଶ ନୁହେଁ, ଭାରତ, ପାକିସ୍ତାନ, ବାଂଲାଦେଶ ଭଳି ଅନେକ ରାଷ୍ଟ୍ରର ଅର୍ଥନୀତି ଗୁରୁତର ପ୍ରଭାବିତ ହୋଇଛି। ହର୍ମୁଜ ପ୍ରଣାଳୀ ବନ୍ଦ ହେବା କାରଣରୁ ବିଶ୍ୱ ବଜାରରେ ଅଶୋଧିତ ତୈଳ ଦର ବ୍ୟାରେଲ ପିଛା ୧୦୦ ଡଲାର ଅତିକ୍ରମ କରିଛି। ଅନେକ ଧନଜୀବନ ନଷ୍ଟ ହୋଇଛି। ☞ପୃଷ୍ଠା-୪

# ଆଇଏଏସ୍ ଅଫିସର ସ୍ତରରେ ଅଦଳବଦଳ

## ସମବାୟ ସମୂହ ସମିତି ନିବନ୍ଧକ ହେଲେ ମନୀଷ ଅଗ୍ରୱାଲ

### ପ୍ରଥମେଶ ମାଲକାନଗିରି ଜିଲାପାଳ

**ଭୁବନେଶ୍ୱର,୧୨।୩(ସୁନିତ୍ ମିଶ୍ର)**

ରାଜ୍ୟ ସରକାର ଗୁରୁବାର ଆଇଏଏସ୍ ଅଫିସର ସ୍ତରରେ ବଡ଼ ଧରଣର ଅଦଳବଦଳ କରିଛନ୍ତି। ୨୦୧୨ ବ୍ୟାଚ୍ ଆଇଏଏସ୍ ଅଫିସର ମନୀଷ ଅଗ୍ରୱାଲଙ୍କୁ ଓଡ଼ିଶା ସମବାୟ ସମିତି ସମୂହର ନିବନ୍ଧକ ଭାବେ ନିଯୁକ୍ତି ମିଳିଛି। ସେହିପରି ଅତିରିକ୍ତ ସ୍ୱତନ୍ତ୍ର ରିଲିଫ୍ କମିଶନର ଭାବେ ସେ ଦାୟିତ୍ୱରେ ଥିଲେ। ଏହାସହ ଯୋଜନା ଓ ସଂଯୋଜନ ବିଭାଗର ଅତିରିକ୍ତ ଶାସନ ସଚିବ ଭାବେ ଅତିରିକ୍ତ ଦାୟିତ୍ୱ ତୁଲାଉଥିଲେ। ଓଡ଼ିଶା ସମବାୟ ସମୂହର ନିବନ୍ଧକ ଥିବା ୨୦୧୨ ବ୍ୟାଚ୍ ଆଇଏଏସ୍ ଅଫିସର ସିଦ୍ଧାର୍ଥ ଦାସଙ୍କୁ ମତ୍ସ୍ୟ ନିର୍ଦ୍ଦେଶକ, ଓଡ଼ିଶା, କଟକ ଦାୟିତ୍ୱ ମିଳିଛି। ୨୦୧୨ ବ୍ୟାଚ୍ ଆଇଏଏସ୍ ଅଫିସର ସ୍ମୃତିରଞ୍ଜନ ପ୍ରଧାନଙ୍କୁ ଓଡ଼ିଶା କ୍ଷୁଦ୍ରଶିଳ୍ପ ନିଗମର ପରିଚାଳନା ନିର୍ଦ୍ଦେଶକ ଭାବେ ନିଯୁକ୍ତି ମିଳିଛି। ସେ ଜଙ୍ଗଲ ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗର ଅତିରିକ୍ତ ଶାସନ ସଚିବ ଭାବେ ଦାୟିତ୍ୱ ତୁଲାଉଥିଲେ। ସ୍ମୃତିରଞ୍ଜନଙ୍କୁ ଷ୍ଟାର୍ଟଅପ୍ ଓଡ଼ିଶାର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଭାବେ ମଧ ଅତିରିକ୍ତ ଦାୟିତ୍ୱ ଦିଆଯାଇଛି। ସେ ଏହି ଦାୟିତ୍ୱ ଯେଉଁଦିନ ଗ୍ରହଣ କରିବେ ସେପର୍ଯ୍ୟନ୍ତ ବର୍ତ୍ତମାନ ଷ୍ଟାର୍ଟଅପ୍ ଓଡ଼ିଶାର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଥିବା ରଶ୍ମିତା ପଣ୍ଡା ଦାୟିତ୍ୱ ତୁଲାଇବେ।

ସେହିପରି ୨୦୧୩ ବ୍ୟାଚ୍ ଆଇଏଏସ୍ ଅଫିସର ମଧୁସ୍ମିତା ସାହୁଙ୍କୁ ଶିକ୍ଷକ, ଶିକ୍ଷା ଏବଂ ରାଜ୍ୟ ଶିକ୍ଷା ଅନୁସନ୍ଧାନ ଏବଂ ତାଲିମ ପରିଷଦ(ଟିଇ ଆଣ୍ଡ ଏସ୍‌ସିଇଆର୍‌ଟି) ନିର୍ଦ୍ଦେଶକ ଭାବେ ନିଯୁକ୍ତି ମିଳିଛି। ଏହା ସହ ତାଙ୍କୁ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ଅତିରିକ୍ତ ଶାସନ ସଚିବ ଭାବେ ଅତିରିକ୍ତ ଦାୟିତ୍ୱ ମିଳିଛି। ୨୦୧୪ ବ୍ୟାଚ୍ ଆଇଏଏସ୍ ଅଫିସର ଉପମା କାଲୋଙ୍କୁ ଉତ୍ତରାଞ୍ଚଳ ରାଜସ୍ୱ ମଣ୍ଡଳ ଆୟୁକ୍ତଙ୍କ ସଚିବ ଭାବେ ଅତିରିକ୍ତ ଦାୟିତ୍ୱ ମିଳିଛି। ସେ ବର୍ତ୍ତମାନ ବନ୍ଦୋବସ୍ତ ଓ ଚକବନ୍ଦୀ, ଉତ୍ତରାଞ୍ଚଳ ରାଜସ୍ୱ ମଣ୍ଡଳ ଆୟୁକ୍ତଙ୍କ କାର୍ଯ୍ୟାଳୟ, ସମ୍ବଲପୁରର ଅତିରିକ୍ତ କମିଶନର ଦାୟିତ୍ୱରେ ଅଛନ୍ତି। ୨୦୧୪ ବ୍ୟାଚ୍ ଆଇଏଏସ୍ ଅଫିସର ଲିଲି କୁମାରୀ କୁଲୁଙ୍କୁ ସରକାରୀ ଉଦ୍ୟୋଗ ବିଭାଗର ଅତିରିକ୍ତ ଶାସନ ସଚିବ ଭାବେ ନିଯୁକ୍ତ କରାଯାଇଛି। ମାଲକାନଗିରି ଜିଲାପାଳ ଥିବା ☞ପୃଷ୍ଠା-୪



ଧରିତ୍ରୀ 52 Years
ଭୁବନେଶ୍ୱର, ଶୁକ୍ରବାର, ୧୩ ମାର୍ଚ୍ଚ, ୨୦୨୬



# ଆଜି କ'ଣ କେଉଁଠି

**ଭୁବନେଶ୍ୱର**
- ମାନବାଧିକାର ଜାତୀୟ ସମ୍ମିଳନୀ, ସ୍ଥାନ: ହୋଟେଲ ମେଫେୟାର କନଭେନଶନ, ସମୟ: ପୂର୍ବାହ୍ନ ୧୦ଟା।
- ନୃତ୍ୟାୟନ ପକ୍ଷରୁ ୪ର୍ଥ ମୀରା ନୃତ୍ୟ ମହୋତ୍ସବ, ସ୍ଥାନ: ରବୀନ୍ଦ୍ର ମଣ୍ଡପ, ସମୟ: ସନ୍ଧ୍ୟା ୬ଟା ୩୦।
- ଡାକ୍ତର କୃଷ୍ଣକେଶବ ଷଡ଼ଙ୍ଗୀଙ୍କ ସ୍ୱରଚିତ ପୁସ୍ତକ 'ମହାକୁମ୍ଭପଦ୍ୟମ' ଏବଂ 'ଚିତ୍ରା ଚତୁର୍ଦ୍ଦଶୀ'ର ଲୋକାର୍ପଣ ଉତ୍ସବ, ସ୍ଥାନ: ଗୀତଗୋବିନ୍ଦ ସଦନ, ସମୟ: ସନ୍ଧ୍ୟା ୬ଟା ୩୦।
- ଦଶଦୋଳ ମେଳଣର ଷଷ୍ଠଦଶ ବାର୍ଷିକ ଉତ୍ସବ ସମାରୋହ,ସ୍ଥାନ: ବିଷ୍ଣୁ ମନ୍ଦିର ପରିସର, ଶହୀଦ ନଗର, ସମୟ: ସନ୍ଧ୍ୟା ୭ଟା।
- ଲୋକ ଅଧିକାର ଯାତ୍ରା ଦଳକୁ ସ୍ୱାଗତ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ, ସ୍ଥାନ: ଶିଶୁଭବନ ଛକ, କାନାଡା ବ୍ୟାଙ୍କ ସାମ୍ନା, ସମୟ: ସନ୍ଧ୍ୟା: ୭ଟା ୦୨।
- ଅସୀମ ବସୁ ଫାଉଣ୍ଡେଶନ ପକ୍ଷରୁ ନବମ ଅସୀମ ନାଟ୍ୟ ଉତ୍ସବ, ସ୍ଥାନ: ଭଞ୍ଜକଳା ମଣ୍ଡପ, ସମୟ: ସନ୍ଧ୍ୟା ୭ଟା ୧୫।

**କଟକ**
- ବିଜୁ ମହିଳା ଜନତା ଦଳ, ବାରବାଟୀ-କଟକ ପକ୍ଷରୁ ଗ୍ୟାସ ଦର ବୃଦ୍ଧିକୁ ବିରୋଧ କରି ବିକ୍ଷୋଭ, ସ୍ଥାନ: ଗୋଲୋଇ ଛକ, ବକ୍ସି ବଜାର, ସମୟ: ସକାଳ ୯ଟା ୩୦।
- କଟକ ଜିଲା କଂଗ୍ରେସ ପକ୍ଷରୁ ଜାଳେଣି ଗ୍ୟାସ ଦରବୃଦ୍ଧିକୁ ବିରୋଧ କରି ବିକ୍ଷୋଭ, ସ୍ଥାନ: ଲିଙ୍କରୋଡ଼, ସମୟ: ପୂର୍ବାହ୍ନ ୧୧ଟା ୩୦।
- କଟକ ଜିଲା ପ୍ରଶାସନ ପକ୍ଷରୁ ପିଏମ କିଷାନ ସହାୟତା ରାଶି ପ୍ରଦାନ କାର୍ଯ୍ୟକ୍ରମ, ସ୍ଥାନ: କୃଷକ ତାଲିମ ଓ ଦକ୍ଷତା ବିକାଶ କେନ୍ଦ୍ର, ଜଗତପୁର, ସମୟ: ଅପରାହ୍ନ ୫ଟା।
- କଳା ବିକାଶ କେନ୍ଦ୍ର ପକ୍ଷରୁ ଚତୁର୍ଥ କଟକ ବିକାଶ କେନ୍ଦ୍ର ମହୋତ୍ସବ, ସ୍ଥାନ: କଳା ବିକାଶ କେନ୍ଦ୍ର ପ୍ରେକ୍ଷାଳୟ, ସମୟ: ସନ୍ଧ୍ୟା ୬ଟା।

**ଖୋର୍ଦ୍ଧା**
- ପୀରବାବାଙ୍କ ଉତ୍ସବ ଆରମ୍ଭ, ସ୍ଥାନ: କାଇପଦର, ସମୟ: ସକାଳ ୮ଟା।
- ଗ୍ୟାସ ସିଲିଣ୍ଡର ସମସ୍ୟା ନେଇ କଂଗ୍ରେସର ପକ୍ଷରୁ ବିକ୍ଷୋଭ, ସ୍ଥାନ: ଏସ୍‌ବିଆଇ ଛକ, ସମୟ: ଅପରାହ୍ନ ୩ଟା।
- ମା' ଦୁଲଣାଙ୍କ ପୀଠରେ ପ୍ରବଚନ କାର୍ଯ୍ୟକ୍ରମ, ସ୍ଥାନ: ଦୁଲଣା ସାହି, ସମୟ: ସନ୍ଧ୍ୟା ୬ଟା।
- କୁଦିଆରୀ ଦଶଦୋଳ ମେଳଣ ଜମାଣ, ସ୍ଥାନ: କୁଦିଆରୀ ଗ୍ରାମ ମେଳଣ ପଡ଼ିଆ, ସମୟ: ରାତି ୮ଟା।

**ବାଲେଶ୍ୱର**
- ଶୀତଳା ଦେବୀଙ୍କ ବାର୍ଷିକ ପୂଜା ଉତ୍ସବର ଉଦ୍‌ଯାପନୀ ଦିବସ, ସ୍ଥାନ: କୂଳ ଶୀତଳା ମଣ୍ଡପ, ରୂପସା, ବାଲେଶ୍ୱର, ସମୟ: ସକାଳ ୮ଟା।
- ଗଣ ବିବାହ ଉତ୍ସବ, ସ୍ଥାନ: ପଦ୍ମାବତୀ ପାର୍କ, ବାଲେଶ୍ୱର, ସମୟ: ସକାଳ ୯ଟା।
- ଛାତ୍ରୀ ଆତ୍ମରକ୍ଷା କୌଶଳ ପ୍ରଶିକ୍ଷଣ ଶିବିରର ଚତୁର୍ଥ ଦିବସ, ସ୍ଥାନ: ନୀଳମଣି ମହାବିଦ୍ୟାଳୟ, ରୂପସା ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୦ଟା।
- ଭବ୍ୟ ଚଣ୍ଡୀ ମନ୍ଦିର ପ୍ରତିଷ୍ଠା ଉତ୍ସବର ତୃତୀୟ ଦିବସ, ସ୍ଥାନ: ଚଣ୍ଡୀପୁର, ହଳଦୀପଦା, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୦ଟା।
- କଂଗ୍ରେସ ପକ୍ଷରୁ ଜିଲାପାଳଙ୍କୁ ସ୍ମାରକପତ୍ର ପ୍ରଦାନ, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୧ଟା।
- ଶ୍ରୀରାମଚରିତ ମାନସ ପ୍ରବଚନର ଦ୍ୱିତୀୟ ସନ୍ଧ୍ୟା, ସ୍ଥାନ: ଚିନ୍ମୟ ମିଶନ ଆଶ୍ରମ, କୁରୁଡ଼ା, ବାଲେଶ୍ୱର, ସମୟ: ସନ୍ଧ୍ୟା ୬ଟା।
- ବାଲେଶ୍ୱର ପ୍ରିମିୟର ଲିଗ୍‌ର ନବମ ଦିବସ, ସ୍ଥାନ: ପରମିଟ୍ ପଡ଼ିଆ, ବାଲେଶ୍ୱର, ସମୟ: ସନ୍ଧ୍ୟା ୬ଟା।

**ଭଦ୍ରକ**
- ଟିଲୋ କପ୍‌ର ସେମିଫାଇନାଲ ମ୍ୟାଚ୍, ସ୍ଥାନ: ଟିଲୋ ହନୁମାନ ଜୀଉ ଷ୍ଟାଡିୟମ, ବନ୍ତ, ସମୟ: ପୂର୍ବାହ୍ନ ୧୦ଟା।
- ଆଇଓସିଏଲ୍ ପକ୍ଷରୁ ମକ୍‌ଡ୍ରିଲ୍, ସ୍ଥାନ: ଏକଡାଳ, ବାସୁଦେବପୁର, ସମୟ: ପୂର୍ବାହ୍ନ ୧୧ଟା।
- ଇଦ୍-ଉଲ୍-ଫିତର ଉପଲକ୍ଷେ ଜିଲାସ୍ତରୀୟ ପ୍ରସ୍ତୁତି ବୈଠକ, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ ସଦ୍‌ଭାବନା ସଭାଗୃହ, ଭଦ୍ରକ, ସମୟ: ଅପରାହ୍ନ ୩ଟା ୩୦।
- ହରମୋହନ ମହାପାତ୍ର ସ୍ମାରକୀ କ୍ରିକେଟ ଟୁର୍ଣ୍ଣାମେଣ୍ଟର ଫାଇନାଲ ମ୍ୟାଚ୍, ସ୍ଥାନ: ଚନ୍ଦ୍ରଭାନୁପୁର, ଭଣ୍ଡାରିପୋଖରୀ, ସମୟ: ଅପରାହ୍ନ ୪ଟା।

**କେନ୍ଦୁଝର**
- ଭାଜପାର କାର୍ଯ୍ୟକର୍ତ୍ତାଙ୍କୁ ନେଇ ବୈଠକ, ସ୍ଥାନ: ଭାଜପା କାର୍ଯ୍ୟାଳୟ, ହାଟଡ଼ିହୀ, ସମୟ: ଅପରାହ୍ନ ୪ଟା।

**ମୟୂରଭଞ୍ଜ**
- ଶ୍ରୀରାମଚନ୍ଦ୍ର ଜ୍ୟୋତି ରଥ ପରିକ୍ରମା, ସ୍ଥାନ: ଜଗନ୍ନାଥ ମନ୍ଦିର, ବାରିପଦା, ସମୟ: ସକାଳ ୮ଟା।
- ସାମୁହିକ ବିବାହ ଉତ୍ସବ, ସ୍ଥାନ: ଛଉ ପଡ଼ିଆ, ବାରିପଦା, ସମୟ: ପୂର୍ବାହ୍ନ ୧୦ଟା।
- ଜଗନ୍ନାଥ ସ୍ମାରକୀ ଫୁଟବଲ ଟୁର୍ଣ୍ଣାମେଣ୍ଟ, ସ୍ଥାନ: ମଧୁବନ ପଡ଼ିଆ ବାରିପଦା, ସମୟ: ଅପରାହ୍ନ ୪ଟା।
- ପିଏମ୍ କିଷାନ ଦିବସ ପାଳନ, ସ୍ଥାନ: ଜିଲା କୃଷି ମୁଖ୍ୟାଳୟ, ତକତପୁର, ବାରିପଦା, ସମୟ: ଅପରାହ୍ନ ୫ଟା।

**ବ୍ରହ୍ମପୁର**
- ରାମରାଜର ନୂତନ ଶୋ ରୁମ ଉଦ୍‌ଘାଟନ, ସ୍ଥାନ: ଅନ୍ନପୂର୍ଣ୍ଣା ମାର୍କେଟ ଛକ, ସମୟ: ପୂର୍ବାହ୍ନ ୧୦ ଟା ୩୦।

**ଢେଙ୍କାନାଳ**
- ସିନଫେଷ୍ଟ-୨୦୨୬ର ଦ୍ୱିତୀୟ ସନ୍ଧ୍ୟା, ସ୍ଥାନ: ସିନର୍ଜି କଲେଜ ପରିସର, ସମୟ: ସନ୍ଧ୍ୟା ୬ଟା।

**ଅନୁଗୋଳ**
- ଅନ୍ତର୍ଜାତୀୟ ମହିଳା ଦିବସ ପାଳନ, ସ୍ଥାନ: ଆଠମଲ୍ଲିକ ଏନଏସି କଲ୍ୟାଣୀ ମଣ୍ଡପ, ସମୟ: ପୂର୍ବାହ୍ନ ୧୦ଟା।
- ଦୋଳ ଯାତ୍ରା, ସ୍ଥାନ: ଆଠମଲ୍ଲିକ ବ୍ଲକ ଠାକୁରଗଡ଼ ଥାନା ବାତ୍ରାଖୋଲ ଗ୍ରାମ, ସମୟ: ସନ୍ଧ୍ୟା ୬ଟା।
- ମା ବିନ୍ନିକେୟୀଙ୍କ ଅଷ୍ଟଦୋଳ ଯାତ୍ରା, ସ୍ଥାନ: ଆଠମଲ୍ଲିକ ଦରୁହାସ୍ଥିତ ମା' ବିନ୍ନିକେୟୀ ଶକ୍ତିପୀଠ, ସମୟ: ସନ୍ଧ୍ୟା ୬ଟା।

**ଜଗତ୍‌ସିଂହପୁର**
- ବ୍ୟାସ ଫାଉଣ୍ଡେଶନର ବାର୍ଷିକ ଉତ୍ସବ, ସ୍ଥାନ: ଜଗନ୍ନାଥ ମନ୍ଦିର ପରିସର, ମଧୁବନ, ପାରାଦୀପ, ସମୟ: ପୂର୍ବାହ୍ନ ୧୦ଟା।
- ଜଗନ୍ନାଥ ଲଳିତ କଳା ସଂସଦ ପକ୍ଷରୁ ଚାଲିଥିବା ମହିଳା ସାଂସ୍କୃତିକ କାର୍ଯ୍ୟକ୍ରମର ଉଦ୍‌ଯାପନୀ କାର୍ଯ୍ୟକ୍ରମ, ସ୍ଥାନ: ଜୟଦେବ ଭବନ, ବଡ଼ପଡ଼ିଆ, ପାରାଦୀପ, ସମୟ: ସନ୍ଧ୍ୟା ୬ଟା।

**କେନ୍ଦ୍ରାପଡ଼ା**
- ବିଶ୍ୱଶାନ୍ତି ମହାଯଜ୍ଞ, ସ୍ଥାନ:ବଡମଙ୍ଗ, ଆଳି, ସମୟ:ସନ୍ଧ୍ୟା: ୬ଟା।

**ଯାଜପୁର**
- ଜିଲା କ୍ରୀଡା ବିଭାଗ ପକ୍ଷରୁ ରାଜ୍ୟସ୍ତରୀୟ ବାସ୍କେଟ ବଲ ପ୍ରତିଯୋଗିତା ଉଦ୍‌ଘାଟନୀ ଉତ୍ସବ, ସ୍ଥାନ: ଯାଜପୁର ଇଣ୍ଡୋର ଷ୍ଟାଡିୟମ, ସମୟ: ସନ୍ଧ୍ୟା ୬ଟା।
- ଭୂବନ ମେଳଣ, ସ୍ଥାନ: ଧର୍ମଶାଳା ବ୍ଲକ୍ ଅଧୀନ ଭୁବନେଶ୍ୱରୀ ହାଇସ୍କୁଲ ଖେଳପଡ଼ିଆ, ସମୟ: ରାତ୍ର ୧୦ଟା।

**ନୟାଗଡ଼**
- ନୀଳମାଧବଙ୍କ ଚନ୍ଦନ ଲାଗି ବେଶର ଦଶମ ଦିବସ, ସ୍ଥାନ: କଣ୍ଟିଲୋ ନୀଳମାଧବ ମନ୍ଦିର, ସମୟ: ପ୍ରାତଃ ୫ଟା।
- ୨୮ ତମ ରାଜ୍ୟସ୍ତରୀୟ ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟର ୨ ୟ ସେମି ଫାଇନାଲରେ ବିଶ୍ୱଜିତ କ୍ଲବ ଭୁବନେଶ୍ୱର ବନାମ ୟୁଥ୍ ଷ୍ଟେଟସ୍ କ୍ଲବ ବାଇଗୁଣିଆ, ସ୍ଥାନ: ଭାପୁର ବ୍ଲକ ବାଇଗୁଣିଆ ହାଇସ୍କୁଲ ଖେଳ ପଡିଆ, ସମୟ: ଅପରାହ୍ନ ୩ଟା ୩୦।
- ବ୍ଲକସ୍ତରୀୟ କ୍ରୀଡା ସମାରୋହ ୪ର୍ଥ ଦିବସ, ସ୍ଥାନ:ଖଣ୍ଡପଡା ଭଲିବଲ ଗ୍ରାଉଣ୍ଡର ବାଇପାସ୍ ନିକଟରେ, ସମୟ: ଅପରାହ୍ନ ୩ଟା ୩୦।
- ପଞ୍ଚୁଦୋଳ ଯାତ୍ରା ମହୋତ୍ସବର ଉଦ୍‌ଯାପନ ଦିବସ, ସ୍ଥାନ:ଖଣ୍ଡପଡା ବ୍ଲକ ବନମାଳିପୁର ସୋମନାଥ ମନ୍ଦିର ପଞ୍ଚୁଦୋଳ ପଡିଆ, ସମୟ:ସନ୍ଧ୍ୟା ୭ଟା।

**ରାୟଗଡ଼ା**
- ଜିଲାସ୍ତରୀୟ ସୂଚନା ଅଧିକାର ଅଧିନିୟମ ୨୦୦୫ ସଚେତନତା କର୍ମଶାଳା, ସ୍ଥାନ: ଜିଲା ସଂସ୍କୃତି ଭବନ, ରାୟଗଡ଼ା, ସମୟ: ପୂର୍ବାହ୍ନ ୧୦ଟା।

**ନବରଙ୍ଗପୁର**
- ପ୍ରଧାନମନ୍ତ୍ରୀ କିଶାନ ସମ୍ମାନ ନିଧି ଯୋଜନା କାର୍ଯ୍ୟକ୍ରମ, ସ୍ଥାନ: ନବରଙ୍ଗପୁର ମିଶନ ଶକ୍ତି ସମ୍ମିଳନୀ କକ୍ଷ, ସମୟ: ଅପରାହ୍ନ ୫ଟା।

**କୋରାପୁଟ**
- ଜିଲାସ୍ତରୀୟ ଗ୍ରୀଷ୍ମ ପରିଚାଳନା ନେଇ ପ୍ରସ୍ତୁତି ବୈଠକ, ସ୍ଥାନ: ସଦ୍‌ଭାବନା ସଭାଗୃହ, କୋରାପୁଟ, ସମୟ: ଅପରାହ୍ନ ୩ଟା।

**ସମ୍ବଲପୁର**
- ୨୪ ପ୍ରହର ଅଖଣ୍ଡ ନାମଯଜ୍ଞର ଶୁଭାରମ୍ଭ, ସ୍ଥାନ : ଶ୍ରୀରାମ ବାଟିକା, ସମୟ : ସକାଳ ୮ଟା।
- ୬୯ତମ ସର୍ବଭାରତୀୟ ରେଳବାଇ ଟି-୨୦ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ, ସ୍ଥାନ: ରେଳବାଇ ଷ୍ଟାଡିୟମ, ସମୟ : ସକାଳ ୯ଟା।
- ୬୯ତମ ସର୍ବଭାରତୀୟ ରେଳବାଇ ଟି-୨୦ କ୍ରିକେଟ୍ ଟୁନାମେଣ୍ଟ, ସ୍ଥାନ : ବୀର ସୁରେନ୍ଦ୍ର ସାଏ ଷ୍ଟାଡିୟମ, ସମୟ : ସକାଳ ୯ଟା।
- ଟିପିଡବ୍ଲ୍ୟୁଓଡିଏଲ ପକ୍ଷରୁ ଗ୍ରୀଷ୍ମକାଳୀନ ପ୍ରସ୍ତୁତି ବୈଠକ, ସ୍ଥାନ: ଅଇଁଠାପାଲି ନିକଟସ୍ଥ କମ୍ପାନୀର ବ୍ୟବସାୟିକ କାର୍ଯ୍ୟାଳୟ ସ୍ଥିତ ସଭାଗୃହ, ସମୟ: ପୂର୍ବାହ୍ନ ୧୧ଟା।
- ଜିଲା ପ୍ରଶାସନ ପକ୍ଷରୁ ପିଏମ କିଶାନ ଉତ୍ସବ, ସ୍ଥାନ : ଜିଲା ପରିଷଦ ପ୍ରେକ୍ଷାଳୟ, ସମୟ : ଅପରାହ୍ନ ୪ଟା।
- ରାଜ୍ୟସ୍ତରୀୟ ନାଟକ ମହୋତ୍ସବ ରଙ୍ଗ ସଙ୍ଗମର ଉଦ୍‌ଯାପନୀ ଉତ୍ସବ ଏବଂ ଭୁବନେଶ୍ୱର ଆରୋହଣ ନାଟ୍ୟାନୁଷ୍ଠାନ କଳାକାରଙ୍କ ଅନୋମାର କନ୍ୟା ନାଟକ ମଞ୍ଚନ, ସ୍ଥାନ : ତପସ୍ୱିନୀ ପ୍ରେକ୍ଷାଳୟ, ସମୟ : ସନ୍ଧ୍ୟା ୬ଟା ୧୫।

**ବଲାଙ୍ଗୀର**
- ସ୍ପୋର୍ଟସ୍ ହଷ୍ଟେଲ ପକ୍ଷରୁ ଫୁଟବଲ ପ୍ରଶିକ୍ଷଣ, ସ୍ଥାନ: ଆରଏନ୍ ସିଂଦେଓ ସ୍ପୋର୍ଟସ୍ କମ୍ପ୍ଲେକ୍ସ, ବଲାଙ୍ଗୀର, ସମୟ: ସକାଳ ୬ଟା ୩୦।

**ରାଉରକେଲା**
- ସଫେଇ କାର୍ଯ୍ୟକ୍ରମ, ସ୍ଥାନ: ଛେଣ୍ଡ ପାର୍କ, ସମୟ: ପୂର୍ବାହ୍ନ ୧୦ଟା।
- ନାଟକ କର୍ମଶାଳା, ସ୍ଥାନ: ସେକ୍ଟର--୫ ଗୋଲଘର ବସ୍ତି, ସମୟ: ଅପରାହ୍ନ ୫ଟା।

**ସୁନ୍ଦରଗଡ଼**
- ସୁନ୍ଦରଗଡ ସରକାରୀ ସ୍ୱୟଂଶାସିତ ମହାବିଦ୍ୟାଳୟର ଭୂତତ୍ତ୍ୱ ବିଜ୍ଞାନ ବିଭାଗ ପକ୍ଷରୁ ଜାତୀୟ କର୍ମଶାଳା, ସ୍ଥାନ:ମହାବିଦ୍ୟାଳୟ ପରିସର,ସମୟ: ପୂର୍ବାହ୍ନ ୧୦ଟା।
- ପିଏମ କିସାନ ଉତ୍ସବ ଦିବସ ଏବଂ ୨୨ତମ ପିଏମ କିସାନ କିସ୍ତି ପ୍ରଦାନ କାର୍ଯ୍ୟକ୍ରମର ସିଧାପ୍ରସାରଣ,ସ୍ଥାନ:କିରେଇ କୃଷି ବିଜ୍ଞାନ କେନ୍ଦ୍ର, ସୁନ୍ଦରଗଡ,ସମୟ:ଅପରାହ୍ନ ୫ଟା।

**ବରଗଡ଼**
- ଚକ୍ଷୁ ଚିକିତ୍ସା ଶିବିର, ସ୍ଥାନ:ଭୁକ୍ତା ପଞ୍ଚାୟତ କାର୍ଯ୍ୟାଳୟ, ଅମ୍ବାଭୋନା,ସମୟ:ପୂର୍ବାହ୍ନ ୧୦ଟା।
- ବିଜେଡିର ଜୋନାଲସ୍ତରୀୟ ବୈଠକ, ସ୍ଥାନ: ବରପଦର, ଭେଡେନ, ସମୟ: ପୂର୍ବାହ୍ନ ୧୦ଟା।
- ରନ୍ଧନ ଗ୍ୟାସ ଦରବୃଦ୍ଧି ଦାବିରେ କଂଗ୍ରେସର ବିକ୍ଷୋଭ, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ, ବରଗଡ଼, ସମୟ:ପୂର୍ବାହ୍ନ ୧୦ଟା।

**କଳାହାଣ୍ଡି**
- ପିଏମ୍ କିଷାନ ୨୨ତମ କିସ୍ତି ପ୍ରଦାନ ଉତ୍ସବ, ସ୍ଥାନ: ଭବାନୀପାଟଣାସ୍ଥିତ ଜିଲାପାଳଙ୍କ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୦ଟା।
- ଗ୍ୟାସ୍ ଦରଦାମ ଓ ଅଭାବୀ ବିକ୍ରି ପ୍ରତିବାଦରେ କଂଗ୍ରେସର ଜିଲାପାଳଙ୍କୁ ଦାବିପତ୍ର, ସ୍ଥାନ: ଭବାନୀପାଟଣାସ୍ଥିତ ଜିଲାପାଳଙ୍କ ଅଫିସ, ସମୟ: ପୂର୍ବାହ୍ନ ୧୦ଟା।
- ଷୋହଳପ୍ରହର ନାମଯଜ୍ଞ ନାମ ଆରମ୍ଭ, ସ୍ଥାନ: କେସିଙ୍ଗା ବ୍ଲକ ବାଲ୍‌ସି (ବୁଡିପଦର) ପ୍ରହରୀ ମଣ୍ଡପ, ସମୟ: ସକାଳ ୮ଟା ୨୧।

**ବୌଦ୍ଧ**
- ବ୍ଲକସ୍ତରୀୟ ଆଇନ ସଚେତନତା କାର୍ଯ୍ୟକ୍ରମ, ସ୍ଥାନ: ସମନ୍ୱିତ ଶିଶୁ ବିକାଶ କାର୍ଯ୍ୟାଳୟ, ହରଭଙ୍ଗା (ଚାରିଛକ), ସମୟ: ପୂର୍ବାହ୍ନ ୧୦ଟା।
- ଜିଲାସ୍ତରୀୟ ପିଏମ୍ କିଷାନ ସହାୟତା ବଣ୍ଟନ କାର୍ଯ୍ୟକ୍ରମ,ସ୍ଥାନ: ବୌଦ୍ଧ ଟାଉନ ହଲ, ସମୟ: ଅପରାହ୍ନ ୫ଟା।

**ଦେବଗଡ଼**
- ସାଇବର କ୍ରାଇମର ତଦନ୍ତ ଓ ଡିଜିଟାଲ ଫୋରେନସିକ ସମ୍ପର୍କିତ ତିନିଦିନିଆ କାର୍ଯ୍ୟ ଦକ୍ଷତା ତାଲିମ କାର୍ଯ୍ୟକ୍ରମ, ସ୍ଥାନ : ଜିଲା ପରିଷଦ ସମ୍ମିଳନୀ କକ୍ଷ, ସମୟ : ପୂର୍ବାହ୍ନ ୧୧ଟା।
- ପ୍ରଧାନମନ୍ତ୍ରୀ କିଷାନ ଦିବସ, ସ୍ଥାନ: ଦେବଗଡ଼ ସିଡିଏଓ ସମ୍ମିଳନୀ କକ୍ଷ, ସମୟ : ସନ୍ଧ୍ୟା ୫ଟା।
- ମା' କନକଦୁର୍ଗାଙ୍କ ସନ୍ଧ୍ୟା ଆଳତୀ, ସ୍ଥାନ :ଦେବଗଡ ମଠସାହିସ୍ଥିତ କନକଦୁର୍ଗା ମନ୍ଦିର, ସମୟ : ସନ୍ଧ୍ୟା ୭ଟା।

**ସୁବର୍ଣ୍ଣପୁର**
- ତରଭା ଏନ୍‌ଏସି ପକ୍ଷରୁ ଅନ୍ତର୍ଜାତୀୟ ମହିଳା ଦିବସ ପାଳନ, ସ୍ଥାନ: ତରଭା ଏନ୍‌ଏସି ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୧ଟା।
- ତରଭାରେ ବଡଖାନା କାର୍ଯ୍ୟକ୍ରମ, ସ୍ଥାନ: ଏନ୍‌ଏସି କାର୍ଯ୍ୟାଳୟ ପରିସର, ସମୟ: ଅପରାହ୍ନ ୧ଟା ୩୦।
- ବୀରମହାରାଜପୁର ଟିଁପିପାଲି ମନ୍ଦିର ପ୍ରତିଷ୍ଠା ଅବସରରେ ଜଳନ୍ଧର ଦରବାରର ଦ୍ୱିତୀୟ ସନ୍ଧ୍ୟା, ସ୍ଥାନ: ଟିଁପିପାଲି ମଠ ପଡ଼ିଆ, ସମୟ : ସନ୍ଧ୍ୟା ୭ଟା।

**ନୂଆପଡ଼ା**
- ଜିଲା ମୁଖ୍ୟ ଚିକିତ୍ସାଳୟ ପକ୍ଷରୁ ପୁରସ୍କାର ବିତରଣୀ ଉତ୍ସବ, ସ୍ଥାନ: ବହୁମୁଖୀ ହଲ ପରସାଗୁଡ଼ା ନୂଆପଡ଼ା, ସମୟ: ପୂର୍ବାହ୍ନ ୧୦ଟା ୩୦।
- ସୁଭଦ୍ରା ଶକ୍ତି ମେଳା ଚତୁର୍ଥ ଦିବସ, ସ୍ଥାନ: ନ୍ୟାଶନାଲ କଲେଜ ପଡିଆ ନୂଆପଡ଼ା, ସମୟ: ସନ୍ଧ୍ୟା ୬ଟା।
- ଷୋହଳପ୍ରହର ନାମଯଜ୍ଞ ପୂର୍ଣ୍ଣାହୁତି, ସ୍ଥାନ: କୋମନା ବ୍ଲକ କ୍ରିଷ୍ଣା ଗାଁ, ସମୟ: ସକାଳ ୮ଟା ୧୫।

**ଝାରସୁଗୁଡ଼ା**
- ୨୪ ପ୍ରହର ନାମଯଜ୍ଞ, ସ୍ଥାନ: ରାଧାମାଧବ ମନ୍ଦିର, ବେହେରାମାଲ, ସମୟ: ସକାଳ ୮ଟା।
- ୨୪ ପ୍ରହର ନାମଯଜ୍ଞ, ସ୍ଥାନ: ହରେକୃଷ୍ଣପୁର ନାମ ମଣ୍ଡପ, ସମୟ: ସକାଳ ୮ ଟା।
- ପାନୀୟ ଜଳ ଓ ସ୍ୱଚ୍ଛତା ଉପରେ ଜିଲାପାଳଙ୍କ ବୈଠକ, ସ୍ଥାନ: ଡିଏମ୍‌ଏଫ ବୈଠକ ହଲ, ଝାରସୁଗୁଡ଼ା, ସମୟ: ଅପରାହ୍ନ ୩ଟା୩୦।
- ପିଏମ୍‌ଶ୍ରୀ ସ୍କୁଲ ସୁପରିଚାଳନା ନେଇ ଜିଲାପାଳଙ୍କ ବୈଠକ, ସ୍ଥାନ: ଡିଏମ୍‌ଏଫ ହଲ, ସମୟ: ୪ଟା୩୦।
- ପିଏମ କିଷାନ ଉତ୍ସବ ଦିବସ ପାଳନ, ସ୍ଥାନ: ଜିଲା କୃଷି ଅଧିକାରୀଙ୍କ ସମ୍ମିଳନୀ କକ୍ଷ, ସମୟ: ଅପରାହ୍ନ ୫ଟା।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** – କର୍ମକ୍ଷେତ୍ରରେ ପରୋକ୍ଷ ଶତ୍ରୁତା, ଅବହେଳାରୁ କାର୍ଯ୍ୟହାନି ଏବଂ ସମ୍ପର୍କ ସ୍ଥାପନରେ ପ୍ରତିବନ୍ଧକ, ପାରିବାରିକ ଜୀବନରେ ଉତ୍‌ଥାନ ପତନ ଲାଗି ରହିଲେ ମଧ୍ୟ କିଛି ଗୁରୁତର ହେବନାହିଁ। ବାଣିଜ୍ୟ, ମନୋରଞ୍ଜନ, କ୍ରୀଡ଼ା ତଥା ପ୍ରତିଯୋଗିତା କ୍ଷେତ୍ରରେ ସମ୍ମାନର ସହ ସଫଳତା ହାସଲ କରିପାରନ୍ତି।

**ବୃଷ** – ସହକର୍ମୀଙ୍କ ଉପରେ ନିର୍ଭର କରି କୌଣସି କାମ ସହଜରେ କରିପାରିବେ ନାହିଁ। ନୂତନ ଦୀର୍ଘମିଆଦୀ ଯୋଜନା ସକାଶେ ପୁଞ୍ଜିଲଗାଣ ଚିନ୍ତା କରିପାରନ୍ତି। ପରିବାରରେ ସନ୍ତାନଙ୍କ ସ୍ୱାସ୍ଥ୍ୟହାନି ଓ ବିଶୃଙ୍ଖଳିତ ସ୍ୱଭାବ ଯୋଗୁ ବିଚଳିତ ହେବେ। କର୍ମକ୍ଷେତ୍ରରେ କାମର ଥିବା ଚାପଜନିତ ମାନସିକ ଦ୍ୱନ୍ଦ୍ୱର ଅବସାନ ଘଟିବ।

**ମିଥୁନ** – ରହିଥିବା ସମସ୍ୟା ଓ ଦୁଶ୍ଚିନ୍ତା ଦୂର ହୋଇଯିବାର ସମ୍ଭାବନା ରହିଛି। ଯାନ ବାହନ, ମୂଲ୍ୟବାନ ଜିନିଷ, ଘରୋଇ ଉପକରଣ, ନୂତନ ପୋଷାକ କିଣିବାକୁ ମନବଳାଇବେ। ସନ୍ତାନଙ୍କ ସଫଳତାଜନିତ ଖୁସିବ୍ୟକ୍ତ କରିପାରନ୍ତି। ସଭାସମିତିର ଆଲୋଚନା ପରିସରରେ କୌଣସି ମନ୍ତବ୍ୟ ଦେଇ ବିବାଦୀୟ ହୋଇପଡ଼ିବେ।

**କର୍କଟ** – କର୍ମକ୍ଷେତ୍ରରେ ସ୍ଥଗିତ କାମକୁ ସମ୍ପୂର୍ଣ୍ଣ କରିପାରିବେ। ଶିଳ୍ପ, ବ୍ୟବସାୟିକ ସ୍ଥିତି, ପରିବହନ, ଶେୟାରବଜାର, ନିର୍ମାଣ, ଜମିଜମା ପ୍ରଭୃତିରୁ ସୁଫଳ ପାଇବେ। ଆଜି ଅଫିସରୁ ଫେରିବା ବାଟରେ ଯାନବାହନରେ ତ୍ରୁଟି ହେତୁ ହଇରାଣ ହୋଇପାରନ୍ତି। ବାରମ୍ବାର ଲାଗିରହୁଥିବା ସ୍ୱାସ୍ଥ୍ୟ ସମସ୍ୟାକୁ ଅବହେଳା କରି ଅନୁତାପ କରିପାରନ୍ତି।

**ସିଂହ** – ହାତକୁ ନେଇଥିବା କାମ ସମସ୍ୟା ବହୁଳ ହୋଇପଡୁଥିବାରୁ ମନରୁ ସରସତା ଉଭେଇଯିବ। ପାଇବାର ହକ୍ ରହିଥିଲେ ସୁଦ୍ଧା ଅନ୍ୟମାନଙ୍କ ଅବହେଳାରୁ ତାହା ନ ପାଇ ବ୍ୟସ୍ତତା ପ୍ରକାଶ କରିବେ। ବ୍ୟବସାୟ ଆଗକୁ ବଢ଼ାଇବା ପ୍ରୟାସ ସଫଳ ହେବ। ପିଲାଙ୍କ କାର୍ଯ୍ୟକଳାପକୁ ନାପସନ୍ଦ କଲେ ହେଁ କିଛି କରିପାରିବେ ନାହିଁ।

**କନ୍ୟା** – କର୍ମକ୍ଷେତ୍ରରେ ନିଜ ଲୋକଙ୍କ ସହାୟତାରେ ପରିସ୍ଥିତିକୁ ସୁଧାରି ନେବେ। ଆର୍ଥିକ ଦିଗରୁ କିଛି ଅସୁବିଧା ନ ହେଲେ ମଧ୍ୟ ଖର୍ଚ୍ଚ ପରିମାଣ ବୃଦ୍ଧି ପାଇବ। ଛୋଟ ଦୋକାନ, ଢାବା, ପ୍ରକାଶନ, ଆଇନ ଅଦାଲତ କ୍ଷେତ୍ରରୁ ଆଶାନୁରୂପ ଫଳ ପାଇବେ। ଆତ୍ମୀୟଙ୍କ ସହୃଦୟତାରୁ, ପଦସ୍ଥ ବ୍ୟକ୍ତିଙ୍କ ପୃଷ୍ଠପୋଷକତାରୁ କାର୍ଯ୍ୟରେ ସଫଳତା ମିଳିପାରିବ।

**ତୁଳା** – ସକାଳୁ ବନ୍ଧୁଙ୍କ ସହ ଅର୍ଥ ସମ୍ପର୍କକୁ କେନ୍ଦ୍ର କରି ତର୍କର ସମ୍ମୁଖୀନ ହେବେ। ପିଲାଙ୍କ ସ୍ୱାସ୍ଥ୍ୟହାନି, ବନ୍ଧୁଙ୍କ ଅଭିଯୋଗ, ଉଚ୍ଚ କର୍ତ୍ତୃପକ୍ଷଙ୍କ ଚାପ ଓ ପାରିବାରିକ ଅସହଯୋଗରୁ ଚିନ୍ତିତ ହେବେ। ସାଙ୍ଗସାଥୀଙ୍କ ସହ ଆଜିର ଭ୍ରମଣ ଉପଭୋଗ୍ୟ ହେବ। ପାରିବାରିକ ସମସ୍ୟା ସମାଧାନ ପାଇଁ ବିଭିନ୍ନ ପ୍ରକାରର କୌଶଳ ପ୍ରୟୋଗ କରିପାରନ୍ତି।

**ବିଛା** – କର୍ମକ୍ଷେତ୍ରରେ ଯେଉଁ ଘଟଣା ସକାଶେ ଆଶଙ୍କା କରୁଛନ୍ତି ସେଥିରେ ଅସୁବିଧା ହେବ ନାହିଁ। ବନ୍ଧୁ ଦେଇଥିବା ଅର୍ଥସାହାଯ୍ୟର ପ୍ରତିଶ୍ରୁତିକୁ ବିଶ୍ୱାସକରି ହରଡ଼ଘଣାରେ ପଡ଼ିପାରନ୍ତି। ଗୃହସୀମାକୁ କେନ୍ଦ୍ର କରି ବିତର୍କର ସମ୍ମୁଖୀନ ହେବେ। ବ୍ୟବସାୟ, ପରିବହନ, ସଭାସମିତି, ବନ୍ଧୁ ସମ୍ପର୍କ ସ୍ଥାପନ କ୍ଷେତ୍ରରେ ଆଶାଜନକ ଫଳ ପାଇବେ।

**ଧନୁ** – ଯେକୌଣସି କାମରେ ପରିବାର ସଦସ୍ୟଙ୍କ ଉପରେ ବିରକ୍ତି ପ୍ରକାଶ କରିବା ଠିକ୍ ହେବନାହିଁ। କିଛି ଭୁଲ୍ ନ କରି ଦୋଷୀଭଳି ନୀରବ ରହିବାକୁ ବାଧ ହେବେ। କେତେକ ନୂତନ କାମର ଯୋଜନା ଓ ପରିକଳ୍ପନା କରି କାମକୁ ବଢ଼ାଇ ନେଇପାରନ୍ତି। ସାହାଯ୍ୟ ସକାଶେ ଅନୁରୋଧ କରିଥିବା ବ୍ୟକ୍ତିଙ୍କ କାର୍ଯ୍ୟରେ ନିଜକୁ ନିୟୋଜିତ କରିପାରନ୍ତି।

**ମକର** – ସହକର୍ମୀଙ୍କ ସୌହାର୍ଦ୍ଦ୍ୟରୁ କାମ ସୁବିଧାରେ ସମ୍ପନ୍ନ ହୋଇଯିବ। ବନ୍ଧୁ ସମ୍ପର୍କ ସ୍ଥାପନ କରିବା କ୍ଷେତ୍ରରେ ନିର୍ଦ୍ଧାରିତ ସମୟ ଅତିକ୍ରାନ୍ତ ଜନିତ ଦ୍ୱନ୍ଦ୍ୱରେ ପଡ଼ିପାରନ୍ତି। ଛୋଟ କଥାଟିକୁ ବଡ଼ ଆକାରରେ ଚିନ୍ତା କରି ମାନସିକ ସ୍ଥିତି ବିଗିଡ଼ି ଯାଇପାରେ। ସମୟାନ୍ତରେ ଟେନସନ୍ କିଛି ମାତ୍ରାରେ କମିଯିବ, ଯାତ୍ରା ଓ ଆନୁଷ୍ଠାନିକ କାମରୁ ଖୁସି ରହିବେ।

**କୁମ୍ଭ** – ବନ୍ଧୁଙ୍କ ଉପରେ ବୃଥା ସନ୍ଦେହ କରି ପାଇବାକୁଥିବା ସୁବିଧା ସୁଯୋଗକୁ ହରାଇବେ। ପାରିବାରିକ ଶାନ୍ତି ଓ ସୁସ୍ଥତା ସାମାନ୍ୟ ବ୍ୟତିକ୍ରମ ଭିତର ଦେଇ ରହିବ। ପିଲାଙ୍କ ରୁଗ୍ଣ ସ୍ୱାସ୍ଥ୍ୟ ଓ ନିମ୍ନ ମାନର ଶିକ୍ଷାକୁ ନେଇ ମାନସିକ ଦୁଶ୍ଚିନ୍ତା ବୃଦ୍ଧି ପାଇବ। ଅପେକ୍ଷା କରିବାକୁ କହିଥିବା ବ୍ୟକ୍ତିର ଫେରିବା ବିଳମ୍ବତାକୁ ଲକ୍ଷ୍ୟକରି ବ୍ୟସ୍ତ ହୋଇପାରନ୍ତି।

**ମୀନ** – ଆଜିର ଆନୁଷ୍ଠାନିକ କାମରେ ବୁଦ୍ଧିଜୀବୀଙ୍କ ଗହଣରେ ପଦମର୍ଯ୍ୟାଦା ବୃଦ୍ଧି ପାଇବ। ଭୁଲ୍ ବୁଝାମଣାରୁ ଘର ଭିତରେ ଛୋଟ କଥାକୁ କେନ୍ଦ୍ର କରି କଳହ ସୃଷ୍ଟିର ଆଶଙ୍କା ରହିଛି। ଶତ୍ରୁତା କରୁଥିବା ପଡ଼ୋଶୀ କ୍ରୋଧ ପ୍ରକାଶ କରିପାରନ୍ତି। ଋଣ ପରିଶୋଧ କରିବା ସକାଶେ କରଜଦାତାଙ୍କ ପ୍ରବଳ ଚାପର ସମ୍ମୁଖୀନ ହୋଇପାରନ୍ତି।

ଆଜି ମାର୍ଚ୍ଚ ୧୩ ତାରିଖ, ମୀନ ସଂକ୍ରାନ୍ତି, ଚୈତ୍ର କୃଷ୍ଣ ଦଶମୀ ଶୁକ୍ରବାର। ରାଶିନକ୍ଷତ୍ର-ଉତ୍ତରାଷାଢ଼ା/ଧନୁ, ଦଶମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ଦିବା ୦୬।୦୦ ଗତେ ଘ.୦୬।୪୭ମି. ମଧ୍ୟେ, ଘ.୦୭।୩୫ମି. ଗତେ ଘ.୦୮।୫୮ମି. ମଧ୍ୟେ ଶୁଦ୍ଧ ଶୁଭ ବେଳା। ଦିବା ଘ.୧୦।୨୭ମି. ଗତେ ଘ.୧୧।୫୬ମି. ମଧ୍ୟେ ରାହୁ କାଳ।

# ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଆରେ ଆରତ**
**ଗାଈ ଦୁହୁଁ ଦୁହୁଁ ମାଇଲା ନାତ ।**

ଗାଈ ଦୁହିଁ ଜାଣି ନ ଥିବା ବ୍ୟକ୍ତି ଗାଈ ଦୁହିଁବସିଲେ ପ୍ରଥମେ ପ୍ରଥମେ ନାତ ଖାଇଥାଏ। ପରୋକ୍ଷରେ କିଛି ବ୍ୟକ୍ତି ଅତ୍ୟନ୍ତ ଅଯୋଗ୍ୟ ଅପଦାର୍ଥ ହୋଇଥାନ୍ତି। ତାଙ୍କ ହାତରେ ଖଡା ବି ସିଝି ନ ଥାଏ। ଯେଉଁ କାମରେ ହାତ ଦିଅନ୍ତି ସେଥିରେ ଅସଫଳ ହେବା ସ୍ଥିର ନିଶ୍ଚିତ ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ଆଙ୍କା ଆଙ୍କା ମାଳ ମାଳ**
**ଦେବା ନେବା ବାଘର ବାଳ ।**

କେତେ ବ୍ୟକ୍ତିଙ୍କ କଥା ଓ କାର୍ଯ୍ୟରେ କିଛି ସାମଞ୍ଜସ୍ୟ ରହି ନ ଥାଏ। ଯେଉଁଭଳି ଭାବେ କଥା କହିଥାନ୍ତି, କାର୍ଯ୍ୟରେ ତାହାକୁ ରୂପାନ୍ତରିତ କରି ନ ଥାନ୍ତି। ଆଙ୍କା ଆଙ୍କା କହି ବା କରି କିଛି ନ ଦେଇ ଭଣ୍ଡାଉଥିବା ବ୍ୟକ୍ତିଙ୍କ ପ୍ରତି ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ – ଫ୍ରେଣ୍ଡସ ପବ୍ଲିଶର୍ସ



ଗୁରୁବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

## ଗୃହରେ ଗ୍ୟାସ୍...

ଚାଲିଆସି ପ୍ରବଳ ହଟ୍ଟଗୋଳ କରିଥିଲେ। ବର୍ଦ୍ଧିତ ଗ୍ୟାସ୍‌ଦର ବନ୍ଦ କରିବା ଆମର ଦାବି, ଡବଲ ଇଞ୍ଜିନର ଡବଲ ଧମାକା ଭଳି ବିଭିନ୍ନ ସ୍ଲୋଗାନ୍‌ମାନ ଦେଇ ଗୃହରେ ଅସ୍ୱାଭାବିକ ସ୍ଥିତି ସୃଷ୍ଟି କରିଥିଲେ। ସେହିପରି ବିଜେଡି ସଦସ୍ୟମାନେ ନିଜ ଆସନରେ ଛିଡ଼ାହୋଇ ପ୍ରତିବାଦକୁ ସମର୍ଥନ ଜଣାଇ ପ୍ରଶ୍ନକାଳରେ ଭାଗନେଇ ନ ଥିଲେ। ହଟ୍ଟଗୋଳ ଏତେ ତୀବ୍ର ଥିଲା ଯେ ବାଚସ୍ପତି ପ୍ରଶ୍ନକାଳକୁ ବାତିଲ କରି ପ୍ରଥମେ ୧୦ଟା ୪୦ରୁ ୧୧ଟା ୩୦ ଯାଏ ଗୃହକୁ ମୁଲତବୀ ରଖିଥିଲେ।

ଶୂନ୍ୟକାଳ ଆରମ୍ଭହେବା ମାତ୍ରେ କଂଗ୍ରେସ ସଦସ୍ୟମାନେ ପୁନର୍ବାର ଗୃହ ମଧ୍ୟକୁ ଆସି ହାତରେ ପ୍ଲାକାର୍ଡ ଧରି ହଟ୍ଟଗୋଳ କରିଥିଲେ। ବାଚସ୍ପତି କଂଗ୍ରେସ ସଦସ୍ୟମାନଙ୍କୁ ନିଜ ନିଜ ଆସନକୁ ଯିବା ପାଇଁ ଅନୁରୋଧ କରିଥିଲେ। ବାଚସ୍ପତି କହିଥିଲେ, ପ୍ରଶ୍ନକାଳ ନଷ୍ଟ ହୋଇଗଲା। ଆପଣମାନେ ନିଜ କଥା ଶୂନ୍ୟକାଳରେ ରଖିବାର ସୁଯୋଗ ରହିଛି। ସୁଯୋଗର ସଦୁପଯୋଗ କରନ୍ତୁ। ନିଜ ଆସନକୁ ଫେରିଯାନ୍ତୁ। ହେଲେ କଂଗ୍ରେସ ସଦସ୍ୟମାନେ କର୍ଣ୍ଣପାତ କରି ନ ଥିଲେ। ଅନୁରୂପ ଭାବେ ବିଜେଡି ସଦସ୍ୟମାନେ ନିଜ ଆସନରେ ଛିଡ଼ାହୋଇ ରହିଥିଲେ। ଏହି ସମୟରେ ଶାସକ ଦଳ ସଦସ୍ୟ ଇରାଶିଷ୍ ଆଚାର୍ଯ୍ୟ କହିଥିଲେ, ଶୂନ୍ୟକାଳରେ ରାଜ୍ୟ ଓ ଜାତୀୟ ପ୍ରସଙ୍ଗ ଆଲୋଚନା ହୋଇପାରିବ। ମାତ୍ର କଂଗ୍ରେସ ସଦସ୍ୟ ଜାଣିଶୁଣି ଗୃହ ଚଳାଇ ଦେଉନାହାନ୍ତି। ଗୃହର ମୂଲ୍ୟବାନ ସମୟ ନଷ୍ଟ କରୁଛନ୍ତି। ଯଦି ସେମାନଙ୍କର କିଛି ଗୁରୁତ୍ୱପୂର୍ଣ୍ଣ ବିଷୟ ଆଲୋଚନା କରିବାକୁ ଚାହୁଁଛନ୍ତି ତେବେ ଶୂନ୍ୟକାଳରେ ଆଲୋଚନା କରିପାରିବେ। ହେଲେ ଗୃହରେ ହଟ୍ଟଗୋଳ କରି ବନ୍ଦ କରିବା ନିନ୍ଦନୀୟ ଓ ଦୁଃଖଦାୟକ। ଲୋକଙ୍କ ଅର୍ଥରେ ଗୃହ ଚାଲିଛି। କାହା ସ୍ୱାର୍ଥରେ କଂଗ୍ରେସ ଏଭଳି ପ୍ରତିବାଦ କରୁଛି ଓ ବିଜେଡି ଛିଡ଼ାହୋଇ ଏହାକୁ ସମର୍ଥନ କରୁଛି ତାହା ବୁଝାପଡୁନାହିଁ।

ସେ ପୁଣି କହିଥିଲେ, ଏଲ୍‌ପିଜି ଦର ବୃଦ୍ଧି ପ୍ରସଙ୍ଗରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସ୍ପଷ୍ଟ କରିଛନ୍ତି ଯେ ଜନସାଧାରଣ ଏଥିପାଇଁ ଚିନ୍ତିତ ହୁଅନ୍ତୁ ନାହିଁ। ଲୋକଙ୍କ ସ୍ୱାର୍ଥକୁ ସର୍ବାଧିକ ଗୁରୁତ୍ୱ ଦିଆଯିବ। ଏଥିପାଇଁ ଲୋକେ ଭୟଭୀତ ହୁଅନ୍ତୁ ନାହିଁ। ଆଚାର୍ଯ୍ୟ କେତେକ ଛାପା ଗଣମାଧ୍ୟମ କପି ଦେଖାଇ ବିରୋଧୀଙ୍କୁ ପ୍ରଶମିତ କରିବାକୁ ଉଦ୍ୟମ କରିଥିଲେ। ସେ କହିଥିଲେ, ଏଆଇ ସମ୍ମିଳନୀ ସମୟରେ କଂଗ୍ରେସ ସଦସ୍ୟମାନେ ଯେଭଳି ଢଙ୍ଗରେ ଶାର୍ଟ ଖୋଲି ପ୍ରଦର୍ଶନ କଲେ ତାହା ଅତ୍ୟନ୍ତ ନିନ୍ଦନୀୟ। ଦିଲ୍ଲୀରେ ଯେଭଳି ସଂସଦକୁ ଅଚଳ କରାଯାଉଛି, ଠିକ୍ ସେହିପରି ଓଡ଼ିଶାରେ ବିଧାନସଭାକୁ ମଧ୍ୟ ବନ୍ଦ କରାଯାଉଛି। ବିରୋଧୀ ଲୋକଙ୍କୁ ଭୁଆଁ ବୁଲାଇବାକୁ ଚେଷ୍ଟା କରୁଛନ୍ତି ବୋଲି ଇରାଶିଷ୍ କହିଥିଲେ। ସେହିପରି ଭାଜପା ସଦସ୍ୟ ସନ୍ତୋଷ ଖଟୁଆ ବିଧାନସଭାକୁ ନେଇ ରାଜ୍ୟବାସୀ ବହୁ ଆଶା ରଖିଥିବା କହିଥିଲେ। ହେଲେ ବିରୋଧୀମାନେ ଗୃହ ଚଳାଇ ଦେଉନାହାନ୍ତି, ଯାହା ଅତ୍ୟନ୍ତ ନିନ୍ଦନୀୟ ବୋଲି ସେ କହିଥିଲେ। ତେବେ ବିରୋଧୀ ପ୍ରବଳ ହଟ୍ଟଗୋଳ ଜାରି ରଖିବାରୁ ବାଚସ୍ପତି ୧୧ଟା ୩୯ରୁ ୧୨ଟା ୧୦ ମିନିଟ୍ ଯାଏ ଗୃହକୁ ମୁଲତବୀ କରିଥିଲେ।

୧୨ଟା ୧୦ ମିନିଟ୍‌ରେ ବାଚସ୍ପତି ବିଜେଡି ପକ୍ଷରୁ ଆଗତ ମୁଲତବୀ ପ୍ରସ୍ତାବ ଉପରେ ସଦସ୍ୟମାନଙ୍କ ନାମ ପଢ଼ି ପଞ୍ଚାୟତିରାଜ ଓ ପାନୀୟଜଳ ମନ୍ତ୍ରୀ ରବିନାରାୟଣ ନାଏକଙ୍କୁ ଉତ୍ତର ରଖିବା ପାଇଁ ଡାକିଥିଲେ। ମନ୍ତ୍ରୀ ଉତ୍ତର ରଖୁଥିବାବେଳେ ବିରୋଧୀ କଂଗ୍ରେସ ସଦସ୍ୟମାନେ ପୁନର୍ବାର ହଟ୍ଟଗୋଳ କରିବାରୁ ବାଚସ୍ପତି ୧୨ଟା ୧୬ରୁ ଅପରାହ୍ନ ୪ଟା ପର୍ଯ୍ୟନ୍ତ ଗୃହକୁ ମୁଲତବୀ ଘୋଷଣା କରିଥିଲେ।

## ୧ମ ଓ ୩ୟ ପୃଷ୍ଠାର ଅବଶିଷ୍ଟାଂଶ

## ପାରିବାରିକ କଳହରୁ...

କୁକୁର ସଦଳବଳ ଘଟଣାସ୍ଥଳରେ ପହଞ୍ଚି ମୃତଦେହଗୁଡ଼ିକ ଜବତ କରିବା ସହ ଘଟଣାର ତଦନ୍ତ ଆରମ୍ଭ କରିଥିଲେ। ପୋଲିସ ହତ୍ୟାକାଣ୍ଡରେ ବ୍ୟବହୃତ ହାମର ଓ ଏକ ଟାଙ୍ଗିଆ ମଧ୍ୟ ଜବତ କରିଥିଲା। ଘଟଣାର ଗୁରୁତ୍ୱ ଦୃଷ୍ଟିରୁ ଦେବଗଡ଼ ଜିଲା ଆରକ୍ଷୀ ଅଧୀକ୍ଷକ ଅନିଲ କୁମାର ମିଶ୍ର ଓ ଏସ୍‌ଡିପିଓ ରମେଶ ମାହାନା ସେଠାରେ ପହଞ୍ଚି ତଦନ୍ତ ପ୍ରକ୍ରିୟାକୁ ତଦାରଖ କରିଥିଲେ। ପରେ ସାଇଣ୍ଟିଫିକ୍ ଟିମ୍ ସେଠାରେ ପହଞ୍ଚି ଘଟଣାର ତଦନ୍ତ କରିବାସହ ଆବଶ୍ୟକ ନମୁନା ସଂଗ୍ରହ କରିଛି। ଏହାପରେ ମୃତଦେହଗୁଡ଼ିକ ବ୍ୟବଚ୍ଛେଦ ନିମନ୍ତେ ନିକଟସ୍ଥ ଅନୁଗୋଳ ଜିଲାର ଛେଣ୍ଡିପଦା ଡାକ୍ତରଖାନାକୁ ପଠାଯାଇଥିଲା। ଅଭିଯୁକ୍ତଙ୍କୁ ଖୁବଶୀଘ୍ର ଗିରଫ କରାଯିବ ବୋଲି ଏସ୍‌ପି ମିଶ୍ର ପ୍ରକାଶ କରିଛନ୍ତି। ଧୀରେନଙ୍କ ଅଭିଯୋଗ ଆଧାରରେ କୁଣ୍ଢେଇଗୋଳା ଥାନାରେ ଏକ ହତ୍ୟା ମାମଲା (ନଂ.୮୮/୨୦୨୬) ରୁଜୁ ହୋଇଛି।

## ଯୁଦ୍ଧ ବନ୍ଦ ପାଇଁ...

ଇରାନ୍‌ର ସୂଚନା ଅନୁଯାୟୀ, ଗତ ୧୩ ଦିନ ମଧ୍ୟରେ ପ୍ରାୟ ୧,୩୪୮ ଜଣ ସାଧାରଣ ନାଗରିକ ପ୍ରାଣ ହରାଇଛନ୍ତି ଏବଂ ୧୭,୦୦୦ରୁ ଅଧିକ ଆହତ ହୋଇଛନ୍ତି। ଇସ୍ରାଏଲର ଆକ୍ରମଣରେ ଇରାନ୍‌ର ସର୍ବୋଚ୍ଚ ନେତା ଆୟାତୋଲ୍ଲା ଖାମେନେଇଙ୍କ ମୃତ୍ୟୁ ପରେ ତାଙ୍କ ପୁଅ ମୋଜତାବା ଖାମେନେଇଙ୍କୁ ନୂଆ ସର୍ବୋଚ୍ଚ ନେତା ଭାବେ ନିଯୁକ୍ତ କରାଯାଇଛି। ଆମେରିକା ଓ ଇସ୍ରାଏଲର ବାରମ୍ବାର ଚେତାବନୀ ଓ ଧମକକୁ ଇରାନ୍ ଖାତିର କରୁନାହିଁ। ବରଂ ଇସ୍ରାଏଲ ସମେତ ଉପସାଗରୀୟ ଅଞ୍ଚଳରେ ବିଭିନ୍ନ ଦେଶରେ ରହିଥିବା ଆମେରିକୀୟ ଠିକଣା ଉପରେ ଇରାନ୍ ଘନ ଘନ ଆକ୍ରମଣ କରିଚାଲିଛି। ଏହାମଧ୍ୟରେ ଇରାନ୍‌ୀୟ ବନ୍ଦର ଉପରେ ଆମେରିକା ଆକ୍ରମଣ କରିବାକୁ ଧମକ ଦେଇଥିଲା ବେଳେ ପାରସ୍ୟ ଉପସାଗରକୁ ଲାଗି ରହିଥିବା ସମସ୍ତ ଅର୍ଥନୈତିକ ଜୋନ୍ ଉପରେ ଆକ୍ରମଣ କରାଯିବ ବୋଲି ଇରାନ୍ ଧମକ ଦେଇଛି। ଏସବୁ ସ୍ଥାନରେ ଆକ୍ରମଣ କରିବାକୁ ଇରାନ୍‌ର ସାମର୍ଥ୍ୟ ରହିଛି ଏବଂ ଏଠାକାର ବିଭିନ୍ନ ବନ୍ଦରକୁ ଉଡାଇ ଦିଆଯିବ ବୋଲି ଇରାନ୍ ସେନାର ପ୍ରବକ୍ତା ଆବୋଲ ଫାଜି ଶେକ୍‌ରାଚି କହିଛନ୍ତି। ଶେକ୍‌ରାଚି ଏଭଳି ମନ୍ତବ୍ୟ ଦେବା ପରେ ରାଷ୍ଟ୍ରପତି ପେଜେସ୍କିଆନ ଯୁଦ୍ଧ ବନ୍ଦ ପାଇଁ ଉପରୋକ୍ତ ୩ ସର୍ତ୍ତ ଜାରି କରିଛନ୍ତି।

## ଏପ୍ରିଲ ୨ରେ ପ୍ରବେଶ..

୧୭ରୁ ୧୯ ତାରିଖ ମଧ୍ୟରେ ଶିଶୁବାଟିକାରେ ଯୋଗଦେବାକୁ ଥିବା ଶିଶୁଙ୍କ ପରିବାରକୁ ବଣ୍ଟନ କରାଯିବ। ଶିଶୁବାଟିକା ଓ ପ୍ରଥମ ଶ୍ରେଣୀକୁ ପ୍ରବେଶ କରୁଥିବା ଶିଶୁଙ୍କ ତାଲିକା ପ୍ରସ୍ତୁତି ସହ ନିମନ୍ତ୍ରଣପତ୍ର ବଣ୍ଟନ ପାଇଁ ନିର୍ଦ୍ଦେଶ ଦିଆଯାଇଛି। ଏନେଇ ପ୍ରତି ବ୍ଲକରେ ଜିଲା ପ୍ରଶାସନ ପକ୍ଷରୁ ଏପ୍ରିଲ ୨ରେ ଶିକ୍ଷା ସଚେତନତା ରଥ ବୁଲିବ। ଆସ ସ୍କୁଲଯିବା ୨.୦ ଅଭିଯାନ ଅନୁସାରେ ଡ୍ରପ୍‌ଆଉଟ୍ ଏବଂ ସ୍କୁଲ ଯାଉ ନ ଥିବା ଶିଶୁଙ୍କୁ ବିଦ୍ୟାଳୟକୁ ଅଣାଯିବ।

## ଆଇଏଏସ୍ ଅଫିସର...

୨୦୧୭ ବ୍ୟାଚ୍ ଆଇଏଏସ୍ ଅଫିସର ସୋମେଶ କୁମାର ଉପାଧ୍ୟାୟଙ୍କୁ ବୟନ ଏବଂ ହସ୍ତତନ୍ତ ବିଭାଗ ନିର୍ଦ୍ଦେଶକ ଭାବେ ନିଯୁକ୍ତି ମିଳିଛି। ୨୦୨୧ ବ୍ୟାଚ୍ ଆଇଏଏସ୍ ଅଫିସର ଥିବା ପ୍ରଥମେଶ ଅରବିନ୍ଦ ରାଜସିର୍କେଙ୍କୁ ମାଲକାନଗିରି ଜିଲାପାଳ ଭାବେ ନିଯୁକ୍ତି ଦିଆଯାଇଛି।୨୦୨୨ ବ୍ୟାଚ୍ ଆଇଏଏସ୍ ଅଫିସର ଆକବରମ୍ ସସ୍ୟା ରେଡ୍ଡିଙ୍କୁ ବ୍ରହ୍ମପୁର ମହାନଗର ନିଗମର ଆୟୁକ୍ତ ଭାବେ ନିଯୁକ୍ତି ମିଳିଛି। ଏହାସହ ତାଙ୍କୁ ବ୍ରହ୍ମପୁର ଉନ୍ନୟନ କର୍ତ୍ତୃପକ୍ଷର ଉପାଧ୍ୟକ୍ଷ ଭାବେ ଅତିରିକ୍ତ ଦାୟିତ୍ୱ ମିଳିଛି। ୨୦୨୨ ଆଇଏଏସ୍ ଅଫିସର ଅକ୍ଷୟ ପିଲ୍ଲେଙ୍କୁ ପାରାଦୀପ ଅତିରିକ୍ତ ଜିଲା ମାଜିଷ୍ଟ୍ରେଟ୍ ଭାବେ ନିଯୁକ୍ତି ମିଳିଛି। ୨୦୨୨ ବ୍ୟାଚ୍ ଆଇଏଏସ୍ ଅଫିସର ଅରୁଗୁଲା ସ୍ନେହାଙ୍କୁ ମୟୂରଭଞ୍ଜ ଜିଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ଭାବେ ନିଯୁକ୍ତି ମିଳିଛି। ୨୦୨୨ ବ୍ୟାଚ୍ ଆଇଏଏସ୍ ଅଫିସର ସମୀର କୁମାର ଜେନାଙ୍କୁ ଜିଲା ପରିଷଦ ଗଞ୍ଜାମର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ଭାବେ ନିଯୁକ୍ତି ମିଳିଛି। ୨୦୨୨ ବ୍ୟାଚ୍ ଆଇଏଏସ୍ ଅଫିସର ସୌମ୍ୟ ରଞ୍ଜନ ପ୍ରଧାନଙ୍କୁ କଳାହାଣ୍ଡି ଜିଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ଭାବେ ନିଯୁକ୍ତ କରାଯାଇଛି।




# ୨୮ରେ ରାଜ୍ୟର ୧୫୮ ବାର୍ ଆସୋସିଏଶନରେ ନିର୍ବାଚନ

କଟକ, ୧୨।୩(କାର୍ତ୍ତିକ ସାହୁ)

ରାଜ୍ୟ ଆଇନଜୀବୀ ପରିଷଦ ସାଧାରଣ ବୈଠକର ନିଷ୍ପତ୍ତି ଅନୁଯାୟୀ ଆସନ୍ତା ୨୮।୩।୨୦୨୬ରେ ରାଜ୍ୟର ସମସ୍ତ ୧୫୮ ଅନୁବନ୍ଧିତ ବାର୍ ଆସୋସିଏସନ୍‌ର ନିର୍ବାଚନ ଅନୁଷ୍ଠିତ ହେବ। ଏହି ନିର୍ବାଚନରେ ସର୍ବମୋଟ ୩୮,୮୪୩ ଭୋଟର ସେମାନଙ୍କ ମତ ସାବ୍ୟସ୍ତ କରିବେ, ଏଥି ନିମନ୍ତେ ରାଜ୍ୟ ଆଇନଜୀବୀ ପରିଷଦ ଦ୍ୱାରା ପ୍ରସ୍ତୁତ ଓ ପ୍ରକାଶିତ ଚୂଡ଼ାନ୍ତ ଭୋଟର ତାଲିକା (ପତ୍ର ସଂଖ୍ୟା ଇଏଲ୍‌ଇ/୪୧୬୧୫୮/୨୦୨୬) ସମସ୍ତ ବାର୍ ଆସୋସିଏଶନକୁ ପ୍ରେରଣ କରାଯାଇଛି। ସମସ୍ତ ବାର୍ ଆସୋସିଏଶନର ସମ୍ପୃକ୍ତ ନିର୍ବାଚନ ଅଧିକାରୀଙ୍କୁ ଆଇନଜୀବୀ ପରିଷଦ ଦ୍ୱାରା ଚୂଡ଼ାନ୍ତ ନିର୍ବାଚନ ସଂକ୍ରାନ୍ତୀୟ କାର୍ଯ୍ୟସୂଚୀ ପଠାଯିବା ସହ ସ୍ୱଚ୍ଛ, ଅବାଧ ଏବଂ ନିରପେକ୍ଷ ନିର୍ବାଚନ କରିବା ପାଇଁ ସମସ୍ତ ନିର୍ବାଚନ ଅଧିକାରୀଙ୍କୁ ଆବଶ୍ୟକୀୟ ନିର୍ଦ୍ଦେଶାବଳୀ ପ୍ରଦାନ କରାଯାଇଛି।

ନିର୍ବାଚନ ପ୍ରଚାର ସମୟରେ କୌଣସି ବ୍ୟାନର, ହୋର୍ଡିଂ ଇତ୍ୟାଦି ନିର୍ବାଚନ ଅନୁଷ୍ଠିତ ହେବାକୁ ଥିବା ସମ୍ପୃକ୍ତ ବାର୍ ଆସୋସିଏଶନ୍‌ର ପରିସର ତଥା ନ୍ୟାୟାଳୟର ପରିସର ମଧ୍ୟରେ ପ୍ରଦର୍ଶିତ କରାଯାଇ ପାରିବ ନାହିଁ। ନିର୍ବାଚନ ପରେ ଏସଂକ୍ରାନ୍ତୀୟ ମାମଲାର ବିଚାର ନିମନ୍ତେ ଏକ ନିର୍ବାଚନ ଟ୍ରିବ୍ୟୁନାଲ୍ ୩ ଜଣ ଆଇନଜୀବୀ ସୂର୍ଯ୍ୟ ପ୍ରସାଦ ମିଶ୍ର, ବୁଦ୍ଧଦେବ ରାଉତରାୟ ଏବଂ ସାରଦା ପ୍ରସନ୍ନ ଷଡ଼ଙ୍ଗୀଙ୍କୁ ନେଇ ଗଠନ କରାଯାଇଛି। ୨୮ ତାରିଖ ସକାଳ ୭ଟା ୩୦ରୁ ଅପରାହ୍ନ ୩ଟା ପର୍ଯ୍ୟନ୍ତ ହେବାକୁଥିବା ଭୋଟ ଗ୍ରହଣର ସମ୍ପୂର୍ଣ୍ଣ ପ୍ରକ୍ରିୟାକୁ ଭିଡିଓଗ୍ରାଫି କରି ତୁରନ୍ତ ତାହାର ଏକ କପି ରାଜ୍ୟ ଆଇନଜୀବୀ ପରିଷଦକୁ ପଠାଇବାକୁ କୁହାଯାଇଛି। ନବରଙ୍ଗପୁର ବାର୍ ଆସୋସିଏସନ୍ ଏବଂ ଜଟଣୀ ବାର୍ ଆସୋସିଏଶନରେ ନିର୍ବାଚନ ଅଧିକାରୀ ନିଯୁକ୍ତି ଓ ନିର୍ବାଚନ କାର୍ଯ୍ୟସୂଚୀ ପାଳନରେ ବ୍ୟତିକ୍ରମ ତଥା ବିଶୃଙ୍ଖଳା ଦେଖା ହେବାରୁ ଉକ୍ତ ବାର୍ ଆସୋସିଏଶନର ନିର୍ବାଚନକୁ ଅନ୍ୟାଦେଶ ପର୍ଯ୍ୟନ୍ତ ସ୍ଥଗିତ ରଖାଯାଇଥିବା ଓଡ଼ିଶା ରାଜ୍ୟ ଆଇନଜୀବୀ ପରିଷଦର ଅଧକ୍ଷ ସିତାଂଶୁ ମୋହନ ଦ୍ୱିବେଦୀ ଏକ ପ୍ରେସ୍ ବିଜ୍ଞପ୍ତିରେ ଜଣାଇଛନ୍ତି। ପ୍ରକାଶ ଯେ, ୨୦୧୯ ଠାରୁ ୱାନ୍ ବାର୍ ୱାନ୍ ଭୋଟ ଆଧାରରେ ରାଜ୍ୟର ସମସ୍ତ ଅନୁବନ୍ଧିତ ବାର୍ ଆସୋସିଏଶନର ନିର୍ବାଚନ ଓଡ଼ିଶା ରାଜ୍ୟ ଆଇନଜୀବୀ ପରିଷଦର ନିୟନ୍ତ୍ରଣ ଓ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଆସୁଛି।

# ଭୁବନେଶ୍ୱର କୋର୍ଟ ଉଡ଼ାଇଦେବାକୁ ଧମକ

- ସନ୍ଧାନୀ କୁକୁର, ବମ୍ ସ୍କ୍ୱାଡ୍ ତନାଘନା ପରେ କିଛି ମିଳିଲାନି
- ବିଦେଶରୁ ମେଲ୍ ଆସୁଥିବାରୁ ଲିଙ୍କ୍ ପାଇପାରୁନି କ୍ରାଇମ୍‌ବ୍ରାଞ୍ଚ
- ଖୁବ୍‌ଶୀଘ୍ର ମେଲ୍ ପଠାଉଥିବା ଦୁର୍ବୃତ୍ତ ଠାବ ହେବେ: କ୍ରାଇମ୍‌ବ୍ରାଞ୍ଚ ଡିଜି

ଭୁବନେଶ୍ୱର,୧୨।୩(ତ୍ରିନାଥ ମହାନ୍ତି)

ଗତ କିଛି ସପ୍ତାହଧରି ରାଜ୍ୟର ବିଭିନ୍ନ କୋର୍ଟକୁ ବୋମା ଧମକ ମିଳୁଥିବାବେଳେ ଗୁରୁବାର ଅନୁରୂପଭାବେ ଭୁବନେଶ୍ୱର କୋର୍ଟକୁ ବୋମାରେ ଉଡ଼ାଇ ଦେବାକୁ ଜିଲା ଜଜ୍, ଖୋର୍ଦ୍ଧାଙ୍କ ମେଲ୍ ଆଇଡିକୁ ଧମକ ଆସିଥିଲା। ଏହି ମେଲ୍ ଦେଖିବା ପରେ ତୁରନ୍ତ ବଡ଼ଗଡ଼ ଥାନାକୁ ଜଣାଇ ଦିଆଯାଇଥିଲା। ଖବରପାଇ ବଡ଼ଗଡ଼ ଥାନା ପୋଲିସ, ସନ୍ଧାନୀ କୁକୁର ଓ ବମ ସ୍କ୍ୱାଡ୍ ତୁରନ୍ତ କୋର୍ଟ ପରିସରରେ ପହଞ୍ଚି ତନ୍ନତନ୍ନ କରି ସମସ୍ତ କୋଠରି ଯାଞ୍ଚ କରିଥିଲେ। ଯାଞ୍ଚ ସମୟରେ ଘଟଣାସ୍ଥଳରେ ବଡ଼ଗଡ଼ ଥାନା ପୋଲିସ ସମେତ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ରହିଯାଞ୍ଚ କରାଯାଇଥିଲା। କୋର୍ଟର କୋଣ ଅନୁକୋଣରେ ଯାଞ୍ଚ ପରେ ସେଭଳି କିଛି ବୋମା ନ ଥିବା ସ୍ପଷ୍ଟ ହୋଇଥିଲା। ବୋମା ଧମକ କେଉଁ ମେଲ୍ ଆଇଡିରୁ ଆସିଥିଲା ତାହା ଛାନଭିନ୍ କରୁଛି ପୋଲିସ।

ଗୁରୁବାର ପୂର୍ବାହ୍ନ ସାଢେ ୧୦ଟାରେ ହଠାତ୍ ଡିଷ୍ଟ୍ରିକ୍ଟ ଜଜ୍‌ଙ୍କ ମେଲ୍‌କୁ ବୋମାରେ ଉଡ଼ାଇ ଦେବାକୁ ଧମକ ଆସିଥିଲା। ଏହି କଥା ତୁରନ୍ତ ପ୍ରଚାର ହୋଇଯିବା ମାତ୍ରେ ଆଇନଜୀବୀ, ବିଚାରପତି ଏବଂ ଅନ୍ୟ କର୍ମଚାରୀମାନେ ବାହାରକୁ ବାହାରି ଆସିଥିଲେ। ପୋଲିସକୁ ଖବର ଦେବାପରେ ପୋଲିସ ସନ୍ଧାନୀ କୁକୁର, ବୋମା ନିଷ୍କ୍ରିୟକାରୀ ଟିମ୍ ଛାନ୍‌ଭିନ କରିଥିଲେ। ପୋଲିସ କୋର୍ଟ କର୍ମଚାରୀ, ମାଜିଷ୍ଟ୍ରେଟ ଏବଂ ଓକିଲଙ୍କ ସହ ଆଲୋଚନା କରି ଆସିଥିବା ମେଲ୍ ଆଇଡିର ସମସ୍ତ ଲିଙ୍କ୍ ନେଇଛି। ଏହି ବୋମା ଧମକ ପାଇଁ କିଛି ସମୟ ଲାଗି କୋର୍ଟ କାର୍ଯ୍ୟ ବନ୍ଦ ରହିଥିଲା। ପୂର୍ବରୁ ମଧ ହାଇକୋର୍ଟ, ସମ୍ବଲପୁର, ଦେବଗଡ଼, ପୁରୀ ଏବଂ ଫୁଲବାଣୀ କୋର୍ଟକୁ ଉଡ଼ାଇ ଦେବାକୁ ଧମକ ଦିଆଯାଇଥିଲା। ବିଭିନ୍ନ କୋର୍ଟକୁ ଧମକ ଦିଆଯାଉଥିବାବେଳେ ଧମକପୂର୍ଣ୍ଣ ମେଲ୍ ପଠାଉଥିବା ଦୁର୍ବୃତ୍ତଙ୍କୁ କ୍ରାଇମବ୍ରାଞ୍ଚ ଏବଂ ପୋଲିସ ଧରିବାରେ ବିଫଳ ହୋଇଛି। କିଏ ଏବଂ କ'ଣ ପାଇଁ କୋର୍ଟକୁ ଉଡ଼ାଇ ଦେବାକୁ ବୋମା ଧମକ ଦେଉଛି ତାହା ଜଣାପଡୁନାହିଁ। ଏଭଳି ଧମକ ଦେଇ ଦୁର୍ବୃତ୍ତ ମଜା ନେଉଥିବା କେତେକ ଆଇନଜୀବୀ ମତ ଦେଇଛନ୍ତି। ତେବେ ବିଦେଶରୁ ଏହି ମେଲ୍ ଆସୁଥିବାରୁ ଏହାର ଆଇଡିକୁ ଚିହ୍ନଟ କରିବା କ୍ରାଇମ୍‌ବ୍ରାଞ୍ଚ ପକ୍ଷେ କଷ୍ଟକର ହେଉଛି। ବିଭିନ୍ନ ଡାର୍କ ସାଇଟ୍‌ରୁ ଏଭଳି ମେଲ୍ କରାଯାଉଥିବାରୁ ଠାବ କରିବା କଷ୍ଟକର ବୋଲି ପୋଲିସ କହିଛି। ଏନେଇ କ୍ରାଇମ୍‌ବ୍ରାଞ୍ଚ ଡିଜି ବିନୟତୋଷ ମିଶ୍ର କହିଛନ୍ତି, ଏହି ମାମଲାର ତଦନ୍ତ କ୍ରାଇମ୍‌ବ୍ରାଞ୍ଚ କରୁଛି। ବିଦେଶରୁ ଏହି ମେଲ୍ ଆସୁଥିବାରୁ ଏହି ଆଇଡିକୁ ଚିହ୍ନଟ କରିବାରେ କ୍ରାଇମ୍‌ବ୍ରାଞ୍ଚ ଲାଗିପଡ଼ିଛି। ଖୁବ୍‌ଶୀଘ୍ର ଦୁର୍ବୃତ୍ତଙ୍କୁ ଠାବ କରାଯିବ ବୋଲି ମିଶ୍ର କହିଛନ୍ତି।



ଧମକ ପରେ କୋର୍ଟ ପରିସରରେ ନିୟୋଜିତ ଫାୟାର ବମ୍ ସ୍କ୍ୱାଡ।

# ନାବାଳିକାଙ୍କ ତଣ୍ଟିକାଟି ହତ୍ୟା

ସୁନ୍ଦରଗଡ଼,୧୨।୩(ଜୟ ନାରାୟଣ ମେଣ୍ଟୁଳି)

ସୁନ୍ଦରଗଡ ସଦର ଥାନା ଅଞ୍ଚଳରେ ଗୁରୁବାର ସନ୍ଧ୍ୟାରେ ଜଣେ ନାବାଳିକାଙ୍କ ତଣ୍ଟିକାଟି ହତ୍ୟା କରାଯାଇଛି। ଏହି ଘଟଣାରେ ସମ୍ପୃକ୍ତ ଯୁବକଙ୍କୁ ପୋଲିସ ଥାନାରେ ଅଟକ ରଖି ପଚରାଉଚରା କରୁଛି। ହତ୍ୟାକାଣ୍ଡରେ ବ୍ୟବହୃତ ଛୁରିକୁ ପୋଲିସ ଜବତ କରିଛି। ଖବର ଲେଖାହେବା ସୁଦ୍ଧା ଥାନାରେ କୌଣସି ମାମଲା ରୁଜୁ ହୋଇନାହିଁ।

ସୂଚନା ଅନୁଯାୟୀ, ନାବାଳିକା ଜଣଙ୍କ ତାଙ୍କ ଘରେ ଥିବା ସମୟରେ ଗୁଣ୍ଡିଆଡିହି ଅଞ୍ଚଳର ସମ୍ପୃକ୍ତ ଯୁବକ ଜଣଙ୍କ ପହଞ୍ଚିଥିଲେ। ପରେ କୌଣସି କାରଣକୁ ନେଇ ଉଭୟଙ୍କ ମଧ୍ୟରେ ବଚସା ହୋଇଥିଲା। ଏଥିରେ ଉତ୍‌କ୍ଷିପ୍ତ ହୋଇ ଯୁବକ ଜଣଙ୍କ ଧରିଥିବା ଛୁରିରେ ତାଙ୍କ ତଣ୍ଟି କାଟି ଦେଇଥିଲେ। ଘଟଣା ସ୍ଥଳରେ ହିଁ ତାଙ୍କର ମୃତ୍ୟୁ ଘଟିଥିଲା। ପୋଲିସ ଖବର ପାଇ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇ ତଦନ୍ତ ଆରମ୍ଭ କରିଛି।

ସୂଚନାଯୋଗ୍ୟ ଯେ, ଏହି ଜିଲାର ରାଜଗାଙ୍ଗପୁର ଥାନା ଅଞ୍ଚଳରେ ଜଣେ ୨ୟଶ୍ରେଣୀ ଛାତ୍ରୀଙ୍କୁ ତଣ୍ଟିଚିପି ହତ୍ୟା କରିବାର ୩ ଦିନ ପରେ ପୁଣି ଜଣେ ନାବାଳିକାଙ୍କ ତଣ୍ଟିକାଟି ହତ୍ୟା କରାଯାଇଛି।

# ରବୀନ୍ଦ୍ର ଜେନାଙ୍କ ଅନ୍ତରୀଣ ସୁରକ୍ଷା ବଳବତ୍ତର

## ୧୭ ଦସ୍ତାବିଜ୍ ଦାଖଲ ପାଇଁ ସିବିଆଇକୁ ନିର୍ଦ୍ଦେଶ

ସିଶୋର ଚିଟ୍‌ଫଣ୍ଡ ମାମଲା

କଟକ,୧୨।୩(କାର୍ତ୍ତିକ ସାହୁ)

ସିଶୋର ଚିଟ୍‌ଫଣ୍ଡ ମାମଲାରେ ବାଲେଶ୍ୱରର ପୂର୍ବତନ ସାଂସଦ ରବୀନ୍ଦ୍ର କୁମାର ଜେନାଙ୍କ ଅନ୍ତରୀଣ ସୁରକ୍ଷାକୁ ହାଇକୋର୍ଟ ବଳବତ୍ତର ରଖିଛନ୍ତି। ହାଇକୋର୍ଟରେ ବିଚାରପତି ବି.ପି. ରାଉତରାୟ ଗୁରୁବାର ମାମଲାର ଶୁଣାଣି କରି ୧୭ଟି ଦସ୍ତାବିଜ୍ ସମ୍ପର୍କରେ ରିପୋର୍ଟ ଦାଖଲ କରିବାକୁ କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ(ସିବିଆଇ)କୁ ନିର୍ଦ୍ଦେଶ ଦେଇଛନ୍ତି। ମାମଲାର ପରବର୍ତ୍ତୀ ଶୁଣାଣି ଏପ୍ରିଲ ୧୩କୁ ଧାର୍ଯ୍ୟ ହୋଇଛି।

ସୂଚନାନୁସାରେ, ଶୁଣାଣି ବେଳେ ଆବେଦନକାରୀ ଜେନାଙ୍କ ପକ୍ଷରୁ ଦର୍ଶାଯାଇଥିଲା ଯେ, ତାଙ୍କ ଆବେଦନର ୫୮ନମ୍ବର ଅନୁଚ୍ଛେଦରେ ଉଲ୍ଲେଖ ଥିବା ୧୭ଟି ଗୁରୁତ୍ୱପୂର୍ଣ୍ଣ ଦଲିଲ ତାଙ୍କୁ ପ୍ରଦାନ କରାଯାଇ ନାହିଁ। ଏପରିକି ତଦନ୍ତ ସମୟରେ ଏହିଦଲିଲ୍‌ଗୁଡ଼ିକ ସଂଗ୍ରହ କରାଯାଇଛିକିନାହିଁ, ସେ ସମ୍ପର୍କରେ ମଧ୍ୟ କୌଣସି ସ୍ପଷ୍ଟ ସୂଚନା ଦିଆଯାଇ ନାହିଁ। ତେବେ ଆବେଦନକାରୀଙ୍କ ପକ୍ଷରୁ ଏହି ଯୁକ୍ତିକୁ ସିବିଆଇ ପକ୍ଷରୁ ଖଣ୍ଡନ କରାଯାଇଥିଲା। ଉଭୟ ପକ୍ଷର ଯୁକ୍ତି ଶୁଣିବା ପରେ ଅଦାଲତ ପିଟିଶନ୍‌ର ପାରା-୫୮ରେ ଦର୍ଶାଯାଇଥିବା ସମସ୍ତ ୧୭ଟି ଦଲିଲ୍ ସମ୍ପର୍କରେ ଏକ ତାଲିକାବଦ୍ଧ ଉତ୍ତର ରଖିବାକୁ ସିବିଆଇକୁ ନିର୍ଦ୍ଦେଶ ଦେଇଛନ୍ତି। ଉଲ୍ଲେଖଯୋଗ୍ୟ ଯେ, ଚିଟ୍‌ଫଣ୍ଡ ସଂସ୍ଥା ସିଶୋର ଗ୍ରୁପ ସହ ଜେନାଙ୍କ ଆର୍ଥିକ କାରବାର ନେଇ ଅଭିଯୋଗ ହୋଇଥିଲା। ୨୦୧୧-୧୨ରେ ସିଶୋରଠାରୁ ସେ ୧.୭୫ କୋଟି ଟଙ୍କା ଋଣ ନେଇଥିବା ଅଭିଯୋଗ ହୋଇଥିଲା। ଏହାକୁ ନେଇ ସିବିଆଇ ତାଙ୍କୁ ଏକାଧିକ ଥର ନୋଟିସ କରିଥିଲା। ଏହି ନୋଟିସକୁ ଚ୍ୟାଲେଞ୍ଜ କରି ଜେନା ପ୍ରଥମେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ହାଇକୋର୍ଟ ମାମଲାର ଶୁଣାଣି କରି ଜେନାଙ୍କ ବିରୋଧରେ କୌଣସି କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇପାରିବ ନାହିଁ ବୋଲି ଅନ୍ତରୀଣ ନିର୍ଦ୍ଦେଶ ଦେଇଥିଲେ। ତେବେ ସିବିଆଇ ଜାଣିଶୁଣି ତାଙ୍କୁ ମାନସିକ ନିର୍ଯାତନା ଦେବା ପାଇଁ ଏଭଳି ନୋଟିସ କରୁଥିବା ଦର୍ଶାଇ ପୁନର୍ବାର ହାଇକୋର୍ଟରେ ଏକ ଅନ୍ତରୀଣ ପିଟିଶନ ଦାଏର କରି ନୋଟିସ ବନ୍ଦ କରିବାକୁ ପ୍ରାର୍ଥନା କରିଥିଲେ।



# ବିରୂପା ନଦୀରୁ ୨ ଭାଇଙ୍କ ମୃତଦେହ ଜବତ

## ସମ୍ପର୍କୀୟ ଆଣିଲେ ହତ୍ୟା ଅଭିଯୋଗ

ମଙ୍ଗୁଳି-ଜଗତପୁର/ଚୌଦ୍ୱାର,୧୨।୩
(ମାନସ ସାମଲ/ଆଶୁତୋଷ ଦାସ)

କଟକ ଜିଲା ଚୌଦ୍ୱାର ଥାନା ଅଧୀନ ବିରୂପା ବ୍ରିଜ ୧ ନଂ. ଗେଟରୁ ୨ ଭାଇଙ୍କ ମୃତଦେହ ଗୁରୁବାର ପୋଲିସ ଜବତ କରିଛି। ମୃତ ୨ଭାଇ ହେଲେ ଚୌଦ୍ୱାର ମଣ୍ଡାପଡ଼ା ଗ୍ରାମର ସୁବାଶିଷ ସାହୁ ଓ ଦେବାଶିଷ ସାହୁ। ମୃତ୍ୟୁର କାରଣ ଅସ୍ପଷ୍ଟ ଥିବା ବେଳେ ମାମୁପୁଅ ଭାଇ ଚୁନିଲାଲ ଜିଟାଚକ ହତ୍ୟା ଅଭିଯୋଗ କରିଛନ୍ତି। ପୋଲିସ ୨ଟି ଅପମୃତ୍ୟୁ ମାମଲା (ନଂ. ୧୬,୧୭/୨୬) ରୁଜୁ କରି ପ୍ରାଥମିକ ତଦନ୍ତ ଆରମ୍ଭ କରିଛି। ସ୍ଥାନୀୟ ମତ୍ସ୍ୟଜୀବୀଙ୍କ କହିବା ମୁତାବକ, ମଙ୍ଗଳବାର ଅପରାହ୍ନରେ ଏକ ବାଇକ୍ ରଖି ୨ଭାଇ ବିରୂପା ନଦୀ କୂଳରେ ବସିଥିଲେ। ସନ୍ଧ୍ୟା ବେଳକୁ ବାଇକ୍‌କୁ ଛାଡ଼ି ୨ଜଣଙ୍କ ପତ୍ତା ମିଳି ନ ଥିଲା। ସନ୍ଦେହ ହେବାରୁ ପୋଲିସକୁ ଖବର ଦେବାପରେ ପୋଲିସ ଗାଡିକୁ ନିଜ ହେପାଜତକୁ ନେଇଥିଲା। ବୁଧବାର ଚୁନିଲାଲ ଥାନାରେ ନିଖୋଜ ରିପୋର୍ଟ କରିଥିଲେ। କିନ୍ତୁ ପୋଲିସ ଘଟଣାକୁ ହାଲୁକା ଭାବେ ନେଇଥିଲା। ଗୁରୁବାର ଜଣେ ମତ୍ସ୍ୟଜୀବୀ ଉଭୟଙ୍କ ମୃତଦେହ ପାଣିରେ ଭାସୁଥିବା ଦେଖି ପୋଲିସକୁ ଖବର ଦେଇଥିଲେ। ପୋଲିସ ଘଟଣାସ୍ଥଳରେ ପହଞ୍ଚି ଅଗ୍ନିଶମ ବାହିନୀ ସହାୟତାରେ ମୃତଦେହ କୂଳକୁ ଆଣି ପରେ ବ୍ୟବଚ୍ଛେଦ ପାଇଁ କଟକ ବଡ଼ ମେଡିକାଲକୁ ପଠାଇଥିଲା। ପୋଲିସ ରିପୋର୍ଟ ପାଇବା ପରେ ଯଦି ତଦନ୍ତ କରିଥାନ୍ତା ଉଭୟ ଜୀବନ ବଞ୍ଚିଥାନ୍ତା ବୋଲି ସାଧାରଣରେ ଚର୍ଚ୍ଚା ହେଉଛି। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁର କାରଣ ଜଣାପଡିବ ବୋଲି ଚୌଦ୍ୱାର ଥାନା ଅଧିକାରୀ କହିଛନ୍ତି। ପ୍ରକାଶ ଥାଉ କି, ବାପାଙ୍କ ଦେହାନ୍ତ ପରେ ଉଭୟ ମଣ୍ଡାପଡ଼ାସ୍ଥିତ ଘର ବିକି ଦେଢ଼ବର୍ଷ ହେବ ତ୍ରିଶୁଳିଆରେ ରହୁଥିଲେ। ଚୌଦ୍ୱାର କେଉଁ କାରଣ ପାଇଁ ପୁଣି ଆସିଥିଲେ ତାହା ସ୍ପଷ୍ଟ ହୋଇନି।



# ରାଜ୍ୟରେ ୪୦ ଡିଗ୍ରୀ ଡେଇଁଲା ତାପମାତ୍ରା

- ୪୦.୮ ଡିଗ୍ରୀ ସହ ଝାରସୁଗୁଡ଼ା ସବୁଠୁ ଉତ୍ତପ୍ତ ସହର
- ୩୮.୬ ଡିଗ୍ରୀ ଛୁଇଁଲା ଭୁବନେଶ୍ୱର

ଭୁବନେଶ୍ୱର, ୧୨।୩ (ବନ୍ଦନା ସେଠୀ)

ରାଜ୍ୟରେ ପାରଦ ଉପରମୁହାଁ ହୋଇଛି। ଖରା ଓ ଗରମ କ୍ରମଶଃ ବଢ଼ିବାରେ ଲାଗିଛି। ଚଳିତବର୍ଷ ଗୁରୁବାର ପ୍ରଥମଥର ତାପମାତ୍ରା ୪୦ ଡିଗ୍ରୀ ପାର୍ କରିଥିବାବେଳେ ଝାରସୁଗୁଡ଼ା ସବୁଠାରୁ ଉତ୍ତପ୍ତ ସହର ପାଲଟିଛି। ଏଠାରେ ତାପମାତ୍ରା ୪୦.୮ ଡିଗ୍ରୀ ଛୁଇଁଥିଲା। ସେହିପରି ୧୭ଟି ସ୍ଥାନର ତାପମାତ୍ରା ୩୭ ଡିଗ୍ରୀ ଉପରେ ରହିଥିଲା। ଅପରପକ୍ଷେ ଆସନ୍ତା ୨୪ ଘଣ୍ଟା ମଧ୍ୟରେ ରାଜ୍ୟରେ ତାପମାତ୍ରା ଆହୁରି ୨ରୁ ୩ ଡିଗ୍ରୀ ବଢ଼ିବ ବୋଲି ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପୂର୍ବାନୁମାନ କରିଛି। ମାର୍ଚ୍ଚ ଅଧାରୁ ତାପମାତ୍ରାର ଏପରି ସ୍ଥିତି ଆଗାମୀ ଦିନରେ ୪୫ ଡିଗ୍ରୀ ପାର୍ କରିବା ନେଇ ପାଣିପାଗ ବିଶେଷଜ୍ଞମାନେ ଆଶଙ୍କା କରୁଛନ୍ତି।

ପାଣିପାଗ କେନ୍ଦ୍ର ସୂଚନାନୁଯାୟୀ, ଝାରସୁଗୁଡ଼ା ତଳକୁ ଥିବା ହୀରାକୁଦରେ ତାପମାତ୍ରା ୩୯.୨ ଡିଗ୍ରୀ ରେକର୍ଡ କରାଯାଇ ଥିବାବେଳେ ସୁନ୍ଦରଗଡ଼ ୩୯ ଡିଗ୍ରୀ, ସମ୍ବଲପୁର ୩୯ ଡିଗ୍ରୀ, ଭୁବନେଶ୍ୱର ୩୮.୬ ଡିଗ୍ରୀ, ରାଉରକେଲା ୩୮.୪ ଡିଗ୍ରୀ, ତାଳଚେର ୩୮ ଡିଗ୍ରୀ, ଟିଟିଲାଗଡ଼ ୩୮ ଡିଗ୍ରୀ, ପାରଳାଖେମୁଣ୍ଡି ୩୮ ଡିଗ୍ରୀ, ସୋନପୁର ୩୭.୯ ଡିଗ୍ରୀ, ନୂଆପଡ଼ା ୩୭.୮ ଡିଗ୍ରୀ, ଭବାନୀପାଟଣା ୩୭.୬ ଡିଗ୍ରୀ, ବରଗଡ଼ ୩୭.୪ ଡିଗ୍ରୀ, ଅନୁଗୋଳ ୩୭.୩ ଡିଗ୍ରୀ, ନୟାଗଡ଼ ୩୭.୨ ଡିଗ୍ରୀ, ବଲାଙ୍ଗୀର ୩୭.୨ ଡିଗ୍ରୀ ଓ ଢେଙ୍କାନାଳରେ ୩୭ ଡିଗ୍ରୀ ରହିଥିଲା। ସେହିପରି ଶୁକ୍ରବାର ଓ ଶନିବାର ରାଜ୍ୟରେ ପାଗ ମୁଖ୍ୟତଃ ଶୁଖିଲା ରହିବ। ଆସନ୍ତା ୧୫ ଓ ୧୬ ତାରିଖରେ କେତେକ ସ୍ଥାନରେ ବର୍ଷା ନେଇ ପୂର୍ବାନୁମାନ କରାଯାଉଥିବାରୁ ଏହି ଦୁଇଦିନ ତାପମାତ୍ରା ସାମାନ୍ୟ ହ୍ରାସ ପାଇବ ବୋଲି ଆଶା କରାଯାଉଛି।

# ମଦ ମାଫିଆଙ୍କ ମାଡ଼ରେ ୨ ପୋଲିସ କର୍ମଚାରୀ ଗୁରୁତର

ପାଟଣା,୧୨।୩(ବୀର କିଶୋର ଦାଶ)

କେନ୍ଦୁଝର ଜିଲା ପାଟଣା ଥାନା ସାହାରପଡ଼ା ଫାଣ୍ଡି ପୋଲିସ ଗୁରୁବାର ରାତିରେ ଲୁଚାଇ ରଖାଯାଇଥିବା ବେଆଇନ ମଦ ଠାବ ଲାଗି ଚଢ଼ାଉ ସମୟରେ ମଦ ମାଫିଆଙ୍କ ଆକ୍ରମଣର ଶିକାର ହୋଇଛି। ଏଥିରେ ୨ ପୋଲିସ କର୍ମଚାରୀ ଗୁରୁତର ହୋଇଛନ୍ତି। ସୂଚନା ଅନୁଯାୟୀ, ସାହାରପଡ଼ା ଫାଣ୍ଡି ଅଧିକାରୀ ପାର୍ଥ ଓରାମ ଓ କନଷ୍ଟେବଲ ହେମଲତା ନାଏକ ବାଲିତୋଟା ଗ୍ରାମରେ ଲୁଚାଯାଇଥିତବା ମଦକୁ ଠାବ କରିବା ପାଇଁ ଚଢାଉ କରିବା ସମୟରେ ୨ ମହିଳା ଓ ୨ ପୁରୁଷ ସେମାନଙ୍କୁ ମରଣାନ୍ତକ ଆକ୍ରମଣ କରିଥିଲେ। ପାର୍ଥ ଓରାମଙ୍କ ମୁଣ୍ଡକୁ ପଥରରେ ଛେଚି ଦେବାରୁ ଫାଟି ରକ୍ତସ୍ରାବ ହୋଇଥିଲା। ହେମଲତାଙ୍କ ଡାହାଣ ହାତକୁ କାମୁଡ଼ା ଯାଇଥିବାବେଳେ ତାଙ୍କ ମୁଣ୍ଡ ମଧ ଫାଟିଛି। ଖବର ପାଇ ପାଟଣା ଥାନା ଅଧିକାରୀ କିରଣ ପ୍ରସାଦ ସାହୁ ସଦଳବଳ ପହଞ୍ଚି ୨ ପୋଲିସ କର୍ମଚାରୀଙ୍କୁ ଉଦ୍ଧାର କରି ପାଟଣା ଡାକ୍ତରଖାନାରେ ଭର୍ତ୍ତି କରିଛନ୍ତି। ପୋଲିସ ତାଙ୍କ ଘରୁ ଚୋରା ମଦ ଜବତ କରିବା ସହ ଅଧିକ ତଦନ୍ତ କରୁଛି। ଫାଣ୍ଡି ଅଧିକାରୀଙ୍କ ସୂଚନା ଅନୁଯାୟୀ ଉକ୍ତ ପରିବାରର ବାପପୁଅଙ୍କ ସହ ଅନ୍ୟ ୨ ମହିଳା ପୋଲିସ ଉପରେ ଆକ୍ରମଣ କରିଥିଲେ।

# ବାଲ୍ୟ ବିବାହ ବିରୋଧରେ ଏକ ସଂକଳ୍ପ: ଉପମୁଖ୍ୟମନ୍ତ୍ରୀ

## ମୁଖ୍ୟମନ୍ତ୍ରୀ କନ୍ୟା ବିବାହ ଯୋଜନାର ଶୁଭାରମ୍ଭ

- ବିବାହ ବନ୍ଧନରେ ବାନ୍ଧି ହେଲେ ୫୫ ବର-କନ୍ୟା

କଟକ,୧୨।୩(କୁମାରଶ୍ରୀ)

ମୁଖ୍ୟମନ୍ତ୍ରୀ କନ୍ୟା ବିବାହ ଯୋଜନା କେବଳ ଏକ ସରକାରୀ ସହାୟତା ନୁହେଁ। ଏହା ବାଲ୍ୟ ବିବାହ ବିରୋଧରେ ଏକ ସଙ୍କଳ୍ପ, ଯୌତୁକ ପ୍ରଥା ବିରୋଧରେ ଏକ ସାମାଜିକ ବାର୍ତ୍ତା ଓ କନ୍ୟାମାନଙ୍କ ସମ୍ମାନକୁ ସୁନିଶ୍ଚିତ କରିବାର ଏକ ଦୃଢ ପଦକ୍ଷେପ। ମୁଖ୍ୟମନ୍ତ୍ରୀ କନ୍ୟା ବିବାହ ଯୋଜନା ଅଧୀନରେ ଗୁରୁବାର ସ୍ଥାନୀୟ ଜବାହରଲାଲ ନେହେରୁ ଇନ୍‌ଡୋର ଷ୍ଟାଡିୟମ ପରିସରରେ ଅନୁଷ୍ଠିତ ଜିଲାସ୍ତରୀୟ ସାମୂହିକ ବିବାହ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଯୋଗଦେଇ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଏହା କହିଛନ୍ତି। ଯୋଜନା ଅଧୀନରେ ୧୮ ବର୍ଷରୁ ଊର୍ଦ୍ଧ୍ୱ ଯୋଗ୍ୟ କନ୍ୟାମାନଙ୍କୁ ୬୦ ହଜାର ଟଙ୍କାର ଆର୍ଥିକ ସହାୟତା ପ୍ରଦାନ କରାଯାଉଛି। ଯେଉଁଥିରୁ ୪୫ ହଜାର ଟଙ୍କା ସିଧାସଳଖ ନଗଦ ହସ୍ତାନ୍ତର ମାଧ୍ୟମରେ କନ୍ୟାମାନଙ୍କ ବ୍ୟାଙ୍କ ଖାତାକୁ ପଠାଇ ଦିଆଯାଉଛି। ଅବଶିଷ୍ଟ ୧୫ ହଜାର ଟଙ୍କା ବିବାହ ଆୟୋଜନ ଓ ପରିଚାଳନା ନିମନ୍ତେ ଖର୍ଚ୍ଚ କରାଯାଉଛି। ଏହି ସମ୍ପୂର୍ଣ୍ଣ ପ୍ରକ୍ରିୟା ଜିଲା ଓ ବ୍ଲକ୍‌ସ୍ତରରେ ମହିଳା ଓ ଶିଶୁ ବିକାଶ ବିଭାଗର ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ହେଉଛି। ଯୋଜନା ମାଧ୍ୟମରେ ରାଜ୍ୟର ଅନେକ କନ୍ୟା ଲାଭ ପାଇପାରିବେ ବୋଲି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ କହିଥିଲେ। ଏହି ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଜିଲାର ବିଭିନ୍ନ ବ୍ଲକରୁ ୫୫ ବର-କନ୍ୟା ବିବାହ ବନ୍ଧନରେ ଆବଦ୍ଧ ହୋଇଥିଲେ।

କଟକ ସଦର ବିଧାୟକ ପ୍ରକାଶ ଚନ୍ଦ୍ର ସେଠୀ ଯୋଗଦେଇ ମୁଖ୍ୟମନ୍ତ୍ରୀ କନ୍ୟା ବିବାହ ଯୋଜନା ଦ୍ୱାରା ଅର୍ଥାଭାବ ଯୋଗୁଁ କୌଣସି କନ୍ୟା ବିବାହରୁ ବଞ୍ଚିତ ହେବେ ନାହିଁ ବୋଲି ସେ ମତବ୍ୟକ୍ତ କରିଥିଲେ। ମହିଳା ଓ ଶିଶୁ ବିକାଶ ବିଭାଗ କମିଶନର ତଥା ଶାସନ ସଚିବ ଡ. ମୃଣାଳିନୀ ଦର୍ଶ୍ୱାଲ ସ୍ୱାଗତ ଅଭିଭାଷଣ ପ୍ରଦାନ ପୂର୍ବକ ଏହି ସରକାରୀ ଯୋଜନା ଦ୍ୱାରା ବହୁ କନ୍ୟାଙ୍କ ମାତାପିତା ଆଶ୍ୱସ୍ତ ହୋଇପାରିବେ ବୋଲି କହିଥିଲେ। ଜିଲାପାଳ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେ ଧନ୍ୟବାଦ ଅର୍ପଣ କରି କଟକ ଜିଲାର ସମସ୍ତ ଯୋଗ୍ୟ କନ୍ୟା ଏହି ଯୋଜନା ଅଧୀନରେ ସେମାନଙ୍କ ନ୍ୟାଯ୍ୟ ପ୍ରାପ୍ୟ ପାଇବା ଦିଗରେ ଜିଲା ପ୍ରଶାସନ ଯତ୍ନବାନ ହେବ ବୋଲି ଜିଲାପାଳ କହିଥିଲେ। ସମନ୍ୱିତ ଶିଶୁ ବିକାଶ ଓ ସମାଜ ମଙ୍ଗଳ ନିର୍ଦ୍ଦେଶିକା ମୋନିଷା ବାନାର୍ଜୀ, ସିଏମ୍‌ସି କମିଶନର କିରଣଦୀପ କୌର ସହୋତା, ଅତିରିକ୍ତ ଜିଲାପାଳ ଇପ୍ସିତା ପ୍ରିୟଦର୍ଶିନୀ ପ୍ରମୁଖ ଉପସ୍ଥିତ ଥିଲେ। ଜିଲା ସମାଜ ମଙ୍ଗଳ କାର୍ଯ୍ୟାଳୟର ଅଧିକାରୀ ଓ କର୍ମଚାରୀମାନେ ସହଯୋଗ କରିଥିଲେ।


ମୁଖ୍ୟମନ୍ତ୍ରୀ କନ୍ୟା ବିବାହ ଯୋଜନାରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା ଏବଂ ଅନ୍ୟମାନେ ଆଶୀର୍ବାଦ ପ୍ରଦାନ କରୁଛନ୍ତି।

# ସରକାର ଗୋତିପ୍ରଥା ବନ୍ଦ କରନ୍ତୁ: ଭକ୍ତ

ଭୁବନେଶ୍ୱର,୧୨।୩(ରବିନାରାୟଣ ଜେନା)

ରାଜ୍ୟ ସରକାର ତୁରନ୍ତ ଗୋତିପ୍ରଥା ବନ୍ଦ କରନ୍ତୁ ବୋଲି ପିସିସି ସଭାପତି ଭକ୍ତ ଚରଣ ଦାସ କହିଛନ୍ତି। ଓଡ଼ିଶା ସରକାରୀ ଆଉଟ୍‌ସୋର୍ସିଂ କର୍ମଚାରୀଙ୍କ ରାଜ୍ୟସ୍ତରୀୟ ବିକ୍ଷୋଭ କାର୍ଯ୍ୟକ୍ରମରେ ଗୁରୁବାର ଯୋଗଦେଇ ଭକ୍ତ କହିଛନ୍ତି, ଏହି କର୍ମଚାରୀମାନେ ସରକାରଙ୍କ ଦ୍ୱାରା ଶୋଷିତ ହେଉଛନ୍ତି। ଏହା ଗୋତି ପ୍ରଥା ସହ ସମାନ। ଏହି ପ୍ରଥାକୁ ତୁରନ୍ତ ଉଚ୍ଛେଦକରି ସେମାନଙ୍କ ଚାକିରିକୁ ନିୟମିତ କରାଯାଉ। କାର୍ଯ୍ୟକ୍ରମରେ କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡ଼ାମ ଯୋଗଦେଇ ଆନ୍ଦୋଳନକୁ ସମର୍ଥନ କରିବା ସହିତ କର୍ମଚାରୀମାନଙ୍କ ୩ ଦଫା ଦାବି ପୂରଣ ପାଇଁ ବିଧାନସଭାରେ କଂଗ୍ରେସ ସ୍ୱର ଉଠାଇବ ବୋଲି କହିଥିଲେ। ଦଳର ମୁଖ୍ୟ ସଚେତକ ଡା. ସିଏସ୍ ରାଜେନ ଏକ୍କା, ବିଧାୟକ ସତ୍ୟନାରାୟଣ ଗମାଙ୍ଗ ପ୍ରମୁଖ ଉପସ୍ଥିତ ଥିଲେ।



> ଯେତେବେଳେ ଆମକୁ କିଛି ଦେଖାଯାଏନା– ସେତେବେଳେ ଆମେ ଜାଣିବା ଉଚିତ ଯେ, ଈଶ୍ୱର ଆମ ପାଖରୁ ତାଙ୍କର ଆଲୋକ ପ୍ରତ୍ୟାହୃତ କରି ନେଇଛନ୍ତି ଏବଂ ଆମ ଉପରେ ଭୁଲଭ୍ରାନ୍ତି ଲଦି ଦେଇଛନ୍ତି। କାରଣ –ଆମେ ଯଥାର୍ଥ ଜ୍ଞାନ ଆଡକୁ ପାଦେ ଆଗେଇ ଚାଲିବୁ। ସେହିପରି ସେ ଆମ ଉପରେ ପରାଜୟ ଲଦି ଦେଇଛନ୍ତି– ତା ଫଳରେ ଆମେ ବିଜୟ ପଥରେ ଆଗେଇଯିବୁ।–ଶ୍ରୀଅରବିନ୍ଦ

# ସମ୍ବଳ ପ୍ରତିଯୋଗିତାର ନୂଆ ଯୁଗ


ହେଲେନ୍ କ୍ଲାର୍କ
ପୂର୍ବତନ ପ୍ରଧାନମନ୍ତ୍ରୀ, ନ୍ୟୁଜିଲାଣ୍ଡ


ଏଲେନ୍ ଜନ୍‌ସନ୍ ସାର୍ଲିଫ୍
ପୂର୍ବତନ ରାଷ୍ଟ୍ରପତି, ଲାଇବେରିଆ

ବୈଶ୍ୱିକ ବ୍ୟବସ୍ଥା ଏବେ ଚାପରେ। ଖଣିଜ ଓ ଶକ୍ତି ନିୟନ୍ତ୍ରଣ ପାଇଁ ବୃଦ୍ଧି ପାଉଥିବା ତୀବ୍ର ପ୍ରତିଯୋଗିତାକୁ ଜାତୀୟ ସୁରକ୍ଷାର ବିଷୟ ଭାବେ ଦେଖାଯାଉଛି। ଭେନେଜୁଏଲାଠାରୁ ଆରମ୍ଭ କରି ଗ୍ରୀନ୍‌ଲାଣ୍ଡ୍ ଏବଂ ଡେମୋକ୍ରାଟିକ୍ ରିପବ୍ଲିକ ଅଫ୍ ଦି କଙ୍ଗୋ (ଡିଆର୍‌ସି)ରୁ ୟୁକ୍ରେନ୍ ପର୍ଯ୍ୟନ୍ତ, ରଣନୀତିକ ସମ୍ବଳଗୁଡ଼ିକ ପାଇଁ ପ୍ରତିଯୋଗିତା ବୈଶ୍ୱିକ କ୍ଷମତା ଗତିଶୀଳତା, ମେଣ୍ଟ ଏବଂ ସଂଘର୍ଷଗୁଡ଼ିକୁ ନୂଆ ରୂପ ଦେଉଛି। ଆମେ ପୂର୍ବରୁ ବି ଏଭଳି ଯୁଗରେ ରହିଛୁ। ତେଲ, ହୀରା, ଖଣିଜ ଏବଂ ଅନ୍ୟସବୁ ସମ୍ବଳ ପାଇଁ ଗ୍ଲୋବାଲ ସାଉଥ୍ ଅର୍ଥାତ୍ ଆଫ୍ରିକା, ଲାଟିନ୍ ଆମେରିକା ଓ ଏସିଆର ବିକାଶଶୀଳ, କମ୍ ବିକଶିତ ତଥା ଗରିବ ଦେଶଗୁଡ଼ିକ ଚେଷ୍ଟା ଚଳାଇଛନ୍ତି, ଯାହା ସେମାନଙ୍କ ଶାସନ ବ୍ୟବସ୍ଥାକୁ ବିଗାଡ଼ିଦେଇଛି। ଉତ୍ପାଦକ ଦେଶଗୁଡ଼ିକ ତୁଳନାତ୍ମକ ଭାବେ ଗରିବ ହେବା ସହ ଅଧିକ ଋଣଗ୍ରସ୍ତ ହୋଇପଡ଼ିଛନ୍ତି। ଏବେ ସବୁଜ ଶକ୍ତି, ଡିଜିଟାଲ ଟେକ୍‌ନୋଲୋଜି, ଏଆଇ ଏବଂ ପ୍ରତିରକ୍ଷା ଶିଳ୍ପ ପାଇଁ ଆବଶ୍ୟକ ଖଣିଜ ପଦାର୍ଥ ପାଇବା ପାଇଁ ବିଶ୍ୱରେ ପ୍ରତିଯୋଗିତା ଚାଲିଛି। ଏହି ସମୟରେ ଆମେ ଆଉ ଏକ ଯୁଗରେ ପ୍ରବେଶ କରିବାକୁ ଯାଉଛୁ, ଯାହା ବଡ଼ ପ୍ରତିଶ୍ରୁତି ଏବଂ ଗମ୍ଭୀର ସଙ୍କଟକୁ ସୂଚିତ କରୁଛି। କିନ୍ତୁ ପୂର୍ବାପେକ୍ଷା ଏଥର ପରିବର୍ତ୍ତନ ସ୍ତର ଓ ଗତି ଭିନ୍ନ ରହିଛି। ତେବେ ଲକ୍ଷ୍ୟ ହାସଲ କରିବା ଆଉ ବେଶି ଦୂର ନୁହେଁ। ଜୀବାଶ୍ମ ଇନ୍ଧନରୁ ସବୁଜ ଶକ୍ତି କ୍ଷେତ୍ରକୁ ପରିବର୍ତ୍ତନର ଧାରା ଜାରି ରହିଛି ଏବଂ ଏହା ଦ୍ରୁତଗତିରେ ଚାଲିଛି। ୨୦୨୫ରେ ତେଲ, ଗ୍ୟାସ୍ ଏବଂ କୋଇଲାରେ ଯେତିକି ନିବେଶ ହୋଇଛି ସବୁଜ ଶକ୍ତି କ୍ଷେତ୍ରରେ ତାହାଠାରୁ ଦୁଇଗୁଣ ଅଧିକ କରାଯାଇଛି। ତେଲ ଓ ଗ୍ୟାସ୍ ଏଯାବତ୍ ଅନେକ ଅର୍ଥ ବ୍ୟବସ୍ଥାର ରାଜସ୍ୱ ସଂଗ୍ରହର ମାଧ୍ୟମ ହୋଇଥିଲେ ମଧ୍ୟ ଅକ୍ଷୟଶକ୍ତି ଉତ୍ପାଦନ ଅଧିକ ଗତିଶୀଳ ହୋଇପାରିଛି।

ଜୀବାଶ୍ମ ଶକ୍ତି ହ୍ରାସ କରି ସବୁଜ ଶକ୍ତି ଉତ୍ପାଦନ ବୃଦ୍ଧି ଗୁରୁତ୍ୱପୂର୍ଣ୍ଣ ଖଣିଜ ପଦାର୍ଥ ଉପରେ ନିର୍ଭର କରେ ଏବଂ ଏହାର ଚାହିଦା ବୃଦ୍ଧି ପାଉଛି। ଏବକାର ସବୁଜ ଶକ୍ତି ଉତ୍ପାଦନ ଓ ଖଣିଜ ବ୍ୟବହାରକୁ ନେଇ ଆକଳନ କରାଯାଇଛି ଯେ, ୨୦୪୦ ସୁଦ୍ଧା ଲିଥିୟମ୍ ଚାହିଦା ପାଞ୍ଚଗୁଣ, ଗ୍ରାଫାଇଟ୍ ଓ ନିକେଲ ଚାହିଦା ଦୁଇଗୁଣ, ରେୟାର ଆର୍ଥ ବା ବିରଳ ଖଣିଜଦ୍ରବ୍ୟ ଚାହିଦା ୫୦%ରୁ ଅଧିକ ଏବଂ କପର ଚାହିଦା ପାଖାପାଖି ଏକ ତୃତୀୟାଂଶ ବୃଦ୍ଧି ପାଇବ। ଏହି ଆକଳନ ଏବେ ନିବେଶ ପାଇଁ ନିଷ୍ପତ୍ତି, ବାଣିଜ୍ୟ ନୀତି ଏବଂ କୂଟନୈତିକ ରଣନୀତିକୁ ପ୍ରଭାବିତ କରୁଛି। ତଥାପି ଶକ୍ତି ଦକ୍ଷତା ବଢ଼ାଇବା ଏବଂ ଶକ୍ତି ଉତ୍ପାଦନ,



ରିସାଇକେଲିଂ ଓ ସଂରକ୍ଷଣ କ୍ଷେତ୍ରରେ ଅଭିନବତ୍ୱକୁ ସହଯୋଗ କରିବା ଉପରେ ଧ୍ୟାନ ଦେବାକୁ ପଡ଼ିବ। ବିଶ୍ୱରେ ଖଣିଜ ଦ୍ରବ୍ୟର ଯୋଗାଣ ଶୃଙ୍ଖଳ ଅଧିକ କେନ୍ଦ୍ରୀଭୂତ ହୋଇ ରହିଛି। ଡିସିଆର୍ ବିଶ୍ୱରେ ୭୦% କୋବାଲ୍‌ଟ ଏବଂ ଇଣ୍ଡୋନେସିଆ ବିଶ୍ୱରେ ୬୦% ନିକେଲ ଉତ୍ପାଦନ କରୁଛି।

ଖଣିଜ ପଦାର୍ଥର ପ୍ରକ୍ରିୟାକରଣ ମଧ୍ୟ ଅଧିକ କେନ୍ଦ୍ରିତ ହୋଇ ରହିଛି। ଇଣ୍ଟରନ୍ୟାଶନାଲ ଏନର୍ଜି ଏଜେନ୍ସି (ଆଇଇଏ) ବା ଅନ୍ତର୍ଜାତୀୟ ଶକ୍ତି ସଂସ୍ଥା ସ୍ଥିର କରିଥିବା ୨୦ଟି ଖଣିଜ ମଧ୍ୟରୁ ୧୯ଟି ପାଇଁ ଚାଇନାର ମାର୍କେଟ ଶେୟାର ୭୦% ରହିଛି ଏବଂ ଏହାର ଭୂମିକା ଲଗାତର ବୃଦ୍ଧି ପାଉଛି। ବର୍ଷେ ଦୁଇ ବର୍ଷ ମଧ୍ୟରେ କୋବାଲ୍ଟ, ଗ୍ରାଫାଇଟ୍ ଏବଂ ବିରଳ ଖଣିଜ ପଦାର୍ଥ ଓ ଅନ୍ୟସବୁ ଖଣିଜର ପରିଶୋଧନରେ ଚାଇନାର ବଡ଼ ଯୋଗଦାନ ରହିଆସିଛି। ଏହି କେନ୍ଦ୍ରିଭୂତ ସ୍ଥିତି ଯୋଗୁ ବିଶ୍ୱସ୍ତରରେ ଭୂରାଜନୈତିକ ପ୍ରତିଯୋଗିତା ବୃଦ୍ଧି ପାଇଛି ଏବଂ ଯୋଗାଣ ଶୃଙ୍ଖଳର ସମସ୍ୟା ବି ସାମ୍ନାକୁ ଆସିଛି। ଅପରପଟେ ଏହା ଶକ୍ତି ସୁରକ୍ଷା ଏବଂ ଶିଳ୍ପନୀତିର ପୁନର୍ଗଠନ ପାଇଁ ସରକାରଗୁଡ଼ିକୁ ପ୍ରେରିତ କରୁଛି। ପ୍ରତିକ୍ରିୟା ସ୍ୱରୂପ, ଦେଶଗୁଡ଼ିକ ଦ୍ୱିପାକ୍ଷିକ ଚୁକ୍ତି ମାଧ୍ୟମରେ ଜଡ଼ିତ ହେବା ପାଇଁ ଚାହୁଁଛନ୍ତି ଏବଂ ରଣନୀତିକ ଭାଗୀଦାରିତା ସମ୍ପର୍କରେ ତ୍ୱରିତ ତଥା ଗୁପ୍ତରେ ବୁଝାମଣା କରୁଛନ୍ତି। ଗୁପ୍ତରେ ଯେତେବେଳେ ଚୁକ୍ତିଗୁଡ଼ିକ ସ୍ୱାକ୍ଷର କରାଯାଉଛି, ସେତେବେଳେ ଲୋକେ ସେମାନଙ୍କ ସମ୍ବଳକୁ କେଉଁ ସର୍ତ୍ତରେ ବିକ୍ରି କରାଯାଉଛି ସେ ସମ୍ପର୍କରେ ଜାଣିପାରୁନାହାନ୍ତି। ଏହି ପ୍ରକ୍ରିୟାରେ ପରିବେଶଗତ ତଥା ସାମାଜିକ କ୍ଷତିକୁ ଗୌଣ ଭାବେ ଦେଖାଯାଉଛି। ପରିଣାମ ସ୍ୱରୂପ ଏହା ପରେ ବିଶେଷକରି ଦୁର୍ନୀତି, ସଂଘର୍ଷ, ପରିବେଶଗତ କ୍ଷତି ପ୍ରକାଶ ପାଉଥିବା ଅନୁଭବ କରିପାରୁଛୁ।

ପ୍ରାକୃତିକ ସମ୍ବଳଗୁଡ଼ିକର ଦୁର୍ବଳ ପରିଚାଳନା ଦୀର୍ଘ ସମୟ ଧରି ବିକାଶରେ ବାଧା ସୃଷ୍ଟି କରିଆସିଛି। ବହୁ ସମୟରେ, ପ୍ରାକୃତିକ ସମ୍ବଳର ଉତ୍ତୋଳନ କିଛି ବ୍ୟକ୍ତିଙ୍କୁ ଧନୀ କରିଥିବାବେଳେ ପୂରା ସମୁଦାୟ ବିସ୍ଥାପିତ ହୋଇଛନ୍ତି, ପରିସଂସ୍ଥାନର ଅଧୋଗତି ହେବା ସହ ସରକାରମାନେ ଋଣରେ ବୁଡ଼ିଯାଇଛନ୍ତି। ସବୁଜ ବ୍ୟାନର ତଳେ ଏବେ ଗୁରୁତ୍ୱପୂର୍ଣ୍ଣ ଖଣିଜ ପାଇଁ ଚାଲିଥିବା ପ୍ରତିଯାଗିତାରେ ମଧ୍ୟ ସମାନ ପ୍ରକାର ଅନ୍ୟାୟ ସହଜରେ ସୃଷ୍ଟି ହେବା ସମ୍ଭାବନା ଅଛି। ତେବେ ସବୁଜ ଶକ୍ତି କ୍ଷେତ୍ରକୁ ପରିବର୍ତ୍ତନ ହେବାର ପରିଣାମ ନିଶ୍ଚିତ ବୋଲି କୁହାଯାଇପାରିବ ନାହିଁ। ଯଦି ଠିକ୍ ଭାବେ ପରିଚାଳନା କରାଯାଏ, ତେବେ ଖଣିଜ ସମ୍ପଦ ପରିବର୍ତ୍ତନକାରୀ ହୋଇପାରିବ, ଯାହା ରାଜସ୍ୱ ବୃଦ୍ଧି ଏବଂ ଆର୍ଥିକ ବିବିଧିକରଣକୁ ସହଯୋଗ କରିବ। ଭିତ୍ତିଭୂମି, ଶିକ୍ଷା ଏବଂ ସ୍ୱାସ୍ଥ୍ୟ କ୍ଷେତ୍ରରେ ନିବେଶ ପାଇଁ ପାଣ୍ଠି ଯୋଗାଇ ଦେବ। କିନ୍ତୁ ଏଥିପାଇଁ ଅତୀତରେ କରାଯାଇଥିବା କାର୍ଯ୍ୟକୁ ସମ୍ପୂର୍ଣ୍ଣ ବନ୍ଦ କରିବା ସହ ସ୍ୱଚ୍ଛତା ନିଶ୍ଚିତ କରୁଥିବା ପଦକ୍ଷେପରୁ ଆରମ୍ଭ କରିବାକୁ ପଡ଼ିବ। ସ୍ୱଚ୍ଛତା ହେଉଛି ଭଲ ଶାସନର ଆଧାରଶିଳା। କିପରି ସେମାନଙ୍କ ସମ୍ବଳର ବିନିଯୋଗ ହେଉଛି, କିଏ ଲାଭ ନେଉଛି, କେଉଁ ଟିକସ ଦିଆଯାଉଛି ଏବଂ କିଭଳି ରାଜସ୍ୱ ପରିଚାଳନା ହେଉଛି ସେ ସମ୍ପର୍କରେ ଜାଣିବା ନାଗରିକଙ୍କର ଅଧିକାର ରହିଛି। ଚୁକ୍ତି, କମ୍ପାନୀ ମାଲିକାନା ଉପରେ ସରକାରୀ ଯାଞ୍ଚ ଏବଂ ବିତ୍ତୀୟ ସର୍ତ୍ତ ତ୍ରୁଟିପୂର୍ଣ୍ଣ ପରିଚାଳନା ଓ ଅପବ୍ୟବହାର ବିରୋଧରେ ସବୁଠୁ ପ୍ରଭାବୀ ସୁରକ୍ଷାକବଚ।

ଭାଗୀଦାରି ମଧ୍ୟ ଗୁରୁତ୍ୱପୂର୍ଣ୍ଣ। ମହିଳା, ଯୁବକ, ସ୍ଥାନୀୟ ଅଧିବାସୀ ଏବଂ ପ୍ରଭାବିତ ସମୁଦାୟଗୁଡ଼ିକର ଭୂମି, ଜୀବନଜୀବିକା ତଥା ଭବିଷ୍ୟକୁ ନେଇ ନିଆଯାଉଥିବା ନିଷ୍ପତ୍ତିରେ ସେମାନଙ୍କର ଗୁରୁତ୍ୱପୂର୍ଣ୍ଣ ଭାଗୀଦାରି ରହିବା ଉଚିତ। ସରକାର ଓ କମ୍ପାନୀଗୁଡ଼ିକୁ ଉତ୍ତରଦାୟୀ କରିପାରୁଥିବା ସାମ୍ବାଦିକ, ଆକ୍ଟିଭିଷ୍ଟ ଏବଂ ଭଦ୍ର ସମାଜ ସଙ୍ଗଠନଗୁଡ଼ିକ ପାଇଁ ସୁରକ୍ଷା ନିଶ୍ଚିତ କରାଯିବା ଆବଶ୍ୟକ। ଏହିପ୍ରକାରେ ପ୍ରାକୃତିକ ସମ୍ବଳକୁ ଭାଗୀଦାରି ସମୃଦ୍ଧିରେ ପରିବର୍ତ୍ତନ କରାଯାଇପାରିବ। ଏହାକୁ ଭଲ ଭାବେ କରିବା ପାଇଁ ଅନେକ କୁଶଳୀ ମଡେଲ ଅଛି। ଦୁଇ ଦଶନ୍ଧିରୁ ଅଧିକ ସମୟ ଧରି ଏକ୍‌ଷ୍ଟ୍ରାଟିଭ ଇଣ୍ଡଷ୍ଟ୍ରିଜ୍ ଟ୍ରାନ୍ସପରେନ୍ସି ଇନିସିଏଟିଭ (ଇଆଇଟିଆଇ) ଦର୍ଶାଇଆସିଛି ଯେ, ଜଟିଳ ରାଜନୈତିକ ପରିବେଶରେ ଲୋକଙ୍କ କଥା ଶୁଣିବା ଓ ଗ୍ରହଣ କରିବା ଏବଂ ଉତ୍ତରଦାୟିତ୍ୱ ସମ୍ଭବ ହୋଇପାରିବ। ଖଣିଜ ଉତ୍ତୋଳନ ପାଇଁ ଗଠନ କରାଯାଇଥିବା ବୈଶ୍ୱିକ ମାନକକୁ ଏବେ ୫୫ ଦେଶ ଗ୍ରହଣ କରୁଛନ୍ତି। ଏହା କମ୍ପାନୀ ଏବଂ ଭଦ୍ର ସମାଜ ଗୋଷ୍ଠୀମାନଙ୍କ ସହିତ ମଧ୍ୟ କାମ କରୁଛି। ଏହି ଦୃଷ୍ଟିକୋଣକୁ ଏବେ ଆଗକୁ ବଢ଼ାଇବା ଏବଂ ବିଶେଷକରି ଗୁରୁତ୍ୱପୂର୍ଣ୍ଣ ଖଣିଜ ପାଇଁ ଏହାକୁ ଗ୍ରହଣ କରାଯିବା ଦରକାର। ଜୀବାଶ୍ମ ଶକ୍ତିରୁ ଅକ୍ଷୟ ଶକ୍ତିକୁ ପରିବର୍ତ୍ତନ ପାଇଁ ଏହିସବୁ ସମ୍ବଳ ରାଜନୀତି, ନିବେଶ ପ୍ରବାହ ଏବଂ ଆଗାମୀ ବିକାଶର ଯୋଜନା ପାଇଁ ଉପଯୋଗୀ। ଏକ୍ଷେତ୍ରରେ ବୈଶ୍ୱିକ ସହଯୋଗ ଅତ୍ୟନ୍ତ ଜରୁରୀ। ସମ୍ବଳ ପ୍ରତିଯୋଗିତାର ଏହି ନୂଆ ଯୁଗ ସ୍ୱଚ୍ଛତା, ଉତ୍ତରଦାୟିତ୍ୱ ଏବଂ ଦୀର୍ଘମିଆଦୀ ଲାଭ ଯୋଗାଇ ଦେବ ବୋଲି ସରକାରରେ ଥିବା ମୁଖ୍ୟମାନେ ନିଶ୍ଚିତ କରିବା ଆବଶ୍ୟକ। ଏଥିପାଇଁ ସେମାନେ ନୈତିକ ଶାସନ ଓ ସ୍ୱଚ୍ଛତାର ସବୁଠୁ ଭଲ ମାନକ ପାଇଁ ଦାବି କରିବା ଉଚିତ, ତାହାକୁ ଉପଯୋଗ କରିବା ଦରକାର।

## ଏଇ ଭାରତରେ

ସାରସ (ଏକ ଜାତୀୟ ବଡ଼ ବଗ)ର ଉଚ୍ଚତା ୧୫୨–୧୫୬ ସେଣ୍ଟିମିଟର ହୋଇଥିଲେ ମଧ୍ୟ ଏହା ଆକାଶରେ ଭଲ ଭାବେ ଉଡ଼ିପାରେ। କିନ୍ତୁ ପରିବର୍ତ୍ତିତ ଜଳବାୟୁ ସ୍ଥିତିରେ ଏହି ପକ୍ଷୀଙ୍କ ଜୀବନ ଏବେ ବିପଦରେ। ଖାଦ୍ୟାଭାବ ଓ ଉପଯୁକ୍ତ ପରିବେଶ ଅଭାବରୁ ସାରସଙ୍କ ସଂଖ୍ୟା ହ୍ରାସ ପାଇଚାଲିଛି। ଏବେ ଏହି ପକ୍ଷୀ ସଂଖ୍ୟା ୧୫,୦୦୦–୨୦,୦୦୦ ମଧ୍ୟରେ ରହିଛି। ତେବେ ଏମାନଙ୍କ ଜୀବନ ବଞ୍ଚାଇବା ପାଇଁ ଉତ୍ତରପ୍ରଦେଶର କୃଷକମାନେ ନିଆରା ଉପାୟ ଆପଣାଇଛନ୍ତି। ସାରସ ହାବିଟାଟ୍ ସିକ୍ୟୋର୍‌ମେଣ୍ଟ ପ୍ରୋଜେକ୍ଟ ମାଧ୍ୟମରେ ଉତ୍ତରପ୍ରଦେଶର ୧୦ଟି ଜିଲାରେ କୃଷକମାନେ ସାରସ କରୁଥିବା ବସାର ସୁରକ୍ଷା କରିବା ସହ ବଂଶବୃଦ୍ଧିରେ ସହଯୋଗ କରୁଛନ୍ତି। ସେମାନଙ୍କ ଖାଦ୍ୟ ପାଇଁ ଆର୍ଦ୍ରଭୂମିର ସଂରକ୍ଷଣ କରୁଛନ୍ତି। ଏହି ପ୍ରୋଜେକ୍ଟ ୨୦୧୩ରେ ଆରମ୍ଭ କରାଯାଇଥିଲା। ଚଳିତବର୍ଷ ୨୩୭ ବସା ସଂରକ୍ଷଣ କରାଯାଇ ଅଣ୍ଡା ଫୁଟାଇବାର ବ୍ୟବସ୍ଥା କରାଯାଇଛି। ସାରସ ଅଣ୍ଡା ଫୁଟାଇବା ପରେ ଶାବକ ପକ୍ଷୀଙ୍କର ମଧ୍ୟ ଯତ୍ନ ନିଆଯାଉଛି।

## ୫୦ ବର୍ଷ ତଳର ଧରିତ୍ରୀ

### ୧୩ ମାର୍ଚ୍ଚ ୧୯୭୭

- ବୌଦ୍ଧ ଧର୍ମ ଗ୍ରହଣ କରିଥିବା ତଫସିଲଭୁକ୍ତ ଜାତିର ଲୋକଙ୍କୁ ଅନ୍ୟମାନଙ୍କ ପରି ସୁବିଧା ସୁଯୋଗ ଦିଆଯିବ ବୋଲି ସରକାରୀ ଭାବେ ଘୋଷଣା କରାଯାଇଛି।
- ପୂର୍ବତନ କଂଗ୍ରେସ ସଭାପତି ୟୁ.ଏନ୍. ଅବର ବ୍ରେନ ଟ୍ୟୁମର ଯୋଗୁ ପରଲୋକ ଯାତ୍ରା କରିଛନ୍ତି।
- ତୁର୍କୀର ଭାନ ରାଜ୍ୟ ସହ ଭାରତର ଟେଲି ଯୋଗାଯୋଗ ବ୍ୟବସ୍ଥା ସ୍ୱାଭାବିକ ଭାବେ କାର୍ଯ୍ୟକାରୀ ହେଉଥିବା ନେଇ ଦରିଆପାରି ଯୋଗାଯୋଗ ବ୍ୟବସ୍ଥାର ଡାଇରେକ୍ଟର ଜେନେରାଲଙ୍କ ସୂତ୍ରରୁ ପ୍ରକାଶ।

## su|do|ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | 8 | | 3 | | 2 | 7 | | |
| | | 7 | | | | | 2 | 3 |
| | | 4 | | | | | 5 | |
| | | | | | | | 7 | |
| | | | | 1 | 7 | | | 8 |
| | | | | | 8 | 4 | | |
| | | 2 | | | 6 | | 8 | 4 |
| 7 | | | | | | 1 | | 9 |
| | | 3 | | | 4 | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 7 | 9 | 2 | 5 | 8 | 3 | 1 | 4 | 6 |
| 8 | 3 | 4 | 6 | 7 | 1 | 9 | 5 | 2 |
| 6 | 1 | 5 | 4 | 2 | 9 | 8 | 7 | 3 |
| 2 | 6 | 9 | 7 | 3 | 4 | 5 | 8 | 1 |
| 5 | 7 | 3 | 1 | 9 | 8 | 2 | 6 | 4 |
| 4 | 8 | 1 | 2 | 5 | 6 | 7 | 3 | 9 |
| 3 | 2 | 8 | 9 | 6 | 5 | 4 | 1 | 7 |
| 9 | 4 | 6 | 8 | 1 | 7 | 3 | 2 | 5 |
| 1 | 5 | 7 | 3 | 4 | 2 | 6 | 9 | 8 |

ଗତକାଲିର ଉତ୍ତର

# ତିରୁପତିରେ ଉତ୍କଳ ପୀଠ


ଡ. ଭାରତ ଭୂଷଣ ରଥ

ବିଶ୍ୱରେ ଅନେକ ସ୍ଥାନରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କର ମନ୍ଦିର ଅଛି। ତେବେ ମହାପ୍ରଭୁଙ୍କ ସଂସ୍କୃତି ଉପରେ ଗବେଷଣା ପାଇଁ ସୁଦୂର ଆନ୍ଧ୍ରପ୍ରଦେଶର ତିରୁପତି ନଗରରେ ଏକ ଉତ୍କଳ ପୀଠ ପ୍ରତିଷ୍ଠାପିତ ହୋଇଛି। ତିରୁପତିସ୍ଥିତ ଶ୍ରୀଭେଙ୍କଟେଶ୍ୱର ବାଲାଜୀଙ୍କ ଦିବ୍ୟ କ୍ଷେତ୍ରରେ ଥିବା ରାଷ୍ଟ୍ରୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟ ପରିସରରେ ପ୍ରତିଷ୍ଠାପିତ ଏହି ଉତ୍କଳ ପୀଠ ଆମ ରାଜ୍ୟର ଗୌରବଗାଥାର ଅନ୍ୟ ଏକ କିମ୍ବଦନ୍ତୀ। ୧୯୯୮ରେ ଓଡ଼ିଶାର ତତ୍କାଳୀନ ସରକାର ସଂକଳ୍ପ ନେଇଥିଲେ ଶ୍ରୀଜଗନ୍ନାଥଙ୍କର ସଂସ୍କୃତି ଏବଂ ସାହିତ୍ୟ ଦିଗନ୍ତବିସ୍ତାରୀ ହେଉ। ସରକାର ଏହି ଲକ୍ଷ୍ୟ ନେଇ ବିଦ୍ୱାନମାନଙ୍କ ପରାମର୍ଶରୁ ଜାଣିପାରିଲେ ତିରୁପତି ଶ୍ରୀଭେଙ୍କଟେଶ୍ୱର କ୍ଷେତ୍ରରେ ଭାରତ ସରକାରଙ୍କ ଦ୍ୱାରା ପ୍ରତିଷ୍ଠାପିତ ରାଷ୍ଟ୍ରୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟ ଏକ ବିଶେଷ ଶାସ୍ତ୍ର ଅଧ୍ୟୟନ କେନ୍ଦ୍ରର ମାନ୍ୟତା ପାଇ ସମଗ୍ର ବିଶ୍ୱରେ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛି। ୧୯୫୭ ଭାରତ ସରକାରଙ୍କ ଦ୍ୱାରା ନିୟୋଜିତ ପ୍ରଥମ ସଂସ୍କୃତ କମିସନର ସୁପାରିସ କ୍ରମେ ୧୯୬୨ ଜାନୁଆରୀ ୪ରେ ଭାରତର ତତ୍କାଳୀନ ଉପ ରାଷ୍ଟ୍ରପତି ଡ. ସର୍ବପଲ୍ଲୀ ରାଧାକ୍ରିଷ୍ଣନଙ୍କର କରକମଳରେ ଭିତ୍ତିପ୍ରସ୍ତର ସ୍ଥାପିତ ହୋଇଥିବା ଏହି ବିଶ୍ୱବିଦ୍ୟାଳୟ ବର୍ତ୍ତମାନ ଏକ ଅନ୍ତର୍ଜାତୀୟ ବିଶ୍ୱବିଦ୍ୟାଳୟର ମାନ୍ୟତା ପାଇଛି କହିଲେ ଅତ୍ୟୁକ୍ତି ହେବନାହିଁ। ବିଶ୍ୱବିଦ୍ୟାଳୟର ମହତ୍ତ୍ୱକୁ ଜାଣିବାପରେ ଓଡ଼ିଶା ସରକାରଙ୍କ ଦ୍ୱାରା ୫୦ ଲକ୍ଷ ଟଙ୍କାର ଧନରାଶି ପ୍ରଦାନ କରି ତା'ପରିସରରେ ଶ୍ରୀଜଗନ୍ନାଥଙ୍କର ସଂସ୍କୃତି, କବି ଜୟଦେବ ପ୍ରଣୀତ ଶ୍ରୀଗୀତଗୋବିନ୍ଦର ସାହିତ୍ୟ ଏବଂ ଶ୍ରୀଜଗନ୍ନାଥଙ୍କର ପରମ ଭକ୍ତ ଶ୍ରୀଚୈତନ୍ୟଙ୍କର ଦର୍ଶନ ଉପରେ ବିଶେଷ ଗବେଷଣା କରି ଓଡ଼ିଶାର ସଂସ୍କୃତିକୁ ବିଶ୍ୱସ୍ତରୀୟ କରିବା ପାଇଁ ପଦକ୍ଷେପ ନେଇଥିଲେ। ସରକାର ପ୍ରଦାନ କରିଥିବା ଧନରାଶି ମୂଳ ପାଣ୍ଠି ଭାବରେ ସୁରକ୍ଷିତ ଅଛି ଏବଂ ତାହାର ବ୍ୟାଙ୍କ ସୁଧ ଟଙ୍କାରେ ଗବେଷଣା କାର୍ଯ୍ୟ ସୁଚାରୁ ସମ୍ପାଦନ ହେଉଛି। ଉତ୍କଳ ପୀଠ ବା ଓଡ଼ିଶା ଚେୟାର ନାମରେ ପ୍ରତିଷ୍ଠାପିତ ଏହି ବିଶେଷ ଗବେଷଣା ଅନୁଷ୍ଠାନ ଆନୁଷ୍ଠାନିକ ଭାବରେ ୧୫ ଅକ୍ଟୋବର ୨୦୦୦ରେ ଭାରତର ସର୍ବୋଚ୍ଚ ନ୍ୟାୟାଳୟର ତତ୍କାଳୀନ ପ୍ରଧାନ ବିଚାରପତି ରଙ୍ଗନାଥ ମିଶ୍ରଙ୍କ କରକମଳରେ ଉଦ୍‌ଘାଟିତ ହେଲା। ସୌଭାଗ୍ୟକୁ ଜଷ୍ଟିସ ମିଶ୍ର ସେତେବେଳେ ଭାରତ ସରକାରଙ୍କର କେନ୍ଦ୍ରୀୟ ସଂସ୍କୃତ ଅଧ୍ୟୟନ ବୋର୍ଡର ସଭାପତି ରହିଥିଲେ। ଏହାପରେ ଉତ୍କଳପୀଠ ଭବ୍ୟତାର ସହିତ ଗବେଷଣା, ଅଧ୍ୟୟନ ଏବଂ ଅଧ୍ୟାପନାରେ ଆଗେଇଚାଲିଛି ଆଜିପର୍ଯ୍ୟନ୍ତ। ଏହି ପୀଠ ଶ୍ରୀଜଗନ୍ନାଥ, ଶ୍ରୀଜୟଦେବ ଏବଂ ଶ୍ରୀଚୈତନ୍ୟଙ୍କର ବୈଭବକୁ ନେଇ ଅନେକ ଦୁର୍ଲଭ ତାଳପତ୍ର ପୋଥିର ପ୍ରକାଶନ



କରିବା ସହିତ ପ୍ରତିବର୍ଷ ଜାତୀୟ ସ୍ତରରେ ସମ୍ମାନ ଏବଂ ବ୍ୟାଖ୍ୟାନମାଳା ଆୟୋଜନ କରି ବିବିଧ ଗବେଷଣା ସମ୍ବନ୍ଧ ପୁସ୍ତକ ପ୍ରକାଶନ କରିଆସୁଛି।

ଶ୍ରୀଜଗନ୍ନାଥଙ୍କର ପୌରାଣିକ ସାହିତ୍ୟ, ଶ୍ରୀଗୀତଗୋବିନ୍ଦର ସର୍ବାଙ୍ଗସୁନ୍ଦରୀ ଟୀକା, ଶ୍ରୀଚୈତନ୍ୟଙ୍କର ଜୀବନୀ, ଓଡ଼ିଶା ଏବଂ ଦକ୍ଷିଣ ଭାରତର ସମ୍ପର୍କ ଇତ୍ୟାଦି ଅତ୍ୟନ୍ତ ଦୁର୍ଲଭ ଗବେଷଣା କାର୍ଯ୍ୟକୁ ସଫଳତାର ସହିତ ସମ୍ପାଦନ କରି ଉତ୍କଳ ପୀଠ କେବଳ ଦକ୍ଷିଣ ଭାରତ ଏବଂ ଓଡ଼ିଶାର ବିଦ୍ୱାନଙ୍କ ପାଖରେ ପରିଚିତ ହୋଇନାହିଁ ସମଗ୍ର ବିଶ୍ୱରେ ଗବେଷଣା କ୍ଷେତ୍ରରେ ଏକ ପାଦ ଆଗକୁ ଯାଇପାରିଛି। ବିଶେଷତଃ ଓଡ଼ିଶାର ଶିକ୍ଷାବିତ୍ ପ୍ରଫେସର୍ ହରେକୃଷ୍ଣ ଶତପଥୀ ଯେତେବେଳେ ତିରୁପତି ରାଷ୍ଟ୍ରୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟର କୁଳପତି ଦାୟିତ୍ୱ ନେଲେ ଉତ୍କଳପୀଠ ଏକ ସ୍ୱର୍ଣ୍ଣିମ ସମୟ ଦେଇ ଗତିକଲା। ପ୍ରଫେସର୍ ଶତପଥୀ ଓଡ଼ିଶାର ସମ୍ମାନକୁ ରକ୍ଷା କରି ଏହି ପୀଠର ଉନ୍ନତି ପାଇଁ ଚେଷ୍ଟା କରିଛନ୍ତି। ଏହା ସହ ତିରୁପତିର ଭବ୍ୟ ଉତ୍କଳପୀଠର ବିକାଶ ପାଇଁ ବିଶ୍ୱବିଦ୍ୟାଳୟର ସମସ୍ତ କୁଳପତିମାନେ ମଧ୍ୟ ଚେଷ୍ଟା କରିଛନ୍ତି। ଏହି କ୍ରମରେ ଏକ ବିଶେଷ ବୈଶିଷ୍ଟ୍ୟ ହେଉଛି ତିରୁପତି ସଂସ୍କୃତ ବିଶ୍ୱବିଦ୍ୟାଳୟ ଭାରତ ସରକାରଙ୍କର ଶିକ୍ଷା ମନ୍ତ୍ରଣାଳୟ ଅଧୀନ ଏକ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ହୋଇଥିବାରୁ ଜାତୀୟ ସ୍ତରର ପ୍ରବେଶ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇ ଦୀର୍ଘ ବର୍ଷ ଧରି ଅନେକ ଉତ୍କଳୀୟ ଛାତ୍ରୀଛାତ୍ର ପ୍ରତିବର୍ଷ ଏଠାରେ ଅଧ୍ୟୟନ କରିବାର ସୁଯୋଗ ପାଉଛନ୍ତି। ତତ୍‌ସହିତ ଏହି ବିଶ୍ୱବିଦ୍ୟାଳୟରେ ଅଧ୍ୟାପକ ଭାବରେ ନିଯୁକ୍ତି ପାଇବାରେ ମଧ୍ୟ ଓଡ଼ିଶାର ବିଦ୍ୱାନମାନେ ସ୍ଥାନ ଗ୍ରହଣ କରିପାରିଛନ୍ତି। ଏହି ସମସ୍ତ ଉତ୍କଳୀୟମାନେ ଏକ ପରିବାର ସଦୃଶ ଉତ୍କଳପୀଠରେ ଏକତ୍ରିତ ହୋଇ ଉତ୍କଳ ଦିବସ, ନୂଆଁଖାଇ, ଦୋଳପୂର୍ଣ୍ଣିମା, ହୋଲି, ଦଶହରା ଇତ୍ୟାଦି ଓଡ଼ିଶାର ପର୍ବପର୍ବାଣିକୁ ପାଳନ କରନ୍ତି।

ଅନ୍ୟ ଏକ ସୁଖଦ ସମାଚାର ଆମ ରାଜ୍ୟର ଐତିହ୍ୟକୁ ବଳିଷ୍ଠ କରେ ତାହା ହେଲା, ବିଶ୍ୱବିଦ୍ୟାଳରେ ପ୍ରତିଷ୍ଠାପିତ ଶ୍ରୀଜଗନ୍ନାଥଙ୍କର ଭବ୍ୟ ମନ୍ଦିର। ଏହି ମନ୍ଦିର ସଂଲଗ୍ନ ଚାରିଗୋଟି ସର୍ବବିଧ ସୌବିଧ୍ୟ ଥିବା ପ୍ରକୋଷ୍ଠରେ ବର୍ତ୍ତମାନ ଉତ୍କଳପୀଠର କାର୍ଯ୍ୟାଳୟ ପ୍ରତିଷ୍ଠିତ। ଉତ୍କଳପୀଠର ନିର୍ଦ୍ଦେଶକ ଭାବରେ ଅନେକ ଦକ୍ଷିଣ ଭାରତୀୟ ବିଦ୍ୱାନ ଯଥା ପ୍ରଫେସର୍ ଆର୍ ଦେବନାଥନ, ପ୍ରଫେସର୍ ଜେ ରାମକୃଷ୍ଣ ପ୍ରଭୃତି କାର୍ଯ୍ୟକରି ଓଡ଼ିଶାର ସାହିତ୍ୟ ଏବଂ ସଂସ୍କୃତିକୁ ସମ୍ମାନ ଦେଇଛନ୍ତି। ପରବର୍ତ୍ତୀ କାଳରେ ପ୍ରଫେସର୍ ରାଧାଗୋବିନ୍ଦ ତ୍ରିପାଠୀ ନିର୍ଦ୍ଦେଶକ ଥିବା ସମୟରେ ଉତ୍କଳପୀଠକୁ ବ୍ୟବସ୍ଥିତ କରି ବିଦ୍ୱାନଙ୍କୁ ସମ୍ମାନ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲେ। ତତଃପରଂ ପ୍ରଫେସର୍ ନିରଞ୍ଜନ ମିଶ୍ର ନିର୍ଦ୍ଦେଶକ ଦାୟିତ୍ୱରେ ଉତ୍କଳପୀଠର ଶୈକ୍ଷିକ ଗବେଷଣା କାର୍ଯ୍ୟର ଦ୍ରୁତ ଅଗ୍ରଗତି ହେବା ସହିତ ଶ୍ରୀଜଗନ୍ନାଥ ମନ୍ଦିରରେ ନିତ୍ୟ ବେଦପାରାୟଣ ଏବଂ ପୂଜା ବିଧାନରେ ଅନେକ ସଂସ୍କାର ଆଣିପାରିଥିଲେ। ସମ୍ପ୍ରତି ଉତ୍କଳ ପୀଠ ଅନେକ ନୂତନ ଗବେଷଣାକାର୍ଯ୍ୟକୁ ହାତକୁ ନେବା ସହିତ ଶ୍ରୀଜଗନ୍ନାଥ ତତ୍ତ୍ୱର ପ୍ରଚାର ପ୍ରସାର ଏବଂ ଶ୍ରୀମନ୍ଦିରର ସେବା ତଥା ଯାତ୍ରା ବୈଶିଷ୍ଟ୍ୟ, ଶ୍ରୀଚୈତନ୍ୟଙ୍କର ଜୀବନଦର୍ଶନ ଏବଂ ଶ୍ରୀଜୟଦେବଙ୍କର ଗୀତଗୋବିନ୍ଦର ଭକ୍ତିତତ୍ତ୍ୱ ଉପରେ ବିଶେଷ ଗବେଷଣା କରିବା ପାଇଁ ସଂକଳ୍ପ ନେଇଛି।

ପ୍ରାଧ୍ୟାପକ ସାହିତ୍ୟ ବିଭାଗ, ରାଷ୍ଟ୍ରୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟ, ତିରୁପତି, ଆ.ପ୍ର.
ମୋ:୮୮୯୭୪୨୬୨୪୩

# ସ୍ୱାର୍ଥ ଓ ପରମାର୍ଥ


ଡ. ସୀତାକାନ୍ତ ତ୍ରିପାଠୀ

ଯୁଗେ ଯୁଗେ ଆମ ସମାଜରେ ସ୍ୱାର୍ଥ ଓ ପରମାର୍ଥକୁ ନେଇ ଅନେକ ବାଦବିବାଦ ଓ ତର୍କବିତର୍କ ରହି ଆସିଛି। ସାଧାରଣ ଭାବେ ସମସ୍ତେ କୁହନ୍ତି ସାଂସାରିକ ବନ୍ଧୁମାନେ ହେଉଛନ୍ତି ସ୍ୱାର୍ଥୀ। ସ୍ୱାର୍ଥ ପୂରଣ ହୋଇଗଲେ ସେମାନେ ଦୂରେଇ ଯିବେ। ସେମାନଙ୍କ ମତରେ ବିନା ସ୍ୱାର୍ଥରେ କୁଆଡ଼େ ମାଆଟି ପିଲାକୁ କ୍ଷୀର ଦିଏ ନାହିଁ କି ପିଲାଟି ମଧ୍ୟ ତା' ମା'–ବାପାଙ୍କର ଯତ୍ନ ନିଏ ନାହିଁ। କେତେବେଳେ ଏହି ସ୍ୱାର୍ଥ ଲୌକିକ, ଆର୍ଥିକ ଓ ସମାଜ ସମ୍ବନ୍ଧିତ ହୋଇଥିବା ବେଳେ ଆଉ କେତେବେଳେ ଏହା ରାଜନୈତିକ ଓ କୂଟନୈତିକ ସ୍ୱାର୍ଥ ସମ୍ପର୍କିତ ହୋଇଥାଏ। କିନ୍ତୁ ସମ୍ପର୍କର ସୂତାଖିଅକୁ ବଞ୍ଚାଇ ରଖିବା ପାଇଁ ଉଭୟ ସ୍ୱାର୍ଥୀ ଏବଂ ପରମାର୍ଥୀ ବନ୍ଧୁଙ୍କର ଯେ ଆବଶ୍ୟକତା ରହିଛି ତାହା ଆମକୁ ବୁଝିବାର ଅଛି। ଦେବହୂତି ଏବଂ କପିଳ ସମ୍ପର୍କରେ ମା' ଓ ପୁଅ କିନ୍ତୁ କପିଳ ଜଣେ ଗୁରୁଙ୍କ ଭଳି ତାଙ୍କ ମା'ଙ୍କୁ ବିଭିନ୍ନ ଭାବେ ବୁଝାଇ ତାଙ୍କୁ ସାଂସାରିକ ଜଞ୍ଜାଳରୁ ମୁକ୍ତକରି ଆଧ୍ୟାତ୍ମିକ ପଥର ପଥିକ କରାଇବାରେ ସହାୟକ ହୋଇଥିଲେ। ହିରଣ୍ୟକଶିପୁ ନିଜର ସ୍ୱାର୍ଥ ପୂରଣ ପାଇଁ ନିଜ ପୁଅକୁ ମାରିବା ଲାଗି ମଧ୍ୟ ପଛାଇ ନ ଥିଲେ କିନ୍ତୁ ପରମାର୍ଥୀ ପୁଅ ପ୍ରହ୍ଲାଦ ତାକୁ ବିଭିନ୍ନ ଭାବରେ ବୁଝାଇବା ପାଇଁ ପ୍ରଚେଷ୍ଟା କରି ମଧ୍ୟ ବିଫଳ ହୋଇଥିଲେ। ତେଣୁ କିଏ କାହାକୁ ସ୍ୱାର୍ଥୀ ଭାବିଥାଏ ଆଉ ପରମାର୍ଥୀ ଭାବେ ତାହାକୁ ବିଚାର କରିବା ଏକ ଗହନ କଥା ବୋଲି ମନେହୁଏ।

ଜଣେ ପ୍ରବଚକ ତାଙ୍କ ପ୍ରବଚନରେ ପ୍ରାୟତଃ ଏହି ସ୍ୱାର୍ଥ ଓ ପରମାର୍ଥ ବନ୍ଧୁମାନଙ୍କୁ ନେଇ ଚର୍ଚ୍ଚା କରିଥାଆନ୍ତି। କଥା ଛଳରେ କୁହନ୍ତି, ମା' ଚାହିଁଥାଏ ପେଟକୁ, ସ୍ତ୍ରୀ ଚାହିଁଥାଏ ଅଣ୍ଟାକୁ ଅର୍ଥାତ୍ ମା' ପୁଅ ଖାଇଛି କି ନାହିଁ ଚିନ୍ତା କରୁଥିବା ବେଳେ ସ୍ତ୍ରୀ ଜଣକ ସ୍ୱାମୀ କେତେ ରୋଜଗାର କରି ଘରକୁ ଆଣିଛନ୍ତି ତାହା ବିଚାର କରିଥାଏ। ପିଲା–ଛୁଆ, ଘର–ସଂସାର ସବୁ ସ୍ୱାର୍ଥରେ ବନ୍ଧା। ଲୋକଙ୍କ ପାଖରେ କେମିତି ଆଧ୍ୟାତ୍ମିକ ଜ୍ଞାନ ପରଷି ଦିଆଯାଇ ପାରିବ, ଆଧ୍ୟାତ୍ମିକ ପ୍ରବଚନ କାର୍ଯ୍ୟକ୍ରମ କେମିତି ଆୟୋଜନ ହେବ, ସେ ବିଷୟରେ ଚିନ୍ତା ଓ ଚର୍ଚ୍ଚା କରୁଥିବା ପ୍ରବଚନ ମଞ୍ଚର କର୍ମକର୍ତ୍ତାମାନେ ହେଉଛନ୍ତି ପରମାର୍ଥୀ ବନ୍ଧୁ। କହିବା ବାହୁଲ୍ୟ, ସେହି ପ୍ରବଚକଙ୍କ ଶେଷ ଶଯ୍ୟା ନିକଟରେ ତାଙ୍କ ସ୍ତ୍ରୀ–ପିଲାଙ୍କ ଛଡ଼ା ଆଉ କେହି ତଥାକଥିତ ପରମାର୍ଥ ବନ୍ଧୁମାନଙ୍କର ଦେଖା ନ ଥିଲା। ଜଣେ ମା ଯେ ଆଉ କାହାର ସ୍ତ୍ରୀ ହୋଇଥାଆନ୍ତି ବା ଜଣେ ସ୍ତ୍ରୀ ଆଉ କାହାର ମା' ହୋଇଥାଆନ୍ତି ସେ କଥାକୁ ପ୍ରବଚକ ଜଣକ କହିବାକୁ ଭୁଲି ଯାଇଥାଆନ୍ତି ବୋଲି ଶ୍ରୋତାଙ୍କର ମତ।

ସଂସାର ଭିତରେ ଘର କରିଥିଲେ ଉଭୟ ସ୍ୱାର୍ଥୀ ଏବଂ ପରମାର୍ଥୀ ବନ୍ଧୁ ଆସିବା ସ୍ୱାଭାବିକ। ସମୟକ୍ରମେ ସ୍ୱାର୍ଥୀମାନେ ପରମାର୍ଥୀ କିମ୍ବା ପରମାର୍ଥୀମାନେ ସ୍ୱାର୍ଥୀ ହୋଇଯିବାର ଅନେକ ଉଦାହରଣ ରହିଛି। ପରିବାର, ଆତ୍ମୀୟସ୍ୱଜନଙ୍କର ଆଶା ଆକାଂକ୍ଷା ସବୁକୁ ଆମେ ସ୍ୱାର୍ଥ କହିବା କିମ୍ବା ବିବେଚନା କରିବା କିମ୍ବା ସେମାନଙ୍କଠାରୁ ଦୂରେଇ ଯିବା ଅସମୀଚୀନ। ବରଂ ସେମାନଙ୍କୁ ବୁଝି ନିଜର କାର୍ଯ୍ୟପନ୍ଥା ସ୍ଥିର କରିବା ଆବଶ୍ୟକ। ଆମ ପୁରାଣ ଆଖ୍ୟାୟିକା ମାନଙ୍କରେ ରତ୍ନାକର ଦସ୍ୟୁ ବନିବା ପାଇଁ ତାଙ୍କ ପରିବାର ସଦସ୍ୟଙ୍କର ସ୍ୱାର୍ଥପରତା କଥାର ଉଦାହରଣ ଦିଆଯାଇଛି। କିନ୍ତୁ ପରିବାର ଲୋକ କ'ଣ ତାଙ୍କୁ ଏହି ଚୋରି, ନରହତ୍ୟା କରି ସେମାନଙ୍କୁ ପ୍ରତିପୋଷଣ କରିବାକୁ ବାଧ୍ୟ କରିଥିଲେ। ସେମାନେ ରତ୍ନାକରକୁ ଦସ୍ୟୁ ପଣିଆରୁ ଦୂରେଇବା ପାଇଁ ପ୍ରଚେଷ୍ଟା କରି ନ ଥିଲେ ନା' ରତ୍ନାକର ସେମାନଙ୍କ କଥା ଶୁଣି ନ ଥିଲେ। ସେସବୁ ବିତର୍କର ପ୍ରସଙ୍ଗ ନୁହେଁ କି ? ତେବେ ଦସ୍ୟୁ ରତ୍ନାକରରୁ ବାଲ୍ମୀକିଙ୍କୁ ରୂପାନ୍ତରିତ କରିପାରିଥିବା ଲୋକଙ୍କୁ ଆମେ ନିଶ୍ଚିତ ଭାବେ ପରମାର୍ଥୀର ସଂଜ୍ଞା ଓ ସ୍ୱରୂପ ଦେଇପାରିବା।

ଯଦି ଜଣେ ପିଲା କିଛି ନ କରି ଘରେ ବସିରହେ ଏବଂ ସେଥିପାଇଁ ତା' ବାପା ମା', ସ୍ତ୍ରୀ ତାକୁ ଗାଳିମନ୍ଦ ଦେଇ ସୁଧାରିବାକୁ ପ୍ରୟାସ କରିଥାଆନ୍ତି ତାହା କ'ଣ ସ୍ୱାର୍ଥପରତାର ଲକ୍ଷଣ ? ତେଣୁ ସ୍ୱାର୍ଥ, ନିଃସ୍ୱାର୍ଥ ଏବଂ ପରମାର୍ଥଙ୍କ ମଧ୍ୟରେ ଲକ୍ଷ୍ମଣରେଖା ଟାଣିବା କଷ୍ଟକର। ଏକଥା ସତ୍ୟ ଯେ କ୍ଷମତା, ଅର୍ଥ ଓ ପ୍ରତିପତ୍ତି ଥିବାବେଳେ ଯେଉଁମାନେ ଆଗପଛ ହୋଇ ବୁଲୁଥାଆନ୍ତି ସେମାନଙ୍କ ମଧ୍ୟରୁ ଅଧିକାଂଶ ସ୍ୱାର୍ଥୀ ଥାଆନ୍ତି କାରଣ ସେଥିରୁ ଟିକିଏ କମିଗଲେ ସେମାନେ ବାଟକାଟି ନିଜ ରାସ୍ତା ନିଜେ ବାଛି ନେଇଥାଆନ୍ତି। ସେମାନଙ୍କର ଦିନର ଚେହେରା ରାତିରେ ନ ଥାଏ କିମ୍ବା ରାତିର କଥା ସକାଳକୁ ମନେ ନ ଥାଏ।

ଅର୍ଣ୍ଣପାଳ, ଭଦ୍ରକ
ମୋ: ୯୭୭୮୭୬୪୩୯୪

## ପାଠକ ଶ୍ରେଷ୍ଠ ବିଚାରକ

### କୃତ୍ରିମ ବୁଦ୍ଧିମତ୍ତା: ଛାତ୍ରଙ୍କ ପାଇଁ ଆଉଟ୍‌ସୋର୍ସିଂ ଏଜେନ୍ସି

ମହାଶୟ,

ଶିକ୍ଷାକ୍ଷେତ୍ରରେ କୃତ୍ରିମ ବୁଦ୍ଧିମତ୍ତା(ଏଆଇ)ର ବ୍ୟବହାର ବୃଦ୍ଧି ପାଉଛି। ଅନେକ ଛାତ୍ରୀଛାତ୍ର ଏବେ ନିବନ୍ଧ ଲେଖିବା, ଗବେଷଣା ଓ ପାଠ୍ୟକ୍ରମର ବିଭିନ୍ନ କାର୍ଯ୍ୟ କରିବା ସକାଶେ ଏଆଇ ଉପରେ ନିର୍ଭର କରୁଛନ୍ତି । ଏହା ଏକପ୍ରକାର ଆଉଟ୍‌ସୋର୍ସିଂ ଏଜେନ୍ସି ଭାବେ କାର୍ଯ୍ୟ କରୁଛି। ଯଦିଓ ଏହା ସମୟ ବଞ୍ଚାଉଛି, କିନ୍ତୁ ଏହା ଉପରେ ଅତ୍ୟଧିକ ନିର୍ଭରଶୀଳତା ଛାତ୍ରମାନଙ୍କର ମୌଳିକ ଦକ୍ଷତା ଓ ସୃଜନଶୀଳତାକୁ କ୍ରମାଗତ ଭାବେ କମାଉଛି। ଏହାସହିତ ନୂଆ ଚିନ୍ତାଧାରା ମନକୁ ଆଣିବାକୁ ଚେଷ୍ଟା ହେଉନାହିଁ। ପୂର୍ବରୁ ସାଧାରଣ ଜ୍ଞାନ ବହି ପଢ଼ି ବହୁ ବିଷୟ ମନେରଖିବା ଗୋଟେ ଝୁଙ୍କ୍ ଥିଲା। ଆଜି ସେହି ଆଗ୍ରହ ଏଆଇର ପ୍ରାବଲ୍ୟ ଯୋଗୁ ମଉଳିଗଲା । ଡିଜିଟାଲ ଯୁଗରେ ଏଆଇର ଉପଯୋଗିତାକୁ ଅସ୍ୱୀକାର କରିହେବ ନାହିଁ। କିନ୍ତୁ ପରିଶ୍ରମ ଓ ଗଭୀର ଅନୁଧ୍ୟାନ ନ କରି ଗବେଷଣା ସମୟରେ ଅନେକ ବିଦ୍ୟାର୍ଥୀ କୃତ୍ରିମ ବୁଦ୍ଧିମତ୍ତାରୁ ସିଧାସଳଖ ତଥ୍ୟ ନେଇ ଲେଖୁଛନ୍ତି, ଯାହାଦ୍ୱାରା ବିଷୟଟିକୁ ଗଭୀର ଭାବେ ବୁଝିବା ଓ ମନେରଖିବା କ୍ଷମତା କମିଯାଉଛି। ସେଥିପାଇଁ ଏହାକୁ କେବଳ ଏକ ସହାୟକ ଉପକରଣ ଭାବେ ବ୍ୟବହାର କରିବା ଉଚିତ। ଏହା କଦାପି ଛାତ୍ରଙ୍କ ପ୍ରାଥମିକ ପ୍ରୟାସ ଅବା ଉତ୍ସ ହେବା କଥା ନୁହେଁ ।

–ପ୍ରୀତମ ପ୍ରିୟାଂଶୁ ମିଶ୍ର, ଭାରତୀୟ ଜନସଂଚାର ସଂସ୍ଥାନ, ଢେଙ୍କାନାଳ

## ଚିରନ୍ତନୀ

ତା' ବ୍ୟଥାରେ ବଥାଏ ଯେ ମୋର ପ୍ରାଣ ମନ
ବାରତା ତାହାର ଚୁମ୍ବେ ଅଧର ନୟନ
ଯିବାକୁ ଉଠି ସତ୍ୱର ପ୍ରସାରଇଁ ଦୁଇ କର
ନାହିଁ ନାହିଁ କରି ଫେରି ଚଳଇ ପବନ
ତା' ବ୍ୟଥାରେ ବଥାଏ ନୟନ ।।
–(ବ୍ୟବଧାନ)
–କାଳିନ୍ଦୀ ଚରଣ ପାଣିଗ୍ରାହୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail: edit.dharitri@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଜନ୍ମଦିନର ଶୁଭେଚ୍ଛା

ନାମ: ..............................
ବୟସ:..............................
ଜନ୍ମ ତାରିଖ: ..............................



ରୁଦ୍ର ପ୍ରସାଦ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# କଂଗ୍ରେସର ୮ ଗଲେ, ୬ ରହିଲେ

- ସବୁ ବିଧାୟକଙ୍କୁ ନବୀନଙ୍କ ଚିଠି ୧୩ରୁ ୧୫ ପର୍ଯ୍ୟନ୍ତ ୨ ଘଣ୍ଟା ନବୀନ ନିବାସକୁ ଆସ
- ପାରାଦୀପର ଏକ ଘରୋଇ ହୋଟେଲରେ ରହିବେ ଭାଜପା ବିଧାୟକ
- ନବୀନ ନିବାସ ଆସିଲେ ଭାଜପା ନେତା ରବୀନ୍ଦ୍ରଙ୍କ ବିଧାୟିକା ସ୍ତ୍ରୀ

**ଭୁବନେଶ୍ୱର, ୧୨।୩ (ସୁନିତ୍ ମିଶ୍ର)**
ରାଜ୍ୟ ସଭା ନିର୍ବାଚନ ଲାଗି ରାଜ୍ୟ ରାଜନୀତି ଜୋର୍ ଧରିବାରେ ଲାଗିଛି। ସାଧାରଣ ଲୋକମାନେ ମଧ୍ୟ ରାଜ୍ୟ ସଭାକୁ ନେଇ ବିଶେଷ ଚର୍ଚ୍ଚା ଚଳାଇଛନ୍ତି। ଏହାରି ଭିତରେ ସବୁ ଦଳକୁ ବର୍ତ୍ତମାନ କ୍ରସ୍ ଭୋଟିଂ ଭୟ ଘାରିଛି। ତେଣୁ ରାଜ୍ୟର ୩ ପ୍ରମୁଖ ଦଳ ନିଜ ବିଧାୟକମାନଙ୍କୁ ନେଇ ରାଜ୍ୟ ସଭା ନିର୍ବାଚନ ପର୍ଯ୍ୟନ୍ତ ଗୋଟିଏ ସ୍ଥାନରେ ରଖିବାକୁ ସ୍ଥିର କରିଛି। ଭାଜପାର ସବୁ ବିଧାୟକ ଶନିବାରଠାରୁ ପାରାଦୀପ ସ୍ଥିତ ଏକ ଘରୋଇ ହୋଟେଲରେ ରହିବେ ବୋଲି ଜଣାପଡିଛି। ସୋମବାର ଭୋଟିଂ ପୂର୍ବରୁ ଆସି ଶାସକ ଦଳ ବିଧାୟକମାନେ ଭୁବନେଶ୍ୱର ଠାରେ ପହଞ୍ଚିବେ ବୋଲି ଜଣାପଡିଛି। ସେହିପରି କଂଗ୍ରେସ ବିଧାୟକମାନଙ୍କୁ ନେଇ ପ୍ରଦେଶ କଂଗ୍ରେସ କମିଟି(ପିସିସି) ସଭାପତି ଭକ୍ତ ଚରଣ ଦାସଙ୍କ ନେତୃତ୍ୱରେ ଗୁରୁବାର ଦଳର ୮ ବିଧାୟକ ବିମାନ ଯୋଗେ ଭାୟା କଲିକତା ଦେଇ ବେଙ୍ଗାଲୁରୁ ଗସ୍ତ କରିଛନ୍ତି। ମାତ୍ର ୬ କଂଗ୍ରେସ ବିଧାୟକ ଯଥା ରାମଚନ୍ଦ୍ର କାଡ଼ାମ, ତାରାପ୍ରସାଦ ବାହିନୀପତି, ସୋଫିଆ ଫିର୍‌ଦୋଶ, ଦାସରଥି ଗମାଙ୍ଗ, ସାଗର ଦାସ ଏବଂ ରମେଶ ଜେନା ଗସ୍ତରେ ସାମିଲ ହୋଇନାହାନ୍ତି। ମିଳିଥିବା ସୂଚନା ମୁତାବକ, ଦାସରଥି ଏବଂ ରମେଶ ଯିବେ ବୋଲି କହି ଆଉ ଧରାଛୁଆଁ ଦେଇ ନ ଥିଲେ। ସୋଫିଆ ଯିବା ପାଇଁ ସିଧା ମନା କରିଥିଲେ। ନିକଟରେ ସାଗର ପିତା ହୋଇଥିବା କାରଣରୁ ଯାଇନାହାନ୍ତି। ତାରା ଏବଂ କାଡ଼ାମ ବିଧାନସଭାରେ ରହିବା ପାଇଁ ଗସ୍ତରେ ସାମିଲ ହୋଇ ନ ଥିବା ଜଣାପଡ଼ିଛି। ଭୋଟ ପୂର୍ବରୁ କଂଗ୍ରେସର ୬ ବିଧାୟକ ଗୋଠରେ ନ ରହିବା ରାଜ୍ୟ ନେତୃତ୍ୱଙ୍କ ଚିନ୍ତା ବଢ଼ିଯାଇଛି।

ଅନ୍ୟପଟେ ବିଜେଡିରୁ ଯେପରି କ୍ରସ୍ ଭୋଟିଂ ନ ହୁଏ ସେଥିପାଇଁ ଦଳର ସଭାପତି ନବୀନ ପଟ୍ଟନାୟକ ବିଶେଷ ଗୁରୁତ୍ୱଦେବା ଆରମ୍ଭ କରିଛନ୍ତି। ୧୩ରୁ ୧୫ ତାରିଖ ପର୍ଯ୍ୟନ୍ତ ବିଜେଡି ବିଧାୟକମାନେ ସନ୍ଧ୍ୟା ୫ଟା୩୦ରୁ ୭ଟା ୩୦ ପର୍ଯ୍ୟନ୍ତ ନବୀନ ନିବାସରେ ରହିବେ। ୧୩ ଏବଂ ୧୪ରେ ରାଜ୍ୟ ସଭା ନିର୍ବାଚନୀ ସମ୍ପର୍କିତ ବିଷୟ ଉପରେ ଟ୍ରେନିଂ କାର୍ଯ୍ୟକ୍ରମ ହେବ। ୧୫ ତାରିଖରେ ବିଧାୟକମାନଙ୍କୁ ନେଇ ଏକ ବୈଠକ ଅନୁଷ୍ଠିତ ହେବ। ଏହି କାର୍ଯ୍ୟକ୍ରମକୁ ଗୁରୁତ୍ୱପୂର୍ଣ୍ଣ ଭାବେ ବିଚାରକରି କାର୍ଯ୍ୟ କରାଯିବ ବୋଲି ଉଲ୍ଲେଖଥିବା ଗୋଟିଏ ଚିଠି ସବୁ ବିଧାୟକଙ୍କୁ ନବୀନ ପଠାଇଛନ୍ତି।

ମିଳିଥିବା ସୂଚନା ମୁତାବକ, ଗୁରୁବାର ନବୀନ ନିବାସକୁ କେତେଜଣ ବିଧାୟକଙ୍କୁ ଡକାଯାଇଥିଲା। ଅପରାହ୍ନ ସାଢେ ୪ଟା ପରେ ବିଧାୟକ ନିରଞ୍ଜନ ପୂଜାରୀ, ଅରୁଣ କୁମାର ସାହୁ, ପ୍ରତାପ ଦେବ, ପ୍ରସନ୍ନ ଆଚାର୍ଯ୍ୟ ପ୍ରମୁଖ ନବୀନ ନିବାସ ଯାଇ ଦଳର ସଭାପତିଙ୍କ ସହ ଆଲୋଚନା କରିଥିଲେ। ଏହି ସମୟରେ ନବୀନ ରାଜ୍ୟ ସଭା ନେଇ ସମସ୍ତଙ୍କ ଠାରୁ ମତାମତ ଲୋଡ଼ିଥିଲେ। ଭାଜପା ସହ ଆଉ ବିଜେଡି ନାହିଁ ବୋଲି ତଳସ୍ତର ପର୍ଯ୍ୟନ୍ତ ବାର୍ତ୍ତା ଯାଇସାରିଥିବା ସେଠାରେ ଉପସ୍ଥିତ ବିଧାୟକମାନେ ନବୀନଙ୍କୁ ଜଣାଇଥିବା ଚର୍ଚ୍ଚା ହେଉଛି। ଏହି ସମୟରେ ବରିଷ୍ଠ ବିଧାୟିକା ପ୍ରମିଳା ମଲ୍ଲିକ ସାଙ୍ଗରେ ବସ୍ତା ବିଧାୟିକା ସୁବାସିନୀ ଜେନାଙ୍କୁ ସାଙ୍ଗରେ ନେଇ ନବୀନ ନିବାସରେ ପହଞ୍ଚିଥିଲେ। ସୁବାସିନୀ ଦଳରେ ଅଛନ୍ତି ଏବଂ ଭୋଟ୍ ଦେବେ ବୋଲି ନବୀନଙ୍କୁ ଜଣାଇଥିଲେ। ଏଠାରେ ଉଲ୍ଲେଖଯୋଗ୍ୟ, ସୁବାସିନୀ ହେଉଛନ୍ତି ବୁଧବାର ଭାଜପାରେ ଯୋଗଦେଇଥିବା ପୂର୍ବତନ ବାଲେଶ୍ୱର ଏମ୍‌ପି ରବୀନ୍ଦ୍ର ଜେନାଙ୍କ ସ୍ତ୍ରୀ। ରବୀନ୍ଦ୍ର ଭାଜପାରେ ଯୋଗଦେବା ପରେ ସୁବାସିନୀ ବିଜେଡି ସମର୍ଥିତ ପ୍ରାର୍ଥୀଙ୍କୁ ଭୋଟ୍ ଦେବେ ନା ଅସୁସ୍ଥତା କାରଣ ଦର୍ଶାଇ ଭୋଟରୁ ବିରତ ରହୁଛନ୍ତି ତାକୁ ନେଇ ବ୍ୟାପକ ଆଲୋଚନା ଚାଲିଛି। ବାହାରକୁ ଆସି ସୁବାସିନୀ କିନ୍ତୁ ରାଜ୍ୟ ସଭା କଥା ଆଲୋଚନା ହୋଇ ନ ଥିବା କହିଛନ୍ତି।

# ସାକ୍ଷ୍ୟ ଦେବାକୁ ଆସିଥିବା ଓଏପିଏଫ୍ କନ୍‌ଷ୍ଟେବଲଙ୍କ ମୃତ୍ୟୁ

**ଜଳେଶ୍ୱର, ୧୨।୩(ନବୀନ ସାହୁ)**
ବାଲେଶ୍ୱର ଜିଲା ଜଳେଶ୍ୱର ଥାନାରୁ ଏଡିଜେ କୋର୍ଟକୁ ସାକ୍ଷୀ ଦେବାକୁ ଆସିଥିବା ଜଣେ ଓଏପିଏଫ୍(ଓଡ଼ିଶା ସହାୟକ ପୋଲିସ ବାହିନୀ) କନଷ୍ଟେବଲଙ୍କ ହଠାତ୍ ଅସୁସ୍ଥ ହୋଇ ପ୍ରାଣ ହରାଇଛନ୍ତି। ମୃତକ ଜଣକ ହେଲେ ମୟୂରଭଞ୍ଜ ଜିଲା ବାରିପଦା ବମ୍ବେ ଛକ ଅଞ୍ଚଳର ସରୋଜ ନାୟକ।



ସରୋଜ ନାୟକ

ବୁଧବାର ପୂର୍ବାହ୍ନ ପ୍ରାୟ ୧୧ଟା ବେଳେ ସରୋଜ ଏକ ମାମଲାରେ ସାକ୍ଷ୍ୟ ଦେବା ପାଇଁ ଜଳେଶ୍ୱର ଥାନାରୁ ଏଡିଜେ କୋର୍ଟକୁ ଯାଇଥିଲେ। ମଧ୍ୟାହ୍ନ ୧୨ଟା ବେଳେ କୋର୍ଟ ବାରଣ୍ଡାରେ ସାକ୍ଷ୍ୟ ଦେବା ପାଇଁ ପ୍ରସ୍ତୁତ ହେଉଥିବା ବେଳେ ହଠାତ୍ ତାଙ୍କର ମୁଣ୍ଡ ବୁଲାଇଥିଲା ଏବଂ ସେ ସେଠାରେ ଟଳି ପଡ଼ିଥିଲେ। ସେଠାରେ ଉପସ୍ଥିତ ଆଇନଜୀବୀ ଓ ସହକର୍ମୀମାନେ ତାଙ୍କୁ ସଙ୍ଗେ ସଙ୍ଗେ ଉଦ୍ଧାର କରି ଜଳେଶ୍ୱର ଜିକେଭଟ୍ଟର ହସ୍ପିଟାଲକୁ ନେଇଥିଲେ। ଜଳେଶ୍ୱରରେ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ହେବାରୁ ତାଙ୍କୁ ପ୍ରଥମେ ବାଲେଶ୍ୱର ଓ ପରେ କଟକ ସ୍ଥାନାନ୍ତର କରାଯାଉଥିଲା। ମାତ୍ର କଟକ ନେବା ବାଟରେ ହିଁ ତାଙ୍କର ପ୍ରାଣବାୟୁ ଉଡ଼ିଯାଇଥିଲା। ଉଲ୍ଲେଖଯୋଗ୍ୟ, ମାତ୍ର ଦେଢ଼ବର୍ଷ ତଳେ ସରୋଜଙ୍କ ବିବାହ ହୋଇଥିଲା। ତାଙ୍କର ଏକ ୬ ମାସର ପୁଅ ମଧ୍ୟ ଅଛି। ଏହି ଖବର ପ୍ରଚାରିତ ହେବା ପରେ ପରିବାର ସମେତ ସ୍ଥାନୀୟ ପୋଲିସ ବିଭାଗରେ ଶୋକର ଛାୟା ଖେଳିଯାଇଛି। ସରୋଜଙ୍କ ଅକାଳ ବିୟୋଗରେ ଜଳେଶ୍ୱର ଏସ୍‌ଡିପିଓ ସୁବ୍ରତ କୁମାର ବେହେରା, ଆଇଆଇସି ଅଶୋକ କୁମାର ବାରିକଙ୍କ ସମେତ ଥାନାର ସମସ୍ତ କର୍ମଚାରୀ ଓ ହୋମଗାର୍ଡ ସଂଘ ଗଭୀର ଶୋକ ପ୍ରକାଶ କରିଛନ୍ତି।


## ତୃତୀୟ ଜନ୍ମ ଦିବସ





ରୁଦ୍ର ପ୍ରସାଦ ରାୟ
ଶିଶୁପାଳଗଡ଼, ଖଣ୍ଡାଇତ ସାହି, ଭୁବନେଶ୍ୱର
ଆମ୍ଭେମାନେ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଅଛୁ, ତୋର ଚଲାପଥ କୁସୁମିତ ହେଉ।
ଶୁଭେଚ୍ଛା ସହ– ଜେଜେ, ଜେଜେ ମା', ବଡ ବାବା, ବଡ ମାମା, ଚାଚୁ, ଚାଚି, ଦାଦା, ଟିକିବୋଉ, ବାବା, ମାମା, ପିଇସା, ପିଇସି, ଅଜା, ଆଇ, ମାମୁ, ମାଇଁ ଓ ବଡ ଦିଦି, ସାଇନି, ଶୁଆନି, ଶାଲିନ, ଶୁଭମ, ପ୍ରୀତି, ସାଇ
ଧ-୩୬୨୭


# ବୃଦ୍ଧାଙ୍କ ମାଡ଼ରେ ବୃଦ୍ଧା ମୃତ

**ଚମ୍ପୁଆ, ୧୨।୩(ମହେଶ୍ୱର ଦାସ)**
କେନ୍ଦୁଝର ଜିଲା ଚମ୍ପୁଆ ଥାନା ଅନ୍ତର୍ଗତ ଶିରପୁର ଗ୍ରାମରେ ବୁଧବାର ସନ୍ଧ୍ୟାରେ ୨ ବୃଦ୍ଧାଙ୍କ ମଧ୍ୟରେ ଗଣ୍ଡଗୋଳ ହୋଇଥିଲା। ଜଣେ ବୃଦ୍ଧାଙ୍କ ମାଡ଼ରେ ଅନ୍ୟ ଜଣେ ବୃଦ୍ଧାଙ୍କ ମୃତ୍ୟୁ ହୋଇଥିବା ଜଣାପଡ଼ିଛି। ମୃତା ହେଲେ ସମବାରୀ ସର୍ଦ୍ଦାର(୭୦)। ଅଭିଯୁକ୍ତ ସମବାରୀ ସର୍ଦ୍ଦାର(୫୫)ଙ୍କୁ ପୋଲିସ ଗିରଫ କରି ତଦନ୍ତ କରୁଥିବା ଚମ୍ପୁଆ ଥାନା ଅଧିକାରୀ ସ୍ୱରୂପ ରଞ୍ଜନ ନାଏକ ସୂଚନା ଦେଇଛନ୍ତି।

ସୂଚନା ଅନୁସାରେ, ବୁଧବାର ସନ୍ଧ୍ୟା ସମୟରେ ସ୍ୱର୍ଗତ ସନାତନ ସର୍ଦ୍ଦାରଙ୍କର ସ୍ତ୍ରୀ ସମବାରୀ ସର୍ଦ୍ଦାର ଉକ୍ତ ଗ୍ରାମର ସ୍ୱର୍ଗତ ଚନ୍ଦ୍ର ସର୍ଦ୍ଦାରଙ୍କ ସ୍ତ୍ରୀ ସମବାରୀ ସର୍ଦ୍ଦାରଙ୍କ ମଧ୍ୟରେ କୌଣସି କାରଣକୁ ନେଇ ବଚସା ହୋଇଥିଲା। ବଚସା ପରେ ସନାତନଙ୍କ ସ୍ତ୍ରୀ ସମବାରୀ(୫୫) ଏକ କାଠଠେଙ୍ଗାରେ ଚନ୍ଦ୍ରଙ୍କ ସ୍ତ୍ରୀ ସମବାରୀ(୭୦)ଙ୍କୁ ଆକ୍ରମଣକରି ଲହୁଲୁହାଣ କରିଥିଲେ। ତୁରନ୍ତ ତାଙ୍କୁ ଗୁରୁତର ଅବସ୍ଥାରେ ପ୍ରଥମେ ଚମ୍ପୁଆ ଡାକ୍ତରଖାନା ଓ ପରେ ଜିଲା ମୁଖ୍ୟ ଚିକିତ୍ସାଳୟକୁ ନିଆଯାଇଥିଲା। ସେଠାରେ ତାଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ଏ ନେଇ ଚନ୍ଦ୍ରଙ୍କ ପୁଅ ଚମ୍ପୁଆ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ମାମଲା(ନଂ.୧୦୫/୨୦୨୬) ରୁଜୁକରି ଅଭିଯୁକ୍ତା ବୃଦ୍ଧାଙ୍କୁ ଗିରଫକରି କୋର୍ଟ ଚାଲାଣ କରିଛି।

# ରନ୍ଧନ ଗ୍ୟାସ୍ ସମସ୍ୟାର ସମାଧାନ ପାଇଁ ମନ୍ତ୍ରୀସ୍ତରୀୟ କମିଟି ଗଠନ କରାଯାଉ

**ଭୁବନେଶ୍ୱର, ୧୨।୩(ସୁଚିସ୍ମିତା ସାହୁ)**
ମଧ୍ୟପ୍ରାଚ୍ୟ ଯୁଦ୍ଧ ପାଇଁ ଏବେ ଓଡ଼ିଶା ସମେତ ବିଭିନ୍ନ ରାଜ୍ୟରେ ଜାଳେଣି ଗ୍ୟାସ୍ ଯୋଗାଣ ସମସ୍ୟା ଜଟିଳ ହେଉଛି। ଓଡ଼ିଶାରେ ଗ୍ୟାସ୍ ପାଇଁ ଖାଉଟିମାନେ ହନ୍ତସନ୍ତ ହେଉଛନ୍ତି। ୨୫ଦିନ ପରେ ବୁକିଂ କଟକଣା କରାଯାଇଥିବାବେଳେ ବୁକିଂ କରିଥିବା ଲୋକେ ଠିକ୍ ସମୟରେ ଗ୍ୟାସ ସିଲିଣ୍ଡର ପାଉ ନ ଥିବାରୁ ଏଜେନ୍ସିରେ ଭିଡ଼ ଜମାଇ ହଇରାଣ ହେଉଛନ୍ତି। ବହୁ ସମୟରେ ବୁକିଂ ନମ୍ବର ଲାଗୁ ନାହିଁ ଓ ବଜାରରେ ବିକଳ୍ପ ରୋଷେଇ ସରଞ୍ଜାମ ଯଥା ଇଣ୍ଡକ୍ସନ କୁକର ମଧ୍ୟ ମିଳୁନାହିଁ। ସେହିପରି ବିଭିନ୍ନ ଅଞ୍ଚଳରେ ମଧ୍ୟ ପେଟ୍ରୋଲ, ଡିଜେଲ ମିଳୁନାହିଁ। ସବୁଆଡେ ଅରାଜକତା ଓ କଳାବଜାରୀ ହେଉଛି। ଏହି ସମସ୍ୟାର ସମାଧାନ ପାଇଁ ରାଜ୍ୟରେ ଖାଦ୍ୟ ଯୋଗାଣ ମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ଏକ ମନ୍ତ୍ରୀସ୍ତରୀୟ କମିଟି ଗଠନ କରି ଜାଳେଣି ଗ୍ୟାସ ଓ ପେଟ୍ରୋଲ, ଡିଜେଲ ସମସ୍ୟା ସମାଧାନ ପାଇଁ ତୁରନ୍ତ ପଦକ୍ଷେପ ନେବାକୁ ଓଡ଼ିଆ ଅସ୍ମିତା ପରିଷଦ ଆବାହକ ରବି ବେହେରା ଦାବି କରିଛନ୍ତି। ସେ କହିଛନ୍ତି, ଏଲ.ପି.ଜି ସମସ୍ୟାର ସମାଧାନ ପାଇଁ ଖାଉଟିଙ୍କୁ ନିରବିଚ୍ଛିନ୍ନ ଗ୍ୟାସ୍ ସିଲିଣ୍ଡର ଯୋଗାଣ କରିବା ସହିତ କଳାବଜାରୀ ରୋକିବା ପାଇଁ କେନ୍ଦ୍ର ସରକାର ଏକ ୩ଜଣିଆ ମନ୍ତ୍ରୀସ୍ତରୀୟ କମିଟି ଗଠନ କରିଛନ୍ତି। ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କମିଟିରେ ବୈଦେଶିକ ମନ୍ତ୍ରୀ ଏସ. ଜୟ ଶଙ୍କର ଓ ପେଟ୍ରୋଲିୟମ ମନ୍ତ୍ରୀ ହରଦୀପ ସିଂ ରହିଛନ୍ତି। ତେଣୁ ଓଡ଼ିଶା ସରକାର ତୁରନ୍ତ କମିଟି କରି ବିଶେଷକରି କଳାବଜାରି ରୋକିବା ସହ ଗ୍ୟାସ୍ ଓ ତେଲ ଯୋଗାଣକୁ ସ୍ୱାଭାବିକ କରିବା ଆବଶ୍ୟକ ବୋଲି ରବି ଦାବି କରିଛନ୍ତି।

# Classified Everyday
**0674-2580101, 9692975378**



## REAL ESTATE SALE

**PlotsaleAIIMS Hospital, Bhubaneswar, Duplex near Retang Station. 9777433701.** D-24

ଭୁବନେଶ୍ୱର KEC College ନିକଟରେ ପାଚେରି ପ୍ଲଟ୍ ପଟାରୁ ବିକ୍ରିହେବ contact 9178660666 ଧ-୩୫୭୪

**2&3BHK Flats sale at Kalarahanga, Patia, Bhubaneswar. Close to school, college and hospital. Completed project. Near to possession. Contact: 7440045095, 7077771880.** D-101

**Plots/Apartment for sale, Bhubaneswar KIIT University Boundary, Road with Electricity available. 7978416795, 9937513595.** D-23

ଭୁବନେଶ୍ୱର ଜଟଣୀଗେଟ୍ ପାଖରେ 1500sqft. ପ୍ଲଟ୍ 6,75,000/- ରେ ତୁରନ୍ତ ବିକ୍ରି ହେବ। 9776974912. D-22



All types of physiotherapy and massage contact 9556924059 / 7656969134. D-3591

## LOST

By virtue of an affidavit sworn before the Executive Magistrate, Mahakalapara, I, Rabindra Behera, age 56, S/o - Naran Behera, Vill.- Gadaromita, P.O.- Gatanai, P.S.- Marshaghai, Dist.- Kendrapada declare that I have lost my original land RSD No. 1756 executed on dated- 23.06.1997 at Mouza- Gadaromita, Sub-Registrar Office, Marshaghai while I was going from home to Tahasil Mahakalapara on 02.01.2026. The affidavit will produce before concerned authorities for necessary information & favourable action. D-3624

## AFFIDAVIT

By virtue of an affidavit No. 604 dtd.12.03.2026 sworn before Notary Magistrate, Bhadrak, I, Shaikh Abdus Salam, S/o.- Shaikh Abu Bakar, Vill./P.O.- Bainsiria, P.S.- Bari, Dist.- Jajpur, Odisha, PIN- 755017 declare that in my passport bearing No. V 5276857 my name is wrongly mentioned SHAIKH ABU SALAM but my correct name is SHAIKH ABDUS SALAM as per my Aadhaar card bering No. xxxx xxxx 2342. I further declare that Shaikh Abdus Salam and Shaikh Abu Salam, S/o.- Shaikh Abu Bakar same and one person. D-3626

I, Sohel Qureshi, S/o.- Soum Qureshi, R/o. At- Barkatnagar, Mangal Bazar, P.O./P.S./Dist.- Jharsuguda, Odisha, PIN- 768201 declare by this affidavit No.868, Dtd.- 12.03.26 that now onwards my father shall be known Sayyum Qureshi for all future purposes. D-3623

By virtue of an affidavit sworn before the Executive Magistrate Mr. P.K. Jena, Puri dtd.- 29.01.2026, I, Gini Amaya Reddy, S/o.- Late Gini Andeya Reddy, C.T. Road, Nua Sahi, P.S.- Sea Beach, Dist.- Puri, Odisha do hereby declare that Gini Amaya Reddy, S/o.- Gini Andeya Reddy and Gini Amaya Reddy, S/o.- Gini Endia Reddy is one and same person. Henceforth, I shall be known as Gini Amaya Reddy, S/o.- Gini Andeya Reddy for all Purposes.
Sd./- Gini Amaya Reddy
D-3622

Before the Notary Public, Berhampur, Ganjam, I, Mantu Mallick, aged 29 years, S/o.- Ajit Kumar Mallick, Brahmapalli, Lanjipalli, Berhampur, P.S.- B.N.Pur, Dist.- Ganjam, Odisha, (Aadhaar No. xxxx xxxx 6278), affirm: 1. My name is Mantu Mallick (per horoscope) and Kamala Kanta Mallick (per Aadhaar & educational certificates). 2. Both names refer to me. 3. I want to change my name to Mantu Mallick for all purposes.
Sd./- Deponent
D-3620

By virtue of an affidavit sworn before Notary Public, Borigumma, dated 18.02.2026, I, GOURI GOND, D/o.- GOPICHAND GOND (New name), Address: At- Gulipatna, P.O.- Umerkote, P.S.- Umerkote, Dist.- Nabarangpur, Odisha- 754073 declare that I have changed my name with my father's name from GOURI GOND, D/o.- GOPINATH GOND (Old name) to GOURI GOND, D/o.- GOPICHAND GOND (New name). Henceforth, I shall be known as GOURI GOND, D/o.- GOPICHAND GOND (New name) for all purposes.
Gouri Gond,
D/o.- Gopichand Gond
D-3621

Before the Notary Public, Digapahandi, Ganjam, Odisha, I, Santosh Kumar Padhan, 37 yrs, S/o.- Jura Padhan, Vill.- Lahunia, P.O.- Banamali, P.S.- K Nuagam, Ganjam, Odisha, affirm: My actual name is Santosh Kumar Padhan (Aadhaar: xxxx xxxx 0476, Residence Certificate: M.C. Case No.- E-RES/2025/1541492). Passport No. G5034189 incorrectly shows Pradhan Santosh Kumar, S/o.- Jura Radhan. Both names refer to me. I'm swearing this to correct my passport.
Sd./- Deponent
D-3619

**Email** ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:–
classifieddharitri@gmail.com

I, Shristi Bhattacharya, resident of Flat No. 301, Manjula Residency, Puri- 752002 solemnly affirm that I changed my name from Shristi Parida to Shristi Bhattacharya, vide affidavit No. 37/23-02-2026, by swearing before the Executive Magistrate, Puri on 23.02.2026. Henceforth, I will be known as Shristi Bhattacharya in all future correspondence. D-3618

By virtue of an affidavit sworn before the Notary Public, Bhadrak, Odisha, dtd.- 22.12.2025, I, Laxmidhar Sahoo, aged about 64 years, S/o.- Late Radhashyam Sahoo resident of Village- Chhatisbedapur (Muhanapada), P.O.- Khadipada, P.S.- Dhamnagar, Dist.- Bhadrak, PIN- 756117, Odisha having Aadhaar card bearing No. XXXX XXXX 4387 have changed my name from "Lakshmi Sahoo" (which has been mentioned in my Aadhaar card) to Laxmidhar Sahoo, Henceforth I shall be known as Laxmidhar Sahoo for all purposes.
Laxmidhar Sahoo
Bhadrak
D- 3615

I, Krishna, W/o.- Akash Rout, resident of Sunhat, Baleshwar Sadar, Baleswar, Odisha PIN- 756002 declare by this affidavit No. 12AA 527948 dated 29.12.2022 that now onwards I shall be known as KRISHNA ROUT for all future purposes. D-3617

By virtue of an affidavit sworn before the Executive Magistrate, Koraput, vide No. 33 dated 06.02.2026, I, Sri Ashwini Kumar Bhoi, S/o.- Bhimasen Bhoi, resident of Qtr. No. B-247, Sector- III, Nalco Township, P.O./P.S.- Damanjodi, Dist.- Koraput do hereby solemnly affirm and declare that my widowed sister's name was changed from Anita Bhoi to Anita Biswal after her marriage. However, both names refer to one and the same person. Henceforth, she shall be known as Anita Biswal for all purposes. D-3616

### ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

### ଧରିତ୍ରୀ DHARITRI Scan & Pay

ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ QR Code ସ୍କାନ୍ କରି ଯେକୌଣସି UPI App ମାଧ୍ୟମରେ ସହଜରେ ପୈଠ କରନ୍ତୁ।
0199723846@ybl | T&C Apply
BHIM | UPI
ଦେୟ ପୈଠ ହେଲାପରେ ରସିଦ୍‌ର Screenshotକୁ
classifieddharitri@gmail.com
ରେ ଇମେଲ୍ କରନ୍ତୁ।

## ମନେ ପଡ଼ନ୍ତି

### ଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



୰ସତ୍ୟଭାମା ରଥ
ସ୍ୱାମୀ: ୰କୃଷ୍ଣଚନ୍ଦ୍ର ରଥ
କାଳିକାଦେବୀ ସାହି, ପୁରୀ
ତିରୋଧାନ: ୦୪।୦୩।୨୦୨୬
ଆପଣଙ୍କ ପବିତ୍ର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଚରଣାରବିନ୍ଦରେ ଭକ୍ତିପୂତ ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଅଛୁ।
-:ଶୋକସନ୍ତପ୍ତ:-
ବନ୍ଧୁ ଓ ପରିବାରବର୍ଗ।
ଧ-୩୫୨୮

### ୨୭ତମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



ସ୍ୱର୍ଗତ ଗୋବିନ୍ଦ ଚନ୍ଦ୍ର ସେଠୀ
ଭି.ଏସ୍.ଏସ୍. ନଗର, ଭୁବନେଶ୍ୱର
ତିରୋଧାନ:୧୨।୦୩।୧୯୯୯
ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା।
ଶୋକସନ୍ତପ୍ତ ପରିବାରବର୍ଗ ଓ ଆତ୍ମୀୟସ୍ୱଜନ।
ଧ-୩୫୨୭

ଧରିତ୍ରୀ
DHARITRI
www.orissakhabar.com/ www.dharitri.com | ପୃଷ୍ଠା ୮ | Press Regd. No. R.N. 21326/74 Postal Regd. No. BN/42/24-26. | ଭୁବନେଶ୍ୱର, ଶୁକ୍ରବାର, ମାର୍ଚ୍ଚ ୧୩/୨୦୨୬ | Bhubaneswar, Friday, March 13/ 2026

# ଆଜି ଭାରତ-ଇଟାଲୀ ସେମିଫାଇନାଲ

**ଏଫ୍ଆଇଏଚ୍ ମହିଳା ବିଶ୍ୱକପ୍ କ୍ୱାଲିଫାୟର୍ସ**

ହାଇଦ୍ରାବାଦ୍,୧୨।୩(ପି.ଟି.)

ବିଶ୍ୱକପ୍‌ରେ ସ୍ଥାନ ପକ୍କା କରିସାରିଥିବା ଭାରତୀୟ ମହିଳା ହକି ଦଳ ଶୁକ୍ରବାର ଏଫ୍ଆଇଏଚ୍ ମହିଳା ହକି ବିଶ୍ୱକପ୍ କ୍ୱାଲିଫାୟର୍ସ ସେମିଫାଇନାଲରେ ଇଟାଲୀକୁ ଭେଟିବ। ଭାରତୀୟ ଦଳ ଗ୍ରୁପ୍ ପର୍ଯ୍ୟାୟରେ ୩ ମ୍ୟାଚ୍‌ରେ ୭ ପଏଣ୍ଟ ସହ ପୁଲ୍ ବି'ର ଶୀର୍ଷ ସ୍ଥାନରେ ରହିଥିଲା। ସମାନ ସଂଖ୍ୟକ ପଏଣ୍ଟ ହାସଲ କରିବା ସତ୍ତ୍ୱେ ସ୍କଟ୍‌ଲାଣ୍ଡ ଦ୍ୱିତୀୟ ସ୍ଥାନରେ ରହିଥିଲା। ସ୍କଟ୍‌ଲାଣ୍ଡ ତୁଳନାରେ ଭାରତ ଅଧିକ ଗୋଲ୍ କରିଥିବାରୁ ଶୀର୍ଷ ସ୍ଥାନ ଅଧିକାର କରିଛି। ଅନ୍ୟପକ୍ଷରେ ଇଟାଲୀ ଗୋଟିଏ ଲେଖାଏ ବିଜୟ, ଡ୍ର' ଓ ପରାଜୟରୁ ୪ ପଏଣ୍ଟ ସହ ପୁଲ୍-ଏ'ରେ ଦ୍ୱିତୀୟ ସ୍ଥାନରେ ରହିଥିଲା।

ଟୁର୍ନାମେଣ୍ଟରେ ୪ ଗୋଲ୍ ସହ ଯୁଗ୍ମ ସର୍ବାଧିକ ସ୍କୋରର ଥିବା ନବନୀତ କୌର ଦଳର ଆଟାକିଂ ଭାର ସମ୍ଭାଳିବେ। ସେ ୱେଲ୍ସ ବିପକ୍ଷ ଅନ୍ତିମ ପୁଲ୍ ମ୍ୟାଚ୍‌ରେ ଏକ ଚମତ୍କାର ହାଟ୍ରିକ୍ କରିଥିଲେ। ଅନ୍ୟପକ୍ଷରେ ଇଟାଲୀ ଗୋଲ୍ କରିବା ପାଇଁ ଫେଡେରିକା କାର୍ଟାଙ୍କ ଉପରେ ନିର୍ଭର କରିବ। ସେ ଏପର୍ଯ୍ୟନ୍ତ ଟୁର୍ନାମେଣ୍ଟରେ ୩ ଗୋଲ କରିଛନ୍ତି। ଦଳର ପ୍ରଦର୍ଶନ ଦୃଷ୍ଟିକୋଣରୁ ଇଟାଲୀଠାରୁ ଭାରତ ଖୁବ୍ ଆଗରେ ରହିଛି। ଦୁଇ ଦଳ ୨୦୧୨ଠାରୁ ଏପର୍ଯ୍ୟନ୍ତ ପରସ୍ପରକୁ ୭ଥର ଭେଟିଛନ୍ତି। ଭାରତ ୫ଥର ବିଜୟୀ ହୋଇଥିବା ବେଳେ ଇଟାଲୀ ଥରେ ବାଜି ମାରିଛି ଏବଂ ବଳକା ଏକ ମ୍ୟାଚ୍ ଡ୍ର'ରେ ଶେଷ ହୋଇଥିଲା।

ଭାରତୀୟ ଦଳର ମୁଖ୍ୟ କୋଚ୍ ଜୋଏର୍ଡ ମାରିଜନେ ମ୍ୟାଚ୍ ପୂର୍ବରୁ ଆୟୋଜିତ ଖବରଦାତା ସମ୍ମିଳନୀରେ କହିଛନ୍ତି, ମହିଳା ହକି ବିଶ୍ୱକପ୍ ଲାଗି ଯୋଗ୍ୟତା ହାସଲ କରିବା ଆମ ଦଳ ପାଇଁ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ। ପୂରା ଟୁର୍ନାମେଣ୍ଟରେ ଦଳର ଭଲ ପ୍ରଦର୍ଶନ ଲାଗି ଖେଳାଳିଙ୍କୁ ଶ୍ରେୟ ଦିଆଯିବା ଉଚିତ। ସେମାନେ ଗ୍ରୁପ୍ ପର୍ଯ୍ୟାୟରେ ଭଲ ଶୃଙ୍ଖଳା, କମ୍ପୋଜର ଓ ଆଟାକିଂ ଖେଳ ପ୍ରଦର୍ଶନ କରିଥିଲେ। ଆମେ ଏଠାକୁ କେବଳ ଯୋଗ୍ୟତା ଲାଗି ଆସିନାହୁଁ। ଆମେ ଟୁର୍ନାମେଣ୍ଟକୁ ଜିତିବାର ଲକ୍ଷ୍ୟ ସହିତ ପ୍ରତି ମ୍ୟାଚ୍‌ରେ ପ୍ରଦର୍ଶନରେ ସୁଧାର ଆଣିବାକୁ ଚାହୁଁ। ସେମିଫାଇନାଲ ଏକ ବଡ଼ ଚ୍ୟାଲେଞ୍ଜ୍ ଏବଂ ଆମେ ଏହା ଉପରେ ସମ୍ପୂର୍ଣ୍ଣ ଧ୍ୟାନ ଦେଉଛୁ। ଇଟାଲୀ ଏକ ଦକ୍ଷ ପ୍ରତିଦ୍ୱନ୍ଦ୍ୱୀ ଦଳ। ଏହି ଦଳ ଯେକୌଣସି ଦଳକୁ ସମସ୍ୟାରେ ପକାଇପାରେ। ଫିଲ୍ଡରେ ଆମ ଯୋଜନାକୁ କାର୍ଯ୍ୟକାରୀ କରିବା ଓ ସମାନ ଏନର୍ଜି ଏବଂ ଆତ୍ମବିଶ୍ୱାସ ସହ ଖେଳ ଜାରି ରଖିବା ଉପରେ ଆମେ ଧ୍ୟାନ ଦେଉଛୁ। ଉଲ୍ଲେଖଯୋଗ୍ୟ, ଏଫ୍ଆଇଏଚ୍ ମହିଳା ହକି ବିଶ୍ୱକପ୍ ସହିତ ପୁରୁଷ ବିଶ୍ୱକପ୍ ମଧ୍ୟ ଅଗଷ୍ଟ ୧୫ରୁ ୩୦ ପର୍ଯ୍ୟନ୍ତ ଯଥାକ୍ରମେ ନେଦରଲାଣ୍ଡ୍ସ ଓ ବେଲ୍‌ଜିୟମରେ ଖେଳାଯିବ।



ଭାରତୀୟ ମହିଳା ହକି ଦଳ।

# ସେମିରେ ସିଏଜି ଦିଲ୍ଲୀ, ନିମପୁର ଓଡ଼ିଶା

**ଟିଲୋ କପ୍ କ୍ରିକେଟ**

ବନ୍ତ,୧୨।୩ (ହରିନାରାୟଣ ମହାନ୍ତି)

ଭଦ୍ରକ ଜିଲା ବନ୍ତ ବ୍ଲକ୍‌ର ଟିଲୋସ୍ଥିତ ହନୁମାନ ଜୀଉ ଷ୍ଟାଡିୟମରେ ଚାଲିଥିବା ଟି୨୦ କ୍ରିକେଟ ଟୁର୍ନାମେଣ୍ଟ ଟିଲୋ କପ୍‌ର ୭ମ ଦିନରେ ଗୁରୁବାର ୨ଟି ମ୍ୟାଚ୍ ଅନୁଷ୍ଠିତ ହୋଇଯାଇଛି। ଏମ୍ଏଚ୍‌କେଏଲ୍ ବନାରସ ଓ ସିଏଜି ଦିଲ୍ଲୀ ମଧ୍ୟରେ ପ୍ରଥମ ମ୍ୟାଚ୍ ହୋଇଥିଲା। ବନାରସ ପ୍ରଥମେ ବ୍ୟାଟିଂକରି ୨୦ ଓଭରରେ ୯ ଉଇକେଟ୍ ହରାଇ ୧୩୦ ରନ୍ କରିଥିଲା। ଦଳ ପକ୍ଷରୁ ଆଲ୍ୟୁସ ମଲ୍ଲ ୪୧ ଓ ରଞ୍ଜିତ ଅଗ୍ରୱାଲ ୩୬ ରନ୍ କରିଥିଲେ। ପ୍ରତିପକ୍ଷ ଦିଲ୍ଲୀ ବୋଲର ଆରୁଫଲ ଖାନ୍ ୨, ସୁମିତ୍ ମାଥୁର ୨ ଓ ଗୁରିନ୍ଦର ସିଂହ ଗୋଟିଏ ଉଇକେଟ ନେଇଥିଲେ। ଜବାବରେ ସିଏଜି ଦିଲ୍ଲୀ ୧୧.୪ ଓଭରରେ ୨ ଉଇକେଟ ହରାଇ ୧୩୫ ରନ୍ କରି ବିଜୟୀ ହୋଇଥିଲା। ଦଳ ପକ୍ଷରୁ ବେଦାନ୍ତ ଭରଦ୍ୱାଜ ୬୬ ଓ ସୁମିତ ମାଥୁର ୨୬ ରନ୍ କରିଥିଲେ। ପ୍ରତିପକ୍ଷ ବନାରସର ବୋଲର ଆଫନାନ୍ ମୋଲ୍ଲା ଓ ରଞ୍ଜିତ ଅଗ୍ରୱାଲା ଗୋଟିଏ ଲେଖାଏ ଉଇକେଟ ନେଇଥିଲେ। ବେଦାନ୍ତଙ୍କୁ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ପୁରସ୍କାର ଦିଆଯାଇଥିଲା।

ସେହିପରି ନିମପୁର ଓଡ଼ିଶା ଓ ଏସ୍‌ପିଜେ କାର୍ଗୋ ଦିଲ୍ଲୀ ମଧ୍ୟରେ ୨ୟ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ନିମପୁର ୧୮.୫ ଓଭରରେ ସମସ୍ତ ଉଇକେଟ ହରାଇ ୧୪୦ ରନ୍ କରିଥିଲା। ଦଳ ପକ୍ଷରୁ ଶୁଭମ ସାଲରୁଜିତ୍ ୨୬, ବିକ୍ରମ ସାମଲ ୨୮ ଓ ରଘୁନାଥ ମଲ୍ଲ ୧୮ ରନ୍ କରିଥିଲେ। ପ୍ରତିପକ୍ଷ ଏସ୍‌ପିଜେ କାର୍ଗୋ ଦିଲ୍ଲୀର ବୋଲର ବିବେକ କୁମାର ୫, ଶାକସାନ ଶର୍ମା ୨ ଓ ରମେଶ ପ୍ରସାଦ ଗୋଟିଏ ଉଇକେଟ ନେଇଥିଲେ। ଏସ୍‌ପିଜେ କାର୍ଗୋ ଦିଲ୍ଲୀ ୧୭.୧ ଓଭରରେ ସମସ୍ତ ଉଇକେଟ ହରାଇ ୧୧୨ ରନ୍ କରି ହାରିଥିଲା। ଦଳ ପକ୍ଷରୁ ବିଶାଲ କଶ୍ୟପ ୩୬, ଶାକସାନ୍ ଶର୍ମା ୨୧ ଓ ମହମ୍ମଦ ଆରବୁଜ୍ ୧୯ ରନ୍ କରିଥିଲେ। ପ୍ରତିପକ୍ଷ ନିମପୁର ବୋଲର ରାମଚନ୍ଦ୍ର ବେହେରା ୩, ପ୍ରଦୀପ ପ୍ରଧାନ ୨ ଓ ରାକେଶ ପଟ୍ଟନାୟକ ଗୋଟିଏ ଉଇକେଟ ନେଇଥିଲେ। ରାମଚନ୍ଦ୍ରଙ୍କୁ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ପୁରସ୍କାର ପ୍ରଦାନ କରାଯାଇଥିଲା। ସିଏଜି ଦିଲ୍ଲୀ ଓ ନିମପୁର ଓଡ଼ିଶା ସେମିଫାଇନାରେ ପ୍ରବେଶ କରିଛି।

# ଜୋକୋଭିଚ୍‌ଙ୍କୁ ହରାଇଲେ ଡ୍ରାପର

**ବିଏନ୍‌ପି ପାରିବାସ ଓପନ୍ ଟେନିସ୍**


ଜ୍ୟାକ୍ ଡ୍ରାପର

ଇଣ୍ଡିଆନ ୱେଲ୍ସ, ୧୨।୩(ଏପି)

ଗତଥରର ଚାମ୍ପିୟନ ଜ୍ୟାକ୍ ଡ୍ରାପର ଏଠାରେ ଚାଲିଥିବା ବିଏନ୍‌ପି ପାରିବାସ ଓପନ୍ ଟେନିସ୍ ଟୁର୍ନାମେଣ୍ଟର ଚତୁର୍ଥ ରାଉଣ୍ଡରେ ୫ଥର ଚାମ୍ପିୟନ ନୋଭାକ୍ ଜୋକୋଭିଚ୍‌ଙ୍କୁ ୪-୬, ୬-୪, ୭-୬ (୫) ସେଟ୍‌ରେ ହରାଇ ଦେଇଛନ୍ତି। ୨୪ ବର୍ଷୀୟ ଡ୍ରାପରଙ୍କ ହାତରେ ଆଘାତ ଲାଗିଥିବାରୁ ସେ ୮ ମାସ ହେଲା ନିଜକୁ ଖେଳରୁ ଦୂରେଇ ରଖିଥିଲେ। ଏଠାରେ ସେ କ୍ୱାର୍ଟର ଫାଇନାଲ ରାଉଣ୍ଡକୁ ଉନ୍ନୀତ ହୋଇଛନ୍ତି। ବର୍ତ୍ତମାନ ସେ ଡାନିଲ ମେଡ୍‌ଭେଡେଭ୍‌ଙ୍କୁ ଭେଟିବେ। ମେଡ୍‌ଭେଡେଭ୍ ପ୍ରି-କ୍ୱାର୍ଟର ଫାଇନାଲରେ ଆଲେକ୍ସ ମିଚେଲସେନ୍‌ଙ୍କୁ ୬-୨, ୬-୪ ସେଟ୍‌ରେ ହରାଇ ଦେଇଥିଲେ। ସୂଚନାଯୋଗ୍ୟ, ଗତବର୍ଷ ଇଣ୍ଡିଆନ ୱେଲ୍ସ ଜିତିଥିବା ଡ୍ରାପର ୨୦୨୪ରେ ଉଭୟ ଷ୍ଟଟ୍‌ଗାର୍ଟ ଓପନ୍ ଏବଂ ଭିଏନା ଓପନ୍ ଚାମ୍ପିୟନ ହୋଇଥିଲେ। ଅନ୍ୟପକ୍ଷରେ ୩୮ ବର୍ଷୀୟ ଜୋକୋଭିଚ୍ ହେଉଛନ୍ତି ୨୪ଥର ଗ୍ରାଣ୍ଡସ୍ଲାମ ଚାମ୍ପିୟନ। ସେ ୨୦୦୮, ୨୦୧୧, ୨୦୧୪, ୨୦୧୫ ଏବଂ ୨୦୧୬ରେ ଇଣ୍ଡିଆନ ୱେଲ୍ସ ଟାଇଟଲ ଜିତିବାରେ ସଫଳ ହୋଇଥିଲେ। ଚଳିତବର୍ଷ ସେ ତାଙ୍କର ୧୧ଶ ଅଷ୍ଟ୍ରେଲିଆନ ଓପନ୍ ଟାଇଟଲ ନିକଟତର ହୋଇଥିଲେ, କିନ୍ତୁ ଫାଇନାଲରେ ସେ କାର୍ଲୋସ ଅଲ୍‌କାରାଜ୍‌ଙ୍କଠାରୁ ହାରିଯାଇଥିଲେ।

## ସ୍ୱଦେଶ ଫେରିଲେ ଦ. ଆଫ୍ରିକା, ୱେଷ୍ଟଇଣ୍ଡିଜ୍ ଖେଳାଳି

**ଦୁବାଇ,୧୨।୩(ପି.ଟି.):** ଟି୨୦ ବିଶ୍ୱକପ୍ ପରଠାରୁ ଭାରତରେ ଫସି ରହିଥିବା ଦକ୍ଷିଣ ଆଫ୍ରିକା ଓ ୱେଷ୍ଟଇଣ୍ଡିଜ ଦଳର ଖେଳାଳିଙ୍କର ଅନ୍ତିମ ବ୍ୟାଚ୍ ଗୁରୁବାର ସ୍ୱଦେଶ ଫେରିଛନ୍ତି। ଏ ନେଇ ଆଇସିସି ପକ୍ଷରୁ ଗୁରୁବାର ଘୋଷଣା କରାଯାଇଛି। ଆମେରିକା ଓ ଇସ୍ରାଏଲ ପକ୍ଷରୁ ଇରାନ ଉପରେ ଆକ୍ରମଣ ପରେ ମିଡଲ ଇଷ୍ଟରେ ଆକାଶମାର୍ଗକୁ ବନ୍ଦ କରିଦିଆଯିବାରୁ ୱେଷ୍ଟଇଣ୍ଡିଜ୍ ଓ ଦ. ଆଫ୍ରିକା ଦଳର ଖେଳାଳିମାନେ କୋଲ୍‌କାତାରେ ଫସି ଯାଇଥିଲେ। ୨୪ ଘଣ୍ଟା ମଧ୍ୟରେ ଦକ୍ଷିଣ ଆଫ୍ରିକାର ୨୯ ସଦସ୍ୟ ଓ ୱେଷ୍ଟଇଣ୍ଡିଜ୍‌ର ୧୬ ଖେଳାଳି ନିଜ ନିଜ ଦେଶ ଲାଗି ଫ୍ଲାଇଟ୍ସ ଧରିଛନ୍ତି।

## ବୁମ୍‌ରାଙ୍କୁ ମେସି, ରୋନାଲ୍ଡୋଙ୍କ ସହ ତୁଳନା

ନୂଆଦିଲ୍ଲୀ,୧୨।୩

ଭାରତୀୟ ଦଳର ଲଗାତର ଦ୍ୱିତୀୟ ଟି୨୦ ବିଶ୍ୱକପ୍ ବିଜୟରେ ମୁଖ୍ୟ ଭୂମିକା ଗ୍ରହଣ କରିଥିବା ପେସର ଯଶ୍‌ପ୍ରୀତ ବୁମ୍‌ରାଙ୍କୁ ଇଂଲଣ୍ଡର ପୂର୍ବତନ ଅଧିନାୟକ ମାଇକେଲ ଭନ୍ ଭୂୟସୀ ପ୍ରଶଂସା କରିଛନ୍ତି। ଏପରିକି ସେ ବୁମ୍‌ରାଙ୍କୁ ଫୁଟ୍‌ବଲ ସୁପରଷ୍ଟାର ଲିଓନେଲ ମେସି ଓ କ୍ରିଷ୍ଟିଆନୋ ରୋନାଲ୍ଡୋଙ୍କ ସହ ତୁଳନା କରିଛନ୍ତି। ବୁମ୍‌ରା ନ୍ୟୁଜିଲାଣ୍ଡ ବିପକ୍ଷ ଫାଇନାଲରେ ୧୫ ରନ୍ ବ୍ୟୟରେ ୪ ଉଇକେଟ ନେଇଛନ୍ତି। ସେ ଟୁର୍ନାମେଣ୍ଟ ଇତିହାସର ପ୍ରଥମ ବୋଲର ଭାବେ ନକ୍‌ଆଉଟ୍ ମ୍ୟାଚ୍‌ରେ ୪ ଉଇକେଟ ନେଇଛନ୍ତି।

'ବୁମ୍‌ରାଙ୍କୁ ଇଂଲଣ୍ଡ ଦଳରେ ସାମିଲ କଲେ ସେମାନେ ବିଶ୍ୱକପ୍ ଜିତିବେ। ତାଙ୍କୁ ଯେଉଁ ଦଳରେ ସାମିଲ କରାଯିବ, ସେହି ଦଳ ହିଁ ଜିତିବ। ସେ ସମ୍ଭବତଃ କ୍ରିକେଟର ଲିଓନେଲ ମେସି କିମ୍ବା କ୍ରିଷ୍ଟିଆନୋ ରୋନାଲ୍ଡୋଙ୍କ ଭଳି ଖେଳାଳି ବୋଲି ଭନ୍ ଏକ ପଡ୍‌କାଷ୍ଟରେ କହିଛନ୍ତି। ଏଥିସହ ସେ ପ୍ରକାଶ କରିଛନ୍ତି, ମୁଁ କ୍ରିକେଟ୍ ଦେଖିବା ଓ ପଢ଼ିବା ୧୯୮୫ରୁ ଆରମ୍ଭ କରିଛି। ମୋ ଦେଖିବାରେ ସେ ବିଶ୍ୱର ଶ୍ରେଷ୍ଠ ବୋଲର। ମୁଁ ତାଙ୍କ ବୋଲିଂ ଅଷ୍ଟ୍ରେଲିଆରେ ଦେଖିଛି। ସେ ଫ୍ଲାଟ୍ ପିଚ୍‌ରେ ଭଲ ବୋଲିଂ କରନ୍ତି। ତାଙ୍କ ସହ ଇଂଲଣ୍ଡ ପୂର୍ବତନ କ୍ରିକେଟର ମାର୍କ ବୁଚର ମଧ୍ୟ ଏକମତ ହୋଇଥିଲେ।

**ଦି ହଣ୍ଡ୍ରେଡ୍ ଅକ୍ସନ**

# ପାକିସ୍ତାନୀ ଖେଳାଳିଙ୍କୁ କିଣିଲା ସନ୍‌ରାଇଜର୍ସ

ଲଣ୍ଡନ,୧୨।୩

ୟୁନାଇଟେଡ୍ କିଙ୍ଗ୍‌ଡମ୍‌ର ଘରୋଇ ଲିଗ୍ 'ଦି ହଣ୍ଡ୍ରେଡ୍' ଲାଗି ଗୁରୁବାର ଖେଳାଳିଙ୍କ ନିଲାମ ପ୍ରକ୍ରିୟା ଅନୁଷ୍ଠିତ ହୋଇଯାଇଛି। ଆଇପିଏଲ୍ ଫ୍ରାଞ୍ଚାଇଜ୍ ସନ୍‌ରାଇର୍ସ ହାଇଦ୍ରାବାଦ୍‌ର ସହଫ୍ରାଞ୍ଚାଇଜ୍ ସନ୍‌ରାଇଜର୍ସ ଲିଡ୍ସ ପାକିସ୍ତାନ ଖେଳାଳି ଆବ୍ରାର ଅହମଦଙ୍କୁ କିଣିଛି। ଫ୍ରାଞ୍ଚାଇଜ୍‌ର ଏଭଳି ନିଷ୍ପତ୍ତିକୁ ସୋସିଆଲ ମିଡିଆରେ ଖୁବ୍ ସମାଲୋଚନା କରାଯାଉଛି। ସନ୍‌ରାଇଜର୍ସ ଫ୍ରାଞ୍ଚାଇଜ୍ ଆବ୍ରାରଙ୍କୁ ପ୍ରାୟ ୨.୩୪ କୋଟି ଟଙ୍କାରେ ହାସଲ କରିଛି। ଏଥିଯୋଗୁ ସେ ପ୍ରଥମ ପାକିସ୍ତାନୀ ଖେଳାଳି ଭାବେ କୌଣସି ଭାରତୀୟ ମାଲିକାନାରେ ଥିବା ଫ୍ରାଞ୍ଚାଇଜ୍ ସହ ଚୁକ୍ତି କରିଛନ୍ତି। ସନ୍‌ରାଇଜର୍ସ ଲିଡ୍ସର ମାଲିକାନା ଚେନ୍ନାଇରେ ପ୍ରତିଷ୍ଠିତ ମିଡିଆ ସମୂହ ସନ୍ ଗ୍ରୁପ୍ ପାଖରେ ରହିଛି, ଯାହାକି ଆଇପିଏଲ୍ ଫ୍ରାଞ୍ଚାଇଜ୍ ସନ୍‌ରାଇଜର୍ସ ହାଇଦ୍ରାବାଦ୍‌ର ମାଲିକ। ଗତବର୍ଷ ଦି ସନ୍ ଗ୍ରୁପ୍ ନର୍ଦର୍ନ ସୁପରଚାଜର୍ସକୁ ସମ୍ପୂର୍ଣ୍ଣ ରୂପେ ଅକ୍ତିଆର କରିଥିଲା। ଏହି ଫ୍ରାଞ୍ଚାଇଜ୍‌ର ୪୯ପ୍ରତିଶତ ଅଂଶ ଇସିବିଠାରୁ ଓ ବଳକା ୫୧% ଅଂଶ କାଉଣ୍ଟି କ୍ଲବ ୟର୍କଶାୟାରଠାରୁ ପ୍ରାୟ ୧୦୦ ନିୟୁତ ଗ୍ରେଟ୍ ବ୍ରିଟେନ୍ ପାଉଣ୍ଡରେ କିଣିଥିଲା। ସନ୍‌ରାଇଜର୍ସର ସିଇଓ କାଭ୍ୟା ମାରନ ଅକ୍ସନରେ ନିଜେ ଉପସ୍ଥିତ ରହିଥିଲେ। ଆବ୍ରାରଙ୍କ ବ୍ୟତୀତ ପାକିସ୍ତାନର ମିଷ୍ଟ୍ରି ସ୍ପିନର ଉସ୍ମାନ ତାରିକ ମଧ୍ୟ ବିକ୍ରି ହୋଇଛନ୍ତି। ତାଙ୍କୁ ବର୍ମିଂହାମ୍ ଫୋନିକ୍ସ ପ୍ରାୟ ୧.୭୨ କୋଟି ଟଙ୍କାରେ କିଣିଛି। ତେବେ ଫୋନିକ୍ସ ଫ୍ରାଞ୍ଚାଇଜ୍ ଆଇପିଏଲ୍ ସହ ଜଡ଼ିତ ନୁହେଁ। ତେବେ ପାକିସ୍ତାନ ପେସର ହାରିସ୍ ରୌଫ ଓ ସ୍ପିନ୍ ଅଲ୍‌ରାଉଣ୍ଡର ସଇମ ଆୟୁବ୍ ଅନ୍‌ସୋଲ୍ଡ ରହିଛନ୍ତି।

# ହାର୍ଦ୍ଦିକଙ୍କ ବିରୋଧରେ ମାମଲା

**ଜାତୀୟ ପତାକାର ଅବମାନନା**

ନୂଆଦିଲ୍ଲୀ,୧୨।୩

ଭାରତୀୟ ଦଳ ଟି୨୦ ବିଶ୍ୱକପ୍ ଜିତିବା ପରେ ବିଜୟ ଉତ୍ସବ ବେଳେ ଷ୍ଟାର ଅଲ୍‌ରାଉଣ୍ଡର ହାର୍ଦ୍ଦିକ୍ ପାଣ୍ଡ୍ୟା ଜାତୀୟ ପତାକାକୁ ଅବମାନନା କରିଥିବା ନେଇ ଅଭିଯୋଗ ହୋଇଛି। ଏ ନେଇ ବେଙ୍ଗାଲୁରୁର ଶିବାଜୀ ନଗର ଥାନାରେ ମାମଲା ରୁଜୁ ହୋଇଛି। ପୁନେରେ ପ୍ରତିଷ୍ଠିତ ଓକିଲ ୱାଜେଦ ଖାନ ବିଡକର ଲିଖିତ ଅଭିଯୋଗ ଦାଖଲ କରିବା ସହ ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି।

ଅଭିଯୋଗ ମୁତାବକ, ବିଶ୍ୱକପ୍ ଜିତିବା ପରେ ଭାରତୀୟ ଖେଳାଳିଙ୍କର ବିଜୟ ଉତ୍ସବ ବେଳର ଅନେକ ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହେଉଛି। ଏକ ଭିଡିଓରେ ତୀରଙ୍ଗାକୁ କାନ୍ଧରେ ଘୋଡ଼ାଇ ଥିବା ପାଣ୍ଡ୍ୟା ଫିଲ୍ଡରେ ତାଙ୍କ ବାନ୍ଧବୀ ମାହିକା ଶର୍ମାଙ୍କ ସହ ଆପତ୍ତିଜନକ ବ୍ୟବହାର କରିଥିଲେ। ଏପରିକି ପାଣ୍ଡ୍ୟା ଷ୍ଟେଜରେ ତାଙ୍କ ବାନ୍ଧବୀଙ୍କ ସହ ଶୋଇଥିବା ବେଳେ ମଧ୍ୟ ତାଙ୍କ କାନ୍ଧରେ ତୀରଙ୍ଗା ରହିଥିଲା, ଯାହାକି ଜାତୀୟ ପତାକାର ଅସମ୍ମାନ। ୧୯୭୧ ନ୍ୟାଶନାଲ ଫ୍ଲାଗ ଆଇନର ଧାରା ୨ ଅନୁଯାୟୀ, ଆମେ ଜାତୀୟ ପତାକାର ମର୍ଯ୍ୟାଦାକୁ ସମ୍ମାନ ଦେବା ଉଚିତ। କିନ୍ତୁ ହର୍ଦ୍ଦିକ ବିଜୟ ଉତ୍ସବରେ ଏତେ ହଜି ଯାଇଥିଲେ ଯେ, ସେ ଜାତୀୟ ପତାକାକୁ କାନ୍ଧରେ ବାନ୍ଧି ବାନ୍ଧବୀଙ୍କ ସହ ଶୋଇ ପଡ଼ିଥିଲା। ମୋ ମତରେ ଏହା ଜାତୀୟ ପତାକାର ଅପମାନ।


ବାନ୍ଧବୀ ମାହିକା ଶର୍ମାଙ୍କ ସହ ହାର୍ଦ୍ଦିକ ପାଣ୍ଡ୍ୟା।

# ଜର୍ନାଲିଷ୍ଟଙ୍କୁ ପାକିସ୍ତାନ ଖେଳାଳିଙ୍କ ଲିଗାଲ ନୋଟିସ

**ଟି୨୦ ବିଶ୍ୱକପ୍ ବିବାଦ**

କରାଚୀ,୧୨।୩

ପାକିସ୍ତାନ ଫାଷ୍ଟ ବୋଲର ସଲମାନ ମିର୍ଜା ଟି୨୦ ବିଶ୍ୱକପ୍ ବେଳେ ଶ୍ରୀଲଙ୍କାରେ ଜଣେ ମହିଳା ହୋଟେଲ ଷ୍ଟାଫଙ୍କ ସହ ଦୁର୍ବ୍ୟବହାର କରିଥିବା ନେଇ ଏକ ରିପୋର୍ଟ ପ୍ରକାଶ ପାଇଥିଲା। ହେଲେ ମିର୍ଜା ରିପୋର୍ଟକୁ ଖଣ୍ଡନ କରିବା ସହ ଏକ ପାକିସ୍ତାନୀ ନ୍ୟୁଜ ସଂସ୍ଥା ଓ ଜଣେ ଜର୍ନାଲିଷ୍ଟଙ୍କୁ ଲିଗାଲ ନୋଟିସ ପଠାଇଛନ୍ତି। ଉକ୍ତ ରିପୋର୍ଟରେ ଦାବି କରାଯାଇଥିଲା ଯେ, ଶ୍ରୀଲଙ୍କା ଓ ପାକିସ୍ତାନ ମଧ୍ୟରେ କାଣ୍ଡିଠାରେ ସୁପର-୮ ମ୍ୟାଚ୍ ଖେଳାଯିବା ପୂର୍ବରୁ ସଲମାନ ହୋଟେଲର ଜଣେ ମହିଳା ଷ୍ଟାଫଙ୍କ ସହ ଦୁର୍ବ୍ୟବହାର କରିଥିଲେ। ମହିଳାଙ୍କ ଚିତ୍କାର ଶୁଣିବା ପରେ ଅନ୍ୟ ହୋଟେଲ ଷ୍ଟାଫ ତାଙ୍କୁ ଉଦ୍ଧାର କରିଥିଲେ। ପରେ ଏ ସମ୍ପର୍କରେ ପାକିସ୍ତାନର ମିଡିଆ ମ୍ୟାନେଜରଙ୍କୁ ଜଣାଯାଇଥିଲା।

ଏହି ରିପୋର୍ଟ ସମ୍ପର୍କରେ ସଲମାନ ଇନଷ୍ଟାଗ୍ରାମରେ ଉଲ୍ଲେଖ କରିଛନ୍ତି, ମୋ ସମ୍ପର୍କରେ ଏକ ଅପମାନଜନକ ଖବର ଗଣମାଧ୍ୟମରେ ପ୍ରସାରିତ ହେଉଛି। ମୁଁ ଏଭଳି ଶସ୍ତା ଖବର ପରିବେଷଣକୁ କଡ଼ା ନିନ୍ଦା କରୁଛି। କୌଣସି ଗଣମାଧ୍ୟମ ସଂସ୍ଥା ଏଭଳି ଅସ୍ପଷ୍ଟ ଖବର ପ୍ରସାରଣ କରିପାରିବେ ନାହିଁ। ପାକିସ୍ତାନ କ୍ରିକେଟ ବୋର୍ଡ (ପିସିବି) ଏହି ରିପୋର୍ଟକୁ ଖଣ୍ଡନ କରିସାରିଛି। ମୁଁ ଏଆରୱାଇ ନ୍ୟୁଜ ପାଇଁ କାମ କରୁଥିବା ଜର୍ନାଲିଷ୍ଟ ଶାହିଦ ହାଶମିଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ନେବି। ଏଭଳି ମିଥ୍ୟା ରିପୋର୍ଟିଂକୁ ବାରଣ କରାଯିବା ଉଚିତ ଓ ପାକିସ୍ତାନ ସରକାର ଏଭଳି ଲୋକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦରକାର।

# ଭାମ୍ବ୍ରି ସେମିଫାଇନାଲରେ

ଇଣ୍ଡିଆନ ୱେଲ୍ସ, ୧୨।୩(ପି.ଟି.)

ଭାରତୀୟ ଟେନିସ୍ ଖେଳାଳି ୟୁକି ଭାମ୍ବ୍ରି ତାଙ୍କ କ୍ୟାରିୟରରେ ପ୍ରଥମଥର ଏକ ଏଟିପି ମାଷ୍ଟର୍ସ ୧୦୦୦ ଟୁର୍ନାମେଣ୍ଟର ସେମିଫାଇନାଲରେ ପ୍ରବେଶ କରିଛନ୍ତି। ଇଣ୍ଡିଆନ ୱେଲ୍ସରେ ସେ ଓ ତାଙ୍କ ସ୍ୱିଡିଶ୍ ପାର୍ଟନର ଆନ୍ଦ୍ରେ ଗୋରାନସନ ସିଧାସଳଖ ସେଟ୍‌ରେ ଆଲେକ୍‌ଜାଣ୍ଡର ଏର୍ଲର ଓ ଆନ୍ଦ୍ରିଆ ଭାଭାସୋରିଙ୍କୁ ହରାଇ ଦେଇଛନ୍ତି। ଭାରତର ଏହି ୩୩ ବର୍ଷୀୟ ଖେଳାଳି ଗତବର୍ଷ ଇଣ୍ଡିଆନ ୱେଲ୍ସ ସମେତ ଦୁଇଥର ମାଷ୍ଟର୍ସ ୧୦୦୦ ସ୍ତରୀୟ ଟୁର୍ନାମେଣ୍ଟର ଡବଲ୍ସ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିପାରିଛନ୍ତି। ଭାମ୍ବ୍ରି ଓ ଗୋରାନସନ ଏଠାରେ ୧ ଘଣ୍ଟା ଓ ୩୦ ମିନିଟ୍ ଧରି ଅନୁଷ୍ଠିତ ଏକ କ୍ୱାର୍ଟର ଫାଇନାଲ ମ୍ୟାଚ୍‌ରେ ଅଷ୍ଟ୍ରିଆନ- ଇଟାଲିଆନ ଯୋଡ଼ିକୁ ୬-୩, ୭-୬ରେ ପରାସ୍ତ କରିଛନ୍ତି। ଇଣ୍ଡୋ-ସ୍ୱିଡିଶ୍ ଯୋଡ଼ି ଶୁକ୍ରବାର ସେମିଫାଇନାଲରେ ଫ୍ରାନ୍ସର ଆର୍ଥର ରିଣ୍ଡର୍କନେଚ୍ ଓ ମୋନାକୋର ଭାଲେଣ୍ଟିନ ଭାଚେରଟଙ୍କୁ ଭେଟିବେ। ରିଣ୍ଡର୍କନେଚ୍ ଓ ଭାଚେରଟ କ୍ୱାର୍ଟର ଫାଇନାଲରେ ରୁଷୀୟ ଯୋଡ଼ି ଆନ୍ଦ୍ରେ ରୁବ୍ଲେଭ ଓ କାରେନ ଖାଚାନୋଭଙ୍କୁ ୬-୩, ୬-୪ ସେଟ୍‌ରେ ହରାଇ ଦେଇଛନ୍ତି।



ୟୁକି ଭାମ୍ବ୍ରି ଓ ଆନ୍ଦ୍ରେ ଗୋରାନସନ।

# ଗିଲ୍ କ୍ରିକେଟର ଅଫ୍ ଦି ଇୟର

ନୂଆଦିଲ୍ଲୀ, ୧୨।୩(ପି.ଟି.)

ଭାରତର ଟେଷ୍ଟ ଏବଂ ଅନ୍ତର୍ଜାତୀୟ ଦିନିକିଆ କ୍ରିକେଟ୍ ଦଳର ଅଧିନାୟକ ଶୁବମନ ଗିଲ୍‌ଙ୍କୁ ଏଠାରେ ମାର୍ଚ୍ଚ ୧୫ରେ ହେବାକୁଥିବା ଭାରତୀୟ କ୍ରିକେଟ୍ କଣ୍ଟ୍ରୋଲ ବୋର୍ଡ(ବିସିସିଆଇ)ର ବାର୍ଷିକ ପୁରସ୍କାର ଉତ୍ସବରେ କ୍ରିକେଟର ଅଫ୍ ଦି ଇୟର ପୁରସ୍କାରରେ ସମ୍ମାନିତ କରାଯିବ। ଗତମାସରେ ବିଶ୍ୱକପ୍ ଟାଇଟଲ ବଜାୟ ରଖିଥିବା ଭାରତୀୟ ଟି୨୦ ଦଳରେ ଏହି ୨୬ ବର୍ଷୀୟ କ୍ରିକେଟର ସ୍ଥାନ ପାଇ ନ ଥିଲେ। କିନ୍ତୁ ଖେଳର ଅନ୍ୟ ଦୁଇ ଫର୍ମାଟ୍‌ରେ ତାଙ୍କ ପ୍ରଦର୍ଶନ ଜବରଦସ୍ତ ରହିଛି। ଟେଷ୍ଟରେ ସେ ୯୮୩ ରନ୍ ସଂଗ୍ରହ କରିଛନ୍ତି। ତନ୍ମଧ୍ୟରେ ୨୦୨୫ରେ ଇଂଲଣ୍ଡ ବିପକ୍ଷ ଡ୍ର' ସିରିଜ୍‌ରେ ତାଙ୍କ ୭୫୪ ରନ୍ ସାମିଲ। ତାଙ୍କର ଆଭରେଜ୍ ୭୦ରୁ ଊର୍ଦ୍ଧ୍ୱ ରହିଥିଲା। ଅନ୍ତର୍ଜାତୀୟ ଦିନିକିଆରେ ସେ ୪୯୦ ରନ୍ ସଂଗ୍ରହ କରିଛନ୍ତି। ସେଥିରେ ଭାରତର ଚାମ୍ପିୟନ୍ସ ଟ୍ରଫି ଟାଇଟଲ ବିଜୟ ଅଭିଯାନର ୧୮୮ ରନ୍ ସାମିଲ। ଓଭରଅଲ ସମସ୍ତ ଫର୍ମାଟ୍‌ରେ ସେ ୪୯ ଆଭରେଜ୍‌ରେ ୭ ଶତକ, ୩ ଅର୍ଦ୍ଧଶତକ ସହ ମୋଟ୍ ୧,୭୬୪ ରନ୍ ସଂଗ୍ରହ କରିଛନ୍ତି। ଗିଲ୍‌ଙ୍କର ଯଦିଓ ଅନ୍ତର୍ଜାତୀୟ ଟି୨୦ ଫର୍ମ ସେତେଟା ଖାସ୍ ନୁହେଁ ତଥାପି ଆଇପିଏଲ୍ ବେଳେ ସେ କିନ୍ତୁ ଜବରଦସ୍ତ ଫର୍ମରେ ଥିଲେ। ଗୁଜରାଟ ଟାଇଟନ୍ସ ୫୦ ଆଭରେଜ୍‌ରେ ୬୫୦ ରନ ସଂଗ୍ରହ କରିଥିଲା। ପୂର୍ବତନ ଭାରତ ମୁଖ୍ୟ କୋଚ୍ ରାହୁଲ ଡ୍ରାଭିଡ୍‌ଙ୍କୁ କଲୋନେଲ ସିକେ ନାୟୁଡୁ ଲାଇଫ୍‌ଟାଇମ୍ ଆଚିଭ୍‌ମେଣ୍ଟ ପୁରସ୍କାରରେ ସମ୍ମାନିତ କରାଯିବ। ଡ୍ରାଭିଡ୍‌ଙ୍କ ତତ୍ତ୍ୱାବଧାନରେ ଭାରତ ୨୦୨୪ ଟି୨୦ ବିଶ୍ୱକପ୍ ଟାଇଟଲ ଜିତିଥିଲା। ଭାରତୀୟ କ୍ରିକେଟ ପ୍ରତି ତାଙ୍କର ବହୁ ଅବଦାନ ରହିଛି। ଘରୋଇ କ୍ରିକେଟ୍‌ର ଶ୍ରେଷ୍ଠ ଆସୋସିଏଶନ ଭାବେ ମୁମ୍ବାଇ କ୍ରିକେଟ୍ ଆସୋସିଏଶନ (ଏମ୍‌ସିଏ)କୁ ସମ୍ମାନିତ କରାଯିବ।


ଶୁବମନ ଗିଲ୍

Printed and Published by Adyasha Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ-ତଥାଗତ ସତପଥୀ

# ଧରିତ୍ରୀ
DHARITRI

ଧରିତ୍ରୀ 52 Years

ପୃଷ୍ଠା–୮+୮

ଭୁବନେଶ୍ୱର, ଶୁକ୍ରବାର, ମାର୍ଚ୍ଚ ୧୩/୨୦୨୬ (୮+୮=୧୬ ପୃଷ୍ଠା) | Bhubaneswar, Friday, March 13/2026 | Page 16 | ₹ 7.00 | SAMBALPUR

୫୨ଶ ଭାଗ ୧୦୭ ସଂଖ୍ୟା | www.orissakhabar.com/www.dharitri.com | Printed at Sambalpur, Bhubaneswar, Rayagada & Angul | VOLUME 52 ISSUE 107 | ମୂଲ୍ୟ₹୭/-




ଅନୁଗୋଳ ଜିଲା ବନ୍ତଲା ବଜାର ଶଙ୍ଖପୁର ମଦନମୋହନ ଛକରେ ଥିବା ଏକ ଜଳଖିଆ ଦୋକାନରେ ଗୁରୁବାର ଗ୍ୟାସ ସିଲିଣ୍ଡର ଫାଟିଯିବାରୁ ଦୋକାନଗୁଡ଼ିକ ଜଳିଯାଉଛି। (ରିପୋର୍ଟ: ପୃଷ୍ଠା–୪)

# ଅନୁଚିତ ବ୍ୟବସାୟ: ଭାରତ, ଚାଇନା ବିରୋଧରେ ଆମେରିକାର ତଦନ୍ତ

**ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ପ୍ରଶାସନ ଭାରତ, ଚାଇନା, ଜାପାନ, ୟୁରୋପୀୟ ସଂଘ (ଇୟୁ) ସମେତ ଅନ୍ୟ କେତେକ ବାଣିଜ୍ୟ ସହଯୋଗୀଙ୍କ ବିରୋଧରେ 'ଅନୁଚିତ ବ୍ୟବସାୟ' ସମ୍ପର୍କିତ ତଦନ୍ତ ଆରମ୍ଭ କରିଛି। ଏହି ପଦକ୍ଷେପ ଫଳରେ ଆଗାମୀ ଦିନରେ ଉପରୋକ୍ତ ଦେଶଗୁଡ଼ିକରୁ ଆମେରିକାକୁ ଯାଉଥିବା ସାମଗ୍ରୀ ଉପରେ ଅତିରିକ୍ତ ଶୁଳ୍କ (ଟାରିଫ୍) ଲାଗୁ ହେବାର ଦ୍ୱାର ଖୋଲିଯାଇଛି। ନିକଟରେ ଆମେରିକା ସୁପ୍ରିମକୋର୍ଟ ଟ୍ରମ୍ପଙ୍କ ଦ୍ୱାରା ଲାଗୁ କରାଯାଇଥିବା ବିଶ୍ୱସ୍ତରୀୟ ଟାରିଫ୍‌କୁ ରଦ୍ଦ କରିଦେଇଥିଲେ। ଟ୍ରମ୍ପ ନିଜ କ୍ଷମତାର ଅପବ୍ୟବହାର କରିଛନ୍ତି ବୋଲି କୋର୍ଟ କହିଥିଲେ। ଏହାର ଜବାବରେ ଟ୍ରମ୍ପ ପ୍ରଶାସନ ଏବେ '୧୯୭୪ ବାଣିଜ୍ୟ ଅଧିନିୟମ'ର 'ସେକ୍ସନ ୩୦୧'ର ବ୍ୟବହାର କରୁଛି, ଯାହାକି ଏକ ଶକ୍ତିଶାଳୀ ଆଇନଗତ ଅସ୍ତ୍ର ବୋଲି କୁହାଯାଉଛି। ଗୋଟିଏ ପଟେ ଇରାନ୍ ଉପରେ ଆମେରିକା ଓ ଇସ୍ରାଏଲ ଆକ୍ରମଣ କରିବା ଯୋଗୁ ସାରା ବିଶ୍ୱରେ ଅର୍ଥନୈତିକ ସଙ୍କଟ ଦେଖାଦେଇଛି। ଅନ୍ୟପକ୍ଷରେ ଆମେରିକାକୁ ଯାଉଥିବା ଅନ୍ୟ ଦେଶର ସାମଗ୍ରୀ ଉପରେ ଟାରିଫ୍ କଷିବାକୁ ଟ୍ରମ୍ପ୍ ନାନା ଫନ୍ଦିଫିକର ଚଳାଇଛନ୍ତି, ଯାହାକି ରପ୍ତାନିକାରୀ ଦେଶଗୁଡ଼ିକର ଅର୍ଥନୀତିକୁ ଅଧିକ କ୍ଷତି ପହଞ୍ଚିବ ବୋଲି କୁହାଯାଉଛି।**



ଡୋନାଲ୍ଡ ଟ୍ରମ୍ପ୍

**ନ୍ୟୁୟର୍କ,୧୨।୩(ପି.ଟି.)**

ଆମେରିକୀୟ ଉତ୍ପାଦନ ଉପରେ ପ୍ରତିକୂଳ ପ୍ରଭାବ ପକାଉଥିବା ଅନ୍ୟାୟପୂର୍ଣ୍ଣ ବ୍ୟବସାୟିକ ଅଭ୍ୟାସକୁ ଅନୁଧ୍ୟାନ କରି ଏହାକୁ ରୋକିବା ଲାଗି ଭାରତ, ଚାଇନା, ଜାପାନ ଏବଂ ୟୁରୋପୀୟ ୟୁନିୟନ (ଇୟୁ) ସମେତ ଅନ୍ୟ ବାଣିଜ୍ୟ ସହଯୋଗୀଙ୍କ ବିରୋଧରେ ଆମେରିକା ତଦନ୍ତ ଆରମ୍ଭ କରିଛି। ୧୯୭୪ର ବାଣିଜ୍ୟ ଆଇନର ଧାରା ୩୦୧(ବି) ଅଧୀନରେ ବିଭିନ୍ନ ଅର୍ଥନୈତିକ କାରବାର ଅଧିନିୟମ, ନୀତି ଓ ପ୍ରଥା ଅନୁଯାୟୀ ତଦନ୍ତ କରାଯିବ ବୋଲି ଆମେରିକା ବାଣିଜ୍ୟ ପ୍ରତିନିଧି (ୟୁଏସ୍‌ଟିଆର୍) ଜାମିଏଶନ ଗ୍ରିର୍ ଘୋଷଣା କରିଛନ୍ତି।

ଉତ୍ପାଦନ କ୍ଷେତ୍ରରେ ଢାଞ୍ଚାଗତ ଅତ୍ୟଧିକ ସାମର୍ଥ୍ୟ ଓ ଉତ୍ପାଦନକୁ ନେଇ ଏହି ତଦନ୍ତ କରାଯିବ। ବାଂଲାଦେଶ, କାମ୍ବୋଡ଼ିଆ, ଚାଇନା, ଇୟୁ, ଭାରତ, ଇଣ୍ଡୋନେସିଆ, ଜାପାନ, କୋରିଆ, ମାଲେସିଆ, ମେକ୍ସିକୋ, ନରୱେ, ସିଙ୍ଗାପୁର, ସୁଇଜରଲାଣ୍ଡ, ତାଇୱାନ୍, ଥାଇଲଣ୍ଡ ଓ ଭିଏତ୍‌ନାମ ବିରୋଧରେ ତଦନ୍ତ ହେବ। ଜାମିଏଶନ କହିଛନ୍ତି, ଯେଉଁ ଦେଶଗୁଡ଼ିକ ନିଜର ଅତ୍ୟଧିକ ଉତ୍ପାଦନଜନିତ ସମସ୍ୟାକୁ ଦୃଷ୍ଟିରେ ରଖି ଆମେରିକାକୁ ରପ୍ତାନି କରୁଛନ୍ତି, ସେମାନଙ୍କ ପାଇଁ ଆମେରିକା ନିଜର ଶିଳ୍ପ ଭିତ୍ତିଭୂମିକୁ ଆଉ ବଳି ଦେବ ନାହିଁ। ତାଙ୍କ କହିବା ଅନୁଯାୟୀ, ଅନେକ ବାଣିଜ୍ୟିକ ସହଯୋଗୀ ଦେଶ ସେମାନଙ୍କ ଘରୋଇ ଚାହିଦା ତୁଳନାରେ ଅଧିକ ସାମଗ୍ରୀ ଉତ୍ପାଦନ କରୁଛନ୍ତି। ଏହି ଅତିରିକ୍ତ ଉତ୍ପାଦନ ଫଳରେ ଆମେରିକାର ଘରୋଇ ଉତ୍ପାଦନ ବାଧାପ୍ରାପ୍ତ ହେଉଛି। ଆମେରିକାରେ ନୂତନ ପୁଞ୍ଜିନିବେଶ ଏବଂ ଶିଳ୍ପ ସମ୍ପ୍ରସାରଣ ଅଟକି ଯାଉଛି। ଅନେକ କ୍ଷେତ୍ରରେ ଆମେରିକା ବିଦେଶୀ ପ୍ରତିଯୋଗୀଙ୍କଠାରୁ ପଛରେ ପଡ଼ିଯାଇଛି। ଏହି ତଦନ୍ତ ଆମେରିକାର ଉତ୍ପାଦନ ସେକ୍ଟରରେ ଗୁରୁତ୍ୱପୂର୍ଣ୍ଣ ବାଣିଜ୍ୟ ଶୃଙ୍ଖଳାକୁ ପୁନର୍ବାର ସ୍ୱଦେଶକୁ ଆଣିବା ସହ ଆମେରିକୀୟ କର୍ମଚାରୀମାନଙ୍କ ପାଇଁ ଭଲ ଦରମାର ନିଯୁକ୍ତି ସୃଷ୍ଟି କରିବା ନିମନ୍ତେ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ପ୍ରତିଶ୍ରୁତିବଦ୍ଧତାକୁ ସୂଚିତ କରେ ବୋଲି ☞ପୃଷ୍ଠା–୪

# ରାଜ୍ୟରେ ସଡ଼କ ଦୁର୍ଘଟଣା: ୬୫ ଦିନରେ ୧,୦୨୫ ଜଣଙ୍କ ମୃତ୍ୟୁ

**ଭୁବନେଶ୍ୱର,୧୨।୩**
**(ରବିନାରାୟଣ ଜେନା)**

ରାଜ୍ୟରେ ସଡ଼କ ଦୁର୍ଘଟଣା ଏବେ ଚିନ୍ତାର କାରଣ ପାଲଟିଛି। ପ୍ରତିଦିନ ରାଜ୍ୟର କେଉଁଠି ନା କେଉଁଠି ପ୍ରାୟ ୧୬ ଜଣଙ୍କର ରାସ୍ତା ଦୁର୍ଘଟଣାରେ ମୃତ୍ୟୁ ଘଟୁଛି। ଜାତୀୟ ରାଜପଥ ଦୁର୍ଘଟଣାରେ ଯେତିକି ଲୋକଙ୍କ ମୃତ୍ୟୁ ଘଟୁଛି, ତା'ଠାରୁ ଅଧିକ ଅନ୍ୟାନ୍ୟ ରାସ୍ତା ଦୁର୍ଘଟଣାରେ ପ୍ରାଣ ହରାଉଛନ୍ତି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ବିଷୟ ହେଲା, ୨୦୨୬ ଜାନୁଆରୀ ପହିଲାରୁ ମାର୍ଚ୍ଚ ୬ ଅର୍ଥାତ୍ ପ୍ରାୟ ୬୫ ଦିନ ମଧ୍ୟରେ ୧,୦୨୫ ଜଣଙ୍କ ମୃତ୍ୟୁ ହୋଇଛି, ଯାହାକି ସମସ୍ତଙ୍କ ଚିନ୍ତା ବଢ଼ାଇଛି। ଏଭଳି ଏକ ସମ୍ବେଦନଶୀଳ ଖବର ଗୁରୁବାର ବିଧାନସଭା ଦିଆଯାଇଥିବା ତଥ୍ୟରୁ ଜଣାପଡ଼ିଛି। ବିଜେଡି ସଦସ୍ୟ ଅନନ୍ତ ନାରାୟଣ ଜେନାଙ୍କ ପ୍ରଶ୍ନର ଉତ୍ତରରେ ରାଜ୍ୟ ବାଣିଜ୍ୟ ଓ ପରିବହନ ବିଭାଗ ମନ୍ତ୍ରୀ ବିଭୂତି ଭୂଷଣ ଜେନା ଗୃହକୁ ଦେଇଥିବା ତଥ୍ୟ ଅନୁଯାୟୀ, ୨୦୨୬ ଜାନୁଆରୀରୁ ମାର୍ଚ୍ଚ ୬ ସୁଦ୍ଧା ମାତ୍ର ୬୫ ଦିନରେ ରାଜ୍ୟରେ ୧,୬୧୬ଟି ସଡ଼କ ଦୁର୍ଘଟଣା ଘଟିଛି। ଏଥିମଧ୍ୟରୁ ଏକ୍ସପ୍ରେସ୍ ୱେରେ ୧୩ଟି ଦୁର୍ଘଟଣା ଘଟିଥିବାବେଳେ ୧୧ଜଣଙ୍କ ପ୍ରାଣହାନି ହୋଇଛି ଏବଂ ୧୦ଜଣ ଆହତ ହୋଇଛନ୍ତି। ସେହିପରି ଜାତୀୟ ରାଜପଥରେ ୪୪୭ଟି ଦୁର୍ଘଟଣା ହୋଇ ୨୭୦ ଜଣଙ୍କ ମୃତ୍ୟୁ ଏବଂ ୪୬୯ ଜଣ ଆହତ ହୋଇଛନ୍ତି। ତେବେ ରାଜ୍ୟ ରାଜପଥରେ ୨୪୬ଟି ସଡ଼କ ଦୁର୍ଘଟଣା ଘଟିଥିବାବେଳେ ୧୫୦ଜଣଙ୍କ ମୃତ୍ୟୁ ହୋଇଛି ଏବଂ ୨୫୯ ଜଣ ଆହତ ହୋଇଛନ୍ତି। ଏହାସହିତ ୯୧୦ଟି ଅନ୍ୟାନ୍ୟ ସଡ଼କ ଦୁର୍ଘଟଣାରେ ୫୯୪ଜଣଙ୍କ ମୃତ୍ୟୁ ଏବଂ ୮୫୬ ଜଣ ଆହତ ହୋଇଛନ୍ତି ବୋଲି ମନ୍ତ୍ରୀ ଜଣାଇଛନ୍ତି।

ମନ୍ତ୍ରୀ ଆହୁରି ଜଣାଇଛନ୍ତି, ୨୦୨୬ ଜାନୁଆରୀ ପହିଲାରୁ ☞ପୃଷ୍ଠା–୪




# ସାଇବର ଠକଙ୍କୁ ଯୋଗାଉଥିଲେ ମ୍ୟୁଲ୍ ବ୍ୟାଙ୍କ ଆକାଉଣ୍ଟ

- ୨ ଶାଳକ, ଭିଣୋଇ ସମେତ ୪ ଗିରଫ
- ଭଗବତୀ ବସ୍ତି ଲୋକଙ୍କ ନାମରେ ଖୋଲୁଥିଲେ ବ୍ୟାଙ୍କ ଆକାଉଣ୍ଟ

**ଭୁବନେଶ୍ୱର,୧୨।୩(ତ୍ରିନାଥ ମହାନ୍ତି)**

ସାଇବର ଠକଙ୍କ ଏଜେଣ୍ଟ ଭାବେ କାମ କରୁଥିଲେ। ମ୍ୟୁଲ୍ ବ୍ୟାଙ୍କ ଆକାଉଣ୍ଟ ଖୋଲି ଯୋଗାଉଥିଲେ। ଉକ୍ତ ଆକାଉଣ୍ଟ ମାଧ୍ୟମରେ ସାଇବର ଠକମାନେ ଲୋକଙ୍କଠାରୁ ଟଙ୍କା ଲୁଟୁଥିଲେ। ବେଆଇନ ଭାବେ ଏଭଳି ମ୍ୟୁଲ୍ ଆକାଉଣ୍ଟ ଖୋଲି ସାଇବର ଠକଙ୍କୁ ଭଡ଼ାରେ ଦେଉଥିବା ଦୁଇ ଶାଳକ, ଭିଣୋଇଙ୍କ ସମେତ ୪ଜଣ ଗିରଫ ହୋଇଛନ୍ତି। କ୍ୟାପିଟାଲ ଥାନା ପୋଲିସ ୩ଜଣଙ୍କୁ ଓ ଚନ୍ଦ୍ରଶେଖରପୁର ଥାନା ପୋଲିସ ଜଣଙ୍କୁ ଗିରଫ କରିଛି। ଅଭିଯୁକ୍ତ ହେଲେ ୟୁନିଟ-୯ ଭଗବତୀ ବସ୍ତିର କ୍ରିଷ୍ଣା ନାୟକ, ମହେନ୍ଦ୍ର ନାୟକ ଏବଂ ଟୁକୁନା ନାୟକ। ସେମାନଙ୍କଠାରୁ ୮ଟି ପାସ୍‌ବୁକ୍ ଓ ମୋବାଇଲ୍ ଫୋନ୍ ଜବତ କରାଯାଇଛି। ସେହିପରି ଚନ୍ଦ୍ରଶେଖରପୁର ପୋଲିସ ଗିରଫ କରିଥିବା ଅଭିଯୁକ୍ତ ହେଲେ ଦୁର୍ଗାମଣ୍ଡପ ବସ୍ତିର କପିଳେଶ୍ୱର ସାହୁ। ସୂଚନାଯୋଗ୍ୟ, କ୍ରିଷ୍ଣା ଓ ମହେନ୍ଦ୍ର ଦୁଇ ଶଳା ହୋଇଥିବା ବେଳେ ଭଗବତୀ ବସ୍ତିରେ ରହୁଥିବା ଟୁକୁନା ଦୁଇ ଶାଳକ କ୍ରିଷ୍ଣା ଓ ମହେନ୍ଦ୍ରଙ୍କ ସହଯୋଗରେ ଉକ୍ତ ବସ୍ତି ସହ ଆଖପାଖ ଅଞ୍ଚଳର ଲୋକଙ୍କ ନାମରେ ମ୍ୟୁଲ୍ ବ୍ୟାଙ୍କ ଆକାଉଣ୍ଟ ଖୋଲୁଥିଲେ। ଆକାଉଣ୍ଟରେ ଯେତେ ଟ୍ରାଞ୍ଜାକ୍ସନ ହେବ, ସେହି ଆଧାରରେ କମିଶନ ମିଳିବ ବୋଲି ଲୋକଙ୍କୁ ପ୍ରବର୍ତ୍ତାଉଥିଲେ। ଲୋକେ ଲୋଭରେ ପଡ଼ି ନିଜ ପରିଚୟପତ୍ର ସହ ଅନ୍ୟାନ୍ୟ ଡକ୍ୟୁମେଣ୍ଟ ଦେଇ ଆକାଉଣ୍ଟ ଖୋଲୁଥିଲେ। ଆକାଉଣ୍ଟର ଏଟିଏମ୍ କାର୍ଡ ଏବଂ ମୋବାଇଲ୍ ନମ୍ବର ଅଭିଯୁକ୍ତମାନେ ନେଇଯାଉଥିଲେ। ତାହାକୁ ସେମାନେ ସାଇବର ଠକଙ୍କୁ ବିକ୍ରି କରି ବିପୁଳ ଟଙ୍କା ପାଉଥିଲେ। ଭଗବତୀ ବସ୍ତିର ସନ୍ତୋଷ ଘଡ଼େଇଙ୍କ ନାମରେ ଖୋଲାଯାଇଥିବା ବ୍ୟାଙ୍କ ଆକାଉଣ୍ଟରେ ୧ ଲକ୍ଷ ୪୮ ହଜାର ୨୦୩ ଟଙ୍କା ବେଆଇନ କାରବାର ହୋଇଥିବା ଜଣାପଡ଼ିବା ପରେ କ୍ୟାପିଟାଲ ଥାନା ପୋଲିସ ତଦନ୍ତ କରି ସମ୍ପୃକ୍ତ ୩ ଅଭିଯୁକ୍ତ କ୍ରିଷ୍ଣା, ମହେନ୍ଦ୍ର ଏବଂ ଟୁକୁନାଙ୍କୁ ଗିରଫ କରିଥିଲା। ଅଭିଯୁକ୍ତଙ୍କୁ ପଚରାଉଚୁରାବେଳେ ଘଟଣା ପଦାକୁ ଆସିଥିଲା। ୩ ଅଭିଯୁକ୍ତ ସନ୍ତୋଷଙ୍କ ଡକ୍ୟୁମେଣ୍ଟ ସହ ସ୍ଥାନୀୟ ଅଞ୍ଚଳର ବହୁ ଲୋକଙ୍କ ଡକ୍ୟୁମେଣ୍ଟ ସଂଗ୍ରହ କରି ମାଷ୍ଟରକ୍ୟାଣ୍ଟିନ ନିକଟ ୟୁକୋ ବ୍ୟାଙ୍କରେ ଆକାଉଣ୍ଟ ଖୋଲି ବ୍ୟାଙ୍କ ପାସ୍‌ବୁକ ଓ ଏଟିଏମ୍ କାର୍ଡ ନିଜ ପାଖରେ ରଖିଥିଲେ। ପରବର୍ତ୍ତୀ ସମୟରେ ଏହି ସମସ୍ତ ବ୍ୟାଙ୍କ ଆକାଉଣ୍ଟରେ ସାଇବର ଠକମାନେ ବେଆଇନ ଅର୍ଥ କାରବାର କରି ଉଠାଇ ନେଇଥିବା ଜଣାପଡିଛି। ସେହିପରି ସତ୍ୟନଗର ଦୁର୍ଗାମଣ୍ଡପ ବସ୍ତିର କପିଳେଶ୍ୱର ସାହୁ ବସ୍ତି ଲୋକଙ୍କୁ ୨ ହଜାରରୁ ୩ ହଜାର ଟଙ୍କା ଦେଇ ସେମାନଙ୍କ ପରିଚୟପତ୍ର ନେଇ ବ୍ୟାଙ୍କ୍ ଆକାଉଣ୍ଟ ଖୋଲୁଥିଲେ। ଆକାଉଣ୍ଟର ପାସ୍‌ବୁକ୍ ଏବଂ ଏଟିଏମ୍ କାର୍ଡ ନେଇ ସାଇବର ଠକଙ୍କୁ ଭଡ଼ାରେ ଦେଉଥିଲେ। ଏହି ମାମଲାରେ ଚନ୍ଦ୍ରଶେଖରପୁର ଥାନା ପୋଲିସ ବୁଧବାର ଅଭିଯୁକ୍ତ ଜିତେନ୍ଦ୍ର କୁମାର ରାଉତ, ଶିବ ଶଙ୍କର ଡାକୁଆ ଏବଂ ଗୌତମ ସାହୁଙ୍କୁ ଗିରଫ କରିଥିବା ବେଳେ ଗୁରୁବାର କପିଳେଶ୍ୱରଙ୍କୁ ସତ୍ୟନଗର ଅଞ୍ଚଳରୁ ଗିରଫ କରିଛି। ତାଙ୍କଠାରୁ ଦୁଇଟି ପାସ୍‌ବୁକ ଏବଂ ଏକ ଭଙ୍ଗା ମୋବାଇଲ ଫୋନ ଜବତ କରିଛି।

## ଛାତ୍ରଙ୍କ ସହ ଅପ୍ରାକୃତ ଯୌନ ସମ୍ପର୍କ : ୨ ଗିରଫ

**କୁଜଙ୍ଗ,୧୨।୩(ମନୋଜ ପ୍ରଧାନ)**

ଜଗତ୍‌ସିଂହପୁର ଜିଲା କୁଜଙ୍ଗ ଥାନା ଅଞ୍ଚଳରେ ଜଣେ ସପ୍ତମ ଶ୍ରେଣୀ ଛାତ୍ରଙ୍କ ସହ ଜୋରଜବରଦସ୍ତ ଅପ୍ରାକୃତ ଯୌନ ସମ୍ପର୍କ ରଖିବା ଅଭିଯୋଗରେ ବୁଧବାର ୨ ଜଣଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରାଯାଇଛି। ସେମାନଙ୍କ ଜାମିନ ନାମଞ୍ଜୁର ହେବାରୁ ବିଚାର ବିଭାଗୀୟ ଜେଲ୍ ହାଜତକୁ ପଠାଇ ଦିଆଯାଇଛି। ଅଭିଯୁକ୍ତଦ୍ୱୟ ହେଲେ ଉକ୍ତ ଅଞ୍ଚଳର ବଳରାମ ଖୁଣ୍ଟିଆ ଓ ରାଜେଶ ରୋଶନ ଦାସ(ବାପୁଲ)।

ସମ୍ପୃକ୍ତ ଛାତ୍ର ଗତ ସୋମବାର ମଧ୍ୟାହ୍ନ ପ୍ରାୟ ୧୨ଟା ବେଳେ ସ୍କୁଲ୍‌ରୁ ଘରକୁ ଫେରିବା ସମୟରେ ବଳରାମ ଓ ରାଜେଶ ତାଙ୍କ ପାଟି ବନ୍ଦକରି ଏକ ନିଛାଟିଆ ସ୍ଥାନକୁ ଟେକିନେଇ ଜୋରଜବରଦସ୍ତ ଅପ୍ରାକୃତ ଯୌନ ସମ୍ପର୍କ ରଖିଥିଲେ। ଏନେଇ ନାବାଳକ ଜଣକ ଚିତ୍କାର କରିବାରୁ ସେମାନେ ମାରିଦେବାର ଧମକ ଦେଇଥିଲେ। ଏହି ସମୟରେ ସେହି ବାଟଦେଇ ୨ ଜଣ ଲୋକ ଯାଉଥିବା ଦେଖି ଉଭୟ ଅଭିଯୁକ୍ତ ସମ୍ପୃକ୍ତ ନାବାଳକଙ୍କୁ ସେଠାରେ ଛାଡ଼ି ପଳାଇଥିଲେ। ଘଟଣା ସମ୍ପର୍କରେ ପୀଡ଼ିତ ଛାତ୍ର ଜଣକ ତାଙ୍କ ମା'ଙ୍କୁ ଜଣାଇଥିଲେ। ବାପା ଅନୁପସ୍ଥିତ ଥିବାରୁ ମା' ଚୁପ୍ ରହିଥିଲେ। ପୁନର୍ବାର ବଳରାମ ଓ ରାଜେଶ ବୁଧବାର ମଧ୍ୟାହ୍ନରେ ପୀଡ଼ିତଙ୍କ ଘର ନିକଟରେ ପହଞ୍ଚି ତାଙ୍କ ମା'ଙ୍କୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବା ସହ ଟଣାଓଟରା କରିବାରୁ ସେ କବାଟ ବନ୍ଦକରି ଘରେ ପଶିଯାଇଥିଲେ। ଏହାକୁ ନେଇ ପୀଡ଼ିତଙ୍କ ମା' କୁଜଙ୍ଗ ଥାନାରେ ଲିଖିତ ଅଭିଯୋଗ କରିବା ପରେ ପୋଲିସ ମାମଲା(ନଂ.୮୦/୨୬) ରୁଜୁକରି ତଦନ୍ତ ଜାରି ରଖିଛି।

# ୩୪୧କେଜି ଗଞ୍ଜେଇ ଜବତ, ୪ଗିରଫ


ଗିରଫ ଅଭିଯୁକ୍ତମାନେ।


ଜବତ ଗଞ୍ଜେଇ।

**ସମ୍ବଲପୁର,୧୨।୩(ପ୍ରମୋଦ ବହିଦାର)**

ସମ୍ବଲପୁର ଅବକାରୀ ବିଭାଗ ଏବଂ ଅବକାରୀ ଗୋଇନ୍ଦା ବିଭାଗ(ଇଆଇବି) ପକ୍ଷରୁ ଗୁରୁବାର ସହରର ୨ ପୃଥକ୍ ସ୍ଥାନରେ ଚଢ଼ାଉ କରାଯାଇ ୩୪୧କେଜି ଗଞ୍ଜେଇ ଜବତ କରାଯାଇଛି। ଚୋରା ଚାଲାଣରେ ବ୍ୟବହୃତ ଗୋଟିଏ କାର୍, ଦୁଇଟି ପିକ୍‌ଅପ୍ ଜବତ କରାଯାଇଛି। ଉଭୟ ଘଟଣାରେ ୪ ଜଣଙ୍କୁ ଗିରଫ କରାଯାଇଛି। ଜବତ ଗଞ୍ଜେଇର ମୂଲ୍ୟ ୩୫ ଲକ୍ଷ ଟଙ୍କା ହେବ ବୋଲି ଅବକାରୀ ଅଧୀକ୍ଷକ ଅଶୋକ ସେଠ୍ କହିଛନ୍ତି।

ଅବକାରୀ ଅଧୀକ୍ଷକ ସେଠ୍‌ଙ୍କ ସୂଚନା ଅନୁସାରେ ସକାଳେ ସମ୍ବଲପୁର ଦେଇ ବ୍ୟାପକ ପରିମାଣରେ ଗଞ୍ଜେଇ ଚୋରାଚାଲାଣ ହେଉଥିବା ସମ୍ପର୍କରେ ଖବର ମିଳିଥିଲା। ଏଥିପାଇଁ ତିନୋଟି ଟିମ୍ କତରବଗା ଥାନା ଅନ୍ତର୍ଗତ ନୂଆଗାଁ ଓ ଗୁମଲୋଇ ଅଞ୍ଚଳରେ ଛକିରହିଥିଲେ। ଏହି ସମୟରେ ସେହି ବାଟ ଦେଇ ଆସୁଥିବା ଏକ ପିକ୍‌ଅପ୍ ଭ୍ୟାନ୍(ୟୁପି-୬୫-ଏଚ୍‌ଟି-୧୪୩୦) ଓ ଏକ କାର୍(ୟୁପି-୬୫-ଏଫ୍‌ବି-୨୩୨୬)କୁ ଅବକାରୀ ବିଭାଗ ଟିମ୍ ଅଟକାଇ ଯାଞ୍ଚ କରିଥିଲେ। ଯାଞ୍ଚବେଳେ ପିକ୍‌ଅପ୍‌ରୁ ୭ଟି ଧଳା ଜରିବସ୍ତାରେ ରଖାଯାଇଥିବା ୧୪୦କେଜି ଓ କାର୍‌ରେ ଥିବା ଏକ ବସ୍ତାରୁ ୫୫କେଜି ଗଞ୍ଜେଇ ଏହିପରି ମୋଟ୍ ୧୯୫ କେଜି ଗଞ୍ଜେଇ ଜବତ କରାଯାଇଥିଲା। ଏଥିସହ ପିକ୍‌ଅପ୍‌ରେ ଥିବା ଉତ୍ତରପ୍ରଦେଶ ମିର୍ଜାପୁର ଜିଲା ମଝାୱନ୍ତରସ୍‌ର ଧନଞ୍ଜୟ ସିଂ(୩୨), ଗାଜିପୁର ଜିଲା ଭବାନୀପୁରା ଗ୍ରାମର ମୃତ୍ୟୁଞ୍ଜୟ ଯାଦବ(୪୧) ଓ କାର୍‌ରେ ଥିବା ଇଟାୱା ରାମପୁର ଗ୍ରାମର ସତିଶ ଗୁପ୍ତା(୪୦)ଙ୍କୁ ଗିରଫ କରାଯାଇଥିଲା। ପଚରାଉଚରା ବେଳେ ସେମାନେ ବୌଦ୍ଧରୁ ଆଣିଥିବା ଗଞ୍ଜେଇକୁ ଉତ୍ତରପ୍ରଦେଶ ଚାଲାଣ କରୁଥିଲେ ବୋଲି କହିଥିଲେ।

### ବୌଦ୍ଧରୁ ୟୁପି ଚାଲାଣ ହେଉଥିଲା

ସେହିପରି ଅନ୍ୟ ଘଟଣାରେ ଅବକାରୀ ଗୋଇନ୍ଦା(ଇଆଇବି) ବିଭାଗର ଏକ ସ୍ୱତନ୍ତ ଦଳ ଅଇଁଠାପାଲି ବସ୍‌ଷ୍ଟାଣ୍ଡ ନିକଟସ୍ଥ ବିର୍ସା ମୁଣ୍ଡା ଛକରେ ଏକ ପିକ୍‌ଅପ୍ ଭ୍ୟାନ୍(ଓଡ଼ି-୧୮-ଡି-୫୯୫୨)କୁ ସନ୍ଦେହରେ ଅଟକାଇ ଯାଞ୍ଚକରିଥିଲା। ଯାଞ୍ଚ ବେଳେ ଭ୍ୟାନ୍‌ର ସିକ୍ରେଟ୍ ଚାମ୍ବରରେ ୬ଟି ଧଳା ଜରି ବସ୍ତାରେ ଥିବା ୧୪୬କେଜି ଗଞ୍ଜେଇକୁ ଜବତ କରାଯାଇଥିଲା। ଏଥିସହ ପିକ୍‌ଅପ୍ ଚାଳକ ଝାଡ଼ଖଣ୍ଡ ହଜାରିବାଗ ଜିଲା ତାତିଝରିଆ ଗ୍ରାମର ଯୋଗେଶ୍ୱର ଯାଦବ(୫୦)ଙ୍କୁ ଗିରଫ କରାଯାଇଥିଲା। ବୌଦ୍ଧରୁ ସେ ଉତ୍ତରପ୍ରଦେଶକୁ ଗଞ୍ଜେଇ ଚାଲାଣ କରୁଥିବା ସ୍ୱୀକାର କରିଥିଲେ। ଉଭୟ ଘଟଣାକୁ ନେଇ ଦୁଇଟି ପୃଥକ୍ ମାମଲା ରୁଜୁକରି ଗୁରୁବାର ସମସ୍ତ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି।

## କଣ୍ଟାପଡ଼ା ତହସିଲଦାର ଗିରଫ

### ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗ

**କଣ୍ଟାପଡା,୧୨।୩(ସୁରନାରାୟଣ ସାହୁ)**

କଟକ ଜିଲା କଣ୍ଟାପଡା ତହସିଲଦାର ପ୍ରସନ୍ନ କୁମାର ସାମନ୍ତରାୟଙ୍କୁ ଭିଜିଲାନ୍ସ ବିଭାଗ ଗୁରୁବାର ଗିରଫ କରିଛି। ଗିରଫ ତହସିଲଦାର ପ୍ରସନ୍ନଙ୍କୁ ଭିଜିଲାନ୍ସର ସ୍ୱତନ୍ତ୍ର କୋର୍ଟକୁ ପଠାଯାଇଛି। ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ବୁଧବାରଠାରୁ ତହସିଲଦାର ସାମନ୍ତରାୟ ଭିଜିଲାନ୍ସ ହେପାଜତରେ ଥିଲେ। ଏ ସଂକ୍ରାନ୍ତରେ କଟକ ଭିଜିଲାନ୍ସ ବିଭାଗ ମାମଲା (ନଂ. ୧୨/୨୦୨୬) ରୁଜୁ କରି ଅଧିକ ତଦନ୍ତ ଜାରିରଖିଛି। ଖବର ନେବାରେ ଜଣାପଡିଛି କଣ୍ଟାପଡା ତହସିଲଦାରଙ୍କ ବିରୋଧରେ ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ବୁଧବାର ଭିଜିଲାନ୍ସ ପକ୍ଷରୁ ପୁରୀ ଜିଲା ଗଡିଶାଗୋଦା ଥାନା ଅଞ୍ଚଳରେ ଥିବା ତାଙ୍କ ଘର ସମେତ ଭୁବନେଶ୍ୱର କେଶୁରାରେ ଥିବା ନିଜସ୍ୱ ୩ ମହଲା ବିଶିଷ୍ଟ ୨ଟି ଘର, ଲକ୍ଷ୍ମୀସାଗରସ୍ଥିତ ସମ୍ପର୍କୀୟଙ୍କ ଘର, କଣ୍ଟାପଡାସ୍ଥିତ ସରକାରୀ କାର୍ଯ୍ୟାଳୟ, ସରକାରୀ ବାସଭବନ ଆଦି ସ୍ଥାନରେ ଯାଞ୍ଚ କରି ୭ଟି ପ୍ଲଟର କାଗଜପତ୍ର ଓ ନଗଦ ୨ ଲକ୍ଷ ୧୫ ହଜାର ଟଙ୍କା ଜବତ କରିଥିଲା।

# ହତ୍ୟା କରିବା ପରେ ଆତ୍ମହତ୍ୟା କଲେ ପୁରୁଷବନ୍ଧୁ

- ତଣ୍ଟି କାଟି ମହିଳାଙ୍କୁ ହତ୍ୟା ଘଟଣା
- ପୋଲିସ, ଜିଆର୍‌ପି ପକ୍ଷରୁ ଛାନ୍‌ଭିନ



**ବାଲେଶ୍ୱର,୧୨।୩(ବାଞ୍ଛାନିଧି ଦେ)**

ବାଲେଶ୍ୱର ଶିଳ୍ପାଞ୍ଚଳ ଥାନା ଅନ୍ତର୍ଗତ ଫକୀରମୋହନ ନଗରରେ ଜଣେ ମହିଳାଙ୍କ ତଣ୍ଟି କାଟି ହତ୍ୟା ଘଟଣାର ପର୍ଦ୍ଦାଫାଶ ହୋଇଛି। ପୁରୁଷବନ୍ଧୁ ପ୍ରେମିକାଙ୍କ ତଣ୍ଟି କାଟି ହତ୍ୟା କରିବା ପରେ ଟ୍ରେନ୍ ଆଗକୁ ଡେଇଁ ଆତ୍ମହତ୍ୟା କରିଥିବା ଜଣାପଡ଼ିଛି। ମୃତ ପୁରୁଷବନ୍ଧୁ ହେଲେ ବାଲେଶ୍ୱର ଜିଲା ବାହାବଳପୁର ଅଞ୍ଚଳର ଭାଗୀରଥି ମଣ୍ଡଳ (୩୫)। ଜିଆର୍‌ପି ଥାନା ପୋଲିସ ବୁଧବାର ହଳଦୀପଦା ନିକଟ ରେଳଧାରଣାରୁ ଭାଗୀରଥିଙ୍କ ମୃତଦେହ ଓ ନିକଟରେ ଥିବା ଏକ ସ୍କୁଟି ଜବତ କରିଥିଲା। ଏନେଇ ଏକ ଅପମୃତ୍ୟୁ ମାମଲା (ନଂ. ୧୮/୨୬) ରୁଜୁ ହୋଇ ମୃତଦେହ ବ୍ୟବଚ୍ଛେଦ କରାଯାଇଛି।

ପୋଲିସ ସୂଚନା ମୁତାବକ, ଫକୀରମୋହନ ନଗରସ୍ଥିତ ଏକ ଭଡ଼ାଘରେ ତାଳଚୁଆଁ ଅଞ୍ଚଳର ଜଣେ ବିବାହିତ ମହିଳା ଦୀର୍ଘଦିନ ଧରି ରହିଆସୁଥିଲେ। ସେ ଏକ ବିୟୁଟି ପାର୍ଲରରେ କାମ କରୁଥିଲେ। ମେଡିସିନ୍ ରିପ୍ରେଜେଣ୍ଟେଟିଭ୍ ଭାବେ କାର୍ଯ୍ୟ କରୁଥିବା ପୁରୁଷବନ୍ଧୁ ଭାଗୀରଥି ଉକ୍ତ ମହିଳାଙ୍କ ସହ ଗତ କିଛିମାସ ଧରି ଲିଭ୍-ଇନ୍-ରିଲେଶନ୍‌ରେ ରହିଆସୁଥିଲେ। କୌଣସି କାରଣରୁ ଭାଗୀରଥି ମଙ୍ଗଳବାର ବିଳମ୍ବିତ ରାତିରେ ଉକ୍ତ ଭଡ଼ାଘରେ ମମତାଙ୍କ ତଣ୍ଟିକାଟି ହତ୍ୟା କରିଥିବା ଅଭିଯୋଗ ହୋଇଥିଲା। ବୁଧବାର ପୋଲିସ ମୃତଦେହ ଜବତ କରି ଏକ ମାମଲା (ନଂ. ୮୬/୨୬) ରୁଜୁ କରି ସାଇଣ୍ଟିଫିକ୍ ଟିମ୍ ଓ ସନ୍ଧାନୀ କୁକୁର ସହ ତଦନ୍ତ ଜାରି ରହିଥିଲା। ସ୍ଥାନୀୟ ଅଞ୍ଚଳର ସିସିଟିଭି ଫୁଟେଜ୍‌କୁ ଆଧାରକରି ପୋଲିସକୁ ସୁରାକ ମିଳିଥିଲା। ଭାଗୀରଥି ଉକ୍ତ ଭଡ଼ାଘରୁ ରାତିରେ ମହିଳାଙ୍କ ସ୍କୁଟି ନେଇ ସେଠାରୁ ପଳାଉଥିବା ଦୃଶ୍ୟ କଏଦ୍ ହୋଇଥିଲା। ଅଭିଯୁକ୍ତଙ୍କୁ ଧରିବା ପାଇଁ ଏକ ସ୍ୱତନ୍ତ୍ର ପୋଲିସ ଟିମ୍ ଗଠନ ହୋଇଥିଲା। ଅପରପକ୍ଷରେ ବୁଧବାର ହଳଦୀପଦା ଗେମନ ବ୍ରିଜ୍ ନିକଟ ରେଳଧାରଣା ପାର୍ଶ୍ୱରେ ସ୍କୁଟିକୁ ରଖି ଡାଉନ ଲାଇନ୍‌ରେ ଏକ ମାଲବାହୀ ଟ୍ରେନ୍ ଆଗକୁ ଡେଇଁ ଭାଗୀରଥି ଆତ୍ମହତ୍ୟା କରିଥିଲେ। ଜିଆର୍‌ପି ଥାନା ପୋଲିସ ଘଟଣାସ୍ଥଳରୁ ମୃତଦେହ ଓ ସ୍କୁଟି (ନଂ. ଓଡ଼ି୦୧ଏଆର୍-୦୦୮୯) ଜବତ କରିଥିଲା। ବ୍ୟବଚ୍ଛେଦ ପରେ ଗୁରୁବାର ପରିବାର ଲୋକଙ୍କୁ ମୃତଦେହ ହସ୍ତାନ୍ତର କରାଯାଇଛି। ତେବେ କେମିତି ଓ କେଉଁ ପରିସ୍ଥିତିରେ ମହିଳାଙ୍କୁ ହତ୍ୟା ଓ ପରେ କ'ଣ ପାଇଁ ପୁରୁଷବନ୍ଧୁ ଜଣକ ଆତ୍ମହତ୍ୟା ଭଳି ଚରମ ନିଷ୍ପତ୍ତି ନେଲେ ତାହା ଏବେ ରହସ୍ୟ ଘେରରେ ରହିଛି।

## Business

# ସ୍ଥାୟୀ ବିକାଶ ପାଇଁ ଶିଳ୍ପ-ସରକାର ସହଯୋଗ ଦରକାର: ଶିଳ୍ପମନ୍ତ୍ରୀ




**ଭୁବନେଶ୍ୱର,୧୨।୩ (ଅନୁରାଧା ମହାରଣା)**

ରାଜ୍ୟର ସ୍ଥାୟୀ ବିକାଶ ପାଇଁ ଶିଳ୍ପ ଓ ସରକାରଙ୍କ ମଧ୍ୟରେ ଦୃଢ଼ ସହଯୋଗ ଅତ୍ୟନ୍ତ ଜରୁରୀ ବୋଲି ଓଡ଼ିଶାର ଶିଳ୍ପ, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ କହିଛନ୍ତି। ସିଆଇଆଇ ଓଡ଼ିଶା ରାଜ୍ୟ ପରିଷଦର ବାର୍ଷିକ ସଭା ଅବସରରେ ଅନୁଷ୍ଠିତ ଏକ ସମ୍ମିଳନୀ 'ଓଡ଼ିଶା ଲିଡିଂ: ପାର୍ଟନରଶିପ୍ସ ଫର୍ ସଷ୍ଟେନେବଲ ଆଣ୍ଡ ଇନ୍‌କ୍ଲୁସିଭ ଗ୍ରୋଥ୍'ରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ମନ୍ତ୍ରୀ କହିଛନ୍ତି। ସିଆଇଆଇ ଓଡ଼ିଶା ରାଜ୍ୟ ପରିଷଦର ଅଧ୍ୟକ୍ଷ ଅନିଲ କୁମାର ସିଂହ ସ୍ୱାଗତ ଭାଷଣରେ ଓଡ଼ିଶାର ଶିଳ୍ପ ବିକାଶ, ଇଲେକ୍ଟ୍ରୋନିକ୍ସ, ଆଇଟି, ନବୀକରଣଯୋଗ୍ୟ ଶକ୍ତି ଓ ଉନ୍ନତ ଉତ୍ପାଦନ ଭଳି କ୍ଷେତ୍ରଗୁଡ଼ିକରେ ବିବିଧୀକରଣ ଉପରେ ଆଲୋକପାତ କରିଥିଲେ। ମନ୍ତ୍ରୀ ସ୍ୱାଇଁ କହିଥିଲେ, ରାଜ୍ୟ ସରକାର ଟେକ୍ସଟାଇଲ ଓ ଆପାରେଲ, ଫାର୍ମାସ୍ୟୁଟିକାଲ୍ସ ଓ ମେଡିକାଲ ଡିଭାଇସ୍, ଲଜିଷ୍ଟିକ୍ସ ଓ ଉନ୍ନତ ଉତ୍ପାଦନ ଭଳି କ୍ଷେତ୍ରରେ ବିଶେଷ ଶିଳ୍ପ ପରିବେଶ ଗଢ଼ି ନିବେଶ ଆକର୍ଷଣ କରୁଛନ୍ତି। ଶିଳ୍ପ ପାର୍କ ମଡେଲ ଓ ଆଞ୍ଚଳିକ ଶିଳ୍ପ କରିଡର ବିକାଶ ମାଧ୍ୟମରେ ପରବର୍ତ୍ତୀ ପର୍ଯ୍ୟାୟ ଶିଳ୍ପ ବିସ୍ତାରକୁ ସମର୍ଥନ ଦେବା ସହ ମହିଳାଙ୍କର ଅଧିକ ଅଂଶଗ୍ରହଣ ଓ ଦକ୍ଷତା ବିକାଶକୁ ପ୍ରାଥମିକତା ଦିଆଯାଉଛି ବୋଲି ମନ୍ତ୍ରୀ କହିଛନ୍ତି। ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ ଭିତ୍ତିଭୂମି ଓ ଦକ୍ଷତା ବୃଦ୍ଧିକୁ ଆହୁରି ମଜଭୁତ କରିବାର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରି ବନ୍ଦର, ବିମାନବନ୍ଦର ଓ ରାସ୍ତା ସଂଯୋଗ ବୃଦ୍ଧି କରିବାକୁ ଉଲ୍ଲେଖ କରିଛନ୍ତି। ପ୍ରସ୍ତାବିତ ଭୁବନେଶ୍ୱର-କଟକ-ପାରାଦୀପ-ପୁରୀ ଅର୍ଥନୈତିକ କରିଡର କଥା କହିଛନ୍ତି। ଓଡ଼ିଶାର ଜିଡିପି ୧୦ ଲକ୍ଷ କୋଟି ଟଙ୍କା ଅତିକ୍ରମ କରିଛି ଏବଂ ନୀତି ଆୟୋଗ ଦ୍ୱାରା ଆର୍ଥିକ ସ୍ୱାସ୍ଥ୍ୟ ସୂଚକରେ ଶ୍ରେଷ୍ଠ ପ୍ରଦର୍ଶନକାରୀ ରାଜ୍ୟ ଭାବେ ମାନ୍ୟତା ପାଇଛି ବୋଲି ସେ କହିଛନ୍ତି। ରିୟଲ ଇଷ୍ଟେଟ, ପର୍ଯ୍ୟଟନ ଓ ଓଡ଼ିଶା ଏଆଇ ମିଶନ ଭଳି କ୍ଷେତ୍ରରେ ସୁଯୋଗ ରହିଥିବା ସେ କହିଛନ୍ତି। ଅତିରିକ୍ତ ମୁଖ୍ୟ ଶାସନ ସଚିବ ହେମନ୍ତ ଶର୍ମା ଭିଜନ ୨୦୩୬ ଓ ଭିଜନ ୨୦୪୭ ଅନୁଯାୟୀ ଶିଳ୍ପ ରୋଡ୍‌ମ୍ୟାପ୍ ବିଷୟରେ ଆଲୋଚନାକରି ଉତ୍ପାଦନ କ୍ଷେତ୍ରରେ ଓଡ଼ିଶାର ଜିଏସ୍‌ଡିପିରେ ୪୭% ଅବଦାନ ଓ କୃଷିରେ ୨୦% ଅବଦାନ ରହିଥିବା କହିଛନ୍ତି। ଖଣିଜ ଓ ଖଣିଜ କ୍ଷେତ୍ରରେ ରାଜ୍ୟର ଶକ୍ତିଶାଳୀ ଅବସ୍ଥାନ, ଆହାର ପ୍ରକ୍ରିୟାକରଣ, ଟେକ୍ସଟାଇଲ ଓ ପ୍ୟାକେଜିଂ ଭଳି କ୍ଷେତ୍ରରେ ସୁଯୋଗ ରହିଛି। ଆଗାମୀ ୧୫-୨୦ ବର୍ଷରେ ପ୍ରାୟ ୩୦ ଲକ୍ଷ କୋଟି ଟଙ୍କାର ନିବେଶ ଆବଶ୍ୟକ ହେବ ବୋଲି ସେ ଉଲ୍ଲେଖ କରିଛନ୍ତି। ସିଆଇଆଇ ପୂର୍ବାଞ୍ଚଳର ଉପାଧ୍ୟକ୍ଷ ମେହୁଲ ମୋହାନକା ଓଡ଼ିଶାର ଅର୍ଥନୈତିକ ପରିବର୍ତ୍ତନ, ଶାସନ ଓ ଭିତ୍ତିଭୂମି ବିକାଶକୁ ପ୍ରଶଂସା କରିଥିଲେ। ସଭାରେ ସିଆଇଆଇ ଇଣ୍ଡଷ୍ଟ୍ରି କାର୍ନିଭାଲ ୨୦୨୫ ପୁରସ୍କାର ବିଜେତାଙ୍କୁ ସମ୍ମାନିତ କରାଯାଇଥିଲା। ସିଆଇଆଇ ଓଡ଼ିଶା ରାଜ୍ୟ ପରିଷଦର ଉପାଧ୍ୟକ୍ଷ ମଣିକାନ୍ତ ନାୟକ ଧନ୍ୟବାଦ ଦେଇଥିଲେ। ଫ୍ୟୁଚର ରେଡି ଓଡ଼ିଶା – ଇଣ୍ଟରାକ୍ସନ ଉଇଥ ୟଙ୍ଗ ମାଇଣ୍ଡ୍ସ ନାମକ ଏକ ଅଧିବେଶନ ମଧ୍ୟ ହୋଇଥିଲା। ବେଦାନ୍ତ ଲିମିଟେଡ୍‌ର ସିଇଓ ସି. ଚନ୍ଦୁ ଏହାର ମଡରେଟ କରିଥିଲେ। ଯୁବ ଉଦ୍ୟମୀ ସ୍ୱୟଂ ବରାଳ ଓ ବିଭୋର ଶର୍ମା ଷ୍ଟାର୍ଟଅପ ବିକାଶ, ନୂତନତା, ମେଣ୍ଟରଶିପ ଓ ପୁଞ୍ଜିପ୍ରାପ୍ତି ଉପରେ ଆଲୋଚନା କରିଥିଲେ।

## ବାଲେଶ୍ୱରରେ ଖୋଲିଲା ଶ୍ରୀଲେଦର୍ସ କୋଲକାତାର ନୂତନ ଷ୍ଟୋର



ଖବରଦାତା ସମ୍ମିଳନୀରେ ସୂଚନା ଦିଆଯାଉଛି।

**ବାଲେଶ୍ୱର, ୧୨।୩ (ବାଞ୍ଛାନିଧି ଦେ)**

ବାଲେଶ୍ୱର ସହରସ୍ଥିତ ଚିଡ଼ିଆପୋଲ ନିକଟରେ ଶ୍ରୀଲେଦର୍ସ କୋଲକାତାର ନୂତନ ଷ୍ଟୋର ଶୁକ୍ରବାର ଶୁଭାରମ୍ଭ ହେବ। ଏ ସମ୍ପର୍କରେ ଗୁରୁବାର ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଷ୍ଟୋର ଡିଲରଶିପ୍ ସ୍ୱତ୍ୱାଧିକାରୀ ଜ୍ଞାନେନ୍ଦ୍ର କୁମାର ବେହେରା ଓ ପାପିଆ ବେହେରା ଯୋଗଦେଇ ନୂତନ ଷ୍ଟୋରର ଆଭିମୁଖ୍ୟ ସମ୍ପର୍କରେ ସୂଚନା ଦେଇଥିଲେ। ୧୯୯୬ ମସିହାରେ ଭୁବନେଶ୍ୱରର ଅଶୋକନଗରରେ ଶ୍ରୀଲେଦର୍ସର ପ୍ରଥମ ଷ୍ଟୋର ଖୋଲାଯାଇଥିଲା। ବାଲେଶ୍ୱରରେ ପ୍ରାୟ ୭ହଜାର ୫ଶହ ବର୍ଗଫୁଟ୍ ପରିମିତ ବିସ୍ତୃତ ସ୍ଥାନରେ ଏହି ନୂତନ ଷ୍ଟୋର ଶୁକ୍ରବାର ଖୋଲାଯିବ। ନୂତନ ଷ୍ଟୋରରେ ପୁରୁଷ, ମହିଳା ଓ ଶିଶୁମାନଙ୍କ ପାଇଁ ବିଭିନ୍ନ ପ୍ରକାରର ଫୁଟୱେୟାର୍ସ, ବ୍ୟାଗ୍ ଓ ଆସେସିରିଜ୍ ଉପଲବ୍ଧ ହେବ। ଆଧୁନିକ ଓ ସୁବିଧାଜନକ ସପିଙ୍ଗ୍ ଅନୁଭୂତି ପ୍ରଦାନର ଲକ୍ଷ୍ୟ ନେଇ ଷ୍ଟୋରକୁ ଡିଜାଇନ୍ କରାଯାଇଛି। ଏହା ଷ୍ଟୋରରୁ ବାଲେଶ୍ୱର ତଥା ଆଖପାଖ ଜିଲାର ଲୋକମାନେ ଶ୍ରୀଲେଦର୍ସର ଗୁଣବତ୍ତାପୂର୍ଣ୍ଣ ସାମଗ୍ରୀ ସୁଲଭ ମୂଲ୍ୟରେ ପାଇପାରିବେ। ପ୍ରତ୍ୟେକ ଲେଦର୍ସ ସାମଗ୍ରୀ ଉପରେ ୩ମାସର ୱାରେଣ୍ଟି ରହିବ ବୋଲି କହିଥିଲେ। ଶ୍ରୀଲେଦର୍ସର ସିନିୟର ଡିଲରଶିପ ମ୍ୟାନେଜର ସୋହମ ଦାସଗୁପ୍ତା ଯୋଗଦେଇ ବାଲେଶ୍ୱରର ଏହି ଷ୍ଟୋର ଓଡ଼ିଶାର ୭ମ ବୋଲି ସୂଚନା ଦେଇଥିଲେ। ପୂର୍ବରୁ ଭୁବନେଶ୍ୱର, କଟକ, ବ୍ରହ୍ମପୁର, ରାଉରକେଲା, ଉଦିତନଗର ଓ ସମ୍ବଲପୁରରେ ଶ୍ରୀଲେଦର୍ସ ଷ୍ଟୋର ରହିଛି। ସମଗ୍ର ଦେଶରେ ଶ୍ରୀଲେଦର୍ସର ମୋଟ୍ ୫୩ଟି ଷ୍ଟୋର୍ ରହିଛି ବୋଲି ଦାସଗୁପ୍ତା ପ୍ରକାଶ କରିଥିଲେ।

## ୟୁନିୟନ ବ୍ୟାଙ୍କ ପକ୍ଷରୁ ସିଏସ୍‌ଆର୍ କାର୍ଯ୍ୟକ୍ରମ

**ଭୁବନେଶ୍ୱର,୧୨।୩ (ଅନୁରାଧା ମହାରଣା)**

ୟୁନିୟନ ବ୍ୟାଙ୍କ ଅଫ୍ ଇଣ୍ଡିଆର କଟକ କ୍ଷେତ୍ରୀୟ କାର୍ଯ୍ୟାଳୟ ପକ୍ଷରୁ ବ୍ୟାଙ୍କର ସାମାଜିକ ଦାୟିତ୍ୱବୋଧତା କାର୍ଯ୍ୟକ୍ରମ(ସିଏସ୍‌ଆର୍) ଅଂଶବିଶେଷ ଏହାର ଡ୍ରିମ୍‌ସ ଶାଖା ସହଯୋଗରେ ପଦ୍ମିନୀ ମଲ୍ଟିସ୍ପେଶିଆଲିଟି ହସ୍ପିଟାଲକୁ ଏକ ୱାଟର ଫିଲ୍‌ଟର ପ୍ରଦାନ କରାଯାଇଛି। ବ୍ୟାଙ୍କର କଟକ କ୍ଷେତ୍ରର କ୍ଷେତ୍ରୀୟ ମୁଖ୍ୟ ବିବେକାନନ୍ଦ ଷଡଙ୍ଗୀ ଏହି କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରିଥିଲେ। ଏହି ଅବସରରେ ମୁଖ୍ୟ ପ୍ରବନ୍ଧକ (ପିଏନ୍‌ଡି) ଚିନ୍ମୟ ବେହେରା, ଶାଖା ମୁଖ୍ୟ ଶୁଭାଶିଷ ପରିଡା, ଆର୍‌ସିଏଲ୍‌ଓ ନାଜ୍ ଏବଂ ଡ୍ରିମସ୍ ୟୁନିଭର୍ସିଟିର ଚେୟାରମ୍ୟାନସ୍ ଡ. ପ୍ରମୋଦ ଚନ୍ଦ୍ର ରଥ, ରେଜିଷ୍ଟ୍ରାର କୃଷ୍ଣପ୍ରସାଦ ପତି, ଡ. ପ୍ରକାଶ କୁମାର ହୋତା (ଭିସି), ବଳରାମ କର (ନିର୍ଦ୍ଦେଶକ, ଆଡମିନିଷ୍ଟ୍ରେଶନ), ପ୍ରଫେସର ଡ. ଚିତ୍ତପ୍ରସାଦ ଦାସ, ପଦ୍ମିନୀ କେୟାରର ପରିଚାଳନା ନିର୍ଦ୍ଦେଶକ ନିଳାଞ୍ଜନା ମୁଖାର୍ଜୀ, ଡ. ପି.କେ. ମିଶ୍ର, ଡ. ମନୋରଞ୍ଜନ ମଲ୍ଲିକ, ଆଶୁତୋଷ ଦ୍ୱିବେଦୀ, ସୁନୟା ମିଶ୍ର, ପ୍ରସନ୍ନ କୁମାର ସାହୁ ପ୍ରମୁଖ ଉପସ୍ଥିତ ଥିଲେ।



ୟୁନିୟନ୍ ବ୍ୟାଙ୍କ ପକ୍ଷରୁ ଅନୁଷ୍ଠିତ ସିଏସ୍‌ଆର୍ କାର୍ଯ୍ୟକ୍ରମରେ ଅତିଥିମାନେ ଉପସ୍ଥିତ ଅଛନ୍ତି।

## ୫୦ ପ୍ରଶିକ୍ଷାର୍ଥୀଙ୍କୁ ପ୍ରମାଣପତ୍ର ପ୍ରଦାନକଲା ସିଏମ୍‌ପିଡିଆଇ




**ଭୁବନେଶ୍ୱର,୧୨।୩ (ଅନୁରାଧା ମହାରଣା)**

ସେଣ୍ଟ୍ରାଲ ମାଇନ ପ୍ଲାନିଂ ଆଣ୍ଡ ଡିଜାଇନ ଇନ୍‌ଷ୍ଟିଚ୍ୟୁଟ ଲିମିଟେଡ୍ (ସିଏମ୍‌ପିଡିଆଇ) ତାଙ୍କର କର୍ପୋରେଟ ସୋସିଆଲ ରେସ୍‌ପନ୍ସିବିଲିଟି (ସିଏସ୍‌ଆର୍) ଉଦ୍ୟମ ଅଧୀନରେ ଗୁରୁବାର ଝାଡ଼ଖଣ୍ଡ ସରକାରୀ ଟୁଲ୍ ରୁମ୍‌ରେ 'ସୋଲାର ପ୍ୟାନେଲ ଇନ୍‌ଷ୍ଟଲେସନ ଏବଂ ମେଣ୍ଟେନାନ୍ସ ଟେକ୍ନିସିଆନ' ପ୍ରଶିକ୍ଷଣ ସମ୍ପୂର୍ଣ୍ଣ କରିଥିବା ୫୦ ଜଣ ପ୍ରଶିକ୍ଷାର୍ଥୀଙ୍କୁ ପ୍ରମାଣପତ୍ର ପ୍ରଦାନ କରିଛି। ମୁଖ୍ୟ ଅତିଥି ଭାବରେ ସିଏମ୍‌ପିଡିଆଇର ମହାପ୍ରବନ୍ଧକ (ଏଚ୍‌ଆର୍‌ଡି/ସିଏସ୍‌ଆର୍) ଡ. ଶିଶିର ଦତ୍ତ ପ୍ରଶିକ୍ଷଣ ସମ୍ପୂର୍ଣ୍ଣ କରିଥିବା ପ୍ରତିଭାଗୀମାନଙ୍କୁ ପ୍ରମାଣପତ୍ର ପ୍ରଦାନ କରିଥିଲେ। ଏହି ଅବସରରେ ସିଏମ୍‌ପିଡିଆଇ ପକ୍ଷରୁ ସଫିନା ପରଭିନ ଓ ଶୈଳେଶ, ଝାଡ଼ଖଣ୍ଡ ସରକାରୀ ଟୁଲ୍ ରୁମ୍‌ର ଟ୍ରେନିଂ ଇନ୍‌ଚାର୍ଜ ମଙ୍ଗଳ ଟୋପ୍ପୋ, ବରିଷ୍ଠ ପ୍ରଶାସନିକ ଅଧିକାରୀ ଆଶୁତୋଷ ମିଶ୍ର, ଫ୍ୟାକଲ୍ଟି କମଳକାନ୍ତ ଓ କୁମାର ଅବିନାଶ ଏବଂ ଏନ୍‌ଟିପିସି ବରକାଗାଁ ଆଇଟିଆଇର ପ୍ରଫେସର ମିଥିଲେଶ କୁମାର ଉପାଧ୍ୟାୟ ଉପସ୍ଥିତ ଥିଲେ।

## ୨ ଲୌହଖଣି ବ୍ଲକ୍ ପାଇଁ ଜିନ୍ଦଲ ଷ୍ଟିଲ୍ ବିଡର ଘୋଷିତ

**ଭୁବନେଶ୍ୱର,୧୨।୩ (ଅନୁରାଧା ମହାରଣା)**

ରାଜ୍ୟ ସରକାର କେନ୍ଦ୍ରାପଡ଼ା ଜିଲାର ରେଙ୍ଗାଲାବେରହା ଉତ୍ତରପୂର୍ବ ସଂପ୍ରସାରଣ ଓ ନୂଆଗାଁ ପଶ୍ଚିମ ଲୌହଖଣି ବ୍ଲକ ପାଇଁ ଜିନ୍ଦଲ ଷ୍ଟିଲ୍‌କୁ ପସନ୍ଦଯୋଗ୍ୟ ବିଡର ଭାବେ ଘୋଷଣା କରିଛନ୍ତି। ଏହି ଦୁଇ ବ୍ଲକର ମୋଟ ଆୟତନ ପ୍ରାୟ ୮୪ ହେକ୍ଟର । ଅନ୍‌ଲାଇନ ନିଲାମ ପ୍ରକ୍ରିୟା ସଫଳ ହେବା ପରେ ଜିନ୍ଦଲ ଷ୍ଟିଲ ରାଜ୍ୟ ସରକାରଙ୍କୁ ୧୧୧.୧୫ ପ୍ରତିଶତ ପ୍ରିମିୟମ ସହିତ ଅନ୍ତିମ ମୂଲ୍ୟ ପ୍ରସ୍ତାବ ଦେଇଛି। ଏହି ବ୍ଲକ୍‌ଗୁଡ଼ିକ ୨୦୨୫ ଡିସେମ୍ବରରେ ଖଣି ଓ ଭୂତତ୍ତ୍ୱ ନିର୍ଦ୍ଦେଶାଳୟ ଦ୍ୱାରା ବିଜ୍ଞପ୍ତ ୧୨ଟି ଖଣିଜ ବ୍ଲକର ଅଂଶ ଥିଲା। ସରକାରୀ ତଥ୍ୟ ଅନୁଯାୟୀ, ଏହା ଜି୨ ସ୍ତର ପର୍ଯ୍ୟନ୍ତ ଅନୁସନ୍ଧାନ ହୋଇଛି ଏବଂ ପ୍ରାୟ ୩୮ ମିଲିୟନ ଟନ ଲୌହ ଖଣିଜ ସମ୍ପଦ ରହିଛି। ଏହି ନିଲାମ ଦ୍ୱାରା ଜିନ୍ଦଲ ଷ୍ଟିଲର କଞ୍ଚାମାଲ ଯୋଗାଣ ବୃଦ୍ଧି ପାଇବ ଏବଂ ରାଜ୍ୟର ଶିଳ୍ପ ଓ ନିବେଶ ବିକାଶରେ ନୂତନ ଗତି ଆସିବ ବୋଲି ଆଶା କରାଯାଉଛି। ନିଲାମ ପରେ ଚୁକ୍ତି ହସ୍ତାନ୍ତର ଓ ବ୍ଲକ ଔପଚାରିକ ଭାବେ ହସ୍ତାନ୍ତର କରାଯିବ।

## ସଂକ୍ଷେପରେ

# ପ୍ରେମ ପ୍ରତାରଣାରୁ ଯୁବତୀ ଗର୍ଭବତୀ
### ଥାନାରେ ଅଭିଯୋଗ

**ବାଲିଶଙ୍କରା,୧୨।୩ (ହୃଦାନନ୍ଦ ବାରିକ)**

କିଞ୍ଜିରକେଲା ଥାନା ଅଞ୍ଚଳର ଜଣେ ୨୦ ବର୍ଷୀୟା ଯୁବତୀ ପ୍ରେମ ପ୍ରତାରଣାରୁ ୪ ମାସର ଗର୍ଭବତୀ ହୋଇଥିବା ଥାନାରେ ଅଭିଯୋଗ ହୋଇଛି। ଏନେଇ ପୋଲିସ ଏକ ମାମଲା ରୁଜୁ କରି ଯୁବକଙ୍କୁ ଥାନାରେ ଅଟକ ରଖି ପଚରାଉଚରା କରୁଛି। ପୋଲିସ ସୂଚନା ଅନୁସାରେ, ଦୀର୍ଘଦିନରୁ ଉଭୟଙ୍କ ମଧ୍ୟରେ ପ୍ରେମସମ୍ପର୍କ ଗଢ଼ି ଉଠିଥିଲା। ପରେ ଯୁବକ ଜଣଙ୍କ ଯୁବତୀଙ୍କୁ ବିବାହର ପ୍ରତିଶ୍ରୁତି ଦେଇ ଶାରୀରିକ ସମ୍ପର୍କ ରଖି ଆସୁଥିଲେ। ପରେ ଯୁବତୀ ୪ ମାସର ଗର୍ଭବତୀ ହେବା ପରେ ଯୁବକଙ୍କୁ ବିବାହ ପାଇଁ କହିଥିଲେ। ହେଲେ ସେ ମନା କରିଦେଇଥିଲେ। ଶେଷରେ ଯୁବତୀ ଜଣଙ୍କ ବାଧହୋଇ କିଞ୍ଜିରକେଲା ଥାନାର ଦ୍ୱାରସ୍ଥ ହୋଇଥିଲେ। ଏଠାରେ ଉଲ୍ଲେଖଯୋଗ୍ୟ, ଯୁବକ ଜଣଙ୍କ ପୂର୍ବରୁ ବିବାହ କରିସାରିଛନ୍ତି।

# ମହାବୀର ପର୍ବତ ତଳି ଜଙ୍ଗଲରେ ଲାଗିଲା ନିଆଁ

**ବଡ଼ଗାଁ,୧୨।୩(ଅଶୋକ ଷଡଙ୍ଗୀ):** ସୁନ୍ଦରଗଡ଼ ଜିଲା ବଡ଼ଗାଁ ବ୍ଲକ ଅନ୍ତର୍ଗତ ଛାମୁଣ୍ଡା ଗାଁ ନିକଟ ମହାବୀର ପାହାଡ଼ ତଳି ଜଙ୍ଗଲରେ ଗୁରୁବାର ଅପରାହ୍ନରେ ନିଆଁ ଲାଗିଥିବା ଜଣାପଡିଛି। କେହି ଅଜ୍ଞାତ ଦୁର୍ବୃତ୍ତ ଜଙ୍ଗଲରେ ନିଆଁ ଲଗାଇ ଦେଇଛନ୍ତି। ତେବେ ସୂଚନା ପାଇ ବଡ଼ଗାଁ ଫରେଷ୍ଟର ରିଙ୍କି ନାଏକ ସଦଳବଳେ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିବାକୁ ଚେଷ୍ଟା କରୁଛନ୍ତି। ଖବର ଲେଖା ହେବା ସୁଦ୍ଧା ନିଆଁ ଲିଭା କାର୍ଯ୍ୟ ଜାରି ରହିଛି। ସଚେତନତା ଅଭାବରୁ ବଡ଼ଗାଁ ବ୍ଲକ ଅଞ୍ଚଳର ବିଭିନ୍ନ ଗାଁ ନିକଟ ଜଙ୍ଗଲ ଓ ବିଲ ଗୁଡିକରେ ନିଆଁ ଲଗାଇ ଦେଉଥିବା ଦେଖାଯାଉଛି। ଏଥିଯୋଗୁ ସରିସୃପ ଓ ବନ୍ୟପ୍ରାଣୀଙ୍କ ମୃତ୍ୟୁ ଘଟୁଛି। ଜନ ସଚେତନତା ଦ୍ୱାରା ହିଁ ଏହାକୁ ରୋକାଯାଇ ପାରିବ ବୋଲି କୁହାଯାଇଛି।


ଗୁରୁବାର ପ୍ରବଳ ତାତି ଯୋଗୁ ରାଉରକେଲା ଟ୍ରାଫିକ୍ ଗେଟ୍ ଛକରେ ଯୁବତୀମାନେ ଛତା ଧରି ଯାଉଛନ୍ତି। (ଫଟୋ: ଦିନେଶ ମିଶ୍ର)

# ଷ୍ଟିଲ୍ ସିଟି: ୩୭ ଡିଗ୍ରୀ ଛୁଇଁଲା ପାରଦ

**ରାଉରକେଲା,୧୨।୩(ଦିନେଶ ମିଶ୍ର)**

ଷ୍ଟିଲସିଟି ରାଉରକେଲାରେ ଦିନକୁ ଦିନ ତାପମାତ୍ରା ବଢ଼ିବାରେ ଲାଗିଛି। ପୂର୍ବାହ୍ନ ୧୧ଟା ହେଲେ ସହରରେ ଟାଣଖରା ଜନସାଧାରଣଙ୍କୁ କଲବଲ କରୁଛି। ରାଉରକେଲା ସହରରେ ବୁଧବାର ୩୪ ଡିଗ୍ରୀ ତାପମାତ୍ର ଥିବାବେଳେ ଗୁରୁବାର ପାରଦ ୩୭ ଡିଗ୍ରୀ ଛୁଇଁଛି। ମାର୍ଚ୍ଚ ମାସ ଆରମ୍ଭରୁ ସହରରେ ଗରମ ଅସହ୍ୟ ହେଲାଣି। ଗରମକୁ ଦୃଷ୍ଟିରେ ରଖି ବିଭିନ୍ନ ଛକ ସ୍ଥାନରେ କେଉଁଠି ଆଖୁ ରସ ତ ଆଉ କେଉଁଠି ଥଣ୍ଡା ପାନୀୟ ବିକ୍ରି ହେଲାଣି। ଖରାଟାଣ ଯୋଗୁ ଦିନ ୧ଟା ବେଳକୁ ରାସ୍ତାଘାଟ ଖାଁ ଖାଁ ହୋଇଯାଉଛି। ଆସନ୍ତା ୨୪ ଘଣ୍ଟା ପରେ ରାଜ୍ୟରେ ସର୍ବାଧିକ ୨ରୁ ୩ଡିଗ୍ରୀ ପର୍ଯ୍ୟନ୍ତ ତାପମାତ୍ରା ବୃଦ୍ଧି ପାଇବ ବୋଲି ଆର୍‌ଏସ୍‌ପି ପାଣିପାଗ ବିଭାଗ ପକ୍ଷରୁ ଜଣାପଡିଛି। ଏହାକୁ ଦୃଷ୍ଟିରେ ରଖି ଆର୍‌ଏମ୍‌ସି ପ୍ରଶାସନ ପକ୍ଷରୁ ବିଭିନ୍ନ ପ୍ରମୁଖ ସ୍ଥାନରେ ଜଳଛତ୍ର ଖୋଲିବା ପାଇଁ ସ୍ଥାନ ନିରୁପଣ କରାଯାଉଛି। ଏଥିସହ ସହରର ବିଭିନ୍ନ ଡାକ୍ତରଖାନାରେ ଆବଶ୍ୟକ ପରିମାଣର ଓଆର୍‌ଏସ୍ ବ୍ୟବସ୍ଥା କରାଯିବା ସହ ସହରବାସୀଙ୍କୁ ବିତରଣ କରାଯାଉଛି। ସେହିପରି ଜରୁରୀ କାମ ନ ଥିଲେ ଖରାକୁ ନ ବାହାରିବା ପାଇଁ ସ୍ଥାନୀୟ ପ୍ରଶାସନ ପକ୍ଷରୁ ସଚେତନ କରାଯାଉଛି।

# ୧୦୬ ଚୋରି ମୋବାଇଲ ଜବତ

**ରାଉରକେଲା,୧୨।୩(ସଙ୍ଗୀତା ଜେନା)**

ରାଉରକେଲା ପୋଲିସ ଜିଲାର ବିଭିନ୍ନ ଥାନା ଅଞ୍ଚଳରୁ ଚୋରି ତଥା ହଜିଯାଇଥିବା ୧୦୬ଟି ମୋବାଇଲ ଜବତ ହୋଇଛି। ଏହି ମୋବାଇଲଗୁଡିକୁ ଗୁରୁବାର ଦାବିଦାରମାନଙ୍କୁ ପ୍ରଦାନ କରାଯାଇଛି। ଏ ସମ୍ପର୍କରେ ରାଉରକେଲା ଏସ୍‌ପି ନିତେଶ ୱାଧୱାନୀଙ୍କ ନେତୃତ୍ୱରେ ପୋଲିସ ମୁଖ୍ୟାଳୟରେ ଗୁରୁବାର ଅପରାହ୍ନ ୧ଟା ୩୦ରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ସୂଚନା ପ୍ରଦାନ କରାଯାଇଛି। ଏଥିରେ ଅତିରିକ୍ତ ଏସ୍‌ପି ରାଜକିଶୋର ମିଶ୍ରଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ। ଏହି ଅବସରରେ ରାଉରକେଲା ଏସ୍‌ପି ୱାଧୱାନୀ କହିଛନ୍ତି, ସ୍ମାର୍ଟଫୋନ୍‌ଗୁଡ଼ିକ ହଜିଯାଇଥିଲେ କିମ୍ବା ଚୋରି ହୋଇଥିଲେ ସେଗୁଡ଼ିକ ସିଆଇଆର୍‌ରେ ପଞ୍ଜୀକରଣ କରାଯାଉ। ଫଳରେ ସେଗୁଡ଼ିକ ଠାବ କରିବାରେ ସହଜ ହେବ। ଏହି ସ୍ୱତନ୍ତ୍ର ଅଭିଯାନ ସାଇବର ସେଲ୍ ଦ୍ୱାରା କରାଯାଉଛି। ଏଥିରେ ହଜିଯାଇଥିବା ମୋବାଇଲଗୁଡ଼ିକ ଜବତ ହେବା ପରେ ପ୍ରକୃତ ଦାବିଦାରମାନଙ୍କୁ ଦିଆଯାଉଛି। ହଜିଯାଇଥିବା କିମ୍ବା ଚୋରି ମୋବାଇଲ ଘଟଣାରେ ଏପର୍ଯ୍ୟନ୍ତ ୧୬ ଜଣ ଅଭିଯୁକ୍ତ ଫେରାର ଥିବାବେଳେ ଅନେକ ପୋଲିସ ହାତରେ ଧରାପଡ଼ିଛନ୍ତି। ଏଭଳି ୨ଶହରୁ ଊର୍ଦ୍ଧ୍ୱ ଅଭିଯୋଗରେ ୧୦୬ଟି ମୋବାଇଲ ଠାବ ହୋଇଛି। ଯାହାର ବଜାର ଦର ପ୍ରାୟ ୩୨ ଲକ୍ଷ ଟଙ୍କା ବୋଲି ଏସ୍‌ପି ୱାଧୱାନୀ କହିଥିଲେ। ପରେ ଉକ୍ତ ମୋବାଇଲଗୁଡ଼ିକ ଦାବିଦାରମାନଙ୍କୁ ବଣ୍ଟନ କରାଯାଇଥିଲା।


ପୋଲିସ ମୁଖ୍ୟାଳୟରେ ଜବତ ମୋବାଇଲ ଦାବିଦାରଙ୍କୁ ପ୍ରଦାନ କରାଯାଉଛି।

# ଓଡ଼ିଶାର ଅସ୍ମିତା ବିଶ୍ୱବିଦିତ

**ଓଡ଼ିଆ ଶାସ୍ତ୍ରୀୟ ଭାଷା ଦିବସରେ ବକ୍ତାଙ୍କ ମତ**

**ରାଉରକେଲା,୧୨।୩(ସଙ୍ଗୀତା ଜେନା)**

ଭାଷା ଓ ଜାତିକୁ ନେଇ ଓଡ଼ିଶାର ଅସ୍ମିତା ସମଗ୍ର ବିଶ୍ୱରେ ପରିଚିତ। ଏହାର ସଂସ୍କୃତି ଓ ଭାଷାର ପ୍ରାଚୀନତା ସମୃଦ୍ଧ ଓ ପୁରାତନ ବୋଲି ଉତ୍କଳ ସମ୍ମିଳନୀ ଓ ବାସନ୍ତୀ ସାଂସ୍କୃତିକ ପରିଷଦ ପକ୍ଷରୁ ଆୟୋଜିତ ଓଡ଼ିଆ ଶାସ୍ତ୍ରୀୟ ଭାଷା ଦିବସ ପାଳନ ଅବସରରେ ବକ୍ତାମାନେ ମତପୋଷଣ କରିଛନ୍ତି। ବୁଧବାର ସନ୍ଧ୍ୟା ୭ଟାରେ ଉତ୍କଳ ସମ୍ମିଳନୀ ରାଉରକେଲା ଶାଖା ସଭାପତି ସୁଦାମ ଚନ୍ଦ୍ର ଦାଶଙ୍କ ପୌରୋହିତ୍ୟରେ ବାସନ୍ତୀ ସାଂସ୍କୃତିକ ପରିଷଦରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟବକ୍ତା ପ୍ରାଧ୍ୟାପକ ଶଙ୍କର ପ୍ରସାଦ ତ୍ରିପାଠୀ କହିଥିଲେ, ଓଡ଼ିଆ ଭାଷା ଶାସ୍ତ୍ରୀୟ ମାନ୍ୟତା ପାଇବାର ବାର ବର୍ଷ ବିତିଯାଇଥିଲେ ମଧ୍ୟ ଆମେ ଆମର ମନୋଭାବକୁ ଦୃଢ଼ ଓ ସର୍ବୋଚ୍ଚ କରିପାରିନାହୁଁ ବୋଲି ସେ କହିଥିଲେ। ମୁଖ୍ୟ ଅତିଥି ତଥା ଅସ୍ଥିଶଲ୍ୟ ଚିକିତ୍ସକ ଡା. ଉତ୍ତମ କୁମାର ଜେନା ଓଡ଼ିଶାର ବୀରପୁତ୍ରମାନଙ୍କ ବୀରତ୍ୱ ଓ ତ୍ୟାଗକୁ ମନେ ପକାଇ କହିଥିଲେ, ବୀରଭୂମି ଉତ୍କଳର ଦାୟାଦମାନେ ହୀନମନ୍ୟତାଠାରୁ ଦୂରେଇ ରହିବା ଉଚିତ। ସଭାପତି ସୁଦାମ ଚନ୍ଦ୍ର ଦାଶ କାର୍ଯ୍ୟକ୍ରମ ସଂଯୋଜନା କରି କହିଥିଲେ, ସୀମାନ୍ତ ଓଡ଼ିଶା ପ୍ରତି ସମ୍ମିଳନୀ ସଜାଗ ଦୃଷ୍ଟି ରଖିଛି। ସେ ଭାଷା ଓ ଜାତି ପାଇଁ ସମର୍ପିତ ମଧୁବାବୁଙ୍କ ତ୍ୟାଗ ଓ ମହନୀୟତା ସମ୍ପର୍କରେ ଆଲୋଚନା କରିଥିଲେ। ସାଧାରଣ ସମ୍ପାଦକ ଅକ୍ଷୟ କୁମାର ଦାସ କହିଥିଲେ, ଉତ୍କଳ ସମ୍ମିଳନୀ ସମଗ୍ର ଓଡ଼ିଆ ଜାତିର ମିଳନ ମଣ୍ଡପ। ଓଡ଼ିଶାର ଭାଷା ଏବଂ ଭୂଖଣ୍ଡକୁ ଅକ୍ଷୁର୍ଣ୍ଣ ରଖିବା ସମଗ୍ର ଓଡ଼ିଆମାନଙ୍କର ଧ୍ୟେୟ ହେବା ଉଚିତ। ଶାଖାର ଉପ ସଭାପତି ଚିତ୍ତରଞ୍ଜନ ଦାଶ, ନବଘନ ପାଣି, ବାସନ୍ତୀ ସାଂସ୍କୃତିକ ପରିଷଦର କାର୍ଯ୍ୟକାରୀ ସଭାପତି ଭଗବାନ ମହାପାତ୍ର ପ୍ରମୁଖ ଶାସ୍ତ୍ରୀୟ ଭାଷା ସମ୍ବନ୍ଧରେ ବକ୍ତବ୍ୟ ରଖିଥିଲେ। କାର୍ଯ୍ୟକାରୀ ସଦସ୍ୟ ଜ୍ୟୋସ୍ନା ନାୟକ, ସୌଭାଗ୍ୟବତୀ ସାହୁ, ଉତ୍ତମ କୁମାର ବାରିକ, ଅଭିମନ୍ୟୁ ସ୍ୱାଇଁ, ଡ. ସୁବାସ ଲେଙ୍କା ସହଯୋଗ କରିଥିଲେ। ଉପ ସଭାପତି ଅନୀଲ କୁମାର ଦାଶ ଧନ୍ୟବାଦ ଅର୍ପଣ କରିଥିଲେ।


ଭାଷା ଦିବସ ପାଳନରେ ମଞ୍ଚାସୀନ ଅତିଥି।

# ଶାସ୍ତ୍ରୀୟ ଭାଷା ଦିବସ ପାଳିତ

**ରାଉରକେଲା,୧୨।୩(ଦିନେଶ ମିଶ୍ର)**

ପାନପୋଷସ୍ଥିତ ସରକାରୀ ସ୍ୱୟଂଶାସିତ ମହାବିଦ୍ୟାଳୟ ପରିସରରେ ସ୍ନାତକୋତ୍ତର ଓଡ଼ିଆ ଭାଷା ସାହିତ୍ୟ ବିଭାଗ ପକ୍ଷରୁ ଓଡ଼ିଆ ଅସ୍ମିତା ଓ ଶାସ୍ତ୍ରୀୟ ଓଡ଼ିଆ ଭାଷା ଦିବସ ପାଳିତ ହୋଇଯାଇଛି। ଏଥିରେ କଲେଜର ଭାରପ୍ରାପ୍ତ ଅଧ୍ୟକ୍ଷ ମାୟାଧର ବାରିକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଓଡ଼ିଆ ଭାଷାର ପ୍ରଚାର ଓ ପ୍ରସାର ଦିଗରେ କାର୍ଯ୍ୟ କରିବାକୁ ଆହ୍ୱାନ ଦେଇଥିଲେ। ବରିଷ୍ଠ ଅଧ୍ୟାପକ ପ୍ରଶାନ୍ତ କୁମାର ସେଠୀ ଅନ୍ୟତମ ଅତିଥି ଭାବେ ଯୋଗଦେଇ ମା’ ଭଳି ମାତୃଭାଷାକୁ ଭଲ ପାଇବାକୁ ଆହ୍ୱାନ ଦେବା ସହ ଆମ ମାତୃଭାଷା ଓଡିଆ ଶାସ୍ତ୍ରୀୟ ମାନ୍ୟତା ପାଇବା ସମସ୍ତଙ୍କ ପାଇଁ ଗର୍ବ ଓ ଗୌରବର ବିଷୟ ବୋଲି କହିଥିଲେ। ଓଡିଆ ବିଭାଗର ଅଧ୍ୟାପକ ଶୁଭନାଥ ସା ଏହି ଦିବସର ଆଭିମୁଖ୍ୟ ଉପସ୍ଥାପନା କରିଥିଲେ। ଓଡିଆ ଭାଷା ସାହିତ୍ୟ ବିଭାଗର ମୁଖ୍ୟ ଡକ୍ଟର ସୁଷମା ମୋଦି ଅତିଥି ପରିଚୟ ପ୍ରଦାନ ଏବଂ ଓଡିଆ ବିଭାଗ ଅଧ୍ୟାପିକା ରଜନୀ କିଷାନ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଅଧ୍ୟାପକ ବିଶ୍ୱରଞ୍ଜନ ଦାସ, ଅଧ୍ୟାପିକା ସୁଚିସ୍ମିତା ମଡୁଆଳ, ପ୍ରିୟଙ୍କା କଂସାରୀ ପ୍ରମୁଖ ସହଯୋଗ କରିଥିଲେ।



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିଗଣ।

# ୩ ମାସିଆ କନ୍ଥା ସିଲେଇ ତାଲିମ ସମ୍ପନ୍ନ


ଅତିଥିମାନଙ୍କ ସହ ପ୍ରଶିକ୍ଷାର୍ଥୀ ମହିଳା।

**ରାଉରକେଲା,୧୨।୩(ବିପ୍ଲବ ରଞ୍ଜନ ଦାଶ)**

ଆର୍‌ଏସ୍‌ପି ପକ୍ଷରୁ ରାଞ୍ଚିର ଲିଡ୍ସ ସହଯୋଗରେ ପାର୍ଶ୍ୱବର୍ତ୍ତୀ ଗ୍ରାମଗୁଡ଼ିକର ଅବହେଳିତ ମହିଳାମାନଙ୍କ ପାଇଁ କନ୍ଥା ସିଲେଇ ଏବଂ କପଡ଼ା ଚିତ୍ରକଳା ଉପରେ ଚାଲିଥିବା ତିନି ମାସିଆ ଜୀବିକା ନିର୍ବାହ ତାଲିମ କାର୍ଯ୍ୟକ୍ରମ ଶେଷ ହୋଇଛି। ସିଏସ୍‌ଆର କାର୍ଯ୍ୟାଳୟର ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ପେରିଫେରାଲ୍ ଡେଭଲପମେଣ୍ଟରେ ଅନୁଷ୍ଠିତ କାର୍ଯ୍ୟକ୍ରମର ସମାପନୀ ସମାରୋହରେ ଆର୍‌ଏସ୍‌ପିର ସିଜିଏମ୍ (ଟିଇ ଓ ହର୍ଟିକଲଚର) ବି. କେ. ଜୋଜୋ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ସିଏସ୍‌ଆର ବିଭାଗର ଜିଏମ୍ ବିଭାବାସୁ ମଲ୍ଲିକ, ଲିଡ୍ସର ନିର୍ଦ୍ଦେଶକ ଏ. କେ. ସିଂହ ଏବଂ ଆର୍‌ଏସ୍‌ପି, ଲିଡ୍ସ ଓ ବ୍ଲକ କାର୍ଯ୍ୟାଳୟର ଅଧିକାରୀମାନେ ଉପସ୍ଥିତ ଥିଲେ। ଜୋଜୋ ସମାବେଶକୁ ସମ୍ବୋଧିତ କରି ଅଂଶଗ୍ରହଣକାରୀମାନଙ୍କ ଉତ୍ସର୍ଗୀକୃତ ମନୋଭାବକୁ ପ୍ରଶଂସା କରିଥିଲେ। ସେ ମହିଳାମାନଙ୍କୁ ସଶକ୍ତ କରିବା ଏବଂ କନ୍ଥା ସିଲେଇ ଏବଂ କପଡ଼ା ଚିତ୍ରକଳା ଭଳି ଆଦିବାସୀ କଳାରୂପ ସଂରକ୍ଷଣ କରିବାରେ ଏପରି ଦକ୍ଷତା ବିକାଶ ପଦକ୍ଷେପର ପ୍ରଶଂସା କରିଥିଲେ। ମଲ୍ଲିକ ତାଙ୍କ ବକ୍ତବ୍ୟରେ ପ୍ରକଳ୍ପର ସଫଳତା ଉପରେ ଆଲୋକପାତ କରିଥିଲେ ଏବଂ ଦକ୍ଷତା-ଭିତ୍ତିକ ଜୀବିକା କାର୍ଯ୍ୟକ୍ରମ ମାଧ୍ୟମରେ ସ୍ଥାୟୀ ସମ୍ପ୍ରଦାୟ ବିକାଶ ପାଇଁ କାରଖାନାର ପ୍ରତିବଦ୍ଧତାକୁ ଦୋହରାଇଥିଲେ। ଡିଜିଏମ୍ (ସିଏସ୍‌ଆର) ଟି. ବି. ଟପ୍ପୋ ସ୍ୱାଗତ ଭାଷଣ ଏବଂ ଏ. କେ. ସିଂହ ଧନ୍ୟବାଦ ଅର୍ପଣ କରିଥିଲେ। ସେକ୍ସନ ଆସୋସିଏଟ୍ (ସିଏସ୍‌ଆର) ମହମ୍ମଦ ଜାହିଦ ଅଖତର କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଉଲ୍ଲେଖଯୋଗ୍ୟ, ନିଯୁକ୍ତିଯୋଗ୍ୟ ଦକ୍ଷତା ବୃଦ୍ଧି କରିବା, ଆଦିବାସୀ କଳାକୁ ପ୍ରୋତ୍ସାହିତ କରିବା ଏବଂ ଅଞ୍ଚଳର ମହିଳାମାନଙ୍କ ପାଇଁ ସ୍ଥାୟୀ ଜୀବିକା ନିର୍ବାହର ସୁଯୋଗ ସୃଷ୍ଟି କରିବା ଏହି ପ୍ରୟାସର ଲକ୍ଷ୍ୟ। ତିନି ମାସର ପାଠ୍ୟକ୍ରମରେ ମାଷ୍ଟର ଟ୍ରେନର କନ୍ଥା ସିଲାଇ ଏବଂ କପଡ଼ା ଚିତ୍ରକଳା ଉପରେ ଶିକ୍ଷା ପ୍ରଦାନ କରିଥିଲେ। ବିପିଏଲ୍ ପରିବାରରୁ ମନୋନୀତ ୧୫ରୁ ୪୫ ବର୍ଷ ବୟସର ପ୍ରଶିକ୍ଷାର୍ଥୀମାନେ ଏଥିରେ ଶିକ୍ଷାଲାଭ କରିଥିଲେ।

# ବିଶ୍ୱ କିଡ୍‌ନୀ ଦିବସରେ ସଚେତନତା କାର୍ଯ୍ୟକ୍ରମ

**ରାଉରକେଲା,୧୨।୩(ବିପ୍ଲବ ରଞ୍ଜନ ଦାଶ)**

ମାତାଞ୍ଜଳି ସୋସିଓ ସ୍ପିରିଚୁଆଲ ଟ୍ରଷ୍ଟ ପକ୍ଷରୁ କୋଏଲନଗରସ୍ଥିତ ଆର୍‌ଏସ୍‌ପି ଅବସରପ୍ରାପ୍ତ କର୍ମଚାରୀ ସଂଘ କାର୍ଯ୍ୟାଳୟରେ ଗୁରୁବାର ବିଶ୍ୱ କିଡ୍‌ନୀ ଦିବସ ଉପଲକ୍ଷେ ଏକ ସଚେତନତା କାର୍ଯ୍ୟକ୍ରମ ଓ ନିଃଶୁଳ୍କ ସ୍ୱାସ୍ଥ୍ୟ ପରୀକ୍ଷା ଶିବିର ଅନୁଷ୍ଠିତ ହୋଇଯାଇଛି। ପ୍ରମୁଖ ଟ୍ରଷ୍ଟି ଇଂ. ଆଲୋକ ରଞ୍ଜନ ମଲ୍ଲିକଙ୍କ ଆବାହକତ୍ୱ ଓ ରାମକୃଷ୍ଣ ତ୍ରିପାଠୀଙ୍କ ସଂଯୋଜନାରେ ଆୟୋଜିତ ଇସ୍ପାତ ଜେନେରାଲ ହସ୍ପିଟାଲର ମୁଖ୍ୟ ମେଡ଼ିକାଲ ଅଫିସର ଡାକ୍ତର ଜୟନ୍ତ ଆଚାର୍ଯ୍ୟ ମୁଖ୍ୟଅତିଥି, ଇଂ. ଅଭୟ କୁମାର ଦାସ ସମ୍ମାନିତ ଅତିଥି ଓ ଆଇଜିଏଚ୍‌ର ବୃକକ୍ ବିଶାରଦ ଡା. ସରୋଜ କୁମାର ରାଉତ ମୁଖ୍ୟବକ୍ତା ଭାବେ ଯୋଗଦେଇ ବିଶ୍ୱ କିଡ୍‌ନୀ ଦିବସ ପାଳନର ଆଭିମୁଖ୍ୟ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ମୁଖ୍ୟଅତିଥି ଡା. ଆଚାର୍ଯ୍ୟ ସ୍ୱାସ୍ଥ୍ୟ ସମ୍ପର୍କିତ ବିଭିନ୍ନ ଉପଦେଶ ଦେଇ ସୁସ୍ଥ ସ୍ୱାସ୍ଥ୍ୟ ସୁନ୍ଦର ସମାଜ ଗଠନରେ ସହାୟକ ହୋଇଥାଏ ବୋଲି ମତ ରଖିଥିଲେ। ମୁଖ୍ୟବକ୍ତା ରାଉତ କିଡ୍‌ନୀ ରୋଗର କାରଣ ଓ ଏହାର ନିରାକରଣ ସମ୍ପର୍କରେ ଆଲୋଚନା କରିଥିଲେ। ଟ୍ରଷ୍ଟି ବ୍ରଜେନ୍ଦ୍ର ଦାଶ ଧନ୍ୟବାଦ ଅର୍ପଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପ୍ରେମାନନ୍ଦ ସାମଲ, ଅଶୋକ ପଟ୍ଟନାୟକ, ଜଗନ୍ନାଥ ରାଉତ, ଗିରିଧାରୀ ସ୍ୱାଇଁ, ପ୍ରଦୀପ ପଣ୍ଡା ପ୍ରମୁଖ ସହଯୋଗ କରିଥିଲେ। ଏହି ଅବସରରେ ଶତାଧିକ ବ୍ୟକ୍ତିଙ୍କ ନିଃଶୁଳ୍କ ସ୍ୱାସ୍ଥ୍ୟ ଓ ମଧୁମେହ ପରୀକ୍ଷା କରାଯାଇଥିଲା।


ସଚେତନତା କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

# ଜାତୀୟ ସୁରକ୍ଷା ସପ୍ତାହ ଉଦ୍‌ଯାପିତ

**ରାଉରକେଲା,୧୨।୩(ବିପ୍ଲବ ରଞ୍ଜନ ଦାଶ)**

ଗୋପବନ୍ଧୁ ଅଡିଟୋରିୟମରେ ଆର୍‌ଏସ୍‌ପିର ଜାତୀୟ ସୁରକ୍ଷା ସପ୍ତାହ ୨୦୨୬ ଉଦ୍‌ଯାପିତ ହୋଇଯାଇଛି। ଏହି ସମାରୋହରେ ମାନବ ସମ୍ବଳ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ତରୁଣ ମିଶ୍ର ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ସିଏମ୍‌ଏଲ୍‌ଓର ନିର୍ବାହୀ ନିର୍ଦ୍ଦେଶକ ବି. କେ. ଗିରି, କାର୍ଯ୍ୟ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ବି. ଆର. ପଲାଇ, ଫ୍ୟାକ୍ଟ୍ରି ଆଣ୍ଡ ବଏଲର ବିଭାଗର ସହାୟକ ନିର୍ଦ୍ଦେଶକ ଏସ୍. ତ୍ରିପାଠୀ, ଏସ୍.ଏସ୍. ରାଉତ, ସୁରକ୍ଷା ଏବଂ ଅଗ୍ନିଶମ ସେବା ବିଭାଗର ସିଜିଏମ ଏଚ୍. ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ମୁଖ୍ୟ ଅତିଥି ମିଶ୍ର ଏକ ଦାୟିତ୍ୱବାନ କର୍ପୋରେଟ୍ ନାଗରିକ ଭାବେ ଜୀବନର ପ୍ରତ୍ୟେକ ଦିଗରେ ସୁରକ୍ଷା ଏବଂ ନିରାପଦ ଅଭ୍ୟାସଗୁଡ଼ିକୁ ଗ୍ରହଣ କରିବାକୁ ପରାମର୍ଶ ଦେଇଥିଲେ। ପରେ ବିଶ୍ୱରଞ୍ଜନ ପଲାଇ, ବି. କେ. ଗିରି, ଏସ୍ ତ୍ରିପାଠୀ ସର୍ବାଧିକ ନିୟର ମିସ୍ କେସ ରିପୋର୍ଟ କରିବା ପାଇଁ ପରାମର୍ଶ ଦେବା ସହିତ ଅନ୍ୟ ବିଭାଗ ଏବଂ ଶ୍ରେଷ୍ଠ ବିଭାଗୀୟ ସୁରକ୍ଷା ଅଧିକାରୀମାନଙ୍କୁ ପୁରସ୍କୃତ କରିଥିଲେ। ଉଲ୍ଲେଖନୀୟ, ଏସ୍‌ଏମ୍‌ଏସ୍-୧ ବିଭାଗ ସର୍ବାଧିକ ନିୟର ମିସ କେସ୍ ରିପୋର୍ଟ କରି ଚାମ୍ପିୟନ୍ସ ଟ୍ରଫି ହାସଲ କରିଛି। ସେହିଭଳି ଦ୍ୱିତୀୟ ଏବଂ ତୃତୀୟ ସ୍ଥାନ ହଟ୍ ଷ୍ଟ୍ରିପ୍ ମିଲ୍-୨ ଏବଂ ନ୍ୟୁ ପ୍ଲେଟ୍ ମିଲ୍ ହାସଲ କରିଛି। ହୀରାଲାଲ ମହାପାତ୍ର ସ୍ୱାଗତ କରିଥିଲେ। ସୁରକ୍ଷା ଇଞ୍ଜିନିୟରିଂ ବିଭାଗର ଜିଏମ୍ ଅବକାଶ ବେହେରା କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ସୁରକ୍ଷା ବିଭାଗର ଆସିଷ୍ଟାଣ୍ଟ ମ୍ୟାନେଜର ସୁଶ୍ରୀ ପ୍ରଜ୍ଞା ନାଥ ସମାରୋହରେ ମୁଖ୍ୟ ଭୂମିକା ନିର୍ବାହ କରିଥିଲେ।


ଅତିଥିମାନେ ଚାମ୍ପିୟନ୍ସ ଟ୍ରଫି ପ୍ରଦାନ କରୁଛନ୍ତି।

# ଭାଷା ମାଧ୍ୟମରେ ଭାଷାର ଅସ୍ମିତାବୋଧ ହୋଇଥାଏ

**ଓଡ଼ିଆ ଶାସ୍ତ୍ରୀୟ ଭାଷା ଦିବସ ପାଳିତ**

**ରାଉରକେଲା,୧୨।୩(ବିପ୍ଲବ ରଞ୍ଜନ ଦାଶ)**

ରାଉରକେଲା ପ୍ରଗତି ଉତ୍କଳ ସଂଘ ଓ ଓଡ଼ିଆ ଭାଷା ବିକାଶ ମଞ୍ଚର ମିଳିତ ଆନୁକୂଲ୍ୟରେ ଓଡ଼ିଆ ଶାସ୍ତ୍ରୀୟ ଭାଷା ଦିବସ ବୁଧବାର ପାଳିତ ହୋଇଯାଇଛି। ସଂଘ ଉପ ସଭାପତି ଡ. ପ୍ରଭାତ କୁମାର ମଲ୍ଲିକଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଅଧ୍ୟାପକ ଡ. ନଗେନ କୁମାର ଦାସ ମୁଖ୍ୟ ବକ୍ତା ଭାବେ ଯୋଗଦେଇ ଶାସ୍ତ୍ରୀୟ ଭାଷା ଦିବସ ସମ୍ପର୍କରେ ଆଲୋଚନା କରିଥଲେ। ସେ କହିଥିଲେ, କଥିତ ଓଡ଼ିଆ ଓ ଲିଖିତ ଓଡ଼ିଆ ମଧ୍ୟରେ ପାର୍ଥକ୍ୟ ରହିଛି। ଶିକ୍ଷାକୁ ଶକ୍ତିଶାଳୀ କଲେ ଭାଷାର ଅବକ୍ଷୟ ହେବ ନାହିଁ। ଭାଷାର ଅସ୍ମିତାବୋଧ ଭାଷା ମାଧ୍ୟମରେ ହୋଇଥାଏ। ଜ୍ଞାନ ବୃଦ୍ଧି ବଳରେ ସଂସ୍କୃତି ପରିପ୍ରକାଶ ଘଟିଥାଏ। ସଂସ୍କୃତ କୌଣସି ସମୟରେ କଥିତ ଭାଷା ନ ଥିଲା ବୋଲି ସେ ମତ ରଖିଥିଲେ। ସଭାପତି ଡ. ମଲ୍ଲିକ ତାଙ୍କ ସଭାପତିତ୍ୱ ଅଭିଭାଷଣରେ ଓଡ଼ିଆ ଭାଷାକୁ ବ୍ୟକ୍ତିଗତ, ପ୍ରଶାସନିକ ଓ ଅନୁଷ୍ଠାନମାନଙ୍କରେ ବ୍ୟବହାର, ଏପରିକି ଛୋଟ ଛୋଟ କଥାରେ ଓଡ଼ିଆ ଭାଷାର ବ୍ୟବହାର ଉପରେ ଗୁରୁତ୍ୱାରୋପ କରିଥିଲେ। ଏଥିସହ ଭାଷାର ପ୍ରକାରଭେଦ, ଉତ୍ପତ୍ତି ଓ ଏହାର ଅସ୍ମିତାର କଥା ଉଦାହରଣ ମାଧ୍ୟମରେ ବୁଝାଇଥିଲେ। ଓଡିଆ ଭାଷା ବିକାଶ ମଞ୍ଚର ସାଧାରଣ ସମ୍ପାଦକ ଆର୍ତ୍ତତ୍ରାଣ ମହାପାତ୍ର ଓଡ଼ିଆ ଭାଷାର ଶାସ୍ତ୍ରୀୟ ମାନ୍ୟତା ଉପରେ ପ୍ରାକ୍ ସୂଚନା ଦେଇଥିଲେ। ୨୦୧୪ରୁ ଓଡ଼ିଆ ଭାଷା ଶାସ୍ତ୍ରୀୟ ମାନ୍ୟତା ପାଇବା ସହ ଏହାର ଐତିହ୍ୟ ଓ ସଂଘର୍ଷମୟ ଇତିହାସ ଉପରେ ସେ ପ୍ରାମାଣିକ ତଥ୍ୟ ପ୍ରଦାନ କରିଥିଲେ। ଭାଷା ହିଁ ଜାତିର ପରିଚୟ ଓ ପ୍ରାଚୀନତା ଦୃଷ୍ଟିରୁ ଭାଷାକୁ ଶାସ୍ତ୍ରୀୟ ମାନ୍ୟତା ମିଳିଥାଏ ବୋଲି ସେ ମତ ରଖିଥିଲେ। ସାଂସ୍କୃତିକ ସମ୍ପାଦକ ଇଂ. ଅଶୋକ କୁମାର ପଟ୍ଟନାୟକ ସଭା ପରିଚାଳନା କରିଥିଲେ। ଦ୍ୱିତୀୟ ପର୍ଯ୍ୟାୟରେ କବି ରଶ୍ମି ସାହୁ ଓ ଗୀତାରାଣୀ ବେହେରାଙ୍କ ସଂଯୋଜନାରେ କବିତା ପାଠୋତ୍ସବ ହୋଇଥିଲା। ସାଧାରଣ ସମ୍ପାଦକ ରାଧାମୋହନ ନାୟକ, ଘନଶ୍ୟାମ ଧଳ, ଅକ୍ଷୟ କୁମାର ସାମଲ, ବରୁଣ ନାହାକ, ଶାନ୍ତନୁ କୁମାର ମହାନ୍ତି, ଧରଣୀଧର ସାମଲ ପ୍ରମୁଖ ସହଯୋଗ କରିଥିଲେ।



କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିଗଣ।

## ସଂକ୍ଷେପରେ

### ଆଇନ ସଚେତନତା କାର୍ଯ୍ୟକ୍ରମ

ଟିଟିଲାଗଡ଼, ୧୨।୩(ଶରତ ମିଶ୍ର)

ବଲାଙ୍ଗୀର ଜିଲା ଟିଟିଲାଗଡ଼ ବ୍ଲକ ଅଧିନସ୍ଥ ବାଞ୍ଜିପଦର ଗ୍ରାମ ପଞ୍ଚାୟତର ବେଲପଡା ଗ୍ରାମରେ ଗୁରୁବାର ଆକ୍ସନଏଡ଼ ଓ ଜନ ଜାଗରଣ ଦାଦନ ସଂଘ ତରଫରୁ ଜିଲାସ୍ତରୀୟ ଆଇନ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଜଙ୍ଗଲ ଜମି ଅଧିକାର, ମହିଳା ଅଧିକାର, ଶ୍ରମିକ ଅଧିକାର, ଘରୋଇ ହିଂସା ନିବାରଣ ଆଇନ, ସରକାରୀ ସାମାଜିକ କଲ୍ୟାଣ ଯୋଜନା ଓ ସାଇବର କ୍ରାଇମ ସମ୍ବନ୍ଧରେ ଉପସ୍ଥିତ ଲୋକଙ୍କୁ ସଚେତନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ବକ୍ତା ହିସାବରେ ଉପଖଣ୍ଡ ସ୍ତରୀୟ ପୋଲିସ ଅଧିକାରୀ ଯଶୋବନ୍ତ ପଧାନୀ, ଟିଟିଲାଗଡ଼ ଥାନା ଅଧିକାରୀ ମନୋଜ କୁମାର ମୁଣ୍ଡା, ଅତିରିକ୍ତ ସମାଜ କଲ୍ୟାଣ ଅଧିକାରୀ ହିମାଂଶୁ ଶେଖର କୁମ୍ଭାର, ଅତିରିକ୍ତ ଶ୍ରମ ଅଧିକାରୀ ରଜନୀକାନ୍ତ ଛତ୍ରିଆ, ସ୍ଥାନୀୟ ଆଇନଜୀବୀ ସନ୍ଧ୍ୟାରାଣୀ ଅପ୍ପା, ସୁନ୍ଦର ଲାଲ ଶର୍ମାଙ୍କ ସହିତ ଟିଟିଲାଗଡ଼ ବଣିକ ସଂଘର ସଭାପତି ଶମ୍ଭୁ ପ୍ରସାଦ ଗୋଏଲ ଓ ମନୋଜ କୁମାର ଶତପଥୀ ଯୋଗଦାନ କରି ଲୋକମାନଙ୍କୁ ନିଜ ଆଇନଗତ ଅଧିକାର ସମ୍ବନ୍ଧରେ ଜାଣିବା ଓ ଆଇନ ସହାୟତା ନେବାକୁ ଆହ୍ୱାନ କରିଥିଲେ।

### ରନ୍ଧନ ଗ୍ୟାସ, ପେଟ୍ରୋଲର ଉପଲବ୍ଧତା ସମ୍ପର୍କରେ ମୁଖ୍ୟ ଶାସନ ସଚିବଙ୍କ ଜିଲାପାଳଙ୍କ ସହ ଆଲୋଚନା

**ରାଜ୍ୟସ୍ତରୀୟ ଓ ଜିଲାସ୍ତରୀୟ କମିଟି ଗଠନ**

ବଲାଙ୍ଗୀର, ୧୨।୩(ବୀରେନ୍ଦ୍ର କୁମାର ଝାଙ୍କର)

ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ ଗୁରୁବାର ଲୋକସେବା ଭବନରେ ବିଭିନ୍ନ ବିଭାଗର ସଚିବ ଓ ଜିଲାପାଳମାନଙ୍କ ସହିତ ଆଭାସୀ ବୈଠକ କରି ରନ୍ଧନ ଗ୍ୟାସ, ପେଟ୍ରୋଲ ଓ ଡିଜେଲର ନିରବଚ୍ଛିନ୍ନ ଯୋଗାଣ ସୁନିଶ୍ଚିତ କରିବା ବିଷୟରେ ଆଲୋଚନା କରିଛନ୍ତି। ସେ କହିଛନ୍ତି, ଖାଉଟିମାନଙ୍କୁ ରନ୍ଧନ ଗ୍ୟାସ ଯୋଗାଣରେ ଅଗ୍ରାଧିକାର ଦିଆଯିବ। ବିଶେଷତଃ ହସ୍ପିଟାଲ, ବିଦ୍ୟାଳୟରେ ମଧ୍ୟାହ୍ନଭୋଜନ, ଛାତ୍ରାବାସ, ଅଙ୍ଗନୱାଡ଼ି, ଅନାଥାଶ୍ରମ, ଆହାରକେନ୍ଦ୍ର ଓ ସରକାରୀ ପରିଚାଳିତ ଅନୁଷ୍ଠାନରେ ଯୋଗାଣକୁ ପ୍ରାଥମିକତା ଦିଆଯିବ। ଟ୍ୟାଙ୍କର ଚଳାଚଳ ଓ ଖୁଚୁରା ବିକ୍ରୟ କେନ୍ଦ୍ର ସୁଚାରୁ ଭାବେ ଚାଲିବା ପାଇଁ ପୋଲିସ ପ୍ରଶାସନକୁ ଆବଶ୍ୟକ ବ୍ୟବସ୍ଥା ନେବାକୁ ନିର୍ଦ୍ଦେଶ ଦିଆଯାଇଛି। ରାଜ୍ୟସ୍ତରରେ ସଚିବମାନଙ୍କୁ ନେଇ କମିଟି ଓ ଜିଲାସ୍ତରରେ ଜିଲାପାଳ, ଆରକ୍ଷୀ ଅଧୀକ୍ଷକ ଓ ଯୋଗାଣ ଅଧିକାରୀଙ୍କୁ ନେଇ କମିଟି ଗଠନ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଜିଲାସ୍ତରୀୟ କଣ୍ଟ୍ରୋଲ ରୁମ କାର୍ଯ୍ୟ କରିବାକୁ ମୁଖ୍ୟଶାସନ ସଚିବ ନିର୍ଦ୍ଦେଶ ଦେଇଛନ୍ତି। ଯାହା ଯୋଗାଣର ଠିକ ପରିଚାଳନା ଓ ତଦାରଖ କରିବ। ମୁଖ୍ୟଶାସନସଚିବ ରନ୍ଧନ ଗ୍ୟାସର କଳାବଜାରି କିମ୍ବା ଅତିରିକ୍ତ କ୍ରୟ ଭଳି କାର୍ଯ୍ୟକଳାପ ଉପରେ କଡ଼ା ନଜର ରଖିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏଲପିଜି ବୋଟଲିଂ ପ୍ଲାଣ୍ଟ, ଖୁଚୁରା ବିକ୍ରୟକେନ୍ଦ୍ର ଓ ବଣ୍ଟନ ବ୍ୟବସ୍ଥା ସୁଚାରୁ ଭାବେ ଚାଲୁ ରଖିବାକୁ ତୈଳ ବିପଣନ କମ୍ପାନୀଙ୍କୁ ପରାମର୍ଶ ଦିଆଯାଇଛି। ଏହି ବୈଠକରେ ବଲାଙ୍ଗୀର ଜିଲାପାଳ ଗୌରବ ଶିୱାଜୀ ଇସଲୱାର, ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ପୁଷ୍ପାଞ୍ଜଳି ସାହୁ, ଜିଲା ଯୋଗାଣ ଅଧିକାରୀ ରଞ୍ଜନ ପଣ୍ଡା, ଅତିରିକ୍ତ ଶିକ୍ଷା ଅଧିକାରୀ ପ୍ରବୀର ପଣ୍ଡା, ଜିଲା ମଙ୍ଗଳ ଅଧିକାରୀ ପ୍ରତାପ ମହାନ୍ତି, ଜିଲା ପର୍ଯ୍ୟଟନ ଅଧିକାରୀ ଟାଲିନା ପ୍ରଧାନୀ, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ରାଜେନ୍ଦ୍ର ମାଝୀ ଓ ଭାରତ ତୈଳ ବିପଣନ କମ୍ପାନୀର ବ୍ରିଜେଶ ସିଂ ଉପସ୍ଥିତ ଥିଲେ।

# କୁଳପତି, କୁଳସଚିବଙ୍କୁ ଦାବିପତ୍ର

**ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟରେ ପାର୍କିଂ ଜୋନ, ସ୍ପିଡ ବ୍ରେକର ପାଇଁ ଛାତ୍ର କଂଗ୍ରେସ ପକ୍ଷରୁ ଦାବି**

ବଲାଙ୍ଗୀର, ୧୨।୩(ବୀରେନ୍ଦ୍ର କୁମାର ଝାଙ୍କର)

ବଲାଙ୍ଗୀର ଜିଲା ଛାତ୍ର କଂଗ୍ରେସ (ଏନ୍‌ଏସ୍‌ୟୁଆଇ) ସଭାପତି ଚିନ୍ମୟ ବେହେରାଙ୍କ ନେତୃତ୍ୱରେ ଜିଲା ଛାତ୍ର କଂଗ୍ରେସ ପକ୍ଷରୁ ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟରେ ପାର୍କିଂ ସୁବିଧା, ସ୍ପିଡ୍ ବ୍ରେକର ଏବ ଅନ୍ୟାନ୍ୟ ଦାବି ନେଇ ବିଶ୍ୱବିଦ୍ୟାଳୟ କୁଳପତି ଓ କୁଳସଚିବଙ୍କୁ ଗୁରୁବାର ଦାବିପତ୍ର ଦିଆଯାଇଥିଲା। ଦାବିପତ୍ରରେ ଛାତ୍ରୀଛାତ୍ରମାନଙ୍କ ସୁବିଧା ଓ ସୁରକ୍ଷାକୁ ଦୃଷ୍ଟିରେ ରଖି ଜିଲା ଛାତ୍ର କଂଗ୍ରେସ ପକ୍ଷରୁ ନୂତନ ଏକାଡେମିକ ବିଲଡିଂ ସମ୍ମୁଖରେ ଏକ ସୁବ୍ୟବସ୍ଥିତ ପାର୍କିଂ ଜୋନ ନିର୍ମାଣ କରିବା, ବିଶ୍ୱବିଦ୍ୟାଳୟ ରାସ୍ତାରେ ସ୍ପିଡ ବ୍ରେକର ଏବଂ ସ୍ପିଡ ସିଗନାଲ ସ୍ଥାପନ କରିବାକୁ ଦାବି କରାଯାଇଛି। ବିଶ୍ୱବିଦ୍ୟାଳୟ ରାସ୍ତାରେ



ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟ କୁଳପତିଙ୍କୁ ଛାତ୍ର କଂଗ୍ରେସ ପ୍ରତିନିଧିମାନେ ଦାବିପତ୍ର ଦେଉଛନ୍ତି।

ଅନେକ ସମୟରେ ସ୍ପିଡ୍ ବାଇକ୍ ଏବଂ ଗାଡିମୋଟର ଚଳାଚଳ କରୁଥିବାରୁ ଏଠାକୁ ପାଠ ପଢ଼ି ଆସୁଥିବା ଛାତ୍ରୀଛାତ୍ର ଅନେକ ସମୟରେ ଦୁର୍ଘଟଣାର ସମ୍ମୁଖୀନ ହେଉଛନ୍ତି। ଏଦିଗରେ ପ୍ରଶାସନ, ପୋଲିସ ବିହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଅନେକ ସମୟରେ ଦାବି କରାଯାଇଛି। ନୂଆ ଏକାଡେମିକ ବିଲଡିଂ ପାଖରେ ପାର୍କିଂ ବ୍ୟବସ୍ଥା ନ ଥିବାରୁ ଛାତ୍ରୀଛାତ୍ରମାନେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଅନେକେ ଅବ୍ୟବସ୍ଥିତ ଢ଼ଙ୍ଗରେ ଗାଡିମୋଟର ପାର୍କିଂ କରୁଥିବାରୁ ଅସୁବିଧା ହେଉଛି। ଏସବୁ ସମସ୍ୟାକୁ ନେଇ କୁଳପତି ପ୍ରଫେସର ପ୍ରଦୀପ୍ତ କୁମାର ବେହେରା ଓ କୁଳ ସଚିବ ହରପ୍ରସାଦ ଭୋଇଙ୍କୁ ଛାତ୍ର ପ୍ରତିନିଧିମାନେ ସାକ୍ଷାତ କରି ଦାବିପତ୍ର ଦେଇଥିଲେ। ଏଦିଗରେ ବିହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କୁଳପତି ଓ କୁଳସଚିବ ପ୍ରତିଶ୍ରୁତି ଦେଇଛନ୍ତି।

# ଖପ୍ରାଖୋଲ ଅଞ୍ଚଳରେ ଜଙ୍ଗଲ ଜଳୁଛି



ଖପ୍ରାଖୋଲ ବ୍ଲକ ଅଞ୍ଚଳରେ ଥିବା ସଂରକ୍ଷିତ ଜଙ୍ଗଲ ଜଳୁଛି।

ଖପ୍ରାଖୋଲ, ୧୨।୩(ଅଭୟ ତ୍ରିପାଠୀ)

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ଅଞ୍ଚଳରେ ଥିବା ସଂରକ୍ଷିତ ତଥା ବିଭିନ୍ନ ଜଙ୍ଗଲରେ ନିଆଁ ଲାଗିଥିବା ଦେଖିବାକୁ ମିଳିଛି। ନିଆଁ ଲାଗିଥିବା ଖବରପାଇ ବନ ବିଭାଗ କର୍ମଚାରୀ, ଫାୟାର ସ୍କ୍ୱାର୍ଡ ମିଳିତ ଭାବରେ ନିଆଁକୁ ଆୟତ କରୁଛନ୍ତି। ହେଲେ ଗୋଟିଏ ପଟେ ନିଆଁକୁ ଆୟତ କଲେ ଅନ୍ୟ ପଟେ ନିଆଁ ଲାଗୁଥିବାରୁ ନିଆଁ ଆୟତ କରିବାରେ ବନ ବିଭାଗ ନାକେଦମ ହେଉଥିବା ଦେଖାଯାଇଛି। ଗନ୍ଧମାର୍ଦ୍ଦନ, ଠୁଟା, ବାରପଟା, ଚାନ୍ଦିଲି, ଧଜାଗରା, ବାଙ୍କୋଡୋ, ବେନ୍ଦେର ଭଳି ସଂରକ୍ଷିତ ଜଙ୍ଗଲ ପାହାଡ଼ ଓ ଅନେକ ଛୋଟ ଜଙ୍ଗଲରେ ମଧ୍ୟ ନିଆଁ ଲାଗୁଛି। ନିଆଁ ଲାଗିବା ଫଳରେ ଅନେକ ଔଷଧୀୟ ବୃକ୍ଷ, ଗୁଳ୍ମଲତା ଓ ଛୋଟ ଗଛ ପୋଡ଼ି ପାଉଁଶ ହେଉଛି। ଅନେକ ପଶୁପକ୍ଷୀଙ୍କ ଜୀବନ ପାଇଁ ମଧ୍ୟ ବିପଦ ସୃଷ୍ଟି ହେଉଛି। ତୁରନ୍ତ ଜନ ସଚେତନତା ସୃଷ୍ଟି ସହିତ ଫାୟାର ସ୍କ୍ୱାର୍ଡ ସଂଖ୍ୟା ବୃଦ୍ଧି କରିବାକୁ ଦାବି ହେଉଛି। ଏନେଇ ଖପ୍ରାଖୋଲ ବନପାଳ ସୁଧିର କୁମାର ଜେନାଙ୍କୁ ପଚାରିବାରୁ ଜଙ୍ଗଲ ନିଆଁ ଆୟତ ପାଇଁ ଦିନରାତି ପ୍ରୟାସ ଜାରିରଖିଛୁ ବୋଲି କହିଛନ୍ତି। ସ୍ଥାନୀୟ ସଚେତନ ନାଗରିକଙ୍କ ଖବର ସହିତ ବିଭାଗୀୟ ଆପ ସହଯୋଗରେ ନିଆଁ ଲାଗିଥିବା ସ୍ଥାନରେ ପହଞ୍ଚି ପାରୁଛୁ ଓ ତଥ୍ୟ ପାଉଛୁ ବୋଲି କହିଛନ୍ତି।

## ବଢୁଛି ତାପମାତ୍ରା, ଦେଖାନାହିଁ ଜଳଛତ୍ର

ଲୋଇସିଂହା, ୧୨।୩(ସୁଶାନ୍ତ ବାରିକ)

ବଲାଙ୍ଗୀର ଜିଲା ଲୋଇସିଂହା ଅଞ୍ଚଳରେ ତାପମାତ୍ରା ୩୫ ଡିଗ୍ରୀ ଉପରେ ରହୁଛି । ଅସ୍ୱାଭାବିକ ତାପମାତ୍ରା ବୃଦ୍ଧି ନେଇ ଜନଜୀବନ ଅସ୍ତବ୍ୟସ୍ତ ହେବାରେ ଲାଗିଲାଣି। ପିଇବା ପାଣିର ଚାହିଁଦା ବୃଦ୍ଧି ପାଇଛି। କିନ୍ତୁ ପଞ୍ଚାୟତ ପକ୍ଷରୁ ଖୋଲାଯାଉଥିବା ପାଣିଛତ୍ର ଦେଖାମିଳୁନାହିଁ। ବାଟଘାଟରେ ପିଇବା ପାଣି ନ ପାଇ ପଥଚାରୀମାନେ ହଟହଟା ହେଉଛନ୍ତି। ଲୋଇସିଂହା ବ୍ଲକ ପ୍ରଶାସନ କିମ୍ବା ନବ ଗଠିତ ଲୋଇସିଂହା ଏନଏସି କର୍ତ୍ତୃପକ୍ଷଙ୍କ ତରଫରୁ ଗ୍ରୀଷ୍ମ ମୁକାବିଲା ପ୍ରସ୍ତୁତି କରିନାହାନ୍ତି। ଜନସାଧାରଣ ବିଭିନ୍ନ କାର୍ଯ୍ୟ ପାଇଁ ଲୋଇସିଂହା ମୁଖ୍ୟାଳୟରେ ଥିବା ବ୍ଲକ, ତହସିଲ,ଡାକ୍ତରଖାନା, କୋର୍ଟ ଆଦିକୁ ଆସୁଛନ୍ତି। ହେଲେ ବାଟରେ ଜଳଛତ୍ର ଖୋଲା ହୋଇ ନ ଥିବାରୁ ପିଇବା ପାଣି ନ ପାଇ ହଟହଟା ହେଉଛନ୍ତି। ଏସମ୍ପର୍କରେ ବିଡିଓ ଅକ୍ଷୟ ପାଣି ଉଦ୍ଦୁଙ୍କୁ ପଚାରିବାରୁ କହନ୍ତି, ଜନପ୍ରତିନିଧିଙ୍କୁ ନେଇ ଗ୍ରୀଷ୍ମ ମୁକାବିଲା ପ୍ରସ୍ତୁତି ବୈଠକ ହୋଇନାହିଁ। ଖୁବଶୀଘ୍ର ବୈଠକ ଡାକି ଆବଶ୍ୟକ ପଦକ୍ଷେପ ନିଆଯିବ ବୋଲି ବିଡିଓ ଉଦ୍ଦୁ କହିଛନ୍ତି।

## ନୂଆଦିଲ୍ଲୀରେ ଜଳ ମହୋତ୍ସବରେ ସମ୍ବର୍ଦ୍ଧିତ ହେଲେ ସୁଲେକେଲା ସରପଞ୍ଚ



ସୁଲେକେଲା ସରପଞ୍ଚ ଶ୍ୟାମସୁନ୍ଦର ଚିରାଗୁନ ପୁରସ୍କାର ଗ୍ରହଣ ଅବସରରେ।

ବେଲପଡ଼ା, ୧୨।୩(ମନୋଜ କୁମାର ମିଶ୍ର)

କେନ୍ଦ୍ର ସରକାର ପ୍ରତି ଘରକୁ ବିଶୁଦ୍ଧ ପାନୀୟ ଜଳ ଯୋଗାଇ ଦେବା ଲକ୍ଷ୍ୟରେ ଜଳ ଜୀବନ ମିଶନ ଯୋଜନା କାର୍ଯ୍ୟକାରୀ କରି ହର ଘର ଜଳ ମାଧ୍ୟମରେ ବୈପ୍ଳବିକ ପରିବର୍ତ୍ତନ ଆଣିବା ପାଇଁ ଉଦ୍ୟମ କରାଯାଉଛି। ଜଳ ଜୀବନ ମିଶନ ଯୋଜନାର ସଫଳ ରୂପାୟନ ଓ କାର୍ଯ୍ୟକାରିତା ଓ ଉଲ୍ଲେଖନୀୟ ଅବଦାନ ପାଇଁ ବଲାଙ୍ଗୀର ଜିଲା ବେଲପଡ଼ା ବ୍ଲକ ସୁଲେକେଲା ପଞ୍ଚାୟତର ସରପଞ୍ଚ ଶ୍ୟାମସୁନ୍ଦର ଚିରାଗୁନ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ଦ୍ୱାରା ସମ୍ବର୍ଦ୍ଧିତ ହୋଇଛନ୍ତି। କେନ୍ଦ୍ର ପାନୀୟ ଜଳ ଓ ପରିମଳ ବିଭାଗ ତରଫରୁ ନୂଆଦିଲ୍ଲୀର ବିଜ୍ଞାନ ଭବନର ପ୍ଲିନାରୀ ହଲଠାରେ ଗାଁର ଉତ୍ସବ ଦେଶର ଉତ୍ସବ 'ଜଳ ମହୋତ୍ସବ' ୨୦୨୬ ଆୟୋଜିତ ହୋଇଥିଲା। ଆୟୋଜିତ ଜଳ ମହୋତ୍ସବ କାର୍ଯ୍ୟକ୍ରମରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଜଳ ମହୋତ୍ସବରେ ଜଳ ଜୀବନ ମିଶନର ସଫଳତାର ସହ ନିଜ ଗ୍ରାମ ପଞ୍ଚାୟତ ଅଞ୍ଚଳରେ ଜଳଜୀବନ ମିଶନ କାର୍ଯ୍ୟକାରୀ ବର୍ତ୍ତମାନ ଓ ଆଗାମୀ ପିଢ଼ି ପାଇଁ ହର ଘର ଜଳର ସୁଫଳ ଓ ଉଲ୍ଲେଖନୀୟ ନେତୃତ୍ୱ ପାଇଁ ମାନପତ୍ର ଓ ଉପଢୌକନ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଛି। ଜଳ ଜୀବନ ମିଶନର ସଫଳ କାର୍ଯ୍ୟକାରିତା ପାଇଁ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ଦ୍ୱାରା ସୁଲେକେଲା ସରପଞ୍ଚ ସମ୍ବର୍ଦ୍ଧିତ ହୋଇଥିଲେ। ପୂର୍ବରୁ ମଧ୍ୟ ତତ୍କାଳୀନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କଠାରୁ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାରରେ ସମ୍ବର୍ଦ୍ଧିତ ହୋଇଥିଲେ। ସୁଲେକେଲା ପଞ୍ଚାୟତର ସରପଞ୍ଚ ନୂଆଦିଲ୍ଲୀଠାରେ ରାଷ୍ଟ୍ରପତିଙ୍କ ଦ୍ୱାରା ସମ୍ବର୍ଦ୍ଧିତ ହେବା ପରେ ବିଭିନ୍ନ ମହଲରୁ ପ୍ରଶଂସା କରାଯାଉଛି।

## ସରକାରୀ ମହାବିଦ୍ୟାଳୟରେ ଶାସ୍ତ୍ରୀୟ ଓଡ଼ିଆ ଭାଷା ଦିବସ

ବଲାଙ୍ଗୀର, ୧୨।୩(ବୀରେନ୍ଦ୍ର କୁମାର ଝାଙ୍କର)

ବଲାଙ୍ଗୀର ସରକାରୀ ମହାବିଦ୍ୟାଳୟର ଓଡ଼ିଆ ବିଭାଗ ପକ୍ଷରୁ ଶାସ୍ତ୍ରୀୟ ଓଡ଼ିଆ ଭାଷା ଦିବସ ପାଳନ କରାଯାଇଥିଲା। ମୁଖ୍ୟଅତିଥି ଭାବେ ମହାବିଦ୍ୟାଳୟ ଅଧକ୍ଷ ଡ. କୌତୁକ ପନ୍ଦର ଯୋଗଦେଇ ଓଡ଼ିଆ ଭାଷାର ଶାସ୍ତ୍ରୀୟତା, ଏହାର ଅତୀତ, ବର୍ତ୍ତମାନ ଓ ଭବିଷ୍ୟତ ସମ୍ପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ। ଯେତେଦିନ ପର୍ଯ୍ୟନ୍ତ ଓଡ଼ିଆ ଭାଷାକୁ ଲୋକେ ବ୍ୟବହାର କରୁଥିବେ ସେ ପର୍ଯ୍ୟନ୍ତ ଓଡ଼ିଆ ଭାଷାର ଭବିଷ୍ୟତ ଉଜ୍ଜ୍ୱଳ ବୋଲି ସେ କହିଥିଲେ। ଓଡ଼ିଆ ବିଭାଗର ମୁଖ୍ୟ ଡ. ଶ୍ରୀକାନ୍ତ କୁମାର ବାରିକ ସଭାପତିତ୍ୱ କରିଥିଲେ। ସଭାପତିୟ ଅଭିଭାଷଣରେ ଶାସ୍ତ୍ରୀୟ ଓଡ଼ିଆ ଭାଷାର ଅତୀତ ଓ ବର୍ତ୍ତମାନର ପ୍ରୟୋଗବିଧି ସମ୍ପର୍କରେ ଆଲୋଚନା କରିଥିଲେ। ହିନ୍ଦୀ ବିଭାଗ ପ୍ରଫେସର ଡ. ବିଜୟ କୁମାର ବେହେରା ମୁଖ୍ୟବକ୍ତା ଭାବରେ ଯୋଗଦେଇ ସମ୍ପ୍ରତିଶାସ୍ତ୍ରୀୟ ଓଡ଼ିଆ ଭାଷାର ସ୍ଥିତି ସମ୍ପର୍କରେ ଆଲୋଚନା କରିଥିଲେ। ଅଧ୍ୟାପକ ଡ. ଅଶୋକ ମହାରଣା ଓଡ଼ିଆ ଭାଷାର ପ୍ରାୟୋଗିକ ଦିଗ ସମ୍ପର୍କରେ ଆଲୋଚନା କରିଥିଲେ। ଶେଷରେ ଓଡ଼ିଆ ବିଭାଗ ଛାତ୍ରୀଛାତ୍ର ସଙ୍ଗୀତ ପରିବେଷଣ କରିଥିଲେ। କାର୍ଯ୍ୟକ୍ରମକୁ ଅଧ୍ୟାପକ ଆଶୀର୍ବାଦ ସାହୁ ସଂଯୋଜନା କରିଥିଲେ। ଅଧ୍ୟାପକ ସୁମନ୍ତ ରଣା ଧନ୍ୟବାଦ ଅର୍ପଣ କରିଥିଲେ। ଏଥିରେ ମହାବିଦ୍ୟାଳୟର ସମସ୍ତ ଅଧ୍ୟାପକ ଅଧ୍ୟାପିକା ଏବଂ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ।

## ମହାନଦୀ ଜଳ ବିବାଦ ପ୍ରସଙ୍ଗରେ ନବୀନ ବେଶି ଦାୟୀ: ନରସିଂହ

ବଲାଙ୍ଗୀର, ୧୨।୩(ବୀରେନ୍ଦ୍ର କୁମାର ଝାଙ୍କର)

ମହାନଦୀ ଜଳ ବିବାଦ ପ୍ରସଙ୍ଗରେ ଏବର ସରକାର ଅପେକ୍ଷା ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବେଶୀ ଦାୟୀ ବୋଲି ବରିଷ୍ଠ କଂଗ୍ରେସ ନେତା ତଥା ପୂର୍ବତନ ମନ୍ତ୍ରୀ ନରସିଂହ ମିଶ୍ର ବୁଧବାର କହିଛନ୍ତି। ଏକ ଖବରଦାତା ସମ୍ମିଳନୀରେ ଗଣମାଧ୍ୟମ ପ୍ରତିନିଧିଙ୍କ ଉତ୍ତର ଦେଇ ପୂର୍ବତନ ବିରୋଧୀ ଦଳ ନେତା ମିଶ୍ର କହିଥିଲେ ଯେ, ମହାନଦୀ ଜଳ ବିବାଦ ପ୍ରସଙ୍ଗଟି ଯେବେ ଉଠିଲା ସେତେବେଳେ ସେ ନିଜେ ବିଧାନସଭାରେ ସର୍ବଦଳୀୟ ବୈଠକ ଡାକିବାକୁ ମୁଖ୍ୟମନ୍ତ୍ରୀ ନବୀନ ବାବୁଙ୍କୁ ବାରମ୍ବାର ଚିଠି ଲେଖିଥିଲେ। ସେ ସେଇ ଚିଠିର କୌଣସି ଉତ୍ତର ଦେଲେନାହିଁ। ଏହାପରେ ସେ



ପୂର୍ବତନ ମନ୍ତ୍ରୀ ନରସିଂହ ମିଶ୍ର ଖବରଦାତା ସମ୍ମିଳନୀରେ ସୂଚନା ଦେଉଛନ୍ତି।

ନିଜେ ବିରୋଧୀ ଦଳ ନେତା ଭାବେ ସର୍ବଦଳୀୟ ବୈଠକ ଡାକିଥିଲେ। ସେହି ବୈଠକକୁ ସେ କିମ୍ବା ତାଙ୍କର କୌଣସି ପ୍ରତିନିଧି ଆସିଲେନାହିଁ। ଏଥିରୁ ତାଙ୍କର କେତେ ଆଗ୍ରହ ଥିଲା ଜଣାପଡୁଛି। ଖାଲି ସେତିକି ନୁହେଁ, ସେ ଏକ ପ୍ରଶ୍ନର ମାରାତ୍ମକ ଉତ୍ତର ଦେଇଥିଲେ। ଅଣମୌସୁମୀ ଋତୁରେ ହୀରାକୁଦ ଜଳଭଣ୍ଡାରକୁ ଯଥେଷ୍ଟ ପାଣି ଆସୁଛି ବୋଲି ଉତ୍ତର ଦେଇଥିଲେ। କିଛି ନ ହେଲେ ବି ଏବର ସରକାର ସର୍ବଦଳୀୟ ବୈଠକ ଡାକିଛନ୍ତି। ଆଲୋଚନା କରି ନିଷ୍ପତ୍ତି ନେଉଛନ୍ତି। ଚେଷ୍ଟା କରୁଛନ୍ତି ଯେ, ବିବାଦର ଆପୋଷ ସମାଧାନ କରିବେ। ଆମେ ସେତେବେଳେ ଟ୍ରିବ୍ୟୁନାଲ ଦାବି କରିଥିଲୁ। କିନ୍ତୁ ଏବେ ଯେଉଁ ଆପୋଷ ସମାଧାନ କଥା କୁହାଯାଉଛି ସେଥିରେ ମହାନଦୀ ଜଳ ବିବାଦର ସମାଧାନ ବାଟ ବାହାରିବ ଏହି ଆଶା ତାଙ୍କର ନାହିଁ ବୋଲି ମିଶ୍ର କହିଛନ୍ତି।

## ବ୍ରାହ୍ମଣ ମହାସଭାର ସାଧାରଣ ସଭା

ବଲାଙ୍ଗୀର, ୧୨।୩ (ବୀରେନ୍ଦ୍ର କୁମାର ଝାଙ୍କର)

ବଲାଙ୍ଗୀର ଜିଲା ବ୍ରାହ୍ମଣ ମହାସଭାର ଏକ ସାଧାରଣ ବୈଠକ ସଭାପତି ପ୍ରାଣବଲ୍ଲଭ ତ୍ରିପାଠୀଙ୍କ ସଭାପତିତ୍ୱରେ ଶ୍ରୀନୃସିଂହ ମନ୍ଦିର ପ୍ରାଙ୍ଗଣରେ ଗୁରୁବାର ଅନୁଷ୍ଠିତ ହୋଇଥିଲା। ସମ୍ପାଦକ ନରେନ୍ଦ୍ର କୁମାର ଆଚାର୍ଯ୍ୟ ପୂର୍ବ ବୈଠକର ବିବରଣୀ ପାଠ କରିଥିଲେ। ଏହା ସର୍ବସମ୍ମତିକ୍ରମେ ଅନୁମୋଦନ ଲାଭ କରିଥିଲା। ଆଗାମୀ ୧୬ରେ ନିଃଶୁଳ୍କ ସାମୂହିକ ବ୍ରତ କରାଯିବ ବୋଲି ଘୋଷଣା କରାଯାଇ ଏହା ଉପରେ ବିସ୍ତୃତ ଆଲୋଚନା କରାଯାଇଥିଲା। ସହରର ବିଭିନ୍ନ ସମାଜ ବର୍ଗ ଓ ବିଶିଷ୍ଟ ବ୍ୟକ୍ତି ବିଶେଷଙ୍କୁ ଏହି କାର୍ଯ୍ୟକ୍ରମରେ ସାମିଲ କରିବା ପାଇଁ ପ୍ରସ୍ତାବ ଗୃହୀତ ହୋଇଥିଲା। ବ୍ରତ କାର୍ଯ୍ୟ ସୁରୁଖୁରୁରେ ସମ୍ପାଦନ ପାଇଁ ବିଭିନ୍ନ କମିଟି ଗଠନ କରାଯାଇଥିଲା। ବଲାଙ୍ଗୀର ଜିଲା ବୈଦିକ କର୍ମକାଣ୍ଡ ପଣ୍ଡିତ ମହାସଂଘ ସମ୍ପୂର୍ଣ୍ଣ ବ୍ରତ କାର୍ଯ୍ୟ ସମ୍ପାଦନ କରିବେ। ଆସନ୍ତା ପର୍ଶୁରାମ ଜୟନ୍ତୀ ପାଇଁ ଏକ ସ୍ୱତନ୍ତ୍ର କମିଟି ଗଠନ କରାଯାଇଛି।

## ବ୍ରାହ୍ମଣ ସମାଜ ପକ୍ଷରୁ ସାମୂହିକ ବ୍ରତୋପନୟନ



ସାମୂହିକ ବ୍ରତୋପନୟନ କାର୍ଯ୍ୟକ୍ରମରେ ସାମିଲ ବ୍ରାହ୍ମଣ ବାଳକ।

ଟିଟିଲାଗଡ଼, ୧୨।୩(ସନ୍ତୋଷ ପଟ୍ଟନାୟକ)

ବଲାଙ୍ଗୀର ଜିଲା ଟିଟିଲାଗଡ଼ ବ୍ରାହ୍ମଣ ସମାଜ ତରଫରୁ ୧୮ ବର୍ଷ ହେବ ସାମୂହିକ ବ୍ରତୋପନୟନ କାର୍ଯ୍ୟକ୍ରମ ହୋଇଆସୁଛି। ବଲାଙ୍ଗୀର, କଳାହାଣ୍ଡି, ସୋନପୁର, ନୂଆପଡ଼ା ଆଦି ଜିଲା ସହିତ ରାଜ୍ୟବାହାରୁ ଏପରିକି ମଧ୍ୟପ୍ରଦେଶ, ମହାରାଷ୍ଟ୍ର, ଛତିଶଗଡ଼ ଆଦିର ବହୁ ବ୍ରାହ୍ମଣ ପିଲା ଏହିଠାରେ ବ୍ରତୋପନୟନ ହୋଇଥାନ୍ତି। ଚଳିତବର୍ଷ ୯ ବ୍ରାହ୍ମଣ ବାଳକ ବ୍ରତୋପନୟନ ହୋଇଛନ୍ତି। ମାର୍ଚ୍ଚ ୧୧ରେ ଚାରିକର୍ମ ହୋଇଥିବାବେଳେ ୧୨ରେ ବ୍ରତୋପନୟନ କରାଯାଇଥିଲା। ମନ୍ଦାରଧର ପଣ୍ଡା ମୁଖ୍ୟ ଆଚାର୍ଯ୍ୟ ଏବଂ ନେତ୍ରାନନ୍ଦ ମିଶ୍ର, ଅଶୋକ ରଥ, ପ୍ରଫୁଲ୍ଲ ହୋତା, ଶୋଭାକର ପୁରୋହିତ, ପ୍ରଦୀପ ପାଢ଼ୀ, ଡୋଳାମଣୀ ମିଶ୍ରଙ୍କ ସହିତ ରାଜକିଶୋର ପୁରୋହିତ ସହଯୋଗୀ ଆଚାର୍ଯ୍ୟ ଦାୟିତ୍ୱ ତୁଲାଇଥିଲେ। ଟିଟିଲାଗଡ଼ ବ୍ରାହ୍ମଣ ସମାଜର ସଭାପତି ସୁବୋଧ ଚନ୍ଦ୍ର ଦାଶ ଏବଂ ସମ୍ପାଦକ ସତ୍ୟବ୍ରତ ପଣ୍ଡା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ହତ୍ୟା ମାମଲାରେ ବାପପୁଅଙ୍କୁ ଆଜୀବନ ଜେଲ

ବଲାଙ୍ଗୀର, ୧୨।୩(ବୀରେନ୍ଦ୍ର କୁମାର ଝାଙ୍କର)

ବଲାଙ୍ଗୀର ଜିଲା ଲୋଇସିଂହା ଥାନା ରାମସିଂହା ଗାଁରେ ଜମିବାଡ଼ି ବିବାଦକୁ କେନ୍ଦ୍ରକରି ସଂଘଟିତ ହତ୍ୟା ମାମଲାର ରାୟ ଗୁରୁବାର ପ୍ରକାଶ ପାଇଛି। ବଲାଙ୍ଗୀର ଅତିରିକ୍ତ ଜିଲା ଦୌରାଜଜ୍ (ଦ୍ୱିତୀୟ) ମିସ୍ ଅଞ୍ଜଳି କୁମାରୀ ପାଢ଼ୀ ଏହି ମାମଲାର ବିଚାରକରି ଅଭିଯୁକ୍ତ ବାପପୁଅ ଅରକ୍ଷିତ ତ୍ରିପାଠୀ ଓ ସୁଜିତ ତ୍ରିପାଠୀଙ୍କୁ ଆଜୀବନ ଜେଲଦଣ୍ଡ ସହ ୧୦ ହଜାର ଟଙ୍କା ଜରିମାନା ଆଦେଶ ଶୁଣାଇଥିଲେ।

୨୦୧୮ ଜୁନ୍ ୧୭ରେ ରାମସିଂହା ଗାଁରେ ଅରକ୍ଷିତ ଓ ସୁଜିତ ଟାଙ୍ଗିଆରେ କଳାକାହ୍ନୁ ତ୍ରିପାଠୀଙ୍କ ପରିବାରକୁ ଅତର୍କିତ ଆକ୍ରମଣ କରିଥିଲେ। ଫଳରେ କଳାକାହ୍ନୁଙ୍କ ଭାଇ କୈଳାସ, ଭାଇବୋହୂ ବିନିତା, ବାପା ନିତ୍ୟାନନ୍ଦ ଏବଂ ମା' ନୀଳାଦ୍ରି



ଅଭିଯୁକ୍ତ ବାପପୁଅଙ୍କୁ ବଲାଙ୍ଗୀର କୋର୍ଟରୁ ଜିଲା କାରାଗାରକୁ ନିଆଯାଉଛି।

ଲହୁଲୁହାଣ ହୋଇଥିଲେ। ଗୁରୁତର ଆହତ ନୀଳାଦ୍ରିଙ୍କ ମୃତ୍ୟୁ ହୋଇଯାଇଥିଲା। ଏହି ଘଟଣାକୁ ନେଇ କଳାକାହ୍ନୁ ଲୋଇସିଂହା ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଅଭିଯୋଗ ଅନୁଯାୟୀ ଏକ ମାମଲା (ନଂ.୯୪/୨୦୧୮) ରୁଜୁ ସହ ଘଟଣାର ତଦନ୍ତ କରି ଅଭିଯୁକ୍ତ ବାପପୁଅଙ୍କୁ ଗିରଫ କରିଥିଲା। ଏହି ମାମଲାକୁ ଅତିରିକ୍ତ ପବ୍ଲିକ ପ୍ରସିକ୍ୟୁଟର ସୁରଜିତ ସିଂ ନାୟକ ପରିଚାଳନା କରିଥିଲେ। ରାୟ ପ୍ରକାଶ ପରେ ଅଭିଯୋଗକାରୀ କଳାକାହ୍ନୁ ଉଚିତ ନ୍ୟାୟ ପାଇଛନ୍ତି ବୋଲି କହିଥିଲେ।

# ବଲାଙ୍ଗୀର ଜିଲାର ଶିକ୍ଷା, ସ୍ୱାସ୍ଥ୍ୟ ନିଯୁକ୍ତି ସମସ୍ୟା

**ବିଧାନସଭାରେ ପ୍ରଶ୍ନ କଲେ କଳିକେଶ**

ବଲାଙ୍ଗୀର, ୧୨।୩(ବୀରେନ୍ଦ୍ର କୁମାର ଝାଙ୍କର)

ବଲାଙ୍ଗୀର ଜିଲାର ବିଭିନ୍ନ ସମସ୍ୟାକୁ ନେଇ ବଲାଙ୍ଗୀର ବିଧାୟକ କଳିକେଶ ନାରାୟଣ ସିଂଦେଓ ବିଧାନସଭାରେ ପ୍ରଶ୍ନ ଉଠାଇଛନ୍ତି। ଜିଲାର ପାନୀୟ ଜଳ ସମସ୍ୟା, ଶିକ୍ଷା, ସ୍ୱାସ୍ଥ୍ୟ, ରାସ୍ତା ଉନ୍ନତିକରଣ ଏବଂ ଯୁବତୀ-ଯୁବକଙ୍କ ନିଯୁକ୍ତି ପ୍ରସଙ୍ଗକୁ ନେଇ ସେ ପ୍ରଶ୍ନ କରିଥିଲେ। କଳିକେଶ ପଚାରିଥିବା ବିଭିନ୍ନ ପ୍ରଶ୍ନର ଉତ୍ତର ସମ୍ପୃକ୍ତ ବିଭାଗ ପକ୍ଷରୁ ଦିଆଯାଇଥିବା ଜଣାଇଛନ୍ତି। ଏକ ପ୍ରେସ ବିଜ୍ଞପ୍ତିରେ ବିଧାୟକ କଳିକେଶ ବିଭିନ୍ନ ବିଭାଗରୁ ପାଇଥିବା ଉତ୍ତର ସମ୍ପର୍କରେ ଜଣାଇଛନ୍ତି। ଗୃହବିଭାଗ ଦାୟିତ୍ୱରେ ଥିବା ମୁଖ୍ୟମନ୍ତ୍ରୀ



ବଲାଙ୍ଗୀର ବିଧାୟକ କଳିକେଶ ନାରାୟଣ ସିଂଦେଓ।

ମୋହନ ଚରଣ ମାଝୀ ବଲାଙ୍ଗୀର ଟାଉନ ଥାନାର ଏକ ନୂଆ ବିଲଡିଂ ନିର୍ମାଣର ପ୍ରସ୍ତାବ ରହିଥିବା ଜଣାଇଛନ୍ତି। ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ତଥା ପ୍ରଯୁକ୍ତିବିଦ୍ୟା ବିଭାଗ ମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ ବଲାଙ୍ଗୀରରେ ଏକ ଆଇଟି ପାର୍କ ସ୍ଥାପନ ହେବ ବୋଲି କହିଥିବା ଜଣାଇଛନ୍ତି। ଜିଲାର ବିଭିନ୍ନ ବ୍ଲକ ଅଞ୍ଚଳରେ ପାନୀୟ ଜଳଯୋଗାଣ ପାଇଁ ଚାଲିଥିବା ପ୍ରକଳ୍ପଗୁଡିକ ଆସନ୍ତା ଜୁନ ଓ ଡିସେମ୍ବର ସୁଦ୍ଧା ସରିବ ବୋଲି ସୂଚନା ଦିଆଯାଇଛି। ବଲାଙ୍ଗୀର ଜିଲାରେ ଖଣିଖନନ ଓ ପରିବେଶ ସୁରକ୍ଷା ତଥା ଯୁବତୀ, ଯୁବକଙ୍କ ନିଯୁକ୍ତି ପ୍ରସଙ୍ଗରେ ବିଧାନସଭାରେ କଳିକେଶ କରିଥିବା ପ୍ରଶ୍ନରେ ଖଣିମନ୍ତ୍ରୀ ଜିଲାରେ ୨୦୨୫-୨୬ରେ ୪ଟି ଖଣି ବ୍ଲକ ନିଲାମ ହୋଇଛି। ଏଥିରେ ତେଲିପଦର-ଲୁକାପଡା-ପିପଲମୁଣ୍ଡା ଚୁନପଥର ଖଣିକୁ ରାଜ୍ୟ ସରକାର ନିଲାମ କରିଥିବା ବେଳେ ଭାରତ ସରକାରଙ୍କ ପକ୍ଷରୁ ଭରତବାହାଲ ଗ୍ରାଫାଇଟ ଓ ମାଙ୍ଗାନିଜ ବ୍ଲକ, ଲରମ୍ବା ଗ୍ରାଫାଇଟ ଓ ମାଙ୍ଗାନିଜ ବ୍ଲକ, କନେଇଟାଲ ଗ୍ରାଫାଇଟ ଓ ମାଙ୍ଗାନିଜ ବ୍ଲକକୁ ନିଲାମ କରାଯାଇଛି। କିନ୍ତୁ ଏପର୍ଯ୍ୟନ୍ତ ଜିଲାରେ କୌଣସି ଖଣିଜଭିତ୍ତିକ ଶିଳ୍ପ ସ୍ଥାପନ ନେଇ କୌଣସି ପ୍ରସ୍ତାବ ନାହିଁ ବୋଲି ମନ୍ତ୍ରୀ ଉତ୍ତର ଦେଇଥିବା କଳିକେଶ ପ୍ରେସ ବିଜ୍ଞପ୍ତିରେ ଜଣାଇଛନ୍ତି। ଏହାସହିତ ଜିଲାରେ ବନୀକରଣ, ବେକାର ଯୁବତୀ, ଯୁବକଙ୍କୁ ତାଲିମ ପ୍ରସଙ୍ଗରେ ମଧ୍ୟ ବିଧାୟକ ସିଂଦେଓ ପ୍ରଶ୍ନ ଉପସ୍ଥାପନ କରିଥିବା ଜଣାଇଛନ୍ତି।

## ବଢୁଛି ତାପମାତ୍ରା, ଦେଖାନାହିଁ ଜଳଛତ୍ର

**ଲୋଇସିଂହା, ୧୨।୩(ସୁଶାନ୍ତ ବାରିକ)**

ବଲାଙ୍ଗୀର ଜିଲା ଲୋଇସିଂହା ଅଞ୍ଚଳରେ ତାପମାତ୍ରା ୩୫ ଡିଗ୍ରୀ ଉପରେ ରହୁଛି । ଅସ୍ୱାଭାବିକ ତାପମାତ୍ରା ବୃଦ୍ଧି ନେଇ ଜନଜୀବନ ଅସ୍ତବ୍ୟସ୍ତ ହେବାରେ ଲାଗିଲାଣି। ପିଇବା ପାଣିର ଚାହିଁଦା ବୃଦ୍ଧି ପାଇଛି। କିନ୍ତୁ ପଞ୍ଚାୟତ ପକ୍ଷରୁ ଖୋଲାଯାଉଥିବା ପାଣିଛତ୍ର ଦେଖାମିଳୁନାହିଁ। ବାଟଘାଟରେ ପିଇବା ପାଣି ନ ପାଇ ପଥଚାରୀମାନେ ହଟହଟା ହେଉଛନ୍ତି। ଲୋଇସିଂହା ବ୍ଲକ ପ୍ରଶାସନ କିମ୍ୱା ନବ ଗଠିତ ଲୋଇସିଂହା ଏନଏସି କର୍ତ୍ତୃପକ୍ଷଙ୍କ ତରଫରୁ ଗ୍ରୀଷ୍ମ ମୁକାବିଲା ପ୍ରସ୍ତୁତି କରିନାହାନ୍ତି। ଜନସାଧାରଣ ବିଭିନ୍ନ କାର୍ଯ୍ୟ ପାଇଁ ଲୋଇସିଂହା ମୁଖ୍ୟାଳୟରେ ଥିବା ବ୍ଲକ, ତହସିଲ,ଡାକ୍ତରଖାନା, କୋର୍ଟ ଆଦିକୁ ଆସୁଛନ୍ତି। ହେଲେ ବାଟରେ ଜଳଛତ୍ର ଖୋଲା ହୋଇ ନ ଥିବାରୁ ପିଇବା ପାଣି ନ ପାଇ ହଟହଟା ହେଉଛନ୍ତି। ଏସମ୍ପର୍କରେ ବିଡିଓ ଅକ୍ଷୟ ପାଣି ଉଦ୍ଧୁଙ୍କୁ ପଚାରିବାରୁ କହନ୍ତି, ଜନପ୍ରତିନିଧିଙ୍କୁ ନେଇ ଗ୍ରୀଷ୍ମ ମୁକାବିଲା ପ୍ରସ୍ତୁତି ବୈଠକ ହୋଇନାହିଁ। ଖୁବଶୀଘ୍ର ବୈଠକ ଡାକି ଆବଶ୍ୟକ ପଦକ୍ଷେପ ନିଆଯିବ ବୋଲି ବିଡିଓ ଉଦ୍ଧୁ କହିଛନ୍ତି।

# ଭିଆର୍‌ଏସ୍ ନେଲେ ୩, ନିଯୁକ୍ତି ପାଇଲେ ୪

**ସୋନପୁର, ୧୨।୩(ମୃତ୍ୟୁଞ୍ଜୟ ଶତପଥୀ)**

**ମରାଡୁଗୋଛା ପାକ୍ସରେ ବେଆଇନ ନିଯୁକ୍ତି**



**ଧରିତ୍ରୀରେ ଖବର ପ୍ରକାଶ ପରେ ନିଯୁକ୍ତି ରଦ୍ଦ ପାଇଁ ଉଦ୍ୟମ**

ସୁବର୍ଣ୍ଣପୁର ଜିଲା ତରଭା ବ୍ଲକ ମରାଡୁଗୋଛା ପ୍ରାଥମିକ କୃଷି ସମବାୟ ସମିତି(ପାକ୍ସ)ରେ ବେଆଇନ ନିଯୁକ୍ତି ହୋଇଛି। କର୍ମଚାରୀ ନିଯୁକ୍ତି ପାଇଁ ନିୟମତଃ କୌଣସି ବିଜ୍ଞାପନ ପ୍ରକାଶ ପାଇନାହିଁ। ନିଯୁକ୍ତି କମିଟି ମଧ୍ୟ ଗଠନ ହୋଇନି। କିନ୍ତୁ ମରାଡୁଗୋଛା ପାକ୍ସର ସମ୍ପାଦକ ତଥା ସିଇଓ ନବୀନ ଦାଶଙ୍କ ପୁଅ ଅମ୍ବରୀଶ ଦାଶଙ୍କୁ ଉକ୍ତ ପାକ୍ସର ଭାରପ୍ରାପ୍ତ ସିଇଓ ତଥା ସମ୍ପାଦକ ଓ ଜ୍ୱାଇଁ ତଥା ବରଗଡ ଜିଲା ବରପାଲି ବ୍ଲକ ରେମେଡ ଗାଁର ଅନିଲ କୁମାର ଦାଶଙ୍କୁ ସହସମ୍ପାଦକ ଭାବେ ନିଯୁକ୍ତ କରାଯାଇଛି। ସବୁଠୁ ବଡ କଥା ହେଲା ଅନିଲଙ୍କ ଘର ମରାଡୁଗୋଛା ପାକ୍ସ କାର୍ଯ୍ୟକାରୀ ସୀମା ବାହାରେ। ବରଗଡ ଜିଲାର ଅନିଲଙ୍କୁ ଶ୍ୱଶୁର ନବୀନଙ୍କ ପ୍ରଭାବ ବଳରେ ବେଆଇନ ଭାବେ ନିଯୁକ୍ତି ମିଳିଛି। ସେହିପରି ପାକ୍ସର ଜଗୁଆଳି ଥିବା ମକୁନ୍ଦ ନାଏକଙ୍କ ପୁଅ ଅମିତଙ୍କୁ ଜଗୁଆଳି ଓ ପିଅନ ମନୋଜ ଦାସଙ୍କ ପୁଅ ଆଜାଦ୍‌ଙ୍କୁ ପିଅନ ଭାବେ ନିଯୁକ୍ତି ଦିଆଯାଇଛି। ଉପନିବନ୍ଧକ ସମବାୟ ସମିତି ସମୂହ ସୁବର୍ଣ୍ଣପୁର ବିଭାଜନ(ଡିଆରସିଏସ୍) ଏହି ନିଯୁକ୍ତି ପ୍ରସ୍ତାବକୁ ଅନୁମୋଦନ ପ୍ରଦାନ କରିଛନ୍ତି। ଏହି ବେଆଇନ ନିଯୁକ୍ତିକୁ ନେଇ ନାନା କଥା ଶୁଣିବାକୁ ମିଳୁଛି। ଏସମ୍ପର୍କରେ ଜାଣିବା ପରେ ପାକ୍ସର ଚାଷୀ ଓ ବୁଦ୍ଧିଜୀବୀ ବିରୋଧ କରୁଛନ୍ତି। ଜିଲାପାଳ ଡ. ନୃପରାଜ ସାହୁ ଏସମ୍ପର୍କରେ ଅବଗତ ହେବା ପରେ ଡିଆରସିଏସ୍‌ଙ୍କୁ ଆବଶ୍ୟକ ଫାଇଲ ଦାଖଲ କରିବାକୁ କହିଛନ୍ତି। ତେବେ ଡିଆରସିଏସ୍ ଏପର୍ଯ୍ୟନ୍ତ ସବୁତକ କାଗଜପତ୍ର ଦେଇନାହାନ୍ତି। ଯାହା ଫାଇଲ ଅଛି ସେଗୁଡିକୁ ତର୍ଜମା ପରେ ନିଯୁକ୍ତି ପ୍ରଦାନରେ ବ୍ୟାପକ ଅନିୟମିତତା ହୋଇଥିବାର ପ୍ରମାଣ ମିଳିଛି। ସରକାରଙ୍କ ନିୟମ ଅନୁସାରେ ପାକ୍ସ ସମ୍ପାଦକଙ୍କ ନିକଟ ସମ୍ପର୍କୀୟଙ୍କୁ ସେହି ପାକ୍ସରେ ନିଯୁକ୍ତି ମିଳି ପାରିବ ନାହିଁ। କିନ୍ତୁ ଏଠାରେ ସରକାରୀ ନିୟମକୁ ଅଣଦେଖା କରାଯାଇଛି। ଗୁରୁବାର କେବଳ ଧରିତ୍ରୀରେ ବେଆଇନ ନିଯୁକ୍ତି ସମ୍ପର୍କରେ ତଥ୍ୟଭିତ୍ତିକ ଖବର ପ୍ରକାଶ ପାଇବା ପରେ ଡିଆରସିଏସ୍‌ଙ୍କ କାର୍ଯ୍ୟାଳୟ ପକ୍ଷରୁ ନିଯୁକ୍ତିକୁ ରଦ୍ଦ କରିବା ପାଇଁ ଉଦ୍ୟମ ଆରମ୍ଭ ହୋଇଛି। ସୁବର୍ଣ୍ଣପୁର ଡିଆରସିଏସ୍ ଡ. ସଞ୍ଜୟ କୁମାର ତ୍ରିପାଠୀଙ୍କ କହିବା ଅନୁଯାୟୀ ପାକ୍ସ ସମ୍ପାଦକ ନବୀନ ଦାଶ ନିଜର ସ୍ୱାସ୍ଥ୍ୟ ସମସ୍ୟା ପାଇଁ ଠିକ୍ ଭାବେ କାମ କରିପାରୁ ନ ଥିଲେ। ଏଥିପାଇଁ ସ୍ୱେଚ୍ଛାକୃତ ଅବସର(ଭିଆର) ଆବେଦନ କରିଥିଲେ। ପାକ୍ସ ପରିଚାଳନା ପରିଷଦରେ ଏନେଇ ପ୍ରସ୍ତାବ ଗୃହୀତ ହୋଇଥିଲା। ପରିଷଦର ସୁପାରିଶକୁ ସେ ଅନୁମୋଦନ କରିଛନ୍ତି। ତେବେ ୩ ଜଣ ସ୍ୱେଚ୍ଛାକୃତ ଅବସର(ଭିଆରଏସ୍) ଆବେଦନ କରିଥିଲା ବେଳେ ନିଯୁକ୍ତି କମିଟି ଗଠନ ନହୋଇ ୪ ଜଣଙ୍କୁ ନିଯୁକ୍ତି ମିଳିଛି। ସମ୍ପାଦକଙ୍କ ଜ୍ୱାଇଁ ବରଗଡ ଜିଲାର ବ୍ୟକ୍ତିଙ୍କୁ କେଉଁ ଆଧାରରେ ନିଯୁକ୍ତି ଦିଆଯାଇଛି, ସେ ନେଇ ଡିଆରସିଏସ୍ କୌଣସି ପ୍ରତିକ୍ରିୟା ଦେଇନାହାନ୍ତି। ଅନ୍ୟପକ୍ଷେ ଧରିତ୍ରୀରେ ପ୍ରକାଶିତ ଖବରକୁ ନେଇ ଜିଲାଠାରୁ ରାଜ୍ୟ ପର୍ଯ୍ୟନ୍ତ ସମବାୟ ବିଭାଗରେ ଗୁରୁବାର ତନାଘନା ଆରମ୍ଭ ହୋଇଛି। ସୂଚନା ଅନୁଯାୟୀ ଧାନ କିଣାରେ ଅବ୍ୟବସ୍ଥାକୁ ନେଇ ଏହି ପାକ୍ସ ସବୁବେଳେ ଚର୍ଚ୍ଚାରେ ଥାଏ। ପୂର୍ବରୁ ବିଭିନ୍ନ ଅନିୟମିତତା ପାଇଁ ମରାଡୁଗୋଛା ପାକ୍ସ ସମ୍ପାଦକ ନବୀନ ଦାଶ ୩ ଥର ନିଲମ୍ବନ ହୋଇଥିଲେ। ତେବେ ପରିଚାଳନା ପରିଷଦ ତାଙ୍କୁ ପୁଣି ଅବସ୍ଥାପିତ କରିଥିଲା।

## ଜମି ନିଆଁରୁ ଜଳିଗଲା ଚାଷୀଙ୍କ ଘର



ଘର ନିଆଁ ଲାଗି ଜଳି ଯାଇଛି।

**ଅମରପାଲି, ୧୨।୩(ପୀତାମ୍ବର ସାହୁ)**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ଥାନା ମୁର୍ଷୁଣ୍ଡି ପଞ୍ଚାୟତ ଅନ୍ତର୍ଗତ ଯୁବରାଣୀ ସୀତାପୁର ଗ୍ରାମରେ ଚାଷ ଜମି ରେ ଲାଗିଥିବା ନିଆଁ ବ୍ୟାପି ଜଣେ ଚାଷୀଙ୍କ ଘର ଜଳି ଯାଇଛି। ଏଥିରେ ତାଙ୍କର ଲକ୍ଷାଧିକ ଟଙ୍କାର ସମ୍ପତ୍ତି ପୋଡି ପାଉଁଶ ହୋଇଯାଇଥିବା ଅଭିଯୋଗ ହୋଇଛି । ଗୁରୁବାର ଅପରାହ୍ନରେ ଯୁବରାଣି ସୀତାପୁର ଗ୍ରାମର ଚାଷୀ ବିଷ୍ଣୁ ପଧାନଙ୍କ ଘର ପାର୍ଶ୍ୱରେ ଥିବା ଖାଲି ଜମିରେ କେହି ନିଆଁ ଲଗେଇ ଦେଇଥିଲେ । ଉକ୍ତ ନିଆଁ ଧୀରେ ଧୀରେ ବ୍ୟାପି ବିଷ୍ଣୁଙ୍କ ଘରକୁ ବ୍ୟାପିଥିଲା । ଘରେ ହଠାତ ନିଆଁ ଲାଗିଯିବାରୁ ପ୍ରଥମେ ନିଆଁ ଲିଭାଇବାକୁ ସ୍ଥାନୀୟ ଲୋକେ ଚେଷ୍ଟା କରିଥିଲେ। ମାତ୍ର ନିଆଁ ଅଣାୟତ୍ତ ହେବାରୁ ବୀରମହାରାଜପୁର ଅଗ୍ନିଶମ ବାହିନୀକୁ ସୂଚନା ଦିଆଯାଇଥିଲା। ଅଗ୍ନିଶମ ବାହିନୀ ନିଆଁକୁ ଆୟତ୍ତ କଲା ବେଳକୁ ସମ୍ପୂର୍ଣ୍ଣ ଘରକୁ ଗ୍ରାସ କରିଥିଲା । ନିଆଁ ଲାଗି ଘରେ ଥିବା ସମସ୍ତ ଆସବାବପତ୍ର ସହିତ ପ୍ରାୟ ୨୦ବସ୍ତା ଚାଉଳ ଏବଂ ୧୦ବସ୍ତା ଧାନ ପୋଡ଼ିଯାଇଥିଲା। ଏହା ସହିତ ପରିବାର ସଦସ୍ୟଙ୍କ ପିନ୍ଧା ବସ୍ତ୍ର ପୋଡି ଯାଇଛି । ବିଷ୍ଣୁଙ୍କୁ ସରକାରୀ ସହାୟତା ଯୋଗାଇ ଦେବାକୁ ଦାବି ହେଉଛି ।

## ଭୀମ ଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର




ଶିବିରରେ ମଞ୍ଚାସୀନ ଅତିଥି।

**ତରଭା, ୧୨।୩(ମାନଭଞ୍ଜନ ମିଶ୍ର)**

ସୁବର୍ଣ୍ଣପୁର ଜିଲା ତରଭା ବ୍ଲକ କାର୍ଯ୍ୟାଳୟ ପରିସରରେ ଗୁରୁବାର ଭୀମ ଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରକୁ ପଞ୍ଚାୟତ ସମିତି ଅଧ୍ୟକ୍ଷ ସରୋଜ କମ୍ପ ମୁଖ୍ୟ ଅତିଥିଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଜିଲା ସାମାଜିକ ସୁରକ୍ଷା ଅଧିକାରୀ ଗୋବିନ୍ଦ ବଲ୍ଲଭ ଷଡଙ୍ଗୀ ସମ୍ମାନୀତ ଅତିଥିଭାବେ ଯୋଗଦେଇ ସାମର୍ଥ୍ୟ ଶିବିରର ଲକ୍ଷ୍ୟ, ଉଦ୍ଦେଶ୍ୟ ଏବଂ ଭିନ୍ନକ୍ଷମମାନଙ୍କ ପାଇଁ ଉଦ୍ଦିଷ୍ଟ ବିଭିନ୍ନ ସରକାରୀ ଯୋଜନାଗୁଡିକ ଆଲୋକପାତ କରିଥିଲେ। ଏମ୍‌ପି ପ୍ରତିନିଧି ବିମଳ କୁମାର ମିଶ୍ର ସମ୍ମାନୀତ ଅତିଥିଭାବେ ଯୋଗଦେଇ ଭିନ୍ନକ୍ଷମମାନେ କିଭଳି ସରକାରୀ ଯୋଜନାରୁ ବଞ୍ଚିତ ନହେବେ ତାଉପରେ ଆଲୋକପାତ କରିଥିଲେ। ଅନ୍ୟତମ ଅତିଥିଭାବେ ବ୍ଲକ ଉପାଧ୍ୟକ୍ଷା ଦ୍ୱାଦଶୀ କୁଅଁର, ବିଧାୟକଙ୍କ ତରଭା ବ୍ଲକ ପ୍ରତିନିଧି ଦଶରଥ ସାହୁ, ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ ଜ୍ଞାନଦା ମହାନନ୍ଦ ଯୋଗଦେଇଥିଲେ। ଭାରପ୍ରାପ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ତରଭା ଶିବାନନ୍ଦ କର୍ମୀ ସଭାରେ ସଭାପତିତ୍ୱ କରିଥିଲେ। ଗୋଷ୍ଠୀ ସାମାଜିକ ସୁରକ୍ଷା ଅଧିକାରୀ ପ୍ରଭାସ କୁମାର କର୍ଣ୍ଣ ସଭା ପରିଚାଳନା କରିଥିଲେ। ସ୍ୱତନ୍ତ୍ର ପ୍ରଶିକ୍ଷକ ଦୁର୍ଗା ପ୍ରସାଦ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ। ଶିବିରରେ ଭିନ୍ନକ୍ଷମମାନଙ୍କୁ ବିଭିନ୍ନ ବିଭାଗରେ ବିଭକ୍ତ କରି ସଂପୃକ୍ତ ବିଶେଷଜ୍ଞ ଡାକ୍ତରମାନଙ୍କ ଦ୍ୱାରା ପରୀକ୍ଷା କରାଯାଇଥିଲା। ଶିବିରରେ ୩୫୦ ଜଣ ପଞ୍ଜୀକୃତ ହୋଇଥିଲେ। ୩୦ ଜଣଙ୍କୁ ବସ୍‌ପାସ, ୨୦ଜଣଙ୍କୁ ଭିନ୍ନକ୍ଷମ ଭତ୍ତା, ୩ ଜଣଙ୍କୁ ତିନିଚକିଆ ସାଇକେଲ ଓ ଜଣଙ୍କୁ ସରକାରୀ ଆଇଟିଆଇରେ ପାଠ ପଢିବା ପାଇଁ ଚିହ୍ନଟ କରାଯାଇଥିଲା। ୨ଜଣଙ୍କୁ ଶ୍ରବଣ ଯନ୍ତ୍ର, ଜଣଙ୍କୁ ହୁଇଲ ଚେୟାର ବଣ୍ଟନ କରାଯାଇଥିଲା। ଏଇଏସ କଲେଜ ତରଭାର ଏନଏସଏସ. ସ୍ୱେଚ୍ଛାସେବୀ ଶିବିରରେ ଭିନ୍ନକ୍ଷମମାନଙ୍କୁ ସହଯୋଗ କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ କନିଷ୍ଠ ସହାୟକ କିଶୋର ଧରୁଆ, ସମସ୍ତ ପିଇଓ, ଏଡିଇଓ, ଯୋଗାଣ ସହାୟକ, ବିପିଏମ ମନୋଜ ବାଘ, ବିଏଲସି. ମନୋଜ ପାତ୍ର, ଉର୍ମିଳା ସୁନା, ବିଜୟା ମଲ୍ଲିକ, ସୁରୁବୁଇ କୁଅଁର ଏବଂ ପଞ୍ଚାୟତ ସମିତି କାର୍ଯ୍ୟାଳୟର ସମସ୍ତ କର୍ମଚାରୀ ସହଯୋଗ କରିଥିଲେ।

## ରନ୍ଧନ ଗ୍ୟାସ, ପେଟ୍ରୋଲର ଉପଲବ୍ଧତା ସମ୍ପର୍କରେ ମୁଖ୍ୟ ଶାସନ ସଚିବଙ୍କ ଜିଲାପାଳଙ୍କ ସହ ଆଲୋଚନା

**ବଲାଙ୍ଗୀର, ୧୨।୩(ବୀରେନ୍ଦ୍ର କୁମାର ଝାଙ୍କର)**

ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ ଗୁରୁବାର ଲୋକସେବା ଭବନରେ ବିଭିନ୍ନ ବିଭାଗର ସଚିବ ଓ ଜିଲାପାଳମାନଙ୍କ ସହିତ ଆଭାସୀ ବୈଠକ କରି ରନ୍ଧନ ଗ୍ୟାସ, ପେଟ୍ରୋଲ ଓ ଡିଜେଲର ନିରବଚ୍ଛିନ୍ନ ଯୋଗାଣ ସୁନିଶ୍ଚିତ କରିବା ବିଷୟରେ ଆଲୋଚନା କରିଛନ୍ତି। ସେ କହିଛନ୍ତି, ଖାଉଟିମାନଙ୍କୁ ରନ୍ଧନ ଗ୍ୟାସ ଯୋଗାଣରେ ଅଗ୍ରାଧିକାର ଦିଆଯିବ। ବିଶେଷତଃ ହସ୍ପିଟାଲ, ବିଦ୍ୟାଳୟରେ ମଧ୍ୟାହ୍ନଭୋଜନ, ଛାତ୍ରାବାସ, ଅଙ୍ଗନୱାଡି, ଅନାଥାଶ୍ରମ, ଆହାରକେନ୍ଦ୍ର ଓ ସରକାରୀ ପରିଚାଳିତ ଅନୁଷ୍ଠାନରେ ଯୋଗାଣକୁ ପ୍ରାଥମିକତା ଦିଆଯିବ। ଟ୍ୟାଙ୍କର ଚଳାଚଳ ଓ ଖୁଚୁରା ବିକ୍ରୟ କେନ୍ଦ୍ର ସୁଚାରୁ ଭାବେ ଚାଲିବା ପାଇଁ ପୋଲିସ ପ୍ରଶାସନକୁ ଆବଶ୍ୟକ ବ୍ୟବସ୍ଥା ନେବାକୁ ନିର୍ଦ୍ଦେଶ ଦିଆଯାଇଛି। ରାଜ୍ୟସ୍ତରରେ ସଚିବମାନଙ୍କୁ ନେଇ କମିଟି ଓ ଜିଲାସ୍ତରରେ ଜିଲାପାଳ, ଆରକ୍ଷୀ ଅଧୀକ୍ଷକ ଓ ଯୋଗାଣ ଅଧିକାରୀଙ୍କୁ ନେଇ କମିଟି ଗଠନ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଜିଲାସ୍ତରୀୟ କଣ୍ଟ୍ରୋଲ ରୁମ କାର୍ଯ୍ୟ କରିବାକୁ ମୁଖ୍ୟଶାସନ ସଚିବ ନିର୍ଦ୍ଦେଶ ଦେଇଛନ୍ତି। ଯାହା ଯୋଗାଣର ଠିକ ପରିଚାଳନା ଓ ତଦାରଖ କରିବ। ମୁଖ୍ୟଶାସନସଚିବ ରନ୍ଧନ ଗ୍ୟାସର କଳାବଜାରି କିମ୍ବା ଅତିରିକ୍ତ କ୍ରୟ ଭଳି କାର୍ଯ୍ୟକଳାପ ଉପରେ କଡା ନଜର ରଖିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏଲପିଜି ବୋଟଲିଂ ପ୍ଲାଣ୍ଟ, ଖୁଚୁରା ବିକ୍ରୟକେନ୍ଦ୍ର ଓ ବଣ୍ଟନ ବ୍ୟବସ୍ଥା ସୁଚାରୁ ଭାବେ ଚାଲୁ ରଖିବାକୁ ତୈଳ ବିପଣନ କମ୍ପାନୀଙ୍କୁ ପରାମର୍ଶ ଦିଆଯାଇଛି। ଏହି ବୈଠକରେ ବଲାଙ୍ଗୀର ଜିଲାପାଳ ଗୌରବ ଶିୱାଜୀ ଇସଲୱାର, ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ପୁଷ୍ପାଞ୍ଜଳି ସାହୁ, ଜିଲା ଯୋଗାଣ ଅଧିକାରୀ ରଞ୍ଜନ ପଣ୍ଡା, ଅତିରିକ୍ତ ଶିକ୍ଷା ଅଧିକାରୀ ପ୍ରବୀର ପଣ୍ଡା, ଜିଲା ମଙ୍ଗଳ ଅଧିକାରୀ ପ୍ରତାପ ମହାନ୍ତି, ଜିଲା ପର୍ଯ୍ୟଟନ ଅଧିକାରୀ ଟାଲିନା ପ୍ରଧାନୀ, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ରାଜେନ୍ଦ୍ର ମାଝୀ ଓ ଭାରତ ତୈଳ ବିପଣନ କମ୍ପାନୀର ବ୍ରିଜେଶ ସିଂ ଉପସ୍ଥିତ ଥିଲେ।

## ଦୁର୍ଗା ମଣ୍ଡପ ପ୍ରତିଷ୍ଠା, ୧୬ ପ୍ରହର ନାମଯଜ୍ଞ

**ବିନିକା, ୧୨।୩(ରାମ ଗୋପାଳ ବାଘ)**

ସୁବର୍ଣ୍ଣପୁର ଜିଲା ବିନିକା ବ୍ଲକ କୁହିବାହାଲ ଗ୍ରାମରେ ଗତ ୬ ତାରିଖଠାରୁ ଚାଲିଥିବା ଦୁର୍ଗା ମଣ୍ଡପ ପ୍ରତିଷ୍ଠା ଗୁରୁବାର ସମ୍ପନ୍ନ ହୋଇଛି। ଏହା ସହ ୧୬ ପ୍ରହର ନାମଯଜ୍ଞ ଓ ମହିସାସୁର ଦରବାର ଉଦ୍‌ଯାପିତ ହୋଇଯାଇଛି । ଏହି ଅବସରରେ ୬ ତାରିଖ ଗ୍ରାମର ଶତାଧିକ ମହିଳା ସ୍ଥାନୀୟ ଜଳାଶୟରୁ ପୂର୍ଣ୍ଣ ଜଳ କଳସ ଆଣି ଯଜ୍ଞ ମଣ୍ଡପରେ ସ୍ଥାପନ କରିଥିଲେ । ତୃତୀୟ ଦିନ ଧାନ୍ୟା ଓ ଚଣ୍ଡୀ ହବନ, ଚତୁର୍ଥ ଦିନରେ ଷୋହଳ ପ୍ରହର ନାମଯଜ୍ଞ ଆରମ୍ଭ, ୭ ତାରିଖରୁ ମହିସାଶୁର ଦରବାର ଆରମ୍ଭ ହୋଇଥିଲା। ମଣ୍ଡପ ପ୍ରତିଷ୍ଠା ସହ ସହ ୧୬ ପ୍ରହର ନାମଯଜ୍ଞ ପୂର୍ଣ୍ଣାହୂତି ହୋଇଥିଲା। ପରେ ଦହିହାଣ୍ଡି ଧରି ନଗର ପରିକ୍ରମା କରାଯାଇଥିଲା। ସଞ୍ଜୟ ସାହୁ ଓ ରେଙ୍ଗାଲି ଦଳ ମଧ୍ୟରେ ବୈଠକ କୀର୍ତ୍ତନ ହୋଇଥିଲା। ପ୍ରତିଷ୍ଠା କର୍ତ୍ତାଭାବେ ପ୍ରଦୀପ ସାହୁ, ଓ ତାଙ୍କ ସ୍ତ୍ରୀ ଦୁଃଖିତା, ଧନସିଂ ସାହୁ ଓ ତାଙ୍କ ସ୍ତ୍ରୀ ନନ୍ଦିନୀ, ନାମ ଯଜ୍ଞ କର୍ତ୍ତାଭାବେ ପ୍ରସନ୍ନ କୁମାର ସାହୁ ଓ ତାଙ୍କ ସ୍ତ୍ରୀ ଗୀତାଞ୍ଜଳି, ଚଣ୍ଡୀପାଠ କର୍ତ୍ତାଭାବେ ସୂର୍ଯ୍ୟକାନ୍ତ ସାହୁ ଓ ରିଙ୍କୁ ସାହୁ ସପତ୍ନିକ ଦାୟିତ୍ୱ ତୁଲାଇଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ଗ୍ରାମବାସୀ ସହଯୋଗ କରିଥିଲେ।

## ଧନ୍ୟାଭିଷେକ କାର୍ଯ୍ୟକ୍ରମ, ଜଳନ୍ଧର ଦରବାର ଆରମ୍ଭ



ଜଳନ୍ଧର ଦରବାର ଉଦ୍‌ଘାଟନ ଅବସରରେ ଅତିଥିମାନେ।

**ବୀରମହାରାଜପୁର, ୧୨।୩(ଯୁଗଳ କିଶୋର ମିଶ୍ର)**

**ରାମେଶ୍ୱର ମନ୍ଦିର ପ୍ରତିଷ୍ଠା ଉତ୍ସବ**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଉଫୁଲା ପଞ୍ଚାୟତ ଟିଁପିଲିଠାରେ ନବନିର୍ମିତ ରାମେଶ୍ୱର ମହାଦେବ ମନ୍ଦିର ପ୍ରତିଷ୍ଠା କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ଗୁରୁବାର ଅପରାହ୍ନ ୩ଟାରେ ଧନ୍ୟାଭିଷେକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ହଜାର ଶ୍ରଦ୍ଧାଳୁଙ୍କ ଉପସ୍ଥିତିରେ ସଂକୀର୍ତ୍ତନ୍ୟ, ହରିବୋଲ ହୁଳହୁଳି ମାଧମରେ ପଞ୍ଚରତ୍ନ, ପଞ୍ଚଶସ୍ୟ ଦେଇ ବୈଦିକ ରୀତିନୀତିରେ କାର୍ଯ୍ୟକ୍ରମ ସମ୍ପୂର୍ଣ୍ଣ ହୋଇଥିଲା। ସେପଟେ ରାମାୟଣ ନବାହ ପାରାୟଣ ଅନୁଷ୍ଠିତ ହୋଇଥିଲା। ଗୁରୁବାର ଜଳନ୍ଧର ଦରବାର ଆରମ୍ଭ ହୋଇଛି। ରାଜ ଅତିଥିଭାବେ ପୂର୍ବତନ ମନ୍ତ୍ରୀ ପଦ୍ମନାଭ ବେହେରା, ତାଙ୍କ ଧର୍ମପତ୍ନୀ ତଥା ପୂର୍ବତନ ମନ୍ତ୍ରୀ ବିଷ୍ଣୁପ୍ରିୟା ବେହେରା, ଉଫୁଲା ସରପଞ୍ଚ ଶ୍ରୀୟା କର୍ମୀ ଅତିଥିଭାବେ ଯୋଗଦେଇ ସାଂସ୍କୃତିକ ବାର୍ତ୍ତା ପ୍ରଦାନ କରିଥିଲେ। ଜଳନ୍ଧର ଭୂମିକାରେ ଭୁବନେଶ୍ୱର ପ୍ରଧାନଙ୍କ ଅଭିନୟ ବିଳମ୍ବିତ ରାତ୍ରୀ ପର୍ଯ୍ୟନ୍ତ ଦର୍ଶକଙ୍କୁ ବାନ୍ଧି ରଖିଥିଲା। ବ୍ୟାସ ଗାୟକ ବିଶିଷ୍ଟ ପୁରାଣ ଗାୟକ ମନରଞ୍ଜନ ମିଶ୍ର ପୁରାଣ ପାଠ କରୁଛନ୍ତି। ଟିଁପିଲି ମଠ ମହନ୍ତ ସୀତାରାମ ଦାସଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ଆଧାତ୍ମିକ କାର୍ଯ୍ୟକ୍ରମରେ ମନ୍ଦିର ପ୍ରତିଷ୍ଠା ମୁଖ୍ୟକର୍ତ୍ତା ଭୀଷ୍ମଦେବ ଅମାତ ଓ ପ୍ରେମଶିଳା ଅମାତ, ନବାହ କର୍ତ୍ତାଭାବେ ସୁରୁବାବୁ ପଧାନ ସପତ୍ନୀକ କାର୍ଯ୍ୟନିର୍ବାହ କରୁଛନ୍ତି। କମିଟି ସଭାପତି ବିଦେଶୀ ମହାକୁର, ସମ୍ପାଦକ ମଳୟ କୁମାର ଅମାତ, ସଦସ୍ୟ ହିମାଂଶୁ ଖମାରୀ, ବିଶ୍ୱାମିତ୍ର ଦେହେରୀ, ଚନ୍ଦନ ପାତ୍ର, ଝାଣ୍ଟୁ ପଧାନ, ରଶ୍ମିରଞ୍ଜନ ଅମାତ, ସଞ୍ଜୟ ଅମାତ, ସୁବ୍ରତ ପାତ୍ର ଏଥିରେ ସହଯୋଗ କରୁଛନ୍ତି।

## ଦୁର୍ଗା ମଣ୍ଡପ ପ୍ରତିଷ୍ଠା, ୧୬ ପ୍ରହର ନାମଯଜ୍ଞ

**ବିନିକା, ୧୨।୩(ରାମ ଗୋପାଳ ବାଘ)**

ସୁବର୍ଣ୍ଣପୁର ଜିଲା ବିନିକା ବ୍ଲକ କୁହିବାହାଲ ଗ୍ରାମରେ ଗତ ୬ ତାରିଖଠାରୁ ଚାଲିଥିବା ଦୁର୍ଗା ମଣ୍ଡପ ପ୍ରତିଷ୍ଠା ଗୁରୁବାର ସମ୍ପନ୍ନ ହୋଇଛି। ଏହା ସହ ୧୬ ପ୍ରହର ନାମଯଜ୍ଞ ଓ ମହିସାସୁର ଦରବାର ଉଦ୍‌ଯାପିତ ହୋଇଯାଇଛି । ଏହି ଅବସରରେ ୬ ତାରିଖ ଗ୍ରାମର ଶତାଧିକ ମହିଳା ସ୍ଥାନୀୟ ଜଳାଶୟରୁ ପୂର୍ଣ୍ଣ ଜଳ କଳସ ଆଣି ଯଜ୍ଞ ମଣ୍ଡପରେ ସ୍ଥାପନ କରିଥିଲେ । ତୃତୀୟ ଦିନ ଧାନ୍ୟା ଓ ଚଣ୍ଡୀ ହବନ, ଚତୁର୍ଥ ଦିନରେ ଷୋହଳ ପ୍ରହର ନାମଯଜ୍ଞ ଆରମ୍ଭ, ୭ ତାରିଖରୁ ମହିସାଶୁର ଦରବାର ଆରମ୍ଭ ହୋଇଥିଲା। ମଣ୍ଡପ ପ୍ରତିଷ୍ଠା ସହ ସହ ୧୬ ପ୍ରହର ନାମଯଜ୍ଞ ପୂର୍ଣ୍ଣାହୂତି ହୋଇଥିଲା। ପରେ ଦହିହାଣ୍ଡି ଧରି ନଗର ପରିକ୍ରମା କରାଯାଇଥିଲା। ସଞ୍ଜୟ ସାହୁ ଓ ରେଙ୍ଗାଲି ଦଳ ମଧ୍ୟରେ ବୈଠକ କୀର୍ତ୍ତନ ହୋଇଥିଲା। ପ୍ରତିଷ୍ଠା କର୍ତ୍ତାଭାବେ ପ୍ରଦୀପ ସାହୁ, ଓ ତାଙ୍କ ସ୍ତ୍ରୀ ଦୁଃଖିତା, ଧନସିଂ ସାହୁ ଓ ତାଙ୍କ ସ୍ତ୍ରୀ ନନ୍ଦିନୀ, ନାମ ଯଜ୍ଞ କର୍ତ୍ତାଭାବେ ପ୍ରସନ୍ନ କୁମାର ସାହୁ ଓ ତାଙ୍କ ସ୍ତ୍ରୀ ଗୀତାଞ୍ଜଳି, ଚଣ୍ଡୀପାଠ କର୍ତ୍ତାଭାବେ ସୂର୍ଯ୍ୟକାନ୍ତ ସାହୁ ଓ ରିଙ୍କୁ ସାହୁ ସପତ୍ନିକ ଦାୟିତ୍ୱ ତୁଲାଇଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ଗ୍ରାମବାସୀ ସହଯୋଗ କରିଥିଲେ।

## ମହିଳାଙ୍କ ଅଧିକାର, ସୁରକ୍ଷା ଉପରେ ଗୁରୁତ୍ୱ




ସଚେତନତା କାର୍ଯ୍ୟକ୍ରମରେ ମହିଳା କମିଶନ ସଦସ୍ୟା ଓ ଅତିଥି ବୃନ୍ଦ।

**ସୋନପୁର, ୧୨।୩(ମୃତ୍ୟୁଞ୍ଜୟ ଶତପଥୀ)**

ବିନିକା ଓ ସୁବର୍ଣ୍ଣପୁର ସହରରେ ମହିଳା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମହିଳାଙ୍କ ଅଧିକାର, ସୁରକ୍ଷା ଓ ମହିଳାଙ୍କ ସମ୍ପର୍କିତ ବିଭିନ୍ନ ସରକାରୀ ଯୋଜନାଗୁଡ଼ିକ ଉପରେ ନ୍ୟାୟିକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ବିନିକା ସହରର ଏକ ହୋଟେଲଠାରେ ପୂର୍ବାହ୍ନରେ ଓ ସୁବର୍ଣ୍ଣପୁରରେ ଟାଉନ ହଲଠାରେ ଅପରାହ୍ନରେ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଓଡ଼ିଶା ମହିଳା କମିଶନର ସଦସ୍ୟା ମୁକ୍ତା ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବିନିକା ଓ ସୋନପୁର ବ୍ଲକର ଅଙ୍ଗନୱାଡ଼ି କର୍ମୀ, ସହାୟିକା, ମହିଳା ସ୍ୱୟଂ ସହାୟକା ଗୋଷ୍ଠୀର ସଦସ୍ୟା ଓ ବିଭିନ୍ନ କଲେଜର ଛାତ୍ରୀମାନେ ଯୋଗଦେଇଥିଲେ। ସେମାନଙ୍କୁ ନାରୀ ସୁରକ୍ଷା ଓ ସରକାରୀ ଯୋଜନା ସମ୍ପର୍କରେ ସଚେତନ କରାଯାଇଥିଲା। ଅତିରିକ୍ତ ଜିଲାପାଳ ଅଞ୍ଜଳିନା ପ୍ରଧାନ ଓ ରାଜେନ୍ଦ୍ର ମାଝୀ ଯୋଗଦାନ କରିଥିଲେ। ଏତଦବ୍ୟତୀତ ଉଭୟ ସଚେତନତା କାର୍ଯ୍ୟକ୍ରମରେ ଜିଲା ସମାଜ କଲ୍ୟାଣ ଅଧିକାରୀ ବୀଣାପାଣି ମିଶ୍ର, ଜିଲା ଶିଶୁ ସୁରକ୍ଷା ଅଧିକାରୀ ଚତୁର୍ଭୁଜ ଦାଶ, ଜିଲା କାର୍ଯ୍ୟକ୍ରମ ଅଧିକାରୀ ଅନିତା ଗୁରୁ, ସୋନପୁର ସିଡିପିଓ ସାଗରିକା ସ୍ୱାଇଁ, ବିନିକା ସିଡିପିଓ ଲକ୍ଷ୍ମୀପ୍ରିୟା ମିଶ୍ର ଓ ସୁପରଭାଇଜରମାନେ ଉପସ୍ଥିତ ଥିଲେ। ଅଞ୍ଜଳି ନେଗି, ପ୍ରଣତି କୁମ୍ଭାର, ବିନିକା ଆଇଆଇସି ସତ୍ୟନାରାୟଣ ପ୍ରଧାନ, ଅନଙ୍ଗ ନେଗୀ ଯୋଗଦେଇ ମହିଳା ଅଧିକାର ଉପରେ ଥିବା ଆଇନ ଓ ମହିଳାଙ୍କ ସମ୍ପର୍କିତ ବିଭିନ୍ନ ସରକାରୀ ଯୋଜନା ଉପରେ ସଚେତନ କରାଇଥିଲେ। ଏହି ସଚେତନତା କାର୍ଯ୍ୟକ୍ରମରେ ପୌର ପରିଷଦ ଅଧ୍ୟକ୍ଷା ତାମସି ତାମସ୍ମିତା ନାୟକ ଓ ପୂର୍ବତନ ଜିଲା ପରିଷଦ ଅଧ୍ୟକ୍ଷା ଉଷା କୁମାରୀ ଉପସ୍ଥିତ ରହି ସେମାନଙ୍କ ବକ୍ତବ୍ୟ ଉପସ୍ଥାପନ ପୂର୍ବକ ମହିଳାଙ୍କୁ ସଚେତନ କରାଇଥିଲେ। ଏହି କାର୍ଯ୍ୟକ୍ରମକୁ ଜିଲା ସମାଜ କଲ୍ୟାଣ କାର୍ଯ୍ୟାଳୟ ଦାରା ଆୟୋଜନ କରାଯାଇଥିଲା।

## ନଷ୍ଟ ହୋଇଥିବା ଅଫିମର ମୂଲ୍ୟ ୭.୬୫ କୋଟି

**ସୋନପୁର, ୧୨।୩(ମୃତ୍ୟୁଞ୍ଜୟ ଶତପଥୀ)**

- ସିଂହାସନୀ ଜଙ୍ଗଲରେ ଅଫିମ ଚାଷ ଘଟଣାରେ ଜଣେ ଗିରଫ
- ୪ ଅଭିଯୁକ୍ତଙ୍କ ନାମରେ ମାମଲା, ପୋଡାଯାଇଛି ୧୫୩୧୮ ଅଫିମ ଗଛ

ସୁବର୍ଣ୍ଣପୁର ଜିଲା ଉଲୁଣ୍ଡା ଜଙ୍ଗଲ ଅଞ୍ଚଳରେ ଅଫିମ ଗଛ ଚାଷ ହେଉଥିବା ଜଣାପଡିବା ପରେ ଜିଲା ବଦ୍‌ନାମ ହୋଇଛି। ପ୍ରଥମ ଥର ପାଇଁ ଜିଲାର ଉଲୁଣ୍ଡା ବନାଞ୍ଚଳର ସିଂହାସନୀ ସଂରକ୍ଷିତ ଜଙ୍ଗଲର ଅରଖମୁଣ୍ଡା ଗ୍ରାମରେ ନିଶାପାଇଁ ବ୍ୟବହୃତ ଅଫିମ ଚାଷ ଠାବ ହୋଇଥିଲା। ବୁଧବାର ପୋଲିସ, ଅବକାରୀ ବିଭାଗ ଓ ବନ ବିଭାଗ ମିଳିତ ଭାବେ ୧୫ହଜାର ୩୧୮ଟି ଅଫିମ ଗଛକୁ କାଟିବା ସହ ମାଜିଷ୍ଟ୍ରେଟ୍‌ଙ୍କ ଉପସ୍ଥିତିରେ ନିଆଁ ଲଗାଇ ପୋଡି ଦେଇଥିଲେ। ନଷ୍ଟ ହୋଇଥିବା ଅଫିମର ଆନୁମାନିକ ବଜାର ମୂଲ୍ୟ ୭କୋଟି ୬୫ଲକ୍ଷ ୯୦ହଜାର ଟଙ୍କା ହେବ ବୋଲି ଏସ୍‌ପି ନାରାୟଣ ନାୟକ ଜିଲା ପୋଲିସ ମୁଖ୍ୟାଳୟରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ଗୁରୁବାର ସୂଚନା ଦେଇଛନ୍ତି। ଏସ୍‌ପି କହିଥିଲେ, ଏ



ଏସ୍‌ପି ନାରାୟଣ ନାୟକ ଖବରଦାତା ସମ୍ମିଳନୀରେ ସୂଚନା ଦେଉଛନ୍ତି।

ସମ୍ପର୍କରେ ଉଲୁଣ୍ଡା ଥାନାରେ ଏନଡିପିଏସ୍ ଆକ୍ଟ ଅନୁଯାୟୀ ଅରଖମୁଣ୍ଡା ଗ୍ରାମର ସାମୁଏଲ ଲୁଗୁନ, ରାହୁଲ ବାର୍ଲା, ସନିକ ପୂର୍ତ୍ତି ଓ ସୁଲେମାନ ଲୁଗୁନୁଙ୍କ ନାମରେ ମାମଲା ରୁଜୁ ହୋଇଛି। ଅଭିଯୁକ୍ତମାନେ ଜଙ୍ଗଲର ୨ଟି ପ୍ଲଟରେ ବେଆଇନ ଭାବେ ଅଫିମ ଗଛ ଚାଷ କରିଥିଲେ। ସେମାନଙ୍କ ଘରୁ ଅଫିମ ଚାଷ ହୋଇଥିବା ଜମିକୁ ବିଦ୍ୟୁତ୍ ତାର ଟଣା ଯାଇଥିଲା। ଏହି ଘଟଣାରେ ସାମୁଏଲ(୨୪)ଙ୍କୁ ଗିରଫ କରାଯାଇଛି। ଅନ୍ୟ ଅଭିଯୁକ୍ତମାନେ ଫେରାର ହୋଇଯାଇଛନ୍ତି। ସେମାନଙ୍କୁ ଧରିବା ପାଇଁ ଉଦ୍ୟମ ଜାରି ରହିଥିବା ଏସ୍‌ପି ନାୟକ କହିଛନ୍ତି। ତେବେ ନଷ୍ଟ ହୋଇଥିବା ଅଫିମ ଗଛର ସରକାରୀ ମୂଲ୍ୟ ପ୍ରାୟ ୭କୋଟି ୬୫ଲକ୍ଷ ୯୦ହଜାର ଟଙ୍କା ହେବ ବୋଲି ଏସ୍‌ପି ସୂଚନା ଦେଇଛନ୍ତି। ଜିଲାରେ ଏହି ଘଟଣାର ପୁନରାବୃତ୍ତି ନ ହେବା ନେଇ ଏସ୍‌ପି ଗୁରୁତ୍ୱାରୋପ କରିଛନ୍ତି। ବୀରମହାରାଜପୁର ଏସ୍‌ଡିପିଓ ହେମନ୍ତ ରାଓ, ଉଲୁଣ୍ଡା ଆଇଆଇସି ଲିଙ୍ଗରାଜ ସେଠୀ ଏହି ଖବରଦାତା ସମ୍ମିଳନୀରେ ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ଏକଲବ୍ୟ ଆଦର୍ଶ ବିଦ୍ୟାଳୟରେ ଗ୍ଲୁକୋମା ସପ୍ତାହ ପାଳିତ

ଦେବଗଡ଼,୧୨।୩(ଶଶାଙ୍କ ଶେଖର ଝାଙ୍କର)

କଳାମାଟିସ୍ଥିତ ଏକଲବ୍ୟ ଆଦର୍ଶ ବିଦ୍ୟାଳୟରେ କଳା ମୋତିଆ ବିନ୍ଦୁ ବା ଗ୍ଲୁକୋମା ସପ୍ତାହ ଗୁରୁବାର ପାଳିତ ହୋଇଯାଇଛି। ଅଧ୍ୟାପକ ମନୋରଞ୍ଜନ ବାରିକଙ୍କ ଅଧ୍ୟକ୍ଷତାରେ ସଭା ଆୟୋଜିତ ହୋଇଥିଲା। ଏଥିରେ ଦେବଗଡ଼ ଜିଲା ମୁଖ୍ୟ ଚିକିତ୍ସାଳୟର ଚକ୍ଷୁ ବିଶେଷଜ୍ଞ ଅମୃତ ପ୍ରୀତମ ଶତପଥି ଯୋଗଦେଇ ଗ୍ଲୁକୋମାର କାରଣ, ନିରାକରଣ ଓ ତ୍ୱରିତ ଚିକିତ୍ସା ବିଷୟରେ ଆଲୋକପାତ କରିଥିଲେ। ଶେଷରେ ରଞ୍ଜନ ବିଶ୍ୱାଳ ଧନ୍ୟବାଦ ଦେଇଥିଲେ।

### ଭାଜପା ନଗର ସଭାପତିଙ୍କ ମାତୃ ବିୟୋଗ

ଦେବଗଡ଼,୧୨।୩(ଶଶାଙ୍କ ଶେଖର ଝାଙ୍କର)

ଦେବଗଡ଼ ଭାଜପା ନଗର ସଭାପତି ରାଜେନ୍ଦ୍ର ଆଚାର୍ଯ୍ୟଙ୍କ ମାଆ ତଥା ୧୦ ନମ୍ବର ୱାର୍ଡର ୱାର୍ଡ ମେମ୍ବର ଇତିଶ୍ରୀ


ନିରୁପମା ଆଚାର୍ଯ୍ୟ।

ମିଶ୍ରଙ୍କ ଶାଶୁ ନିରୁପମା ଆଚାର୍ଯ୍ୟଙ୍କ ଗୁରୁବାର ବିୟୋଗ ହୋଇଛି। ଖବର ପାଇ ପୂର୍ବତନ ବିଧାୟକ ସୁଭାଷ ଚନ୍ଦ୍ର ପାଣିଗ୍ରାହୀଙ୍କ ସମେତ ଭାଜପାର ବହୁ କର୍ମୀ ନେତା ଦେବଗଡ ସହର ରଜାମୁଣ୍ଡା ସ୍ଥିତ ବାସଭବନରେ ଶେଷ ଦର୍ଶନ କରିଥିଲେ। ପ୍ରଧାନପାଟସ୍ଥିତ ମଶାଣିରେ ତାଙ୍କର ଅନ୍ତିମ ସତ୍କାର କରାଯାଇଥିବାବେଳେ ପୁଅ ରାଜେନ୍ଦ୍ର ମୁଖାଗ୍ନି ଦେଇଥିଲେ। ତାଙ୍କର ମୃତ୍ୟୁ ସମୟରେ ସ୍ୱାମୀ କୁମୁଦ ଚନ୍ଦ୍ର ଆଚାର୍ଯ୍ୟ, ଝିଅ, ବୋହୂ, ନାତିନାତୁଣୀ ଉପସ୍ଥିତ ଥିଲେ।

### ଅତିରିକ୍ତ ଶ୍ରମ ଅଧିକାରୀ ବ୍ଲକସ୍ତରରେ କାର୍ଯ୍ୟ କରିବାକୁ ଦାବି

ଝାରସୁଗୁଡ଼ା,୧୨।୩(ଆଶିଷ ରଞ୍ଜନ ଦାଶ)

ଝାରସୁଗୁଡ଼ା ଜିଲା ଶ୍ରମ ବିଭାଗରେ କାର୍ଯ୍ୟ କରୁଥିବା ଅତିରିକ୍ତ ଶ୍ରମ ଅଧିକାରୀମାନେ ବ୍ଲକସ୍ତରରେ କାର୍ଯ୍ୟ କରିବା ପାଇଁ ଓଡିଶା ନିର୍ମାଣ ଶ୍ରମିକ ସଂଘ ଦାବି କରିଛି। ଏ ନେଇ ୟୁନିୟନ ପକ୍ଷରୁ ଗୁରୁବାର ଯୁଗ୍ମ ଶ୍ରମ କମିଶନରଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ଦାବିପତ୍ରରେ ଉଲ୍ଲେଖ କରାଯାଇଛି, ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି ଅତିରିକ୍ତ ଶ୍ରମ ଅଧିକାରୀମାନେ ବ୍ଲକସ୍ତରରେ ରହି କାର୍ଯ୍ୟ କରିବେ। କିନ୍ତୁ ଦେଖାଯାଉଛି ଯେ, ଉକ୍ତ ଅଧିକାରୀମାନେ ବ୍ଲକସ୍ତରରେ କାର୍ଯ୍ୟ କରୁନାହାନ୍ତି। ଫଳରେ ବିଭିନ୍ନ ସମସ୍ୟା ନେଇ ବ୍ଲକ କାର୍ଯ୍ୟାଳୟ ଆସୁଥିବା ନିର୍ମାଣ ଶ୍ରମିକମାନେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏ ନେଇ ଜିଲାପାଳଙ୍କୁ ଅଭିଯୋଗ କରାଯାଇଛି। ଏଣୁ ଅତିରିକ୍ତ ଶ୍ରମ ଅଧିକାରୀମାନଙ୍କୁ ବ୍ଲକସ୍ତରରେ କାର୍ଯ୍ୟ କରିବାକୁ ନିର୍ଦ୍ଦେଶ ଦେବାପାଇଁ ସଂଘ ପକ୍ଷରୁ ଦାବି କରାଯାଇଛି। ଏ ନେଇ ଜିଲା ଶ୍ରମ ଅଧିକାରୀ ଦିବ୍ୟଜ୍ୟୋତି ନାୟକଙ୍କୁ ପଚାରିବାରୁ ଅତିରିକ୍ତ ଶ୍ରମ ଅଧିକାରୀମାନେ କିପରି ବ୍ଲକସ୍ତରରେ ନିର୍ମାଣ ଶ୍ରମିକଙ୍କୁ ସହଯୋଗ କରିବେ ସେ ନେଇ ଚିଠି କରିଛୁ ବୋଲି କହିଛନ୍ତି।

### ଅବସରପ୍ରାପ୍ତ ପ୍ରଧାନଶିକ୍ଷକଙ୍କ ପରଲୋକ

କୋଲାବିରା,୧୨।୩(ସଞ୍ଜୟ ପୂଜାରୀ)

କୋଲାବିରା ବାସିନ୍ଦା ଅବସରପ୍ରାପ୍ତ ପ୍ରାଥମିକ ବିଦ୍ୟାଳୟ ପ୍ରଧାନଶିକ୍ଷକ ଗୋବିନ୍ଦ ଚନ୍ଦ୍ର ଭୋଇ (୮୭)ଙ୍କ ଗୁରୁବାର



ପୂର୍ବାହ୍ନରେ ନିଜ ବାସଭବନରେ ପରଲୋକ ହୋଇଯାଇଛି। ସେ କିଛି ଦିନ ହେଲା ବାର୍ଦ୍ଧକ୍ୟଜନିତ ରୋଗରେ ପୀଡ଼ିତ ଥିଲେ। ଗାଁ ଶ୍ମଶାନଘାଟରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା। ବଡ଼ଭାଇଙ୍କ ପୁଅ ବିଳାସ ଭୋଇ ମୁଖାଗ୍ନି ଦେଇଥିଲେ। ପୂର୍ବରୁ ତାଙ୍କ ସ୍ତ୍ରୀଙ୍କ ଦେହାନ୍ତ ହୋଇସାରିଛି। ସ୍ୱର୍ଗତ ଭୋଇ କୋଲାବିରା, ଲଇକେରା ଓ ଲଖନପୁର ବ୍ଲକର ବିଭିନ୍ନ ସ୍କୁଲରୁ ଶିକ୍ଷକତା କରି ୧୯୯୮ରେ ପ୍ରଧାନଶିକ୍ଷକ ଭାବେ ଚାକିରିରୁ ଅବସର ନେଇଥିଲେ।

# ରାସ୍ତା ମଝିରେ ବାଇକ୍ ପାର୍କିଂ

ଦେବଗଡ଼,୧୨।୩(ଶଶାଙ୍କ ଶେଖର ଝାଙ୍କର)

**ଦେବଗଡ଼ ପୌର ପରିଷଦର ଅଜବ ନୀତି**
- ପ୍ରତ୍ୟେକ ଦିନ ଘଟୁଛି ଦୁର୍ଘଟଣା
- ସହରରେ କିଛି ପ୍ଲାନିଙ୍ଗ ନାହିଁ

ଦେବଗଡ଼ ସହରର ରାସ୍ତା ମଝିରେ ବାଇକ୍ ପାର୍କିଂ କରାଯାଉଥିବା ଦେଖିବାକୁ ମିଳିଛି। ଯାହାକୁ ନେଇ ଅସନ୍ତୋଷ ପ୍ରକାଶ ପାଇଛି। ୧୧ଟି ୱାର୍ଡକୁ ନେଇ ଦେବଗଡ଼ ପୌର ପରିଷଦ ଗଠିତ। ଏହା ଏକ ପୁରୁଣା ପୌରପରିଷଦ। ଏହା ମଧ୍ୟରେ ପୌର ପରିଷଦ ଶତବାର୍ଷିକୀ ମଧ୍ୟ ପାଳନ କରିସାରିଛି। କିନ୍ତୁ ଆଜି ପର୍ଯ୍ୟନ୍ତ କୌଣସି ଆଖିଦୃଶିଆ ଉନ୍ନତି ହୋଇପାରି ନାହିଁ। ରାସ୍ତାଘାଟ, ଡ୍ରେନ୍ ଉନ୍ନତିକରଣ କଥା ଛାଡ଼, ବାଇକ୍ ପାର୍କିଂ ପାଇଁ ପାର୍କିଂ ସ୍ଥାନ ହୋଇପାରିନାହିଁ। କେତେ କାଉନସିଲର ଗଠିତ ହୋଇଛି, କେତେ ଅଧ୍ୟକ୍ଷ, କେତେ ୱାର୍ଡ ମେମ୍ବର ଆସିଲେଣି ଗଲେଣି। କିନ୍ତୁ ଦୁଃଖ ଓ ପରିତାପର ବିଷୟ ଆନ୍ତରିକତା ଅଭାବରୁ ଯେମିତି ହେବା କଥା ଗୋଟିଏ ଛୋଟ ସହର ହିସାବରେ ହୋଇନି ବୋଲି ବୁଦ୍ଧିଜୀବୀ ମହଲରେ ଆଲୋଚନା ହେଉଛି। ଦେବଗଡ଼ ଏକ ପ୍ଲାନିଙ୍ଗ ସହର କିନ୍ତୁ କିଛି ପ୍ଲାନିଙ୍ଗ ନାହିଁ। ଏପଟେ ସହରରେ ପୌର ପରିଷଦ ପକ୍ଷରୁ କୌଣସି ପାର୍କିଂ ବ୍ୟବସ୍ଥା କରାଯାଇ ନାହିଁ। ସେ ଉପରେ କେହି ଚିନ୍ତା ବି କରୁନାହାନ୍ତି। କେବଳ ଆଲୋଚନା କରି ଚୁପ ରହୁଛନ୍ତି। କୌଣସି ପାର୍କିଂ ସୁବିଧା ନ କରିବାରୁ କିଛି ବର୍ଷ ପୂର୍ବରୁ ଦୈନିକ ପନିପରିବା ବଜାର ନିକଟ ରାସ୍ତା ମଝିରେ ବାଇକ୍ ପାର୍କିଂ କରାଯାଉଛି। ହେଲେ ଆଉ କେତେ ବର୍ଷ


ଦେବଗଡ଼ ସହରରେ ରାସ୍ତା ମଝିରେ ବାଇକ୍ ପାର୍କିଂ କରାଯାଇଛି।

ଏପରି ରାସ୍ତା ଉପରେ ବାଇକ୍ ପାର୍କିଂ କରିବେ। ଏହାର କୌଣସି ପ୍ରକାର ସୁବିଧା କଣ ପାଇଁ ପୌର ପରିଷଦ କରୁନାହିଁ ବୋଲି ବୁଦ୍ଧିଜୀବୀ ମହଲରେ ଚର୍ଚ୍ଚା ହେଉଛି। ଏହାର ବିକଳ୍ପ କରାଯିବା ଜରୁରୀ। କ'ଣ ପାଇଁ କି ରାସ୍ତା ଉପରେ ଏପରି ପାର୍କିଂ କରାଯାଉଛି। ଶହଶହ ବାଇକ୍ ପାର୍କିଂ ଯୋଗୁ ପ୍ରତ୍ୟେକ ଦିନ ଛୋଟବଡ ଦୁର୍ଘଟଣା ଘଟୁଛି। ଫଳରେ ଜନସାଧାରଣ ଯାତାୟତରେ ବହୁତ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ତେଣୁ ଏହାର କୌଣସି ପ୍ରକାର ସ୍ଥାୟୀ ସୁବିଧା କରାଯାଉ। ତେଣୁ ଏଥିପ୍ରତି ଜିଲାପାଳ ଦୃଷ୍ଟି ଦେଇ ନିଜେ ତଦାରଖ କରନ୍ତୁ ବୋଲି ବୁଦ୍ଧୀଜୀବୀ ମତ ଦେଇଛନ୍ତି। ଏହି ସମସ୍ୟାର ତୁରନ୍ତ ସମାଧାନର ବାଟ ବାହାର କରିବା ପାଇଁ ଜନସାଧାରଣରେ ଦାବି ହେଉଛି। ଏ ସମ୍ପର୍କରେ ପୌର ପରିଷଦ ନିର୍ବାହୀ ଅଧିକାରୀ ରତିକାନ୍ତ ସୁକ୍ଲାଙ୍କୁ ପଚାରିବାରୁ ସେ କହିଲେ, ଏବେ ନୂତନ ଭାବେ ଯୋଗ ଦେଇଛି। ଆଗରୁ ଏପରି ରାସ୍ତା ଉପରେ ବାଇକ୍ ପାର୍କିଂ ଚାଲିଛି। ଏସବୁ ଦେଖିଲା ପରେ ଆମେ ଆଲୋଚନା କରିଛୁ ଏବଂ ଆଗାମୀ କାଉନସିଲ ବୈଠକରେ ଏହା ଉପରେ ସମାଧାନ ପାଇଁ ନିଶ୍ଚିତ ଭାବରେ ପଦକ୍ଷେପ ନିଆଯିବ ବୋଲି କହିଛନ୍ତି।

## ୨୯ ଦୁର୍ଘଟଣାପ୍ରବଣ ସ୍ଥାନ ଚିହ୍ନଟ

ଝାରସୁଗୁଡ଼,୧୨।୩(ଆଶିଷ ରଞ୍ଜନ ଦାଶ)

**ସତର୍କତା, ସଚେତନତା ଅଭାବରୁ ବଢୁଛି ଦୁର୍ଘଟଣା**

ଝାରସୁଗୁଡ଼ା ଜିଲାର ବିଭିନ୍ନ ରାସ୍ତାରେ ୨୯ଟି ଦୁର୍ଘଟଣାପ୍ରବଣ ସ୍ଥାନ ଚିହ୍ନଟ ହୋଇଛି। ସତର୍କତା ଓ ସଚେତନତା ଅଭାବରୁ ବାରମ୍ବାର ଦୁର୍ଘଟଣା ଘଟିବା ସହିତ ଅମୂଲ୍ୟ ଜୀବନ ଚାଲି ଯାଉଛ। ଆଉ କେତେକ କ୍ଷେତ୍ରରେ ଲୋକେ ଦୁର୍ଘଟଣାରେ ଅକର୍ମଣ୍ୟ ହୋଇଯାଉଛନ୍ତି। ସୂଚନା ଅଧିକାର ଆଇନବଳରେ ମଗାଯାଇଥିବା ତଥ୍ୟ ଅନୁଯାୟୀ ଜିଲାରେ ୨୯ଟି ଦୁର୍ଘଟଣା ପ୍ରବଣ ସ୍ଥାନ ରହିଛି। ସେଗୁଡିକ ମଧ୍ୟରେ ଓରିଏଣ୍ଟ ଥାନାର ନମ୍ବର ୯ ଢାବା, ଝାରସୁଗୁଡ଼ା ଥାନାର ପୁରୁଣା ବସଷ୍ଟାଣ୍ଡ ଛକ, ଓଭରବ୍ରିଜ ବେହେରାମାଲ, ବେଲପାହାଡ଼ ଥାନାର ଶନି ମନ୍ଦିର ଛକ, ରେଙ୍ଗାଲି ଥାନାର କୁରେଇମାଲ, କଦମଡିହି, କୁମୁରାଗୁଡ଼ା ଛକ, ସାଗରପାଲି ଛକ, ଚିକଲାପାଲି ଛକ, ସମରବଗା, ବଡ଼ମାଳ ଥାନାର ଖେରୁଆଲ ବ୍ରିଜ, ବିଜୁ ପଟନାୟକ ଛକ, ସଦର ଥାନାର ପ୍ରସନ୍ନ ପଣ୍ଡା ଛକ, ସଞ୍ଜୀବନି ହସ୍ପିଟାଲ ଛକ, ଏଚ.କଟାପାଲି ପାୱାର ଷ୍ଟେଶନ ରହିଛି। ସେହିପରି ଲଇକେରା ଥାନାର କେନ୍ଦୁଡିହି, ସାହାସପୁର ଫୁଲଗୋବି, ବନ୍ଧପାଲି ଛକ, ବନହରପାଲି ଥାନାର ଇବ ବ୍ରିଜ, ଲଖନପୁର ଥାନାର ଭୋଉଆନରଖୋଲ, କୋଲାବିରାର ପତ୍ରାପାଲିର ପି.ସାଲେ, କୁମୁଦପାଲି ବ୍ରିଜ, ଏୟାରପୋର୍ଟ ଥାନାର ଟାଙ୍ଗରପାଲି, ତାଲପଟିଆ, ପଞ୍ଚପଡ଼ା, ଲଖନପୁର ଥାନାର ଜୁନିଆନ ଛକ, ବ୍ରଜରାଜନଗରର ବାଲାଜୀ ପେଟ୍ରୋଲ ପମ୍ପ, ବର୍ମା ପେଟ୍ରୋଲ ପମ୍ପ ଆଦି ଦୁର୍ଘଟଣାପ୍ରବଣ ସ୍ଥାନ ମଧ୍ୟରେ ରହିଛି। ଏହା ସହିତ ଜିଲାର ବିଭିନ୍ନ ଥାନା ମାନଙ୍କରେ ୨୦୨୨ରୁ ୨୦୨୫ ମେ ମଧ୍ୟରେ ହୋଇଥିବା ଦୁର୍ଘଟଣା ମଧ୍ୟରେ ଝାରସୁଗୁଡ଼ା ଟାଉନରେ ସର୍ବାଧିକ ୧୩୮, ସଦରରେ ୧୩୩, ବଡ଼ମାଳରେ ୯୧, ବ୍ରଜରାଜନଗରରେ ୮୭, ରେଙ୍ଗାଲିରେ ୮୭, କୋଲାବିରାରେ ୭୪, ଲଇକେରା ୬୭, ଏୟାରପୋର୍ଟ ୫୪ ଏବଂ ଲଖନପୁରରେ ୫୦ଟି ଦୁର୍ଘଟଣା ହୋଇଛି। ରାତିରେ ଆଲୋକୀକରଣର ଅବ୍ୟବସ୍ଥା, ବେପରୁଆ ଗାଡି ଚାଳନା, ମଦ୍ୟପାନ କରି ଗାଡି ଚାଳନା, ଦୁର୍ଘଟଣା ପ୍ରବଣ ସ୍ଥାନରେ ସାଙ୍କେତିକ ଚିହ୍ନ ପ୍ରସ୍ତୁତ କରା ନ ଯିବା, ଟ୍ରାଫିକ ନିୟମ ପାଳନ ନ କରିବା ହିଁ ଦୁର୍ଘଟଣା ର ମୁଖ୍ୟ କାରଣ। ଏ ନେଇ ଜିଲା ପରିବହନ ଅଧିକାରୀ ପ୍ରମୟ କୁମାର ମିଶ୍ରଙ୍କୁ ପଚାରିବାରୁ ସେ କହିଛନ୍ତି, ଗତ ଏକ ସପ୍ତାହ ହେବ ଜିଲାର ବିଭିନ୍ନ ରାସ୍ତାରେ ଦୁର୍ଘଟଣା ରୋକିବା ପାଇଁ ସମସ୍ତ ପ୍ରକାର ପଦକ୍ଷେପ ଜିଲା ପ୍ରଶାସନ ଏବଂ ପରିବହନ ବିଭାଗ ପକ୍ଷରୁ ନିଆଯାଇଛି। ଟ୍ରାଫିକ ବ୍ୟବସ୍ଥା କଡାକଡି ସହ ମୋବାଇଲ ପାଟ୍ରୋଲିଙ୍ଗକୁ ଜୋରଦାର କରାଯିବ ବୋଲି କହିଛନ୍ତି।

## ରନ୍ଧନ ଗ୍ୟାସ୍ ଯୋଗାଣ, ବଣ୍ଟନ ତଦାରଖ ପାଇଁ ସମନ୍ୱୟ ବୈଠକ


ସମନ୍ୱୟ ବୈଠକରେ ଜିଲାପାଳଙ୍କ ସହ ଅନ୍ୟ ଅଧିକାରୀ।

ଦେବଗଡ଼,୧୨।୩(ଶଶାଙ୍କ ଶେଖର ଝାଙ୍କର)

ଦେବଗଡ଼ ଜିଲାପାଳଙ୍କ ବିକାଶ ଭବନ ସମ୍ମିଳନୀ କକ୍ଷଠାରେ ଜିଲାପାଳ କବିନ୍ଦ୍ର କୁମାର ସାହୁଙ୍କ ଅଧ୍ୟକ୍ଷତାରେ ଏଲପିଜି ରନ୍ଧନ ଗ୍ୟାସ ଯୋଗାଣ ଆବଶ୍ୟକତା ଉପରେ ଏକ ସମନ୍ୱୟ ବୈଠକ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ସାହୁ ଦେବଗଡ଼ ଜିଲାରେ ବର୍ତ୍ତମାନ ସୁଦ୍ଧା ଲୋକମାନେ ଗ୍ୟାସ ସିଲିଣ୍ଡର୍ ରନ୍ଧନ ଉପରେ ଭୟଭୀତ ନ ହେବାପାଇଁ ପରାମର୍ଶ ଦେଇଥିଲେ। ସମସ୍ତ ଗ୍ୟାସ ରନ୍ଧନ ବିତରକ ସହିତ ସୁଚାରୁ ରୂପେ ଲୋକମାନଙ୍କୁ ଯୋଗାଇଦେବା ନିମନ୍ତେ ଆଲୋଚନା କରିଥିଲେ। ସରକାରଙ୍କ ନିୟମାବଳି ଅନୁସାରେ ଗ୍ୟାସ ବୁକିଙ୍ଗ କରି ଘରୋଇ ଉପଭୋକ୍ତା ଗ୍ୟାସ ନେଇପାରିବେ। ଯୋଗାଣରେ କୌଣସି ଅସୁବିଧା ନ ହେବାପାଇଁ ଗ୍ୟାସ ଏଜେନ୍ସିମାନଙ୍କୁ ପରାମର୍ଶ ଦେଇଥିଲେ। ଡାକ୍ତରଖାନା, ଶିକ୍ଷା ପ୍ରତିଷ୍ଠାନ, ଆହାର କେନ୍ଦ୍ର, ଜେଲ ଖାନାମାନଙ୍କରେ ଗ୍ୟାସ ଯୋଗାଣ ଓ ଗ୍ୟାସ ବିତରଣ ବେଳେ ଗଣ୍ଡଗୋଳ ସମ୍ମୁଖୀନ ନ ହେବାପାଇଁ ଘରେ ଗ୍ୟାସ ପହଞ୍ଚାଇଦେବା ନିମନ୍ତେ ଦୃଷ୍ଟି ଆକର୍ଷଣ କରିଥିଲେ। ବୈଠକରେ ଆରକ୍ଷୀ ଅଧୀକ୍ଷକ ଅନିଲ କୁମାର ମିଶ୍ର, ଉପଜିଲାପାଳ ପରିକ୍ଷିତ ସାହୁ, ଜିଲା ଯୋଗାଣ ଅଧିକାରୀ କିଶୋର ଚନ୍ଦ୍ର ମହାରଣା, ଡେପୁଟି କଲେକ୍ଟର ଜୁଡ଼ିସିଆଲ କଳିଙ୍ଗ ଆଶିଷ ଶତପଥି, ଜିଲା ସାମାଜିକ ସୁରକ୍ଷା ଅଧିକାରୀ ଶ୍ରୀନିବାସ ଜାନୀ, ଜିଲା ମଙ୍ଗଳ ଅଧିକାରୀ ଶିଶିର କୁମାର ପୁହାଣ, ତହସିଲଦାର କର୍ଣ୍ଣ ମଲିକ, କାର୍ଯ୍ୟନିର୍ବାହୀ ଅଧିକାରୀ ପୌରପରିଷଦ ରତିକାନ୍ତ ଶୁକ୍ଲା, ସମସ୍ତ ଗ୍ୟାସ ଏଜେନ୍ସୀ, ପେଟ୍ରୋଲ ପମ୍ପ ମାଲିକ ଓ ବିଭିନ୍ନ ବିଭାଗର ବିତର୍କମାନେ ଉପସ୍ଥିତ ଥିଲେ।

### ସୋସିଆଲ ମିଡିଆରେ ଅପମାନ ଜନକ ପୋଷ୍ଟ, ମହିଳା ଗିରଫ

ଝାରସୁଗୁଡ଼ା,୧୨।୩(ଆଶିଷ ରଞ୍ଜନ ଦାଶ)

ନକଲି ଇନଷ୍ଟାଗ୍ରାମ ଖୋଲି ଅପମାନ ଜନକ ପୋଷ୍ଟ କରିବା ଅଭିଯୋଗରେ ଗୁରୁବାର ଜଣେ ମହିଳାଙ୍କୁ ଝାରସୁଗୁଡ଼ା ସାଇବର ଏବଂ ଅର୍ଥନୈତିକ ଅପରାଧ ଥାନା ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଛି। ସେ ହେଲେ ଭଦ୍ରକ ଜିଲା ଆରଡ଼ି ଛକ ସ୍ଥିତ କେନାଲ ରୋଡ ନିବାସୀ ଉମାଶଙ୍କର ମଲ୍ଲିକଙ୍କ ସ୍ତ୍ରୀ ମହାମାୟା ବିଶ୍ୱାଳ (୩୮)। ଏ ନେଇ ନଂ.୨/୨୬ରେ ଏକ ମାମଲା ରୁଜୁ କରାଯାଇଛି। ବେଲପାହାଡ଼ ଗୁମାଡେରା ଅଞ୍ଚଳର ଦେବେନ୍ଦ୍ର କୁମାର ନାୟକଙ୍କ ଅଭିଯୋଗ ଅନୁଯାୟୀ, ତାଙ୍କ ନାମ ଏବଂ ପ୍ରୋଫାଇଲ ଫଟୋ ବ୍ୟବହାର କରି ତାଙ୍କ ବିନା ଅନୁମତିରେ ମହିଳା ଜଣକ ଏକ ନକଲି ଇନଷ୍ଟାଗ୍ରାମ ଆକାଉଣ୍ଟ ଖୋଲିଥିଲେ। ପରେ ଅଭିଯୁକ୍ତା ମହିଳା ସେହି ନକଲି ଆକାଉଣ୍ଟ ମାଧ୍ୟମରେ ଦେବେନ୍ଦ୍ରଙ୍କ ପରିଚୟ ଦେଇ ଲୋକଙ୍କୁ ବିଭ୍ରାନ୍ତି କରି ଅପମାନଜନକ ପୋଷ୍ଟ କରୁଥିଲେ। ଫଳରେ ବନ୍ଧୁବାନ୍ଧବ ଓ ସମ୍ପର୍କୀୟଙ୍କ ମଧ୍ୟରେ ଦେବେନ୍ଦ୍ରଙ୍କ ସମ୍ମାନ ହାନି ହେଉଥିଲା। ଅଭିଯୋଗ ପରେ ଝାରସୁଗୁଡ଼ା ସାଇବର ଥାନା ପୋଲିସ ଡିଜିଟାଲ ପ୍ରମାଣ ଆଧାରରେ ଅଭିଯୁକ୍ତା ବିଶ୍ୱାଳଙ୍କୁ ଧରିଥିଲା।

## ସବୁ ସ୍କୁଲରେ ପାନୀୟ ଜଳ ସୁବିଧା କରିବାକୁ ନିର୍ଦ୍ଦେଶ



ସମୀକ୍ଷା ବୈଠକରେ ଉପସ୍ଥିତ ଜିଲାପାଳ ଓ ଅନ୍ୟ ଅଧିକାରୀମାନେ।

ଝାରସୁଗୁଡ଼ା,୧୨।୩(ଆଶିଷ ରଞ୍ଜନ ଦାଶ)

**ଜିଲାସ୍ତରୀୟ ଶିକ୍ଷା ସମୀକ୍ଷା ବୈଠକ**

ଝାରସୁଗୁଡା ଜିଲାସ୍ତରୀୟ ଶିକ୍ଷା ସମୀକ୍ଷା ବୈଠକ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ କୁଣାଲ ମୋତିରାମ ଚହ୍ୱାଣଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଜିଲା ଶିକ୍ଷା ଅଧିକାରୀ ରାଧାକାନ୍ତ ଗଡତିଆ ଶିକ୍ଷା କ୍ଷେତ୍ରରେ ହୋଇଥିବା ମାସିକ ପ୍ରଗତି ରିପୋର୍ଟ ଉପସ୍ଥାପନ କରିଥିଲେ। ଜିଲାପାଳ ଚହ୍ୱାଣ ସମସ୍ତ ସରକାରୀ ବିଦ୍ୟାଳୟରେ ଛାତ୍ରୀଛାତ୍ରଙ୍କ ପାଇଁ ସୁରକ୍ଷିତ ତଥା ବିଶୁଦ୍ଧ ପାନୀୟ ଜଳର ଉପଲବ୍ଧତା ନିଶ୍ଚିତ କରିବାକୁ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ବିଦ୍ୟାଳୟ ପରିସରରେ ଥିବା ପୁରୁଣା ଏବଂ ଅସୁରକ୍ଷିତ କୋଠାଗୁଡ଼ିକୁ ଚିହ୍ନଟ କରି ସେଗୁଡ଼ିକୁ ତୁରନ୍ତ ଭାଙ୍ଗିବା ପାଇଁ ସେ ପରାମର୍ଶ ଦେଇଥିଲେ। ଏଥିସହ ଜିଲା ପ୍ରଶାସନ ପକ୍ଷରୁ ଆରମ୍ଭ କରାଯାଇଥିବା ସ୍ୱତନ୍ତ୍ର ପଦକ୍ଷେପ ହାପି ଆୱାର୍ସ କାର୍ଯ୍ୟକ୍ରମକୁ ସମସ୍ତ ସ୍କୁଲରେ ସଫଳତାର ସହ କାର୍ଯ୍ୟକାରୀ କରିବା ଉପରେ ସେ ଗୁରୁତ୍ୱାରୋପ କରିଥିଲେ। ପିଏମଶ୍ରୀ ଯୋଜନାରେ ଅନ୍ତର୍ଭୁକ୍ତ ହୋଇଥିବା ବିଦ୍ୟାଳୟଗୁଡ଼ିକର ଭିତ୍ତିଭୂମି ଓ ଶିକ୍ଷାଦାନ ଶୈଳୀର ନିୟମିତ ତଦାରଖ କରିବାକୁ ସମସ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା ବୈଠକରେ ଜିଲା ସମାଜ ମଙ୍ଗଳ ଅଧିକାରୀ, ଡିଆଇଇଟି ଅଧ୍ୟକ୍ଷ, ଜିଲାର ସମସ୍ତ ବିଇଓ ଏବଂ ବିଭିନ୍ନ ଶିକ୍ଷା ପ୍ରକଳ୍ପର ମୁଖ୍ୟମାନେ ଉପସ୍ଥିତ ଥିଲେ।

## ଜିଲାସ୍ତରୀୟ ବ୍ୟାଙ୍କିଙ୍ଗ୍ ସମୀକ୍ଷା ବୈଠକ

ଝାରସୁଗୁଡ଼ା,୧୨।୩(ଆଶିଷ ରଞ୍ଜନ ଦାଶ)

ଝାରସୁଗୁଡ଼ା ଜିଲାସ୍ତରୀୟ ବ୍ୟାଙ୍କିଙ୍ଗ ସମୀକ୍ଷା ବୈଠକ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଲିଡ ବ୍ୟାଙ୍କ ପକ୍ଷରୁ ଆୟୋଜିତ ଏହି ସମ୍ମିଳନୀରେ ଜିଲାପାଳ କୁଣାଲ ମୋତିରାମ ଚହ୍ୱାଣ ଅଧ୍ୟକ୍ଷତା କରିଥିଲେ। ଜିଲାରେ କାର୍ଯ୍ୟ କରୁଥିବା ବିଭିନ୍ନ ବ୍ୟାଙ୍କଗୁଡ଼ିକର ଋଣ ପ୍ରଦାନ ସ୍ଥିତି ଏବଂ ସରକାରୀ ଯୋଜନାର ସଫଳ ରୂପାୟନ ଉପରେ ବୈଠକରେ ସମୀକ୍ଷା କରାଯାଇଥିଲା। ଜିଲାପାଳ ଚହ୍ୱାଣ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିଭିନ୍ନ ଜନକଲ୍ୟାଣକାରୀ ଯୋଜନା ଯଥା କୃଷି ଋଣ, ବାଣିଜ୍ୟିକ ଋଣ, କ୍ଷୁଦ୍ର ବ୍ୟବସାୟୀ ଋଣ ଏବଂ ସ୍ୱୟଂ ସହାୟକ ଗୋଷ୍ଠୀମାନଙ୍କୁ ଆର୍ଥିକ ସହାୟତା ପ୍ରଦାନ ଉପରେ ଗୁରୁତ୍ୱାରୋପ କରିଥିଲେ। କିଶାନ କ୍ରେଡିଟ କାର୍ଡ ଏବଂ ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନା ଅଧୀନରେ ହିତାଧିକାରୀଙ୍କୁ ତୁରନ୍ତ ଋଣ ଯୋଗାଇ ଦେବାକୁ ସେ ବ୍ୟାଙ୍କ ଅଧିକାରୀମାନଙ୍କୁ ପରାମର୍ଶ ଦେଇଥିଲେ। ଲାଇନ ଡିପାର୍ଟମେଣ୍ଟଗୁଡ଼ିକ ପକ୍ଷରୁ ପ୍ରଦତ୍ତ ଲକ୍ଷ୍ୟଧାର୍ଯ୍ୟକୁ ସମୟ ସୀମା ମଧ୍ୟରେ ପୂରଣ କରିବା ପାଇଁ ସେ ସମସ୍ତ ବ୍ୟାଙ୍କକୁ ନିର୍ଦ୍ଦେଶ ଦେଇଛନ୍ତି। ଏଲଡିଏମ ସିରପାଣି ନାଏକଙ୍କ ପରିଚାଳନାରେ ଅନୁଷ୍ଠିତ ଏହି ବୈଠକରେ ଜିଲା ପରିଷଦର ମୁଖ୍ୟ ନିର୍ବାହୀ ଅଧିକାରୀ ବିଶ୍ୱରଞ୍ଜନ ନାୟକ, ଆର୍‌ବିଆଇ ଏଲଡିଓ ଅନେଟ ଶ୍ରଦ୍ଧା ଟପ୍ପୋ, ନାବାର୍ଡ ଡିଡିଏମ ତାପସ ବେହେରା, ଏସବିଆଇ ଆରସେଟି ନିର୍ଦ୍ଦେଶିକା ନିବେଦିତା ବାରୱା ଉପସ୍ଥିତ ଥିଲେ। ଏଥିସହ ବିଭିନ୍ନ ବ୍ୟାଙ୍କର ଶାଖା ପରିଚାଳକ ଏବଂ ବିଭିନ୍ନ ବିଭାଗର ବରିଷ୍ଠ ଅଧିକାରୀମାନେ ଯୋଗଦେଇ ସେମାନଙ୍କ ବ୍ୟାଙ୍କିଙ୍ଗ କାର୍ଯ୍ୟକଳାପ ଓ ଆଗାମୀ ଯୋଜନା ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ।

## ସ୍ୱଳ୍ପ ସଞ୍ଚୟ, ସାଇବର ସୁରକ୍ଷା ଉପରେ ସଚେତନତା

ଝାରସୁଗୁଡ଼ା,୧୨।୩(ଆଶିଷ ରଞ୍ଜନ ଦାଶ)

ଝାରସୁଗୁଡ଼ା ଜିଲା ସଞ୍ଚୟ ଓ ଆର୍ଥିକ ସେବା ବିଭାଗ ଆନୁକୂଲ୍ୟରେ ଗୁରୁବାର ପୂର୍ବାହ୍ନରେ ସ୍ଥାନୀୟ ସଂସ୍କୃତି ଭବନ ପରିସରରେ ଏସ୍‌ଏଚ୍‌ଜି ମହିଳାମାନଙ୍କ ପାଇଁ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ଝାରସୁଗୁଡ଼ା ବ୍ଲକର ବିଭିନ୍ନ ସ୍ୱୟଂ ସହାୟକ ଗୋଷ୍ଠୀର ଶତାଧିକ ସଦସ୍ୟା ଅଂଶଗ୍ରହଣ କରି ଆର୍ଥିକ ପରିଚାଳନା ସମ୍ପର୍କରେ ଜାଣିଥିଲେ। କାର୍ଯ୍ୟକ୍ରମ ପ୍ରାରମ୍ଭରେ ଜିଲା ଆର୍ଥିକ ସେବା ଓ ସଞ୍ଚୟ ଅଧିକାରୀ ସୁମନା ପଣ୍ଡା ଅତିଥିମାନଙ୍କୁ ସ୍ୱାଗତ କରିଥିଲେ। ଓ.ଏଲ୍.ଏମ୍.ର ଜିଲା ପ୍ରକଳ୍ପ ପ୍ରବନ୍ଧକ ପୁଷ୍ପଶ୍ରୀ ନାୟକ ମୁଖ୍ୟ ବକ୍ତାଭାବେ ଯୋଗଦେଇଥିଲେ। ସାମ୍ପ୍ରତିକ ସମୟରେ ବୃଦ୍ଧି ପାଉଥିବା ସାଇବର ଠକେଇ ସମ୍ପର୍କରେ ଇଣ୍ଡିଆ ପୋଷ୍ଟ ପେମେଣ୍ଟ ବ୍ୟାଙ୍କର ବରିଷ୍ଠ ଶାଖା ପରିଚାଳକ ହରିଶ୍ ସଜ୍ଜନାପୁ ଉପସ୍ଥିତ ମହିଳାମାନଙ୍କୁ ସତର୍କ କରାଇଥିଲେ।

## ବୁଦା ଜଙ୍ଗଲରେ ନିଆଁ, ଆୟତ୍ତ କଲା ଅଗ୍ନିଶମ ବିଭାଗ


ବୁଦା ଜଙ୍ଗଲରେ ଲାଗିଥିବା ନିଆଁ।

ଝାରସୁଗୁଡା,୧୨।୩(ଆଶିଷ ରଞ୍ଜନ ଦାଶ)

ଝାରସୁଗୁଡ଼ା ସଦର ବ୍ଲକ ମରାକୁଟାଠାରେ ଥିବା ଆକ୍ୱନ ଇସ୍ପାତ କମ୍ପାନୀ ସମ୍ମୁଖରେ ଥିବା ବୁଦା ଜଙ୍ଗଲରେ ଗୁରୁବାର ପୂର୍ବାହ୍ନରେ କୌଣସି କାରଣରୁ ନିଆଁ ଲାଗିଯାଇଥିଲା। କମ୍ପାନୀ ଓ ପାଖରେ ଥିବା ପଣ୍ଡ୍ରିପଥର ଗ୍ରାମକୁ ନିଆଁ ବ୍ୟାପିବାର ସମ୍ଭାବନା ଦେଖାଦେଇଥିଲା। ଖବର ପାଇ ଅଗ୍ନିଶମ ବିଭାଗ ଓ ଆକ୍ୱନ ଇସ୍ପାତ କମ୍ପାନୀର ଗୋଟିଏ ଲେଖାଏ ନିଆଁଲିଭା ଗାଡି ସହାୟତାରେ ନିଆଁକୁ ଆୟତ୍ତ କରାଯାଇଥିଲା। ଜିଲା ଅଗ୍ନିଶମ ଅଧିକାରୀ ଅରୁଣ ଟପ୍ପୋ କହିଛନ୍ତି, ଶୁଖିଯାଇଥିବା ବୁଦା ଜଙ୍ଗଲରେ ଲାଗିଥିବା ନିଆଁକୁ ଆୟତ୍ତ କରାଯାଇଛି। କୌଣସି ଧନ ଜୀବନ ହାନୀ ଘଟିନାହିଁ।

# ଜମି ଲିଜ୍ ପ୍ରକ୍ରିୟା ବାତିଲ ନ ହେଲେ ଆନ୍ଦୋଳନ

କୋଲାବିରା,୧୨।୩(ସଞ୍ଜୟ ପୂଜାରୀ)

ଝାରସୁଗୁଡ଼ା ଜିଲା କୋଲାବିରା ତହସିଲ ଅଧୀନ ସୋଡ଼ାମାଳ ରାଜସ୍ୱ ଗ୍ରାମରେ ଲିଜ୍ ଦେବା ପାଇଁ ରକ୍ଷିତ ଗୋଚର କିସମ ଜମିକୁ ଆବାଦଯୋଗ୍ୟ ଅନାବାଦୀ କିସମରେ ପରିବର୍ତ୍ତନ ପାଇଁ ତହସିଲଦାରଙ୍କ ପକ୍ଷରୁ ଜାରି କରାଯାଇଥିବା ନୋଟିସକୁ ଗ୍ରାମବାସୀ ବିରୋଧ କରିଛନ୍ତି। ଏହି ଲିଜ୍ ପ୍ରକ୍ରିୟାକୁ ସମ୍ପୂର୍ଣ୍ଣ ବାତିଲ କରିବାକୁ ସେମାନେ ଦାବି କରିଛନ୍ତି।

ସୋଡ଼ାମାଳ ମୌଜା ଖାତା ନମ୍ବର ୪୮୮(ରକ୍ଷିତ)ର ପ୍ଲଟ ନଂ.୧୦୯୧ରୁ ୪୫ ଏକର ୦୭ ଡିସିମିଲ ଓ ପ୍ଲଟ ନଂ. ୧୦୯୪ରୁ ୩୩ ଏକର ୫୫ ଡିସିମିଲ ଜମି ସହ ମୋଟ ୭୮ ଏକର ୬୨ ଡିସିମିଲ ଜମିରେ କାଜୁ ବଗିଚା କରିବା ପାଇଁ ଓଏସ୍‌ଡିସି ଭୁବନେଶ୍ୱର ପକ୍ଷରୁ କୋଲାବିରା ତହସିଲଦାରଙ୍କ ନିକଟରେ ଆବେଦନ କରାଯାଇଛି। ଏଣୁ ଉପରୋକ୍ତ ଜମିକୁ ଲିଜ୍ ଦେବା ପାଇଁ ତହସିଲଦାରଙ୍କ ପକ୍ଷରୁ ଜମିର କିସମ ପରିବର୍ତ୍ତନ ପ୍ରକ୍ରିୟା ଆରମ୍ଭ କରାଯାଇଛି। ସୋଡ଼ାମାଳ ମୌଜାର ଖାତା ନଂ.୪୮୮ ରକ୍ଷିତ ଗୋଚର କିସମ ଜମିକୁ ଆବାଦଯୋଗ୍ୟ ଅନାବାଦୀ କିସମରେ ପରିବର୍ତ୍ତନ ପାଇଁ ୧୭.୧୨.୨୦୨୫ ତାରିଖରେ ତହସିଲଦାରଙ୍କ ପକ୍ଷରୁ ନୋଟିସ ଜାରି କରାଯାଇ ଆପତ୍ତି ଅଭିଯୋଗ ଦାଖଲ ପାଇଁ ସୂଚନା ଦିଆଯାଇଥିଲା। ଜମିର କିସମ ପରିବର୍ତ୍ତନକୁ ବିରୋଧ କରି ସୋଡ଼ାମାଳ ପଞ୍ଚାୟତ ସମନ୍ୱିତ ଆଦିବାସୀ ସମାଜ, ସୋଡ଼ାମାଳ ଗ୍ରାମବାସୀ, ପୂର୍ବତନ ସରପଞ୍ଚ ବଳରାମ ପାଣ୍ଡେ, ବର୍ତ୍ତମାନର ସରପଞ୍ଚ ଚନ୍ଦନ ପଟ୍ଟନାୟକଙ୍କ ପକ୍ଷରୁ ଅଭିଯୋଗ ଦାଖଲ କରାଯାଇ ଜମିର କିସମ ପରିବର୍ତ୍ତନକୁ ବିରୋଧ କରାଯାଇଥିଲା ଓ ଲିଜ୍ ଆବେଦନ ପ୍ରକ୍ରିୟାକୁ ସମ୍ପୂର୍ଣ୍ଣ ବାତିଲ କରିବା ପାଇଁ ଲିଖିତ ଅଭିଯୋଗ ପତ୍ର ଦାଖଲ କରାଯାଇଥିଲା।

ସୋଡ଼ାମାଳ ପଞ୍ଚାୟତର ୯୦ ଭାଗ ଲୋକ ଆଦିବାସୀ ହରିଜନ ସମ୍ପ୍ରଦାୟର। ଉକ୍ତ ଜଙ୍ଗଲରୁ ଝାଡୁ, ପତ୍ର, ଜାଳେଣି କାଠ ଇତ୍ୟାଦି ସଂଗ୍ରହ କରି ପରିବାର ପୋଷଣ କରନ୍ତି। ଏହାସହ ଏହା ବଣୁଆ ହାତୀଙ୍କ ଚଲାପଥ ଅଟେ। ଏହାସହ ଜମିର କିସମ ପରିବର୍ତ୍ତନ ପାଇଁ ପଲ୍ଲିସଭା ଓ ଗ୍ରାମସଭାର ମଧ୍ୟ ଆୟୋଜନ କରାଯାଇ ନ ଥିବା ଅଭିଯୋଗ ପତ୍ରରେ ଉଲ୍ଲେଖ ରହିଥିଲା। ଏନେଇ ୧୨ ତାରିଖ ଗୁରୁବାର କୋଲାବିରା ତହସିଲଦାର ମନୋଜ କୁଜୁରଙ୍କ ପକ୍ଷରୁ ଆପତ୍ତି ଅଭିଯୋଗର ଶୁଣାଣି କରାଯାଇଥିଲା। ଏଥିରେ ପୂର୍ବତନ ସରପଞ୍ଚ ବଳରାମ ପାଣ୍ଡେ, ସମନ୍ୱିତ ଆଦିବାସୀ ସମାଜର ସଭାନେତ୍ରୀ ପଦ୍ମିନୀ ମୁଣ୍ଡା, ସମ୍ପାଦକ ତପନ କାଲୋ, ପରାମର୍ଶଦାତା ପ୍ରେମସାଗର ଧୁରୁଆ, ଡିଲେଶ୍ୱର କିସାନ, ଜୟମଙ୍ଗଲ ଲୁହା, ଘାସିରାମ ଲୁହା, କୁନ୍ତି କିସାନ ପ୍ରମୁଖଙ୍କ ସହ ଶତାଧିକ ଗ୍ରାମବାସୀ ଶୁଣାଣିରେ ଯୋଗଦେଇଥିଲେ। ଗ୍ରାମବାସୀଙ୍କୁ ସମର୍ଥନ ଜଣାଇ ଏମ୍‌ପି ପ୍ରତିନିଧି ସମରେନ୍ଦ୍ର ରାଏ ଶୁଣାଣିରେ ସାମିଲ ହୋଇଥିଲେ। ତେବେ ଲିଜ୍ ପ୍ରକ୍ରିୟାକୁ ବନ୍ଦ କରିବା ସମ୍ଭବ ନୁହେଁ ବୋଲି ତହସିଲଦାର ଗ୍ରାମବାସୀଙ୍କୁ ସୂଚନା ଦେବା ସହ ସେ ସମସ୍ତ କାଗଜପତ୍ର ଓ ରିପୋର୍ଟ ସେ ଜିଲାପାଳଙ୍କୁ ପ୍ରଦାନ କରିବେ ବୋଲି କହିଥିଲେ। ଗ୍ରାମବାସୀ ପରବର୍ତ୍ତୀ ସମୟରେ ଜିଲାପାଳଙ୍କ ଦ୍ୱାରସ୍ଥ ହୋଇପାରିବେ ବୋଲି ତହସିଲଦାର ସୂଚନା ଦେଇଥିଲେ। ଏ ନେଇ ଗ୍ରାମବାସୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି । ଯଦି ଲିଜ୍ ପ୍ରକ୍ରିୟାକୁ ବାତିଲ କରାନଯାଏ, ତାହାହେଲେ ଆଗାମୀ ଦିନରେ ବ୍ୟାପକ ଆନ୍ଦୋଳନ ହେବ ବୋଲି ସମନ୍ୱିତ ଆଦିବାସୀ ସମାଜର ପରାମର୍ଶଦାତା ପ୍ରେମସାଗର ଧୁରୁଆ ଓ ପୂର୍ବତନ ସରପଞ୍ଚ ବଳରାମ ପାଣ୍ଡେ ସୂଚନା ଦେଇଛନ୍ତି।

# ରନ୍ଧନ ଗ୍ୟାସ୍ ଟାଙ୍କି ଫାଟି ଜଳିଗଲା ୧୦ ଦୋକାନ ଘର

## ବନ୍ତଲା ବଜାରରେ ଭୟାବହ ଅଗ୍ନିକାଣ୍ଡ

■ ୩ ଘଣ୍ଟା ପରେ ଆୟତ୍ତକଲା ଅଗ୍ନିଶମ ବାହିନୀ

ବନ୍ତଲା,୧୨।୩ (ସୁଶିତ ସାହୁ)

ଅନୁଗୋଳ ଜିଲା ବନ୍ତଲା ବଜାରସ୍ଥିତ ଶଙ୍ଖପୁର ମଦନମୋହନ ଛକରେ ଥିବା ଏକ ଜଳଖିଆ ଦୋକାନରେ ଗୁରୁବାର ଅପରାହ୍ନରେ ଜଳଖିଆ ପ୍ରସ୍ତୁତି ବେଳେ ନିଆଁ ଲାଗି ରନ୍ଧନ ଗ୍ୟାସ୍ ଟାଙ୍କି ଫାଟିବାରୁ ପ୍ରାୟ ୧୦ଟି ଦୋକାନ ଘର ଜଳିଯାଇଛି। ଅଗ୍ନିକାଣ୍ଡ ଏତେ ଭୟାବହ ଥିଲା ଯେ ଆୟତ୍ତ କରିବାକୁ ୫ ଦମକଳ ବାହିନୀକୁ ପ୍ରାୟ ୩ ଘଣ୍ଟା ପରିଶ୍ରମ କରିବାକୁ ପଡ଼ିଥିଲା।

ସୂଚନା ଅନୁସାରେ, ଅପରାହ୍ନ ପ୍ରାୟ ୩ଟାବେଳେ ମଦନମୋହନ ଛକରେ ଥିବା ଏକ ଜଳଖିଆ ଦୋକାନରେ ଜଳଖିଆ ପ୍ରସ୍ତୁତ ହେଉଥିଲା। ଚୁଲାରେ ବସିଥିବା କଡ଼େଇରେ ତେଲ ଗରମ ହେଲା କି ନାହିଁ ତାହା ଜାଣିବା ପାଇଁ ଜଳଖିଆ ମିସ୍ତ୍ରି କଡ଼େଇରେ ପାଣି ମାରିଥିଲେ। ଫଳରେ କଡ଼େଇରୁ ନିଆଁ ଉଠି ରନ୍ଧନ ଗ୍ୟାସ୍ ଟାଙ୍କିରେ ନିଆଁ ଲାଗିବା ସହ ବିସ୍ଫୋରଣ ହୋଇଥିଲା। ପରେ ଏହି ନିଆଁ ପାଖରେ ଥିବା ଅନ୍ୟ ଦୋକାନଗୁଡ଼ିକୁ ବ୍ୟାପୀ ଯିବାସହ ଭୟାବହ ରୂପ ନେଇଥିଲା। ଜଳଖିଆ ଦୋକାନ ଭିତରେ ଥିବା ଆଉ ୪ଟି ରନ୍ଧନ ଗ୍ୟାସ୍ ଟାଙ୍କିରେ ମଧ ନିଆଁ ଲାଗିଯାଇଥିଲା। ପାଖରେ ଥିବା ଏକ ପୂଜା ସାମଗ୍ରୀ ଦୋକାନରେ ନିଆଁ ଲାଗିବାରୁ ସେଥିରେ ଥିବା ତେଲ, ଘିଅ ଓ ଅନ୍ୟାନ୍ୟ ସାମଗ୍ରୀ ହୁ ହୁ ହୋଇ ଜଳିବା ଆରମ୍ଭ କରିଥିଲା। ଖବରପାଇ ବନ୍ତଲା ଅଗ୍ନିଶମ କର୍ମଚାରୀମାନେ ପହଞ୍ଚିଥିଲେ ହେଁ ପାଖରେ ପାଣି ସୁବିଧା ନ ଥିବାରୁ ମତ୍ସ୍ୟ ବିଭାଗ ପୋଖରୀରୁ ପାଣି ଆଣି ନିଆଁ ଲିଭାଇବାକୁ ଚେଷ୍ଟା କରିଥିଲେ। ପରେ ଅନୁଗୋଳରୁ ୨ଟି, ବଅଁରପାଳରୁ ଗୋଟିଏ ଓ ଜିନ୍ଦଲ କାରଖାନାରୁ ଗୋଟିଏ ଦମକଳ ଗାଡ଼ି ଘଟଣାସ୍ଥଳରେ ପହଞ୍ଚିଥିଲା। ଦୀର୍ଘ ୩ ଘଣ୍ଟା ପରେ ନିଆଁ ଆୟତ୍ତକୁ ଆସିଥିଲା ବୋଲି ବନ୍ତଲା ଅଗ୍ନିଶମ ବାହିନୀ ଓଆଇସି ଭାବଗ୍ରାହୀ ବିଶ୍ୱାଳ ସୂଚନା ଦେଇଛନ୍ତି। ଏହି ଅଗ୍ନିକାଣ୍ଡରେ ଜଳଖିଆ ଦୋକାନ ସହ ପାଖରେ ଥିବା ଗୋଟିଏ ପୂଜା ସାମଗ୍ରୀ ଦୋକାନ, ଗୋଟିଏ ଲୁଗା ଦୋକାନ, ୨ଟି ମୋବାଇଲ ଫୋନ ଦୋକାନ, ପାନଦୋକାନ ଆଦି ୧୦ଟି ଦୋକାନ ଜଳିଯାଇଛି। ଘଟଣାସ୍ଥଳରେ ବନ୍ତଲା ପୋଲିସ, ଅନୁଗୋଳ ଏସ୍‌ଡିପିଓ, ଅନୁଗୋଳ ତତ୍କାଳୀନ ସହାୟତା ଅଧିକାରୀ, ଅନୁଗୋଳ ତହସିଲଦାର, ଶଙ୍ଖପୁର, ବନ୍ତଲା, କୁମୁରିସିଂହା, ପଞ୍ଚମହଲା ରାଜସ୍ୱ ଅଧିକାରୀମାନେ ପହଞ୍ଚି ସ୍ଥିତି ଅନୁଧ୍ୟାନ ଜାରି ରଖିଛନ୍ତି। ଏହି ଅଗ୍ନିକାଣ୍ଡ ବେଳେ ଅନୁଗୋଳ-ଟିକରପଡ଼ା ରାସ୍ତା ଓ ପୁରୁଣା କଟକ-ସମ୍ବଲପୁର ରାସ୍ତାରେ ଶତାଧିକ ଗାଡ଼ି ଅଟକି ରହିବା ସହ ଟ୍ରାଫିକ ସମସ୍ୟା ଉପୁଜିଥିଲା।

# ନବରଙ୍ଗପୁରରେ ଚିକିତ୍ସା କଲେ ବରିଷ୍ଠ ଡାକ୍ତରୀ ଟିମ୍



ମୁଖ୍ୟମନ୍ତ୍ରୀ ବାୟୁସେବା ଯୋଜନାରେ ଏସ୍‌ସିବି ସମେତ ବିଭିନ୍ନ ଚିକିତ୍ସା ପ୍ରତିଷ୍ଠାନର ବରିଷ୍ଠ ଡାକ୍ତରୀ ଦଳ ନବରଙ୍ଗପୁର ଅପହଞ୍ଚ ଇଲାକାରେ ରୋଗୀ ସେବା ଯୋଗାଇଦେବା ପାଇଁ ପହଞ୍ଚିଛନ୍ତି।

## ମୁଖ୍ୟମନ୍ତ୍ରୀ ବାୟୁସେବା ଯୋଜନା

କଟକ,୧୨।୩(ଶିଖା ପ୍ରିୟଦର୍ଶିନୀ)

ମୁଖ୍ୟମନ୍ତ୍ରୀ ବାୟୁସେବା ଯୋଜନାରେ ଏସ୍‌ସିବି ସମେତ ବିଭିନ୍ନ ଚିକିତ୍ସା ପ୍ରତିଷ୍ଠାନର ବରିଷ୍ଠ ଡାକ୍ତରୀ ଦଳ ନବରଙ୍ଗପୁର ଅପହଞ୍ଚ ଇଲାକାରେ ରୋଗୀ ସେବା ଯୋଗାଇ ଦେଇଛନ୍ତି। ୧୦ରୁ ୧୨ ତାରିଖ ପର୍ଯ୍ୟନ୍ତ ପ୍ରାୟ ୧୫୦୦ରୁ ଅଧିକ ରୋଗୀ ନାମ ପଞ୍ଜୀକରଣ କରି ବିଶେଷଜ୍ଞ ଡାକ୍ତରଙ୍କ ଚିକିତ୍ସା ପରାମର୍ଶ ନେଇଛନ୍ତି। ଏପରିକି ଏହି ସେବା ଦ୍ୱାରା ବହୁ ରୋଗୀଙ୍କ ଜଟିଳ ଅସ୍ତ୍ରୋପଚାର ମଧ କରାଯାଇଛି। ବିଶେଷ କରି ନେଫ୍ରୋଲୋଜି, ୟୁରୋଲୋଜି, କାର୍ଡିଓଲୋଜି, ଗ୍ୟାଷ୍ଟ୍ରୋଏଣ୍ଟ୍ରୋଲୋଜି, ସର୍ଜରି ଭଳି ଗୁରୁତ୍ୱପୂର୍ଣ୍ଣ ବିଭାଗର ବିଶେଷଜ୍ଞ ଏହି ଟିମ୍‌ରେ ରହିଛନ୍ତି। ଏହି ବିଶେଷଜ୍ଞ ଦଳ ରାଜ୍ୟର ବିଭିନ୍ନ ଅଞ୍ଚଳରେ ସ୍ୱତନ୍ତ୍ର ହେଲିକପ୍ଟର ଯୋଗେ ପହଞ୍ଚି ଚିକିତ୍ସା ଯୋଗାଇ ଦେଉଛନ୍ତି। ଏହି ଟିମ୍‌ରେ ଏସ୍‌ସିବି ମେଡିକାଲ ଅତିରିକ୍ତ ଅଧୀକ୍ଷକ ଡା. ଜ୍ୟୋତିର୍ମୟ ନାୟକ, ଡା. ଔଜଲ୍ୟ ଜେନା, ଡା. କୈବଲ୍ୟ ଦାଶ, ଡା. ଅମୂଲ୍ୟ ପାଲ, ଡା. ପ୍ରଦୀପ୍ତ ନାୟକ, ଡା. ପ୍ରଭାତ ମଲ୍ଲିକ ପ୍ରମୁଖ ସାମିଲ ହୋଇଥିଲେ।

# ଲୋକଙ୍କୁ ସଙ୍କଟ ମୁହଁକୁ ଠେଲୁଛନ୍ତି ସରକାର: ମହିଳା କଂଗ୍ରେସ

ଭୁବନେଶ୍ୱର,୧୨।୩ (ରବିନାରାୟଣ ଜେନା)

ଭାଜପା ସରକାର ସାଧାରଣ ଲୋକଙ୍କୁ ବଡ଼ ସଙ୍କଟ ମୁହଁ ଆଡ଼କୁ ଠେଲି ନେଉଛନ୍ତି ବୋଲି କଂଗ୍ରେସ କହିଛି। ରାଜ୍ୟ କଂଗ୍ରେସ ଭବନରେ ଗୁରୁବାର ମହିଳା କଂଗ୍ରେସ ପକ୍ଷରୁ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ମୁଖପାତ୍ର ସୋନାଲି ସାହୁ କହିଛନ୍ତି, ଭାଜପା ଏଥର ସିଧାସଳଖ ହାଣ୍ଡିଶାଳ ଉପରେ ଆକ୍ରମଣ କରିଛି। ସରକାର ଘରୋଇ ଗ୍ୟାସ୍ ଫିଲିଂ ପିଛା ୬୦ ଓ ବ୍ୟବସାୟିକ ଗ୍ୟାସ୍ ଫିଲିଂ ପିଛା ୧୧୫ ଟଙ୍କା ବଢ଼ାଇଛନ୍ତି, ଯାହା ୬ ବର୍ଷରେ ସର୍ବାଧିକ। ନୋଟ୍ ବନ୍ଦୀ ପରି ଗ୍ୟାସ୍ ବନ୍ଦ କରି ପ୍ରଧାନମନ୍ତ୍ରୀ ସାରାଦେଶକୁ ପୁଣି ଲାଇନ୍‌ରେ ଛିଡ଼ା କରାଇଛନ୍ତି। ୟୁପିଏ ସରକାର ବେଳେ ଘରୋଇ ସିଲିଣ୍ଡର ଗ୍ୟାସ୍ ଫିଲିଂ ୪୩୭ ଟଙ୍କା ଥିବାବେଳେ ଭାଜପାର ସିଲିଣ୍ଡର ନାନୀ ସ୍ମୃତି ଇରାନୀ ବେଶ୍ ଶାଶୁବୋହୂର ଡ୍ରାମା କରୁଥିଲେ। ଏବେ ଯେତେବେଳେ ଗ୍ୟାସ୍‌ଦର ୯୩୯ ଟଙ୍କାରେ ପହଞ୍ଚିଛି, ସେତେବେଳେ ସ୍ମୃତି ଇରାନୀ କାହିଁକି ଚୁପ୍ ବୋଲି ସେ ପ୍ରଶ୍ନ କରିଥିଲେ। ସୋନାଲି ଆହୁରି କହିଛନ୍ତି, ସରକାର ପ୍ରଥମେ ଗ୍ୟାସ୍ ଫିଲିଂ ଅବଧି ୧୫-୨୧ ଦିନ, ତା'ପରେ ଏବେ କହିଲେଣି ୨୫ ଦିନ ପୂର୍ବରୁ ବୁକିଂ ହୋଇପାରିବ ନାହିଁ। ଖାଲି ସେତିକି ନୁହେଁ, ଗତ ୫ ତାରିଖରୁ ଅର୍ଥାତ୍ ଆଜକୁ ୮ ଦିନ ହେଲାଣି ନା ମୋବାଇଲରେ ବୁକିଂ ହେଉଛି ନା ହ୍ୱାଟ୍‌ସଆପ୍‌ରେ ସମ୍ଭବ ହେଉଛି। ଏବେ ମୋବାଇଲ ଏତେ ଗପ କହୁଛି ଯେ ତାହା ଶୁଣିବାକୁ ଧୈର୍ଯ୍ୟ ରହୁନାହିଁ। ସରକାର କଳାବଜାରିମାନଙ୍କ ସହିତ ମିଶି ମହିଳାମାନଙ୍କୁ ଶୋଷଣ କରିବା ପାଇଁ ଗ୍ୟାସ୍‌ର କୃତ୍ରିମ ଅଭାବୀ ବିକ୍ରି ସୃଷ୍ଟି କରିଛନ୍ତି। 'ସୁଭଦ୍ରା' ଏବେ ହାଣ୍ଡିଶାଳରେ କାନ୍ଦୁଛି। ଗ୍ୟାସ୍ ଅଭାବରୁ ସମସ୍ତ ଉଠା ଜଳଖିଆ ଦୋକାନ ବନ୍ଦ। ୨୦% ହୋଟେଲ ମଧ ବନ୍ଦ। ଅନ୍‌ଲାଇନ ଫୁଡ୍ ଡେଲିଭରି ଏକପ୍ରକାର ବନ୍ଦ ହୋଇସାରିଲାଣି। ସାରା ରାଜ୍ୟରେ ୱେଲ୍‌ଡିଂଠାରୁ ଆରମ୍ଭକରି ନିର୍ମାଣ କାର୍ଯ୍ୟ ପର୍ଯ୍ୟନ୍ତ ସବୁ ଠପ୍। ଗ୍ୟାସ୍ ନ ଥିବା କାରଣରୁ ସତ୍ୟନଗର ଶ୍ମଶାନରେ ଶବଦାହ ହୋଇପାରୁନାହିଁ। ଆଗକୁ ପରିସ୍ଥିତି ବିଗିଡ଼ିବା ପୂର୍ବରୁ ସରକାର ତୁରନ୍ତ ଏଦିଗରେ ଠୋସ୍ ପଦକ୍ଷେପ ନିଅନ୍ତୁ ବୋଲି ସୋନାଲି କହିଛନ୍ତି।

ଏହି ସମ୍ମିଳନୀରେ ମହିଳା କଂଗ୍ରେସ ସଭାପତି ମୀନାକ୍ଷୀ ବାହିନୀପତି ଭାଜପା ସରକାରଙ୍କ ନାରୀ ବିରୋଧୀ ମନୋବୃତ୍ତିକୁ ତୀବ୍ର ନିନ୍ଦା କରିବା ସହ ଗ୍ୟାସ୍ ଅଭାବ ସିଧାସଳଖ ହାଣ୍ଡିଶାଳକୁ ମାଡ଼ ବୋଲି କହିଥିଲେ। ପିସିସି ମୁଖପାତ୍ର ମନୀଷା ଦାସ ପଟ୍ଟନାୟକ, ଜୟଶ୍ରୀ ପାତ୍ର, ଅମ୍ରିତା ଦାସ, ମହିଳା କଂଗ୍ରେସ ଉପସଭାନେତ୍ରୀ ଜୟଶ୍ରୀ ପଟ୍ଟନାୟକ ଓ ମହିଳା ନେତ୍ରୀ ଜୟସ୍ମିତା ମହାନ୍ତି ପ୍ରମୁଖ କୃତ୍ରିମ ଗ୍ୟାସ୍ ସଙ୍କଟକୁ ନେଇ ଉଦ୍‌ବେଗ ପ୍ରକାଶ କରିଥିଲେ।

## ଅବଶିଷ୍ଟାଂଶ...

### ଅନୁଚିତ ବ୍ୟବସାୟ...

ଆମେରିକା ବାଣିଜ୍ୟ ପ୍ରତିନିଧି ଏକ ବିବୃତିରେ କହିଛନ୍ତି। ଆମେରିକା ବାଣିଜ୍ୟକୁ ପ୍ରଭାବିତ କରୁଥିବା ଅନ୍ୟାୟପୂର୍ଣ୍ଣ ବିଦେଶୀ ବାଣିଜ୍ୟ କାରବାରକୁ ରୋକିବା ଲାଗି ୧୯୭୪ର ବାଣିଜ୍ୟ ଆଇନର ଧାରା ୩୦୧ରେ ବ୍ୟବସ୍ଥା ରହିଛି। ଅନ୍ୟାୟପୂର୍ଣ୍ଣ, ଅଯୌକ୍ତିକ କିମ୍ବା ପକ୍ଷପାତପୂର୍ଣ୍ଣ ବିଦେଶୀ କାରବାରର ଜବାବ ଦେବା ପାଇଁ ଏହି ଆଇନର ବ୍ୟବହାର କରାଯାଇପାରିବ। ଆଇନର ଧାରା ୩୦୨(ବି) ଅନୁଯାୟୀ ଆମେରିକା ବାଣିଜ୍ୟ ପ୍ରତିନିଧି ଧାରା ୩୦୧ ଅନୁଯାୟୀ ନିଜଆଡୁ ତଦନ୍ତ ଆରମ୍ଭ କରିପାରିବେ। ଏନେଇ ସେ ଉକ୍ତ ବାଣିଜ୍ୟ ସହଯୋଗୀଙ୍କ ପରାମର୍ଶ ଲୋଡ଼ିବେ। ୟୁଏସ୍‌ଟିଆର୍ ଇତିମଧ୍ୟରେ ଚାଇନା, ଇୟୁ, ସିଙ୍ଗାପୁର, ସୁଇଜରଲାଣ୍ଡ, ନରୱେ, ଇଣ୍ଡୋନେସିଆ, ମାଲେସିଆ, କାମ୍ବୋଡ଼ିଆ, ଥାଇଲାଣ୍ଡ, କୋରିଆ, ଭିଏତ୍‌ନାମ୍, ତାଇୱାନ, ବାଂଲାଦେଶ, ମେକ୍ସିକୋ, ଜାପାନ ଓ ଭାରତ ସରକାରଙ୍କ ସହ ପରାମର୍ଶ ପାଇଁ ନିବେଦନ କରିଛନ୍ତି। ତଦନ୍ତ ସମ୍ପର୍କୀୟ ମତାମତଗୁଡ଼ିକର ତାଲିକା ୧୭ର ପ୍ରକାଶ ପାଇବ। ତଦନ୍ତ ଉପରେ ମେ' ୫ରୁ ୟୁଏସ୍‌ଟିଆର୍ ଶୁଣାଣି କରିବ। ସୂଚନାଥାଉ କି, ଫେବୃଆରୀରେ ଟ୍ରମ୍ପ ଭାରତୀୟ ସାମଗ୍ରୀ ଉପରେ ହାରାହାରି ଶୁଳ୍କକୁ ୧୮%କୁ ହ୍ରାସ କରିଥିଲେ। ଏହା ପୂର୍ବରୁ ଆମେରିକା ଭାରତ ଉପରେ ପ୍ରାୟ ୫୦% ପର୍ଯ୍ୟନ୍ତ ଶୁଳ୍କ ଲଗାଇଥିଲା। ଫେବୃଆରୀ ଶେଷରେ ଆମେରିକା ସୁପ୍ରିମକୋର୍ଟ ଟ୍ରମ୍ପଙ୍କ ଟାରିଫକୁ ବେଆଇନ ଘୋଷଣା କରିବା ପରେ, ଟ୍ରମ୍ପ ପ୍ରଶାସନ 'ସେକ୍ସନ ୧୨୨' ଅଧୀନରେ ଏକ ନୂଆ ୧୦% ଅସ୍ଥାୟୀ ଆମଦାନୀ ଶୁଳ୍କ ଲଗାଇଛନ୍ତି। ଏହି ଶୁଳ୍କ ୨୪ ଜୁଲାଇ ୨୦୨୬ ପର୍ଯ୍ୟନ୍ତ ବଳବତ୍ତର ରହିବ। ଏହାର ଭିତିରିଆ ଉଦ୍ଦେଶ୍ୟ ହେଉଛି, ଏହି ସମୟ ମଧ୍ୟରେ ତଦନ୍ତ ଶେଷ କରି ନୂଆ ସ୍ଥାୟୀ ଶୁଳ୍କ ଲାଗୁ କରିବା।

### ରାଜ୍ୟରେ ସଡ଼କ ...

ମାର୍ଚ୍ଚ ୯ ମଧ୍ୟରେ ୧୭୧୪ଟି ସଡ଼କ ଦୁର୍ଘଟଣା ହୋଇଛି। ସେଥିମଧ୍ୟରୁ କେବଳ ରବିବାର ୨୭୬ଟି ଦୁର୍ଘଟଣା ଘଟିଥିବାବେଳେ ସୋମବାର ୨୪୨, ମଙ୍ଗଳବାର ୨୦୯, ବୁଧବାର ୨୩୨, ଗୁରୁବାର ୨୬୪, ଶୁକ୍ରବାର ୨୩୬ ଏବଂ ଶନିବାର ୨୫୫ଟି ସଡ଼କ ଦୁର୍ଘଟଣା ହୋଇଛି। ଉଲ୍ଲେଖଯୋଗ୍ୟ, ରାଜ୍ୟ ସରକାରଙ୍କ ପକ୍ଷରୁ ଏପରି ଦୁର୍ଘଟଣା ରୋକିବା ପାଇଁ ସଡ଼କ ସୁରକ୍ଷା ସପ୍ତାହ ପାଳନଠାରୁ ଆରମ୍ଭକରି ବିଭିନ୍ନ ସଚେତନ କାର୍ଯ୍ୟକ୍ରମ କରାଯାଉଛି। ଏହାସତ୍ତ୍ୱେ ଲୋକେ ରଙ୍ଗ୍‌ରୁଟ୍‌ରେ ଯିବା ସହିତ ମଦ୍ୟପାନକରି ଗାଡ଼ି ଚଳାଇବା, ବିନା ହେଲ୍‌ମେଟ୍‌ରେ ଗାଡ଼ି ଚଳାଇବା, ଗାଡ଼ି ଚଳାଇବା ବେଳେ ମୋବାଇଲ ବ୍ୟବହାର କରିବା ଏବଂ ଅତ୍ୟଧିକ ବେଗରେ ଗାଡ଼ି ଚଳାଇବା ଯୋଗୁ ଦୁର୍ଘଟଣାମାନ ଘଟୁଥିବା ଲକ୍ଷ୍ୟ କରାଯାଉଛି।


**ROURKELA DEVELOPMENT AUTHORITY**
UDITNAGAR : ROURKELA-769012
No. 318 /RDA., dated 06.03.2026
**PROCLAMATION**
**No.13001/567/2526** : It is hereby informed to the General public that, **Smt. Anita Das**, has applied for mutation of **House No. M/21**, under CHP-I, in her favour consequent upon death of she **husband Late Chittaranjan Das**. Anybody has got objection to the proposed mutation, he/she may file objection petition before the undersigned within 30 (Thirty) days from the date of publication of this proclamation. Objection petition shall not be entertained after expiry of the stipulated period.
Sd./- Secretary
OIPR-13001/13250/1/25-26/0051 Rourkela Development Authority

**ROURKELA DEVELOPMENT AUTHORITY**
UDITNAGAR : ROURKELA-769012
No. 284 /RDA., dated 05.03.2026
**PROCLAMATION**
**No.13001/568/2526** : It is hereby informed to the General public that, **Suvendu nath Praharaj, Vijay Laxmi Nath, Aprajita Nath** have applied for mutation of **House site No. M/50**, under Site & Services Scheme, Phase-I, Chhend, Rourkela-15, in his favour consequent upon death of their **Nephew & Neice Late Raghunath Nath**. Anybody has got objection to the proposed mutation, he/she may file objection petition before the undersigned within 30 (Thirty) days from the date of publication of this proclamation. Objection petition shall not be entertained after expiry of the stipulated period.
Sd./- Secretary
OIPR-13001/13250/1/25-26/0052 Rourkela Development Authority

**OFFICE OF THE NOTIFIED AREA COUNCIL, BANPUR**
Phone No.06756 253091, Email Id: ulbnac.banpur@gmail.com
No.520/ Dt.10.3.26
**QUOTATION CALL NOTICE**
No.13001/597/2526: Sealed quotations in plain paper/ letter pad are invited from the intending Registered Firms/ Authorized distributors/ dealers having valid PAN Card and GSTIN for supply and installation of following items, complete in all respect of Banpur NAC (Non Schedule works). The details of Quotation, Term and Condition are available in office website www.banpurnac.in and in office during office hour from 12.03.2026, 11.00 AM to 20.03.2026, 4.00 P.M.
Sd./- Executive Officer
OIPR-13001/13177/1/25-26/0024 Banpur NAC

ଆମ ଶିମିଳିପାଳ ଆମ ଗର୍ବ — OUR SIMILIPAL OUR PRIDE
**OFFICE OF THE DEPUTY DIRECTOR, SIMILIPAL (NORTH) WILDLIFE DIVISION**
AT-MATIAGARH CHHAKA, PO-K.JASHIPUR, DIST.-MAYURBHANJ, ODISHA-757091
Tel : 06797-295030, Email - dfo.similipalnorthwl@odisha.gov.in / ddsimilipalnorth@gmail.com
*Office Order No. : 64/1F (Account), Dated 10.03.2026*
**No.8001/148/2526** : The tender for Supply and Commissioning of Cafe-Cum-Souvenir Shops for Different Nature Camps Under Similipal North Wildlife Division, Jashipur, Mayurbhanj, Odisha During 2025-26 vide this office tender call notice No.1093, dtd.06.03.2026 is hereby cancelled due to following reason.

| Sl. No. | Name of the work | Remarks |
|---|---|---|
| 01 | Supply and Commissioning of Cafe-Cum-Souvenir Shops for Different Nature Camps Under Similipal North Wildlife Division, Jashipur, Mayurbhanj, Odisha During 2025-26 | Tender Cancelled due to Administrative Exigency |

Sd./- (Sri Prashant Patel, IFS) Deputy Director,
OIPR-8001/8133/1/25-26/0021 Similipal (North) WL Division, Jashipur

**ODISHA HYDRO POWER CORPORATION LIMITED** (OHPC)
BALIMELA HYDRO ELECTRIC PROJECT: POST:BALIMELA, DIST: MALKANGIRI (ODISHA): PIN: 764051:
Phones:06861-232581(O)/ 232641(R), Fax-06861-232541, Email- unit.head_balimela@yahoo.com
REGD.OFFICE: ODISHA HYDRO POWER CORPORATION LIMITED
(A Govt. of Odisha Undertaking)
Bhoi Nagar, Janapath, Bhubaneswar-751022, Tel:91-0674-2542983, 2542802, 2545526, Fax:2542102,
GRAM:HYDROPOWER, E-Mail:ohpc.co@gmail.com/md@ohpcltd.com, WEB: www.ohpcltd.com,
CIN: U40101OR1995SGC003963, GSTIN-21AAACO2575P1Z9
**TENDER CALL NOTICE No.BHEP/TECH/71/2025-26, Dated 09.03.2026**
**No.4001/62/2526:** The Sealed tenders are invited in single part bid basis from the Manufacturer/ Reputed Suppliers/ Authorised Dealers for supply of materials as detailed below.

| Sl.No. | Description of Items | Cost of Tender Paper (in Rs.) |
|---|---|---|
| 1 | Supply of 02 Nos. of 20 HP (15 KW) Kirloskar Make Mono Block Pump Set for BHEP, Balimela | Rs.2360/- Inclusive of GST @ 18% |

The Sale of Tender Paper will be from: 13.03.2026 to 23.03.2026 (upto 11.00 hrs.). The Last date & time of receipt of tenders: Upto 12.00 Hrs. of 23.03.2026. Date and Time of Opening of the Bid: 23.03.2026 at 12.30 Hrs.
For details of tender documents, Terms and Conditions, Eligibility criteria and downloading, please visit our website at **www.ohpcltd.com.**
OIPR-4001/4019/1/25-26/0008 Sd./- C & P Head, BHEP, Balimela

**GOVERNMENT OF ODISHA**
**OFFICE OF THE SUPERINTENDING ENGINEER, SORO CANAL DIVISION, SORO**
No.32001/198/2526
E-mail id : eescdsoro@gmail.com
**E-procurement Notice No.SESCD-12 of 2025-26**

| E-Procurement officer | Name of the work | Bid id No | Tender cost in Lakhs (Appx) | Bid security (online) | Cost of Bid Document (Online) | Class of contractor | Period of completion | Availability of tender online for bidding: From | To | Date of opening of Bid |
|---|---|---|---|---|---|---|---|---|---|---|
| Superintending Engineer Soro Canal Division, Soro | Hiring of one no. of Vehicle for the period from 01.04.2026 to 31.03.2027 to be used in the office of the Assistant Executive Engineer, Soro Canal Sub-Division No.-II, Nilgiri | SESCD-12/01 of 2025-26 | 4.47 Lakhs | Rs.5000/- | Nil | Travel Agencies/Tour Operators or Private individuals | 12 (Twelve) calendar months | 13.03.26 11.00 AM | 23.03.26 3.30 PM | 23.03.26 04.30 PM |
| | Hiring of one no. of Vehicle for the period from 01.04.2026 to 31.03.2027 to be used in the office of the Assistant Executive Engineer, Soro Canal Sub-Division No-III, Balasore | SESCD-12/02 of 2025-26 | 4.47 Lakhs | Rs.5000/- | Nil | Travel Agencies/Tour Operators or Private individuals | 12 (Twelve) calendar months | 13.03.26 11.00 AM | 23.03.26 3.30 PM | 23.03.26 04.30 PM |

Further details can be seen from the Govt. website www.tendersorissa.gov.in/www.dowrodisha.gov.in. Addendum/corrigendum/cancellation if any required will be published in Govt. website only.
Sd./- Superintending Engineer
OIPR-32001/32265/1/25-26/0001 Soro Canal Division, Soro

**ଜିଲ୍ଲା ପରିଷଦ, ଗଞ୍ଜାମ, ଛତ୍ରପୁର**
**ବ୍ଲକସ୍ତରୀୟ ସମୀକ୍ଷା ଜନଶୁଣାଣି**
No. 19001/79/2526: ଏତଦ୍ୱାରା ଗଞ୍ଜାମ ଜିଲ୍ଲାର ୨୨ (ବାଇଶିଟି) ପଞ୍ଚାୟତ ସମିତିର ସମସ୍ତ ଜନସାଧାରଣଙ୍କୁ ଜଣାଇ ଦିଆଯାଉଛି ଯେ, ଗଞ୍ଜାମ ଜିଲ୍ଲା ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା, ସମଗ୍ର ଶିକ୍ଷାରେ ସମ୍ପାଦିତ ହୋଇଥିବା ସମସ୍ତ କାର୍ଯ୍ୟଗୁଡ଼ିକର ବ୍ଲକସ୍ତରୀୟ ସାମାଜିକ ସମୀକ୍ଷା ଜନଶୁଣାଣି ପାଇଁ ନିମ୍ନଲିଖିତ ଦିନ, ସମୟ ଓ ସ୍ଥାନ ଧାର୍ଯ୍ୟ କରାଯାଇଛି। ଏହି ଦିନ ଶୁଣାଣି କାର୍ଯ୍ୟକ୍ରମରେ ସମସ୍ତ ଅଣକୁଶଳୀ ଶ୍ରମଜୀବୀଙ୍କର ପରିବାର ସଦସ୍ୟ, ଯୋଜନା ସହ ସମ୍ପୃକ୍ତ ଥିବା ସଂଗଠନ, ବିଭିନ୍ନ ସରକାରୀ ବିଭାଗ, ସ୍ୱେଚ୍ଛାସେବୀ ଅନୁଷ୍ଠାନ, ତ୍ରିସ୍ତରୀୟ ପଞ୍ଚାୟତିରାଜ ବିଭାଗ ଦ୍ୱାରା ନିର୍ବାଚିତ ପ୍ରତିନିଧିମାନେ ଅଂଶଗ୍ରହଣ କରିପାରିବେ। ଏହି ଜନଶୁଣାଣି ଉପରୋକ୍ତ ଯୋଜନାରେ ୨୦୨୫-୨୬ (୧ ଏପ୍ରିଲ ୨୦୨୫ଠାରୁ ୩୦ ସେପ୍ଟେମ୍ବର ୨୦୨୫) (MGNREGS), (ସମଗ୍ର ଶିକ୍ଷା, ୨୦୨୪-୨୫) ଆର୍ଥିକ ବର୍ଷର କାର୍ଯ୍ୟକାରୀ ହୋଇଥିବା ସମୁଦାୟ ପ୍ରକଳ୍ପର ସଂଖ୍ୟା, କାମ ଶେଷ ହୋଇଥିବା ପ୍ରକଳ୍ପର ସଂଖ୍ୟା, ପାଇଥିବା ଅର୍ଥର ପରିମାଣ, ଖର୍ଚ୍ଚ ହୋଇଥିବା ଅର୍ଥର ପରିମାଣ, ପଞ୍ଜୀକୃତ ହୋଇଥିବା ପରିବାର ସଂଖ୍ୟା, କାର୍ଯ୍ୟପତ୍ର ଯୋଗାଣ ହୋଇଥିବା ସଂଖ୍ୟା, କାମ ପାଇଁ ଦାବି କରିଥିବା ପରିବାର ସଂଖ୍ୟା, ୧୦୦ ଦିନ କାର୍ଯ୍ୟ ସମାପ୍ତ କରିଥିବା ପରିବାରର ସଂଖ୍ୟା, ଶ୍ରମ ଯୋଗାଣ ସୃଷ୍ଟି ହୋଇଥିବା ଦିନର ସଂଖ୍ୟା, ବେକାରି ଭତ୍ତା ଦିଆଯିବା ସମ୍ପର୍କେ ସାମାଜିକ ସମୀକ୍ଷାରେ ମିଳିଥିବା ଆପତ୍ତି ଅଭିଯୋଗର ସଂଖ୍ୟା ଏବଂ ଫଇସଲା ହୋଇଥିବା ଅଭିଯୋଗ ଇତ୍ୟାଦିର ସମୀକ୍ଷା ବ୍ଲକସ୍ତରୀୟ ଜନଶୁଣାଣୀ ଦ୍ୱାରା କରାଯିବ।
ଏଣୁ ଆପଣଙ୍କୁ ଅନୁରୋଧ, ଆପଣମାନେ ଏହି ବ୍ଲକସ୍ତରୀୟ ସାମାଜିକ ସମୀକ୍ଷା ଜନଶୁଣାଣିରେ ବହୁ ସଂଖ୍ୟାରେ ଯୋଗ ଦେଇ ଉପରୋକ୍ତ କାର୍ଯ୍ୟକାରିଣୀକୁ ନେଇ ଆପଣଙ୍କର କୌଣସି ଆପତ୍ତି ଅଭିଯୋଗ ଥିଲେ ଉତ୍ଥାପନ କରିପାରିବେ।

| କ୍ରମିକ ନଂ. | ବ୍ଲକର ନାମ | ତାରିଖ | ସମୟ | ସ୍ଥାନ | କ୍ରମିକ ନଂ. | ବ୍ଲକର ନାମ | ତାରିଖ |
|---|---|---|---|---|---|---|---|
| ୧ | ଆସ୍କା | ୧୧।୦୩।୨୦୨୬ | ୧୧.୦୦ ଦିବା | ପଞ୍ଚାୟତ ସମିତି କାର୍ଯ୍ୟାଳୟ | ୧୨ | ଜଗନ୍ନାଥପ୍ରସାଦ | ୧୯।୦୩।୨୦୨୬ |
| ୨ | ବେଗୁନିଆପଡ଼ା | ୧୨।୦୩।୨୦୨୬ | | | ୧୩ | କବିସୂର୍ଯ୍ୟନଗର | ୦୮।୦୪।୨୦୨୬ |
| ୩ | ବେଲଗୁଣ୍ଠା | ୨୩।୦୩।୨୦୨୬ | | | ୧୪ | ଖଲ୍ଲିକୋଟ | ୨୫।୦୩।୨୦୨୬ |
| ୪ | ଭଞ୍ଜନଗର | ୩୦।୦୩।୨୦୨୬ | | | ୧୫ | କୁକୁଡ଼ାଖଣ୍ଡି | ୨୬।୦୩।୨୦୨୬ |
| ୫ | ବୁଗୁଡ଼ା | ୨୪।୦୩।୨୦୨୬ | | | ୧୬ | ପାତ୍ରପୁର | ୦୨।୦୪।୨୦୨୬ |
| ୬ | ଛତ୍ରପୁର | ୦୭।୦୪।୨୦୨୬ | | | ୧୭ | ପୋଲସରା | ୨୦।୦୩।୨୦୨୬ |
| ୭ | ଚିକିଟି | ୧୬।୦୩।୨୦୨୬ | | | ୧୮ | ପୁରୁଷୋତ୍ତମପୁର | ୧୩।୦୪।୨୦୨୬ |
| ୮ | ଧରାକୋଟ | ୩୧।୦୩।୨୦୨୬ | | | ୧୯ | ରଙ୍ଗେଇଲୁଣ୍ଡା | ୦୯।୦୪।୨୦୨୬ |
| ୯ | ଦିଗପହଣ୍ଡି | ୧୭।୦୩।୨୦୨୬ | | | ୨୦ | ସାନଖେମୁଣ୍ଡି | ୦୬।୦୪।୨୦୨୬ |
| ୧୦ | ଗଞ୍ଜାମ | ୧୩।୦୩।୨୦୨୬ | | | ୨୧ | ଶେରଗଡ଼ | ୦୪।୦୪।୨୦୨୬ |
| ୧୧ | ହିଞ୍ଜିଳିକାଟୁ | ୧୮।୦୩।୨୦୨୬ | | | ୨୨ | ସୋରଡ଼ା | ୧୦।୦୪।୨୦୨୬ |

ମୁଖ୍ୟ ଉନ୍ନୟନ ଅଧିକାରୀ-ତଥା-କାର୍ଯ୍ୟନିର୍ବାହୀ ଅଧିକାରୀ
OIPR-19001/19372/1/25-26/0003 ଜିଲ୍ଲା ପରିଷଦ, ଗଞ୍ଜାମ, ଛତ୍ରପୁର

**OFFICE OF THE MUNICIPAL COUNCIL : BALANGIR**
Address: Office of the Municipal Council, Balangir, Opp of Rajendra Park, Balangir, Pin-767001,
Ph.No.:06652-232790, E-Mail id: bgrmc1972@gmail.com
Letter No.1527/BM/ Date:07.03.2026
No.13001/576/2526: The Executive Officer, Balangir Municipality, Balangir (Odisha) on behalf of Balangir Municipality invites Expression of Interest (EOI) for "Conducting drone aided survey and preparation of orthomosaic drawings for storm water drainage master plan of Balangir Municipality area" from the engineering consultants/Consulting registered architectural firms that have requisite experience in drone aided Arial survey and preparation of orthomosaic drawing for preparation of drainage/Sewerage network plan.
1. Intending bidders have to download the documents from the District Web portal i.e. https://balangir.odisha.gov.in or municipality web portal i.e. http://www.balangirmunicipality.in and submit their bids through regd. Post/ Speed Post to the Office of the undersigned.
2. The bid documents is to be submitted offline from 10.30 A.M. of Dt.07.03.2026 to 5.00 P.M. of Dt.17.03.2026 through Regd. Post/ Speed Post to the Office of the undersigned.
3. Bids received through offline mode will be opened at 11.00 A.M. on Dt.18.03.2026 in the Office of the undersigned.
Sd./-
OIPR-13001/13169/1/25-26/0009 Executive Officer, Balangir Municipality

ପରିପତ୍ର ସଂଖ୍ୟା 1410 ତା.10.3.26 ରିଖ
**ବାଲେଶ୍ୱର ପୌରପରିଷଦ, ବାଲେଶ୍ୱର**
Corrigendum Auction Call Notice (ସଂଶୋଧନ ପତ୍ର) Connected to previous ACN No. 727/Dt.06.02.2026 & 1189/25.02.2026 (ଉକ୍ତ ସଂଶୋଧନ ପତ୍ରଟି ପୂର୍ବବର୍ତ୍ତୀ ନିଲାମ ପତ୍ର ସଂଖ୍ୟା 727/Dt.06.02.2026 & 1189/25.02.2026 ସହିତ ସମ୍ପର୍କିତ ଅଟେ।
No.13001/575/2526: ଏତଦ୍ୱାରା ସର୍ବସାଧାରଣମାନଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ବାଲେଶ୍ୱର ପୌରପାଳିକା ଅଧୀନରେ ଥିବା ନିମ୍ନୋକ୍ତ ଉତ୍ସଗୁଡ଼ିକ ପାର୍ଶ୍ୱରେ ଦର୍ଶାଯାଇଥିବା ଆଗାମୀ ସମୟସୀମା (ନିମ୍ନରେ ପ୍ରଦତ୍ତ) ନିମନ୍ତେ ଉଦ୍ଦିଷ୍ଟ ସର୍ତ୍ତାବଳୀ ଅନୁସାରେ ନିଲାମ ଦିଆଯିବ। ବିଜ୍ଞାପନ ଅନୁଯାୟୀ ଆବେଦନ ସମୟ ସୀମା ତା.୧୧.୦୨.୨୦୨୬ ରିଖରୁ ତା.୧୨.୦୩.୨୦୨୬ ରିଖ ମଧ୍ୟରେ ଯାହାକି ଅପରାହ୍ନ ୦୩.୩୦ ଘଟିକା ପର୍ଯ୍ୟନ୍ତ ରଖାଯାଇଥିଲା, ତାହା ବର୍ଦ୍ଧିତ କରାଯାଇ ତା.୨୩.୦୩.୨୦୨୬ ରିଖ ପର୍ଯ୍ୟନ୍ତ ନ୍ୟସ୍ତ କରାଗଲା। ଏଥିନିମନ୍ତେ ଇଚ୍ଛୁକବ୍ୟକ୍ତି ଓ ପଞ୍ଜୀକୃତ ସ୍ୱୟଂ ସହାୟିକା ଗୋଷ୍ଠୀ ମହାସଂଘ (ALF) ବା ସଂସ୍ଥା ତା:୨୩.୦୩.୨୦୨୬ ରିଖ ପର୍ଯ୍ୟନ୍ତ ପୌରପାଳିକା କାର୍ଯ୍ୟାଳୟରୁ ନିର୍ଦ୍ଧାରିତ ଫର୍ମ କ୍ରୟ କରି ଅପରାହ୍ନ ୦୩.୩୦ ଘଟିକା ମଧ୍ୟରେ ଟେଣ୍ଡର ଆବେଦନ ଦାଖଲ କରିବେ। ଉପରୋକ୍ତ ଟେଣ୍ଡର ସଂଶୋଧନ ପତ୍ର ଅନୁସାରେ ତା.୨୪.୦୩.୨୦୨୬ ରିଖ ଦିନ ଅପରାହ୍ନ ୦୪.୦୦ ଘଟିକା ସମୟରେ ପୌରପାଳିକା ଟେଣ୍ଡର କମିଟି ସମ୍ମୁଖରେ ଖୋଲାଯିବ।
(Can also be Obtained in detail from Govt. Website- http://balasore.odisha.gov.in)
Sd./- Executive Officer
OIPR-13001/13154/1/25-26/0018 Balasore Municipality

**GOVERNMENT OF ODISHA**
**OFFICE OF THE PANCHAYAT SAMITI, DASARATHPUR, JAJPUR**
No.19001/78/2526
**e-PROCUREMENT NOTICE NO.**
**Tender Online 03 DASARATHPUR of 2025-26**
1. Name of work : **Building Works**
2. Total No. of Work : **03 Nos. Building Works**
3. Estimated Cost (Approx) : **Rs.25.05 to 25.82 Lakhs**
4. Period of Completion : **180 Days**
5. Class of contractors : **"C & B" Class**
**Other details as follows :**
a) Procurement officer : **Block Development Officer, Dasarathpur, Jajpur**
b) Availability of tender online & submission of bid : **16.03.2026 at 10.00 A.M. to 25.03.2026 upto 5.00 P.M.**
c) Last date & time of seeking of tender clarification : **25.03.2026 up to 5.00 P.M.**
d) Opening of Technical Bid : **26.03.2026 at 11.30 A.M.**
Further details can be seen from the Govt. website www.tendersodisha.gov.in
Note : If situation arises the transparent lottery will be held on 30.03.2026, at 11:30 A.M.
Sd./- Block Development Officer
OIPR-19001/19353/1/25-26/0001 Dasarathpur

**OFFICE OF THE NOTIFIED AREA COUNCIL, DASPALLA**
Tender Call Notice No.791, Dt.10.03.2026
E-mail: nacdaspalla@gmail.com
Bid Identification No.NAC-Daspalla/05/2025-26
**No.13001/593/2526:** The Executive Officer, NAC, Daspalla, Dist-Nayagarh inviting percentage rate bid in offline mode for the work mentioned below from eligible contractors as detailed in the table below.
1. Nature of Work : Supply and Installation of 3 Nos. of Bus Shelters as per Diagram with Structural



and Basement work and other Ornamental Lights and Decorative Items.
2. No. of Work : 1 No.
3. Class of Contractor : D Class/C Class/MSME Registered Firm
4. Available of Bid document : From Dt.12.03.2026 11.00 AM at the Office of NAC, Daspalla
5. Paper Cost to be Deposited : Rs.4000.00 through Cash
6. EMD to be Deposited : 1 % of the Project Cost
7. Last Date of availability : Dt.19.03.2026 Upto 5.00 PM
8. Date and Time of Opening of Bid : Dt.20.03.2026 at 11.00 AM
The Bidders have to participate through Register Post or Speed Post only to the Office of NAC, Daspalla, District- Nayagarh, Pincode- 752084.
Sd./- Executive Officer
OIPR-13001/13141/1/25-26/0008 NAC, Daspalla

No.34001/164/2526
GOVERNMENT OF ODISHA
**OFFICE OF THE CHIEF CONSTRUCTION ENGINEER, SOUTHERN (R&B) CIRCLE, BERHAMPUR**
Phone : 0680-2281582, e-mail : ccescbam@gmail.com
**INVITATIONS FOR BIDS (IFB) [e-Procurement]**
**Bid Identification No.CCE, S.C. (R&B)-BAM-17/2025-26 No.677 / Dated : 05.03.2026**
1) The **Chief Construction Engineer, Southern (R&B) Circle, Berhampur** on behalf of Governor of Odisha invites **percentage rate bid** in double cover system in **ONLINE MODE** from eligible contractors for construction of **Building and Road works** as detailed in the table below.
2) Nature of work : Building and Road Works
3) No. of work : 05 Nos.
4) Tender Cost : Rs.10,000/- (online)
5) Class of Contractor : 'B' Class / 'A' Class / Special Class
6) Availability of Bid document in the Website : 23.03.2026, 10.00 A.M. to 06.04.2026 5.30 P.M.
7) Date of Opening of Bid : 07.04.2026 at 11.30 A.M.
8) The Bidders have to participate in ONLINE bidding only. Further details can be seen from the website https://tendersodisha.gov.in.
9) Any addendum / corrigendum / cancellation of tender can also be seen in the said website only.
Sd./- (Damodar Kaibartta)
Chief Construction Engineer
OIPR-34001/34103/1/25-26/0028 Southern (R&B) Circle, Berhampur

**OFFICE OF THE NOTIFIED AREA COUNCIL, JUNAGARH**
No-406/NAC(J) Date : 10.03.2026
**"e" Procurement Notice**
**Bid Identification No.-JNG/NAC/03/2025-26**
**No.13001/599/2526** : Bid document consisting of the scheduled of quantities and the set of the terms and conditions of contract and other necessary documents can be seen in the Odisha Government website i.e. www.tendersorissa.gov.in.
1. Name of the work : Civil works under NAC Junagarh
2. Eligibility : "C" & "D" Class Contractor
3. No of works : 05 (Five)
4. Value of works : 2.00 Lakhs to 4.00 lakhs
5. Completion Period : 30 Days
6. Date and Time of Availability Bid Documents in the Portal : From 10 A.M. of 12.03.2026 to 5 PM of 18.03.2026
7. Last Date and time for Submission : 18.03.2026 up to 5 PM
8. Bid opening date/time : 19.03.2026 at 11 AM
9. Bid opening place : NAC Office NAC Junagarh
Further details can be seen from the procurement portal i.e. www.tendersorissa.gov.in.
Sd./- Executive Officer
OIPR-13001/13133/1/25-26/0013 NAC Junagarh

# ୨୫ ହଜାର ଲାଞ୍ଚ ନେଇ ପୋଲିସ ଏଏସ୍ଆଇ ଗିରଫ

ସୁନ୍ଦରଗଡ଼/ ବଡ଼ଗାଁ,୧୨।୩ (ଜୟ ନାରାୟଣ ମେଣ୍ଡୁଲି, ଅଶୋକ ଷଡ଼ଙ୍ଗୀ)

ମଦ ଦୋକାନ ଚଳାଇବା ପାଇଁ ଜଣେ ବ୍ୟକ୍ତିଙ୍କଠାରୁ ୨୫ ହଜାର ଟଙ୍କା ଲାଞ୍ଚ ନେଉଥିବା ବେଳେ ଗୁରୁବାର ସୁନ୍ଦରଗଡ଼ ଜିଲା ବଡ଼ଗାଁ ଥାନା ଏଏସ୍ଆଇ ଅରୂପାନନ୍ଦ ଦାସ ଭିଜିଲାନ୍ସ ହାତରେ ଧରାପଡ଼ିଛନ୍ତି। ଭିଜିଲାନ୍ସ ବିଭାଗ ପକ୍ଷରୁ ଏଏସ୍ଆଇ ଦାସଙ୍କୁ ଗିରଫ କରାଯାଇଛି। ଏନେଇ ରାଉରକେଲା ଭିଜିଲାନ୍ସ ଥାନାରେ କେସ୍ ନମ୍ବର ୧/୨୦୨୬, ୟୁ/ଏସ୍-୭ ପିସି (ସଂଶୋଧନ) ଆଇନ, ୨୦୧୮ରେ ଏଏସ୍ଆଇ ଦାସଙ୍କ ବିରୋଧରେ ମାମଲା ରୁଜୁ କରାଯାଇ ତଦନ୍ତ ଜାରି ରହିଛି ବୋଲି ଭିଜିଲାନ୍ସ ପକ୍ଷରୁ ସୂଚନା ଦିଆଯାଇଛି।

ବିଭାଗ ସୂତ୍ରରୁ ମିଳିଥିବା ସୂଚନା ମୁତାବକ, ଗୁରୁବାର ସନ୍ଧ୍ୟାରେ ଏଏସ୍ଆଇ ଦାସ ରାସ୍ତାପାର୍ଶ୍ୱରେ ଥିବା ଏକ ଢାବା ମାଲିକଙ୍କୁ ଏକ ମାମଲାରେ ସାହାଯ୍ୟ କରିବା ଏବଂ ତାଙ୍କ ବ୍ୟବସାୟକୁ ସୁଗମ କରିବା ପାଇଁ ୨୫,୦୦୦ ଟଙ୍କା ଲାଞ୍ଚ ମାଗିଥିଲେ। ଲାଞ୍ଚ ନ ଦେଲେ ଗିରଫ କରିବାକୁ ଧମକ ମଧ୍ୟ ଦେଇଥିଲେ। ଏନେଇ ଢାବା ମାଲିକ ଭିଜିଲାନ୍ସ କର୍ତ୍ତୃପକ୍ଷଙ୍କୁ ଜଣାଇଥିଲେ। ପୂର୍ବପ୍ରସ୍ତୁତି ଅନୁଯାୟୀ ଗୁରୁବାର ଏକ ଚା' ଦୋକାନ ନିକଟରେ ଏଏସ୍ଆଇ ଦାସ ହୋଟେଲ ମାଲିକଙ୍କଠାରୁ ଲାଞ୍ଚ ଟଙ୍କା ନେଉଥିବା ବେଳେ ଭିଜିଲାନ୍ସ ଅଧିକାରୀମାନେ ସ୍ୱତନ୍ତ୍ର ମାଜିଷ୍ଟ୍ରେଟ୍‌ଙ୍କ ଉପସ୍ଥିତିରେ ତାଙ୍କୁ କାବୁ କରିଥିଲେ। ତାଙ୍କଠାରୁ ରାସାୟନିକ ପ୍ରଲେପଦିଆ ୨୫,୦୦୦ ଟଙ୍କା ଜବତ କରାଯାଇଛି। ଏହାପରେ ଦାସ କାର୍ଯ୍ୟରତ ଥିବା ବଡ଼ଗାଁ ଥାନା, ସରକାରୀ କ୍ୱାର୍ଟର୍ସ ସମେତ ଏକକାଳୀନ ୪ଟି ସ୍ଥାନରେ ଭିଜିଲାନ୍ସ ପକ୍ଷରୁ ଯାଞ୍ଚ ଚାଲିଛି। ଏହି ଚଢ଼ାଉରେ ରାଉରକେଲା ଭିଜିଲାନ୍ସ ବିଭାଗ ଡିଏସ୍‌ପି ରଶ୍ମିତା ଲାକ୍ରା, ଇନ୍ସପେକ୍ଟର ଶିବନାରାୟଣ ଭଦ୍ରି, ଲକ୍ଷ୍ମୀକାନ୍ତ ପ୍ରଧାନ, ମାନସ ରଞ୍ଜନ ଭୋଇ, ସୁନିତି ଓରାମ ପ୍ରମୁଖ ସାମିଲ ଥିଲେ।



ଅରୂପାନନ୍ଦ ଦାସ

# ଆସାମ, ତେଲଙ୍ଗାନାକୁ ସଂଯୋଗ କରିବ ନୂଆ ଅମୃତ ଟ୍ରେନ୍

## ମୁଖ୍ୟମନ୍ତ୍ରୀଙ୍କୁ ରେଳମନ୍ତ୍ରୀଙ୍କ ପତ୍ର

### ଭୁବନେଶ୍ୱର-ଧାନବାଦ, ପୁରୀ-ପାଟନା ୨ ସ୍ୱତନ୍ତ୍ର ଟ୍ରେନ୍ ହେଲା ନିୟମିତ

ଭୁବନେଶ୍ୱର, ୧୨।୩ (ସୁନିତ୍ ମିଶ୍ର)

ଓଡ଼ିଶାରେ ରେଳ ସଂଯୋଗୀକରଣକୁ ଅଧିକରୁ ଅଧିକ ଗୁରୁତ୍ୱ ଦେଇ କେନ୍ଦ୍ର ସରକାର ଓଡ଼ିଶା ସହିତ ଆସାମ ଏବଂ ତେଲଙ୍ଗାନାକୁ ସଂଯୋଗ କରିବା ପାଇଁ ଏକ ନୂଆ ଅମୃତ ଭାରତ ଟ୍ରେନ୍ ସେବା ଆରମ୍ଭ କରିବାକୁ ଅନୁମୋଦନ ଦେଇଛନ୍ତି। ଏହା ସହ ୨ଟି ସ୍ୱତନ୍ତ୍ର ରେଳସେବାକୁ ନିୟମିତ ରେଳସେବାରେ ପରିଣତ କରିବା ପାଇଁ ମଧ୍ୟ ଅନୁମୋଦନ ଦିଆଯାଇଛି। ପୂର୍ବରୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏନେଇ ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କ ସହ ଆଲୋଚନାକରି ଓଡ଼ିଶାବାସୀଙ୍କ ପାଇଁ ଅଧିକ ରେଳସେବା ଯୋଗାଇବା ଲାଗି ଅନୁରୋଧ କରିଥିଲେ। ରେଳମନ୍ତ୍ରୀଙ୍କ ତରଫରୁ ପତ୍ର ଯୋଗେ ଏନେଇ ମୁଖ୍ୟମନ୍ତ୍ରୀଙ୍କୁ ଅବଗତ କରାଯାଇଛି।

ସୂଚନାଯୋଗ୍ୟ, ଏକ ନୂତନ ଅମୃତ ଭାରତ ଟ୍ରେନ୍ ଆସାମର କାମାକ୍ଷା ଏବଂ ତେଲଙ୍ଗାନାର ଚାରଲାପାରି (ସିକନ୍ଦରାବାଦ) ମଧ୍ୟରେ ଚାଲିବ। ଏହା ଓଡ଼ିଶାର ବାଲେଶ୍ୱର, ଭଦ୍ରକ, ଯାଜପୁର କେନ୍ଦୁଝର ରୋଡ୍, କଟକ, ଭୁବନେଶ୍ୱର, ଖୋର୍ଦ୍ଧା ରୋଡ୍, ବାଲୁଗାଁ ଏବଂ ବ୍ରହ୍ମପୁର ଦେଇ ଯିବ। ଉଲ୍ଲେଖନୀୟ, ୧୮୪୦୩/୧୮୪୦୪ ଭୁବନେଶ୍ୱର-ଧାନବାଦ ସ୍ପେଶାଲ ଟ୍ରେନ୍ ଧାନବାଦ ପହଞ୍ଚିବା ପୂର୍ବରୁ କଟକ, ଢେଙ୍କାନାଳ, ତାଳଚେର ରୋଡ୍, ଅନୁଗୋଳ, ରେଢ଼ାଖୋଲ, ସମ୍ବଲପୁର ସହର, ଝାରସୁଗୁଡ଼ା ଏବଂ ରାଉରକେଲା ଷ୍ଟେଶନ ଦେଇ ଯିବ। ଏହି ଟ୍ରେନ୍‌କୁ ଏବେ ନିୟମିତ କରାଯାଇଛି। ସେହିପରି ୦୮୪୩୯/୦୮୪୪୦ ପୁରୀ-ପାଟ୍‌ନା ସ୍ପେଶାଲ ଟ୍ରେନ୍ ପାଟ୍‌ନା ପହଞ୍ଚିବା ପୂର୍ବରୁ ଖୋର୍ଦ୍ଧା ରୋଡ୍, ଭୁବନେଶ୍ୱର, କଟକ, ଯାଜପୁର, କେନ୍ଦୁଝର ରୋଡ୍, ଭଦ୍ରକ ଏବଂ ବାଲେଶ୍ୱର ଷ୍ଟେଶନ ଦେଇଯିବ। ଏହାକୁ ମଧ୍ୟ ନିୟମିତ କରାଯାଇଛି। ରାଜ୍ୟରେ ରେଳ ସଂଯୋଗକୁ ଉଲ୍ଲେଖନୀୟ ଭାବେ ବୃଦ୍ଧି କରିବା ପାଇଁ ଏହି ଟ୍ରେନ୍ ସେବା ଅନୁମୋଦନ କରାଯାଇଥିବାରୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କୁ ଧନ୍ୟବାଦ ଦେଇଛନ୍ତି।



ଭୁବନେଶ୍ୱର ମଞ୍ଚେଶ୍ୱର ରେଳଡବା ମରାମତି କାରଖାନାରେ ଗୁରୁବାର ସନ୍ଧ୍ୟାରେ ନିଆଁ ଲାଗିଯାଇଥିବାବେଳେ ଅଗ୍ନିଯୋଦ୍ଧାମାନେ ତାହାକୁ ଲିଭାଉଛନ୍ତି। (ଫଟୋ: ମନୋରଞ୍ଜନ ମିଶ୍ର)


## ଅନୁଗୋଳ ପାଇଁ ଜିଲା ଖବରଦାତା ଆବଶ୍ୟକ

ଧରିତ୍ରୀର ଅନୁଗୋଳ ପାଇଁ ଜିଲା ଖବରଦାତା (District Correspondent) ଆବଶ୍ୟକ। ଖବରଦାତା ଭାବେ ପ୍ରାର୍ଥୀଙ୍କ ଛାପା ଗଣମାଧ୍ୟମରେ ସର୍ବନିମ୍ନ ୫ ବର୍ଷର ଅଭିଜ୍ଞତା ରହିଥିବା ଜରୁରୀ। ସ୍ନାତକ ସହ ସାମ୍ବାଦିକତାରେ ଡିଗ୍ରୀ ଅର୍ଜନ କରିଥିବା ପ୍ରାର୍ଥୀଙ୍କୁ ଅଗ୍ରାଧିକାର ଦିଆଯିବ।

ବିଜ୍ଞାପନ ପ୍ରକାଶ ପାଇବାର ୭ ଦିନ ମଧ୍ୟରେ ପ୍ରାର୍ଥୀମାନେ ନିମ୍ନଲିଖିତ ଇ-ମେଲ୍‌ରେ ଆବେଦନ କରିପାରିବେ।

Email: recruitment@dharitri.com


# ବଳଭଦ୍ର ଜୈବିକ ମିଶନ ଚାଷକୁ ସରକାରଙ୍କ ଗୁରୁତ୍ୱ: ଆଇନ ମନ୍ତ୍ରୀ

ଭୁବନେଶ୍ୱର,୧୨।୩(ରବିନାରାୟଣ ଜେନା)

ରାଜ୍ୟରେ ଜୈବିକ ଚାଷକୁ ରାଜ୍ୟ ସରକାର ଅଧିକ ଗୁରୁତ୍ୱ ଦେଉଛନ୍ତି। ଏହାକୁ ନେଇ ରାଜ୍ୟ ସରକାରଙ୍କ ପକ୍ଷରୁ ବଳଭଦ୍ର ଜୈବିକ ଚାଷ ମିଶନ ଶୁଭାରମ୍ଭ ହୋଇଛି। ଏହି ଯୋଜନା ୨୦୨୫-୨୬ରୁ ୨୦୨୯-୩୦ ଦୀର୍ଘ ୫ ବର୍ଷ ମଧ୍ୟରେ ୯୦ ହଜାର ୬୭୦ ହେକ୍ଟର ଜମିରେ କାର୍ଯ୍ୟକାରୀ ହେବ ବୋଲି ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ବୁଧବାର ପ୍ରଶ୍ନକାଳରେ କହିଛନ୍ତି। ସଦସ୍ୟ ଦୁର୍ଗା ଚରଣ ତନ୍ତିଙ୍କ ଏକ ତାରକା ପ୍ରଶ୍ନର ଉତ୍ତରରେ ଉପମୁଖ୍ୟମନ୍ତ୍ରୀ ତଥା କୃଷି ମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓଙ୍କ ପକ୍ଷରୁ ଆଇନମନ୍ତ୍ରୀ ହରିଚନ୍ଦନ କହିଛନ୍ତି, ୧୧ଟି ଜିଲାରେ ଏହି ଚାଷ କରାଯିବା ପାଇଁ ଲକ୍ଷ୍ୟ ରହିଛି। ଏହି ଯୋଜନାର 'ଅମୃତ ଅନ୍ନ' ବିଭାଗ ମାଧ୍ୟମରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ କୋଠଭୋଗ ଓ ମହାପ୍ରସାଦ ନିମନ୍ତେ ରସାୟନମୁକ୍ତ, ଜୈବିକ ସୁଗନ୍ଧିତ ଚାଉଳ ଓ ଡାଲି ଶ୍ରୀଜଗନ୍ନାଥ ମନ୍ଦିର ପ୍ରଶାସନକୁ ଯୋଗାଇଦେବାର ବ୍ୟବସ୍ଥା କରାଯାଉଛି।


## ପୂର୍ବ ତଟ ରେଳପଥ

### ପାର୍କିଙ୍ଗ୍ ଷ୍ଟାଣ୍ଡର ଇ-ନିଲାମ

ନିଲାମ କ୍ୟାଟାଲଗ୍ ନଂ.: SDCM-KUR-PKNG

ଷ୍ଟେସନ ଏବଂ ସ୍ଥାନ : (1) ଖୋର୍ଦ୍ଧା ରୋଡ୍-2 ଚକିଆ (ପୂର୍ବ ପ୍ରବେଶ ପାର୍ଶ୍ୱ), (2) ଖଲିକୋଟ-2 ଚକିଆ (ରେଳ ଷ୍ଟେସନ ବାହାରେ), (3) ବୈତରଣୀ ରୋଡ୍-2 ଚକିଆ (ରେଳ ଷ୍ଟେସନ ବାହାରେ)।

ନିଲାମ ଆରମ୍ଭ ହେବା ତାରିଖ ଓ ସମୟ : 20.03.2026, 1500 ଘଟିକା (ସମସ୍ତ କ୍ରମ ସଂ. ପାଇଁ), ନିଲାମ ବନ୍ଦ ହେବା ତାରିଖ ଓ ସମୟ : 20.03.2026, 1530 ଘଟିକା (କ୍ରମ ସଂ. 1 ପାଇଁ), 1540 ଘଟିକା (କ୍ରମ ସଂ. 2 ପାଇଁ) ଏବଂ 1550 ଘଟିକା (କ୍ରମ ସଂ. 3 ପାଇଁ)।

ଦ୍ରଷ୍ଟବ୍ୟ : ଏହି ନିଲାମ ସମ୍ବନ୍ଧରେ ସମସ୍ତ ଆବଶ୍ୟକ ସୂଚନା ପ୍ରାପ୍ତ କରିବା ନିମନ୍ତେ ଆଶାୟୀ ବିଡ଼ରଙ୍କୁ ୱେବ୍‌ସାଇଟ୍ www.ireps.gov.inର ଆଗାମୀ ଇ-ଅକ୍ସନ ଲିଙ୍କିଙ୍ଗ୍ ଟ୍ୟାବ୍ ପରିଦର୍ଶନ କରିବାକୁ ଅନୁରୋଧ କରାଯାଉଛି।

ବରିଷ୍ଠ ମଣ୍ଡଳ ବାଣିଜ୍ୟ ପ୍ରବନ୍ଧକ/ ଖୋର୍ଦ୍ଧା ରୋଡ୍

PR-1214/Q/25-26


# କାତାରରୁ ଓଡ଼ିଆ ଶ୍ରମିକଙ୍କ ମୃତଦେହ ଓଡ଼ିଶା ଫେରିଲା

ଭୁବନେଶ୍ୱର,୧୨।୩ (ସୌମ୍ୟରଞ୍ଜନ ରାଉତ)

କାତାରରେ ଏକ ଘରୋଇ କମ୍ପାନୀରେ ଶ୍ରମିକ ଭାବେ କାମ କରୁଥିବା ଗଞ୍ଜାମ ଜିଲା ଖଲ୍ଲିକୋଟ ବ୍ଲକ ବାସିନ୍ଦା କୁନା ଖୁଣ୍ଟିଆଙ୍କ ମୃତ୍ୟୁ ଘଟିଛି। ଭାରତ ସରକାରଙ୍କ ବୈଦେଶିକ ମନ୍ତ୍ରଣାଳୟ ଏବଂ ଓଡ଼ିଶା ସରକାରଙ୍କ ମିଳିତ ସହଯୋଗରେ କୁନାଙ୍କ ମୃତଦେହକୁ ଓଡ଼ିଶା ଫେରାଇ ଅଣାଯାଇଛି। ଗୁରୁବାର ସକାଳେ କୁନାଙ୍କ ମୃତଦେହ ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନ ବନ୍ଦରରେ ପହଞ୍ଚିବା ପରେ ଖଲ୍ଲିକୋଟ ବିଧାୟକ ପୂର୍ଣ୍ଣଚନ୍ଦ୍ର ସେଠୀ ଏବଂ ଓଡ଼ିଶା ପରିବାର ନିର୍ଦ୍ଦେଶାଳୟର ସ୍ୱତନ୍ତ୍ର କର୍ତ୍ତବ୍ୟରତ ଅଧିକାରୀ ପ୍ରୀତିଶ ପଣ୍ଡା ତାଙ୍କ ପୈତୃକ ଗ୍ରାମକୁ ପଠାଇଛନ୍ତି।

ସୂଚନାଯୋଗ୍ୟ, କୁନା ୪ ମାସ ତଳେ କାତାର ଯାଇ ସେଠାରେ ଏକ ଘରୋଇ କମ୍ପାନୀରେ କାର୍ଯ୍ୟ କରୁଥିଲେ। ମାର୍ଚ୍ଚ ୬ରେ ତାଙ୍କର ମୃତ୍ୟୁ ଖବର ପରିବାର ଲୋକେ ପାଇଥିଲେ। ପରିବାର ଲୋକଙ୍କ କହିବା ଅନୁଯାୟୀ, କୁନା ନିଜ ରୁମ୍‌ରେ ବିଶ୍ରାମ ନେଉଥିବା ବେଳେ ଆକସ୍ମିକ ଭାବେ ତାଙ୍କର ମୃତ୍ୟୁ ଘଟିଥିବା କମ୍ପାନୀ ପକ୍ଷରୁ ସୂଚନା ଦିଆଯାଇଥିଲା। ଏହାପରେ କୁନାଙ୍କ ମୃତଦେହକୁ ଓଡ଼ିଶା ଫେରାଇ ଆଣିବା ପାଇଁ ପରିବାର ଲୋକେ ଓଡ଼ିଶା ସରକାରଙ୍କ ପାଖରେ ନିବେଦନ କରିଥିଲେ। ପରେ ଭାରତ ସରକାରଙ୍କ ବୈଦେଶିକ ମନ୍ତ୍ରଣାଳୟ, ନୂଆଦିଲ୍ଲୀସ୍ଥିତ ଓଡ଼ିଶା ସରକାରଙ୍କ ମୁଖ୍ୟ ଆବାସିକ ଆୟୁକ୍ତଙ୍କ କାର୍ଯ୍ୟାଳୟ, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଅଧୀନ ଓଡ଼ିଶା ପରିବାର ନିର୍ଦ୍ଦେଶାଳୟ, ଶ୍ରମ ଓ କର୍ମଚାରୀ ରାଜ୍ୟବୀମା ବିଭାଗ ଏବଂ ଗଞ୍ଜାମ ଜିଲା ପ୍ରଶାସନ ମିଳିତ ଭାବେ କୁନାଙ୍କ ମୃତଦେହକୁ ଓଡ଼ିଶା ଫେରାଇ ଆଣିବାକୁ ଉଦ୍ୟମ କରିଥିଲେ।

# ପାକିସ୍ତାନକୁ ଗୁପ୍ତ ତଥ୍ୟ ଦେବା ଅଭିଯୋଗରେ ନୌସେନା ଅଧିକାରୀ ଗିରଫ

ନୂଆଦିଲ୍ଲୀ ,୧୨।୩

ପାକିସ୍ତାନର ଆଇଏସ୍ଆଇକୁ ପ୍ରତିରକ୍ଷା ସମ୍ପର୍କିତ ଗୁପ୍ତ ତଥ୍ୟ ଯୋଗାଇବା ଅଭିଯୋଗରେ ଉତ୍ତରପ୍ରଦେଶ ଏଟିଏସ୍ ଭାରତୀୟ ନୌସେନାର ଜଣେ ଅଧିକାରୀଙ୍କୁ ଆଗ୍ରାରୁ ଗିରଫ କରିଛି। ଗିରଫ ଅଧିକାରୀ ଜଣକ ନୌସେନାର ଲାନ୍ସ ନାଏକ ଆଦର୍ଶ କୁମାର ଓରଫ୍ ଲକି ବୋଲି ଜଣାପଡ଼ିଛି। ଆଦର୍ଶ ଭାରତୀୟ ନୌସେନାର କୋଚିସ୍ଥିତ ସଦର୍ନ ନାଭାଲ୍ କମାଣ୍ଡରେ ଅବସ୍ଥାପିତ ହୋଇ କାର୍ଯ୍ୟ କରୁଥିଲେ। ସେ ଭାରତୀୟ ନୌସେନାର ବହୁ ଗୁରୁତ୍ୱପୂର୍ଣ୍ଣ ଫଟୋ ସମେତ ଯୁଦ୍ଧ ଜାହାଜ ସମ୍ପର୍କରେ ତାଙ୍କର ଆଇଏସ୍ଆଇ ହ୍ୟାଣ୍ଡଲରଙ୍କୁ ତଥ୍ୟ ଯୋଗାଇଥିଲେ। ଆଦର୍ଶଙ୍କଠାରୁ ଜବତ ହୋଇଥିବା ଦସ୍ତାବିଜ୍ ଏବଂ ଇଲେକ୍ଟ୍ରୋନିକ୍ ଗ୍ୟାଜେଟ୍‌ରୁ ସେ ଆଇଏସ୍ଆଇକୁ ତଥ୍ୟ ଯୋଗାଇଥିବା ପ୍ରମାଣିତ ହୋଇଛି।


## ବଲାଙ୍ଗିର ଜିଲ୍ଲା କେନ୍ଦ୍ର ସମବାୟ ବ୍ୟାଙ୍କ ଲିଃ., ବଲାଙ୍ଗିର

### ବିଜ୍ଞାପନ

ପତ୍ର ସଂଖ୍ୟା: ୨୫୫୬ ତାରିଖ: ୧୧।୦୩।୨୦୨୬

ଏତଦ୍ୱାରା ବଲାଙ୍ଗିର ଜିଲ୍ଲା କେନ୍ଦ୍ର ସମବାୟ ବ୍ୟାଙ୍କ ଲିଃ., ବଲାଙ୍ଗିରର ସମସ୍ତ ଅଂଶୀଦାର ସଭ୍ୟମାନଙ୍କୁ ଜଣାଇ ଦିଆଯାଉଛି କି ବ୍ୟାଙ୍କର ୬୩ତମ ବାର୍ଷିକ ସାଧାରଣ ସଭା ଆସନ୍ତା ୨୯।୦୩।୨୦୨୬ରିଖ ଦିବା ଘ.୧୧.୦୦ ସମୟରେ ଟାଉନ ବାଳିକା ବିଦ୍ୟାଳୟ, ବଲାଙ୍ଗିରଠାରେ ନିମ୍ନଲିଖିତ କାର୍ଯ୍ୟସୂଚୀ ମତେ ଅନୁଷ୍ଠିତ ହେବାର ସ୍ଥିରୀକୃତ ହୋଇଅଛି।

ଉକ୍ତ ସଭାରେ ଯୋଗଦାନ ପୂର୍ବକ ଆଲୋଚନାରେ ଅଂଶଗ୍ରହଣ କରିବାକୁ ଅନୁରୋଧ।

କାର୍ଯ୍ୟସୂଚୀ:

୧. ସଭାପତିଙ୍କ ଦ୍ୱାରା ସ୍ୱାଗତ ଭାଷଣ। ୨. ଗତ ୬୨ତମ ସାଧାରଣ ସଭାରେ ଗୃହୀତ ନିର୍ଦ୍ଧାରଣଗୁଡ଼ିକ ପଠନ ଓ ଦୃଢ଼ୀକରଣ। ୩. ବ୍ୟାଙ୍କର ୨୦୨୪-୨୫ ଆର୍ଥିକ ବର୍ଷର ସମୀକ୍ଷା ପତ୍ର ପଠନ ଓ ଦୃଢ଼ୀକରଣ। ୪. ବ୍ୟାଙ୍କରେ ୨୦୨୫-୨୬ ଆର୍ଥିକ ବର୍ଷର ବଜେଟ ପଠନ। ୫. ଲାଭ ଓ କ୍ଷତି ହିସାବ ଓ ଲାଭାଂଶ ବଣ୍ଟନ। ୬. ବ୍ୟାଙ୍କର ଉପବିଧି (୪) ସଂଶୋଧନ ପାଇଁ ଆଲୋଚନା। ୭. ଅନ୍ୟାନ୍ୟ (ସଭାପତିଙ୍କ ଅନୁମତି କ୍ରମେ)।

ବି.ଦ୍ର.: ସାଧାରଣ ସଭାରେ ଯୋଗଦାନ କରିବା ପାଇଁ ସମିତିର କ୍ଷମତାପ୍ରାପ୍ତ ପ୍ରତିନିଧି ସମିତି ନିର୍ଦ୍ଧାରଣର ଅବିକଳ ନକଲ ସାଙ୍ଗରେ ଆଣିବାକୁ ଅନୁରୋଧ।

ବ୍ୟାଙ୍କର ପରିଚାଳନା ପରିଷଦର ନିର୍ଦ୍ଦେଶକ୍ରମେ
Sd./- (ଶ୍ରୀମତୀ ସ୍ମିତାଶ୍ରୀ ସାହୁ)
ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ
ବଲାଙ୍ଗିର ଜିଲ୍ଲା କେନ୍ଦ୍ର ସମବାୟ ବ୍ୟାଙ୍କ ଲିଃ., ବଲାଙ୍ଗିର



## OFFICE OF THE SUPERINTENDING ENGINEER, RWS & S DIVISION, DHENKANAL

Email : eerwss-dkl@nic.in / eerwssdhenkanal@gmail.com, Ph (O) : 06762-225080

GOVERNMENT OF ODISHA "e" PROCUREMENT NOTICE

Bid Identification No.02 of 2025-26 Dt.07.03.2026

**No.25001/334/2526** : The Superintending Engineer, RWSS Division, Dhenkanal on behalf of the Governor of Odisha invites Percentage Rate Bids through e-procurement in Single Cover system according to norm of e-procurement system in on-line mode for the work **"Construction of Sub-Divisional Laboratory cum Sub-Division, Office of RWS&S Sub-Division, Kamakhyanagar (Balance Work) under Kamakhyanagar Block of Dhenkanal District."**

1. Nature of Work : Construction of Sub-Divisional Laboratory cum Sub-Division, Office of RWS&S Sub-Division, Kamakhyanagar (Balance Work) under Kamakhyanagar Block of Dhenkanal District, 2. Total No. of Work : 01 No., 3. Tender Paper Cost : Rs.6000/-, 4. Value of Work : Rs.37.44 Lakhs, 5. Class of Contractor : "C" & "B", 6. Period of Completion : 90 days (Refer DTCN available in the Website www.tendersodisha.gov.in)

| Procurement Officer-Publisher | Bid Identification No. | Date and time of availability of document in the portal | | Last Date & Time of Seeking Clarification on Tender / Bid | Date & Time of Opening of Tender |
|---|---|---|---|---|---|
| | | From | To | | |
| Superintending Engineer, RWS&S Division, Dhenkanal | Notification No. 02 of 2025-26 | Dt.11.03.2026 @11.00 AM | Dt.26.03.2026 up to 5 PM | Dt.18.03.2026 up to 5.00 PM | Dt.30.03.2026 @ 11.00 AM |

Sd./- Superintending Engineer, RWS&S Division, Dhenkanal

OIPR-25001/25029/1/25-26/0001



## GKCM ODISSI RESEARCH CENTRE

Plot No.-1/A, JayadevVihar, Xavier square, Bhubaneswar-751013
mail:gkcmorc@gmail.com/gkcmorc01@gmail.com

No. 3001/11/2526

### ADVERTISEMENT

**Guru Kelucharan Mohapatra Odissi Research Centre (GKCM ORC) invites applications for engagement of the following positions:**

1. **Head of the Department (Dance)** - (i) Eminent Guru in Odissi Dance of International/ National reputation (ii)Any retired Professor/Associate Professor in Odissi Dance (iii)Maximum age is 60 years on the date of application. Honorarium Rs.50000/- monthly pay.
2. **Head of the Department (Vocal)** - (i) Eminent Guru in Odissi Music (Vocal) of International/National reputation or (ii) Any retired Professor in Odissi Music (Vocal) (iii) Maximum age is 60 years on the date of application. Honorarium Rs.50000/-monthly pay.
3. **Head of the Department (Research & Publication)**- Any Retired Professor / retired Associate Professor/Eminent Guru/Scholar having proven record of Research and Publication in the field of Odissi and other Classical Dance and Music, not above the age of 65 years on the date of application. He/She must have minimum 5 numbers of such publication to their own credit. Honorarium Rs.50000/- monthly.
4. **Visiting Faculty (Dance)** - Eminent Dancer in Odissi Dance of International / National reputation (paid on hour/class basis).
5. **Visiting Faculty (Music)** - Eminent Guru in of International / National reputation (paid on hour/class basis)
6. **Assistant teacher (Dance)** - Eminent Guru in Odissi Dance of International / National reputation. Maximum age is 40 years on the date of application. Honorarium Rs.25000/- monthly.
7. **Assistant teacher (Vocal)** - Eminent Guru in Hindustani Music and Odissi Music of International / National reputation. Maximum age is 40 years on the date of application. Honorarium Rs.25000/-monthly.
8. **Accompanist (Vocal)** - Eminent Guru in Vocals of International / National reputation. Maximum age is 40 years on the date of application. Honorarium Rs.25000/-monthly.
9. **Accompanist (Pakhawaj)** - Eminent Guru in Pakhawaj/Mardala of International / National reputation. Maximum age is 40 years on the date of application. Honorarium Rs.25000/-monthly.
10. **Accompanist (Violin)** - Eminent Guru in Violin of International / National reputation. Maximum age is 40 years on the date of application. Honorarium Rs.25000/-monthly.

**Last date of Application - 30 days from the date of publication of the Advertisement. In case of exceptional and outstanding persons, age may be relaxed.**

Sd/- Chief Executive

Contact and mail us your biodata in this email ID: gkcmorc@gmail.com
Phone : 8117826035 / 7608055052

OIPR-3001/3004/1/25-26/0002



## ODISHA COOPERATIVE TASAR & SILK FEDERATION (SERIFED) LTD.

Sahid Nagar, Janpath, Bhubaneswar-751 007, Tel: 2545586/2545852, email- serifedodisha@gmail.com, website- www.serifedodisha.in

TENDER CALL NOTICE

BID IDENTIFICATION NO:- VI-13(10)/SERIFED/2025-26/407

**No.39001/20/2526** : The MANAGING DIRECTOR (SERIFED), Odisha, Bhubaneswar invites sealed tenders in double cover bids from the registered contractors for 02 no. of works. The bid documents such as DTCN/BOQ etc. can be seen/downloaded from the website : www.tendersodisha.gov.in. during the period dt. 16.03.2026 to 5.00 PM up to 25.03.2026. Tender shall be received till 5.00 PM on 25.03.2026 & shall be opened at 11.30 AM on 26.03.2026. Any addendum / corrigendum / cancellation of tender can also be seen in the said website.

OIPR-39001/39036/1/25-26/0003 Sd./- MANAGING DIRECTOR



## ODISHA COAL AND POWER LTD.
(A GOVT. OF ODISHA COMPANY)

Odisha Coal and Power Limited OCPL

Zone-A, Fourth Floor, Fortune Towers, Chandrasekharpur, Bhubaneswar - 751023, Odisha, Ph. No. : 0674-2300654 / 2300664

NOTICE INVITING TENDER

Date : 13.03.2026

Bids in prescribed format are invited in www.tendersodisha.gov.in from the Agency for the following work:

| Sl. No. | Name of the Work | Cost of Tender Paper | Issue of Tender Document | Last Date of bid Submission | Last date of Opening of Bid |
|---|---|---|---|---|---|
| 1 | Community-Based Rehabilitation (CBR) Program for Persons with Disabilities in Block Hemgir, NIT No. OCPL/MCMP/SER-203/2026 | Rs. 1000 Incl. of GST | 13/03/2026 15.00 HRS | 10/04/2026 17.00 HRS | 15:30 HRS on 14/04/2026 |
| 2 | Skill Development & Livelihood Generation Program for Women in Apparel and Tailoring at RR Colony of OCPL, NIT No: OCPL/MCMP/SER-204/2026 | NIL | 13/03/2026 15.00 HRS | 11/04/2026 17.00 HRS | 15:30 HRS on 15/04/2026 |

For further details, bidders shall visit Tender Odisha Portal (Odisha Govt. e-Procurement System) i.e., www.tendersodisha.gov.in or may refer our website i.e. www.ocpl.org.in. Any clarification may please be addressed to the undersigned at the above address or by email to: contracts@ocpl.org.in.

Sd./- Sr.Manager (Contract and Commercial)



## Office of the C.D.M. & PHO cum District Mission Director, Jajpur

TENDER CALL NOTICE

Notice No. 1720 Date : 11/03/2026

**No.10001/117/2526** : Sealed tenders are invited from registered agencies dealing in specific goods / items for empanelment and supply of all Printing Works of IEC & BCC Activities & Supply of Printing Stationary Items to the office of the undersigned for a period of one year as and when required within a stipulated time frame as per the supply order.

The detail regarding bidding format, terms and conditions may be downloaded from the district website i.e. www.jajpur.odisha.gov.in.. The tenders should reach the office of the undersigned by 26.03.2026 (till 5.00 PM) through speed post, registered post & Courier only. The undersigned reserves all rights to cancel any or all the tender at any stage of selection/ finalization process without assigning any reason thereof. Any typographical error may be exempted.

Sd./- C.D.M. & PHO cum District Mission Director, Jajpur

OIPR-10001/10042/1/25-26/0002



## छत्तीसगढ़ शासन, वन एवं जलवायु परिवर्तन विभाग, गरियाबंद वनमंडल, गरियाबंद

### काष्ठागार नीलाम का संक्षिप्त विवरण

सर्व साधारण को सूचनार्थ प्रकाशित किया जाता है कि गरियाबंद वनमंडल के अन्तर्गत गरियाबंद काष्ठागार में संग्रहित ईमारती काष्ठ एवं जलाऊ चट्टा का e-Auction द्वारा निर्वर्तन निम्नानुसार किया जावेगा। इच्छुक वोलीदारों से अनुरोध है कि वे e-Auction में भाग लेंवे। e-Auction की शर्ते एवं अन्य जानकारी कार्यालयीन दिवस व समय पर वनमंडल कार्यालय / वन काष्ठागार गरियाबंद से प्राप्त की जा सकती है।

ई-नीलाम दिनांक - 20.03.2026
ई-नीलाम समय - प्रातः 09.00 बजे

नीलाम में प्रस्तावित वनोपज की अनुमानित मात्रा

| क्र. | प्रजाति | लट्ठा (घनमीटर) | | | बल्ली / डेंगरी / फेंसिंग (संख्या) | | |
|---|---|---|---|---|---|---|---|
| | | नया | पुराना | योग | नया | पुराना | योग |
| 1 | सागौन | 83.076 | 101.660 | 184.736 | 8273 | 55771 | 64044 |
| 2 | साल | 1588.748 | 640.840 | 2229.588 | 2717 | 2064 | 4781 |
| 3 | बीजा | 180.903 | 93.792 | 274.695 | 159 | 53 | 212 |
| 4 | तिन्सा | 9.109 | 2.738 | 11.847 | 146 | 0 | 146 |
| 5 | साजा | 56.575 | 21.615 | 78.19 | 1141 | 0 | 1141 |
| 6 | हलदू | 12.984 | 27.230 | 40.214 | 188 | 0 | 188 |
| 7 | घावड़ा | 13.963 | 2.384 | 16.347 | 1378 | 0 | 1378 |
| 8 | सलई | 6.938 | 11.722 | 18.66 | 0 | 0 | 0 |
| 9 | अन्य | 60.972 | 42.276 | 103.248 | 10162 | 118 | 10280 |
| | योग | **2013.268** | **944.257** | **2957.525** | **24164** | **58006** | **82170** |

जलाऊ चट्टा

| डिपो का नाम | नया | पुराना | योग |
|---|---|---|---|
| निस्तार डिपो पोड़ | 304 | 0 | 304 |
| अस्थाई पड़ाव डिपो परसुली | 448 | 0 | 448 |
| अस्थाई पड़ाव डिपो नाऊमुड़ा | 228 | 338 | 566 |
| अस्थाई पड़ाव डिपो कोड़ोहरदी | 126 | 0 | 126 |
| अस्थाई पड़ाव डिपो खम्हारीपारा | 311 | 0 | 311 |
| **योग:** | **1417** | **338** | **1755** |
| **बांस** | | | |
| उपभोक्ता डिपो देवभोग | 0 | 2000 | 2000 |
| निस्तार डिपो धवलपुर | 0 | 1793 | 1793 |
| **योग:** | **0** | **3793** | **3793** |

टीप: 01 क्रेताओं को e-Auction के पूर्व एम.एस.टी.सी. ई-कामर्स पोर्टल में रजिस्ट्रेशन करना अनिवार्य हैं।
02 क्रेताओं को e-Auction के पूर्व क्रय लाटों के अपसेट प्राईज मूल्य के 10 प्रतिशत की राशि अपने वॉलेट में रखना अनिवार्य है। सफल बोलीदार को एक सप्ताह के भीतर शेष 15 प्रतिशत ई.एम.डी. की राशि जमा करना अनिवार्य है।
03 लॉट की थप्पी सूची एवं फोटो एम.एस.टी.सी. ई-कार्मस पोर्टल में अपने आई.डी से लॉगिन करके देख सकते है।
04 e-Auction में लॉट क्रय किरने हेतु प्रथम क्रेता को 40 सेकेंड का समय प्राप्त होगा, उसी लॉट को क्रय करने के लिये अन्य क्रेताओं को 30 सेकेंड का अतिरिक्त समय प्राप्त होगा। 20 सेकेंड तक बोली नहीं लगने पर लॉट पर बोली बंद हो जायेगा।

G-252607121/4 स्वा./- वनमण्डलाधिकारी, गरियाबंद वनमंडल, गरियाबंद



## NOTICE INVITING TENDER

### Office of District Manager Odisha State Civil Supplies Corporation Ltd. (OSCSC), Nuapada (District)

Phone : 9937484002

No.7001/43/2526 Tender No.549 Dated : 10.03.2026

Cost of Tender Document : Rs.11800/- Inclusive of GST.

**Online Tenders are invited from eligible bidders for selection and appointment of Handling Contractor (Labour works) for handling of food grain (Rice, Wheat etc) at all the Rice Receiving Centres (RRCs) (except in those PEG godowns where godown owner is undertaking handling work) of Nuapada district.**

| | | |
|---|---|---|
| 1 | Availability of tender documents | From Date 12.03.2026. Downloadable from website: www.oscsc.in, www.foododisha.in & www.tendersodisha.gov.in |
| 2 | Date, time and venue for pre-bid conference. | On dt 18.03.2026 At 11.30 AM Place - in the office chamber of CSO-cum-DM, OSCSC Ltd., Nuapada |
| 3 | Last date and time for **online** submission of completed Tender Documents with enclosure | Through e-Procurement portal : www.tendersodisha.gov.in Up to 5.30 of dt.28.03.2026 |
| 4 | Date, time and venue for opening of Technical Bid by the Tender Committee | On dt 07.04.2026 at 11.00 Place - in the Conference hall of Collectorate, Nuapada |
| 5 | Date, time and venue of submission of original documents in support of scanned copies uploaded in the portal for verification | On dt 07.04.2026 at 11.00 Place - in the Conference hall of Colletorate, Nuapada |
| 6 | Date & time of Financial Bid opening by the Tender Committee (Only of Technically Qualified Bidders) | To be announced after technical bid evaluation. |
| 7 | Venue of the opening of Technical & Financial Bids | in the Conference hall of Collectorate, Nuapada |
| 8 | Validity Period | Tenders are to remain open for acceptance for 180 days inclusive of date of opening of tender. |
| 9 | Language of the Tender | The tender should be prepared by the bidder in English language only. |
| 10 | Help Desk telephone no | (1) OSCSC Ltd.: District Manager No. :-9937484002 Accounts Head No:-6371112636 (ii) State Procurement Cell:-0674-2530998 18003456765 |

N.B :
1. If the office happens to be closed on the date of opening of tenders, tenders will be opened on the next working day in the same time.
2. District Tender Committee reserves the right to cancel any/all of the tenders at any time without assigning any reason thereof.
3. Further details can be obtained in the website www.tendersodisha.gov.in.
4. The bidder must deposit Tender Document Fee and EMD at the time of submission of tender through online payment gate way sevice.
5. Any amendment / cancellation / re-tender / Corrigendum please refer to the website : www.tendersodisha.gov.in, www.oscsc.in & www.foododisha.in

Sd./- District Manager OSCSC Ltd., Nuapada

OIPR-7001/7058/1/25-26/0001



See Career Appointment on every Wednesday & Saturday



GOVERNMENT OF ODISHA
DEPARTMENT OF WATER RESOURCES,

## OFFICE OF THE ADDITIONAL CHIEF ENGINEER NORTHERN MINOR IRRIGATION CIRCLE, SAMBALPUR

e-Procurement Notice

BID IDENTIFICATION NO.-ACENMIC, SBP-04/2025-26

Letter No.-289 Dated-10.03.2026

**No.32001/200/2526** : The Additional Chief Engineer, N.M.I Circle, Sambalpur on behalf of Governor of Odisha invites **percentage rate bids in Double cover only in ONLINE mode** for the Construction of works detailed in the table from **"B & A"** Class Contractors registered with the State Government and contractors of equivalent Grade/Class registered with Central Government / M.E.S / Railways for execution of civil works on production of definite proof from the appropriate authority. The bidders may submit bids for any or all of the following works.

| | | |
|---|---|---|
| 1. | Name of the works | : 1. Construction of Darangapada Check Dam near village Darangapada of Tunmura GP in Kutra Block of Sundargarh District under MATY 2025-26. 2. Construction of RBC-1 & Gadadharpur Branch canal of Kharbela MIP(D/W) in Naktideul Block of Sambalpur District under MIPSP Scheme for the year 2025-26 |
| 2. | Total No. of works | : **02 (Two)** |
| 3. | Estimated Cost | : Varies from Rs.105.10 to 111.70 lakh Approximately |
| 4. | Class of Contractor | : Class **"B & A"** |
| 5. | Period of completion | : **Refer DTCN** |
| 6. | Date & time of Availability of Bid Document in the Portal for online bidding | : **From 16.03.2026** at 10.00 A.M. to 30.03.2026 up to 5 PM |
| 7. | Last date/Time for receipt of Bid only in ONLINE | : **30.03.2026** up to 5 PM |
| 8. | Date/Time of Opening of Technical Bid | : **31.03.2026** at 11.00 AM at Office of the Additional Chief Engineer, N.M.I. Circle, Sambalpur |
| 9. | Date/Time of Opening of Financial Bid | : **To be intimated through website after evaluation of Technical Bid** |
| 10. | Date of Transparent Lottery (if cases arise) | : **To be intimated through e-mail after evaluation of Financial Bid** |
| 11. | Name & Address of the Officer Inviting the Bid | : Office of the Additional Chief Engineer, N.M.I. Circle, Sambalpur, At-Brookshill, PO-BSS Nagar, Dist.-Sambalpur, Pin-768001, e-Mail ID : senmicsbpr@yahoo.co.in |
| 12. | Further details can be seen from the "e" Procurement Portal https://tendersodisha.gov.in | |

Sd./- Additional Chief Engineer, N.M.I. Circle , Sambalpur

OIPR-32001/32208/1/25-26/0001

## ସଂକ୍ଷେପରେ

### ଶ୍ୱଶୁର ଘରେ ଯୁବକଙ୍କ ସନ୍ଦେହଜନକ ମୃତ୍ୟୁ

**ଥୁଆମୂଳ ରାମପୁର, ୧୨।୩ (ଦୁର୍ଗା କୀର୍ତ୍ତି):** ଥୁଆମୂଳ ରାମପୁର ଥାନା ଅନ୍ତର୍ଗତ କୁମାରକାନୀ ଗ୍ରାମରେ ଜଣେ ଯୁବକଙ୍କ ସନ୍ଦେହଜନକ ମୃତ୍ୟୁ ଘଟିଛି। ମୃତକ ହେଲେ ଗୋଲାମୁଣ୍ଡା ବ୍ଲକ ଦଶପୁର ଗ୍ରାମର ଦଶରୁ କଟା (୩୮)। ସୂଚନା ଅନୁସାରେ, ଦଶରୁ ଦୀର୍ଘ ୧୩ବର୍ଷ ହେବ ନିଜ ଶ୍ୱଶୁର ଘରେ ରହିଆସୁଥିଲେ। ଗତ ମଙ୍ଗଳବାର ବିଳମ୍ବିତ ରାତିରେ ଏକ ପ୍ଲାଷ୍ଟିକ ଦଉଡ଼ି ସାହାଯ୍ୟରେ ସେ ଆତ୍ମହତ୍ୟା କରିଥିବା କୁହାଯାଉଛି। ମାତ୍ର ଘରେ ସ୍ତ୍ରୀ ଉପସ୍ଥିତ ଥିବା ସତ୍ତ୍ୱେ ଜଣେ ବ୍ୟକ୍ତି କିଭଳି ପ୍ଲାଷ୍ଟିକ ଦଉଡ଼ିରେ ଆତ୍ମହତ୍ୟା କଲେ ତାହାକୁ ନେଇ ଗ୍ରାମବାସୀଙ୍କ ମନରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ପୋଲିସର ନିରପେକ୍ଷ ତଦନ୍ତ ହେଲେ ପ୍ରକୃତ ସତ୍ୟ ସାମ୍ନାକୁ ଆସିବ ବୋଲି ଅଞ୍ଚଳରେ ଚର୍ଚ୍ଚା ହେଉଛି। ଖବର ପାଇ ଥୁଆମୂଳ ରାମପୁର ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହ ଏକ ଅପମୃତ୍ୟୁ ମାମଲା (ନଂ.୦୨/୨୦୨୬) ରୁଜୁ କରିଛି। ମହୁଲପାଟଣା ଫାଣ୍ଡି ଏସ୍‌ଆଇ. ଅରୁଣା କୁମାର ବାଡ୍ରିଆ ଘଟଣାସ୍ଥଳକୁ ଯାଇ ତଦନ୍ତ କରିଛନ୍ତି। ଅନ୍ୟପକ୍ଷରେ, ପରିବାରର ଏକମାତ୍ର ରୋଜଗାରକ୍ଷମ ବ୍ୟକ୍ତିଙ୍କୁ ହରାଇ ୩ ନାବାଳକ ସନ୍ତାନଙ୍କ ସହ ସ୍ତ୍ରୀ ଏବେ ବେସାହାରା ହୋଇପଡ଼ିଛନ୍ତି। ଏହି ପରିବାରକୁ ତୁରନ୍ତ ସରକାରୀ ସହାୟତା ପ୍ରଦାନ କରିବାକୁ ସ୍ଥାନୀୟ ଲୋକେ ଦାବି କରିଛନ୍ତି।

### ଅବକାରୀ ଚଢ଼ାଉ, ଦେଶୀ ମଦ ଜବତ

**କୋକସରା, ୧୨।୩ (ଦୁଷ୍ମନ୍ତ କୁମାର ପାଙ୍ଗଯୋଷୀ):** କୋକସରା ଅବକାରୀ ବିଭାଗ ପକ୍ଷରୁ ଗୁରୁବାର ଲଡୁଗାଁର ବିଭିନ୍ନ ସ୍ଥାନରେ ଚଢ଼ାଉ କରାଯାଇଛି। ଏହି ସମୟରେ ଗ୍ରାମର ମଞ୍ଜିତା ଜୁଏଡ, କୁଞ୍ଜ ଦଣ୍ଡସେନା, ଦେବେନ୍ଦ୍ର ଗୋପାଳ ଓ କାହ୍ନୁଚରଣ ମହାନନ୍ଦଙ୍କ ନିକଟରୁ ୩୭.୦୪ ଲିଟର ଦେଶୀ ମଦ ଜବତ କରାଯାଇଛି। ଏ ନେଇ ୪ଟି ମାମଲା ରୁଜୁ କରାଯାଇଛି। ୩ ଜଣଙ୍କୁ ନୋଟିସ ଦେଇ ଛଡ଼ାଯାଇଥିବା ବେଳେ କୁଞ୍ଜ ଦଣ୍ଡସେନାଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରାଯାଇଥିଲା। ତେବେ ତାଙ୍କର ଜାମିନ ହୋଇଥିବା କୋକସରା ଅବକାରୀ ଥାନା ପକ୍ଷରୁ ସୂଚନା ମିଳିଛି। ଏହି ଚଢ଼ାଉରେ ଧର୍ମଗଡ଼ ଅବକାରୀ ଇନ୍ସପେକ୍ଟର ଅରୁଣ କୁମାର ଯୋଷୀ, କୋକସରା ଅବକାରୀ ଓଆଇସି ଗୁପ୍ତେଶ୍ୱର ପଟେଲ, କନଷ୍ଟେବଲ ମହାଦେବ କଟା, ସୁରେଶ ଚନ୍ଦ୍ର ଭୋଇ ପ୍ରମୁଖ ସାମିଲ ହୋଇଥିଲେ।

### ଅନ୍‌ଲାଇନ ଗ୍ୟାସ୍ ବୁକିଂରେ ସମସ୍ୟା

**ଖଡ଼ିଆଲ, ୧୨।୩ (ସୁଜିତ କୁମାର ପ୍ରଧାନ):** ଇରାନ ସହ ଆମେରିକା-ଇସ୍ରାଏଲର ଯୁଦ୍ଧ ପରିପ୍ରେକ୍ଷୀରେ ବଜାରରେ ଗ୍ୟାସ୍ ମହାଙ୍ଗା ହେବା ନେଇ ଲୋକଙ୍କ ମଧ୍ୟରେ ଭୟ ସୃଷ୍ଟି ହୋଇଛି। ଏପରିସ୍ଥଳେ ଖଡିଆଳ ସହରରେ ଗ୍ୟାସ୍ ବୁକିଂ ସମସ୍ୟା ଦେଖାଦେଇଥିବା ଲୋକଙ୍କୁ ଭ୍ରମିତ କରୁଛି। କିନ୍ତୁ ପ୍ରଚୁର ପରିମାଣରେ ଗ୍ୟାସ ମହଜୁଦ ଥିବା ବେଳେ ସର୍ଭର ଡାଉନ ଥିବା କାରଣରୁ ବୁକିଂ ହେବାରେ ଅନେକ ସମସ୍ୟା ଦେଖାଯାଉଛି। ହେଲେ ଏଠାକାର ଗ୍ୟାସ୍ ଏଜେନ୍ସି କୌଣସି ଭ୍ରମିତ ନ ହୋଇ ଅନ୍ୟ ଉପାୟରେ ଗ୍ୟାସ୍ ବୁକିଂ କରିବାକୁ ଲୋକଙ୍କୁ ଆହ୍ୱାନ ଦେଇଛି। ମିସ୍‌କଲ୍, ଭାରତୀୟ ତୈଳ ୱାନ ଆପ୍, ଭାରତୀୟ ବିଲ ପୈଠ ବ୍ୟବସ୍ଥା, ଏସ୍‌ଏମ୍‌ଏସ୍ ସହ ପୋର୍ଟାଲ ଜରିଆରେ ଗ୍ୟାସ୍ ବୁକ କରିବାକୁ ଏଜେନ୍ସି ପକ୍ଷରୁ ଅନୁରୋଧ କରାଯାଇଛି। ଏହାସହ ଏହି ସମସ୍ୟା ସମଗ୍ର ଭାରତ ବର୍ଷରେ ଦେଖାଯାଉଥିବା ବେଳେ ଶୀଘ୍ର ସମାଧାନ ହେବ ବୋଲି କୁହାଯାଇଛି।

# କଳାବଜାରୀଙ୍କ ଉପରେ ହେବ ଦୃଢ଼ କାର୍ଯ୍ୟାନୁଷ୍ଠାନ

**ଏଲ୍‌ପିଜି, ପେଟ୍ରୋଲ ଓ ଡିଜେଲ ବିତରକଙ୍କୁ ନେଇ ବୈଠକ**

ଭବାନୀପାଟଣା, ୧୨।୩ (ଉତ୍ତମ କୁମାର ଦାଶ)

ରାଜ୍ୟ ସରକାରଙ୍କ ନିର୍ଦ୍ଦେଶ କ୍ରମେ ଗୁରୁବାର ଅପରାହ୍ନରେ କଳାହାଣ୍ଡି ଜିଲାପାଳ ପାୱାର ସଚିନ ପ୍ରକାଶଙ୍କ ଦ୍ୱାରା ଆହୂତ ଏକ ଜରୁରୀ ବୈଠକ ଅନୁଷ୍ଠିତ ହୋଇଯାଇଛି। ଭବାନୀପାଟଣାସ୍ଥିତ ଜିଲାପାଳଙ୍କ କାର୍ଯ୍ୟାଳୟର ଓସ୍ୱାନ ହଲଠାରେ ଅନୁଷ୍ଠିତ ବୈଠକରେ ଜିଲାପାଳ ଅଧ୍ୟକ୍ଷତା କରିଥିଲେ। ଏଥିରେ ଜିଲାର ସମସ୍ତ ଏଲ୍‌ପିଜି, ପେଟ୍ରୋଲ ଓ ଡିଜେଲ ବିତରକ, ଯୋଗାଣକାରୀ ସଂସ୍ଥା, ଅଧିକାରୀ ସାମିଲ ହୋଇଥିଲେ। ବୈଠକରେ ରନ୍ଧନ ଗ୍ୟାସ୍, ପେଟ୍ରୋଲ, ଡିଜେଲର ନିରବଚ୍ଛିନ୍ନ ଯୋଗାଣ ଓ ସରକାରଙ୍କ ଦ୍ୱାରା ସ୍ଥିରୀକୃତ ଦାମ୍‌ରେ



ବୈଠକରେ ଜିଲାପାଳଙ୍କ ସହ ବିତରକ ସଂସ୍ଥାର କର୍ମକର୍ତ୍ତାମାନେ।

ବିକ୍ରୟ ସମ୍ବନ୍ଧରେ ଆଲୋଚନା ହୋଇଥିଲା। ଜିଲାପାଳ ସମସ୍ତ ବିତରକଙ୍କୁ ତାଗିଦ କରିବା ସହିତ କଳାବଜାରୀ କରୁଥିବା ବ୍ୟକ୍ତିମାନଙ୍କ ବିରୋଧରେ ଅତ୍ୟାବଶ୍ୟକୀୟ ଦ୍ରବ୍ୟ ଆଇନ -୧୯୫୫ ଅନୁଯାୟୀ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାକୁ ଜିଲା ଯୋଗାଣ ଅଧିକାରୀଙ୍କୁ କଡ଼ା ନିର୍ଦ୍ଦେଶ ଦେଇଥିଲେ। ଜିଲା ଯୋଗାଣ ଅଧିକାରୀ ଅଜୟ କୁମାର ମଲ୍ଲିକ କହିଥିଲେ ଯେ, ସାଧାରଣ ଜନତା ଏଥି ସମ୍ବନ୍ଧୀୟ କୌଣସି ଅଭିଯୋଗ ଜିଲା କଣ୍ଟ୍ରୋଲ ରୁମ ମୋବାଇଲ ନଂ.୯୪୩୮୨୦୦୦୪୫ ରେ ଯୋଗାଯୋଗ କରି ନିଜ ଅଭିଯୋଗ ଦାଖଲ କରିପାରିବେ। ଜିଲାରେ ଏଲ୍‌ପିଜି, ପେଟ୍ରୋଲ ଓ ଡିଜେଲ ତଦାରଖ ନିମନ୍ତେ ଜିଲାପାଳଙ୍କ ଅଧ୍ୟକ୍ଷତାରେ ଜିଲାସ୍ତରୀୟ ଏକ କମିଟି ଏବଂ ତହସିଲଦାରଙ୍କ ଅଧ୍ୟକ୍ଷତାରେ ବ୍ଲକସ୍ତରୀୟ କମିଟି ଗଠନ କରାଯାଇଛି। ବ୍ଲକ ସ୍ତରୀୟ ଯୋଗାଣ ନିରୀକ୍ଷକମାନେ ଏ ସମ୍ବନ୍ଧରେ ସଜାଗ ରହିବା ସହିତ ନିଜର ଦାୟିତ୍ୱ ଠିକ୍ ଭାବେ ତୁଲାଇବା ପାଇଁ ଜିଲାପାଳ ନିର୍ଦ୍ଦେଶ ଦେଇଥିଲେ।

# ୨ ବାଇକ୍ ମୁହାଁମୁହିଁ: ଜଣେ ମୃତ, ୩ ଗୁରୁତର

କୋକସରା, ୧୨।୩ (ଦୁଷ୍ମନ୍ତ କୁମାର ପାଙ୍ଗଯୋଷୀ)

କଳାହାଣ୍ଡି ଜିଲା କୋକସରା ବ୍ଲକ କୁଲେରଗୁଡ଼ା-ଖୁର୍ସେଲଗୁଡ଼ା ରାସ୍ତାରେ ବୁଧବାର ବିଳମ୍ବିତ ରାତିରେ ୨ ବାଇକ୍ ମଧ୍ୟରେ ମୁହାଁମୁହିଁ ଧକ୍କା ହୋଇଛି। ଏଥିରେ ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ୩ଜଣ ଗୁରୁତର ଆହତ ହୋଇଛନ୍ତି। ମୃତକ ହେଲେ ଖୁର୍ସେଲଗୁଡ଼ା ଗ୍ରାମର ଈଶ୍ୱର ପାଲି(୨୪)। ପିପଲଖାପର ଗ୍ରାମର ଟୁନା ମାଝୀ(୨୫), ସୁଶାନ୍ତ ବେହେରା(୨୨) ଓ ପ୍ରେମଲାଲ ବାଗ(୧୮) ଗୁରୁତର ହୋଇଛନ୍ତି। ଦୁର୍ଘଟଣା ପରେ ସ୍ଥାନୀୟ ଲୋକେ ସମସ୍ତଙ୍କୁ ଉଦ୍ଧାର କରି କୋକସରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଥିଲେ। ହେଲେ ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ଈଶ୍ୱରଙ୍କ ମୃତ୍ୟୁ ଘଟିଥିଲା। ଟୁନା, ସୁଶାନ୍ତ ଓ ପ୍ରେମଲାଲଙ୍କୁ ପ୍ରାଥମିକ ଚିକିତ୍ସା ପରେ ଜିଲା ମୁଖ୍ୟ ଚିକିତ୍ସାଳୟ ଭବାନୀପାଟଣାକୁ ସ୍ଥାନାନ୍ତର କରାଯାଇଛି। ଆମପାଣି ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରି ଦୁର୍ଘଟଣା ଗ୍ରସ୍ତ ବାଇକ୍‌କୁ ଜବତ କରିଛି। ଗୁରୁବାର ମୃତକଙ୍କ ପରିବାର ଲୋକେ ଆମପାଣି ଥାନାରେ ଏକ ଲିଖିତ ଅଭିଯୋଗ କରିଛନ୍ତି। କୋକସରା ମେଡ଼ିକାଲରେ ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି।

# ଖାଉଟି ଅଦାଲତରେ ମୁକେଶ ଏଣ୍ଟରପ୍ରାଇଜେସ୍ ଦଣ୍ଡିତ

ଭବାନୀପାଟଣା, ୧୨।୩ (ଉତ୍ତମ କୁମାର ଦାଶ)

କଳାହାଣ୍ଡି ଜିଲା ଜୁନାଗଡ଼ ସହର କଲମପୁର ଛକ ନିକଟରେ ଥିବା ମୁକେଶ ଏଣ୍ଟରପ୍ରାଇଜେସ ଓ ଟିଭି ଉତ୍ପାଦନକାରୀ ସଂସ୍ଥା (ସାମ୍‌ସଙ୍ଗ) ଗୁରୁବାର ଜିଲା ଖାଉଟି ଅଦାଲତରେ ଦଣ୍ଡିତ ହୋଇଛନ୍ତି। ସୂଚନା ଅନୁଯାୟୀ, ଜୁନାଗଡ଼ ବ୍ଲକ ଚିଚୈଗୁଡା ପଞ୍ଚାୟତ ନୂଆଗୁଡ଼ା ଗ୍ରାମର ଉତ୍ତମ କୁମାର ଦାଶ (ଅଭିଯୋଗ କାରୀ) ଫେବୃଆରୀ ୨୦୨୩ରେ ଜୁନାଗଡ଼ ମୁକେଶ ଏଣ୍ଟରପ୍ରାଇଜେସରୁ ୫୦ ହଜାର ଟଙ୍କା ବ୍ୟୟରେ ୫୫ ଇଞ୍ଚର ଏକ ସାମ୍‌ସଙ୍ଗ ଏଲ୍‌ଇଡି ଟିଭି କିଣିଥିଲେ। ତେବେ କିଣିବାର ୯ ମାସ ପରେ ଏହି ଟିଭିର ଡିସ୍‌ପ୍ଲେ ଚାଲିଯାଇଥିଲା। ଏହାପରେ ଅଭିଯୋଗକାରୀ ଦାଶ ଦୋକାନୀ ଓ ସର୍ଭିସ ସେଣ୍ଟର ତଥା କଷ୍ଟମର କେୟାରଙ୍କୁ ଏହି ସମସ୍ୟା ସମ୍ପର୍କରେ ଜଣାଇ ଅଭିଯୋଗ କରିଥିଲେ। ପରେ ଟିଭି ସର୍ଭିସ ସେଣ୍ଟର ପକ୍ଷରୁ ଡିସେମ୍ବରରେ ନୂଆ ଡିସପ୍ଲେ ଲଗାଯାଇଥିଲା। ଏହାର ୩ ମାସ ପରେ ପୁଣି ଥରେ ଉକ୍ତ ଟିଭିର ଡିସ୍‌ପ୍ଲେ ଚାଲିଯାଇଥିଲା। ଯାହାକୁ ନେଇ ପୁଣିଥରେ ଅଭିଯୋଗକାରୀ ଦୋକାନୀ ଓ




ସର୍ଭିସ ସେଣ୍ଟର ତଥା କଷ୍ଟମର କେୟାରକୁ ଜଣାଇ ଅଭିଯୋଗ କରିଥିଲେ। ହେଲେ ସେମାନେ ଦିନ ଗଡେଇ ଚାଲିଥିଲେ। ଏପରି କି ଟିଭି ଦୋକାନ ମାଲିକ ମୁକେଶ ଅଗ୍ରୱାଲ ମଧ୍ୟ ଅଭିଯୋଗକାରୀଙ୍କ କଥାକୁ ଗୁରୁତ୍ୱ ଦେଇ ନ ଥିଲେ। ଏହାଭିତରେ ଟିଭିର ୱାରେଣ୍ଟି ସମୟ ଚାଲିଯାଇଥିଲା। ଅଭିଯୋଗକାରୀ ଦାଶ ଭବାନୀପାଟଣା ଯାଇ ସର୍ଭିସ ସେଣ୍ଟର ମୁଖ୍ୟଙ୍କୁ ଜଣାଇବା ପରେ ସେ ଟିଭିର ୱାରେଣ୍ଟି ଚାଲିଯାଇଛି ଟଙ୍କା ଦେଲେ ଡିସ୍‌ପ୍ଲେ ଲାଗିବ ବୋଲି କହିଥିଲେ। ତେବେ ୱାରେଣ୍ଟି ସମୟରେ ଡିସପ୍ଲେ ନ ଲଗାଇବା ସହ ଟିଭି ଡିସପ୍ଲେ ପାଇଁ ହଇରାଣ କରିଥିବାରୁ ଉପରୋକ୍ତ ଦୋକାନୀ, ଉତ୍ପାଦନକାରୀ ଟିଭି ସଂସ୍ଥା(ସାମ୍‌ସଙ୍ଗ) ଓ ସର୍ଭିସ ସେଣ୍ଟର ନାମରେ ଅଭିଯୋଗ କାରୀ ଦାଶ ଜିଲା ଖାଉଟି ଅଦାଲତର ଦ୍ୱାରସ୍ଥ ହୋଇଥିଲେ। ଖାଉଟି ଅଦାଲତ ଅଧ୍ୟକ୍ଷ ଅଶ୍ୱିନୀ କୁମାର ପାତ୍ର ଓ ସଦସ୍ୟା ଜ୍ୟୋତ୍ସ୍ନାରାଣୀ ମିଶ୍ରଙ୍କୁ ନେଇ ଗଠିତ ଖଣ୍ଡପୀଠ ଏହି ମାମଲାର ବିଚାର କରିଥିଲେ। ସମସ୍ତ ପ୍ରମାଣକୁ ବିଚାର କରି ଆଗାମୀ ୩୦ ଦିନ ମଧ୍ୟରେ ଅଭିଯୋଗକାରୀ ଦାଶଙ୍କୁ ମୁକେଶ ଏଣ୍ଟରପ୍ରାଇଜେସ ଓ ଟିଭି ଉତ୍ପାଦନକାରୀ ସଂସ୍ଥା (ସାମ୍‌ସଙ୍ଗ) ପୁରୁଣା ଟିଭି ବଦଳାଇ ସମାନ ନୂତନ ବ୍ରାଣ୍ଡର ଟିଭି ପ୍ରଦାନ କରିବେ। ନଚେତ ୫୦ ହଜାର ଟଙ୍କା ୯% ସୁଧ ସହିତ ପ୍ରଦାନ କରିବେ। ସେହିପରି ଅଭିଯୋଗ କାରୀ ଦାଶଙ୍କୁ ମାନସିକ ହଇରାଣ କରିବା ବାବଦରେ ମୁକେଶ ଏଣ୍ଟରପ୍ରାଇଜେସଙ୍କୁ ୨୦ ହଜାର ଟଙ୍କା କ୍ଷତିପୂରଣ ଓ ମକଦ୍ଦମା ଖର୍ଚ୍ଚ ବାବଦକୁ ଦୋକାନୀ, ଉତ୍ପାଦନକାରୀ ସଂସ୍ଥା ଓ ପରିଚାଳକ ପ୍ରମୁଖ ୫ ହଜାର ଲେଖାଏ ୧୫ ହଜାର ଟଙ୍କା ପ୍ରଦାନ କରିବେ ବୋଲି ନିର୍ଦ୍ଦେଶ ଦେଇଛନ୍ତି। ଏହି ମାମଲାକୁ ଅଭିଯୋଗ କାରୀଙ୍କ ପକ୍ଷରୁ ବରିଷ୍ଠ ଆଇନଜୀବୀ ପ୍ରଦୀପ କୁମାର ବିହାର ପରିଚାଳନା କରୁଥିଲେ।

### କୋସଲି କବିତା ପୁସ୍ତକ 'ଫଗୁନ ପସରା' ଉନ୍ମୋଚିତ

**ଖଡିଆଲ, ୧୨।୩ (ସୁଜିତ କୁମାର ପ୍ରଧାନ):** କବୟିତ୍ରୀ ମାନିନୀ ମେହେରଙ୍କ କୋସଲି କବିତା ପୁସ୍ତକ 'ଫଗୁନ ପସରା' ଉନ୍ମୋଚିତ ହୋଇ ଯାଇଛି। ଏ ନେଇ ଖଡ଼ିଆଳ ଗବେଷଣା ପ୍ରତିଷ୍ଠାନ ଦ୍ୱାରା ଆୟୋଜିତ ଏକ ସାରସ୍ୱତ ସଭାରେ ମୁଖ୍ୟ ଅତିଥି ଭାବରେ ଅଧ୍ୟାପକ ଦିଲୀପ ପଶାୟତ ଯୋଗ ଦେଇଥିଲେ। ସମୀକ୍ଷକ ଭାବରେ ବଲାଙ୍ଗୀର ଜିଲା ବେଲପଡ଼ା କଲେଜର ଅଧ୍ୟାପକ ବ୍ରଜ ମୋହନ ମେହେର ଯୋଗଦେଇ ଏହି ପୁସ୍ତକ କୋସଲି ଭାଷା ସଂସ୍କୃତିରେ ଏକ ମାଇଲଖୁଣ୍ଟ ହୋଇ ରହିବ ବୋଲି କହିଥିଲେ। ପୁସ୍ତକରେ ଦାଦନ ସମସ୍ୟା, ପ୍ରେମ, ପ୍ରକୃତି, ନାରୀ ଆଦି ଉପରେ ୩୭ କବିତା ସ୍ଥାନିତ ହୋଇଛି। ସମ୍ମାନିତ ଅତିଥି ଭାବେ ନାଟ୍ୟକାର ଜିତେନ୍ଦ୍ର ନାଥ ପଟ୍ଟନାୟକ ଯୋଗଦାନ କରିଥିବା ବେଳେ ଖଡିଆଳ ଗବେଷଣା ପ୍ରତିଷ୍ଠାନର ସଭାନେତ୍ରୀ ସଞ୍ଜିବନୀ ସୁଧା ରଥ ଅଧ୍ୟକ୍ଷତା କରିଥିଲେ। କାର୍ଯ୍ୟକ୍ରମରେ ଖଡିଆଳ ଗବେଷଣା ପ୍ରତିଷ୍ଠାନର ନିଳିମାରାଣି ସାଗର, ଖଡିଆଳ ସ୍ୱୟଂଶାସିତ ମହାବିଦ୍ୟାଳୟ ଅଧ୍ୟକ୍ଷ ପ୍ରଶାନ୍ତ କୁମାର ପଣ୍ଡା, ବିଶିଷ୍ଟ କବି ପଞ୍ଚାୟତ ନୀଳଲୋହିତ ସିଂଦେଓ, ଅବସରପ୍ରାପ୍ତ ପ୍ରାଧ୍ୟାପକ ଲୋହିତାକ୍ଷ ଯୋଶୀ ପ୍ରମୁଖ ଯୋଗଦେଇଥିଲେ।

# ସମ୍ପୂର୍ଣ୍ଣତା ଅଭିଯାନ ସଫଳ ପାଇଁ ପ୍ରଶିକ୍ଷଣ ଶିବିର



ଶିବିରରେ ଯୋଗଦେଇଥିବା ଅଧିକାରୀ ଓ ଅଙ୍ଗନୱାଡି କର୍ମୀ।

ଥୁଆମୂଳ ରାମପୁର, ୧୨।୩ (ଦୁର୍ଗା କୀର୍ତ୍ତି)

କଳାହାଣ୍ଡି ଜିଲା ଥୁଆମୂଳ ରାମପୁର ବ୍ଲକ ଅନ୍ତର୍ଗତ ପେରମଞ୍ଜିଠାରେ ଆକାଂକ୍ଷୀ ବ୍ଲକ କାର୍ଯ୍ୟକ୍ରମ ଅଧୀନରେ 'ସମ୍ପୂର୍ଣ୍ଣତା ଅଭିଯାନ ୨.୦'କୁ ସଫଳ କରିବା ଲକ୍ଷ୍ୟରେ ଏକ ପ୍ରଶିକ୍ଷଣ ଶିବିର ବୁଧବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ବ୍ଲକର ବହୁ ଅଙ୍ଗନୱାଡି କର୍ମୀ ଯୋଗଦେଇ ବିଭିନ୍ନ ଯୋଜନା ଓ କାର୍ଯ୍ୟକ୍ରମ ସମ୍ପର୍କରେ ପ୍ରଶିକ୍ଷଣ ଗ୍ରହଣ କରିଛନ୍ତି। ସିଡିପିଓ ମଧୁମାଳା ବାଗ, ଆକାଂକ୍ଷୀ ବ୍ଲକ ସଂଯୋଜକ ପ୍ରଦ୍ୟୁମ୍ନ କୁମାର ସାହା ଓ ଆଇସିଡିଏସ୍ ସୁପରଭାଇଜରମାନେ ଉପସ୍ଥିତ ରହି କର୍ମୀମାନଙ୍କୁ ବିଭିନ୍ନ ସୂଚକାଙ୍କ ଉପରେ ଶତପ୍ରତିଶତ ସାଚୁରେଶନ ହାସଲ ପାଇଁ ପରାମର୍ଶ ଦେଇଥିଲେ। ନୀତି ଆୟୋଗଙ୍କ ଆକାଂକ୍ଷୀ ବ୍ଲକ କାର୍ଯ୍ୟକ୍ରମର ଲକ୍ଷ୍ୟ ହାସଲ ପାଇଁ ୬ ମାସରୁ ୬ ବର୍ଷ ବୟସର ଶିଶୁଙ୍କୁ ନିୟମିତ ଭାବରେ ପୂରକ ପୋଷଣ ପ୍ରଦାନ, ଆଙ୍ଗନୱାଡି କେନ୍ଦ୍ରରେ ନାମଲେଖା ହୋଇଥିବା ସମସ୍ତ ଶିଶୁଙ୍କ ଉଚ୍ଚତା ଓ ଓଜନ ମାପ ଶତ ପ୍ରତିଶତ ନିଶ୍ଚିତ କରିବା ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ଏଥିସହିତ ପ୍ରତ୍ୟେକ ଅଙ୍ଗନୱାଡି କେନ୍ଦ୍ରରେ ଶୌଚାଳୟ ଓ ବିଶୁଦ୍ଧ ପାନୀୟ ଜଳର ସୁବ୍ୟବସ୍ଥା ସୁନିଶ୍ଚିତ କରିବା ପାଇଁ ସୁପରଭାଇଜର ଓ କର୍ମୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା। ଏହି ଅଭିଯାନ ମାଧ୍ୟମରେ ଗ୍ରାମସ୍ତରରେ ପୋଷଣ ସ୍ତରରେ ସୁଧାର, ମା' ଓ ଶିଶୁର ସ୍ୱାସ୍ଥ୍ୟ ସୁରକ୍ଷା ତଥା ଅଙ୍ଗନୱାଡି ସେବାର ଗୁଣବତ୍ତା ବୃଦ୍ଧି ପାଇବ ବୋଲି ଆଶା କରାଯାଇଛି।

# ସମ୍ବଲପୁରୀ ନାଚଗୀତରେ ଝୁମିଲେ ଦର୍ଶକ



ବୀରବାଦ୍ୟ ଘୁମୁରା ପ୍ରଦର୍ଶନ କରୁଛନ୍ତି କଳାକାର।

ନୂଆପଡ଼ା, ୧୨।୩ (ମକାରୁ ବେମାଲ)

ନୂଆପଡ଼ା ଜିଲା ପ୍ରଶାସନ ଓ ଓଡ଼ିଶା ସରକାରଙ୍କ ମିଶନ ଶକ୍ତି ବିଭାଗ ଆନୁକୂଲ୍ୟରେ ନ୍ୟାଶନାଲ କଲେଜ ପଡିଆରେ ଆୟୋଜିତ ସୁଭଦ୍ରା ଶକ୍ତି ମେଳାର ଗୁରୁବାର ତୃତୀୟ ଦିନରେ ସମ୍ବଲପୁରୀ ନାଚଗୀତରେ ଦର୍ଶକ ଝୁମି ଉଠିଥିଲେ। ଜିଲା ମୁଖ୍ୟ ଉନ୍ନୟନ ଅଧିକାରୀ ଲମ୍ବୋଦର ଧରୁଆଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ଜିଲା ପରିଷଦ ଭରତଲାଲ ରାଉତ, ଭାନୁ ପ୍ରତାପ ସିଂ ମାଝି ପ୍ରମୁଖ ଅତିଥି ଭାବରେ ଯୋଗଦେଇଥିଲେ। ଅତିଥିମାନେ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ଓ ସ୍ଥାନୀୟ ଉଦ୍ୟୋଗୀମାନଙ୍କ ଦ୍ୱାରା ପ୍ରସ୍ତୁତ ବିଭିନ୍ନ ହସ୍ତଶିଳ୍ପ ବୁଲି ଦେଖିଥିଲେ। ଏହି ମେଳା ଜିଲାର ମହିଳାମାନଙ୍କୁ ସଶକ୍ତ କରିବା ସହ ସ୍ୱୟଂସହାୟକ ଗୋଷ୍ଠୀଙ୍କ ଆର୍ଥିକ ଉନ୍ନତିରେ ସହାୟକ ହେବ ବୋଲି ଅତିଥିମାନେ କହିଥିଲେ। ଏହି ଉପଲକ୍ଷେ ଆୟୋଜିତ ମ୍ୟୁଜିକ ଚେୟାର ଓ ସ୍ପୁନ ରେସ୍ ପ୍ରତିଯୋଗିତାରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଏହାପରେ ପ୍ରଦୀପ ପ୍ରଜ୍ୱଳନ ଓ ପୂଜାର୍ଚ୍ଚନା କରି ସାଂସ୍କୃତିକ ସନ୍ଧ୍ୟା ଆରମ୍ଭ ହୋଇଥିଲା। ଏଥିରେ ଢୋଲ ମହୁରୀ ସାଂସ୍କୃତିକ ଅନୁଷ୍ଠାନ ନୂଆପଡା, ସରକାରୀ ବାଳିକା ବିଦ୍ୟାଳୟ କୋଟେନଚୁଆଁ, ନଟରାଜ ଡ୍ୟାନ୍ସ ଏକାଡେମୀ ବଲାଙ୍ଗୀର, ଶଙ୍କର ବେହେରା ଓ ଟିମ୍ ମା' ବୀଣାପାଣି ବଜାସାଲ କୋନାବିରା, ମା' ଠାକୁରାଣୀ ଘୁମୁରା ଦଳ, ଭାଲୁଡୁଙ୍ଗରି ଦଳ ଆକର୍ଷଣୀୟ ନୃତ୍ୟ ପରିବେଷଣ କରିଥିଲେ। ସମ୍ବଲପୁରୀ ନାଚଗୀତ ସାଙ୍ଗକୁ ଷ୍ଟାର ନାଇଟ କାର୍ଯ୍ୟକ୍ରମ ଦର୍ଶକଙ୍କ ମନ ମୋହିଥିଲା।

### ଆଦର୍ଶ ସ୍ନାତକ ମହାବିଦ୍ୟାଳୟର ବାର୍ଷିକୋତ୍ସବ

**ଖଡ଼ିଆଳ, ୧୨।୩ (ସୁଜିତ କୁମାର ପ୍ରଧାନ):** ନୂଆପଡ଼ା ଜିଲା ଖଡିଆଲସ୍ଥିତ ଆଦର୍ଶ ସ୍ନାତକ ମହାବିଦ୍ୟାଳୟର ନବମ ବାର୍ଷିକୋତ୍ସବ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ପ୍ରଥମେ ଶ୍ରୀଜଗନ୍ନାଥଙ୍କ ପୂଜାର୍ଚ୍ଚନା ପରେ ପ୍ରାରମ୍ଭିକ ସଙ୍ଗୀତ ଗାନ କରାଯାଇଥିଲା। ମହାବିଦ୍ୟାଳୟ ଅଧ୍ୟକ୍ଷ ଡ. ଅକ୍ଷୟ କୁମାର ସାହୁ ପ୍ରାରମ୍ଭିକ ବକ୍ତବ୍ୟ ପରେ ଏକ ବାର୍ଷିକ ବୁଲେଟିନ ଉନ୍ମୋଚିତ ହୋଇଥିଲା। ସହକାରୀ ପ୍ରଫେସର ରାକେଶ ପାତ୍ର ବାର୍ଷିକ ବିବରଣୀ ପାଠ କରିଥିଲେ। ଡ. ଫଣିନ୍ଦମ ଦେଓ ମୁଖ୍ୟ ଅତିଥି, ଡ. ବାସୁଦେବ ସୁନାନି ମୁଖ୍ୟବକ୍ତା ଓ ମେଜର ଡ. ରାମଚନ୍ଦ୍ର ମିଶ୍ର ସମ୍ମାନିତ ଅତିଥି ଭାବେ ଯୋଗଦେଇ ଶିକ୍ଷାର ବିଭିନ୍ନ ଦିଗ ଉପରେ ଆଲୋକପାତ କରିଥିଲେ। ବିଭିନ୍ନ ପ୍ରତିଯୋଗିତାରେ କୃତୀ ଛାତ୍ରୀଛାତ୍ରଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ପରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ଓଡ଼ିଶୀ ଗୀତ ଓ ନୃତ୍ୟ ପରିବେଷଣ କରାଯାଇଥିଲା। ଅଧ୍ୟାପକ ଡ. ଲିଙ୍ଗରାଜ ସାହୁ ସଂଯୋଜନା କରିଥିବା ବେଳେ ଅଧ୍ୟାପକ ଜୟ ଶଙ୍କର ଭୋଇ ଧନ୍ୟବାଦ ଅର୍ପଣ କରିଥିଲେ।

# ମାରାଗୁଡ଼ା ଲୋକ ମହୋତ୍ସବ ପୋଷ୍ଟର ଉନ୍ମୋଚିତ



ପୋଷ୍ଟର ଉନ୍ମୋଚନ କରାଯାଉଛି।

ନୂଆପଡ଼ା, ୧୨।୩ (ମକାରୁ ବେମାଲ)

ନୂଆପଡ଼ା ଜିଲାର ଐତିହ୍ୟ, ଲୋକକଳା ଓ ସଂସ୍କୃତି ଉଜ୍ଜୀବିତ ରଖିବା ଉଦ୍ଦେଶ୍ୟରେ ଆରମ୍ଭ ହେବାକୁ ଯାଉଥିବା ମାରାଗୁଡା ଲୋକ ମହୋତ୍ସବର ପ୍ରଚାର ପ୍ରସାର ପାଇଁ ଗୁରୁବାର ପୋଷ୍ଟର ଉନ୍ମୋଚିତ ହୋଇଛି। ଜିଲାପାଳ ମଧୁସୂଦନ ଦାଶଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ବିଭିନ୍ନ କମିଟି ସଦସ୍ୟ ଯୋଗଦେଇ ପୋଷ୍ଟର ଉନ୍ମୋଚନ କରିଥିଲେ। ଏଥିରେ ଜିଲା ଆରକ୍ଷୀ ଅଧୀକ୍ଷକ ଅମ୍ରିତପାଲ ସିଂ, କମିଟି ସଦସ୍ୟ ତଥା ବରିଷ୍ଠ ଆଇନଜୀବୀ ପ୍ରସନ୍ନ କୁମାର ପାଢୀ, ଅବସରପ୍ରାପ୍ତ କଲେଜ ଅଧ୍ୟକ୍ଷ ଶିବ ପ୍ରସାଦ ବେହେରା, ଓକିଲ ସଂଘ ସଭାପତି କ୍ଷିତିଶ ଅଶୋକ ବୋଧନକର, ଉପସଭାପତି ପ୍ରକାଶ ଚନ୍ଦ୍ର ସ୍ୱାଇଁ, କ୍ରୀଡ଼ାବିତ ସରୋଜ କୁମାର ସାହୁ, ଖରିଆର ରୋଡ ଏନ୍‌ଏସି ଅଧ୍ୟକ୍ଷା ସୋନିଆ ଜୈନ, ଅତିରିକ୍ତ ଜିଲାପାଳ ସୁବାସ ଚନ୍ଦ୍ର ରଇତ ପ୍ରମୁଖ ଯୋଗ ଦେଇଥିଲେ। ଏହା ଲୋକଙ୍କର ମହୋତ୍ସବ ଓ ଜିଲାର ସମସ୍ତ ନାଗରିକ ସକ୍ରିୟ ଭାବରେ ଭାଗ ନେଇ ଏହାକୁ ସଫଳ କରିବାକୁ ଜିଲାପାଳ ଆହ୍ୱାନ କରିଥିଲେ। ଆସନ୍ତା ଏପ୍ରିଲ ୧ରୁ ୫ ପର୍ଯ୍ୟନ୍ତ ନୂଆପଡା ନ୍ୟାଶନାଲ ମହାବିଦ୍ୟାଳୟ ପଡିଆରେ ମାରାଗୁଡା ଲୋକ ମହୋତ୍ସବ, ପଲ୍ଲିଶ୍ରୀ ମେଳା, ପୁସ୍ତକ ମେଳା ଓ ବୌଦ୍ଧିକ ଚର୍ଚ୍ଚା ଆୟୋଜିତ ହେବ। ଜିଲା ସଂସ୍କୃତି ପରିଷଦ, ଜିଲା ପ୍ରଶାସନ ଓ ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଓଡିଶା ସରକାରଙ୍କ ମିଳିତ ଆନୁକୂଲ୍ୟରେ ଏହା ଅନୁଷ୍ଠିତ ହେବ। ଏଥିରେ ଜିଲାର ଲୋକ ସଂସ୍କୃତି, ପରମ୍ପରା ଓ ସ୍ଥାନୀୟ କଳାକାରଙ୍କ ପ୍ରତିଭା ପ୍ରଦର୍ଶିତ ହେବ।

# ମାରୱାଡି ମହିଳା ସମିତିର ନୂତନ କର୍ମକର୍ତ୍ତା ଚୟନ

ଜୁନାଗଡ ୧୨।୩ (ସୁନୀଲ କୁମାର ସିଂହ)

କଳାହାଣ୍ଡି ଜିଲା ଜୁନାଗଡ ସହରର ମାରୱାଡି ମହିଳା ସମିତିର ନୂତନ କର୍ମକର୍ତ୍ତା ଚୟନ ହୋଇଯାଇଛି। ଏହି ଉପଲକ୍ଷେ ଗୁରୁବାର ସ୍ଥାନୀୟ ଅଗ୍ରେସନ ଭବନଠାରେ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ସର୍ବସମ୍ମତିକ୍ରମେ ସଭାପତି ଭାବେ ଗାୟତ୍ରୀ ଅଗ୍ରୱାଲ ଓ ସମ୍ପାଦିକା ଭାବେ କୋମଳ ଅଗ୍ରୱାଲ, କୋଷାଧ୍ୟକ୍ଷ ଭାବେ ଅଙ୍କିତା ଅଗ୍ରୱାଲଙ୍କୁ ଚୟନ କରାଯାଇଛି। ଏହି ବୈଠକରେ ଜୁନାଗଡ ମାରୱାଡି ମହିଳା ସମିତିର ସମସ୍ତ କର୍ମକର୍ତ୍ତା ଉପସ୍ଥିତ ରହି ସହଯୋଗ କରିଥିଲେ।


ମାରୱାଡି ମହିଳା ସମିତିର ନୂତନ କର୍ମକର୍ତ୍ତା।

# ଆଦିବାସୀ ପରିବାର ପାଇଁ ଘର ନିର୍ମାଣର ସମୀକ୍ଷା

ଲାଞ୍ଜିଗଡ଼, ୧୨।୩ (ରମେଶ ଚନ୍ଦ୍ର ନାୟକ)

କଳାହାଣ୍ଡି ଜିଲା ଲାଞ୍ଜିଗଡ଼ ବ୍ଲକ ଭଟାଙ୍ଗପଦର ପଞ୍ଚାୟତର ଆଦିବାସୀ ଅଧ୍ୟୁଷିତ ଟୁଟୁଗୁମା ଗାଁକୁ ବୁଧବାର ଜିଲାପାଳ ସଚିନ ପାୱାର ପ୍ରକାଶ ଗସ୍ତ କରିଥିଲେ। ଦୀର୍ଘବର୍ଷ ଧରି ଅବହେଳିତ ହୋଇ ରହିଥିବା ଏହି ଗାଁର ୧୫ଟି ଆଦିବାସୀ ପରିବାର ପାଇଁ ଗାଁଠାରୁ ୩ କି.ମି. ପୂର୍ବରୁ ଜାଗା ଚିହ୍ନଟ କରାଯାଇ ପ୍ରଧାନମନ୍ତ୍ରୀ ଜନମନ ଯୋଜନାରେ ଘର ନିର୍ମାଣ ଚାଲିଥିବା ବେଳେ ଜିଲାପାଳ ତାହାର ସମୀକ୍ଷା କରିଥିଲେ। ସୂଚନାନୁସାରେ ଭବାନୀପାଟଣା-ମୂଷାନାଳ ମୁଖ୍ୟରାସ୍ତାର ସୁଲିଆ ଗାଁଠାରୁ ୫କି.ମି. ଦୂରରେ ପାହାଡ଼ ଜଙ୍ଗଲ ମଧ୍ୟରେ


ଟୁଟୁଗୁମା ଗାଁ ଗସ୍ତକରି ଲୋକଙ୍କ ସମସ୍ୟା ବୁଝୁଛନ୍ତି ଜିଲାପାଳ।

ରହିଛି ଏହି ଗାଁ। ଗାଁକୁ କେବଳ ପାଦଚଲା ରାସ୍ତାଟିଏ ଥିବାରୁ ଖରାଦିନେ ବହୁକଷ୍ଟରେ ବାଇକ୍ ଯିବାଆସିବା କରିଥାଏ। କିନ୍ତୁ ଗାଁକୁ ଆମ୍ବୁଲାନ୍ସ ଯାଇପାରୁ ନ ଥିବାରୁ ଗର୍ଭବତୀଙ୍କୁ ଖଟିଆରେ ସୁଲିଆ ଗାଁ ପର୍ଯ୍ୟନ୍ତ ନେବା ପରେ ସେଠାରୁ ଆମ୍ବୁଲାନ୍ସ ଯୋଗେ ଭବାନୀପାଟଣା ନେବାକୁ ପଡ଼ିଥାଏ। ଗାଁରେ ଶିକ୍ଷା ବ୍ୟବସ୍ଥା ନ ଥିବାରୁ କୋଟରୁଘାଟି ଗାଁର ପ୍ରାଥମିକ ସ୍କୁଲରେ ଏହି ଗାଁର କିଛି ପିଲା ନାମ ଲେଖାଇଥିଲେ

**ଟୁଟୁଗୁମା ଗାଁ ଗସ୍ତ କଲେ ଜିଲାପାଳ**

ମଧ୍ୟ ୫ କିମି ଦୂର ପାହାଡ଼ିଆ ରାସ୍ତା ଯୋଗୁ ୧୨ରୁ ଅଧିକ ଛାତ୍ରୀଛାତ୍ର ସ୍କୁଲ ଯାଉନାହାନ୍ତି। ସୁଲିଆ ଗାଁରେ ଅଙ୍ଗନବାଡ଼ି କେନ୍ଦ୍ର ରହିଥିବାରୁ ସେଠାକୁ ମଧ୍ୟ କୌଣସି ଶିଶୁ ଯାଉନାହାନ୍ତି। ଏବେ ବି ଗାଁରେ ବିଜୁଳି ଓ ପିଇବା ପାଣି ସୁବିଧା ନାହିଁ। ଲୋକେ ବାରୁଲ ନଦୀର ପାଣିକୁ ସିଧାସଳଖ ପାନୀୟ ରୂପେ ବ୍ୟବହାର କରୁଛନ୍ତି। ଏହାକୁ ଦୃଷ୍ଟିରେ ରଖି କିଛିମାସ ତଳେ ବ୍ଲକ ପ୍ରଶାସନ ୩ କି.ମି. ଦୂର ସମତଳ ସ୍ଥାନକୁ ଆସିଲେ ସେମାନଙ୍କ ପାଇଁ ସବୁ ସୁବିଧା କରି ଦିଆଯିବ ବୋଲି ଲୋକଙ୍କୁ ବୁଝାଇଥିଲେ। ବର୍ତ୍ତମାନ ପ୍ରଥମ ପର୍ଯ୍ୟାୟରେ ପ୍ରଧାନମନ୍ତ୍ରୀ ଜନମନ ଯୋଜନାରେ ଗାଁଠାରୁ ୩ କିମି ପୂର୍ବରୁ କେନ୍ଦୁଗଛଭଟାରେ ୧୦ଟି ଘର ନିର୍ମାଣ ଶେଷ ପର୍ଯ୍ୟାୟରେ ପହଞ୍ଚିଥିବା ବେଳେ ଅନ୍ୟ ୫ ପରିବାରଙ୍କୁ ନୂତନ ଭାବେ ସମିଲ କରାଯାଇଛି। ଜିଲାପାଳ ପ୍ରକାଶ ନୂତନ ସ୍ଥାନକୁ ଆସିଲେ ବିଭିନ୍ନ ସମସ୍ୟା ଦୂର ହେବ ବୋଲି ଲୋକଙ୍କୁ ପ୍ରତିଶ୍ରୁତି ଦେଇଥିଲେ। ଏହି ଗସ୍ତ ସମୟରେ ଜିଲାପାଳଙ୍କ ସହିତ ଜିଲା ଗ୍ରାମୀଣ ଗୃହ ପ୍ରକଳ୍ପ ପରିଚାଳକ ଅମୂଲ୍ୟ ବାଉଲ, ଭଟାଙ୍ଗପଦର ସରପଞ୍ଚ ଦଶମୀ ମାଝୀ, ସମିତି ସଭ୍ୟ ରୂପେନ୍ଦ୍ର ଛତ୍ରିଆ, ପଞ୍ଚାୟତ ନିର୍ବାହୀ ଅଧିକାରୀ ସୁଶାନ୍ତ ମାଝୀ, ଯୋଗାଣ ବିଭାଗର ପ୍ରତାପ ବିଭାର ପ୍ରମୁଖ ଉପସ୍ଥିତ ଥିଲେ।

# ଅବଧି ବୃଦ୍ଧିଦାବି କଲେ ଚାଷୀ

## ଧାନ ପଞ୍ଜୀକରଣ ଆରମ୍ଭରୁ ଅସନ୍ତୋଷ

ବରଗଡ଼,୧୨।୩(ପ୍ରେମାନନ୍ଦ ଖମାରୀ)

ରବି ଧାନ ସଂଗ୍ରହ ପ୍ରକ୍ରିୟା ପାଇଁ ଗତ ମଙ୍ଗଳବାରଠାରୁ ଚାଷୀ ପଞ୍ଜୀକରଣ ପ୍ରକ୍ରିୟା ଆରମ୍ଭ ହୋଇଛି। ତେବେ ଏଥିପାଇଁ ରହିଥିବା ଅବଧିକୁ ନେଇ ଆରମ୍ଭରୁ ବରଗଡ଼ ଜିଲାରେ ଚାଷୀ ଅସନ୍ତୋଷ ଦେଖାଯାଇଛି। ପଞ୍ଜୀକରଣ ଅବଧିକୁ ଆସନ୍ତା ଏପ୍ରିଲ ୧୦ ତାରିଖ ପର୍ଯ୍ୟନ୍ତ ବୃଦ୍ଧି କରିବା ପାଇଁ ଜିଲାର ବିଭିନ୍ନ ଚାଷୀ ସଂଗଠନ ଦାବି କରିଛନ୍ତି। ଏହି କ୍ରମରେ ବୁଧବାର ସଂଯୁକ୍ତ କୃଷକ ସଂଗଠନ, ବାରପାହାଡ଼ କୃଷକ ସଂଗଠନ, ଅତାବିରା କୃଷକ ସଂଗଠନର ପ୍ରତିନିଧିମାନେ ସ୍ଥାନୀୟ ସମବାୟ ଉପନିବନ୍ଧକ (ଡିଆର୍‌ସିଏସ୍) ଯୁଗଳ କିଶୋର ଦାଶଙ୍କୁ ଭେଟି ଦାବି ଜଣାଇଛନ୍ତି। ସୂଚନା ଅନୁଯାୟୀ, ଗତ ୧୨ ତାରିଖରୁ ରବିଧାନ ସଂଗ୍ରହ ପାଇଁ ଚାଷୀ ପଞ୍ଜୀକରଣ ପ୍ରକ୍ରିୟା ଆରମ୍ଭ ହୋଇଛି। ସରକାରୀ ବିଜ୍ଞପ୍ତି ଅନୁଯାୟୀ, ପଞ୍ଜୀକରଣ ପାଇଁ ଚଳିତ ମାସ ୧୦ରୁ ୨୦ ତାରିଖ ପର୍ଯ୍ୟନ୍ତ ପ୍ରାଥମିକ କୃଷି ସମବାୟ ସମିତିରୁ ଉଦ୍ଦିଷ୍ଟ ଆବେଦନ ଫର୍ମ ବଣ୍ଟନ ଅବଧି ରହିଛି। ସେହିପରି ଆସନ୍ତା ୨୨ ତାରିଖ ସୁଦ୍ଧା ଆବଶ୍ୟକ କାଗଜପତ୍ର ଦାଖଲ ସହିତ ଆବେଦନ ଫର୍ମ ଜମା ଏବଂ ଆବେଦନ ଫର୍ମର ଡିଜିଟାଇଜେଶନ ଅବଧି ରହିଛି। ଏହାପରେ ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ ବିଭାଗୀୟ ଅଧିକାରୀଙ୍କ କାର୍ଯ୍ୟାଳୟରେ ଆବେଦନ ଫର୍ମଗୁଡ଼ିକର ଯାଞ୍ଚ ପରେ ପଞ୍ଜୀକୃତ ଚାଷୀଙ୍କ ଚୂଡ଼ାନ୍ତ ତାଲିକା ଜେନେରେଶନ ହେବ ବୋଲି ବିଜ୍ଞପ୍ତିରେ ଉଲ୍ଲେଖ ରହିଛି। ତେବେ ଜିଲାର ଚାଷୀମାନେ ଆବଶ୍ୟକ କାଗଜପତ୍ର ଦାଖଲ ସତ୍ତ୍ୱେ ଏପର୍ଯ୍ୟନ୍ତ ଗତ ଖରିଫ ଧାନ କିଣାବିକା ପାଇଁ ପଞ୍ଜୀକୃତ ହୋଇ ନ ପାରି ଅମଳ ଧାନ ବିକ୍ରି କରି ପାରି ନ ଥିବାବେଳେ ଏଭଳି ସ୍ୱଳ୍ପ ଅବଧିରେ ରବିଧାନ ସଂଗ୍ରହ ପ୍ରକ୍ରିୟା ପାଇଁ ପଞ୍ଜୀକରଣ କରିବା ସେମାନଙ୍କ ପକ୍ଷରେ ସମ୍ଭବ ନୁହେଁ ବୋଲି ଚାଷୀ ସଂଗଠନଗୁଡ଼ିକ ଅଭିଯୋଗ କରିଛନ୍ତି ଏବଂ ପଞ୍ଜୀକରଣ ପ୍ରକ୍ରିୟାକୁ ଏକ ମାସ ବୃଦ୍ଧି କରିବା ପାଇଁ ଦାବି କରିଛନ୍ତି। ଏହି ଦାବି ନେଇ ସମବାୟ ଉପନିବନ୍ଧକଙ୍କୁ ଭେଟିବା ସମୟରେ ସଂଯୁକ୍ତ କୃଷକ ସଂଗଠନର ନିରଞ୍ଜନ ପ୍ରଧାନ, ସୁରେଶ ନିକାଣ୍ଟି, ବାରପାହାଡ଼ କୃଷକ ସଂଗଠନର ଇଶାନ୍ତ ଭୋଇ, ରୋହିତ ଖମାରୀ, ଅତାବିରା କୃଷକ ସଙ୍ଗଠନର ବୀରେନ୍ଦ୍ର କର, ଟିକେଲାଲ ମିଶ୍ର, ସୁବାସ ବିଶ୍ୱାଳ ପ୍ରମୁଖ ଉପସ୍ଥିତ ଥିଲେ।


ସମବାୟ ଉପନିବନ୍ଧକଙ୍କୁ ଚାଷୀ ପ୍ରତିନିଧିମାନେ ଭେଟୁଛନ୍ତି।

## ସଂକ୍ଷେପରେ

### ବାଇକ୍-ହାଇୱା ଧକ୍କା, ଯୁବକ ମୃତ

**ହରଭଙ୍ଗା,୧୨।୩(ନରେନ୍ଦ୍ର କୁମାର ସାହୁ):** ବୌଦ୍ଧ ଜିଲା ହରଭଙ୍ଗା ବ୍ଲକ ପୁରୁଣାକଟକ ଥାନା ନିକଟସ୍ଥ ଅବକାରୀ ବିଭାଗ କାର୍ଯ୍ୟାଳୟ ସମ୍ମୁଖରେ ବୁଧବାର ଏକ ବାଇକ୍ ସହ ହାଇୱା ଧକ୍କା ହେବାରୁ ଜଣେ ଯୁବକଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ହରଭଙ୍ଗା ଥାନା ଧର୍ମନଗର ଗ୍ରାମର ସିଦ୍ଧାନ୍ତ ବଘାର (୨୪)। ଏହି ଦୁର୍ଘଟଣାରେ ଅନ୍ୟ ଜଣେ ଯୁବକ ଉପେନ୍ଦ୍ର ଭୋକ୍ତା ଗୁରୁତର ହୋଇଛନ୍ତି। ତାଙ୍କୁ ବୁର୍ଲା ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି। ପୁରୁଣାକଟକ ପୋଲିସ ମୃତଦେହ ପୋଷ୍ଟମର୍ଟମ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ସୂଚନା ମୁତାବକ, ବୁଧବାର ରାତି ୧୧ଟା ବେଳେ ସିଦ୍ଧାନ୍ତ ଓ ଉପେନ୍ଦ୍ର ଚାରିଛକରୁ ନିଜ ଗ୍ରାମ ଧର୍ମନଗରକୁ ଏକ ବାଇକ୍ ଯୋଗେ ଯାଉଥିବା ବେଳେ ଚାରିଛକ-କୁଶଙ୍ଗ ପୂର୍ତ୍ତ ରାସ୍ତାର ଅବକାରୀ କାର୍ଯ୍ୟାଳୟ ସମ୍ମୁଖରେ ବିପରୀତ ଦିଗରୁ ଆସୁଥିବା ଏକ ହାଇୱା ସହ ଧକ୍କା ହୋଇଥିଲା। ଫଳରେ ବାଇକ୍ ଚାଳକ ସିଦ୍ଧାନ୍ତଙ୍କ ଘଟଣାସ୍ଥଳରେ ମୃତ୍ୟୁ ହୋଇଥିଲା। ପୁରୁଣାକଟକ ପୋଲିସ ଉପେନ୍ଦ୍ରଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ପ୍ରଥମେ ପୁରୁଣାକଟକ ଡାକ୍ତରଖାନାକୁ ପଠାଇଥିଲା। ଅବସ୍ଥା ସଙ୍କଟାପନ୍ନ ହେବାରୁ ତାଙ୍କୁ ବୌଦ୍ଧ ଓ ବୌଦ୍ଧରୁ ବୁର୍ଲା ସ୍ଥାନାନ୍ତର କରାଯାଇଥିଲା। ଦୁର୍ଘଟଣା ପରେ ହାଇୱା ଚାଳକ ଗାଡ଼ି ନେଇ ଫେରାର ହୋଇଯାଇଥିଲେ। ପୋଲିସ ପକ୍ଷରୁ ତଦନ୍ତ କରି ହାଇୱାକୁ ଜବତ କରିଥିବା ଜଣାପଡ଼ିଛି।

### ମହୁଲ ଫୁଲ ସଂଗ୍ରହ କରିବାକୁ ଯାଇ ଭାଲୁ ଆକ୍ରମଣରେ ଯୁବକ ଗୁରୁତର

**ପାଇକମାଳ,୧୨।୩(ବଡ଼ ଶତପଥୀ):** ପାଇକମାଳ ବ୍ଲକ ଅନ୍ତର୍ଗତ ବାଦିକଟା ଗ୍ରାମରେ ଭାଲୁ ଆକ୍ରମଣରେ ଗୁରୁବାର ଜଣେ ଯୁବକ ଗୁରୁବାର ଆହତ ହୋଇଛନ୍ତି। ସେ ହେଲେ ପ୍ରବୀଣ ପ୍ରଧାନ (୨୮)। ପ୍ରବୀଣ ଭୋରରୁ ମହୁଲ ଫୁଲ ସଂଗ୍ରହ କରିବା ପାଇଁ ନିଜ ବିଲରେ ଥିବା ମହୁଲ ଗଛ ନିକଟକୁ ଯାଇଥିଲେ। ସେଠାରେ ହଠାତ୍ ଏକ ଭାଲୁ ଆସି ତାଙ୍କୁ ଆକ୍ରମଣ କରିଥିଲା। ଫଳରେ ସେ ଚିତ୍କାର କରିବା ଯୋଗୁ ଆଖପାଖରେ ଥିବା ଲୋକମାନେ ଧାଇଁ ଯାଇ ତାଙ୍କୁ ଭାଲୁ କବଳରୁ ରକ୍ଷା କରିଥିଲେ। ଏହାପରେ ଭାଲୁଟି ଜଙ୍ଗଲକୁ ଚାଲିଯାଇଥିଲା। ପ୍ରବୀଣଙ୍କୁ ଆହତ ଅବସ୍ଥାରେ ଉଦ୍ଧାର କରାଯାଇ ପଦ୍ମପୁର ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ପରେ ପ୍ରବୀଣଙ୍କୁ ବୁର୍ଲା ସ୍ଥାନାନ୍ତର କରାଯାଇଛି। ଭାଲୁ ଆକ୍ରମଣର ଶିକାର ହୋଇଥିବା ବ୍ୟକ୍ତି ଜଣକ ଜଣେ ଗରିବ ଚାଷୀ ହୋଇଥିବା ଯୋଗୁ ସରକାରଙ୍କ ତରଫରୁ ଆର୍ଥିକ ସହାୟତା ଯୋଗାଇ ଦେବା ପାଇଁ ଗ୍ରାମବାସୀ ଅନୁରୋଧ କରିଛନ୍ତି।

### ଅବକାରୀ ଚଢ଼ାଉ, ଦେଶୀ ମଦ ଜବତ

**କୋକସରା,୧୨।୩ (ଦୁଷ୍ମନ୍ତ କୁମାର ପାଟଯୋଷୀ):** କୋକସରା ଅବକାରୀ ବିଭାଗ ପକ୍ଷରୁ ଗୁରୁବାର ଲଡୁଗାଁର ବିଭିନ୍ନ ସ୍ଥାନରେ ଚଢ଼ାଉ କରାଯାଇଛି। ଏହି ସମୟରେ ଗ୍ରାମର ମଞ୍ଜିତା ଜୁଏଡ, କୁଞ୍ଜ ଦଣ୍ଡସେନା, ଦେବେନ୍ଦ୍ର ଗୋପାଳ ଓ କାହ୍ନୁଚରଣ ମହାନନ୍ଦଙ୍କ ନିକଟରୁ ୩୭.୦୪ ଲିଟର ଦେଶୀ ମଦ ଜବତ କରାଯାଇଛି। ଏ ନେଇ ୪ଟି ମାମଲା ରୁଜୁ କରାଯାଇଛି। ୩ ଜଣଙ୍କୁ ନୋଟିସ ଦେଇ ଛଡ଼ାଯାଇଥିବା ବେଳେ କୁଞ୍ଜ ଦଣ୍ଡସେନାଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରାଯାଇଥିଲା।

# ବାସନ୍ତିକ ଦୁର୍ଗାପୂଜା ପାଇଁ କର୍ତ୍ତାବରଣ


କର୍ତ୍ତାବରଣ କରାଯାଉଛି।

ଅତାବିରା,୧୨।୩(ଯୁଧିଷ୍ଠିର ମହାପାତ୍ର)

ଅତାବିରା ଦୁର୍ଗା ମନ୍ଦିର ପୀଠରେ ଚୈତ୍ର ଶୁକ୍ଳପକ୍ଷ ବାସନ୍ତିକ ମା' ଦୁର୍ଗାପୂଜା ପାଇଁ ଗୁରୁବାର କର୍ତ୍ତାବରଣ କରାଯାଇଛି। ଆଗାମୀ ୧୯ ତାରିଖରୁ ୯ ଦିନ ଧରି ହେବାକୁ ଥିବା ଏହି ପୂଜା ପାଇଁ ମନ୍ଦିର କମିଟି ପକ୍ଷରୁ କର୍ତ୍ତା ଭାବେ ସଞ୍ଜୀବ ବାଙ୍କା ଓ ସହଧର୍ମିଣୀ ମୀନା ବାଙ୍କାଙ୍କୁ କର୍ତ୍ତାବରଣ କରାଯାଇଛି। ଅତାବିରା ଗ୍ରାମ୍ୟ କମିଟି ସଭାପତି ତଥା ମନ୍ଦିର କମିଟିର ଦୈତାରୀ ପ୍ରଧାନ ବରଣ କରିଥିବା ବେଳେ ପଣ୍ଡିତ ଧରଣୀଧର ମିଶ୍ର ଓ ସୁରେନ୍ଦ୍ର ମହାପାତ୍ର ପୂଜା କାର୍ଯ୍ୟ ସମ୍ପାଦନ କରିଥିଲେ। ବରଣ ସମୟରେ ମନ୍ଦିର କମିଟିର ଅଗ୍ରୱାଲ, ସୁରେନ୍ଦ୍ର ସ୍ୱାଇଁ, ଉନ୍ନି ନାୟାର, ରାଜେଶ ପ୍ରଧାନ, ସମ୍ବିତ ପ୍ରଧାନ, କିରଣ ପ୍ରଧାନ, ରବି ପଣ୍ଡା, ହୃଷୀକେଶ ଭୋଇ, ଦିନେଶ କେଶିକ ପ୍ରମୁଖ ଉପସ୍ଥିତ ଥିଲେ।

# ମଦ ବନ୍ଦ ପାଇଁ ଥାନାର ଦ୍ୱାରସ୍ଥ ହେଲେ ମହିଳା


ଥାନାରେ ମହିଳାମାନେ ଅଭିଯୋଗ କରୁଛନ୍ତି।

ଅତାବିରା,୧୨।୩(ଯୁଧିଷ୍ଠିର ମହାପାତ୍ର)

ଗାଁରେ ମଦ ସମ୍ପୂର୍ଣ୍ଣ ବନ୍ଦ ପାଇଁ ଅତାବିରା ବ୍ଲକ ଅନ୍ତର୍ଗତ ପାଲି ବୁଗବୁଗା ଗ୍ରାମର ମହିଳାମାନେ ବୁଧବାର ସନ୍ଧ୍ୟାରେ ସ୍ଥାନୀୟ ଥାନାର ଦ୍ୱାରସ୍ଥ ହୋଇଛନ୍ତି। ସେମାନଙ୍କ ଅଭିଯୋଗ ଅନୁସାରେ ଗ୍ରାମର ଅନେକ ଘରେ ରନ୍ଧାମଦ ବିକ୍ରି ହେଉଛି। ମଦ ପିଇବା ଦ୍ୱାରା ଘରେ ଅଶାନ୍ତି ବଢୁଛି। ଏଥିରେ ବିଶେଷକରି ଯୁବ ପିଢ଼ି ବିଶେଷ କ୍ଷତିଗ୍ରସ୍ତ ହେଉଛନ୍ତି। ଏହାର ମାନ ନିରୂପଣ ହେଉନଥିବାରୁ ଏହାକୁ ପିଇବା ଦ୍ୱାରା ଲୋକେ ଅକାଳ ମୃତ୍ୟୁମୁଖରେ ପଡୁଛନ୍ତି। ବିଭିନ୍ନ ସ୍ଥାନରୁ ମାଫିଆମାନେ ରନ୍ଧାମଦ ଯୋଗାଉଛନ୍ତି। ପ୍ରାୟ ଏକ ବର୍ଷ ପୂର୍ବେ ଗ୍ରାମର ସମ୍ପୃକ୍ତ ମହିଳାମାନେ ଗ୍ରାମରେ ମଦ ବନ୍ଦ ପାଇଁ ଥାନାର ଦ୍ୱାରସ୍ଥ ହୋଇଥିଲେ। ମାତ୍ର ସେତେବେଳେ ଗ୍ରାମବାସୀ ତରଫରୁ ଗ୍ରାମରେ କୁଟିଆ ଭାଟି ଦିଆଯାଇଥିଲା। ପରବର୍ତ୍ତୀ ମୁହୂର୍ତ୍ତରେ ଗ୍ରାମର କୁଟିଆ ଭାଟିକୁ ବନ୍ଦ କରିଦିଆଯାଇଥିଲା। ଫଳରେ ଲୋକେ ଧୀରେଧୀରେ ମଦ ଛାଡ଼ିବା ଆରମ୍ଭ କରିଥିଲେ। ଏହାର ସୁଯୋଗ ନେଇ କେତେକ ବ୍ୟକ୍ତି ରନ୍ଧାମଦ ଆଣି ବିକ୍ରି କରିଛନ୍ତି। ଯଦ୍ଦ୍ୱାରା ଏହାର କୁପ୍ରଭାବ ଲୋକଙ୍କ ଶରୀରରେ ଦେଖିବାକୁ ମିଳୁଛି। ତେଣୁ ଗ୍ରାମ ସମ୍ପୂର୍ଣ୍ଣ ଭାବେ ନିଶାମୁକ୍ତ ନ ହେବା ପର୍ଯ୍ୟନ୍ତ ଆମର ଲଢ଼େଇ ଜାରି ରହିବ ବୋଲି ମହିଳାମାନେ କହିଛନ୍ତି।

## ନୂତନ ଓସିଏ ପ୍ୟାନେଲ ଅମ୍ପାୟରଙ୍କୁ ସମ୍ବର୍ଦ୍ଧନା

**ବରଗଡ଼,୧୨।୩(ପ୍ରେମାନନ୍ଦ ଖମାରୀ):** ଓଡ଼ିଶା କ୍ରିକେଟ ଆସୋସିଏଶନ ପକ୍ଷରୁ ଆୟୋଜିତ ହୋଇଥିବା ଅମ୍ପାୟର ପରୀକ୍ଷାରେ ବରଗଡ଼ ଜିଲାର ୪ଜଣ କୃତକାର୍ଯ୍ୟ ହୋଇଛନ୍ତି। କୁଚିପାଲି ଗ୍ରାମର ହନୁ ଅଗ୍ରୱାଲ ଓଡ଼ିଶାରେ ପ୍ରଥମ ସ୍ଥାନ ଅଧିକାର କରିଥିବାବେଳେ କଟାପାଲିର ସାଜନ ସାହୁ, ନାଗେନପାଲିର ଶୁଭମ ପାତ୍ର ଓ ସୋହେଲାର ଅଶୋକ ମିଶ୍ର ପରୀକ୍ଷାରେ ସଫଳ ହୋଇଛନ୍ତି। ଗୁରୁବାର ବରଗଡ଼ ଜିଲା କ୍ରିକେଟ ଆସୋସିଏଶନ ପକ୍ଷରୁ ସେମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସଂଘର ସଭାପତି ହରିହର ପ୍ରଧାନଙ୍କ ସଭାପତିତ୍ୱ ଓ ଯୁଗ୍ମ ସମ୍ପାଦକ ସଚ୍ଚିଦାନନ୍ଦ ପଣ୍ଡାଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି ସମ୍ବର୍ଦ୍ଧନା ଉତ୍ସବରେ ସଂଘର ପ୍ରାକ୍ତନ ସଭାପତି ଅରୁଣ କୁମାର ମହାନ୍ତି, ପ୍ରାକ୍ତନ ସମ୍ପାଦକ ସୁବ୍ରତ ଚାଟାର୍ଜୀ, ସମ୍ପାଦକ ରବି ପଣ୍ଡା, ଉପ ସଭାପତି ଡ.ଶୁଭ୍ରାଂଶୁ ଶେଖର ମହାପାତ୍ର, କାର୍ଯ୍ୟକାରୀ କମିଟି ସଦସ୍ୟ କିଶୋର ରଥ, ପ୍ରଦୀପ ନନ୍ଦ, ଚନ୍ଦ୍ର ଶେଖର ପ୍ରଧାନ, ବରିଷ୍ଠ ସଦସ୍ୟ ସନ୍ତୋଷ କୁମାର ପଣ୍ଡା, ଗୁରୁଦତ୍ତ ଦାସ, ପ୍ରଦୀପ ସାହୁ,ରଜତ ଦାଶ ପ୍ରମୁଖ ଉପସ୍ଥିତ ଥିଲେ।

# ଶୀତଳଷଷ୍ଠୀ ଯାତ୍ରା ପାଇଁ ଲଗ୍ନ ନିର୍ଦ୍ଧାରଣ


ବୈଠକରେ ଆଲୋଚନା ଚାଲିଛି।

ବରପାଲି,୧୨।୩(ଚିତ୍ତରଞ୍ଜନ ସାହୁ)

ବରପାଲିର ଐତିହ୍ୟସମ୍ପନ୍ନ ଶୀତଳଷଷ୍ଠୀ ଯାତ୍ରାର ଗୁରୁବାର ଲଗ୍ନ ନିର୍ଦ୍ଧାରଣ କରାଯାଇଛି। ଯାତ୍ରା କମିଟିର ଭଣ୍ଡାର ଗୃହ ନୃପଲାଲ କ୍ଲବଠାରେ ବରପାଲିର ବହୁ ବିଶିଷ୍ଟ ପଣ୍ଡିତମାନେ ବିଭିନ୍ନ ପଞ୍ଜିକା ପଠନ କରି ଲଗ୍ନ ନିର୍ଦ୍ଧାରଣ କରିଛନ୍ତି। ଚଳିତ ୧୪୯ତମ ଶୀତଳଷଷ୍ଠୀ ଯାତ୍ରାରେ ଆସନ୍ତା ଏପ୍ରିଲ ୨୦ ତାରିଖ ସୋମବାର ଅକ୍ଷୟତୃତୀୟା ସକାଳେ ରୁଦ୍ରାଭିଷେକ ପରେ ସନ୍ଧ୍ୟା ୫.୪୦ରେ ଯାତ୍ରାର ପ୍ରଥମ ପର୍ବ ଥାଳ ଉଠାହେବ। ଏହା ପରଠାରୁ ଯାତ୍ରାର ବିଭିନ୍ନ କାର୍ଯ୍ୟର ଶୁଭାରମ୍ଭ ହୋଇଥାଏ। ଚଳିତବର୍ଷ ଯାତ୍ରା ଆସନ୍ତା ଜୁନ ୧୫ ତାରିଖଠାରୁ ଜୁନ ୨୧ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଏହି ଲଗ୍ନ ନିର୍ଦ୍ଧାରଣ ବୈଠକ ଯାତ୍ରା କମିଟିର ସଭାପତି ଆନନ୍ଦ ବାବୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିବା ବେଳେ ଏଥିରେ ପଣ୍ଡିତ ହେମନ୍ତ ମିଶ୍ର, ପଣ୍ଡିତ ପିନାକୀ ଦାଶ, ପଣ୍ଡିତ ସଦାନନ୍ଦ ଦାଶ, ଡ. ସରୋଜ କୁମାର ଦାଶ, ପଣ୍ଡିତ ରବୀନ୍ଦ୍ର ଦାଶ, କୃଷ୍ଣ ଚନ୍ଦ୍ର ଦାଶ, ଲିପନ ଦାଶ, ଯାତ୍ରା କମିଟିର ସମ୍ପାଦକ ଜୟନ୍ତ କୁମାର ତ୍ରିପାଠୀ, ପଦ୍ମଲୋଚନ ସାହୁ, ବାଳକିଶୋର ଖାଡ଼ଙ୍ଗା, ବିନୋଦ ସୁସାରୀ ପ୍ରମୁଖ ଉପସ୍ଥିତ ଥିଲେ।

# ଜାତୀୟ ବୁଣାକାର, ହସ୍ତଶିଳ୍ପୀ ସମ୍ମିଳନୀ

## ଓଡ଼ିଶାରୁ ପ୍ରତିନିଧିତ୍ୱ କଲେ ବରଗଡ଼ର ବୁଣାକାର

ବରଗଡ଼,୧୨।୩(ପ୍ରେମାନନ୍ଦ ଖମାରୀ)


କେନ୍ଦ୍ର ବୟନ ଶିଳ୍ପମନ୍ତ୍ରୀଙ୍କ ସହିତ ବରଗଡର ବୁଣାକାରଙ୍କ ଆଲୋଚନା।

ନୂଆଦିଲ୍ଲୀର ଉଦ୍ୟୋଗ ଭବନରେ ବୁଧବାର ଉଚ୍ଚସ୍ତରୀୟ ସମ୍ମିଳନୀରେ ଅନୁଷ୍ଠିତ ହୋଇଯାଇଛି। ଦେଶର ହସ୍ତତନ୍ତ ଶିଳ୍ପର ସମସ୍ୟା, ଉନ୍ନତି ଓ ଭବିଷ୍ୟତ ଯୋଜନା ସମ୍ପର୍କରେ ମତ ବିନିମୟ କରିବା ପାଇଁ ଆୟୋଜିତ ଏହି ଉଚ୍ଚସ୍ତରୀୟ ସମ୍ମିଳନୀରେ ଭାରତର ବୟନ ଶିଳ୍ପ ମନ୍ତ୍ରୀ ଗିରିରାଜ ସିଂହ ଅଧ୍ୟକ୍ଷତା କରିଥିଲେ। ଦେଶର ବିଭିନ୍ନ ରାଜ୍ୟର ପ୍ରମୁଖ ବୁଣାକାର, ହସ୍ତଶିଳ୍ପୀ, ପଦ୍ମଶ୍ରୀ ପୁରସ୍କାରପ୍ରାପ୍ତ କଳାକାର, ସନ୍ଥ କବୀର ପୁରସ୍କାରପ୍ରାପ୍ତ ବୁଣାକାର, ଡିଜାଇନର ଓ ଉଦ୍ୟୋଗୀମାନଙ୍କୁ ଏହି ସମ୍ମିଳନୀରେ ଆମନ୍ତ୍ରଣ କରାଯାଇଥିଲା। ସେମାନଙ୍କର ଅନୁଭବ, ପରାମର୍ଶ ଓ ଭାବନା ଆଧାରରେ ଦେଶର ହସ୍ତତନ୍ତ ଶିଳ୍ପକୁ ଆହୁରି ସୁଦୃଢ଼ କରିବା ସହ ଏହି କ୍ଷେତ୍ରର ଉନ୍ନତି ପାଇଁ ଆଗାମୀ ଦିନର ଯୋଜନା ଓ ନୀତି ପ୍ରଣୟନ କରିବା ଏହି ସଭାର ମୁଖ୍ୟ ଉଦ୍ଦେଶ୍ୟ ଥିଲା। ଏହି ସମ୍ମିଳନୀରେ ଓଡ଼ିଶାରୁ ଏକମାତ୍ର ପ୍ରତିନିଧି ଭାବେ ବରଗଡ଼ ଜିଲାର ପ୍ରସିଦ୍ଧ ବୁଣକାର ତଥା ସନ୍ଥ କବୀର ପୁରସ୍କାରପ୍ରାପ୍ତ ରାମକୃଷ୍ଣ ମେହେର ଯୋଗଦେବା ସୁଯୋଗ ପାଇଥିଲେ। ଭୁବନେଶ୍ୱରସ୍ଥିତ ବୁଣାକାର ସେବା କେନ୍ଦ୍ର ପକ୍ଷରୁ ତାଙ୍କୁ ଏହି ଆଲୋଚନା ସଭାରେ ଯୋଗଦାନ ପାଇଁ ଆମନ୍ତ୍ରଣ କରାଯାଇଥିଲା। ହସ୍ତତନ୍ତ ଶିଳ୍ପ କ୍ଷେତ୍ରରେ ତାଙ୍କର ଦୀର୍ଘ ଦିନର ଅନୁଭୂତି, ସମ୍ବଲପୁରୀ ଶାଢ଼ୀର ପ୍ରଚାର, ପ୍ରସାର ଓ ବୁଣକାର ସମାଜ ପାଇଁ ତାଙ୍କର ଉଲ୍ଲେଖନୀୟ ଅବଦାନକୁ ଦୃଷ୍ଟିରେ ରଖି ତାଙ୍କୁ ଏହି ସମ୍ମିଳନୀକୁ ଆମନ୍ତ୍ରଣ କରାଯାଇଥିଲା। ଉକ୍ତ ସମ୍ମିଳନୀରେ ଯୋଗଦେଇ ମେହେର ସର୍ବଭାରତୀୟସ୍ତରରେ ହସ୍ତତନ୍ତ କ୍ଷେତ୍ରର ବର୍ତ୍ତମାନ ସମସ୍ୟା ଓ ବୁଣାକାରମାନଙ୍କ ସ୍ଥିତି ସମ୍ପର୍କରେ ନିଜର ମତାମତ ରଖିଥିଲେ। ବୁଣାକାରମାନଙ୍କ ଜୀବିକା ସୁରକ୍ଷା ଓ ଆୟ ବୃଦ୍ଧି, ହସ୍ତତନ୍ତର ବଜାର ବିସ୍ତାର, ଆଧୁନିକ ଡିଜାଇନ ଓ ରଙ୍ଗରେ ପରିବର୍ତ୍ତନ ଆଣିବାର ଆବଶ୍ୟକତା, ଡିଜିଟାଲ ମାଧ୍ୟମରେ ବଜାର ସୁଯୋଗ ସୃଷ୍ଟି କରିବା ସହ ଯୁବପିଢ଼ୀଙ୍କୁ ଏହି ପେଶା ପ୍ରତି ଆକର୍ଷିତ କରିବା ପାଇଁ ଯଥୋଚିତ ଯୋଜନା ଗଠନ କରିବା ଭଳି ଗୁରୁତ୍ୱପୂର୍ଣ୍ଣ ବିଷୟରେ ସେ ବସ୍ତ୍ର ମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ବୋଲି ମେହେର ସୂଚନା ଦେଇଛନ୍ତି। ସେହିପରି କେନ୍ଦ୍ର ବୟନ ଶିଳ୍ପ ମନ୍ତ୍ରୀ ସିଂଙ୍କୁ ଓଡ଼ିଶାର ବୁଣାକାର ହବ ରୂପେ ପରିଚିତ ବରଗଡ଼ ଆସି ଭାରତୀୟ ହସ୍ତଶିଳ୍ପ ପ୍ରଯୁକ୍ତି ପ୍ରତିଷ୍ଠାନ(ଆଇଆଇଏଚଟି) ଏବଂ ବାଲିଯୋରୀ ବୁଣାକାର ବଜାର୍ ପରିଦର୍ଶନ କରିବାକୁ ଅନୁରୋଧ କରିଛନ୍ତି ବୋଲି ମେହେର କହିଛନ୍ତି।


ବୌଦ୍ଧ ଜିଲା ହରଭଙ୍ଗା ବ୍ଲକ ମଣିପୁର ଆଦର୍ଶ ବିଦ୍ୟାଳୟ ସମ୍ମୁଖ ରାସ୍ତାର କଂକ୍ରିଟକରଣ କାମ ବିନା ସୂଚନା ଫଳକରେ ଚାଲିଛି। **(ଫଟୋ: ଅଜିତ କୁମାର ବାରିକ)**

# ନିଶା ଆଡ୍ଡାସ୍ଥଳରେ ପୁଣି ମାଡ଼ିଲା ବୁଲ୍‌ଡୋଜର

ବରଗଡ଼,୧୨।୩(ପ୍ରେମାନନ୍ଦ ଖମାରୀ)


ଗୋବିନ୍ଦପାଲିରେ ନିଶା କାରବାର ଆଡ୍ଡାସ୍ଥଳକୁ ଭାଙ୍ଗି ଦିଆଯାଉଛି।

ବରଗଡ଼ ସହରରେ ବଢ଼ି ଚାଲିଥିବା ନିଶା କାରବାର ପୋଲିସର ନିଦ ହଜାଇ ଦେଇଛି। ପୋଲିସ ଥରକୁ ଥର ଚଢ଼ାଉ କରୁଛି। କଫ୍ ସିରପ୍, ମଦ, ବ୍ରାଉନ ସୁଗାର, ଗଞ୍ଜେଇ ଆଦି ନିଶାଦ୍ରବ୍ୟ ଜବତ କରୁଛି। ତଥାପି ନିଶା କାରବାର ଉପରେ ଅଙ୍କୁଶ ଲାଗି ପାରି ନାହିଁ। ଅନ୍ୟପକ୍ଷରେ ପୋଲିସ ଓ ଅବକାରୀ ବିଭାଗକୁ ଚ୍ୟାଲେଞ୍ଜ କରି ଏବେ ମଧ୍ୟ ବରଗଡ଼ ଜିଲାର ଗାଁଠୁ ସହର ପର୍ଯ୍ୟନ୍ତ ବିଭିନ୍ନ ସ୍ଥାନରେ ନିଶା ବେପାରୀମାନ ଅବାଧରେ ଚଳାଇଛନ୍ତି ନିଶା କାରବାର। ଆଉ ଏଭଳି ନିଶା କାରବାର ଯୋଗୁ ବଢ଼ିଚାଲିଛି ଲୁଟ୍‌ପାଟ, ଛୁରାମାଡ଼ ଏବଂ ହତ୍ୟାକାଣ୍ଡ ଭଳି ଅପରାଧ। ଏଭଳି ବିପର୍ଯ୍ୟସ୍ତ ଆଇନଶୃଙ୍ଖଳା ସ୍ଥିତି ପୋଲିସ ପାଇଁ ମଧ୍ୟ ମୁଣ୍ଡବ୍ୟଥାର କାରଣ ପାଲଟିଛି ଏବଂ ଆକ୍ସନ ମୋଡ୍‌ରେ ବାହାରିଛି ବରଗଡ଼ ପୋଲିସ। ନିଶା କାରବାର ଚାଲିଥିବା ଆଡ୍ଡାସ୍ଥଳକୁ ଚିହ୍ନଟ କରାଯାଉଛି ଏବଂ ବୁଲ୍‌ଡୋଜର ମଡ଼ାଇ ସେହି ନିଶା କାରବାର ଆଡ୍ଡାସ୍ଥଳକୁ ଧୂଳିସାତ୍ କରିଦିଆଯାଉଛି। ଗତ କିଛିଦିନ ତଳେ ବରଗଡ଼ ସହରସ୍ଥିତ ଭଟଲି ଛକ ଏବଂ ଦୋରାବନ୍ଧ ନିକଟରେ ରହିଥିବା ନିଶା କାରବାର ଆଡ୍ଡାସ୍ଥଳକୁ ମାଡ଼ି ବସିଥିଲା ବୁଲଡୋଜର। ଅନୁରୂପଭାବେ ଗୁରୁବାର ବରଗଡ଼ ସହରସ୍ଥିତ ଗୋବିନ୍ଦପାଲି ଅଞ୍ଚଳରେ ରହିଥିବା ନିଶା କାରବାର ସ୍ଥଳକୁ ବୁଲ୍‌ଡୋଜରରେ ଧୂଳିସାତ୍ କରିଦିଆଯାଇଛି। ସୂଚନାଯୋଗ୍ୟ, ମଙ୍ଗଳବାର ସନ୍ଧ୍ୟାରେ ଗୋବିନ୍ଦପାଲିର ସଚେତନ ନାଗରିକମାନେ ଗ୍ରାମ ପରିକ୍ରମା କରି ନିଜ ୱାର୍ଡକୁ ନିଶାମୁକ୍ତ କରିବା ପାଇଁ ସ୍ଥାନୀୟ ଲୋକଙ୍କୁ ସଚେତନ କରିଥିଲେ। ଏହାର ଦିନକ ପରେ ପୋଲିସ ପ୍ରଶାସନ ପକ୍ଷରୁ ଏଠାରେ ଏଭଳି କାର୍ଯ୍ୟାନୁଷ୍ଠାନ ନିଆଯାଇଛି। ୱାର୍ଡର ଏଭଳି ପ୍ରୟାସ ଏବଂ ପୋଲିସର ଏହି ଅଭିଯାନକୁ ବିଭିନ୍ନ ମହଲରେ ସ୍ୱାଗତ କରାଯାଇଛି। ତେବେ ନିଶା ବେପାରୀଙ୍କୁ ସାବାଡ଼ କରିବା ପାଇଁ ପୋଲିସର ଏଭଳି ଅଭିଯାନ କେବଳ ବରଗଡ଼ ସହର ମଧ୍ୟରେ ସୀମିତ ରହିବ ନା ଜିଲାର ଅନ୍ୟ ସହରାଞ୍ଚଳ ଓ ଗ୍ରାମାଞ୍ଚଳରେ ପହଞ୍ଚିବ, ତାକୁ ଜିଲାବାସୀ ଚାହିଁ ବସିଛନ୍ତି।

# ଜନଗଣନାରେ ଠିକ୍ ତଥ୍ୟ ଲିପିବଦ୍ଧ କରିବାକୁ ଗୁରୁତ୍ୱ

ବରଗଡ଼,୧୨।୩(ପ୍ରେମାନନ୍ଦ ଖମାରୀ)


ଜନଗଣନା ପ୍ରଶିକ୍ଷଣ ଶିବିରରେ ଉପସ୍ଥିତ ଅଧିକାରୀ, କର୍ମଚାରୀବୃନ୍ଦ।

ବରଗଡ଼ ଜଳ ବିଭାଜିକା ପ୍ରକଳ୍ପ ନିର୍ଦ୍ଦେଶକଙ୍କ ସମ୍ମିଳନୀ କକ୍ଷଠାରେ ୨୦୨୭ ଜନଗଣନା ପାଇଁ ଗୁରୁବାର ଜିଲାସ୍ତରୀୟ ଜନଗଣନା ଅଧିକାରୀଙ୍କ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଅତିରିକ୍ତ ଜିଲାପାଳ ମଧୁଛନ୍ଦା ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉକ୍ତ ପ୍ରଶିକ୍ଷଣ ଶିବିରରେ ଡେପୁଟି କଲେକ୍ଟର ସୁମତି ପଣ୍ଡା, ପରିସଂଖ୍ୟାନ ବିଭାଗ ଅଧିକାରୀ ଏବଂ କର୍ମଚାରୀ ଉପସ୍ଥିତ ରହି ଜନଗଣନାର ବିଭିନ୍ନ ବିଷୟରେ ପ୍ରଶିକ୍ଷଣ ନେଇଥିଲେ। ଶିବିରରେ ସୂଚନା ଦିଆଯାଇଥିଲା, ରାଜ୍ୟ ଜନଗଣନା ନିର୍ଦ୍ଦେଶାଳୟ ଦ୍ୱାରା ଗତ ୧୦ତାରିଖରୁ ମଙ୍ଗଳବାର ପର୍ଯ୍ୟନ୍ତ ପ୍ରଥମ ପର୍ଯ୍ୟାୟ ଜନଗଣନା ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିପାଇଁ ଡିଜିଟାଲ ଗଣନା ବ୍ୟବସ୍ଥା ରହିବ। ଯେଉଁଥିରେ ଯେକୌଣସି ବ୍ୟକ୍ତି ସେନସ୍ ପୋର୍ଟାଲ ବ୍ୟବହାର କରି ନିଜର ସମସ୍ତ ତଥ୍ୟ ଅପ୍‌ଲୋଡ୍ କରିବା ପରେ ଏକ ରେଫରେନ୍ସ ନମ୍ବର ପାଇପାରିବେ। ଏହାପରେ ସମ୍ପୃକ୍ତ ଏନ୍ୟୁମରେଟର୍ ଘରୋଇ ସେନସ୍ ସର୍ଭେ ସମୟରେ ପୁନର୍ବାର ଯାଞ୍ଚ କରି ସଠିକ୍ ତଥ୍ୟ ଅନ୍‌ଲାଇନ ମାଧ୍ୟମରେ ଲିପିବଦ୍ଧ କରିବେ। ଏହି ଜନଗଣନା କାର୍ଯ୍ୟକ୍ରମରେ ମୋଟ ୫୦ ଜଣ କର୍ମଚାରୀଙ୍କୁ ନିଯୁକ୍ତ କରାଯାଇଛି ଓ ଅଧ୍ୟାପକ ତଥା ଶିକ୍ଷକମାନଙ୍କୁ ଫିଲ୍ଡ ଟ୍ରେନର ଭାବେ ନିଯୁକ୍ତି ଦିଆଯାଇଛି। ଜନଗଣନାର ସମସ୍ତ ନିୟମ ଓ ନିର୍ଦ୍ଦେଶାବଳୀକୁ ସମ୍ପୂର୍ଣ୍ଣ ଭାବେ ବୁଝି ନିର୍ଭୁଲ୍ ତଥ୍ୟ ସଂଗ୍ରହ କରିବା ପାଇଁ ଏହି ଅବସରରେ ଅତିରିକ୍ତ ଜିଲାପାଳ ସାହୁ ଶିବିରରେ ଉପସ୍ଥିତ ସମସ୍ତ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହି ଅବସରରେ ଡେପୁଟି କଲେକ୍ଟର ପଣ୍ଡା ସମସ୍ତଙ୍କୁ ସ୍ୱାଗତ କରିବା ପରେ ଅତିରିକ୍ତ ଜିଲାପାଳ ସାହୁ କହିଥିଲେ, ଜନଗଣନା ହେଉଛି ଦେଶର ଦର୍ପଣ ସଦୃଶ। ଏଥିରେ କେବଳ ବ୍ୟକ୍ତିବିଶେଷଙ୍କ ଗଣନା ନୁହେଁ, ବରଂ ପ୍ରତ୍ୟେକ ପରିବାରର ଆର୍ଥିକ, ସାମାଜିକ ଅବସ୍ଥାର ସମ୍ପୂର୍ଣ୍ଣ ବିବରଣୀ ସଂଗ୍ରହ କରାଯିବ। ଯାହା ଯୋଜନା ଏବଂ ନୀତି ପ୍ରଣୟନରେ ସାହାଯ୍ୟ କରେ। ତେଣୁ ସମସ୍ତେ ନିଜର ସଠିକ୍ ତଥ୍ୟ ପ୍ରଦାନ କରିବା ଉଚିତ। ଉକ୍ତ ପ୍ରଶିକ୍ଷଣ କାର୍ଯ୍ୟକ୍ରମର ଟ୍ରେନିଂ ଅଫିସର ଭାବେ ଶ୍ରୀକାନ୍ତ ବେହେରା ଓ ନିରଞ୍ଜନ ତ୍ରିପାଠୀ ଯୋଗ ଦେଇ ବରଗଡ଼ ଜିଲାରେ ଜନଗଣନାକୁ ସୂଚାରୁ ରୂପେ ସମ୍ପନ୍ନ କରିବା ପାଇଁ ଜନଗଣନା ସମ୍ପର୍କିତ ବିଭିନ୍ନ ପର୍ଯ୍ୟାୟ ଉପରେ ଆଲୋଚନା କରିଥିଲେ। ଏହା ସହିତ ଜନଗଣନା ନିମିତ୍ତ ପ୍ରାଥମିକ ପ୍ରସ୍ତୁତି କାର୍ଯ୍ୟ ତଥା ହାଉସ୍ ଲିଷ୍ଟିଂ, ବ୍ଲକ ଚିହ୍ନଟ ଓ ଗଠନ ପ୍ରକ୍ରିୟା, ଚାର୍ଜ ରେଜିଷ୍ଟର ପ୍ରସ୍ତୁତି, ସଠିକ୍ ଭାବେ ଗୃହ ସଂଖ୍ୟାକରଣ ଓ ନ୍ୟାଶନାଲ ମ୍ୟାପ୍ ପ୍ରସ୍ତୁତି, ଅନ୍‌ଲାଇନ ତଥ୍ୟ ସଂଗ୍ରହ ପ୍ରକ୍ରିୟା, ଫିଲ୍ଡ ଟ୍ରେନରମାନଙ୍କ ନିଯୁକ୍ତି, କାର୍ଯ୍ୟବଣ୍ଟନ ଏବଂ ସେମାନଙ୍କ କାର୍ଯ୍ୟଗତି ଟ୍ରାକିଂ ବ୍ୟବସ୍ଥା, ସେନସ୍ କାର୍ଯ୍ୟରେ ନିଯୁକ୍ତ କର୍ମଚାରୀମାନଙ୍କ ଭୂମିକା ଓ ଦାୟିତ୍ୱ ତଥା ସଠିକ୍ ସମୟସୀମା ମଧ୍ୟରେ ଗୁଣାତ୍ମକ ତଥ୍ୟ ସଂଗ୍ରହ ପାଇଁ ବିଭାଗୀୟ ସମନ୍ୱୟ ଓ ନିରନ୍ତର ନିରୀକ୍ଷଣ ଭଳି ବିଭିନ୍ନ ବିଷୟରେ ଅଧିକାରୀଙ୍କୁ ପ୍ରଶିକ୍ଷଣ ଦିଆଯାଇଥିଲା।

## ସଂକ୍ଷେପରେ

### ବୃଦ୍ଧାଙ୍କ ଗଳିତ ମୃତଦେହ ଜବତ ପୋଲିସ ତଦନ୍ତ ଜାରି

**କୁତ୍ରା, ୧୨।୩ (ଦେବାଶିଷ ସାହୁ):** କୁତ୍ରା ଥାନା ଅନ୍ତର୍ଗତ ବେଲଡିହି ଟୁଙ୍ଗରି ଅଞ୍ଚଳରୁ ଗୁରୁବାର ଜଣେ ବୃଦ୍ଧାଙ୍କ ଗଳିତ ମୃତଦେହ ପୋଲିସ ଜବତ କରିଛି। ମୃତା ବୃଦ୍ଧାଙ୍କ ନାମ ଫୁଦକି ବନିଆ (୫୮)। ଏନେଇ କୁତ୍ରା ପୋଲିସ ଏକ ଅପମୃତ୍ୟୁ ମାମଲା ନଂ. ୬/୨୬ ରୁଜୁ କରି ତଦନ୍ତ ଜାରି ରଖିଛି। ସୂଚନା ଅନୁଯାୟୀ, ଫୁଦକି ଫେବୃଆରୀ ୪ ତାରିଖରୁ ଗାଧେଇବାକୁ ଯାଉଛି କହି ଆଉ ଘରକୁ ଫେରି ନ ଥିଲେ। ଗତ ୧୧ ତାରିଖରେ ଦୁର୍ଗନ୍ଧ ହେବାରୁ ଅଞ୍ଚଳବାସୀଙ୍କ ମଧ୍ୟରେ ସନ୍ଦେହ ହୋଇଥିଲା। ଗ୍ରାମବାସୀ ଟୁଙ୍ଗରି ଅଞ୍ଚଳକୁ ଯାଇ ଦେଖିବାକୁ ପାଇଥିଲେ ଯେ ସେଠାରେ ଏକ ଗଳିତ ମୃତଦେହ ପଡ଼ିରହିଛି। ସଙ୍ଗେସଙ୍ଗେ ବୃଦ୍ଧାଙ୍କ ଝିଅ ଓ ଜ୍ୱାଇଁ କୁତ୍ରା ପୋଲିସକୁ ଖବର ଦେଇଥିଲେ। ଖବର ପାଇ ପୋଲିସ ସାଇଣ୍ଟିଫିକ ଟିମ ସହିତ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରିଥିଲା। ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ତେବେ ବୃଦ୍ଧାଙ୍କ ମୃତ୍ୟୁ କିପରି ହେଲା, ଏହା ହତ୍ୟା ନା ଅନ୍ୟ କୌଣସି କାରଣରୁ ମୃତ୍ୟୁ ଘଟିଛି ବ୍ୟବଚ୍ଛେଦ ରିପୋର୍ଟ ଆସିଲା ପରେ ଜଣାପଡିବ ବୋଲି କୁତ୍ରା ଥାନା ଅଧିକାରୀ ଲୋକେଶ୍ୱର ସାହୁ ସୂଚନା ଦେଇଛନ୍ତି।

### ଗାଡ଼ି ଧକ୍କାରେ ଯୁବକ ମୃତ

**ଲହୁଣିପଡ଼ା, ୧୨।୩ (ଦାଶରଥି ପଣ୍ଡା):** ସୁନ୍ଦରଗଡ଼ ଜିଲା ଲହୁଣିପଡ଼ା ଥାନା ଅନ୍ତର୍ଗତ ଗମଲେଇ ଡୁମକଲା ରାସ୍ତା ଭାସ୍କର ପ୍ଲାଣ୍ଟ ନିକଟରେ ବୁଧବାର ରାତି ପ୍ରାୟ ୯ ଟାରେ ଏକ ଅଜଣା ଗାଡ଼ି ଧକ୍କାରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ରଘୁ କିଷାନ(୨୮)। ଏନେଇ ଲହୁଣିପଡା ପୋଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛି। ସୂଚନାରୁ ପ୍ରକାଶ, ସୁଆରପାଲି ଗ୍ରାମର ରଘୁ କୌଣସି କାମରେ ଗମଲେଇ ଗ୍ରାମକୁ ଆସିଥିଲେ। କାମ ସାରି ରାତି ପ୍ରାୟ ୯ଟାରେ ଚାଲି ଚାଲି ଘରକୁ ଫେରୁଥିବା ବେଳେ ଭାସ୍କର ପ୍ଲାଣ୍ଟ ନିକଟରେ ତାକୁ ଏକ ଅଜଣା ଗାଡ଼ି ଧକ୍କା ଦେଇ ପଳାଇ ଯାଇଥିଲା। ଫଳରେ ରଘୁ ରାସ୍ତାରେ ପଡ଼ି ଗୁରୁତର ହୋଇଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ବଣେଇ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ହେଲେ ଚିକିତ୍ସାଧୀନ ଅବସ୍ଥାରେ ରାତି ପ୍ରାୟ ସାଢ଼େ ୧୦ଟାରେ ତାଙ୍କର ମୃତ୍ୟୁ ଘଟିଥିଲା। ଖବରପାଇ ଲହୁଣିପଡ଼ା ପୋଲିସ ଗୁରୁବାର ଡାକ୍ତରଖାନାରେ ପହଞ୍ଚି ମୃତଦେହ ଜବତ କରିବା ସହ ବ୍ୟବଚ୍ଛେଦ କରି ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି।

# ପରୀକ୍ଷା ଉପକରଣ ଅଛି, ଟେକ୍‌ନିସିଆନ ଅଭାବ

**ଲହୁଣୀପଡ଼ା, ୧୧।୩ (ଦାଶରଥି ପଣ୍ଡା)**

ସୁନ୍ଦରଗଡ ଜିଲା ଲହୁଣୀପଡା ବ୍ଲକ ଅନ୍ତର୍ଗତ ମହୁଲପଦା ସ୍ଥିତ ମହୁଲପଦା ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ବିଭିନ୍ନ ସମସ୍ୟା ଘେରରେ ରହିଛି। ସରକାର ସ୍ୱାସ୍ଥ୍ୟ ଉପରେ ଗୁରୁତ୍ୱ ଦେଉଥିବା କହୁଥିବା ବେଳେ ଏଠି କିନ୍ତୁ ଭିନ୍ନ ଦେଖିବାକୁ ମିଳିଛି। ରୋଗୀଙ୍କ ପରୀକ୍ଷା ପାଇଁ ମୂଲ୍ୟବାନ ଉପକରଣ ଅଛି ସତ, ହେଲେ ଲେବ ଟେକନିସିଆନ ନ ଥିବାରୁ ଅନୁମାନ ଆଧାରରେ ଚିକିତ୍ସା ଚାଲିଛି। ଅଧିକାଂଶ ରୋଗୀ ବାହାରେ ଖର୍ଚ୍ଚାନ୍ତ ହୋଇ ପରୀକ୍ଷା କରାଉଛନ୍ତି। ସେହିପରି ଏଠି ଚିକିତ୍ସା ହେଉଥିବା ରୋଗୀ, ଚିକିତ୍ସା କରୁଥିବା ଡାକ୍ତର ସମସ୍ତେ ଅସୁରକ୍ଷିତ ମନେ କରୁଛନ୍ତି। ପ୍ରସୂତି ଗୃହ, ମହିଳା ୱାର୍ଡ, ଡାକ୍ତର ଚିକିତ୍ସା ଗୃହ, ପରୀକ୍ଷା ଗୃହ, ଔଷଧ ଗୋଦାମ ଗୃହ, ପରୀକ୍ଷା ଉପକରଣ ଗୃହରୁ ବର୍ଷା ହେଲେ ପାଣି ଝରିବା ସହ କଂକ୍ରିଟ ଖସୁଛି। ଔଷଧକୁ ଜରି ଢ଼ାଙ୍କି ରଖାଯାଉଛି। କର୍ମଚାରୀଙ୍କ ପାଇଁ ଥିବା ଘର ସବୁ ଜରାଜୀନ ଅବସ୍ଥାରେ ଅଛି। ଏହି ସ୍ୱାସ୍ଥ୍ୟ କେନ୍ଦ୍ରରେ ୨ ଜଣ ଡାକ୍ତର, ଜଣେ ଫାର୍ମାସିଷ୍ଟ ଏବଂ ଜଣେ ଆଟେଡେଣ୍ଟ ଅଛନ୍ତି। ଏଠାରେ ୫ ଟି ଷ୍ଟାଫ କ୍ୱାଟର ଥିଲେ ମଧ୍ୟ କବାଟ, ଝରକାର ଅବସ୍ଥା ନାହିଁ। ବର୍ଷାରେ ପାଣି ଗଳୁଛି।




**ରୋଗୀ ହନ୍ତସନ୍ତ**

**ସମସ୍ୟାଘେରରେ ମହୁଲପଦା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର**

ମହୁଲପଦା ପଞ୍ଚାୟତରେ ଅଧିକାଂଶ ଆଦିବାସୀ ବସବାସ କରନ୍ତି। ପାଉଡି ଭୂୟାଁ ଭଳି ଆଦିମ ଜନଜାତି ମଧ୍ୟ ଏହି ପଞ୍ଚାୟତରେ ବାସକରନ୍ତି। କୁରୁ, କେତ, କୁନୁ, ତସଡ଼ା, ବନ୍ଧାଭୂଇଁ, କୁଣ୍ଡଳ, ତସଡ଼ା, କୁମ୍ଭାରମାଟି, ଗାଡ଼ିଆ ଭଳି ଦୁର୍ଗମ ଗ୍ରାମ ତଥା ପଞ୍ଚାୟତର ଅନ୍ୟାନ୍ୟ ଗ୍ରାମର ଜନସାଧାରଣ ଚିକିତ୍ସା ପାଇଁ ଏହି ସ୍ୱାସ୍ଥ୍ୟ କେନ୍ଦ୍ର ଉପରେ ନିର୍ଭରଶୀଳ ଥିବା ବେଳେ ପାଖରେ ଥିବା ମହୁଲପଦା ଓ ଫୁଲଝର ପଞ୍ଚାୟତ ଅଞ୍ଚଳରୁ ମଧ୍ୟ ଏଠାକୁ ଚିକିତ୍ସା ପାଇଁ ଆସିଥାନ୍ତି। ହେଲେ ଚିକିତ୍ସା ସୁବିଧା ନ ମିଳିବାରୁ ରୋଗୀମାନେ ଅଧିକ ଖର୍ଚ୍ଚାନ୍ତ ହୋଇ ବଣାଇଁ, ଲହୁଣୀପଡ଼ା, ଖୁଟଗାଁ ସ୍ୱାସ୍ଥ୍ୟ କେନ୍ଦ୍ର ଯାଉଛନ୍ତି। ନେଟୱର୍କ ମଧ୍ୟ ଠିକ ଭାବେ ନ ଆସବାରୁ ଅନେକ ସମୟରେ ରୋଗୀ ଆମ୍ବୁଲାନ୍ସ ସେବାରୁ ବଞ୍ଚିତ ହେଉଛନ୍ତି।

ଏ ସମ୍ପର୍କରେ ଲହୁଣୀପଡା ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀ ଭୋଳେଶ୍ୱର ପ୍ରଧାନଙ୍କୁ ଯୋଗାଯୋଗ କରିବାରୁ, ଯାହାକିଛି ସମସ୍ୟା ରହିଛି ତାର ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯିବ ସହିତ ମରାମତି ପାଇଁ ଉଚ୍ଚପଦସ୍ଥ ଅଧିକାରୀଙ୍କୁ ଚିଠି ଲେଖା ଯିବ ବୋଲି କହିଛନ୍ତି।

ଏନେଇ ସ୍ଥାନୀୟ ସରପଞ୍ଚ ସୌଭାଗ୍ୟ ଦେହୁରୀଙ୍କୁ ପଚାରିବାରୁ, ଏହି ଦୁର୍ଗମ ଅଞ୍ଚଳରେ ଥିବା ସ୍ୱାସ୍ଥ୍ୟ କେନ୍ଦ୍ରର ସମସ୍ୟା ନେଇ ବାରମ୍ବାର ପ୍ରଶାସନର ଦୃଷ୍ଟି ଆକର୍ଷଣ କରାଯାଇଥିଲେ ମଧ୍ୟ କୌଣସି ସୁଫଳ ମିଳିନାହିଁ। ଆଦିବାସୀଙ୍କୁ ଉତ୍ତମ ସ୍ୱାସ୍ଥ୍ୟ ସେବା ଯୋଗାଇ ଦେବାକୁ ସ୍ୱାସ୍ଥ୍ୟ ବିଭାଗ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବା ପାଇଁ ସାଧାରଣରେ ଦାବି ହେଉଥିବା ଜଣାପଡିଛି।

## ୨ୟ ଶ୍ରେଣୀ ଛାତ୍ରୀଙ୍କୁ ତଣ୍ଟିଚିପି ହତ୍ୟା ଘଟଣା
# ଅଭିଯୁକ୍ତ କୋର୍ଟ ଚାଲାଣ

**ସୁନ୍ଦରଗଡ, ୧୨।୩ (ଜୟ ନାରାୟଣ ମେଣ୍ଡୁଲି)**

ସୁନ୍ଦରଗଡ଼ ଜିଲା ରାଜଗାଙ୍ଗପୁର ଥାନା ଅଞ୍ଚଳରେ ଜଣେ ୨ୟ ଶ୍ରେଣୀ ଛାତ୍ରୀଙ୍କୁ ତଣ୍ଟିଚିପି ହତ୍ୟା ଘଟଣାରେ ପୋଲିସ ଜଣେ ଅଭିଯୁକ୍ତଙ୍କୁ ଗୁରୁବାର ଗିରଫ କରି ସୁନ୍ଦରଗଡ଼ ପକ୍ସୋ କୋର୍ଟ ଚାଲାଣ କରିଛି। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ଜେଲ ହାଜତକୁ ପଠାଇ ଦିଆଯାଇଛି। ଏହି ହତ୍ୟାକାଣ୍ଡ ଏକ ସମ୍ବେଦନଶୀଳ ଘଟଣା ଓ ତଦନ୍ତ ଜାରି ରହିଥିବାରୁ ପୋଲିସ ଏ ସମ୍ପର୍କରେ ଅଧିକ କିଛି ସୂଚନା ଦେବାକୁ ମନାକରି ଦେଇଛି। ହେଲେ ହତ୍ୟାକାଣ୍ଡର ପ୍ରକୃତ କାରଣ ବ୍ୟବଚ୍ଛେଦ ରିପୋର୍ଟ ଆସିଲା ପରେ ଜଣାପଡ଼ିବ ବୋଲି ରାଜଗାଙ୍ଗପୁର ଏସ୍‌ଡିପିଓ ବିଭୂତି ଭୂଷଣ ଭୋଇ ପ୍ରକାଶ କରିଛନ୍ତି।

ସୂଚନାଯୋଗ୍ୟ, ଗତ ୯ ତାରିଖ ସନ୍ଧ୍ୟାରେ ଛାତ୍ରୀ ଜଣକ ନିଜ ଘର ସମ୍ମୁଖରେ ଖେଳୁଥିବା ସମୟରେ ନିଖୋଜ ହୋଇଯାଇଥିଲେ। ପରିବାର ଲୋକେ ବହୁ ଖୋଜାଖୋଜି କରିବା ପରେ ତାଙ୍କୁ ପାଇ ନ ଥିଲେ। ତା'ପରଦିନ ଅର୍ଥାତ୍ ୧୦ ତାରିଖ ସକାଳେ ପରିବାର ଲୋକେ ଛାତ୍ରୀ ଜଣକ ନିଖୋଜ ଥିବା ନେଇ ରାଜଗାଙ୍ଗପୁର ଥାନାରେ ରିପୋର୍ଟ କରିଥିଲେ। ପୋଲିସ ପ୍ରଥମେ ଏକ ନିଖୋଜ ମାମଲା ରୁଜୁକରି ସୁନ୍ଦରଗଡ଼ ଏସ୍‌ପି ଅମ୍ରିତ୍ ପାଲ୍ କୌରଙ୍କ ତତ୍ତ୍ୱାବଧାନରେ ୨ ଜଣ ଅତିରିକ୍ତ ଏସ୍‌ପିଙ୍କ ନେତୃତ୍ୱରେ ସାଇଣ୍ଟିଫିକ୍ ଟିମ୍ ଓ ପୋଲିସ ଅଫିସରଙ୍କୁ ନେଇ ତନାଘନା ତଦନ୍ତ କରିଥିଲା। ପରେ ପୋଲିସ କେତେଜଣଙ୍କୁ ଥାନାକୁ ଆଣି ପଚରାଉଚରା କରିଥିଲା। ସେଥିମଧ୍ୟରୁ ଜଣେ ନାବାଳିକାଙ୍କ ତଣ୍ଟି ଚିପି ହତ୍ୟା କରି ନିକଟ ଏକ ଜଙ୍ଗଲରେ ମୃତଦେହ ପକାଇ ଚାଲିଆସିଥିବା ପୋଲିସ ଜେରା ବେଳେ ସ୍ୱୀକାର କରିଥିଲେ। ଅଭିଯୁକ୍ତଙ୍କ ବୟାନ ଆଧାରରେ ପୋଲିସ ଛାତ୍ରୀଙ୍କ ଗଳିତ ମୃତଦେହ ଜଙ୍ଗଲ ଭିତରୁ ଜବତ କରିଥିଲା। ଅପରପକ୍ଷରେ ପରିବାର ଲୋକେ ଏହି ଜଘନ୍ୟ ହତ୍ୟାକାଣ୍ଡ ଘଟଣାରେ ସଂପୃକ୍ତ ଅଭିଯୁକ୍ତଙ୍କୁ କଠୋର ଦଣ୍ଡବିଧାନ ପାଇଁ ଦାବି କରିଛନ୍ତି।

# ମୁଖ୍ୟମନ୍ତ୍ରୀ କନ୍ୟା ବିବାହ ଯୋଜନାରେ ସାମୂହିକ ବାହାଘର



ନବଦମ୍ପତିଙ୍କୁ ଚେକ୍ ପ୍ରଦାନ କରାଯାଉଛି।

**ସୁନ୍ଦରଗଡ଼, ୧୨।୩ (ଜୟ ନାରାୟଣ ମେଣ୍ଡୁଲି)**

**୬୧ ଯୋଡ଼ିଙ୍କ ବିବାହ**

ସୁନ୍ଦରଗଡ଼ ଜିଲା ପ୍ରଶାସନ ପକ୍ଷରୁ ଗୁରୁବାର "ମୁଖ୍ୟମନ୍ତ୍ରୀ କନ୍ୟା ବିବାହ ଯୋଜନା" ଅଧୀନରେ ଜିଲା ସ୍ତରୀୟ ସାମୂହିକ ବିବାହ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଶଙ୍କରା ସ୍ଥିତ କଲ୍ୟାଣ ମଣ୍ଡପଠାରେ ଆୟୋଜିତ ଏହି ସାମୂହିକ ବିବାହ କାର୍ଯ୍ୟକ୍ରମରେ ଜିଲାର ୬୧ଟି ଯୋଡ଼ି ଅଂଶ ଗ୍ରହଣ କରି ବିବାହ ବନ୍ଧନରେ ଆବଦ୍ଧ ହୋଇଛନ୍ତି। କାର୍ଯ୍ୟକ୍ରମରେ ଜିଲାପଳ ଡା. ଶୁଭଙ୍କର ମହାପାତ୍ର, ସୁନ୍ଦରଗଡ଼ ପୌରପରିଷଦର ଅଧ୍ୟକ୍ଷା ତନୟା ମିଶ୍ର, ଅତିରିକ୍ତ ଜିଲାପାଳ ସୂରଜ କୁମାର ପଟ୍ଟନାୟକ, ଅତିରିକ୍ତ ଜିଲାପାଳ (ରାଜସ୍ୱ) ଅଭିମନ୍ୟୁ ମାଝୀ, ଜିଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ସୁରଞ୍ଜନ ସାହୁ, ସଦର ଉପ ଜିଲାପଳ ତେଜସ୍ୱିନୀ ବେହେରା, ଜିଲା ସମାଜମଙ୍ଗଳ ଅଧିକାରୀ ସୁଚିତା ପଣ୍ଡା ଏବଂ ଅନ୍ୟାନ୍ୟ ଜିଲା ସ୍ତରୀୟ ଅଧିକାରୀ ଉପସ୍ଥିତ ରହି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ଅତିଥିମାନେ ନବଦମ୍ପତିଙ୍କୁ ଆଶୀର୍ବାଦ ପ୍ରଦାନ କରିବା ସହିତ ପରସ୍ପର ସମ୍ମାନ ଓ ବୁଝାମଣା ସହିତ ସୁଖମୟ ଦାମ୍ପତ୍ୟ ଜୀବନ ଯାପନ କରିବାକୁ ପରାମର୍ଶ ଦେଇଥିଲେ। ପରେ ନବ ଦମ୍ପତିଙ୍କୁ ଅତିଥିଙ୍କ ଦ୍ୱାରା ଚେକ ପ୍ରଦାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମ ସାମାଜିକ ଅନୁଷ୍ଠାନ ଦିଶା କାର୍ଯ୍ୟନ୍ୱୟନ ସଂସ୍ଥାଙ୍କ ଦ୍ୱାରା ସଫଳତାର ସହ ଆୟୋଜିତ ହୋଇଛି।

### ସରପଞ୍ଚ ଦାୟିତ୍ୱ ଗ୍ରହଣ କଲେ ମେନକା

**ବଡ଼ଗାଁ, ୧୨।୩ (ଅଶୋକ ଷଡଙ୍ଗୀ)**

ସୁନ୍ଦରଗଡ଼ ଜିଲା ବଡ଼ଗାଁ ବ୍ଲକ ଅନ୍ତର୍ଗତ ଜରଙ୍ଗଲୋଇ ପଞ୍ଚାୟତର ସରପଞ୍ଚ ଦାୟିତ୍ୱ ମେନକା କାଲୋ ଗୁରୁବାର ଗ୍ରହଣ କରିଛନ୍ତି। ପଞ୍ଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀ ବୈଷ୍ଣବ ଉରମାଲଙ୍କ ଉପସ୍ଥିତିରେ ମେନକା ଜରଙ୍ଗଲୋଇ ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟରେ ଦାୟିତ୍ୱ ଗ୍ରହଣ କରିଥିଲେ। ଏହାପରେ ବଡ଼ଗାଁ ବ୍ଲକ କାର୍ଯ୍ୟାଳୟକୁ ଆସି ବିଡ଼ିଓଙ୍କୁ ଜଣାଇଥିଲେ। ପ୍ରକାଶ ଯୋଗ୍ୟ ଯେ, ଅନାସ୍ଥା ପ୍ରସ୍ତାବରେ ସେ ନିଜର ପଦ ହରାଇଥିବା ବେଳେ କିଛି ମାସ ନାଏବ ସରପଞ୍ଚ ବିରେନ୍ଦ୍ର ବାର୍ଲା ସରପଞ୍ଚ ଦାୟିତ୍ୱରେ ଥିଲେ। ବୁଧବାର ମେନକା ହାଇକୋର୍ଟଙ୍କ ନିର୍ଦ୍ଦେଶରେ ସରପଞ୍ଚ ପଦ ଫେରି ପାଇଥିବାବେଳେ ବିଧିବଦ୍ଧ ଭାବେ ଦାୟିତ୍ୱ ଗ୍ରହଣ କରିଛନ୍ତି।

# ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ଛାତ୍ରୀଛାତ୍ରଙ୍କ ପାଇଁ ନୂଆ ସଫଳତାର ଦ୍ୱାର

**କୁତ୍ରା, ୧୨।୩ (ଦେବାଶିଷ ସାହୁ)**

ଶିକ୍ଷାକୁ ଉତ୍ସାହିତ କରିବା ଓ ମେଧାବୀ ଛାତ୍ରୀଛାତ୍ରଙ୍କୁ ସମ୍ମାନିତ କରିବା ଉଦ୍ଦେଶ୍ୟରେ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ୨୦୨୫ ଅନୁଷ୍ଠିତ ହୋଇଛି। ଏହି ପୁରସ୍କାର ଅଧିନରେ କୁତ୍ରା ପିଏମଶ୍ରୀ ସରକାରୀ ଉତ୍କୃଷ୍ଟ ଉଚ୍ଚ ବିଦ୍ୟାଳୟର ମୋଟ ୨୨ ଜଣ ମେଧାବୀ ଛାତ୍ରୀଛାତ୍ରଙ୍କୁ ମେରିଟ ସ୍କୋଲାରସିପ ଦିଆଯିବ। ପ୍ରତ୍ୟେକ ଛାତ୍ରୀଛାତ୍ରଙ୍କୁ ୫୦ ହଜାର ଟଙ୍କାର ଆର୍ଥିକ ସହାୟତା ପ୍ରଦାନ କରାଯିବ। ଏହା ସହିତ ଶିକ୍ଷା କ୍ଷେତ୍ରରେ ଉତ୍କୃଷ୍ଟ ଫଳାଫଳ ଓ ଅବଦାନ ପାଇଁ ୩ ଜଣଙ୍କୁ ରାଜ୍ୟ ସ୍ତରୀୟ ଏକାଡେମିକ ଆୱାର୍ଡ ଦିଆଯିବାକୁ ନିର୍ଦ୍ଧାରିତ ହୋଇଛି। ଏହା ଛାତ୍ରୀଛାତ୍ରଙ୍କୁ ଉଚ୍ଚ ଶିକ୍ଷା ଓ ଗବେଷଣାରେ ଆଗକୁ ବଢ଼ିବାକୁ ଅଧିକ ପ୍ରେରଣା ଦେବ। ସେହିପରି ୩୯ ଜଣ ଜିଲା ସ୍ତରୀୟ ଏକାଡେମିକ ଆୱାର୍ଡ ପାଇଛନ୍ତି। ଏହି ପୁରସ୍କାର ଶିକ୍ଷାକ୍ଷେତ୍ରରେ ଶ୍ରେଷ୍ଠ ପରିଣାମ ଓ ପ୍ରତିଭା ପ୍ରଦର୍ଶନ କରୁଥିବା ଛାତ୍ରୀଛାତ୍ର, ଶିକ୍ଷକ ଓ ଶିକ୍ଷାନୁଷ୍ଠାନଙ୍କୁ ସମ୍ମାନ ଦେବା ପାଇଁ ଆୟୋଜିତ ହେଉଛି। ଏହି ଯୋଜନାର ମାଧ୍ୟମରେ ଡିଜିଟାଲ ଶିକ୍ଷା, ବୈଜ୍ଞାନିକ ଶିକ୍ଷା, ଗବେଷଣା ଓ ସ୍କୁଲ ପରିବେଶର ଉନ୍ନତି ଉପରେ ବିଶେଷ ଗୁରୁତ୍ୱ ଦିଆଯାଇଛି। ରାଜ୍ୟ ସରକାରଙ୍କ ଏହି ପଦକ୍ଷେପ ଶିକ୍ଷାର ଗୁଣଗତ ମାନ ବୃଦ୍ଧି କରିବା ସହିତ ଛାତ୍ରୀଛାତ୍ରଙ୍କୁ ନୂଆ ସୁଯୋଗ ଓ ପ୍ରେରଣା ଦେବ ବୋଲି ମତ ପ୍ରକାଶ ପାଇଛି।

### ଶ୍ୱଶୁର ଘରେ ଯୁବକଙ୍କ ସନ୍ଦେହଜନକ ମୃତ୍ୟୁ

**ଥୁଆମୂଳ ରାମପୁର, ୧୨।୩ (ଦୁର୍ଗା କୀର୍ତ୍ତି):** ଥୁଆମୂଳ ରାମପୁର ଥାନା ଅନ୍ତର୍ଗତ କୁମ୍ଭାରକାନୀ ଗ୍ରାମରେ ଜଣେ ଯୁବକଙ୍କ ସନ୍ଦେହଜନକ ମୃତ୍ୟୁ ଘଟିଛି। ମୃତକ ହେଲେ ଗୋଲାମୁଣ୍ଡା ବ୍ଲକ ଦଶପୁର ଗ୍ରାମର ଦଶରୁ କଟା (୩୮)। ସୂଚନା ଅନୁସାରେ, ଦଶରୁ ଦୀର୍ଘ ୧୩ବର୍ଷ ହେବ ନିଜ ଶ୍ୱଶୁର ଘରେ ରହିଆସୁଥିଲେ। ଗତ ମଙ୍ଗଳବାର ବିଳମ୍ବିତ ରାତିରେ ଏକ ପ୍ଲାଷ୍ଟିକ ଦଉଡ଼ି ସାହାଯ୍ୟରେ ସେ ଆତ୍ମହତ୍ୟା କରିଥିବା କୁହାଯାଉଛି। ମାତ୍ର ଘରେ ସ୍ତ୍ରୀ ଉପସ୍ଥିତ ଥିବା ସତ୍ତ୍ୱେ ଜଣେ ବ୍ୟକ୍ତି କିଭଳି ପ୍ଲାଷ୍ଟିକ ଦଉଡ଼ିରେ ଆତ୍ମହତ୍ୟା କଲେ ତାହାକୁ ନେଇ ଗ୍ରାମବାସୀଙ୍କ ମନରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ପୋଲିସର ନିରପେକ୍ଷ ତଦନ୍ତ ହେଲେ ପ୍ରକୃତ ସତ୍ୟ ସାମ୍ନାକୁ ଆସିବ ବୋଲି ଅଞ୍ଚଳରେ ଚର୍ଚ୍ଚା ହେଉଛି। ଖବର ପାଇ ଥୁଆମୂଳ ରାମପୁର ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହ ଏକ ଅପମୃତ୍ୟୁ ମାମଲା (ନଂ.୦୨/୨୦୨୬) ରୁଜୁ କରିଛି। ମହୁଲପାଟଣା ଫାଣ୍ଡି ଏସ୍‌ଆଇ. ଅରୁଣା କୁମାର ବାଡ୍ରିଆ ଘଟଣାସ୍ଥଳକୁ ଯାଇ ତଦନ୍ତ କରିଛନ୍ତି।



ଉଦିତନଗରସ୍ଥିତ ଆର୍‌ଏମ୍‌ସି ସମ୍ମୁଖ ଶୀତଳପଡା ବସ୍ତିକୁ ଯାଇଥିବା ରାସ୍ତା ମରାମତି ଅଭାବରୁ ଶୋଚନୀୟ ହୋଇପଡିଛି।

# ଓଡ଼ିଆ ଭାଷାର ବ୍ୟାପକ ପ୍ରଚାର ପ୍ରସାର ଉପରେ ଗୁରୁତ୍ୱାରୋପ

**ସୁନ୍ଦରଗଡ, ୧୨।୩ (ଜୟ ନାରାୟଣ ମେଣ୍ଡୁଲି)**



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ଓ ଛାତ୍ରୀଛାତ୍ର।

ସୁନ୍ଦରଗଡ ସରକାରୀ ସ୍ୱୟଂଶାସିତ ମହାବିଦ୍ୟାଳୟ ଓଡ଼ିଆ ଭାଷା ସାହିତ୍ୟ ବିଭାଗ ଆନୁକୂଲ୍ୟରେ ବୁଧବାର ଶାସ୍ତ୍ରୀୟ ଓଡ଼ିଆ ଭାଷା ଦିବସ ପାଳିତ ହୋଇଯାଇଛି। ମହାବିଦ୍ୟାଳୟର ଅଧକ୍ଷା ବବିତା ଭିଡ୍ରିଆ ଏହି ଉପଲକ୍ଷେ ଆୟୋଜିତ ସଭାରେ ଅଧକ୍ଷତା କରି ଏହି ଦିବସ ପାଳନର ଗୁରୁତ୍ୱ ସମ୍ପର୍କରେ ଆଲୋଚନା କରି ଓଡ଼ିଆ ଭାଷାର ସ୍ୱତନ୍ତ୍ର ବିଷୟରେ କହିଥିଲେ। ସମ୍ମାନିତ ଅତିଥିଭାବେ ପ୍ରାଧ୍ୟାପକ ଆଲୋକ କୁମାର ନାଏକ ଯୋଗଦେଇ ଓଡ଼ିଆ ଭାଷାର ବ୍ୟାପକ ପ୍ରଚାର ପ୍ରସାର ଉପରେ ଗୁରୁତ୍ୱାରୋପ କରି ସ୍ୱରଚିତ କବିତା ପାଠ କରିଥିଲେ। ଓଡ଼ିଆ ବିଭାଗର ମୁଖ୍ୟ ସହକାରୀ ପ୍ରଫେସର ଡକ୍ଟର ନୂତନ ଖମାରୀ ଓଡ଼ିଆ ଭାଷା ଶାସ୍ତ୍ରୀୟ ମାନ୍ୟତା ପାଇବାର ପୃଷ୍ଠଭୂମି ଉପରେ ଆଲୋଚନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସହକାରୀ ପ୍ରଫେସର ଡକ୍ଟର ସାକୀର ହୁସେନ, ଗଗନ ବିହାରୀ ପ୍ରଧାନ ପ୍ରମୁଖ ନିଜର ବକ୍ତବ୍ୟ ରଖିଥିଲେ। ଅଧ୍ୟାପକ ଡକ୍ଟର ସୁବାଷ ଚନ୍ଦ୍ର ବେହେରା ସଂଯୋଜନା କରିଥିଲେ। ଶେଷରେ ଛାତ୍ରୀଛାତ୍ର ମାନେ ସ୍ୱରଚିତ କବିତା ପାଠ କରିଥିଲେ।

# କାଠ ଡିପୋରେ ନିଆଁ

**ଲହୁଣୀପଡା, ୧୨।୩ (ଦାଶରଥି ପଣ୍ଡା)**

ସୁନ୍ଦରଗଡ଼ ଜିଲା ରାଜାମୁଣ୍ଡା ପଞ୍ଚାୟତ ସ୍ଥିତ ମିଶ୍ରପାଲି ଗ୍ରାମ୍ୟ ଜଙ୍ଗଲକୁ ଲାଗି ରହିଥିବା କାଠ ଡିପୋରେ ଗୁରୁବାର ଅପରାହ୍ନ ପ୍ରାୟ ୨ ଟାରେ ନିଆଁ ଲାଗିଯାଇଛି। ଏଠାରେ ବହୁ ମୂଲ୍ୟବାନ ଶାଳ, ଅସନ, କଂଗଡା, ଦଉରା, ହସି କାଠ ଗଣ୍ଡି ଗଦା ରହିଥିବା ବେଳେ ପ୍ରାୟ ୨୦ ଟିରୁ ଅଧିକ କାଠ ଗଦାରେ ନିଆଁ ଲାଗି ଲକ୍ଷାଧିକ ଟଙ୍କା ମୂଲ୍ୟର କାଠ ପୋଡି ନଷ୍ଟ ହୋଇଯାଇଥିବା ଜଣା ପଡିଛି। ସୂଚନା ଅନୁଯାୟୀ ଗୁରୁବାର ମଧ୍ୟାହ୍ନ ପ୍ରାୟ ୧୨ଟା ସମୟରେ କେହି ଜଣେ ଚାଷ ଜମିରେ ନିଆଁ ଲଗାଇ ଦେଇଥିଲେ। ନିଆଁ ହଠାତ ଚାରିଆଡେ ବ୍ୟାପି ଯାଇଥିଲା। ପରେ ସ୍ଥାନୀୟ ଲୋକେ ଅଗ୍ନିଶମ ବିଭାଗକୁ ଖବର ଦେବା ସହ ନିଆଁକୁ ଆୟତ୍ତ କରିବା ପାଇଁ ଚେଷ୍ଟା କରିଥିଲେ। କିଛି ସମୟ ପରେ ୨ଟି ଦମକଳ ଗାଡି ଆସି ନିଆଁକୁ ଆୟତ କରିଥିଲା। ସେହି ଏକ ସମୟରେ କେନ୍ଦୁଡ଼ିହିର ୪ଟି ସ୍ଥାନରେ ଏବଂ ମିଶରପାଲି ଗ୍ରାମରେ ଏକ ଜମିରେ ନିଆଁ ଲାଗିଥିଲା। ଫଳରେ ଅଗ୍ନିଶମ ବିଭାଗକୁ ନାକେଦମ ହେବାକୁ ପଡିଥିଲା।



କାଠ ଗଦାରେ ନିଆଁ ଲାଗିଛି।

# ସୁନ୍ଦରଗଡ଼ ସରକାରୀ ମେଡିକାଲ କଲେଜ ହେଉ ଭବାନୀ ଶଙ୍କର ମେଡିକାଲ କଲେଜ

**ବିଜେଡିର ଦାବି**

**ସୁନ୍ଦରଗଡ଼, ୧୨।୩ (ଜୟ ନାରାୟଣ ମେଣ୍ଡୁଲି)**

ସୁନ୍ଦରଗଡ଼ ସରକାରୀ ମେଡିକାଲ କଲେଜ ଏବଂ ହସ୍ପିଟାଲକୁ ସ୍ଥାନୀୟ ରାଜପରିବାରର ତଥା ତତ୍କାଳୀନ ଗଡଜାତ ରାଜ୍ୟ ଗାଙ୍ଗପୁରର ରାଜା ଭବାନୀ ଶଙ୍କରଙ୍କ ନାମରେ ନାମିତ କରାଯିବାକୁ ବିଜେଡି ପକ୍ଷରୁ ଦାବି କରାଯାଇଛି। ସୁନ୍ଦରଗଡ଼ ବିଜେଡିର ବରିଷ୍ଠନେତା ଜୟ ନାରାୟଣ ତ୍ରିପାଠୀଙ୍କ ନେତୃତ୍ୱରେ ଏକ ପ୍ରତିନିଧି ମଣ୍ଡଳୀ ଗୁରୁବାର ଜିଲାପାଳ ଶୁଭଙ୍କର ମହାପାତ୍ରଙ୍କୁ ତାଙ୍କ କାର୍ଯ୍ୟାଳୟରେ ସାକ୍ଷାତ କରି ଏହି ମର୍ମରେ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଏଥିରେ ଉଲ୍ଲେଖ କରାଯାଇଛି ଯେ, ସୁନ୍ଦରଗଡ ତଥା ତତ୍କାଳୀନ ଗାଙ୍ଗପୁର ଗଡଜାତ ରାଜ୍ୟର ଶିକ୍ଷା ଓ ସ୍ୱାସ୍ଥ୍ୟ ସେବାକ୍ଷେତ୍ରରେ ରାଜପରିବାରର ବହୁତ ଅବଦାନ ରହିଛି। ରାଜାରାଜୁଡ଼ା ସମୟରୁ ୧୯୪୨ ମସିହାରୁ ସୁନ୍ଦରଗଡରେ ଭବାନୀ ଶଙ୍କର ହସ୍ପିଟାଲ ନାମରେ ନାମିତ ହୋଇ ଆରମ୍ଭ ହୋଇଥିବା ଡାକ୍ତରଖାନା ବର୍ତ୍ତମାନ ଜିଲା ମୁଖ୍ୟ ଡାକ୍ତରଖାନା ରୂପେ ପରିଚିତ ହୋଇ ଚାଲୁଛି। ତେଣୁ ବର୍ତ୍ତମାନର "ସରକାରୀ ମେଡିକାଲ କଲେଜ ଏବଂ ହସ୍ପିଟାଲ" (ଜିଏମସିଏଚ) ର ନାମକୁ ପରିବର୍ତ୍ତନ କରାଯାଇ ପୂର୍ବରୁ ୧୯୪୨ ମସିହାରୁ ଥିବା ନାମ ଅନୁଯାୟୀ 'ଭବାନୀ ଶଙ୍କର ମେଡିକାଲ କଲେଜ ଏବଂ ହସ୍ପିଟାଲ' ନାମରେ ନାମିତ କରିବାକୁ ଆନୁଷ୍ଠାନିକ ପ୍ରସ୍ତାବ ଦେବାକୁ ଦାବି କରିଛନ୍ତି। ସରକାରୀ ମେଡିକାଲ କଲେଜ ଏବଂ ହସ୍ପିଟାଲ ପ୍ରତିଷ୍ଠା ସମୟରେ ଥିବା ମୂଳ ନାମର ରେକର୍ଡ ସମେତ ସମର୍ଥନକାରୀ ଦଲିଲଗୁଡ଼ିକ ପ୍ରସ୍ତାବ ସହ ଜିଲାପାଳଙ୍କ ନିକଟରେ ଦାଖଲ କରାଯାଇଛି। ଏହା ମୁଖ୍ୟମନ୍ତ୍ରୀଙ୍କ ନିକଟକୁ ପଠାଯିବ। ପ୍ରସ୍ତାବ ଉପରେ ରାଜ୍ୟ ସରକାରଙ୍କ ପରବର୍ତ୍ତୀ ପଦକ୍ଷେପକୁ ଅପେକ୍ଷା କରାଯାଉଛି। ଏହା ସହିତ ଏହି ମେଡିକାଲ କଲେଜ ଏବଂ ହସ୍ପିଟାଲରେ ଥିବା ଭୌତିକ ଚିକିତ୍ସା କେନ୍ଦ୍ର (ଫିଜିଓ ଥେରାପି କେନ୍ଦ୍ର) ଟି ପଞ୍ଚମ ମହଲାରେ ରହିଛି। ଯାହାଫଳରେ ଚିକିତ୍ସା ପାଇଁ ଆସୁଥିବା ରୋଗୀ ଅନେକ ସମୟରେ ଲିଫ୍ଟ ଅଚଳ ରହୁଥିବାରୁ ଅସୁବିଧା ଭୋଗୁଛନ୍ତି। ଏଥିସହ ଗ୍ରୀଷ୍ମ ମାସରେ ଗରମ ହେଉଥିବାରୁ ଏହି କେନ୍ଦ୍ର ଜିଲା ମୁଖ୍ୟ ଡାକ୍ତରଖାନା ପରିସର ମଧ୍ୟକୁ ଆଣିବା ପାଇଁ ବିଜେଡି ପ୍ରତିନିଧି ମଣ୍ଡଳୀ ଜିଲାପାଳଙ୍କୁ ଅବଗତ କରେଇଛନ୍ତି। ଏହି ଦାବିପତ୍ରରେ ସୁନ୍ଦରଗଡ଼ର ରାଜମାତା ପଦ୍ମିନୀ ଶେଖରଦେଓ, ରାଜା ସମରେନ୍ଦ୍ର ଶେଖରଦେଓ, ରାଣୀ ସୁଜ୍ଞାନୀ ଶେଖରଦେଓଙ୍କ ସହିତ ଅନେକ ସ୍ଥାନୀୟ ନେତୃମଣ୍ଡଳୀ, ଜନସାଧାରଣଙ୍କ ଦସ୍ତଖତ ରହିଛି। ଜିଲାପାଳଙ୍କୁ ଦାବିପତ୍ର ଦେବା ସମୟରେ ବିଜେଡି ବରିଷ୍ଠନେତା ଜୟ ନାରାୟଣ ତ୍ରିପାଠୀଙ୍କ ସହିତ ପୂର୍ବତନ ନଗରପାଳ ବେଣୁଧର ତାଣ୍ଡିଆ, କେନ୍ଦ୍ର ସମବାୟ ବ୍ୟାଙ୍କର ନିର୍ଦ୍ଦେଶକ ପଞ୍ଚା ବାର୍ଲା, ରାଜଗାଙ୍ଗପୁର ପୂର୍ବତନ ବିଜେଡି ଟାଉନ ସଭାପତି ରାଜେନ୍ଦ୍ର ଲେଙ୍କା ଏବଂ ରାଜେନ୍ଦ୍ର ବେହେରା, ଯୁବ ବିଜେଡି ନେତା ସଞ୍ଜୟ ପଟ୍ଟନାୟକ, ବରୁନ ବାଗ ଏବଂ ପଙ୍କଜ ଶ୍ରେଷ୍ଠ ପ୍ରମୁଖ ଉପସ୍ଥିତ ଥିଲେ।



ବିଜେଡି ପ୍ରତିନିଧି ମଣ୍ଡଳୀ ଜିଲାପାଳଙ୍କୁ ଦାବି ପତ୍ର ପ୍ରଦାନ କରୁଛନ୍ତି।

## ସଂକ୍ଷେପରେ

### ଯୁବକଙ୍କୁ ଆକ୍ରମଣ ଘଟଣା: ୪ ଗିରଫ

**ସମ୍ବଲପୁର,୧୨।୩(ପ୍ରମୋଦ ବହିଦାର):** ସମ୍ବଲପୁର ଟାଉନ ଥାନା ଅନ୍ତର୍ଗତ ଚେରୁଆପଡ଼ା ଅଞ୍ଚଳରେ ବୁଧବାର ରାତିରେ ସାଗର ସ୍ୱାଇଙ୍କୁ ମରଣାନ୍ତକ ଆକ୍ରମଣ ଘଟଣାରେ ପୋଲିସ ଯୁବତୀଙ୍କ ସହ ୪ ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ଚେରୁଆପଡା ଫିସରିବନ୍ଧ ଅଞ୍ଚଳର ମନିଷା ସିଂହ, ଅସ୍ମିତା ସିଂହ, ସୋନୁ ଯାଦବ ଓ ବାବୁ ସୋନା। ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ଏହି ଘଟଣା ଘଟିଥିବା ପୋଲିସ କହିଛି। ବୁଧବାର ରାତିରେ ଚେରୁଆପଡ଼ାର ସାଗର ସ୍ୱାଇଁଙ୍କୁ ଜଣେ ଯୁବତୀଙ୍କ ସମେତ ଉକ୍ତ ଅଭିଯୁକ୍ତମାନେ ସଂଘବଦ୍ଧ ଭାବେ ଆକ୍ରମଣ କରିଥିଲେ। ତାଙ୍କୁ ଗୁରୁତର ଅବସ୍ଥାରେ ଭିମ୍‌ସାରରେ ଭର୍ତ୍ତି କରାଯାଇଥିଲା। ଅସ୍ତ୍ରୋପଚାର ପରେ ସାଗରଙ୍କ ସ୍ୱାସ୍ଥ୍ୟାବସ୍ଥା ସ୍ଥିର ରହିଛି। ଏ ନେଇ ଥାନାରେ ଏକ ମାମଲା(ନଂ.୮୮/୨୬) ରୁଜୁ ହୋଇଛି।

### ବିଜୁ ଏକ୍ସପ୍ରେସ୍ ୱେରେ କାର୍-କଣ୍ଟେନର ଧକ୍କା
#### ବର୍ତ୍ତିଲେ କାର୍‌ଆରୋହୀ

**ସମ୍ବଲପୁର,୧୨।୩(ପ୍ରମୋଦ ବହିଦାର):** ସମ୍ବଲପୁର ଜିଲା ଶାସନ ଥାନା ଅନ୍ତର୍ଗତ ମାଝିପାଲି ନିକଟରେ ବିଜୁ ଏକ୍ସପ୍ରେସ୍ ୱେ(ରାଜ୍ୟ ରାଜପଥ-୧୦)ରେ ଗୁରୁବାର ଏକ କାର(ଓଡି-୦୩-ଡବ୍ଲ୍ୟୁ-୫୧୪୭) ଓ ୧୪ ଚକିଆ କଣ୍ଟେନର(ସିଜି-୦୭-ଡିଏ-୧୫୫୫) ମଧ୍ୟରେ ଧକ୍କା ହୋଇଛି। କାରକୁ ଅତିକ୍ରମ କରିବା ସମୟରେ କଣ୍ଟେନର ପଛଚକ କାର ଉପରକୁ ଚଢ଼ି ଯାଇଥିଲା। ଫଳରେ କାର ରାସ୍ତା ପାର୍ଶ୍ୱସ୍ଥ ଫୁଟପାଥ ଉପରେଓଲଟି ପଡ଼ିଛି। ସୌଭାଗ୍ୟବଶତଃ କାର ଆରୋହୀ ବର୍ତ୍ତି ଯାଇଛନ୍ତି। ପୋଲିସ ଉଭୟ ଗାଡ଼ିକୁ ଜବତ କରିଛି। ଖବର ଲେଖାଯିବା ପର୍ଯ୍ୟନ୍ତ କୌଣସି ପକ୍ଷରୁ ଅଭିଯୋଗ ହୋଇ ନ ଥିବାରୁ ଥାନାରେ ମାମଲା ରୁଜୁ ହୋଇ ନାହିଁ।

### ଘରୋଇ ଗ୍ୟାସ୍ ପାଇଁ ଗ୍ରାହକ ହଇରାଣ

**ଝାରସୁଗୁଡ଼ା,୧୨।୩(ଆଶିଷ ରଞ୍ଜନ ଦାଶ):** ଝାରସୁଗୁଡ଼ା ସହର ବିଜୁନଗରସ୍ଥିତ କସୱା ମାର୍କେଟ୍ କମ୍ପ୍ଲେକ୍ସରେ ଥିବା ଘରୋଇ ଇଣ୍ଡିଆନ ଗ୍ୟାସ ଏଜେନ୍ସିରୁ ଗ୍ୟାସ ପାଇବା ପାଇଁ ଗତ ଚାରି ଦିନରୁ ଗ୍ରାହକମାନେ ହଇରାଣ ହେଉଛନ୍ତି। ଗ୍ରାହକମାନଙ୍କ ଅଭିଯୋଗ ଅନୁଯାୟୀ, ଗ୍ୟାସ୍ ଅନ୍‌ଲାଇନ ବୁକ୍ ହେଉନାହିଁ, କୌଣସି ମେସେଜ ଆସୁନାହିଁ, ଗ୍ୟାସ ଅଫିସ ନମ୍ବରରେ ଫୋନ କଲେ ଜବାବ ନାହିଁ ଏବଂ ଅନ୍ୟପଟେ କମ୍ପ୍ୟୁଟରର ନେଟୱର୍କ ଘଣ୍ଟା ଘଣ୍ଟା ଧରି ଧୀରେ ଚାଲୁଛି। ଫଳରେ ଗ୍ରାହକମାନେ ଦିନ ଦିନ ଧରି ଠିଆ ହୋଇ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଅନ୍ୟପକ୍ଷରେ ଗ୍ୟାସ୍ କମ୍ପାନୀ ତରଫରୁ ଗ୍ରାହକଙ୍କ ପାଇଁ ବସିବା ଓ ପିଇବା ପାଣି ଭଳି ମୌଳିକ ବ୍ୟବସ୍ଥା ନାହିଁ। ତେଣୁ ସମସ୍ୟାର ତୁରନ୍ତ ସମାଧାନ ପାଇଁ ଜିଲା ପ୍ରଶାସନ ଓ ଯୋଗାଣ ବିଭାଗକୁ ଗ୍ରାହକମାନେ ଦାବି କରିଛନ୍ତି। ଏ ନେଇ ଜିଲା ଯୋଗାଣ ଅଧିକାରୀ ଦୁର୍ଗା ଚରଣ ବେସ୍ରାଙ୍କୁ ପଚାରିବାରୁ ସେ କହିଛନ୍ତି, ଘରୋଇ ଗ୍ୟାସ ବିକ୍ରି ଓ ଏହାର ଉପଯୁକ୍ତ ସେବା ଯେପରି ଗ୍ରାହକମାନେ ପାଇପାରିବେ, ଏ ନେଇ ସମସ୍ତ ଗ୍ୟାସ୍ ଏଜେନ୍ସି ସଂସ୍ଥାକୁ ଜଣାଇଦେଇଛୁ, ଦିନେ ଦୁଇ ଦିନ ମଧ୍ୟରେ ଘରୋଇ ଗ୍ୟାସ ପ୍ରଦାନ ସମ୍ବନ୍ଧୀୟ ଅସୁବିଧା ଦୂର ହୋଇଯିବ।

# ବୁକିଂରେ ଅସୁବିଧା, ବିତରକ ଅଫିସରେ ଭିଡ଼

ସମ୍ବଲପୁର,୧୨।୩(ପ୍ରମୋଦ ବହିଦାର)

ଉପସାଗରୀୟ ଯୁଦ୍ଧ ଦେଶର ରୋଷେଇ(ଏଲ୍‌ପିଜି) ଗ୍ୟାସ ବିରତଣ ପ୍ରଭାବିତ କରିଛି। ବ୍ୟବସାୟିକ ଲିକ୍ୟୁଫାଏଡ ପେଟ୍ରୋଲିୟମ ଗ୍ୟାସ(ଏଲ୍‌ପିଜି) ସିଲିଣ୍ଡର ଯୋଗାଣ ସମ୍ପୂର୍ଣ୍ଣ ବନ୍ଦ ଥିବା ବେଳେ ଘରୋଇ ରୋଷେଇ ଗ୍ୟାସ ଯୋଗାଣ ସ୍ୱାଭାବିକ ରହିଛି। ମାତ୍ର ଅନ୍‌ଲାଇନ୍ ବୁକିଂରେ ସମସ୍ୟାର ସମ୍ମୁଖୀନ ହେଉଛନ୍ତି ଉପଭୋକ୍ତା। ଫଳରେ ବିଭିନ୍ନ ବିତରକଙ୍କ ଦୋକାନ ଓ କାର୍ଯ୍ୟାଳୟରେ ଗ୍ରାହକଙ୍କ ପ୍ରବଳ ଭିଡ଼ ଦେଖିବାକୁ ମିଳିଛି।

ଏହାକୁ ନେଇ ଗୁରୁବାର ସନ୍ଧ୍ୟାରେ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ଏକ ବୈଠକରେ ଜିଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର ଜିଲାର ଘରୋଇ (ଏଲ୍‌ପିଜି) ରୋଷେଇ ଗ୍ୟାସର ସ୍ଥିତ ସମୀକ୍ଷା କରିଥିଲେ। ବୈଠକରେ ବିଶେଷ କରି ଘରୋଇ ବିତରଣକୁ ଗୁରୁତ୍ୱ ଦିଆଯାଇଥିଲା। ବୈଠକରେ ଜିଲା ମୁଖ୍ୟ ଯୋଗାଣ ଅଧିକାରୀ ସୁବୋଧ ହୋତା, ଯୋଗାଣ ଅଧିକାରୀ ମିଳନ ମାଝୀ, ଅତିରିକ୍ତ ଯୋଗାଣ ଅଧିକାରୀ ବିଶ୍ୱରଞ୍ଜନ ସାହୁ, ଏସଡିପିଓ ତୋଫାନ ବାଗଙ୍କ ସହ ପୋଲିସ ଅଧିକାରୀ,



ଗ୍ୟାସ ବିତରଣ କେନ୍ଦ୍ରରେ ଉପଭୋକ୍ତାଙ୍କ ଭିଡ଼।

- ବାଣିଜ୍ୟିକ ଏଲପିଜି ଯୋଗାଣ ବନ୍ଦ, ଘରୋଇ ଉପଭୋକ୍ତା ଆତଙ୍କିତ
- ଘରୋଇ ଏଲ୍‌ପିଜିର ଅଭାବ ନାହିଁ : ସିଏସ୍‌ଓ

ଏସିଏସ୍‌ଓ, ଆଇଓସିଏଲ୍, ବିପିସିଏଲ୍ ଓ ଏଚ୍‌ପିସିଏଲ୍ ଆଦି ବିଭିନ୍ନ କମ୍ପାନୀ ପ୍ରତିନିଧି ତଥା ଜିଲାର ୨୮ ଜଣ ଗ୍ୟାସ ବିତରକ ଯୋଗଦେଇଥିଲେ। ଏ ସମ୍ପର୍କରେ ସୂଚନା ଦେଇ ସିଏସ୍‌ଓ ମାଝୀ କହିଛନ୍ତି, ଜିଲାରେ ଘରୋଇ(ଏଲ୍‌ପିଜି)ରୋଷେଇ ଗ୍ୟାସର କୌଣସି ଅଭାବ ନାହିଁ। ଜିଲାର ସମସ୍ତ ୨୮ ଜଣ ବିତରକଙ୍କ ନିକଟରେ ପର୍ଯ୍ୟାପ୍ତ ପରିମାଣର ଗ୍ୟାସ ସିଲିଣ୍ଡର ମହଜୁଦ ରହିଛି। ହୋଟେଲ ଆଦି ବ୍ୟବସାୟିକ ପ୍ରତିଷ୍ଠାନକୁ ଗ୍ୟାସ୍ ଯୋଗାଣ ବନ୍ଦ ରହିଛି। ଏହାକୁ ନେଇ ରାଜ୍ୟସ୍ତରରେ ନିଷ୍ପତ୍ତି ନିଆଯିବ। କିନ୍ତୁ ସରକାରୀ ସ୍କୁଲ୍, କଲେଜ୍ ଓ ସରକାରୀ ସ୍ୱାସ୍ଥ୍ୟକେନ୍ଦ୍ର, ଆହର କେନ୍ଦ୍ର ଭଳି ଜରୁରୀ ସେବାକୁ ପ୍ରାଥମିକତା ଭିତ୍ତିରେ ୧୯ କେଜି ବିଶିଷ୍ଟ ବ୍ୟବସାୟିକ ଗ୍ୟାସ ସିଲିଣ୍ଡର ଯୋଗାଇ ଦେବାକୁ ଜିଲାପାଳଙ୍କ କଡ଼ା ନିର୍ଦ୍ଦେଶ ରହିଛି ବୋଲି ସେ କହିଥିଲେ। ଗ୍ୟାସର କଳାବଜାର ଓ ବେଆଇନ ମହଜୁଦ୍ ରୋକିବା ପାଇଁ ଜିଲାସ୍ତରରେ ଗୋଟିଏ ଏବଂ ଉପଖଣ୍ଡସ୍ତରରେ ୩ଟି ମିଶି ଜିଲାରେ ମୋଟ୍ ୪ଟି ୪ ଜଣିଆ ସ୍ୱତନ୍ତ୍ର ସ୍କ୍ୱାଡ୍ ଗଠନ କରାଯାଇଛି। ଏହି ସ୍କ୍ୱାଡ୍‌ଗୁଡ଼ିକ ନିୟମିତ ଭାବେ ଯାଞ୍ଚ କରିବେ। ଗ୍ୟାସ ବିତରଣରେ ଅନୈତିକ ଉପାୟ ଅବଲମ୍ବନ କରୁଥିବା ଅସାଧୁ ବ୍ୟବସାୟୀଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସିଏସ୍‌ଓ ମାଝି କହିଛନ୍ତି। ତେଣୁ ଘରୋଇ ଏଲ୍‌ପିଜି ଉପଭୋକ୍ତା ଗ୍ୟାସ ଅଭାବ ନେଇ ଆଦୌ ଆତଙ୍କିତ ନ ହେବା ପାଇଁ ସିଏସ୍‌ଓ ମାଝୀ ନିବେଦନ କରିଛନ୍ତି। ସିଏସ୍‌ଓଙ୍କ କାର୍ଯ୍ୟାଳୟ ସୂତ୍ରରୁ ମିଳିଥିବା ତଥ୍ୟ ଅନୁସାରେ ଜିଲାରେ ଥିବା ବିପିସିଏଲ୍(ଭାରତ), ଏଚ୍‌ପିସିଏଲ୍(ଏଚ୍‌ପି) ଓ ଆଇଓସିଲ୍(ଇଣ୍ଡେନ୍) ଆଦି ତିନି କମ୍ପାନୀର ୨୮ ଜଣ ବିତରକଙ୍କ ୨ ଲକ୍ଷ ୩୪ ହଜାର ୨୫୪ ଜଣ ଉପଭୋକ୍ତା ରହିଛନ୍ତି। ସେମାନଙ୍କ ପାଇଁ ତିନି ବିତରକଙ୍କୁ ପ୍ରତ୍ୟହ ୪୦୭୦ଟି ଘରୋଇ(ଏଲ୍‌ପିଜି) ସିଲିଣ୍ଡର ଆବଶ୍ୟକ ହେଉଛି। ବର୍ତ୍ତମାନ ସେମାନଙ୍କ ନିକଟରେ ୯୫୨୨ଟି ସିଲିଣ୍ଡର ରହିଛି। ସେଥିମଧ୍ୟରେ ୩୨୦୩ଟି ଭାରତ ଗ୍ୟାସ ସିଲିଣ୍ଡର, ୨୮୫୫ଟି ଏଚ୍‌ପି ସିଲିଣ୍ଡର ଓ ସର୍ବାଧିକ ୩୪୬୪ଟି ଇଣ୍ଡେନ୍ ଗ୍ୟାସ ସିଲିଣ୍ଡର ରହିଛି।

# ଆଇସିସି ସୋସିଆଲ ଇମ୍ପାକ୍ଟ ଆୱାର୍ଡ ୨୦୨୬

**ଟିଆର୍‌ଏଲ କ୍ରୋସାକିକୁ ରନର୍ସ ଅପ୍ ସମ୍ମାନ**

ବେଲପାହାଡ଼,୧୨।୩(ସୁବାସ ପ୍ରଧାନ)

ବେଲପାହାଡ଼ସ୍ଥିତ ଟିଆର୍‌ଏଲ୍ କ୍ରୋସାକି ରିଫ୍ରାକ୍ଟୋରିଜ ଲିମିଟେଡ୍‌କୁ ଆଇସିସି ସୋସିଆଲ ଇମ୍ପାକ୍ଟ ଆୱାର୍ଡ ୨୦୨୬ରେ ରନର୍ସ-ଅପ୍ ଟ୍ରଫି ପ୍ରଦାନ କରାଯାଇଛି। ଝାରସୁଗୁଡ଼ା ଜିଲାର ଲଖନପୁର ବ୍ଲକରେ ସ୍ୱାସ୍ଥ୍ୟ, ଭୋକ ଓ ଦାରିଦ୍ର୍ୟ ନିବାରଣ ସହିତ ସ୍ୱଚ୍ଛତା କ୍ଷେତ୍ରରେ କରାଯାଉଥିବା ସମାଜସେବାମୂଳକ କାର୍ଯ୍ୟକଳାପ ପାଇଁ ଏହି ପୁରସ୍କାର ଦିଆଯାଇଛି। ବୁଧବାର ସନ୍ଧ୍ୟାରେ କୋଲକାତାର ହୋଟେଲ ଲାଲିତ ଇଣ୍ଟରନ୍ୟାଶନାଲରେ ଆୟୋଜିତ ବିଶେଷ ଅବସରରେ କମ୍ପାନୀ ପକ୍ଷରୁ ଲୋକସମ୍ପର୍କ ଓ ସିଏସ୍‌ଆର ବିଭାଗର ମହାପ୍ରବନ୍ଧକ ଡା. ସନ୍ତୋଷ କୁମାର ମିଶ୍ର ଏବଂ ବରିଷ୍ଠ ପ୍ରବନ୍ଧକ ଶଶାଙ୍କ କୁମାର ଦୀକ୍ଷିତ ପୁରସ୍କାର ଗ୍ରହଣ କରିଥିଲେ। ଏହି ପୁରସ୍କାର ଡା. ଏସ୍. ପି. ଗୋନ ଚୌଧୁରୀ ଓ ଶ୍ରୀ କେଶବ ଭଜଙ୍କାଙ୍କ ହାତରୁ ପ୍ରଦାନ କରାଯାଇଥିଲା। ଇତ୍ୟବସରରେ ଆଇସିସିର ମହାନିର୍ଦ୍ଦେଶକ ଡା. ରାଜୀବ ସିଂହ ଓ ମଣିପାଲ ବିଶ୍ୱବିଦ୍ୟାଳୟର ନିର୍ଦ୍ଦେଶକ ଡା. କୁଣାଲ ସରକାର ମଧ୍ୟ ଉପସ୍ଥିତ ଥିଲେ। ଏହି ସଫଳତା ପାଇଁ କମ୍ପାନୀର ପରିଚାଳନା ନିର୍ଦ୍ଦେଶକ ପ୍ରଶାନ୍ତ କୁମାର ନାୟକ, କର୍ପୋରେଟ ସେବା ବିଭାଗର କାର୍ଯ୍ୟନିର୍ବାହୀ ଉପାଧ୍ୟକ୍ଷ ଡା. ତାରାପଦ ଦାଶ, ମାନବ ସମ୍ପଦ, ପ୍ରଶାସନ ଓ ଖଣି ବିଭାଗର ଉପାଧ୍ୟକ୍ଷ ସୁଶାନ୍ତ କୁମାର ଦାସ ସହ କମ୍ପାନୀର ବରିଷ୍ଠ କର୍ମକର୍ତ୍ତାମାନେ ଟିଆର୍‌ଏଲ୍ କ୍ରୋସାକି ଟିମ୍‌କୁ ଅଭିନନ୍ଦନ ଜଣାଇଛନ୍ତି।



ଟିଆର୍‌ଏଲ୍ କମ୍ପାନୀର ଅଧିକାରୀମାନେ ରନର୍ସ ଅପ୍ ଭାବେ ପୁରସ୍କାର ଗ୍ରହଣ କରୁଛନ୍ତି।

### ମହୁଲ ଫୁଲ ସଂଗ୍ରହ କରିବାକୁ ଯାଇ ଭାଲୁ ଆକ୍ରମଣରେ ଯୁବକ ଗୁରୁତର

**ପାଇକମାଳ,୧୨।୩(ବଡ଼ ଶତପଥୀ):** ପାଇକମାଳ ବ୍ଲକ ଅନ୍ତର୍ଗତ ବାଦିକଟା ଗ୍ରାମରେ ଭାଲୁ ଆକ୍ରମଣରେ ଗୁରୁବାର ଜଣେ ଯୁବକ ଗୁରୁବାର ଆହତ ହୋଇଛନ୍ତି। ସେ ହେଲେ ପ୍ରବୀଣ ପ୍ରଧାନ (୨୮)। ପ୍ରବୀଣ ଭୋରରୁ ମହୁଲ ଫୁଲ ସଂଗ୍ରହ କରିବା ପାଇଁ ନିଜ ବିଲରେ ଥିବା ମହୁଲ ଗଛ ନିକଟକୁ ଯାଇଥିଲେ। ସେଠାରେ ହଠାତ୍ ଏକ ଭାଲୁ ଆସି ତାଙ୍କୁ ଆକ୍ରମଣ କରିଥିଲା। ଫଳରେ ସେ ଚିତ୍କାର କରିବା ଯୋଗୁ ଆଖପାଖରେ ଥିବା ଲୋକମାନେ ଧାଇଁ ଯାଇ ତାଙ୍କୁ ଭାଲୁ କବଳରୁ ରକ୍ଷା କରିଥିଲେ। ଏହାପରେ ଭାଲୁଟି ଜଙ୍ଗଲକୁ ଚାଲିଯାଇଥିଲା। ପ୍ରବୀଣଙ୍କୁ ଆହତ ଅବସ୍ଥାରେ ଉଦ୍ଧାର କରାଯାଇ ପଦ୍ମପୁର ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ପରେ ପ୍ରବୀଣଙ୍କୁ ବୁର୍ଲା ସ୍ଥାନାନ୍ତର କରାଯାଇଛି। ଭାଲୁ ଆକ୍ରମଣର ଶିକାର ହୋଇଥିବା ବ୍ୟକ୍ତି ଜଣକ ଜଣେ ଗରିବ ଚାଷୀ ହୋଇଥିବା ଯୋଗୁ ସରକାରଙ୍କ ତରଫରୁ ଆର୍ଥିକ ସହାୟତା ଯୋଗାଇ ଦେବା ପାଇଁ ଗ୍ରାମବାସୀ ଅନୁରୋଧ କରିଛନ୍ତି।

# ରେଲୱେ ଷ୍ଟେଶନ ସମସ୍ୟାର ସମାଧାନ ନିର୍ଦ୍ଦେଶ

ବେଲପାହାଡ,୧୨।୩(ଆଶିଷ ରଞ୍ଜନ ଦାଶ)

ଝାରସୁଗୁଡା ଜିଲା ସ୍ଥିତ ବେଲପାହାଡ, ବ୍ରଜରାଜନଗର, ଇବ ରେଳ ଷ୍ଟେଶନକୁ ଗୁରୁବାର ବିଳାସପୁର ଡିଭିଜନ ଡିଆର୍‌ଏମ୍ ରାକେଶ ରଞ୍ଜନ ପରିଦର୍ଶନ କରିଛନ୍ତି। ଡିଆର୍‌ଏମ୍ ଏହି ଗସ୍ତରେ ଆସି ରେଳ ଷ୍ଟେଶନ ଗୁଡିକର ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରିଛନ୍ତି। ଉଭୟ ଷ୍ଟେଶନରେ, ପାଣି, ଲାଇଟ, ଉଦଘୋଷଣା ସମ୍ବନ୍ଧୀୟ ସମସ୍ୟାର ଆଗାମୀ ଦିନ ମଧ୍ୟରେ ସମାଧାନ କରାଯାଉ ବୋଲି ସେ ନିର୍ଦ୍ଦେଶ ଦେଇଛନ୍ତି। ଉଭୟ ଷ୍ଟେଶନରେ, ଟ୍ରେନ୍ ରହଣି, ବିସ୍ତାର ଓ ଅନ୍ୟାନ୍ୟ ସମସ୍ୟା ପାଇଁ ଆସନ୍ତା ୫ ଦିନ ମଧ୍ୟରେ ରେଲୱେ ବୋର୍ଡକୁ ଅବଗତ କରାଇବା ସହ ଅନ୍ୟ ଡିଭିଜନର ଅଧିକାରୀଙ୍କ ସହିତ ବିଚାର ବିମର୍ଶ କରି ଅବଗତ କରାଇବୁ ବୋଲି ପ୍ରକାଶ କରିଛନ୍ତି। ଗତି ଶକ୍ତି ଅନ୍ତର୍ଗତ ବେଲପାହାଡ଼ ଓ ବ୍ରଜରାଜନଗରରେ ହୋଇଥିବା ସମସ୍ତ କାର୍ଯ୍ୟର ଗୁଣବତ୍ତା ଯାଞ୍ଚ କରାଯିବ ବୋଲି କହିଛନ୍ତି। ଏହି ସମୟରେ ରେଳ ୟୁଜର ଫୋରମ ବେଲପାହାଡ ପକ୍ଷରୁ ଡିଆରଏମ ରାକେଶ ରଞ୍ଜନଙ୍କୁ ସ୍ୱାଗତ କରାଯିବା ସହ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଅମୃତ ଭାରତ ଷ୍ଟେଶନ ଅଧୀନରେ ନିର୍ମାଣାଧୀନ ସମସ୍ତ କାର୍ଯ୍ୟ ବିଳମ୍ବ ନକରି ଶୀଘ୍ର ସମସ୍ତ ସୁବିଧା ଉପଲବ୍ଧ ହେବ ସେଦିଗରେ ପଦକ୍ଷେପ ନେବା ପାଇଁ ଅନୁରୋଧ କରିଛନ୍ତି। ଏହି ଅବସରରେ ରାଜେଶ ଶୁକ୍ଳା, ହିତେଶ ଠକ୍କର, ବିକାଶ ଆଗ୍ରୱାଲ, ସଞ୍ଜୟ ଗୋଏନକାଙ୍କ ସହ ବେଲପାହାଡ଼ବାସୀ ଉପସ୍ଥିତ ଥିଲେ।



# ଏସ୍‌ୟୁ ଶ୍ରେଷ୍ଠ ୧୦ ଜଣଙ୍କ ମଧ୍ୟରେ ଶିକ୍ଷାନୁଷ୍ଠାନର ୭ ଛାତ୍ରୀଛାତ୍ର

**ବିସିଏ ପଞ୍ଚମ ସେମିଷ୍ଟର ପରୀକ୍ଷାରେ ବଦ୍ରିପ୍ରସାଦ କଲେଜ ଅଫ୍ କମ୍ପ୍ୟୁଟର ଟେକ୍ନୋଲୋଜି ଛାତ୍ରୀଛାତ୍ରଙ୍କ ସଫଳତା**



ସମ୍ବଲପୁର,୧୨।୩(ବି.ଶଙ୍କର)

ବଦ୍ରିପ୍ରସାଦ କଲେଜ ଅଫ୍ କମ୍ପ୍ୟୁଟର ଟେକ୍ନୋଲୋଜିର ସମ୍ପ୍ରତି ବିସିଏ ପଞ୍ଚମ ସେମିଷ୍ଟର ପରୀକ୍ଷା ପ୍ରକାଶିତ ହୋଇଛି। ଏଥିରେ ଛାତ୍ରୀଛାତ୍ରମାନେ ଉତ୍କୃଷ୍ଟ ପ୍ରଦର୍ଶନ କରି ଶିକ୍ଷାନୁଷ୍ଠାନକୁ ଗୌରାବାନ୍ୱିତ କରିଛନ୍ତି। ଶିକ୍ଷାନୁଷ୍ଠାନର ୭ଜଣ ଛାତ୍ରୀ ଛାତ୍ର ସମ୍ବଲପୁର ବିଶ୍ୱବିଦ୍ୟାଳୟର ଶ୍ରେଷ୍ଠ ୧୦ ଜଣଙ୍କ ମଧ୍ୟରେ ସ୍ଥାନ ପାଇଛନ୍ତି। ଏହିକ୍ରମରେ ଛାତ୍ର ସମଶେର ଆଲାମ, ପୃଥ୍ୱୀରାଜ ମେହେର, ଆରତୀ ସାହୁ, ନାରାୟଣ ପାଣିଗ୍ରାହୀ, ଓମ ମେହେର, ସୋମନାଥ ମହାରଣା ଏବଂ ପୂଜା ଦେହେରୀ ଯଥାକ୍ରମେ ୯.୦୦ ଏସଜିପିଏ, ୯.୦୦ ଏସଜିପିଏ, ୮.୭୫ ଏସଜିପିଏ, ୮.୫୦ ଏସଜିପିଏ, ୮.୨୫ ଏସଜିପିଏ ୮.୨୫ ଏସଜିପିଏ, ୮.୨୫ ଏସଜିପିଏ ସ୍କୋର କରିଛନ୍ତି । ମାର୍ଚ୍ଚ ୯ତାରିଖରେ ଘୋଷଣା ହୋଇଥିବା ସମ୍ବଲପୁର ବିଶ୍ୱବିଦ୍ୟାଳୟ ପଞ୍ଚମ ସେମିଷ୍ଟର ବିସିଏ ପରୀକ୍ଷା ଫଳାଫଳରେ ଷଷ୍ଠ, ୭ମ, ୮ମ ଏବଂ ୯ମ ସ୍ଥାନ ହାସଲ କରିଛନ୍ତି। ବଦ୍ରିପ୍ରସାଦ କଲେଜ ଅଫ୍ କମ୍ପ୍ୟୁଟର ଟେକ୍ନୋଲୋଜି ଫଳାଫଳରେ ଉତ୍କର୍ଷତାର ଏକ ପ୍ରମାଣିତ ଟ୍ରାକ୍ ରେକର୍ଡ ରଖିଛି। ପ୍ରତିଷ୍ଠା ହେବା ପରଠାରୁ ବଦ୍ରିପ୍ରସାଦ କମ୍ପ୍ୟୁଟର ଟେକ୍ନୋଲୋଜି କଲେଜର ଛାତ୍ରୀଛାତ୍ରମାନେ ସେମାନଙ୍କର ଶିକ୍ଷାଗତ ପ୍ରଦର୍ଶନରେ ଅନେକ ମାଇଲଖୁଣ୍ଟ ହାସଲ କରିଛନ୍ତି। ସଫଳତା ସେମାନଙ୍କର କଠିନ ପରିଶ୍ରମ ଏବଂ ବଦ୍ରିପ୍ରସାଦ କମ୍ପ୍ୟୁଟର ଟେକ୍ନୋଲୋଜି କଲେଜରେ ପ୍ରଦାନ କରାଯାଉଥିବା ଶିକ୍ଷାର ଗୁଣାତ୍ମକ ମାନର ସାକ୍ଷୀ ବୋଲି ସଚିବ ସଞ୍ଜୀବ କୁମାର ଅଗ୍ରୱାଲ କହିଛନ୍ତି। କଲେଜ ଅଧ୍ୟକ୍ଷ ଏବଂ ଅଧ୍ୟାପକମାନେ ମଧ୍ୟ କୃତୀ ଛାତ୍ରୀଛାତ୍ରଙ୍କୁ ଅଭିନନ୍ଦନ ଜଣାଇ ଉଜ୍ଜ୍ୱଳ ଭବିଷ୍ୟତ ପାଇଁ କାମନା କରିଛନ୍ତି ।

# ପାଣି ପାଇଁ ୱାଟ୍‌କୋ କାର୍ଯ୍ୟାଳୟ ଘେରିଲେ ଅଭୟପୁରବାସୀ



ପାଣି ପାଇଁ ମହିଳାମାନେ ଆନ୍ଦୋଳନ କରିଛନ୍ତି।

ବ୍ରଜରାଜନଗର,୧୨।୩(ବିଜୟ ବରାଡ଼)

ଝାରସୁଗୁଡ଼ା ଜିଲା ବ୍ରଜରାଜନଗର ପୌରପରିଷଦ ଅନ୍ତର୍ଗତ ୩ ନମ୍ବର ୱାର୍ଡରେ ଥିବା ଅଭୟପୁର ଓ ମୁଣ୍ଡାପଡ଼ାବାସୀ ଗ୍ରୀଷ୍ମପ୍ରବାହ ଆରମ୍ଭରୁ ମୁନ୍ଦାଏ ପାଣି ପାଇଁ ତହଲବିକଳ ହେଉଛନ୍ତି।

ବ୍ରଜରାଜନଗର ପୌରପରିଷଦର ବିଭିନ୍ନ ଅଞ୍ଚଳରେ ପାଇପ୍ ଫାଟି ରାସ୍ତାର ବିଭିନ୍ନ ସ୍ଥାନରେ ପାଣି ବୋହୁଛି। କିନ୍ତୁ ଅଭୟପୁର ଓ ମୁଣ୍ଡାପଡ଼ା ଅଞ୍ଚଳରେ ଦୀର୍ଘ ଦିନ ହେବ ପାଣି ସମସ୍ୟା ଲାଗି ରହିଛି। ଏଠାରେ ପାଣି କେବେ ଆସୁଛି ତ କେବେ ଆସୁନାହିଁ। ଏ ନେଇ ବାରମ୍ବାର ଅଭିଯୋଗ ସତ୍ତ୍ୱେ କୌଣସି ସୁଫଳ ନ ମିଳିବାରୁ ଗୁରୁବାର ପଡ଼ାବାସୀ ଗୋପବନ୍ଧୁ ଛକ (ଇଏସ୍‌ଆଇ) ଛକରେ ଥିବା ୱାଟ୍‌କୋ ସହ ପ୍ରବନ୍ଧକ କାର୍ଯ୍ୟାଳୟରେ ଆନ୍ଦୋଳନ କରିଥିଲେ। ୱାଟ୍‌କୋ ବିଭାଗ ଅଧିକାରୀ ଆନ୍ଦୋଳନକାରୀଙ୍କୁ ବୁଝାଶୁଝା କରିବା ସହିତ ଶୁକ୍ରବାର ସମସ୍ୟାର ସମାଧାନ ପାଇଁ ପ୍ରତିଶ୍ରୁତି ଦେଇଥିଲେ। ଏହା ପରେ ପଡ଼ାବସୀ ଆନ୍ଦୋଳନରୁ ଓହରିଥିଲେ। ଏ ସମ୍ପର୍କରେ ୱାଟ୍‌କୋ ଅଧିକାରୀ ଓ ଜନସ୍ୱାସ୍ଥ୍ୟ ଅମୂଲ୍ୟ ସେଠୀଙ୍କ ସହ ଯୋଗାଯୋଗ କରିଥିଲେ ମଧ୍ୟ ସମସ୍ୟାର ତୁରନ୍ତ ସମାଧାନ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ।

# ଟ୍ରିପଲ ମର୍ଡର ଘଟଣାରେ ଗାଁ ସ୍ତବ୍ଧ

ଦେବଗଡ଼, ୧୨।୩(ଶଶାଙ୍କ ଶେଖର ଝାଙ୍କର)

ଦେବଗଡ଼ ଜିଲା କୁଣ୍ଢେଇଗୋଳା ଥାନା ଗରିଆପାଲି ଗ୍ରାମରେ ବୁଧବାର ବିଳମ୍ବିତ ରାତିରେ ଜଣେ ପରେ ଜଣେ ୩ଜଣଙ୍କୁ ହତ୍ୟା ଘଟଣା ପରେ ଗାଁ ସ୍ତବ୍ଧ ହୋଇଯାଇଛି। ପୋଲିସ ଗୁରୁବାର ଦିନତମାମ ଗାଁରେ ଡ଼େରା ପକାଇ ବିଭିନ୍ନ ଲୋକଙ୍କୁ ପଚରାଉଚରା କରୁଛି। ରମେଶ ଗରିଆ(୫୫) ନିଜ ସ୍ତ୍ରୀ, ପୁତ୍ରବଧୂ ଓ ନାତୁଣୀଙ୍କୁ ହତ୍ୟା କରିବା ପରେ ପରିବାରରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି। ସମ୍ପର୍କୀୟ, ପଡ଼ୋଶୀ ସମସ୍ତଙ୍କ ଆଖିରେ ଲୁହ। ସମସ୍ତଙ୍କ ମନରେ ପ୍ରଶ୍ନ ଏଭଳି ଘଟଣା ପଛର ରହସ୍ୟ କିଛି ରହିଛି କି। ପାରିବାରିକ କଳହରୁ ଏମିତି ଘଟଣା ଘଟିବା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି। ହତ୍ୟାକାଣ୍ଡର ପ୍ରକୃତ କାରଣ ବର୍ତ୍ତମାନ ପର୍ଯ୍ୟନ୍ତ ସ୍ପଷ୍ଟ ହୋଇପାରି ନ ଥିଲେ ହେଁ ପାରିବାରିକ କଳହ ଏହାର ମୁଖ୍ୟ କାରଣ ହୋଇଥାଇପାରେ ବୋଲି ପୋଲିସ ପକ୍ଷରୁ ଅନୁମାନ କରାଯାଉଛି। ତେବେ ଘଟଣାର ତଦନ୍ତ ଚାଲିଛି ଓ ତଦନ୍ତ ପରେ ହତ୍ୟାକାଣ୍ଡର ପ୍ରକୃତ କାରଣ ଜଣାପଡିବ ବୋଲି ଦେବଗଡ଼ ଜିଲା ଆରକ୍ଷୀ ଅଧୀକ୍ଷକ (ଏସ୍‌ପି) ଅନିଲ କୁମାର ମିଶ୍ର ପ୍ରକାଶ କରିଛନ୍ତି।


ଗରିଆପାଲି ଗ୍ରାମରେ ପୋଲିସ ତଦନ୍ତ କରୁଛି।

# ଜନଗଣନାରେ ଠିକ୍ ତଥ୍ୟ ଲିପିବଦ୍ଧ କରିବାକୁ ଗୁରୁତ୍ୱ

ବରଗଡ଼,୧୨।୩(ପ୍ରେମାନନ୍ଦ ଖମାରୀ)

ବରଗଡ଼ ଜଳ ବିଭାଜିକା ପ୍ରକଳ୍ପ ନିର୍ଦ୍ଦେଶକଙ୍କ ସମ୍ମିଳନୀ କକ୍ଷଠାରେ ୨୦୨୭ ଜନଗଣନା ପାଇଁ ଗୁରୁବାର ଜିଲାସ୍ତରୀୟ ଜନଗଣନା ଅଧିକାରୀଙ୍କ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଅତିରିକ୍ତ ଜିଲାପାଳ ମଧୁଛନ୍ଦା ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉକ୍ତ ପ୍ରଶିକ୍ଷଣ ଶିବିରରେ ଡେପୁଟି କଲେକ୍ଟର ସୁମତି ପଣ୍ଡା, ପରିସଂଖ୍ୟାନ ବିଭାଗ ଅଧିକାରୀ ଏବଂ କର୍ମଚାରୀ ଉପସ୍ଥିତ ରହି ଜନଗଣନାର ବିଭିନ୍ନ ବିଷୟରେ ପ୍ରଶିକ୍ଷଣ ନେଇଥିଲେ। ଶିବିରରେ ସୂଚନା ଦିଆଯାଇଥିଲା, ରାଜ୍ୟ ଜନଗଣନା ନିର୍ଦ୍ଦେଶାଳୟ ଦ୍ୱାରା ଗତ ୧୦ତାରିଖରୁ ମଙ୍ଗଳବାର ପର୍ଯ୍ୟନ୍ତ ପ୍ରଥମ ପର୍ଯ୍ୟାୟ ଜନଗଣନା ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିପାଇଁ ଡିଜିଟାଲ ଗଣନା ବ୍ୟବସ୍ଥା ରହିବ। ଯେଉଁଥିରେ ଯେକୌଣସି ବ୍ୟକ୍ତି ସେନ୍‌ସର୍ ପୋର୍ଟାଲ ବ୍ୟବହାର କରି ନିଜର ସମସ୍ତ ତଥ୍ୟ ଅପ୍‌ଲୋଡ୍ କରିବା ପରେ ଏକ ରେଫରେନ୍ସ ନମ୍ବର ପାଇପାରିବେ। ଏହାପରେ ସମ୍ପୃକ୍ତ ଏନ୍ୟୁମରେଟର୍ ଘରୋଇ ସେନ୍‌ସର୍ ସର୍ଭେ ସମୟରେ ପୁନର୍ବାର ଯାଞ୍ଚ କରି ସଠିକ୍ ତଥ୍ୟ ଅନ୍‌ଲାଇନ ମାଧ୍ୟମରେ ଲିପିବଦ୍ଧ କରିବେ। ଏହି ଜନଗଣନା କାର୍ଯ୍ୟକ୍ରମରେ ମୋଟ ୫୦ ଜଣ କର୍ମଚାରୀଙ୍କୁ ନିଯୁକ୍ତ କରାଯାଇଛି ଓ ଅଧ୍ୟାପକ ତଥା ଶିକ୍ଷକମାନଙ୍କୁ ଫିଲ୍ଡ ଟ୍ରେନର ଭାବେ ନିଯୁକ୍ତି ଦିଆଯାଇଛି। ଜନଗଣନାର ସମସ୍ତ ନିୟମ ଓ ନିର୍ଦ୍ଦେଶାବଳୀକୁ ସମ୍ପୂର୍ଣ୍ଣ ଭାବେ ବୁଝି ନିର୍ଭୁଲ୍ ତଥ୍ୟ ସଂଗ୍ରହ କରିବା ପାଇଁ ଏହି ଅବସରରେ ଅତିରିକ୍ତ ଜିଲାପାଳ ସାହୁ ଶିବିରରେ ଉପସ୍ଥିତ ସମସ୍ତ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହି ଅବସରରେ ଡେପୁଟି କଲେକ୍ଟର ପଣ୍ଡା ସମସ୍ତଙ୍କୁ ସ୍ୱାଗତ କରିବା ପରେ ଅତିରିକ୍ତ ଜିଲାପାଳ ସାହୁ କହିଥିଲେ, ଜନଗଣନା ହେଉଛି ଦେଶର ଦର୍ପଣ ସଦୃଶ। ଏଥିରେ କେବଳ ବ୍ୟକ୍ତିବିଶେଷଙ୍କ ଗଣନା ନୁହେଁ, ବରଂ ପ୍ରତ୍ୟେକ ପରିବାରର ଆର୍ଥିକ, ସାମାଜିକ ଅବସ୍ଥାର ସମ୍ପୂର୍ଣ୍ଣ ବିବରଣୀ ସଂଗ୍ରହ କରାଯିବ। ଯାହା ଯୋଜନା ଏବଂ ନୀତି ପ୍ରଣୟନରେ ସାହାଯ୍ୟ କରେ। ତେଣୁ ସମସ୍ତେ ନିଜର ସଠିକ୍ ତଥ୍ୟ ପ୍ରଦାନ କରିବା ଉଚିତ। ଉକ୍ତ ପ୍ରଶିକ୍ଷଣ କାର୍ଯ୍ୟକ୍ରମର ଟ୍ରେନିଂ ଅଫିସର ଭାବେ ଶ୍ରୀକାନ୍ତ ବେହେରା ଓ ନିରଞ୍ଜନ ତ୍ରିପାଠୀ ଯୋଗ ଦେଇ ବରଗଡ଼ ଜିଲାରେ ଜନଗଣନାକୁ ସୂଚାରୁ ରୂପେ ସମ୍ପନ୍ନ କରିବା ପାଇଁ ଜନଗଣନା ସମ୍ପର୍କିତ ବିଭିନ୍ନ ପର୍ଯ୍ୟାୟ ଉପରେ ଆଲୋଚନା କରିଥିଲେ। ଏହା ସହିତ ଜନଗଣନା ନିମିତ୍ତ ପ୍ରାଥମିକ ପ୍ରସ୍ତୁତି କାର୍ଯ୍ୟ ତଥା ହାଉସ୍ ଲିଷ୍ଟିଂ, ବ୍ଲକ ଚିହ୍ନଟ ଓ ଗଠନ ପ୍ରକ୍ରିୟା, ଚାର୍ଜ ରେଜିଷ୍ଟର ପ୍ରସ୍ତୁତି, ସଠିକ୍ ଭାବେ ଗୃହ ସଂଖ୍ୟାକରଣ ଓ ନ୍ୟାଶନାଲ ମ୍ୟାପ୍ ପ୍ରସ୍ତୁତି, ଅନ୍‌ଲାଇନ ତଥ୍ୟ ସଂଗ୍ରହ ପ୍ରକ୍ରିୟା, ଫିଲ୍ଡ ଟ୍ରେନରମାନଙ୍କ ନିଯୁକ୍ତି, କାର୍ଯ୍ୟବଣ୍ଟନ ଏବଂ ସେମାନଙ୍କ କାର୍ଯ୍ୟଗତି ଟ୍ରାକିଂ ବ୍ୟବସ୍ଥା, ସେନ୍‌ସର୍ କାର୍ଯ୍ୟରେ ନିଯୁକ୍ତ କର୍ମଚାରୀମାନଙ୍କ ଭୂମିକା ଓ ଦାୟିତ୍ୱ ତଥା ସଠିକ୍ ସମୟସୀମା ମଧ୍ୟରେ ଗୁଣାତ୍ମକ ତଥ୍ୟ ସଂଗ୍ରହ ପାଇଁ ବିଭାଗୀୟ ସମନ୍ୱୟ ଓ ନିରନ୍ତର ନିରୀକ୍ଷଣ ଭଳି ବିଭିନ୍ନ ବିଷୟରେ ଅଧିକାରୀଙ୍କୁ ପ୍ରଶିକ୍ଷଣ ଦିଆଯାଇଥିଲା।


ଜନଗଣନା ପ୍ରଶିକ୍ଷଣ ଶିବିରରେ ଉପସ୍ଥିତ ଅଧିକାରୀ, କର୍ମଚାରୀବୃନ୍ଦ।

## ସଂକ୍ଷେପରେ

### ୧୪ରେ ଲୋକ ଅଦାଲତ, ବିଦ୍ୟୁତ୍ ମାମଲାର ବିଚାର ହେବ

ସମ୍ବଲପୁର,୧୨।୩(ଭବାନୀ ଶଙ୍କର ଭୋଇ)

ଆସନ୍ତା ୧୪ ତାରିଖ ଶନିବାର ଜାତୀୟ ଆଇନ ସେବା ପ୍ରାଧିକରଣ ଏବଂ ଓଡ଼ିଶା ରାଜ୍ୟ ଆଇନ ସେବା ପ୍ରାଧିକରଣ ପକ୍ଷରୁ ଚଳିତବର୍ଷର ପ୍ରଥମ ଜାତୀୟ ଲୋକ ଅଦାଲତ ଅନୁଷ୍ଠିତ ହେବ। ଏଥିରେ ପଶ୍ଚିମ ଓଡ଼ିଶାର ବିଦ୍ୟୁତ ବିତରଣ ଦାୟିତ୍ୱରେ ଥିବା ଟିପିଡବ୍ଲୁଓଡିଏଲ ଅଂଶଗ୍ରହଣ କରିବ। ତେଣୁ ଏହାର ସମସ୍ତ ଗ୍ରାହକ ଏହି ଲୋକ ଅଦାଲତ ଜରିଆରେ ବିଚାରାଧୀନ ଥିବା ସେମାନଙ୍କ ସମସ୍ତ ମାମଲାର ସମାଧାନ କରିପାରିବେ। ଏଥିପାଇଁ କମ୍ପାନୀ ପକ୍ଷରୁ ଏହାର ସମସ୍ତ ଏସଡିଓ ଏବଂ ସେକ୍ସନ ଅଫିସମାନଙ୍କରେ ପଞ୍ଜୀକରଣ କରିପାରିବେ। ଉପରୋକ୍ତ ଅଫିସଗୁଡିକରେ ଲୋକ ଅଦାଲତ ପାଇଁ ଆବଶ୍ୟକ ଡକ୍ୟୁମେଣ୍ଟେଶନ, ଭେରିଫିକେଶନ ଏବଂ ପେମେଣ୍ଟ ସମ୍ବନ୍ଧୀୟ ସମସ୍ତ ସହଯୋଗ କରାଯିବ ବୋଲି ଟିପିଡବ୍ଲୁଓଡିଏଲ ପକ୍ଷରୁ ସୂଚନା ଦିଆଯାଇଛି।

### ୨୭ରେ ନାଟ ନାଟୁଆ ପକ୍ଷରୁ ବିଶ୍ୱ ନାଟ୍ୟ ଦିବସ ପାଳନ

ସମ୍ବଲପୁର,୧୨।୩(ବି.ଶଙ୍କର)

ସମ୍ବଲପୁର ନାଟ୍ୟ ଅନୁଷ୍ଠାନ ସମନ୍ୱୟ ସମିତି ନାଟ ନାଟୁଆ ପକ୍ଷରୁ ଆଗାମୀ ୨୭ ତାରିଖରେ ବିଶ୍ୱ ନାଟ୍ୟ ଦିବସ ପାଳନ କରିବ। ଏନେଇ ଅନୁଷ୍ଠାନ ପକ୍ଷରୁ ପ୍ରସ୍ତୁତି ଚାଲିଛି। ଏହି ଦିନ ନାଟକ ସମ୍ବନ୍ଧିତ ଆଲୋଚନାଚକ୍ର ହେବାକୁ ସ୍ଥିର ହୋଇଛି। ଏଥିସହିତ ନାଟକ କ୍ଷେତ୍ରରେ ବିଶେଷ ଅବଦାନ ପାଇଁ ଅଭିନେତ୍ରୀ କନକଲତା ମହାନ୍ତିଙ୍କୁ ନାଟ୍ୟ ଭବଭୂତି ସମ୍ମାନ ଏବଂ ନାଟକକୁ ସଫଳତାର ଶୀର୍ଷରେ ପହଞ୍ଚାଇଥିବା ମଞ୍ଚ ସଜ୍ଜାଶିଳ୍ପୀ, ନାଟ୍ୟ ସଂଗଠକ ତଥା ଅଭିନେତା ଅଶୋକ କୁମାର ମିଶ୍ରଙ୍କୁ ନାଟ ନାଟୁଆ ସମ୍ମାନରେ ସମ୍ବର୍ଦ୍ଧିତ କରାଯିବ ବୋଲି ସାମ୍ବାଦିକ ଭବନଠାରେ ଆୟୋଜିତ ପ୍ରସ୍ତୁତି ବୈଠକରେ ସ୍ଥିର କରାଯାଇଛି। ଗୁରୁବାର ସମ୍ବଲପୁର ନାଟ୍ୟ ଅନୁଷ୍ଠାନ ସମନ୍ୱୟ ସମିତି ସଂଯୋଜକ ସୂର୍ଯ୍ୟ କୁମାର ପାଣିଗ୍ରାହୀ, ଯୁଗ୍ମ ସଂଯୋଜକ ବିରୂପାକ୍ଷ ପ୍ରଧାନ ଓ ଡ. ଅତିଶ କୁମାର ଶତପଥୀ ଏକ ପ୍ରେସ ବିବୃତିରେ ଏହି ସୂଚନା ପ୍ରଦାନ କରିଛନ୍ତି।

### ବ୍ୟାଙ୍କ ଅଫ ଇଣ୍ଡିଆ ପକ୍ଷରୁ ମେଗା ସମଝୋତା ଅଭିଯାନ

ସମ୍ବଲପୁର,୧୨।୩(ବି.ଶଙ୍କର)

ବ୍ୟାଙ୍କ ଅଫ ଇଣ୍ଡିଆ ପକ୍ଷରୁ ମେଗା ସମଝୋତା ଅଭିଯାନ ଚଳିତ ମାସ ୧୬ ତାରିଖରୁ ୨୦ ପର୍ଯ୍ୟନ୍ତ ସମଝୋତା ଅଭିଯାନ ହେବାକୁ ସ୍ଥିର କରାଯାଇଛି। ବ୍ୟାଙ୍କର ସମସ୍ତ ଶାଖା, ଜୋନ ଏବଂ କ୍ଷେତ୍ର ମହାପ୍ରବନ୍ଧକ କାର୍ଯ୍ୟାଳୟଗୁଡିକରେ ଏକକାଳୀନ ସମାଧାନ(ଓଟିଏସ) ମାଧ୍ୟମରେ ଋଣଗ୍ରହୀତାଙ୍କ ଏନପିଏ ଋଣ ଆକାଉଣ୍ଟର ସମାଧାନ କରିବା ପାଇଁ ଅଭିଯାନର ଆୟୋଜନ ମୁଖ୍ୟ ଲକ୍ଷ୍ୟ ରହିଛି। ଯେଉଁମାନେ ବ୍ୟବସାୟରେ ଅସୁବିଧା, ଚିକିତ୍ସାଜନିତ ସମସ୍ୟା କିମ୍ବା ଅନ୍ୟ କୌଣସି ଯଥାର୍ଥ କାରଣବଶତଃ ଠିକ୍ ସମୟରେ ଋଣ ପରିଶୋଧ କରିପାରି ନାହାନ୍ତି ସେମାନେ ଏଥିରେ ସାମିଲ ହୋଇ ପାରିବେ। ବିଶେଷ ଭାବରେ ଏହା ଏନପିଏ ଋଣ ଗ୍ରହୀତାମାନଙ୍କ ପାଇଁ ଉଦ୍ଦିଷ୍ଟ। ସେହିପରି ବ୍ୟାଙ୍କର କ୍ଷୁଦ୍ର ଓ ମଧ୍ୟମ ଆକାଉଣ୍ଟଧାରୀମାନଙ୍କ ଋଣ ସମାଧାନ ପାଇଁ ସ୍ୱତନ୍ତ୍ର ଓଟିଏସ ଯୋଜନା ମାଧ୍ୟମରେ ଏନପିଏ ଆକାଉଣ୍ଟଧାରୀ ଋଣ ଗ୍ରହୀତାମାନଙ୍କୁ ବିଶେଷ ରିହାତି ପ୍ରଦାନ କରାଯାଉଛି। ସମସ୍ତ ଏନପିଏ ଆକାଉଣ୍ଟଧାରୀ ଏହି ସୁଯୋଗର ଲାଭ ଉଠାଇବାକୁ ବ୍ୟାଙ୍କ ଅଫ୍ ଇଣ୍ଡିଆ ପକ୍ଷରୁ ପ୍ରେସ ବିବୃତିରେ ସୂଚିତ କରାଯାଇଛି।

### ଜନଗଣନା ପାଇଁ କ୍ଷେତ୍ର ପ୍ରଶିକ୍ଷକଙ୍କୁ ତାଲିମ

ସମ୍ବଲପୁର,୧୨।୩(ଭବାନୀ ଶଙ୍କର ଭୋଇ)

ଜନଗଣନା ପାଇଁ କ୍ଷେତ୍ର ପ୍ରଶିକ୍ଷକଙ୍କ ପ୍ରଥମ ପର୍ଯ୍ୟାୟ ତାଲିମ କାର୍ଯ୍ୟକ୍ରମ ଏସ୍ଏମ୍ସି ପ୍ରେକ୍ଷାଳୟରେ ଗୁରୁବାର ଆୟୋଜିତ ହୋଇଥିଲା। ଏଥିରେ ଜନଗଣନାର ଆଧାର ଭାବେ ମୁଖ୍ୟତଃ ଘର ତାଲିକାକରଣ ଏବଂ ଗୃହ ଜନଗଣନା ଉପରେ କେନ୍ଦ୍ରିତ ରହିଥିଲା। ଅଂଶଗ୍ରହଣକାରୀ ତଥ୍ୟ ସଂଗ୍ରହର ପଦ୍ଧତି, ଗଣନା ପ୍ରକ୍ରିୟା ଏବଂ କ୍ଷେତ୍ରସ୍ତରୀୟ କର୍ମଚାରୀଙ୍କ ଭୂମିକା ଏବଂ ଦାୟିତ୍ୱ ଉପରେ ପ୍ରଶିକ୍ଷଣ ନେଇଥିଲେ। ଅଧିବେଶନରେ ୧୦ ଜଣ ଅଧ୍ୟାପକ ଏବଂ ୨ ଜଣ ମୁଖ୍ୟ ପ୍ରଶିକ୍ଷକଙ୍କୁ ତାଲିମ ଦିଆଯାଇଥିଲା। ଏସ୍ଏମ୍ସିର ଉପଯୁକ୍ତ ଶୁଭଦିପ୍ତା ମହାନ୍ତି, ଉପଜିଲାପାଳ ବିଦ୍ଧେଶ କୁମାର ପ୍ରଶିକ୍ଷଣ ଦେଇଥିଲେ।



ଗୁରୁବାର ରାତିରେ ସମ୍ବଲପୁର ସ୍ଥିତ ତପସ୍ୱିନୀ ପ୍ରେକ୍ଷାଳୟଠାରେ ରାଜ୍ୟ ସ୍ତରୀୟ ନାଟକ ଉତ୍ସବରେ ଅତିଥି ଓ କଳାକାରମାନେ।

# ମଞ୍ଚସ୍ଥ ହେଲା ନାଟକ ଜହର ଜନ୍ମ

**ପ୍ରଥମ ରାଜ୍ୟସ୍ତରୀୟ ନାଟକ ମହୋତ୍ସବ ରଙ୍ଗ ସଙ୍ଗମ**

ସମ୍ବଲପୁର,୧୨।୩(ବି.ଶଙ୍କର)

ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଆନୁକୂଲ୍ୟ ଏବଂ ଓଡିଶା ସଙ୍ଗୀତ ନାଟକ ଏକାଡେମୀ ପକ୍ଷରୁ ପ୍ରଥମ ରାଜ୍ୟସ୍ତରୀୟ ନାଟକ ମହୋତ୍ସବ ରଙ୍ଗ ସଙ୍ଗମର ଗୁରୁବାର ଥିଲା ଚତୁର୍ଥ ରଜନୀ। ସମ୍ବଲପୁର ସହର ତପସ୍ୱିନୀ ପ୍ରେକ୍ଷାଳୟରେ ରାଉରକେଲା ସ୍ପନ୍ଦନ ନାଟ୍ୟାନୁଷ୍ଠାନର କଳାକାରମାନେ ନାଟକ ଜହର ଜନ୍ମ ମଞ୍ଚସ୍ଥ କରିଥିଲେ। ପ୍ରଫେସର ସମର ମୁଦାଲି ନିର୍ଦ୍ଦେଶନା ଦେଇଥିବାବେଳେ ସଚ୍ଚି ଦାସ ନାଟକ ଜହର ଜନ୍ମ ରଚନା କରିଥିଲେ। ଏକ ରାଜ ପରିବାରର ଡାକବଙ୍ଗଳାରେ ଜଣେ ବ୍ୟକ୍ତି ଚପରାଶି କରନ୍ତି। କାର୍ଯ୍ୟରତ ଥିବା ଚପରାଶିଙ୍କ ଝିଅକୁ ରାଜ ପରିବାରର ଜଣେ ସଦସ୍ୟ ବଳାତ୍କାର କରନ୍ତି। ଫଳରେ ଝିଅର ପିତା ରାଜପରିବାର ଉପରେ ପ୍ରତିଶୋଧ ନେବାକୁ ବଜ୍ର ଶପଥ ନେଇଛନ୍ତି। ସେ ରାଜବଂଶର ସମସ୍ତ ସଦସ୍ୟଙ୍କୁ ପାହାଡ଼ ଉପରକୁ ନେଇ ମୃତ୍ୟୁର ସାମ୍ନା କରାଇଛନ୍ତି। ରାଜ ପରିବାରର ଜଣକ ପରେ ଜଣେ ତିନି ସଦସ୍ୟଙ୍କର ମୃତ୍ୟୁ ଘଟିଛି। ଏହା ପରେ ଚତୁର୍ଥ ସଦସ୍ୟ ପାହାଡକୁ ଆସନ୍ତି ଯାହାକୁ ପୂର୍ବରୁ ଡାକ ବଙ୍ଗଳାକୁ ଆସିଥିବା ସମୟରେ ଚପରାଶିଙ୍କ ଝିଅଟି ଭଲ ପାଇଥିଲା। କିନ୍ତୁ ରାଜ ପରିବାର ସଦସ୍ୟଙ୍କ ଦ୍ୱାରା ପୀଡିତା ଚପରାଶିଙ୍କ ଅଲିଅଳ ଝିଅଟି ନିଜ ପ୍ରେମକୁ ପାଖରେ ପାଇ ମଧ ଗ୍ରହଣ କରି ନଥିଲା। ଏହାପରେ ସେ ନିଜେ ପାହାଡ ତଳକୁ ଡେଇଁ ଆତ୍ମହତ୍ୟା କରିଛି। କିନ୍ତୁ ଝିଅର ଆତ୍ମହତ୍ୟା ଦେଖି ଚପରାଶି ରାଜ ପରିବାର ଶେଷ ରକ୍ତକୁ ନିଶ୍ଚିହ୍ନ କରିବାକୁ ପ୍ରଚେଷ୍ଟା କରିଛନ୍ତି। ହେଲେ ଏହି ସମୟରେ ଚପରାଶିଟି ପୋଲିସ ହାତରେ ଧରାପଡିଛନ୍ତି। ଶେଷରେ ଚପରାଶି ନେଇଥିବା ବଜ୍ର ଶପଥ ପୂର୍ଣ୍ଣ ହୋଇପାରିଛି କି ନାହିଁ ତାହା ପ୍ରତ୍ୟେକଙ୍କ ମନରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଏଭଳି କଥାବସ୍ତୁକୁ ନେଇ ନାଟକ ଜହର ଜନ୍ମ ମଞ୍ଚସ୍ଥ ହୋଇଥିଲା। ବିଭିନ୍ନ ଭୂମିକାରେ ସତ୍ୟ ନାରାୟଣ ମିଶ୍ର, କ୍ଷୀରୋଦ କୁମାର ବାଡ଼ତ୍ୟା, ଶରଣ ବରାଳ, ରାଜେଶ ପ୍ରସାଦ, ଅଜିତ କୁମାର ସ୍ୱାଇଁ, ରମେଶ ଗୌଡ଼, ଶିଶିର ମୁଦାଲି,ଚିନ୍ମୟୀ ବେହେରା, ଇଶିକା ପ୍ରସାଦ, ସତ୍ୟଭାମା କଂସାରୀ, ମୁସ୍କାନ ସୁନା, ପ୍ରୀତି ଓରାମ ଅଭିନୟ କରିଥିଲେ। ଓଡିଶା ସଙ୍ଗୀତ ନାଟକ ଏକାଡେମୀର ସାଧାରଣ ପରିଷଦ ସଦସ୍ୟ ତଥା ମଞ୍ଚ ନାୟକର ସମ୍ପାଦକ ପ୍ରଦୀପ ପଣ୍ଡାଙ୍କ ପରିଚାଳନାରେ କାଳାକାର ପରିଚୟ ଓ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ହୋଇଥିଲା। ସମଲେଶ୍ୱରୀ ମନ୍ଦିର ଟ୍ରଷ୍ଟ ବୋର୍ଡର ସଦସ୍ୟ ପ୍ରଫୁଲ୍ଲ କୁମାର ହୋତା ଏବଂ ମଞ୍ଚ ଅଭିନେତ୍ରୀ ତୃପ୍ତି ପଣ୍ଡା ସମ୍ମାନୀତ ଅତିଥି ଭାବେ ଯୋଗଦେଇ କଳାକାରମାନଙ୍କୁ ସାର୍ଟିଫିକେଟ ପ୍ରଦାନ କରିଥିଲେ।

# ସରକାରୀ ଜମି ଜବରଦଖଲ ଅଭିଯୋଗ

**ଜିଲାପାଳଙ୍କୁ ଫେରାଦ ହେଲେ ଲୋକେ**

ସମ୍ବଲପୁର,୧୨।୩(ଭବାନୀ ଶଙ୍କର ଭୋଇ)

ସମ୍ବଲପୁର ମହାନଗର ନିଗମ ଅନ୍ତର୍ଗତ ଦୁର୍ଗାପାଲି ଖଡିଆପଡାରେ ସରକାରୀ ଜମି ଜବରଦଖଲ ଅଭିଯୋଗ ହୋଇଛି। ଗୁରୁବାର ପଡା ବାସିନ୍ଦା ଏ ନେଇ ସମ୍ବଲପୁର ତହସିଲଦାର ଓ ଜିଲାପାଳଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଛନ୍ତି। ପଡାବାସୀ କରିଥିବା ଅଭିଯୋଗ ଅନୁସାରେ ସମ୍ବଲପୁର ତହସିଲ ଅନ୍ତର୍ଗତ ୟୁନିଟ ନମ୍ବର ୧୦ ଦୁର୍ଗାପାଲିରେ ୪ ଡେସିମିଲ ସରକାରୀ ଜମି ରହିଛି। ଏହି ଜମିରେ ଖଡିଆପଡା ବାସିନ୍ଦା ସାମୂହିକ ଭୋଜି ଆଦି ଆୟୋଜନ କରି ଆସୁଛନ୍ତି। ତେବେ ଜଣେ ଜମି ବ୍ୟାବସାୟୀ ଏହାକୁ ଲାଗି ରହିଥିବା ଜମି କ୍ରୟ କରିବା ସହ ଏହି ସରକାରୀ ଜମିକୁ ହଡପ କରିବାକୁ ଉଦ୍ୟମ କରି ଆସୁଛନ୍ତି। ଏହାକୁ ନେଇ କିଛିମାସ ହେବ ସମ୍ପୃକ୍ତ ବ୍ୟବସାୟୀ ଏବଂ ସ୍ଥାନୀୟ ଲୋକଙ୍କ ଭିତରେ ବାରମ୍ବାର ଗଣ୍ଡଗୋଳ ସୃଷ୍ଟି ହେଉଛି। ଏଣୁ ସ୍ଥାନୀୟ ଅଧିବାସୀ ସମ୍ବଲପୁର ତହସିଲଦାର ଏବଂ ଜିଲାପାଳଙ୍କ କାର୍ଯ୍ୟାଳୟ ପହଞ୍ଚି ଦାବିପତ୍ର ପ୍ରଦାନ କରିବା ସହ ଜମି ଚିହ୍ନଟ କରିବାକୁ ଦାବି କରିଛନ୍ତି। ଏଥିସହ ସ୍ଥାନୀୟ ଲୋକେ ଯେପରି ପୂର୍ବଭଳି ସାମୂହିକ କାର୍ଯ୍ୟ ବିନା ବାଧାରେ କରିପାରିବେ ସେନେଇ ପଦକ୍ଷେପ ଗ୍ରହଣ କରିବାକୁ ଦାବି କରିଛନ୍ତି। ଏନେଇ ସମ୍ବଲପୁର ତହସିଲଦାରଙ୍କ ତରଫରୁ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ପ୍ରତିଶ୍ରୁତି ଦିଆଯାଇଥିବା ପଡାବାସୀନ୍ଦା କହିଛନ୍ତି।



ଖଡିଆପଡା ବାସିନ୍ଦା ଜମି ଜବରଦଖଲ ନେଇ ଅଭିଯୋଗ କରିବାକୁ ଆସିଛନ୍ତି।

# ୧୦ ଦଫା ଦାବିରେ ଠିକାଦାର ସଂଘର ଆନ୍ଦୋଳନ





ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଜିଲା ଠିକାଦାର ସଂଘ କର୍ମକର୍ତ୍ତା ବିକ୍ଷୋଭ କରୁଛନ୍ତି।

**ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲାପାଳଙ୍କୁ ଦାବିପତ୍ର**

ସମ୍ବଲପୁର,୧୨।୩(ପ୍ରମୋଦ ବହିଦାର)

୧୦ ଦଫା ଦାବିରେ ରାସ୍ତାକୁ ଓହ୍ଲାଇଛି ସମ୍ବଲପୁର ଜିଲା ଠିକାଦାର ସଂଘ(କଣ୍ଟ୍ରାକ୍ଟର୍ସ ଆସୋସିଏଶନ)। ସଂଘ ପକ୍ଷରୁ ଗୁରୁବାର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ୧୦ଦଫା ସମ୍ବଳିତ ଦାବିପତ୍ର ଜିଲପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦରଙ୍କୁ ପ୍ରଦାନ କରାଯାଇଛି। ସଂଘର କର୍ମକର୍ତ୍ତା ଓ ସଦସ୍ୟମାନେ ସ୍ଥାନୀୟ ନାରୀସେବା ସଦନରୁ ଏକ ଶୋଭାଯାତ୍ରାରେ ଆସି ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚିଥିଲେ। ସେଠାରେ ବିକ୍ଷୋଭ ପ୍ରଦର୍ଶନ ପରେ ସଂଘର ଏକ ପ୍ରତିନିଧି ଦଳ ଜିଲାପାଳ ବୋନ୍ଦରଙ୍କୁ ସାକ୍ଷତା କରି ଦାବିପତ୍ର ପ୍ରଦାନ କରିଥିଲେ। ସଂଘ ସଭାପତି ପ୍ରଦୀପ କୁମାର ପଣ୍ଡାଙ୍କ ସୂଚନା ଅନୁସାରେ ସରକାରଙ୍କ କେତେକ ଭୁଲ୍ ପଦକ୍ଷେପ ପାଇଁ ନିର୍ମାଣ କାର୍ଯ୍ୟର ମାନ ହ୍ରାସ ପାଉଛି। ଏହାସହ ଜିଲା ଓ ରାଜ୍ୟ ବାହାରର ଠିକାଦାରମାନେ ଏଠାରେ ଚାଲିଥିବା କାର୍ଯ୍ୟର ମାନକୁ ଆଦୌ ଗୁରୁତ୍ୱ ଦେଉ ନାହାନ୍ତି। ଫଳରେ ସମସ୍ତ ସରକାରୀ ନିର୍ମାଣ କାର୍ଯ୍ୟର ସ୍ଥାୟିତ୍ୱ ନେଇ ସନ୍ଦେହ ସୃଷ୍ଟି ହେଉଛି। ଏହାସହ ସ୍ଥାନୀୟ ଠିକାଦାରମାନଙ୍କ ଜୀବିକା ମଧ୍ୟ ପ୍ରଭାବିତ ହେଉଛି ବୋଲି ଅଭିଯୋଗ କରିଛନ୍ତି ସଭାପତି ପଣ୍ଡା। ତେଣୁ ଗତ ଜାନୁଆରୀ ୩ରେ ବିଭିନ୍ନ ନିର୍ମାଣ କାର୍ଯ୍ୟ ପାଇଁ ଉଦ୍ଦିଷ୍ଟ ଟେଣ୍ଡର ମୂଲ୍ୟକୁ ନେଇ ପ୍ରକାଶିତ ସରକାରଙ୍କ ବିଜ୍ଞପ୍ତିର ପୁନଃ ବିଚାର କରି ଏଥିରେ ସଂଶୋଧନ କରିବା, ବାର୍ଷିକ ମୂଲ୍ୟ ନିର୍ଦ୍ଧାରଣ(ଏସ୍ଓଆ)ର ସଂଶୋଧନ, 'ୱାନ ଷ୍ଟେଟ୍-ୱାନ ଲ' ନୀତିରେ ସମାନ ମାନଦଣ୍ଡ ଲାଗୁ କରିବା, ୫ ଲକ୍ଷ ଟଙ୍କାରୁ କମ୍ ମୂଲ୍ୟର କାର୍ଯ୍ୟ କେବଳ ଜିଲାସ୍ତରୀୟ ଠିକାଦାରଙ୍କୁ ପ୍ରଦାନ, ବର୍ଦ୍ଧିତ ସମୟ ପାଇଁ ଲାଗୁ ଅର୍ଥଦଣ୍ଡ ପ୍ରତ୍ୟାହାର, ୨୦୨୫-୨୬ ବର୍ଷରେ ବାହାର ଠିକାଦାରଙ୍କୁ ଦିଆଯାଇଥିବା କାର୍ଯ୍ୟର ଭିଜିଲାନ୍ସ ତଦନ୍ତ ପାଇଁ ପଦକ୍ଷେପ ନେବାକୁ ସେ ଦାବି କରିଛନ୍ତି। ସେମାନଙ୍କ ନ୍ୟାର୍ଯ୍ୟ ଦାବି ପୂରଣ ନେଲେ ରାଜ୍ୟର ଭିତ୍ତିଭୂମି ବିକାଶ କାର୍ଯ୍ୟ ବାଧାପ୍ରାପ୍ତ ହେବ ବୋଲି ଚେତାବନୀ ଦେଇଛନ୍ତି ସଭାପତି ପଣ୍ଡା। ଆନ୍ଦୋଳନରେ ସଂଘ ସମ୍ପାଦକ ତୁଷାରକାନ୍ତ ପ୍ରଧାନ, ମହମ୍ମଦ ସିରାଜ ପ୍ରମୁଖଙ୍କ ସହିତ ଶତାଧିକ ଠିକାଦାର ସାମିଲ ହୋଇଥିଲେ।

### ଡାକ୍ତର ନାରାୟଣୀ ପଣ୍ଡାଙ୍କୁ ଶ୍ରଦ୍ଧାଞ୍ଜଳି

ସମ୍ବଲପୁର,୧୨।୩(ବି.ଶଙ୍କର)

ଡାକ୍ତର ନାରାୟଣୀ ପଣ୍ଡାଙ୍କ ଅମ୍ଳାନ ସ୍ମୃତି ସଭା ସମ୍ବଲପୁର ଜିଲା ଝାଙ୍କରପାଲି ସ୍ଥିତ ଜଗନ୍ନାଥ ଉଚ୍ଚ ବିଦ୍ୟାଳୟ ସଭାକକ୍ଷରେ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଝଙ୍କରପାଲି ପଞ୍ଚାୟତର ପୂର୍ବତନ ସରପଞ୍ଚ ପ୍ରଫୁଲ୍ଲ କୁମାର ପଣ୍ଡାଙ୍କ ସଭାପତିତ୍ୱରେ କାର୍ଯ୍ୟକ୍ରମ ହୋଇଥିଲା। ଅବସରପ୍ରାପ୍ତ ପ୍ରାଧ୍ୟାପକ ଧନେଶ୍ୱର ମେହେର ଏବଂ ଏଲଆଇସିର ଅବସରପ୍ରାପ୍ତ ଡିଭିଜନାଲ ମ୍ୟାନେଜର ସୀତାଂଶୁ ଶେଖର ପଟ୍ଟନାୟକ ସମ୍ମାନୀତ ଅତିଥି ଭାବେ ଯୋଗଦେଇଥିଲେ। ଡାକ୍ତର ନାରାୟଣ ମହିୟସୀ ମହିଳା, ବିରଳ ଦାନଶୀଳ ବ୍ୟକ୍ତିତ୍ୱ ଥିଲେ। ସ୍ୱାସ୍ଥ୍ୟ ସେବା ଓ ଶିକ୍ଷା କ୍ଷେତ୍ରରେ ତାଙ୍କର ଅତୁଳନୀୟ ଭୂମିକା ଉପରେ ଅତିଥିମାନେ ଆଲୋକପାତ କରିଥିଲେ। ନାରାୟଣୀ ଙ୍କ ଅମର ଆତ୍ମାର ସଦଗତି ନିମନ୍ତେ ଦୁଇ ମିନିଟ ନିରବ ପ୍ରାର୍ଥନା କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ବିଦ୍ୟାଳୟ ଶିକ୍ଷକ ସଞ୍ଜୟ କୁମାର ଦାଶ, ଅସନୀଧର ସା ଏବଂ ସମିତି ସଭାପତି ଚିତ୍ତରଞ୍ଜନ ପ୍ରଧାନ ସମାଜ କଲ୍ୟାଣ ପାଇଁ ଡାକ୍ତର ପଣ୍ଡାଙ୍କ ଆଦର୍ଶରେ ଅନୁପ୍ରାଣିତ ହେବା ପାଇଁ ଛାତ୍ରୀଛାତ୍ରଙ୍କୁ ଆହ୍ୱାନ କରିଥିଲେ।

# ରେଳ ମଣ୍ଡଳରେ ରାଜଭାଷା କାର୍ଯ୍ୟାନ୍ୱୟନ କମିଟି ବୈଠକ

ସମ୍ବଲପୁର,୧୨।୩(ବି.ଶଙ୍କର)

ସମ୍ବଲପୁର ରେଳ ମଣ୍ଡଳରେ ୮୬ତମ ରାଜଭାଷା କାର୍ଯ୍ୟାନ୍ୱୟନ କମିଟି ବୈଠକ ଗୁରୁବାର ଆୟୋଜିତ ହୋଇଯାଇଛି। ସମ୍ବଲପୁର ମଣ୍ଡଳ ରେଳ ପ୍ରବନ୍ଧକ ସୁବାଷ ଚନ୍ଦ୍ର ଚୌଧରୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପ୍ରଗତି ରିପୋର୍ଟ ସମୀକ୍ଷା କରିଥିଲେ ଏବଂ ହିନ୍ଦୀ ଭାଷାରେ ଦୈନନ୍ଦିନ କାର୍ଯ୍ୟଗୁଡିକୁ ବୃଦ୍ଧି କରିବା ପାଇଁ ପରାମର୍ଶ ଦେଇଥିଲେ। ଏହି ଅବସରରେ ଅତିରିକ୍ତ ମୁଖ୍ୟ ରାଜଭାଷା ଅଧିକାରୀ ଏବଂ ଅତିରିକ୍ତ ମଣ୍ଡଳ ରେଳ ପ୍ରବନ୍ଧକ ମନଜିତ ସିଂହ ସନସନୱାଲ ଗତ ତ୍ରୈମାସିକରେ ଆୟୋଜିତ ହୋଇଥିବା ରାଜଭାଷା କାର୍ଯ୍ୟକଳାପ ବିଷୟରେ ସଂକ୍ଷିପ୍ତ ସୂଚନା ଦେଇଥିଲେ। କାର୍ଯ୍ୟକ୍ରମର ଅଂଶସ୍ୱରୂପ ହୀରାଖଣ୍ଡ ହିନ୍ଦୀ ପତ୍ରିକାରେ ପ୍ରକାଶିତ କାହାଣୀ ଲେଖା, କବିତା ଏବଂ ଚିତ୍ରାଙ୍କନରେ ସୃଜନଶୀଳ ଅବଦାନ ପାଇଁ ୩୨ଜଣ ରେଳ କର୍ମଚାରୀ ଏବଂ ସେମାନଙ୍କ ପରିବାର ସଦସ୍ୟମାନଙ୍କୁ ସମ୍ମାନିତ କରାଯାଇଥିଲା। ଏହି ସହ ମୁଖ୍ୟ ଅତିଥି ଚୌଧରୀ ସେମାନଙ୍କୁ ନଗଦ ଅର୍ଥ ପୁରସ୍କାର ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ମଣ୍ଡଳର ସମସ୍ତ ଶାଖା ଅଧିକାରୀ ଅଂଶଗ୍ରହଣ କରିଥିଲେ। ରାଜଭାଷା ଅଧିକାରୀ ପ୍ରଣବ କୁମାର କାର୍ଯ୍ୟକ୍ରମର ସଂଯୋଜନା କରିଥିଲେ।



ବୈଠକରେ ଅତିଥି ଓ ପୁରସ୍କୃତ ରେଳ କର୍ମଚାରୀମାନେ।

### ସ୍ନାତକ ମହାବିଦ୍ୟାଳୟରେ ସଡ଼କ ସୁରକ୍ଷା ସଚେତନତା





ବାହାରିଥିବା ସଡ଼କ ସୁରକ୍ଷା ସଚେତନତା ଶୋଭାଯାତ୍ରା।

ନାକଟିଦେଉଳ,୧୨।୩(ବୈକୁଣ୍ଠନାଥ ସାହୁ)

ସମ୍ବଲପୁର ଜିଲା ନାକଟିଦେଉଳ ସ୍ନାତକ ମହାବିଦ୍ୟାଳୟ ଏବଂ ପୋଲିସର ମିଳିତ ଆନୁକୂଲ୍ୟରେ ଗୁରୁବାର ସଡ଼କ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟର ଯୁବ ରେଡ଼କ୍ରସ ୟୁନିଟ ଏବଂ ଜାତୀୟ ସେବା ଯୋଜନାର ଏନସିସି ତରଫରୁ ଆୟୋଜିତ କାର୍ଯ୍ୟକ୍ରମରେ ଛାତ୍ରୀଛାତ୍ରମାନେ ମହାବିଦ୍ୟାଳୟ ପରିସରରୁ ଏକ ଶୋଭାଯାତ୍ରାରେ ବାହାରି ବସଷ୍ଟାଣ୍ଡ ପର୍ଯ୍ୟନ୍ତ ପରିକ୍ରମା କରିଥିଲେ। ହେଲମେଟ ପିନ୍ଧିବା, ଗାଡି ଚଳାଇବା ସମୟରେ ନିଶା ସେବନ ନ କରିବା, ମୋବାଇଲରେ କଥା ହୋଇ ଗାଡି ନ ଚଳାଇବା, ରାସ୍ତାରେ ଗାଡି ପାର୍କିଂ ନ କରିବା, ଦ୍ରୁତଗତିରେ ଗାଡି ନ ଚଳେଇବା ସମ୍ପର୍କରେ ଲୋକଙ୍କୁ ସଚେତନ କରିଥିଲେ। ଅନୁଷ୍ଠାନ ଅଧ୍ୟକ୍ଷ ସୁଧୀର କୁମାର ସାହୁଙ୍କ ସଭାପତିତ୍ୱରେ ଆୟୋଜିତ ସଚେତନତା ସଭାରେ ନାକଟିଦେଉଳ ଥାନା ସବଇନ୍ସପେକ୍ଟର ଆଶିଷ କୁମରା, ଯୁବ ରେଡ଼କ୍ରସ ପରାମର୍ଶଦାତା ଅଧ୍ୟାପକ ଦେବେଶ କୁମାର ବିଶାଳ ରାସ୍ତା ଦୁର୍ଘଟଣା ସମସ୍ୟାର କାରଣ ନିରାକରଣ ତଥା ସଡ଼କ ସୁରକ୍ଷା ସଚେତନତାର ଆବଶ୍ୟକତା ସମ୍ପର୍କରେ ଆଲୋକପାତ କରିଥିଲେ। ଅଧ୍ୟାପିକା ଜୟନ୍ତୀ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ସଡ଼କ ସୁରକ୍ଷା ସମ୍ପର୍କିତ ବୃତ୍ତଚିତ୍ର ପ୍ରଦର୍ଶିତ ହୋଇଥିଲା।

# ଓଲଟିଲା ଗ୍ୟାସ ସିଲିଣ୍ଡର ବୋଝେଇ ଗାଡ଼ି

**▪ଧରାପଡିଲା ବେଆଇନ୍ ରନ୍ଧନ ଗ୍ୟାସ କାରବାର**

**▪ଜଣେ ଗିରଫ**

ସମ୍ବଲପୁର,୧୨।୩(ପ୍ରମୋଦ ବହିଦାର)

ସମ୍ବଲପୁର ଜିଲା ବୁର୍ଲାରେ ଚାଲିଥିବା ବେଆଇନ୍ ରନ୍ଧନ ଗ୍ୟାସ୍ କାରବାରର ଗୁମର ଖୋଲିଛି। ଏ ସଂକ୍ରାନ୍ତରେ ବୁର୍ଲା ମାର୍କେଟ ଅଞ୍ଚଳର ମନ୍ଥନ ପ୍ରସାଦ ମାହାତୋ(୨୭)ଙ୍କୁ ଗିରଫ କରାଯାଇଛି। ତାଙ୍କ ନିକଟରୁ ପୋଲିସ ବେଆଇନ୍ ଭାବେ ଗଚ୍ଛିତ ୧୪ କେଜି ବିଶିଷ୍ଟ ବିଭିନ୍ନ କମ୍ପାନୀର ପ୍ରାୟ ୧୬୧ଟି ରନ୍ଧନ ଗ୍ୟାସ ସିଲିଣ୍ଡର ଜବତ କରିଛି। ସେଥିରୁ ୬୨ଟି ଗ୍ୟାସ ଭର୍ତ୍ତି ସିଲ୍ଡ୍, ୬୦ଟି ଖାଲି ଭାରତ ଗ୍ୟାସ୍ ସିଲିଣ୍ଡର, ୩୯ଟି ଖାଲି ଇଣ୍ଡେନ୍ ଗ୍ୟାସ ସିଲିଣ୍ଡର ରହିଛି। ଏହାସହ ସିଲିଣ୍ଡର ପରିବହନରେ ବ୍ୟବହୃତ ବୋଲେରୋ ପିକ୍ଅପ୍(ନଂ.ଓଡି-୧୫-କ୍ୟୁ-୦୧୫୯)କୁ ପୋଲିସ ଜବତ କରିଛି।

ପୋଲିସ ସୂଚନା ଅନୁସାରେ ଗୁରୁବାର ସକାଳ ୮ଟାରେ ଗ୍ୟାସ ପରିବହନ କରୁଥିବା ଉକ୍ତ ପିକ୍ଅପ୍ ବୁର୍ଲା ସମ୍ବଲପୁର ବିଶ୍ୱବିଦ୍ୟାଳୟ ରାସ୍ତାରେ ଥିବା ମେଟାକାନୀ ଢାବା ନିକଟରେ ଦୁର୍ଘଟଣାଗ୍ରସ୍ତ ହୋଇ ଓଲଟି ପଡ଼ିଥିଲା। ଖବର ପାଇ ବୁର୍ଲା ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ଚାଳକଙ୍କୁ ଉଦ୍ଧାର କରିବା ସହ ଦୁର୍ଘଟଣାଗ୍ରସ୍ତ ଗାଡ଼ିକୁ ଯାଞ୍ଚ କରିଥିଲା। ଯାଞ୍ଚ ବେଳେ ସେଥିରେ ୬ଟି ସିଲ୍ଡ୍ ଭାରତ ଗ୍ୟାସ ସିଲିଣ୍ଡର ଥିବା ଦେଖି ଗାଡ଼ି ମାଲିକଙ୍କୁ ଉକ୍ତ ଗ୍ୟାସ ସମ୍ପର୍କିତ ବୈଧ କାଗଜପତ୍ର ମାଗିଥିଲେ। ତେବେ ସେ ଜଣେ ଘରୋଇ ଗ୍ୟାସ ବିତରକ ଓ ତାଙ୍କର ବୁର୍ଲା ମାର୍କେଟ୍ ଅଞ୍ଚଳରେ ଏକ ଗୋଦାମ ରହିଛି ବୋଲି କହିଥିଲେ। ମାତ୍ର ଏ ସମ୍ପର୍କିତ ବୈଧ କାଗଜପତ୍ର ସେ ଦେଖାଇ ପାରି ନ ଥିଲେ। ଫଳରେ ପୋଲିସ ତାଙ୍କ ସହିତ ଯାଇ ତାଙ୍କ ଗୋଦାମ ଯାଞ୍ଚ କରିଥିଲା। ଯାଞ୍ଚ ବେଳେ ସେଠାରେ ବିନା ବୈଧ କାଗଜପତ୍ରରେ ଘରୋଇ ରୋଷେଇ ଗ୍ୟାସ ସିଲିଣ୍ଡର ଗଚ୍ଛିତ ଥିବା ଦେଖିବାକୁ ମିଳିଥିଲା। ପୋଲିସ ପିକ୍ଅପ୍ ସହ ସମସ୍ତ ସିଲିଣ୍ଡରକୁ ଜବତ କରିଥିଲା। ଏ ନେଇ ବୁର୍ଲା ଥାନାରେ ଏକ ମାମଲା(ନଂ.୧୨୬/୨୬)ରୁଜୁ କରି ଗୁରବାର ପୋଲିସ ମନ୍ଥନଙ୍କୁ କୋର୍ଟ ଚାଲାଣ କରିଛି।



ଜବତ ଗ୍ୟାସ ସିଲିଣ୍ଡର ଓ ଗିରଫ ଅଭିଯୁକ୍ତ।

ଧରିତ୍ରୀ 52 Years

# ଧରିତ୍ରୀ
DHARITRI

www.orissakhabar.com/ www.dharitri.com ପୃଷ୍ଠା ୮ Press Regd. No. R.N. 21326/74 Postal Regd. No. BN/42/24-26. ଭୁବନେଶ୍ୱର, ଶୁକ୍ରବାର, ମାର୍ଚ୍ଚ ୧୩/୨୦୨୬ Bhubaneswar, Friday, March 13/ 2026

# ଜମ୍ମୁ-କଶ୍ମୀର କ୍ରିକେଟ୍‌ର ଉତ୍‌ଥାନ


ନିର୍ମଳ କୁମାର ମିଶ୍ର

**ଜମ୍ମୁ-କଶ୍ମୀର କ୍ରିକେଟରେ ଆରମ୍ଭ ହୋଇଛି ନୂଆ ଯୁଗ। ରଣଜୀ ଟ୍ରଫିର ୨୦୨୫-୨୬ ସିଜନରେ ଚାମ୍ପିୟନ ହୋଇ ଇତିହାସ ପୃଷ୍ଠାରେ ନୂଆ ଫର୍ଦ୍ଦ ଯୋଡ଼ିଛି ଏହି ଦଳ। ଅନେକ ନାମୀ ଏବଂ ଶକ୍ତିଶାଳୀ ଦଳକୁ ଚକ୍‌ମା ଦେଇ ପିନ୍ଧିଛି ବିଜୟ ମୁକୁଟ...**

ରଣ୍‌ଜୀ ଟ୍ରଫିର ୨୦୨୫-୨୬ ସିଜନରେ ନୂଆ ଚାମ୍ପିୟନ ହୋଇଛି ଜମ୍ମୁ-କଶ୍ମୀର। ଅନେକ ନାମୀ ଏବଂ ଶକ୍ତିଶାଳୀ ଦଳକୁ ଚକ୍‌ମା ଦେଇ ପିନ୍ଧିଛି ବିଜୟ ମୁକୁଟ। ଏଥି ସହିତ ଜମ୍ମୁ-କଶ୍ମୀର କ୍ରିକେଟ ଏକ ଭିନ୍ନ ସୋପାନରେ ପହଞ୍ଚିଛି। ଏହାର କ୍ରିକେଟ ଇତିହାସରେ ଆରମ୍ଭ ହୋଇଛି ନୂଆ ଯୁଗ।

ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ଦ୍ୱାରା ପରିଚାଳିତ କ୍ରିକେଟର ସର୍ବୋଚ୍ଚ ଘରୋଇ ଟୁର୍ଣ୍ଣାମେଣ୍ଟ ହେଉଛି ରଣ୍‌ଜୀ ଟ୍ରଫି। ଏହି ସମ୍ମାନଜନକ ଟୁର୍ଣ୍ଣାମେଣ୍ଟରେ ୧୯୫୯-୬୦ରେ ପ୍ରଥମ ଥର ପାଇଁ ପଦାର୍ପଣ କରିଥିଲା ଜମ୍ମୁ-କଶ୍ମୀର। ବହୁ ଦିନିଆ ଫର୍ମାଟ ରଣ୍‌ଜୀ ଟ୍ରଫିରେ ଏକ ଦୁର୍ବଳ ଦଳ ରୂପେ ପରିଗଣିତ ହେଉଥିଲା ଏହି ଦଳ। କହିବାକୁ ଗଲେ ଘରୋଇ ଟୁର୍ଣ୍ଣାମେଣ୍ଟରେ କେବଳ ଭାଗ ନେବା ଉଦ୍ଦେଶ୍ୟରେ ଯୋଗ ଦେଉଥିଲା। ପ୍ରତିପକ୍ଷ ଦଳଗୁଡ଼ିକ ଜମ୍ମୁ-କଶ୍ମୀର ବିପକ୍ଷ ମ୍ୟାଚକୁ ଅତି ହାଲ୍‌କା ଭାବରେ ନେଉଥିଲେ। ମ୍ୟାଚ ଗୁଡ଼ିକ ପ୍ରତିଦ୍ୱନ୍ଦ୍ୱିତାମୂଳକ ହେବା ପରିବର୍ତ୍ତେ ମାତ୍ର ଦୁଇ କିମ୍ବା ଅଢ଼େଇ ଦିନ ମଧ୍ୟରେ ଶେଷ ହେଉଥିଲା। ଅନେକ ରେକର୍ଡ ମଧ୍ୟ ପ୍ରତିପକ୍ଷ ବ୍ୟାଟର୍ସ ଓ ବୋଲର୍ସମାନେ ସୃଷ୍ଟି କରିବାର ଦେଖାଯାଉଥିଲା। ରଣ୍‌ଜୀରେ ପ୍ରଥମ ବିଜୟ ସ୍ୱାଦ ଚାଖିବାକୁ ଦଳକୁ ୧୯୮୨-୮୩ ସିଜନ ପର୍ଯ୍ୟନ୍ତ ଅପେକ୍ଷା କରିବାକୁ ପଡ଼ିଥିଲା। ସେତେବେଳେ ସର୍ଭିସେସ୍‌କୁ ୪ ଉଇକେଟ୍‌ରେ ହରାଇ ଏହାର କ୍ରିକେଟ ଇତିହାସରେ ନୂଆ ଫର୍ଦ୍ଦ ଯୋଡ଼ିଥିଲା ଜମ୍ମୁ-କଶ୍ମୀର। ୨୦୨୬ ଫେବୃଆରୀ ମଧ୍ୟରେ ଏହି ଦଳ ୩୩୫ଟି ରଣ୍‌ଜୀ ଟ୍ରଫି ମ୍ୟାଚ ଖେଳି ୨୦୭ଟିରେ ପରାଜିତ ହୋଇଥିବାବେଳେ ମାତ୍ର ୪୬ଟି ମ୍ୟାଚ ଜିତିଛି।

୨୦୦୧-୦୨ ପରେ ଏକ ଦଶନ୍ଧିରୁ ଊର୍ଦ୍ଧ୍ୱ ବ୍ୟବଧାନରେ ଏହି ଦଳ ୨୦୧୩-୧୪ରେ ଗ୍ରୁପ୍ 'ସି'ରୁ ପ୍ରଥମଥର ପାଇଁ ନକ୍ ଆଉଟ୍ ପର୍ଯ୍ୟାୟକୁ ଉନ୍ନୀତ ହୋଇଥିଲା। ୨୦୧୫-୧୬ ସିଜନ୍‌ରେ ଶକ୍ତିଶାଳୀ ଗୋଆକୁ ମଧ୍ୟ ନେଟ ରନ୍‌ରେଟ୍ ମାଧ୍ୟମରେ ହରାଇ ଆଗକୁ ଯାଇଥିଲା। ଅଧିନାୟକ ପରଭେଜ ରସୁଲଙ୍କ ଟିମ ଶକ୍ତିଶାଳୀ ମୁମ୍ବାଇ ଟିମ୍‌କୁ ୱାଙ୍ଖେଡେ ଷ୍ଟାଡିୟମରେ ପରାସ୍ତ କରିଥିଲା। ୨୦୧୮-୧୯ ସିଜନରେ ନିଜର ଲୟ ଫେରି ପାଇଥିଲା ବେଳେ ୩ଟି ଗ୍ରୁପ ପର୍ଯ୍ୟାୟ ମ୍ୟାଚରେ ବିଜୟୀ ହୋଇ ଗ୍ରୁପ-ସି ପଏଣ୍ଟ ଟେବୁଲର ୬ଷ୍ଠ ସ୍ଥାନରେ ରହିଥିଲା।

ସୁନୀଲ ଜୋଶୀ ଏବଂ ଭାରତୀୟ ଖେଳାଳି ଇରଫାନ ପଠାନଙ୍କ କୋଚିଂ ମାଧ୍ୟମରେ ଦଳ ନାମକରା ଟିମ୍‌ମାନଙ୍କୁ ମଧ୍ୟ ହରାଇ ବିପର୍ଯ୍ୟୟ ସୃଷ୍ଟି କରିଥିଲା। ବିଶେନ ସିଂ ବେଦୀ କୋଚ ଦାୟିତ୍ୱରେ ରହିଥିବା ବେଳେ ଏହି ଦଳ ଉପରେ ଦୃଢ଼ ଆସ୍ଥା ପ୍ରକଟ କରିଥିଲେ। ଦିନେ ନା ଦିନେ ଏହି ଦଳ ରଣଜୀ ଟ୍ରଫି ଚାମ୍ପିୟନ ହେବ ବୋଲି ସେ ପୂର୍ବାନୁମାନ କରିଥିଲେ। ଜମ୍ମୁ-କଶ୍ମୀର ନିକଟରେ ପ୍ରତିଭାର ଅଭାବ ନ ଥିଲା। କେବଳ ଶୃଙ୍ଖଳିତ କ୍ରିକେଟ ଖେଳିବାର ଆବଶ୍ୟକ ଥିଲା। ଏବେ ଏହି ଦଳ ଅସମ୍ଭବକୁ ସମ୍ଭବ କରି ଇତିହାସ ରଚିଛି ରଣଜୀ ଟ୍ରଫିର ସଦ୍ୟ ସମାପ୍ତ ସଂସ୍କରଣରେ। ନିଜ ଉପରେ ବିଶ୍ୱାସ ଥିଲେ ଅସମ୍ଭବକୁ ସମ୍ଭବ କରି ହେବ ବୋଲି ପ୍ରମାଣ କରି ଦେଖାଇଛି। ଶକ୍ତିଶାଳୀ ଦିଲ୍ଲୀକୁ ଦିଲ୍ଲୀରେ ହରାଇଛି। ମଧ୍ୟପ୍ରଦେଶକୁ ଏହାର ଘରୋଇ ପରିବେଶରେ ହରାଇ ହୃଦୟ ଜିତିଛି। ୫୬ରନ୍‌ରେ କ୍ୱାର୍ଟର ଫାଇନାଲ ଜିତିବାପରେ ଦଳର ମନୋବଳ ଆକାଶଛୁଆଁ ରହିଥିଲା।

ଏପରି କି ଶକ୍ତିଶାଳୀ ଓ ନାମୀଦାମୀ ଖେଳାଳିମାନଙ୍କୁ ନେଇ ଗଠିତ ବେଙ୍ଗଲ ଦଳକୁ ୬ ଉଇକେଟରେ ହରାଇବାରୁ ଚାମ୍ପିୟନ ହେବାର ଦୃଢ଼ ଆଶା ରଖିଥିଲା। ଫାଇନାଲରେ ଘରୋଇ କର୍ଣ୍ଣାଟକ ବିପକ୍ଷରେ ପ୍ରଥମ ଇନିଂସ ଅଗ୍ରଣୀ ନେବା ସମଗ୍ର କ୍ରିକେଟ ଜଗତକୁ ବିସ୍ମିତ କରିଥିଲା। ବହୁ ପ୍ରତିଷ୍ଠିତ ଖେଳାଳି ଥିବା


ରଣଜୀ ଟ୍ରଫି ଚାମ୍ପିୟନ ଜମ୍ମୁ-କଶ୍ମୀର ଦଳ


ଆକିବ ନବୀ

କର୍ଣ୍ଣାଟକ ଖେଳାଳିଙ୍କ ଦବଦବା ରହିବ ବୋଲି ଯାହା ଆଶା କରାଯାଉଥିଲା ତାହା ହେଲା ନାହିଁ। ବ୍ୟାଟିଂ, ବୋଲିଂ ଓ ଫିଲ୍‌ଡିଂରେ ଚମତ୍କାର ପ୍ରଦର୍ଶନ କଲା। ୬୬ ବର୍ଷ ପରେ ଇତିହାସ ରଚିଲା। ପ୍ରଥମ ଇନିଂସରେ ଚମତ୍କାର ବ୍ୟାଟିଂ କରିଥିଲେ ଜମ୍ମୁ-କଶ୍ମୀର ବ୍ୟାଟର୍ସ। ଶୁଭମ ପୁଣ୍ଡିରଙ୍କ ଆକର୍ଷଣୀୟ ଶତକ, ପାରସ ଡୋଗ୍ରା, ସାହିଲ ଲୋତ୍ରା, ଅବଦୁଲ ସମଦ, ୟାର ହାସନ ଓ କେ. ୱାର୍ଦ୍ଧୱାନଙ୍କ ଅର୍ଦ୍ଧଶତକ ଯୋଗୁ ଏହି ବିଶାଳ ସ୍କୋର ହୋଇଥିଲା। ଅପରପକ୍ଷରେ କର୍ଣ୍ଣାଟକ ଦଳ ମଧ୍ୟ ବେଶ୍ ଶକ୍ତିଶାଳୀ ଥିଲା। ଦଳରେ ଲୋକେଶ ରାହୁଲ, ମୟଙ୍କ ଅଗ୍ରୱାଲ, ଦେବଦତ୍ତ ପଡିକାଲ, କରୁଣ ନାୟାର ଏବଂ ପ୍ରସିଦ୍ଧ କ୍ରିଷ୍ଣାଙ୍କ ପରି ଷ୍ଟାର ଖେଳାଳିମାନେ ରହିଥିଲେ। ମାତ୍ର ଆକିବ ନବୀଙ୍କ ଫାଇଫର, ଏସ. କୁମାର ଓ ଯୁଦ୍ଧବୀର ସିଂଙ୍କ ଉପଯୋଗୀ ବୋଲିଂ ମାଧ୍ୟମରେ ଦଳ ଚମତ୍କାର ପ୍ରଦର୍ଶନ କରି ପ୍ରଥମ ଇନିଂସ ଅଗ୍ରଣୀ ଲାଭ କରିବାରୁ ବିଜୟ ସୁନିଶ୍ଚିତ କରିଥିଲା। ଦ୍ୱିତୀୟ ଇନିଂସରେ ଦୃଢ଼ ବ୍ୟାଟିଂ କରି ଜମ୍ମୁ-କଶ୍ମୀର ବ୍ୟାଟର ଆମରନ ଇକ୍‌ବଲ ପୁନର୍ବାର ଶତକୀୟ ଇନିଂସ (୧୬୦) ଖେଳିବା ଫଳରେ ବିଜୟ ସୁନିଶ୍ଚିତ ହୋଇଥିଲା। ପ୍ରଥମ ଇନିଂସ ଭିତ୍ତିରେ ଜମ୍ମୁ-କଶ୍ମୀର ଇତିହାସ ରଚିଲା ଓ ସ୍ୱପ୍ନ ସାର୍ଥକ କଲା।

ମାନସିକତା ବଦଳାଇ ଜମ୍ମୁ-କଶ୍ମୀର ଦଳର ଖେଳାଳିମାନେ କଠୋର ପରିଶ୍ରମ କଲେ ଓ ସଫଳତା ପାଇଲେ। ଖେଳାଳିଙ୍କର ନିଜ ଉପରେ ବିଶ୍ୱାସ ବଢ଼ିଲା ଓ ଭାବନା ବଦଳିଲା। ଶକ୍ତିଶାଳୀ ଦଳଗୁଡ଼ିକ ବିପକ୍ଷରେ ଖେଳିବାରେ ଭୟ ଦୂର ହେବାପରେ ସ୍ଥିତିରେ ଉନ୍ନତି ଆସିଲା। ଚମତ୍କାର ପ୍ରଦର୍ଶନ କରି ହୃଦୟ ଜିତିବାକୁ ଲାଗିଲେ ଏହି ଦଳର ଖେଳାଳି। ଗତ ଫାଇନାଲରେ ନିଜେ ଜମ୍ମୁ-କଶ୍ମୀର ମୁଖ୍ୟମନ୍ତ୍ରୀ ଉମର ଅବଦୁଲା ମ୍ୟାଚ ସମୟରେ ଉପସ୍ଥିତ ରହି ଖେଳାଳିଙ୍କୁ ଉତ୍ସାହିତ କଲେ। ବିଜୟ ପାଇଁ ସେ ମୋଟା ଅଙ୍କର ଆର୍ଥିକ ପୁରସ୍କାର ଘୋଷଣା କଲେ। ଖେଳାଳିଙ୍କ ପାଇଁ ଆଉ ଷ୍ଟାଡିୟମ ଓ ସୁବିଧା ସୁଯୋଗର ଅଭାବ ରହିବ ନାହିଁ ବୋଲି ଘୋଷଣା କଲେ। ଗୋଟିଏ ରଣ୍‌ଜୀ ସିଜନରେ ଜମ୍ମୁ-କଶ୍ମୀର ପେସ୍ ବୋଲର ଆକିବ ନବି ୬୦ଟି ଉଇକେଟ୍ ନେଇ ନିଜ ଦକ୍ଷତାର ପ୍ରମାଣ ଦେଇଛନ୍ତି। ଫଳରେ ସେ ପ୍ଲେୟର ଅଫ୍ ଦି ଟୁର୍ଣ୍ଣାମେଣ୍ଟ ପୁରସ୍କାର ପାଇବାକୁ ହକ୍‌ଦାର ହୋଇ ଯାଇଥିଲେ।

ଦଳରେ ପାରସ ଡୋଗ୍ରା, ଶୁଭମ ଖଜୁରିଆ, ବିଭ୍ରାନ୍ତ ଶର୍ମା, ଆକିବ ନବୀ, ଅମରନ ଇକବଲ, ଅବଦୁଲ ସମନ, ଆବିଦ୍ ମୁସ୍ତାକ, ଉମ୍ରାନ ମଲ୍ଲିକଙ୍କ ପରି ବହୁ ନାମୀଦାମୀ ଖେଳାଳି ରହିଛନ୍ତି। ନବୀ ଚଳିତ ରଣ୍‌ଜୀ ସିଜନରେ ୭ଥର ଫାଇଫର୍ ନେଇଛନ୍ତି ଓ ବ୍ୟାଟିଂରେ ମଧ୍ୟ ଅନେକଗୁଡ଼ିଏ ଉପଯୋଗୀ ଇନିଂସ ଖେଳିଛନ୍ତି। ଫଳରେ ଆଗାମୀ ସିଜନରେ ସେ ଟେଷ୍ଟ ଦଳରେ ସାମିଲ ହେବାର ଦୃଢ଼ ଦାବିଦାର ହୋଇଯାଇଛନ୍ତି। ଆଗାମୀ ଆଇପିଏଲ୍ ସିଜନଲାଗି ଦିଲ୍ଲୀ କ୍ୟାପିଟାଲ୍ସ ନବୀଙ୍କୁ ୮.୫ କୋଟିରେ କିଣିଛି। ଦୁଇଟି ରଣ୍‌ଜୀ ସିଜନରେ କ୍ରମାଗତ ୧୦୪ଟି ଉଇକେଟ ନେଇ ସେ ଚୟନକର୍ତ୍ତାଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। କ୍ରମାଗତ ଦୁଇଟି ରଣ୍‌ଜୀ ସିଜନରେ ୧୮ ମ୍ୟାଚରୁ ୧୩ଥର ୫ଟି ଲେଖାଏ ଉଇକେଟ ନେଇ ଚର୍ଚ୍ଚାରେ ଅଛନ୍ତି। ଏବେ ଜମ୍ମୁ ଓ କଶ୍ମୀର ଖେଳାଳିମାନେ ଚମତ୍କାର ପ୍ରଦର୍ଶନ କରୁଛନ୍ତି। ଅଧିନାୟକ ପାରସ ଡୋଗ୍ରା ୧୦ହଜାର ରନ ପୂରଣ କରିଥିବା ବେଳେ ଅବଦୁଲ ସମଦ ୧୦ ମ୍ୟାଚରୁ ୩୧୯ଟି ଉଇକେଟ ନେଇ ଦଳକୁ ଉପଯୁକ୍ତ ସହଯୋଗ କରିଛନ୍ତି। ଗତ ସିଜନ୍‌ରେ ମାତ୍ର ୧ରନ୍ ପାଇଁ କ୍ୱାର୍ଟର ଫାଇନାଲରେ ହାରିଥିଲା ଜମ୍ମୁ-କଶ୍ମୀର।

ଗୁରୁତ୍ୱପୂର୍ଣ୍ଣ କଥା ହେଲା ଜମ୍ମୁ ଓ କଶ୍ମୀରରେ ମାତ୍ର ଦୁଇଟି ଷ୍ଟାଡିୟମ। ଅନ୍ତର୍ଜାତୀୟ ମ୍ୟାଚ ହାତ ଗଣତି ଭାବରେ ଖେଳାଯାଉଛି। ଖେଳାଳିମାନେ ଅଭ୍ୟାସ ପାଇଁ ଏକ ଶହରୁ ଦୁଇ ଶହ କିମି ପ୍ରତିଦିନ ଯାତ୍ରା କରିଥାନ୍ତି। ଅନେକ ଖେଳାଳି ଗରିବ ଶ୍ରେଣୀର। ପରଭେଜ ରସୁଲ ଜଣେ ବସ ଡ୍ରାଇଭର। ହ୍ୱାଇଟ ବଲ ଫର୍ମାଟରେ ଏହି ଦଳର ପ୍ରଦର୍ଶନ ଗତ ବିଜୟ ହଜାରେ ଟ୍ରଫି ଓ ସୟଦ ମୁସ୍ତାକ ଅଲ୍ଲୀ ଟ୍ରଫିରେ ସେତେ ଉତ୍ସାହଜନକ ରହି ନ ଥିଲା। ବିଜୟ ହଜାର ଟ୍ରଫିରେ ଚଣ୍ଡିଗଡ଼କୁ ଓ ହାଇଦ୍ରାବାଦକୁ ହରାଇଥିଲେ ମଧ୍ୟ ବରୋଦାଠାରୁ ୭୬ ରନ୍‌ରେ ହାରିବା ଦଳକୁ ମହଙ୍ଗା ପଡ଼ିଥିଲା। ସୟଦ ମୁସ୍ତାକ ଅଲ୍ଲୀ ଟ୍ରଫିରେ ଚଣ୍ଡିଗଡ଼କୁ ହରାଇ ଥିବା ବେଳେ ବିହାରଠାରୁ ହାରିଯାଇଥିଲା। ପରିଶ୍ରମ କଲେ କିଛି ଯେ ଅସମ୍ଭବ ନୁହେଁ ତାହା ଜମ୍ମୁ-କଶ୍ମୀର ରଣ୍‌ଜୀ ଟ୍ରଫି ଟିମ୍ ଦେଖାଇ ଦେଇଛି। ଏହା ନିଶ୍ଚିତ ରୂପେ ଖରାପ ପ୍ରଦର୍ଶନ କରିଆସୁଥିବା ଓଡ଼ିଶା ପରି ଅନ୍ୟ ଦଳ ଗୁଡ଼ିକ ଲାଗି ଏକ ଶିକ୍ଷା ସଦୃଶ।

# ରାଜ୍ୟ କ୍ରିକେଟ୍‌ର ନୂଆ ପ୍ରତିଭା

**ସଦ୍ୟ ସମାପ୍ତ କଳାହାଣ୍ଡି କପ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟରେ ଚମତ୍କାର ପ୍ରଦର୍ଶନ କରି ଚର୍ଚ୍ଚାର ପରିସରକୁ ଆସିଛନ୍ତି ଜଣେ ନବାଗତ ବ୍ୟାଟର। ୫ ଇନିଂସ୍‌ରୁ ୩ ଶତକ ସହାୟତାରେ ୫୧୩ରନ ସଂଗ୍ରହ କରିଥିବା ଏହି ପ୍ରତିଭାସମ୍ପନ୍ନ ଖେଳାଳି ହେଲେ ବିଶ୍ୱଜିତ ପ୍ରଧାନ। ସିନିୟର ପୁରୁଷ ବର୍ଗର ଟୁର୍ଣ୍ଣାମେଣ୍ଟରେ ଏହି ଯୁବ ଖେଳାଳିଙ୍କ ଶକ୍ତିଶାଳୀ ପ୍ରଦର୍ଶନ ରାଜ୍ୟ କ୍ରିକେଟ ଜଗତକୁ ଜଣେ ଉଦୀୟମାନ ପ୍ରତିଭା ଭେଟି ଦେଇପାରେ ବୋଲି ଅନୁମାନ କରାଯାଉଛି...** -କୁମାରଶ୍ରୀ

ବିସ୍ଫୋରକ ବ୍ୟାଟିଂ କରି କଳାହାଣ୍ଡି କପ୍‌ରେ ଜଣେ ନବାଗତ ବ୍ୟାଟର ନିଜ ପ୍ରତିଭାର ଛାପ ଛାଡ଼ିଛନ୍ତି। ୫ଟି ଇନିଂସ୍‌ରୁ ୧୦୨.୬ ଆଭରେଜରେ ସେ ସଂଗ୍ରହ କରିଛନ୍ତି ୫୧୩ରନ। ସେଥିରେ ରହିଛି ୩ଟି ଶତକୀୟ ଇନିଂସ। ପ୍ରଥମଥର ପାଇଁ କଳାହାଣ୍ଡି କପ୍‌ରେ ସମସ୍ତ ଲିଗ୍ ମ୍ୟାଚ୍ ଖେଳିବାର ସୁଯୋଗ ପାଇଥିବା ଏହି ଯୁବ ପ୍ରତିଭାଜଣକ ହେଲେ ବିଶ୍ୱଜିତ ପ୍ରଧାନ। ନୟାଗଡ ଜିଲା ପକ୍ଷରୁ ପ୍ରତିନିଧିତ୍ୱ କରୁଥିବା ୧୮ବର୍ଷୀୟ ବିସ୍ଫୋରକ ବ୍ୟାଟର ବିଶ୍ୱଜିତଙ୍କୁ ନେଇ ଏବେ କ୍ରିକେଟ ମହଲରେ ଚର୍ଚ୍ଚା ଜୋର ଧରିଛି।

କଟକ ନରସିଂହପୁର ଅଞ୍ଚଳର ଅଞ୍ଜଳି ପ୍ରଧାନ ଓ ବିଜୟ କୁମାର ପ୍ରଧାନଙ୍କ ଏକମାତ୍ର ପୁଅ ବିଶ୍ୱଜିତ। ପିଲାଟି ବେଳରୁ କ୍ରିକେଟ ଖେଳ ପ୍ରତି ବିଶ୍ୱଜିତଙ୍କ ଦୁର୍ବଳତା ଦେଖି ପରିବାର ଲୋକେ ତାଙ୍କୁ ପ୍ରଶିକ୍ଷଣ ଶିବିରରେ ଭର୍ତ୍ତି କରିଥିଲେ। ଗତ କିଛି ବର୍ଷ ଧରି ଭୁବନେଶ୍ୱରରେ ପ୍ରଶିକ୍ଷଣ ନେଉଥିବା ବିଶ୍ୱଜିତ ଏବେ କଟକର ୟୁନିୟନ ସ୍ପୋର୍ଟିଂରେ ଟ୍ରେନିଂ ନେଉଛନ୍ତି। କଟକ ଜିଲାର ହୋଇଥିଲେ ସୁଦ୍ଧା କଳାହାଣ୍ଡି କପରେ ତାଙ୍କୁ ନୟାଗଡ ଜିଲା ଦଳରେ ଦେଖିବାକୁ ମିଳିଛି। ଚଳିତ ସଂସ୍କରଣରେ ନୟାଗଡ ଦଳ ଲିଗ୍ ପର୍ଯ୍ୟାୟରୁ ବିଦା ହୋଇଥିଲା। ହେଲେ ବିଶ୍ୱଜିତଙ୍କ ପ୍ରଦର୍ଶନ ସମସ୍ତଙ୍କୁ ପ୍ରଭାବିତ କରିଛି। ପ୍ରଥମ ଲିଗ୍‌ରେ ଢେଙ୍କାନାଳ ବିପକ୍ଷରେ ସେ ୮୦ବଲରୁ ୮୮ରନ କରିଥିଲେ। ସୁନ୍ଦରଗଡ ବିପକ୍ଷ ଦ୍ୱିତୀୟ ଲିଗ୍ ମ୍ୟାଚ୍‌ରେ ମାତ୍ର ୮ରନରେ ଆଉଟ ହୋଇଥିଲେ। ତେବେ ମଧ୍ୟକ୍ରମରେ କ୍ରିଜକୁ ଆସୁଥିବା ବିଶ୍ୱଜିତଙ୍କୁ ପରବର୍ତ୍ତୀ ମ୍ୟାଚ୍‌ଗୁଡ଼ିକରେ ଓପନିଂ ଦାୟିତ୍ୱ ମିଳିଥିଲା। ଶେଷ ୩ଟି ଲିଗ୍ ମ୍ୟାଚରେ ସେ ୩ଟି ଶତକ ହାସଲ କରି ଚୟନକର୍ତ୍ତାଙ୍କ ନଜରକୁ ଆସିଥିଲେ। ନବରଙ୍ଗପୁର ବିପକ୍ଷରେ ୧୧୨ବଲରୁ ୧୨୭, କେନ୍ଦ୍ରାପଡା ବିପକ୍ଷରେ ୯୩ବଲରୁ ୧୨୬ ଏବଂ ସମ୍ବଲପୁର-ବି' ବିପକ୍ଷ ଶେଷ ଲିଗ୍ ମ୍ୟାଚ୍‌ରେ ୧୧୭ବଲରୁ ୧୬୪ରନର ଶତକୀୟ ଇନିଂସ ଖେଳିଥିଲେ। କଳାହାଣ୍ଡି କପ୍‌ର ଗତ ସିଜନରେ ସେ ୨ଟି ମ୍ୟାଚ ଖେଳିଥିଲେ ମଧ୍ୟ ଆଶାନୁରୂପ ପ୍ରଦର୍ଶନ କରି ପାରି ନ ଥିଲେ। ନିକଟ ଅତୀତରେ ଶେଷ ହୋଇଥିବା ଭିନୁ ମଙ୍କଡ ଟ୍ରଫିରେ ମଧ୍ୟ ସେ ରାଜ୍ୟ ଦଳରୁ ପ୍ରତିନିଧିତ୍ୱ କରିଥିଲେ। ସିନିୟର ପୁରୁଷ ବର୍ଗର ଟୁର୍ଣ୍ଣାମେଣ୍ଟରେ ଏହି ନବାଗତ ଯୁବ ପ୍ରତିଭାଙ୍କ ଶକ୍ତିଶାଳୀ ପ୍ରଦର୍ଶନ ରାଜ୍ୟ କ୍ରିକେଟ ଜଗତକୁ ଜଣେ ଉଦୀୟମାନ ତାରକା ଭେଟି ଦେଇପାରେ ବୋଲି ଅନୁମାନ କରାଯାଉଛି।


ବିଶ୍ୱଜିତ ପ୍ରଧାନ

# ଲକ୍ଷ୍ୟ ପଥରେ ଲକ୍ଷ୍ୟ

ଭାରତର ତାରକା ବ୍ୟାଡ୍‌ମିଣ୍ଟନ ଖେଳାଳି ଲକ୍ଷ୍ୟ ସେନ୍ ଯଦିଓ ଅଳ୍ପକେ ଅଲ୍ ଇଂଲଣ୍ଡ ଓପନ ବ୍ୟାଡ୍‌ମିଣ୍ଟନ ଚାମ୍ପିୟନଶିପ୍ ଜିତିବାରୁ ଅଳ୍ପକେ ବଞ୍ଚିତ ହୋଇଛନ୍ତି ତେବେ ପ୍ରଭାବୀ ପ୍ରଦର୍ଶନ କରି ଦେଶକୁ ଗର୍ବିତ କରିଛନ୍ତି। ଇଂଲଣ୍ଡର ବର୍ମିଂହାମରେ ଅନୁଷ୍ଠିତ ଫାଇନାଲରେ ସେ ଚାଇନିଜ ତାଇପେର ଲିନ୍ ଚୁନ୍-ୟିନ୍‌ଙ୍କୁ କଡ଼ା ଚ୍ୟାଲେଞ୍ଜ ଦେଇଥିଲେ। ମାତ୍ର ଲିନ୍ ଅଭିଜ୍ଞତାର ଉପଯୋଗ କରି ୨୧-୧୫, ୨୨-୨୦ରେ ବିଜୟ ହାସଲ କରିଥିଲେ। ଚାଇନିଜ ତାଇପେର ପ୍ରଥମ ଖେଳାଳିଭାବେ ଲିନ୍ ଅଲ୍ ଇଂଲଣ୍ଡ ପୁରୁଷ ସିଙ୍ଗଲ୍ସ ଟାଇଟଲ ଜିତିବାର ଗୌରବ ପାଇଥିଲେ। ଭାରତର ଦୁଇଜଣ ଖେଳାଳି ପ୍ରକାଶ ପାଦୁକୋନ ୧୯୮୦ ଓ ପୁଲେଲା ଗୋପୀଚାନ୍ଦ ୨୦୦୧ରେ ଏହି ସମ୍ମାନଜନକ ଟାଇଟଲ ହାସଲ କରିବାର ଗୌରବ ଅର୍ଜନ କରିଛନ୍ତି। ପ୍ରକାଶ ନାଥ ୧୯୪୭ ଓ ମହିଳା ଖେଳାଳି ସାଇନା ନେହ୍ୱାଲ ୨୦୧୫ରେ ରନରଅପ୍ ହୋଇଥିଲେ। ପୂର୍ବରୁ ୨୦୨୨ ଫାଇନାଲରେ ଡେନ୍‌ମାର୍କର ଆକ୍ସେଲସେନଙ୍କଠାରୁ ହାରିଥିବା ଲକ୍ଷ୍ୟ ଏଥର ଦ୍ୱିତୀୟ ଥରଲାଗି ରନରଅପ୍‌ରେ ସନ୍ତୁଷ୍ଟ ହୋଇଛନ୍ତି। ଏଥର ସେ ଫାଇନାଲ ପ୍ରବେଶ ପଥରେ ବିଶ୍ୱର କେତେଜଣ ଶ୍ରେଷ୍ଠ ଖେଳାଳିଙ୍କୁ ପରାସ୍ତ କରିଥିଲେ। ସେମାନଙ୍କ ମଧ୍ୟରେ ବିଶ୍ୱର ନମ୍ବର-୧ ଶି ୟୁ କ୍ୱି ଓ ବିଶ୍ୱର ୬ ନମ୍ବର ଲି' ଶି ଫେଙ୍ଗ୍ ଅନ୍ୟତମ। ୨୦୧୪ରୁ ଅନ୍ତର୍ଜାତୀୟ ବ୍ୟାଡ୍‌ମିଣ୍ଟନରେ ସକ୍ରିୟ ରହି ଆସିଥିବା କ୍ୟାରିୟରରେ ଅନେକ ସଫଳତା ପାଇ ସାରିଛନ୍ତି। ଏହା ମଧ୍ୟରେ ୨୦୨୧ ହୁଏଲ୍‌ଭା ବିଶ୍ୱ ଚାମ୍ପିୟନଶିପ୍‌ର ପୁରୁଷ ସିଙ୍ଗଲ୍ସରେ ବ୍ରୋଞ୍ଜ, ୨୦୨୨ ବ୍ୟାଙ୍କକ୍ ଥୋମାସ କପ୍‌ରେ ଦଳଗତ ସ୍ୱର୍ଣ୍ଣ, ୨୦୨୨ ବର୍ମିଂହାମ ରାଜ୍ୟଗୋଷ୍ଠୀ କ୍ରୀଡ଼ାର ପୁରୁଷ ସିଙ୍ଗଲ୍ସରେ ସ୍ୱର୍ଣ୍ଣ ଏବଂ ମିକ୍ସଡ ଟିମ୍ ଇଭେଣ୍ଟରେ ବ୍ରୋଞ୍ଜ, ୨୦୨୨ ଏସିଆନ ଗେମ୍ସର ଟିମ୍ ଇଭେଣ୍ଟରେ ରୌପ୍ୟ, ୨୦୨୩ ଏସିଆଡ ମିକ୍ସଡ ଟିମ୍ ଚାମ୍ପିୟନଶିପ୍‌ରେ ବ୍ରୋଞ୍ଜ ଏବଂ ୨୦୨୦ ମାନିଲା ଏସିଆ ଟିମ୍ ଚାମ୍ପିୟନଶିପ୍‌ର ମିକ୍ସଡ ଟମ୍ ଇଭେଣ୍ଟରେ ବ୍ରୋଞ୍ଜ ପଦକ ହାସଲ ଆଦି ଅନ୍ୟତମ।


ଲକ୍ଷ୍ୟ ସେନ୍

## କଙ୍ଗ୍ରାଚୁଲେଶନ

ନରେନ୍ଦ୍ର ମୋଦି ନ୍ୟାଶନାଲ ଷ୍ଟାଡିୟମ୍
ଏକ ଲକ୍ଷ ଫ୍ୟାନ ରୁଣ୍ଡ..
ମହଙ୍ଗା ପଡ଼ିଲା ଟସ ଜିତି ଫିଲ୍ଡିଂ
କାନ୍ଦିଲା ନ୍ୟୁଜିଲାଣ୍ଡ
କିଁଓ ହେଲା ଏଠି ଧଣ୍ଡ
ଏତେ ବଡ଼ ଭୁଲ୍ ପାଇଁ ମିଚେଲର
କାମ କଲା ନାହିଁ ମୁଣ୍ଡ (୧)
ଗ୍ରହ ମନ୍ଦ ହେଲେ ଭଲ ମଣିଷଠି
ପଡ଼ିଯିବା ପରି ପୋକ
ସେମିତି ଇଣ୍ଡିଆ ନ୍ୟୁଜିଲାଣ୍ଡଠାରୁ
ଛଡ଼ାଇ ଆଣିଲା ସୁଖ
ବ୍ୟାଡ ଚାପମାନ୍ ଲକ୍
ଇନ୍ସାଇଡ ଏଜ୍‌ରେ ଉଇକେଟ ଗଲା
ସାଇଫର୍ଟ ଦୁର୍ଭାଗ୍ୟ ଦେଖ..(୨)
ଥାର୍ଡ ଟି ଟ୍ୱେଣ୍ଟି ୱାର୍ଲ୍ଡ କପ୍ ଚାମ୍ପିୟନ


ଟ୍ରଫି ସହ କୋଚ୍ ଗୌତମ ଗମ୍ଭୀର ଓ ଅଧିନାୟକ ସୂର୍ଯ୍ୟକୁମାର ଯାଦବ।

ସୂର୍ଯ୍ୟ ସେନା ହେଲା ଧନ୍ୟ
ଏ ଦୁଇ ହଜାର ଛବିଶ ମସିହା
ରହିବ ସର୍ବଦା ମନ
ଟିମ୍ ରଖିଲା ମାନ
ସୂର୍ଯ୍ୟ ଏଣ୍ଡ କୋ ଆମ୍ଭ ହୃଦୟ ଭରା
କଙ୍ଗ୍ରାଚୁଲେଶନ ଘେନ..(୩)
-ସୁବାସ ଚନ୍ଦ୍ର ପ୍ରଧାନ

Printed and Published by Adyasha Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ-ତଥାଗତ ସତପଥୀ